ସାର୍ବଜନୀନ ଗୀତା

॥ ଡକ୍ଟର ମାୟାଧର ମାନସିଂହ ॥

Digitized by srujanika@gmail.com

ସାର୍ବଜନୀନ ଗୀତା

(ଦ୍ୱିତୀୟ ଖଣ୍ଡ)

ଲେଖକ :

ଡକ୍ଟର ମାୟାଧର ମାନସିଂହ

ପ୍ରଥମ ମୁଦ୍ରଣ-୧୯୮୧

ପ୍ରକାଶକ :

ଜେ. ମହାପାତ୍ର ଏଣ୍ଡ କୋ.

ଛାତ୍ରସାଥୀ ଅଫିସ

ନିମଚଉଡ଼ି, କଟକ-୨

ମୂଲ୍ୟ ଟ ୬୦-୦୦ •

Digitized by srujanika@gmail.com

ସାର୍ବଜନୀନ ଗୀତା

SARBAJANIN GITA

ଲେଖକ:
ଡକ୍ଟର ମାୟାଧର ମାନସିଂହ

Written by :
Dr. Mayadhar Mansinha

ପ୍ରକାଶକ :
ଜେ. ମହାପାତ୍ର ଏଣ୍ଡ କୋ:
ନିମଚଉଡ଼ି,
କଟକ-୨

Published by :
J. Mohapatra & Co.
Nimchouri,
Cuttack-2

ମୁଦ୍ରାକର:
ଗ୍ରାମପଞ୍ଚାୟତ ପ୍ରେସ
କାଳୀଗଳି,
କଟକ-୨

Printed by :
Grampanchayat Press.
Kaligali,
Cuttack-2

ମୂଲ୍ୟ- ଟ ୨୦.୦୦

Price Rs. 20.00

Digitized by srujanika@gmail.com

ସୂଚୀପତ୍ର

(ପ୍ରତ୍ୟେକ ଶ୍ଳୋକର ଅଧ୍ୟାୟ ଟୀକା, ଅନୁବାଦ ଓ ବିଶେଷ ଲକ୍ଷ୍ୟ ଦିଆଯାଇଛି ।)

ବିଷୟ	ପୃଷ୍ଠା
ସପ୍ତମ ଅଧ୍ୟାୟ—	
ଜ୍ଞାନ ବିଜ୍ଞାନ ଯୋଗ	୧
ଭାରତୀୟ ଆଧ୍ୟାତ୍ମିକ ଭାବନା ଓ ଗୀତାର ଈଶ୍ୱରତତ୍ତ୍ୱ	୬
ଅଷ୍ଟମ ଅଧ୍ୟାୟ—	
ଅକ୍ଷର ବ୍ରହ୍ମଯୋଗ	୫୫
ନବମ ଅଧ୍ୟାୟ—	
ରାଜବିଦ୍ୟା-ରାଜଗୁହ୍ୟ ଯୋଗ	୮୬
ଦଶମ ଅଧ୍ୟାୟ—	
ବିଭୂତି ଯୋଗ	୧୩୧
ଏକାଦଶ ଅଧ୍ୟାୟ—	
ବିଶ୍ୱରୂପ ଦର୍ଶନ ଯୋଗ	୧୬୯
ଦ୍ୱାଦଶ ଅଧ୍ୟାୟ—	
ଭକ୍ତି ଯୋଗ	୨୧୯

Digitized by srujanika@gmail.com

ସାର୍ବଜନୀନ ଗୀତା

(୨ୟ ଖଣ୍ଡ)

ସପ୍ତମ ଅଧ୍ୟାୟ

ଜ୍ଞାନବିଜ୍ଞାନ ଯୋଗ

ଗୀତାର ପ୍ରଥମରୁ ଷଷ୍ଠ ଅଧ୍ୟାୟ ପର୍ଯ୍ୟନ୍ତ ମୋଟାମୋଟି କର୍ମଯୋଗ ସଂପର୍କରେ ବ୍ୟାଖ୍ୟାନ ଶୁଣିଲାପରେ, ଆମେ ବର୍ତ୍ତମାନ ସପ୍ତମରୁ ଦ୍ୱାଦଶ ଅଧ୍ୟାୟ ପର୍ଯ୍ୟନ୍ତ ମୋଟାମୋଟି ଭାବରେ ଈଶ୍ୱର ତତ୍ତ୍ୱର ଅର୍ଥାତ୍ ଭକ୍ତିଯୋଗର ବ୍ୟାଖ୍ୟାନହିଁ ପାଇବା । ଏହି ବିଭାଗରେ ପୁଣି ଏହି ଈଶ୍ୱର ତତ୍ତ୍ୱର ଏକ ପ୍ରତ୍ୟକ୍ଷ ଦୃଷ୍ଟାନ୍ତ ସ୍ୱରୂପ, ଏକାଦଶ ଅଧ୍ୟାୟରେ ବିଶ୍ୱରୂପଦର୍ଶନ ମଧ୍ୟ ଆମେ ପାଇବା ।

ଷଷ୍ଠ ଅଧ୍ୟାୟର ଶେଷ ଶ୍ଳୋକଟି ହେଲା—

ଯୋଗିନାମପି ସର୍ବେଷାଂ ମଦ୍‌ଗତେନାନ୍ତରାତ୍ମନା ।
ଶ୍ରଦ୍ଧାବାନ୍ ଭଜତେ ଯୋ ମାଂ ସମେ ଯୁକ୍ତ ତମୋ ମତଃ ।।

(ସବୁ ପ୍ରକାର ଯୋଗ ଅଭ୍ୟାସ କରୁଥିବା ସାଧକମାନଙ୍କ ଭିତରେ ଯିଏ ଅନ୍ତରରେ 'ମଦ୍‌ଗତ' ଓ 'ମୋ-ପ୍ରତି-ଶ୍ରଦ୍ଧାବାନ୍' ହୋଇ ମତେଇ କେବଳ ଭଜନା କରେ, ସେହିହିଁ ମୋ ମତରେ ସବୁଠାରୁ ଉତ୍ତମ ଯୋଗୀ ।)

ଗୀତା, ପୂର୍ବର ଛ'ଟିଯାକ ଅଧ୍ୟାୟରେ ଈଶ୍ୱର' ଅର୍ଥରେ ପ୍ରାୟଇ 'ବ୍ରହ୍ମ', 'ଆତ୍ମା' ବା 'ତତ୍' (ତାହା) ଶବ୍ଦ ବ୍ୟବହାର କରି ଆସିଛନ୍ତି ଏବଂ ତାହାହିଁ ଥିଲା ଔପନିଷଦିକ ରୀତି । ପାଠକେ ପ୍ରସିଦ୍ଧ ଔପନିଷଦିକ ବାକ୍ୟ "ତତ୍ତ୍ୱମସି" ('ତାହା', ଅର୍ଥାତ୍ ବ୍ରହ୍ମ, ତୁମେ ନିଜେ) କୁ ସ୍ମରଣ କରନ୍ତୁ । କିନ୍ତୁ ଗୀତାର ଏହି ସପ୍ତମ ଅଧ୍ୟାୟର ପ୍ରଥମାଂଶରେ ହିଁ ଔପନିଷଦିକ 'ବ୍ରହ୍ମ' ବା 'ତତ୍' ବା 'ଆତ୍ମା'ର ପ୍ରାଧାନ୍ୟ ବର୍ଣ୍ଣନାର ମଝିରେ ମଝିରେ ହଠାତ୍

Digitized by srujanika@gmail.com

କାହିଁ କାହିଁ ଆମେ ମୁହୁର୍ମୁହୁଃ ହୋଇ ପଡ଼ିବା 'ମାଂ' (ମତେ) ବା 'ମୟି' (ମୋ'ଠାରେ) ଇତ୍ୟାଦି ବର୍ଣ୍ଣନାର, ସେହି ଏକ ଈଶ୍ୱର ଅର୍ଥରେ । ଯେହେତୁ, ରୂପକ ମାତ୍ର ଭାବରେ ହେଉ ପଛେ, ଗୀତାର ବ୍ୟାଖ୍ୟାପକ ଶ୍ରୀକୃଷ୍ଣ ନାମକ ଜଣେ ମନୁଷ୍ୟ; ତେଣୁ ସାଧାରଣ ପାଠକ ବୁଝିବାର କଥା ଯେ, ଏହି 'ମୁଁ' ଅର୍ଥାତ୍ 'ଈଶ୍ୱର' ହେଉଛନ୍ତି ନିଜେ ସେହି ବକ୍ତା 'ଶ୍ରୀକୃଷ୍ଣ' । ଅନ୍ୟ କଥାରେ, ଏହି ଶ୍ରୀକୃଷ୍ଣହିଁ ହେଉଛନ୍ତି ସେହି 'ତତ୍', ସେହି 'ବ୍ରହ୍ମ' ଓ ସେହି 'ଆତ୍ମା' । ଦୃଷ୍ଟାନ୍ତ ସ୍ୱରୂପ ପାଠକେ ସ୍ମରଣ କରିପାରନ୍ତି ଯେ, ଗୀତାର ପଞ୍ଚମ ଅଧ୍ୟାୟଟି ଯାକ କେବଳ 'ବ୍ରହ୍ମ' ମୟ । ଅଥଚ, ଠିକ୍ ଶେଷ ଶ୍ଳୋକରେହିଁ ହଠାତ୍ କୁହାଗଲା—

ଭୋକ୍ତାରଂ ଯଜ୍ଞତପସାଂ ସର୍ବଲୋକ ମହେଶ୍ୱରମ୍ ।
ସୁହୃଦଂ ସର୍ବଭୂତାନାଂ ଜ୍ଞାତ୍ୱା ମାଂ ଶାନ୍ତି ମୃଚ୍ଛତି ॥

ଅର୍ଥାତ୍ ଏତେ ଯଜ୍ଞ, ତପସ୍ୟା, ଇନ୍ଦ୍ରିୟଦମନ ବା କର୍ମଯୋଗ ଇତ୍ୟାଦି କରି କି ଲାଭ ? 'ମୁଁ' ତ ସର୍ବ ତପ, ସର୍ବ ଯଜ୍ଞର ଭୋକ୍ତା, ମୋ'ରିପାଇଁ ତ ଏସବୁ ଆୟୋଜନ । ତେଣୁ 'ମତେ'ଇ ଜାଣିବାକୁ ଚେଷ୍ଟାକର । 'ମତେ' ଜାଣିଲେଇ ସବୁ ଶାନ୍ତି ପାଇବ; କିଏ ତେଣୁ ଏହି 'ମତେ' ବା 'ମୁଁ' ?

ଅଥଚ ଈଶ୍ୱର ଅର୍ଥରେ ସେହି ଏକ ଅଧ୍ୟାୟର ଚତୁର୍ଦ୍ଦଶ ଶ୍ଳୋକରେ 'ପ୍ରଭୁ' ଓ ପଞ୍ଚଦଶ ଶ୍ଳୋକରେ 'ବିଭୁ' ଶବ୍ଦ ବ୍ୟବହାର କରି କୁହାଯାଇଛି ଯେ, ଏହି 'ବିଭୁ' ବା 'ପ୍ରଭୁ' କାହାକୁ ପାପ ବା ପୁଣ୍ୟ ବା କର୍ମଫଳ ଦିଅନ୍ତି ନାହିଁ ; ମନୁଷ୍ୟମାନେ 'ପ୍ରକୃତି' (ସ୍ୱଭାବ) ବା 'ଅଜ୍ଞାନ' ଦ୍ୱାରା ପ୍ରଭାବିତ ହୋଇ କାମ କରି, ସେହି ଅନୁସାରେ ହିଁ ସୁଖ-ଦୁଃଖ ଭୋଗ କରି ଚାଲିଛନ୍ତି । ଏହା ବସ୍ତୁତଃ ନିରୀଶ୍ୱର ବୌଦ୍ଧଭାବ । ସେହି ଅଧ୍ୟାୟରେ ପୁଣି ଔପନିଷଦିକ 'ବ୍ରହ୍ମ' ସହିତ 'ନିର୍ବାଣ'କୁ (ବ୍ରହ୍ମ-ନିର୍ବାଣ) ଯେପରି ଭାବରେ ଯୁକ୍ତ କରାଯାଇଛି ସେଥିରୁ କେବଳ କଷ୍ଟ-କଳ୍ପିତ ଭାବରେହିଁ ବୁଝିବାକୁ ହେଉଛି ଯେ, ସେହି ଶବ୍ଦର ଅର୍ଥ ହେବ ଔପନିଷଦିକ 'ମୁକ୍ତି' ବା 'ମୋକ୍ଷ' । ଦୀପ ଲିଭେଇବା ବା ଲିଭିଯିବା ଅର୍ଥରେ ହିଁ 'ନିର୍ବାଣ' ଶବ୍ଦର ଯଥାର୍ଥ ବ୍ୟବହାର । ଆମ ଭିତରେ ପାର୍ଥିବ ତୃଷ୍ଣା ଜାଳର ବହ୍ନି ଅହରହ ଜଳୁଛି । ଏହି ତୃଷ୍ଣା ସବୁକୁ ଲିଭେଇବା ଅର୍ଥରେହିଁ ଗୌତମ ବୁଦ୍ଧ 'ନିର୍ବାଣ' ଶବ୍ଦ ବ୍ୟବହାର କରିଥିଲେ । ଆମ ଭିତରେ ତୃଷ୍ଣା-କେନ୍ଦ୍ରିକ ନିମ୍ନ ଜୀବନର ଅବସାନ ଘଟିଲେ ଆମେ ସେହି ଅବସାନ ବା 'ନିର୍ବାଣ'ରୁ-ଜାତ ମହତ୍ତର ଜୀବନର ପରମାନନ୍ଦ ଲାଭ କରିବା । ଗୀତା ଆଦ୍ୟ ଛ'ଅଧ୍ୟାୟରେ ମଧ୍ୟ ଯୋଗୀ ବା ସାଧକ, ଶେଷରେ 'ଅତ୍ୟନ୍ତ ସୁଖ' ପାଇବାର ଆଶା ଦେଖାଇଛନ୍ତି ; କିନ୍ତୁ 'ବ୍ରହ୍ମ-ନିର୍ବାଣ'

Digitized by srujanika@gmail.com

(ଯାହାର ଏକମାତ୍ର ଅର୍ଥ ହେବ 'ବ୍ରହ୍ମରେ ଲିଭିଯିବା') ଘଟିଲେ, ସେହି 'ଆତ୍ୟନ୍ତିକ ସୁଖ' କପରେ ଅନୁଭୂତ ହେବ ? ଜୀବନ ତ ଲିଭିଗଲା, ସୁଖାନୁଭବ କରିବ, କିଏ ? ପୁଣି ଏହି 'ବ୍ରହ୍ମ-ନିର୍ବାଣ' ପନ୍ଥ, 'ଆମେଇ ଆମର ସୁଖ-ଦୁଃଖ ପାଇଁ ଦାୟୀ'— ଏହା ମଧ୍ୟ ମୁଖ୍ୟତଃ ବୌଦ୍ଧଭାବ ; କାରଣ ଏହା ଏକପ୍ରକାର ନିରୀଶ୍ୱର ଚିନ୍ତା । ହିନ୍ଦୁ ଧର୍ମର ସାଂଖ୍ୟ ଦର୍ଶନ ମଧ୍ୟ ନିରୀଶ୍ୱର । ସାଂଖ୍ୟ ଅନୁଯାୟୀ ପୁରୁଷ ଓ ପ୍ରକୃତିର ସମ୍ମିଳିତ କ୍ରିୟା-ପ୍ରକ୍ରିୟାହିଁ ଏହି ଚିର ପ୍ରବହମାନ ସୃଷ୍ଟି । ଏଠି କୌଣସି ବ୍ୟକ୍ତିତ୍ୱସଂପନ୍ନ ସ୍ରଷ୍ଟା ନାହିଁ । ପୁରୁଷ ନିଜକୁ ପ୍ରକୃତିଠାରୁ ଛିନ୍ନ କରିବାରେହିଁ ଜୀବର ଦୁଃଖର ଶେଷ ; କିନ୍ତୁ ଉପନିଷଦର ଋଷିମାନେ ସୃଷ୍ଟିର ରହସ୍ୟ ଖୋଜୁ ଖୋଜୁ ଗୋଟିଏ ମାତ୍ର ମୌଳିକ ବିଶ୍ୱବ୍ୟାପ୍ତ ସାର୍ବଭୌମ ସତ୍ତାରେ ଆସି ପହଁଚିଛନ୍ତି ଯା'ର ନାମ ସେମାନେ ଦେଲେ ବ୍ରହ୍ମ । 'ବ୍ରହ୍ମ', ବ୍ୟକ୍ତିର ସମ୍ପନ୍ନ, 'ଈଶ୍ୱର' ନୁହେଁ । ତାହା ଏହି ବିଶ୍ୱସୃଷ୍ଟିର ମୌଳିକ ସତ୍ତା । ତେଣୁ ପ୍ରଥମେ କ୍ଳୀବ-ଲିଙ୍ଗ 'ତତ୍' ଶବ୍ଦ ଦେଇ ତାହା ବର୍ଣ୍ଣିତ ହେଉଥିଲା ; କିନ୍ତୁ ସେହି ନିର୍ଗୁଣ 'ତତ୍'ହିଁ ମନୁଷ୍ୟର ମାନସିକ ଦୁର୍ବଳତା ଦେଇ, ପରେ ଆପେ ଆପେ ସଗୁଣ 'ସଃ' (ସେ) ହୋଇ ଓ ମନୁଷ୍ୟରୂପି ଗ୍ରହଣ କରି, ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ରୂପେ ଦେଖାଦେଇଛି । ଗୀତା ଉଭୟ କ୍ଳୀବଲିଙ୍ଗ 'ତତ୍' ଓ ପୁଂଲିଙ୍ଗ 'ସଃ'ର ପ୍ରଚାରକ ଗ୍ରନ୍ଥ । ଗୀତାର ପ୍ରଥମ ଛ' ଅଧ୍ୟାୟରେ ଆମେ ବିଶେଷ ଭାବରେ ତତ୍, ଆତ୍ମା ଓ ବ୍ରହ୍ମର ବ୍ୟାଖ୍ୟାନ ଶୁଣୁ ; କିନ୍ତୁ ତା'ରି ଭିତରେ ଶ୍ରୋତା ବା ପାଠକମାନଙ୍କୁ କ୍ଳୀବ-ଲିଙ୍ଗ ବ୍ରହ୍ମରୁ ଆଣି ପୁଂଲିଙ୍ଗ ବ୍ରହ୍ମ ସହିତ ପରିଚିତ କରାଇବାପାଇଁ ଆସ୍ତେ ଆସ୍ତେ ଏକ ସହାନୁଭୂତିସଂପନ୍ନ ବ୍ୟକ୍ତିତ୍ୱବାନ୍ ଜୀବନ୍ତ ଈଶ୍ୱରଙ୍କୁ 'ମୁଁ' ବା 'ମତେ' ଅର୍ଥରେ ଠିଆ କରାଯାଇଛି । ସପ୍ତମରୁ ଦ୍ୱାଦଶ ଅଧ୍ୟାୟ ପର୍ଯ୍ୟନ୍ତ ଆମେ ଏଣିକି କେବଳ ସେହି ଜୀବନ୍ତ ଓ ବ୍ୟକ୍ତିତ୍ୱବାନ୍ ଈଶ୍ୱରର ବର୍ଣ୍ଣନାହିଁ ପାଇବା ।

ଗୀତା ମୁଖ୍ୟତଃ ଏହି ଏକ ବ୍ୟକ୍ତି ଗୁଣଶାଳୀ ଈଶ୍ୱରର ପ୍ରଚାରକ ଗ୍ରନ୍ଥ । ସାଂଖ୍ୟ ଓ ବୌଦ୍ଧବାଦର ନିରୀଶ୍ୱରତା ବିରୁଦ୍ଧରେ ବା ମହାଯାନୀ ବୌଦ୍ଧ-ମାନଙ୍କର ସେ କାଳରେ ସମଗ୍ର-ଭାରତ-ଉପ ମହାଦେଶ-ପରିବ୍ୟାପ୍ତ ବୁଦ୍ଧାରାଧନାର ପ୍ରତିଯୋଗରେ, କୃଷ୍ଣାରାଧନା ଦେଇ ଏକ ସମପ୍ରତିଭ ବୈଦିକ-ବ୍ରାହ୍ମଣ୍ୟ ବ୍ୟକ୍ତିତ୍ୱ-ସଂପନ୍ନ ଈଶ୍ୱରଙ୍କର ପ୍ରତିଷ୍ଠାପାଇଁ ଯେ ଗୀତା ଲେଖାଯାଇଥିଲା, ଏହା ଗୀତାର ବିଶ୍ଳେଷଣାତ୍ମକ ଆଲୋଚନା କଲେ ସ୍ପଷ୍ଟ ବୋଧଗମ୍ୟ ହେଉଛି ।

ତେବେ କଥା ହେଉଛି ଏହି ଯେ, ଆମେ ଯେତେବେଳେ ଗର୍ବରେ କହିଥାଉଁ, ଗୀତାପରି ଉଦାର, ସାର୍ବଜନୀନ ଧର୍ମଗ୍ରନ୍ଥ ବିଶ୍ୱରେ ଆଉ ଦ୍ୱିତୀୟ ନାହିଁ; ସେତେବେଳେ 'ଭଗବାନ' ବୋଇଲେ କେବଳ ବକ୍ତା ଅର୍ଜୁନ-ସାରଥି

Digitized by srujanika@gmail.com

'ଶ୍ରୀକୃଷ୍ଣ'ଙ୍କୁହିଁ ବୁଝେଇବ ଏବଂ ସେହି ଶ୍ରୀକୃଷ୍ଣ ଏକ ରଣକ୍ଷେତ୍ରରେ ସାରଥିର ଭୂମିକାରେ ଥାଇହିଁ ତାଙ୍କର "ମୁଁ ଏହି ନିଖିଳଭୁବନର କର୍ତ୍ତା, ବିଧାତା, ହର୍ତ୍ତା" "ମୋତେଇ ତୁମେ ପୂଜାକର; ଆଉ କିଛି ଦରକାର ନାହିଁ"—ଇତ୍ୟାଦି ଇତ୍ୟାଦି ଆପାତ-ଅବିଶ୍ୱାସ୍ୟ ବାଣୀ ସବୁ କେତେଦୂର ଶୋଭନୀୟ ବା ଯୁକ୍ତିଯୁକ୍ତ, ତା'ମଧ୍ୟ ପାଠକେ ଭାବିବାର କଥା ।

ଅଥଚ ହିନ୍ଦୁ ପାଠକମାନେ ଗୀତା ସଂପର୍କରେ ବରବର ଆବୃତ୍ତି କରିଥାନ୍ତି—"ସର୍ବୋପନିଷଦୋଗାବଃ ଦୋଗ୍‌ଧା ଗୋପାଳନନ୍ଦନଃ" । ଅର୍ଥାତ୍, "ଉପନିଷଦ୍‌ରୂପକ ଗାଈମାନଙ୍କୁ ଦୁହିଁ ଗଉଡ ପୁଅ (ଗୋପାଳନନ୍ଦନ) ଶ୍ରୀକୃଷ୍ଣ ଆମକୁ ଏହି ଗୀତାରୂପକ ପରମ ଉପଭୋଗ୍ୟ ଗୀତାମୃତ ପରିବେଷଣ କରିଛନ୍ତି ।" ଏହାହିଁ କ'ଣ ସୁପ୍ରମାଣିତ କରୁନାହିଁକି ଯେ ଗୀତା ଏକ ସଂକଳିତ ବା ସଂପାଦିତ ଗ୍ରନ୍ଥ ଏବଂ ଶ୍ରୀକୃଷ୍ଣ ଏହି ଗ୍ରନ୍ଥର କଳ୍ପିତ ବ୍ୟାଖ୍ୟାପକ ମାତ୍ର ? ଆଦ୍ୟ ଅବସ୍ଥାରେ ଗୀତା ପ୍ରକୃତରେ କେତେ ଅଧ୍ୟାୟ ଥିଲା, କ'ଣ ଥିଲା ବା ସେଥିରେ, ପୁଣି କ'ଣ ମିଶିଛି—ଏସବୁ ଏବେ ବି ପଣ୍ଡିତମାନଙ୍କର ଆଲୋଚନାର ବସ୍ତୁ । ପ୍ରସିଦ୍ଧ ପୌରାଣିକ ନାୟକ ନାୟିକାମାନଙ୍କୁ ପ୍ରଶ୍ନ-କାରକ ଓ ଉତ୍ତର-ଦାୟକ ରୂପେ ଠିଆକରାଇ ଧର୍ମ-କଥା, ନୀତି-କଥା ବା ଜୀବନ-ଦର୍ଶନ ବ୍ୟାଖ୍ୟାନ କରିବା ଭାରତୀୟ ସାହିତ୍ୟରେ ଏକ ସୁପରିଚିତ ରୀତି । ଆମର ଅନେକ ଧର୍ମ-ଗ୍ରନ୍ଥରେ ଶିବ ଓ ପାର୍ବତୀଙ୍କର ଏହାହିଁ ସାଧାରଣ ଭୂମିକା । ପରେ ପ୍ରସିଦ୍ଧ ଯୋଗବାଶିଷ୍ଠ ରାମାୟଣର ଲେଖକ, ଗୀତାରେ ଅର୍ଜ୍ଜୁନଙ୍କୁ ଆମେ ଯେପରି ଅବସାଦଗ୍ରସ୍ତ ହେବାର ଏବଂ ସେଇଥିରୁହିଁ ଗୀତାର ଉଦ୍ଭବ ହେବାର ଦେଖୁଁ, ସେହିପରି ସେ ମଧ୍ୟ, ଶ୍ରୀରାମଙ୍କୁ ମିଛରେ ଅବସାଦଗ୍ରସ୍ତ ଓ ସଂସାରବିରକ୍ତ କରାଇ ଏବଂ ସେହି ମାନସିକ ରୋଗର ଚିକିତ୍ସାପାଇଁ ବଶିଷ୍ଠଙ୍କୁ ଉପଦେଷ୍ଟାରୂପେ ଠିଆକରାଇ ଉପାଦେୟ ଯୋଗବାଶିଷ୍ଠ ଗ୍ରନ୍ଥଟିକୁ ଠିଆ କରାଇଛନ୍ତି ଏବଂ ଏହି ଯୋଗ-ବାଶିଷ୍ଠ ମଧ୍ୟ ନିଃସନ୍ଦେହ ଭାବରେ ବୌଦ୍ଧ ପ୍ରଭାବିତ ବୋଲି ପଣ୍ଡିତମାନଙ୍କର ମତ ।

ଯୋଗବାଶିଷ୍ଠ ଦୃଷ୍ଟାନ୍ତରୁ ଆମେ ଅନ୍ତତଃ ଏତିକି ବୁଝିବା ଯେ, ଏକ ରଣଭୂମିରେ ଅର୍ଜ୍ଜୁନଙ୍କ ବିଷାଦ ଓ ଶ୍ରୀକୃଷ୍ଣଙ୍କ ଆଶ୍ୱାସନା ଓ ତାହା ଦେଇ ଆଦର୍ଶ ଜୀବନାୟନର ବର୍ଣ୍ଣନା କୌଣସି ଏକ ବିରଳ ବା ଅସାଧାରଣ ମୌଳିକ କଳ୍ପନା ନୁହେଁ । ଏହା ଭାରତୀୟ ସାହିତ୍ୟରେ ସୁପରିଚିତ ଏକ ଗ୍ରାନ୍ଥିକ ରୀତି ମାତ୍ର । କିନ୍ତୁ "ଈଶ୍ୱର ତତ୍ତ୍ୱ"ର ବ୍ୟାଖ୍ୟାନ କରିବାକୁ ଯାଉ ଯାଉ ଗ୍ରନ୍ଥ ଭିତରେ ନିଜେ ବ୍ୟାଖ୍ୟାପକ ହଠାତ୍ ଯେବେ କହିବସିବେ "ମୁଁ ସେହି ଈଶ୍ୱର" "ମତେ

Digitized by srujanika@gmail.com

ପୂଜାକର, ଆଉକିଛି ଦରକାର ନାହିଁ''—ତେବେ ଏସବୁ ତଳେ ଆମେ କେବଳ ଏକ ବିଶେଷ-ବ୍ୟକ୍ତି-ପୂଜାର ପ୍ରୋପାଗାଣ୍ଡା (Propaganda) ବା ପରିପ୍ରଶ୍ନରହିଁ ଦେଖିବା ସିନା ତାହା ସାର୍ବଜନୀନ ବିଶ୍ୱାସ ହେବ କପରି ?

କିନ୍ତୁ ଗୀତା, ଏପରି ଉଦାର ଓ ମହାନ୍ ରୀତରେ ଲିଖିତ ଏକ ଗ୍ରନ୍ଥ ଯେ, କୌଣସି ପାଠକ ଏହି ପରିପ୍ରଶ୍ନରକୁ ଗ୍ରହଣ ନ କଲେ ମଧ୍ୟ ଅର୍ଥାତ୍ ଶ୍ରୀକୃଷ୍ଣଙ୍କୁ ଈଶ୍ୱର ବୋଲି ସ୍ୱୀକାର ନ କଲେ ମଧ୍ୟ ତାଙ୍କ ପକ୍ଷରେ ଗୀତାର ଶିକ୍ଷଣୀୟତା ସାମାନ୍ୟ ଭବରେ ମଧ୍ୟ ଉଭେଇ ଯିବ ନାହିଁ । ବିଖ୍ୟାତ ଇଂରେଜ ଲେଖକ ଓ ବୁଦ୍ଧିଜୀବୀ ଆଲ୍‌ଡୁସ୍ ହକ୍‌ସିଲି ଏହି କାରଣରୁହିଁ ଗୀତାକୁ 'ଶାଶ୍ୱତ ଜୀବନ-ଦର୍ଶନ'ର ଉତ୍ସ ବୋଲି ବର୍ଣ୍ଣନା କରିଛନ୍ତି । ତେଣୁ ଆମେ ଯେଉଁମାନେ, ଗୀତାର ସାର୍ବଜନୀନତା ଉପରେ ତର୍କ କରୁଛୁ ବା କରିବା, ସେମାନେ ଗୀତାରେ 'ବକ୍ତା ଶ୍ରୀକୃଷ୍ଣ' ଓ 'ଈଶ୍ୱର ଶ୍ରୀକୃଷ୍ଣ'ଙ୍କ ସଂପର୍କକୁ ସେହି ଖ୍ରୀଷ୍ଟଧର୍ମୀ ଆଲ୍‌ଡୁସ୍ ହକ୍ ସିଲଂକ ଉଦାର ଦୃଷ୍ଟିକୋଣରୁ ଦେଖିବା ଉଚିତ ହେବନି କି ? ଯେଉଁମାନେ କେବଳ ଶ୍ରୀକୃଷ୍ଣଙ୍କୁହିଁ ଈଶ୍ୱର ବୋଲି ଧରିନେଇ ପାରୁଛନ୍ତି, ସେମାନଙ୍କ ସଂପର୍କରେ ଆପତ୍ତି କରିବାର କିଛନାହିଁ ; କିନ୍ତୁ କେବଳ ସେଥି ଯୋଗୁଁ ଗୀତା ଅଧିକ ମୂଲ୍ୟବାନ ହୋଇଯିବାର କୌଣସି କାରଣ ମଧ୍ୟ ନାହିଁ । କାରଣ ଗୀତାର ଈଶ୍ୱରତତ୍ତ୍ୱ, ଅଧିକାଂଶରେ ନୈର୍ବ୍ୟକ୍ତିକ, ସାର୍ବଭୌମ, ବିଶ୍ୱଜନୀନ ଓ ସୃଷ୍ଟିବ୍ୟାପ୍ତ ।

କିନ୍ତୁ ଏହି ଉଦାର, ସାର୍ବଜନୀନ ବା ନୈର୍ବ୍ୟକ୍ତିକ ଚିନ୍ତାଧାରା ଭିତରେ ଶ୍ରୀକୃଷ୍ଣ ନାମକ ଏକ ବିଶେଷ ବ୍ୟକ୍ତିଙ୍କର ଆରାଧନାର ପ୍ରସ୍ତାବ କିପରି ଆସିଲା ତାହା ମଧ୍ୟ ନିରପେକ୍ଷ ଆଲୋଚନା ଦାବୀ କରେ ।

ଗୀତା ହଠାତ୍ ଆକାଶରୁ ଖସିପଡିବା ଗ୍ରନ୍ଥ ନୁହେଁ । ବିଶ୍ୱର ଧର୍ମ ଓ ସାହିତ୍ୟ ଜଗତରେ କୌଣସି ହେଲେ ମହତ୍ ଗ୍ରନ୍ଥ ସେପରି ଏକାବେଳେକେ ଅନ୍ୟୋନ୍ୟ-ସଂପର୍କ-ହୀନ ଥିବାର ଜଣାନାହିଁ । ଗୀତା ଭରତୀୟ ଚିନ୍ତାର ବହୁ ଶତାବ୍ଦୀବ୍ୟାପି କ୍ରମିକ ଉଦ୍‌ବର୍ତ୍ତନର ଏକ ପରମ ପ୍ରତୀକ ମାତ୍ର । ଗୀତାର ଈଶ୍ୱରତତ୍ତ୍ୱ ପଛପଟେ ଓ ତାର ଶ୍ରୀକୃଷ୍ଣକେନ୍ଦ୍ରକ ଭକ୍ତିବାଦ ପଛପଟେ, ଅନ୍ତତଃ ଦୁଇ-ସହସ୍ର-ବର୍ଷ-ବ୍ୟାପି ଭାରତୀୟ ଆଧ୍ୟାତ୍ମିକ କଳ୍ପନା ମୂଳ ହୋଇ ରହିଥିବାର ଆମେ ଦେଖିପାରିବା—ଗୀତାର ସପ୍ତମରୁ ଦ୍ୱାଦଶ ଅଧ୍ୟାୟଯାକେ । ତେଣୁ, 'ଭକ୍ତିଯୋଗ'ର ବ୍ୟାଖ୍ୟାପନ ଶୁଣିବା ଆଗରୁ ଭରତୀୟ ଭବନାରେ ଈଶ୍ୱର ଯୋଜନା ଏବଂ ଗୀତାରେ ତାର ପରିପ୍ରକାଶକୁ କ୍ରମିକରେ ବିଶ୍ଳେଷଣ କରି ଦେଖିନେବା ଉଚିତ ବୋଲି ମନେ ହୁଏ ।

Digitized by srujanika@gmail.com

ଭାରତୀୟ ଆଧ୍ୟାତ୍ମିକ ଭାବନା
ଓ
ଗୀତାର ଈଶ୍ୱରତତ୍ତ୍ୱ

ଆଦ୍ୟରୁ କହିରଖୁ ଯେ, ଯାହା ବ୍ୟାଖ୍ୟାପିତ ହେବାକୁ ଯାଉଛି, ଗୀତାର ଆଦ୍ୟ ଛ'ଟି ଅଧ୍ୟାୟରେ, 'ବିଶେଷ ବ୍ୟାଖ୍ୟା' ମାନଙ୍କରେ ତାହା କାହିଁ କାହିଁ ଯଥା-ସଂପୃକ୍ତ ସ୍ଥାନରେ ଆଗରୁ ସାମାନ୍ୟ ସାମାନ୍ୟ ଭାବରେ ଆଲୋଚିତ ହୋଇ ଯାଇଛି । ଏଠାରେ ସଂଘବଦ୍ଧ ଭାବରେ ଗୀତାର ଈଶ୍ୱର-ତତ୍ତ୍ୱ ଆଲୋଚିତ ହେବାକୁ ଯାଉଥିବାରୁ ଆଗରୁ କୁହାଯାଇଥିବା କେଉଁ କେଉଁ ତଥ୍ୟର ପୁନରାବୃତ୍ତି ହେବଇ ହେବ । ଆଶାକରୁ ପାଠକେ ତାହା କ୍ଷମା କରିବେ ।

ଭାରତ ମାଟିରେ, ଦୃଶ୍ୟମାନ ସୃଷ୍ଟିର ରହସ୍ୟ ଉଦ୍‌ଘାଟନ କରିବାର ଦୁର୍ବାର ଚେଷ୍ଟା ଅତି ପ୍ରାଚୀନ କାଳରୁ ଦେଖାଦେଇ ଆସିଛି । ଇଣ୍ଡୋ-ଏରିୟାନ୍ ମାନେ ଏକ ଜୀବନ-ଉପଭୋଗ-ଶୀଳ ଜାତି ଥିଲେ; ଠିକ୍ ଏବର ୟୁରୋପୀୟ ମାନଙ୍କ ପରି । ସେମାନଙ୍କ ନିକଟରେ ଭିନ୍ନ ଭିନ୍ନ ଦେବତାର ଉପାସନା, ଅର୍ଥାତ୍ ସେମାନଙ୍କର ତଥାକଥିତ 'ଧର୍ମ' ଇହଜୀବନକୁ ଉପଭୋଗ କରିବାର ଏକ ଅଂଗ ମାତ୍ର ଥିଲା । ମଦ୍ୟ (ସୋମରସ) ଓ ମାଂସ (ମେଧା) ସମ୍ବଳିତ ସେମାନଙ୍କର ତଥାକଥିତ ଯାଗଯଜ୍ଞ ମଧ୍ୟ ସେମାନଙ୍କ ପକ୍ଷରେ ଏକପ୍ରକାର ସାମାଜିକ ମଉଜହିଁ ଥିଲା । ବୈଦିକ ଯଜ୍ଞ ବିଶ୍ୱ-ବ୍ୟାପ୍ତ ଅଗ୍ନି-ପୂଜା ଛଡ଼ା ଆଉ କିଛି ନୁହେଁ ।

କିନ୍ତୁ ସେ କାଳରେ ମଧ୍ୟ ତୀବ୍ର-ଜିଜ୍ଞାସୁ ବୁଦ୍ଧିଜୀବୀସବୁ ସେ ସମାଜରେ ଥିଲେ, ଯାହାଂକ ଗଭୀର ମନନରୁ ଋଗ୍‌ବେଦର 'ନାସଦୀୟ' ସୂକ୍ତ ବାହାରି ପଡ଼ିଛି; ଯେଉଁଥିରେ ହୁଏତ ମନୁଷ୍ୟ ଚିତ୍ତର ଆଦ୍ୟତମ ପ୍ରଶ୍ନ ଦେଖାଦେଇଛି । "ଏ ବିଶ୍ୱ କିଏ ସୃଷ୍ଟିକଲା ? "ଦେବତା ଆଗ, ନା ସୃଷ୍ଟି ଆଗ ? ଇତ୍ୟାଦି ଇତ୍ୟାଦି ।" ଏବଂ ତାର ଉତ୍ତର ମଧ୍ୟ ଆମେ ପାଉ ସେହି ଋଗ୍‌ବେଦର 'ପୁରୁଷ' ସୂକ୍ତରେ ଯେଉଁଠି ସ୍ରଷ୍ଟାଙ୍କୁ ଏକ ବିରାଟ ପୁରୁଷରୂପେ (ସହସ୍ର ଶୀର୍ଷା ପୁରୁଷ ସହସ୍ରାକ୍ଷ ସହସ୍ରପାତ୍) କଳ୍ପନା କରାଯାଇଛି । ଯାହାଙ୍କର ଏକ ଚତୁର୍ଥାଂଶ ମାତ୍ର ଏହି ସମଗ୍ର ସ୍ଥୂଳ ବ୍ରହ୍ମାଣ୍ଡ (ପାଦୋଽସ୍ୟ ବିଶ୍ୱଭୂତାନି) ଏବଂ ବାକି ତିନି ପାଦ ଅବିନାଶିରୂପରେ ଅବସ୍ଥିତ (ତ୍ରିପାଦସ୍ୟା ମୃତଂ ଦିବି) । ପରେ ଭାରତର ପୌରାଣିକ ଯୁଗରେ ପରିବ୍ୟାପ୍ତ ଭାବରେ ଜନପ୍ରିୟ 'ଅବତାର ବାଦ' ମଧ୍ୟ ଏହି ପୁରୁଷ ସୂକ୍ତରେ ସୂଚିତ । କାରଣ ସେହି ପୁରୁଷ ନିଜର କାରଣାବସ୍ଥା ଅତିକ୍ରମ କରି ପ୍ରାଣିଗଣଙ୍କ ଭୋଗନିମିତ୍ତ ପରିଦୃଶ୍ୟମାନ ଜଗତର

Digitized by srujanika@gmail.com

ଅବସ୍ଥା ପ୍ରାପ୍ତ ହୋଇ ଅଛନ୍ତି ବୋଲି ଋଗ୍‌ବେଦର ଏହି ପୁରୁଷ ସୂକ୍ତରେ କୁହା ଯାଇଛି । ଋଗ୍ ବେଦର ଏହି 'ସହସ୍ରଶୀର୍ଷ, ସହସ୍ରାକ୍ଷ ଓ ସହସ୍ରପାଦ ପୁରୁଷ ଯେ ଗୀତାର ଏକାଦଶ ଅଧ୍ୟାୟରେ ବିଶ୍ୱରୂପ-କଳ୍ପନାର ବୀଜ, ଏହା ମଧ୍ୟ ନିଃସନ୍ଦେହ ବ୍ୟାପାର ।

କିନ୍ତୁ ଏହି ବିରାଟ ପୁରୁଷ ହେଲେ ବିପୁଳ ବହିର୍ଜଗତର ବିଧାତା । କ୍ଷୁଦ୍ର ମନୁଷ୍ୟ ସହିତ ୟାଙ୍କର ସଂପର୍କ କ'ଣ ?

ସାଧାରଣ ମନୁଷ୍ୟର କ୍ଷୁଦ୍ର କ୍ଷୁଦ୍ର ସୁଖ-ଦୁଃଖରେ ଭାଗୀ ହେଉଥିଲେ ବେଦର ଭିନ୍ନ ଭିନ୍ନ ଦେବତା—ଇନ୍ଦ୍ର, ଅଗ୍ନି, ବରୁଣ ଇତ୍ୟାଦି ; କିନ୍ତୁ ଯେତେବେଳେ ଯେଉଁ ବିଶେଷ ଦେବତା ଉପାସିତ ହେଉଥିଲେ ସେ ମଧ୍ୟ କଳ୍ପିତ ହେଉଥିଲେ ସମଗ୍ର ବିଶ୍ୱର ନିୟାମକ ରୂପେ । ଏହି ହେତୁରୁ ପଣ୍ଡିତମାନେ ଏବେ ଆଉ ଇଣ୍ଡୋ ଏରିୟାନ୍‌ମାନଙ୍କୁ ବହୁ-ଦେବ ଉପାସକ ବୋଲି କହୁ ନାହାନ୍ତି । ସେମାନେ ଭିନ୍ନ ଭିନ୍ନ ନାମ ତଳେ ଗୋଟିଏ ଈଶ୍ୱରରହିଁ ପୂଜା କରୁଥିଲେ ବୋଲି ଏବେ କୁହାଯାଉଛି । ଅର୍ଥାତ ବେଦ ଥିଲା ଏକ ପ୍ରକାର ଏକେଶ୍ୱରବାଦୀ । ବୈଦିକ ଆର୍ଯ୍ୟମାନେ ନିଜେ ମଧ୍ୟ ତାହା ଜାଣିଥିଲେ । ବେଦର ମହାନ୍ ବାକ୍ୟ—"ଏକଂ ସତ୍ ବିପ୍ରାଃ ବହୁଧା ବଦନ୍ତି" (ଏକ ସତ୍ୟକୁ ପଣ୍ଡିତମାନେ ନାନା ପ୍ରକାରେ କହୁଛନ୍ତି ମାତ୍ର) ପାଠକେ ବରବର ସ୍ମରଣ ରଖିବେ ।

ବରୁଣ ନାମକ ଦେବତାର କଳ୍ପନା ବେଳକୁ ବୈଦିକ ଆର୍ଯ୍ୟ ସୃଷ୍ଟି ପଛରେ ଥିବା ଅଦୃଶ୍ୟ ଶକ୍ତି ଯେ ଆମର କେବଳ ଜୀବନ-ଭୋଗର ଦାତା ମାତ୍ର ନୁହନ୍ତି, ସେ ମଧ୍ୟ ଆମର ଆଭ୍ୟନ୍ତରୀଣ ଜୀବନର, ଆମର ପାପ-ପୁଣ୍ୟର ନିୟାମକ ଓ ବିଚାରକ ତାହା ମଧ୍ୟ ସ୍ଥିର କରି ପାରିଲେଣି । ବରୁଣ ମୁଖ୍ୟତଃ ଋତର ଦେବତା । ଉଭୟ ମନୁଷ୍ୟ ଜୀବନ ଓ ବାହ୍ୟ ସୃଷ୍ଟି ଯେଉଁ କେତେକ ମୌଳିକ ନିୟମ ଉପରେ ପରିଚାଳିତ ଇଣ୍ଡୋ ଏରିୟାନ୍‌ମାନେ ତାର ନାମ ଦେଲେ 'ଋତ' ଯେଉଁଥିରୁ ଋତୁ ଶବ୍ଦ ଆସିଛି ଏବଂ ଯାହାର ଅନବସ୍ଥାନ,'ଅନୃତ' ବା ଅବିଧି ବା ମିଥ୍ୟା ବୁଝେଇବ । ପରେ ଏହି 'ଋତର' ସ୍ଥାନ ଅଧିକାର କଲା 'ଧର୍ମ' । ବିଂଶ ଶତାବ୍ଦୀରେ ଗାନ୍ଧିଙ୍କର 'ସତ୍ୟ'(ଋତ)ର ନିଷ୍ଠାପର ଉପାସନା ଆମକୁ ହୁଏତ ଋଗ୍-ବେଦର ଋତ-ତନ୍ମୟତାରେ ଆଣି ପୁଣି ପହଁଚେଇଛି । ବରୁଣ କେବଳ ଋତ ଓ ନ୍ୟାୟର ଦେବତା ନ ଥିଲେ; ସେ ସର୍ବଜ୍ଞ ଓ ସର୍ବତୋଚକ୍ଷୁ ହୋଇ ମନୁଷ୍ୟର ସକଳ ଗୋପନ ଅଧର୍ମ ମଧ୍ୟ ସେ ଦେଖି ପାରୁଥିଲେ । ଋଗ୍ ବେଦର ଏକ ସୂକ୍ତ ଏହିପରି—

"ସେହି ସର୍ବଶକ୍ତିମାନ୍ ବିଶ୍ୱପ୍ରଭୁ (ବରୁଣ) ଉଚ୍ଚତମ ଆକାଶରେ ବିରାଜିତ ଥିଲେହେଁ ପାଖରେ ଥିଲାପରି ଆମର ସବୁକାମ ସେ ଦେଖିପାରନ୍ତି ।

Digitized by srujanika@gmail.com

ଭାରତୀୟ ଆଧ୍ୟାତ୍ମିକ ଭାବନା ଓ ଗୀତାର ଈଶ୍ୱରତତ୍ତ୍ୱ

ଆଦ୍ୟରୁ କହିରଖୁ ଯେ, ଯାହା ବ୍ୟାଖ୍ୟାପିତ ହେବାକୁ ଯାଉଛି, ଗୀତାର ଆଦ୍ୟ ଛ'ଟି ଅଧ୍ୟାୟରେ, 'ବିଶେଷ ବ୍ୟାଖ୍ୟା' ମାନଙ୍କରେ ତାହା କାହିଁ କାହିଁ ଯଥା-ସଂପୃକ୍ତ ସ୍ଥାନରେ ଆଗରୁ ସାମାନ୍ୟ ସାମାନ୍ୟ ଭବରେ ଆଲୋଚିତ ହୋଇ ଯାଇଛି । ଏଠାରେ ସଂଘବଦ୍ଧ ଭବରେ ଗୀତାର ଈଶ୍ୱର-ତତ୍ତ୍ୱ ଆଲୋଚିତ ହେବାକୁ ଯାଉଥିବାରୁ ଆଗରୁ କୁହାଯାଇଥିବା କେଉଁ କେଉଁ ତଥ୍ୟର ପୁନରାବୃତ୍ତି ହେବଇ ହେବ । ଆଶାକରୁ ପାଠକେ ତାହା କ୍ଷମା କରିବେ ।

ଭରତ ମାଟିରେ, ଦୃଶ୍ୟମାନ ସୃଷ୍ଟିର ରହସ୍ୟ ଉଦ୍‌ଘାଟନ କରିବାର ଦୁର୍ବାର ଚେଷ୍ଟା ଅତି ପ୍ରାଚୀନ କାଳରୁ ଦେଖାଦେଇ ଆସିଛି । ଇଣ୍ଡୋଏରୟାନ୍ ମାନେ ଏକ ଜୀବନ-ଉପଭୋଗ-ଶୀଳ ଜାତି ଥିଲେ; ଠିକ୍ ଏବର ୟୁରୋପୀୟ ମାନଙ୍କ ପରି । ସେମାନଙ୍କ ନିକଟରେ ଭିନ୍ନ ଭିନ୍ନ ଦେବତାର ଉପାସନା, ଅର୍ଥାତ୍ ସେମାନଙ୍କର ତଥାକଥିତ 'ଧର୍ମ' ଇହଜୀବନକୁ ଉପଭୋଗ କରିବାର ଏକ ଅଂଗ ମାତ୍ର ଥିଲା । ମଦ୍ୟ (ସୋମରସ) ଓ ମାଂସ (ମେଧା) ସମ୍ବଳିତ ସେମାନଙ୍କର ତଥାକଥିତ ଯାଗଯଜ୍ଞ ମଧ୍ୟ ସେମାନଙ୍କ ପକ୍ଷରେ ଏକପ୍ରକାର ସାମାଜିକ ମଉଜହିଁ ଥିଲା । ବୈଦିକ ଯଜ୍ଞ ବିଶ୍ୱ-ବ୍ୟାପ୍ତ ଅଗ୍ନି-ପୂଜା ଛଡ଼ା ଆଉ କଛ ନୁହେଁ ।

କିନ୍ତୁ ସେ କାଳରେ ମଧ୍ୟ ତୀବ୍ର-ଜିଜ୍ଞାସୁ ବୁଦ୍ଧିଜୀବୀସବୁ ସେ ସମାଜରେ ଥିଲେ, ଯାହାଂକ ଗଭୀର ମନନରୁ ଋଗ୍‌ବେଦର 'ନାସଦୀୟ' ସୂକ୍ତ ବାହାରି ପଡ଼ିଛି; ଯେଉଁଥିରେ ହୁଏତ ମନୁଷ୍ୟ ଚିତ୍ତର ଆଦ୍ୟତମ ପ୍ରଶ୍ନ ଦେଖାଦେଇଛି । "ଏ ବିଶ୍ୱ କିଏ ସୃଷ୍ଟିକଲା ? "ଦେବତା ଆଗ, ନା ସୃଷ୍ଟି ଆଗ ? ଇତ୍ୟାଦି ଇତ୍ୟାଦି ।" ଏବଂ ତାର ଉତ୍ତର ମଧ୍ୟ ଆମେ ପାଉ ସେହି ଋଗ୍‌ବେଦର 'ପୁରୁଷ' ସୂକ୍ତରେ ଯେଉଁଠି ସ୍ରଷ୍ଟାଙ୍କୁ ଏକ ବିରାଟ ପୁରୁଷରୂପେ (ସହସ୍ର ଶୀର୍ଷା ପୁରୁଷ ସହସ୍ରାକ୍ଷ ସହସ୍ରପାତ୍) କଳ୍ପନା କରାଯାଇଛି । ଯାହାଙ୍କର ଏକ ଚତୁର୍ଥାଂଶ ମାତ୍ର ଏହି ସମଗ୍ର ବସ୍ତୁଜ ବ୍ରହ୍ମାଣ୍ଡ (ପାଦୋଽସ୍ୟ ବିଶ୍ୱଭୂତାନ) ଏବଂ ବାକି ତିନ ପାଦ ଅବିନାଶିରୂପରେ ଅବସ୍ଥିତ (ତ୍ରିପାଦସ୍ୟା ମୃତଂ ଦିବି) । ପରେ ଭରତର ପୌରାଣିକ ଯୁଗରେ ପରିବ୍ୟାପ୍ତ ଭାରତରେ ଜନପ୍ରିୟ 'ଅବତାର ବାଦ' ମଧ୍ୟ ଏହି ପୁରୁଷ ସୂକ୍ତରେ ସୂଚିତ । କାରଣ ସେହି ପୁରୁଷ ନିଜର କାରଣାବସ୍ଥା ଅତିକ୍ରମ କରି ପ୍ରାଣିଗଣଙ୍କ ଭୋଗନିମିତ୍ତ ପରିଦୃଶ୍ୟମାନ ଜଗତର

Digitized by srujanika@gmail.com

ଅବସ୍ଥା ପ୍ରାପ୍ତ ହୋଇ ଅଛନ୍ତି ବୋଲି ଋଗ୍‌ବେଦର ଏହି ପୁରୁଷ ସୂକ୍ତରେ ଜୁହା ଯାଇଛି । ଋଗ୍ ବେଦର ଏହି 'ସହସ୍ରଶୀର୍ଷ, ସହସ୍ରାକ୍ଷ ଓ ସହସ୍ରପାଦ ପୁରୁଷ ଯେ ଗୀତାର ଏକାଦଶ ଅଧ୍ୟାୟରେ ବିଶ୍ୱରୂପ-କଳ୍ପନାର ବୀଜ, ଏହା ମଧ୍ୟ ନିଃସନ୍ଦେହ ବ୍ୟାପାର ।

କନ୍ତୁ ଏହି ବିରାଟ ପୁରୁଷ ହେଲେ ବିପୁଳ ବହିର୍ଜଗତର ବଧାତା । କ୍ଷୁଦ୍ର ମନୁଷ୍ୟ ସହିତ ୟାଙ୍କର ସଂପର୍କ କ'ଣ ?

ସାଧାରଣ ମନୁଷ୍ୟର କ୍ଷୁଦ୍ର କ୍ଷୁଦ୍ର ସୁଖ-ଦୁଃଖରେ ଭଗୀ ହେଉଥିଲେ ବେଦର ଭିନ୍ନ ଭିନ୍ନ ଦେବତା—ଇନ୍ଦ୍ର, ଅଗ୍ନି, ବରୁଣ ଇତ୍ୟାଦି ; କିନ୍ତୁ ଯେତେବେଳେ ଯେଉଁ ବିଶେଷ ଦେବତା ଉପାସିତ ହେଉଥିଲେ ସେ ମଧ୍ୟ କଳ୍ପିତ ହେଉଥିଲେ ସମଗ୍ର ବିଶ୍ୱର ନିୟାମକ ରୂପେ । ଏହି ହେତୁରୁ ପଣ୍ଡିତମାନେ ଏବେ ଆଉ ଇଣ୍ଡୋ ଏରିୟାନ୍‌ମାନଙ୍କୁ ବହୁ-ଦେବ ଉପାସକ ବୋଲି କହୁ ନାହାନ୍ତି । ସେମାନେ ଭିନ୍ନ ଭିନ୍ନ ନାମ ତଳେ ଗୋଟିଏ ଈଶ୍ୱରରହିଁ ପୂଜା କରୁଥିଲେ ବୋଲି ଏବେ କୁହାଯାଉଛି । ଅର୍ଥାତ ବେଦ ଥିଲା ଏକ ପ୍ରକାର ଏକେଶ୍ୱରବାଦୀ । ବୈଦିକ ଆର୍ଯ୍ୟମାନେ ନଜେ ମଧ୍ୟ ତାହା ଜାଣିଥିଲେ । ବେଦର ମହାନ୍ ବାକ୍ୟ—"ଏକଂ ସତ୍ ବିପ୍ରାଃ ବହୁଧା ବଦନ୍ତି" (ଏକ ସତ୍ୟକୁ ପଣ୍ଡିତମାନେ ନାନା ପ୍ରକାରେ କହୁଛନ୍ତି ମାତ୍ର) ପାଠକେ ବରାବର ସ୍ମରଣ ରଖିବେ ।

ବରୁଣ ନାମକ ଦେବତାର କଳ୍ପନା ବେଳକୁ ବୈଦିକ ଆର୍ଯ୍ୟ ସୃଷ୍ଟି ପଛରେ ଥିବା ଅଦୃଶ୍ୟ ଶକ୍ତି ଯେ ଆମର କେବଳ ଜୀବନ-ଭୋଗର ଦାତା ମାତ୍ର ନୁହଁନ୍ତି, ସେ ମଧ୍ୟ ଆମର ଆଭ୍ୟନ୍ତରୀଣ ଜୀବନର, ଆମର ପାପ-ପୁଣ୍ୟର ନିୟାମକ ଓ ବିଚାରକ ତାହା ମଧ୍ୟ ସ୍ଥିର କରି ସାରଲେଣି । ବରୁଣ ମୁଖ୍ୟତଃ ଋତର ଦେବତା । ଉଭୟ ମନୁଷ୍ୟ ଜୀବନ ଓ ବାହ୍ୟ ସୃଷ୍ଟି ଯେଉଁ କେତେକ ମୌଳିକ ନିୟମ ଉପରେ ପରିଚାଳିତ ଇଣ୍ଡୋ ଏରିୟାନ୍‌ମାନେ ତାର ନାମ ଦେଲେ 'ଋତ' ଯେଉଁଥିରୁ ଋତୁ ଶବ୍ଦ ଆସିଛି ଏବଂ ଯାହାର ଅନବସ୍ଥାନ, 'ଅନୃତ' ବା ଅବିଧି ବା ମିଥ୍ୟା ବୁଝେଇବ । ପରେ ଏହି 'ଋତର' ସ୍ଥାନ ଅଧିକାର କଲା 'ଧର୍ମ' । ବିଂଶ ଶତାବ୍ଦୀରେ ଗାନ୍ଧଙ୍କର 'ସତ୍ୟ'(ଋତ)ର ନିଷ୍ଠାପର ଉପାସନା ଆମକୁ ହୁଏତ ଋଗ୍-ବେଦର ଋତ-ତନ୍ମୟତାରେ ଆଣି ପୁଣି ପହଁଚେଇଛ । ବରୁଣ କେବଳ ଋତ ଓ ନ୍ୟାୟର ଦେବତା ନ ଥିଲେ; ସେ ସର୍ବଜ୍ଞ ଓ ସର୍ବତୋଚକ୍ଷୁ ହୋଇ ମନୁଷ୍ୟର ସକଳ ଗୋପନ ଅଧର୍ମ ମଧ୍ୟ ସେ ଦେଖି ପାରୁଥିଲେ । ଋଗ୍ ବେଦର ଏକ ସୂକ୍ତ ଏହିପରି—

"ସେହି ସର୍ବଶକ୍ତିମାନ୍ ବିଶ୍ୱପ୍ରଭୁ (ବରୁଣ) ଉଚ୍ଚତମ ଆକାଶରେ ବିରାଜିତ ଥିଲେହେଁ ପାଖରେ ଥିଲାପରି ଆମର ସବୁକାମ ସେ ଦେଖିପାରନ୍ତି ।

Digitized by srujanika@gmail.com

ଯେ ଦଣ୍ଡାୟମାନ, ଯେ ଚଳମାନ, ଯେ ଗୋପନରେ ପଳାୟମାନ ବା କୌଣସି ଲୁଛାୟିତ ସ୍ଥାନରେ ଆତ୍ମଗୋପନକାରୀ—ଦେବତାମାନେ ମନୁଷ୍ୟର ଏ ସମସ୍ତ ଗତି ଦେଖିପାରନ୍ତି । ଏପରିକି ଯେଉଁଠି ଦୁଇଜଣ, ତାଙ୍କୁ କେହି ଦେଖୁନାହାନ୍ତି ବୋଲି ଭବି ଷଡଯନ୍ତ୍ର କରୁଥିବେ, ସେଠାରେ ରଜା ବରୁଣ ତୃତୀୟ ବ୍ୟକ୍ତିରୂପେ ଅବସ୍ଥିତ ଏବଂ ସେ ସବୁକଥା ଜାଣିଥାନ୍ତି ।”

କୃଷ୍ଣ ଯଜୁର୍ବେଦାନ୍ତର୍ଗତ ଶ୍ୱେତାଶ୍ୱେତର ଉପନିଷଦ୍ (୩/୮) ର ନିମ୍ନଲିଖିତ ପ୍ରସିଦ୍ଧ ଶ୍ଳୋକରୁ ପୁଣି ଜଣାଯାଉଛି ଯେ, ସେହି ବୈଦିକ ଈଶ୍ୱର କେବଳ ଜଣେ ବିରାଟ ସ୍ରଷ୍ଟାପୁରୁଷ ନ ଥିଲେ, କେବଳ ଧର୍ମାଧର୍ମର ଆଧାର ଓ ନିୟନ୍ତା ନ ଥିଲେ, ସେ ମଧ୍ୟ ଥିଲେ ଅନ୍ତରରେ ପରମ ଅନୁଭବର ବସ୍ତୁ ।

ବେଦାହମେତଂ ପୁରୁଷଂ ମହାନ୍ତଂ
ଆଦିତ୍ୟବର୍ଣ୍ଣଂ ତମସଃ ପରସ୍ତାତ୍
ତମେବ ବିଦିତ୍ୱା ତିମୃତ୍ୟୁ ମେତି
ନାନ୍ୟଃ ପନ୍ଥା ବିଦ୍ୟତେଽୟନାୟ ।

(ମୁଁ ସେହି ବିରାଟ ପୁରୁଷଙ୍କୁ ଜାଣିପାରିଛି । ଏହି ଜଗତର ଅଜ୍ଞାନ-ଅନ୍ଧକାରର ଆରପଟେ ଯେ ସୂର୍ଯ୍ୟଙ୍କପରି ଦେଦୀପ୍ୟମାନ ରହିଛନ୍ତି । ତାଙ୍କୁ ଜାଣିଲେ ହିଁ ମୃତ୍ୟୁକୁ ଅତିକ୍ରମ କରାଯାଏ । ଅମୃତତ୍ୱ ଲାଭର ଏହା ବ୍ୟତୀତ ଅନ୍ୟ ପନ୍ଥା ନାହିଁ ।)

ତେଣୁ ଆମେ ଧରିନେବା ଯେ, ଆମେ ପରେ ଗୀତାରେ ଯେଉଁ ଈଶ୍ୱର-ତତ୍ତ୍ୱକୁ ଭେଟୁ, ତାହା ବେଦ-କାଳ ଭିତରେ ହିଁ ଏକପ୍ରକାର ସେହି ଆକାର ଗ୍ରହଣକରି ସାରିଥିଲା । ଅର୍ଥାତ୍, ବେଦର ଈଶ୍ୱର ମଧ୍ୟ କଳ୍ପିତ ହୋଇଥିଲା, ସମଗ୍ର ଏହି ସୃଷ୍ଟିର ଏକ ବିରାଟ ସ୍ରଷ୍ଟାରୂପେ, ଆମର ନୈତିକ ଚେତନାର ନିୟାମକରୂପେ ଏବଂ ପୁଣି ଏକ ପରମ ଆତ୍ମିକ ଅନୁଭବରୂପେ । ପୁଣି ସେ ମଧ୍ୟ ପ୍ରାଣୀମାନଙ୍କ ନମିତ୍ତ ବେଳେବେଳେ ତଳକୁ ଓହ୍ଲାଇଆସନ୍ତି । ହୁଏତ, “ଏକଂ ସତ୍ ବିପ୍ରାଃ ବହୁଧା ବଦନ୍ତି”—ଋଗ୍ ବେଦର ଏହି ବାଣୀହିଁ ପ୍ରତିଧ୍ୱନିତ ହୋଇଛି ଗୀତାର ‘ଯେ ଯଥା ମାଂ ପ୍ରପଦ୍ୟନ୍ତେ ତାଂ ତଥୈବ ଭଜାମ୍ୟହଂ’ରେ ।

ପାଠକେ ଦେଖିବେ ଯେ, ଗୀତାର ଈଶ୍ୱରତତ୍ତ୍ୱ ମୋଟାମୋଟି ଏୟାହିଁ । ବେଦ ଓ ଗୀତା ରଚନା ଭିତରେ ଭାରତୀୟ ଧର୍ମ ଚିନ୍ତାରେ ଆଉ ଯେଉଁ କେତେକ ଏପଟ-ସେପଟ ଘଟି ଯାଇଥିଲା, ଆମେ ଗୀତାରେ ସେସବୁ ମଧ୍ୟ ପ୍ରତିବିମ୍ବିତ ହେବାର ଦେଖୁ । ଦେଖାଯାଉଛି ଯେ, ଗୀତା ସମକାଳୀନ

Digitized by srujanika@gmail.com

କୌଣସି ହେଲେ ଭାରତୀୟ ଚିନ୍ତାକୁ ଛାଡଦେଇ ନାହାନ୍ତି । ଗୀତାର ଈଶ୍ୱର ତେଣୁ ଏକ ମନୋଜ୍ଞ ମିଶ୍ରଣ, ଅଥଚ, ଆପାତ-ଜଟିଳ ଓ ପରସ୍ପର-ବିରୋଧୀ । କିନ୍ତୁ ଭାରତୀୟ ଚିନ୍ତାଧାରାର ବିବର୍ତ୍ତନ ବୁଝିଗଲେ ସବୁ ଜଟିଳତା ଉଭେଇଯିବ ବୋଲି ଆଶା ।

ଋଗ୍ ବେଦର ପୁରୁଷ ସୂକ୍ତରେ ଆମେ ଭେଟିଲୁ ସ୍ରଷ୍ଟା ଭାବରେ ମନୁଷ୍ୟ ଶରୀରଧାରୀ ଏକ ବିରାଟ ପୁରୁଷର କଳ୍ପନା । ବେଦରେ ଭିନ୍ନଭିନ୍ନ ସ୍ଥାନରେ ଏହି କଳ୍ପନାକୁ 'ପ୍ରଜାପତି', 'ବିଶ୍ୱକର୍ମା' ଓ 'ହିରଣ୍ୟଗର୍ଭ' ଇତ୍ୟାଦି ଅନ୍ୟ ନାମ ସବୁ ମଧ୍ୟ ଦିଆଯାଇଛି । ପରେ ଭାରତୀୟ ପୁରାଣ ସବୁ ସେମାନଙ୍କୁ ନାନା ଭାବରେ ଗ୍ରହଣକରି ନେଇଛନ୍ତି ।

କିନ୍ତୁ ଏହିପରି ଏକ 'ସ୍ରଷ୍ଟା'ର କଳ୍ପନାରେ ଅଭାବ ରହୁଛି ଏହି ଯେ, ସେହି ସ୍ରଷ୍ଟା ଏ ଜଗତରେ ଭଲ ସାଥିରେ ମନ୍ଦ ସବୁକୁ ତ ମଧ୍ୟ ସୃଷ୍ଟି କରିଛନ୍ତି ? ସେ ସୁଖପାଇଁ ଯେପରି, ନ୍ୟାୟପାଇଁ ଯେପରି, ସେହିପରି ଦୁଃଖ ଓ ଅନ୍ୟାୟ ପାଇଁ ମଧ୍ୟ ଦାୟୀ ତ ?

ଏହି ଅମୀମାଂସ୍ୟ ପ୍ରଶ୍ନକୁ ଆଡେଇ ରଖିବାପାଇଁ ଆଉ ଦଳେ ବାହାରି କହିଲେ, ଏହି ସଂସାର କୌଣସି ଏକ ସ୍ରଷ୍ଟାର ସୃଷ୍ଟି ନୁହେଁ । ଏହା ଅନାଦି ନିତ୍ୟ ଓ ଚିରପ୍ରବହମାନ । ଏହା ସ୍ୱୟଂପ୍ରକାଶ । ଈଶ୍ୱର-ଫିଶ୍ୱର ଏଠି କେହି ନାହିଁ । ସ୍ୱୟଂ-ପ୍ରକାଶ ହେଲେ ମଧ୍ୟ, ଏହି ସୃଷ୍ଟି ଏପରି ଅହରହ ପରିବର୍ତ୍ତନ ଶୀଳ କାହିଁକି ? ଏଥିରେ ଅହରହ ଧ୍ୱଂସ ଚାଲିଛି, ସୃଷ୍ଟିଚାଲିଛି, ଲୋକ ମରୁଛନ୍ତି, ପୁଣି ଜନ୍ମ ହେଉଛନ୍ତି, ପୁଣି ମରୁଛନ୍ତି । ପୁଣି ଅଗଣିତ ଏହି ସୃଷ୍ଟିର ଆତ୍ମ-ପ୍ରକଟନ ମାଟି, ଉଦ୍ଭିଦ, ଜୀବଜନ୍ତୁ ଦେଇ କେତେ ଆକାର, କେତେ ପ୍ରକାର, କେତେ ବର୍ଣ୍ଣ, କେତେ ଶବ୍ଦ, କେତେ ଗନ୍ଧ ! ମଣିଷ ମଲେ ତାର ଜୀବନଟା କୁଆଡେ ଯାଉଛି ? ସେଇଟା ବା କି ବସ୍ତୁ ? ପୁଣି, ଏ ସମସ୍ତ ଭିତରେ କୌଣସି ଗୋଟିଏ ଏକକ ଚେତନା ଅଛି କି, ଯାହା ସମଗ୍ରକୁ ଗୋଟିଏ ଲକ୍ଷ୍ୟରେ ନେଇ ଚାଲିଛି ? ନା, ପ୍ରତ୍ୟେକ ବସ୍ତୁ ଓ ଜୀବ ପ୍ରତ୍ୟେକ ଠାରୁ ଅସଂଲଗ୍ନ ?

ଋଗ୍ ବେଦର ବୁଦ୍ଧିଜୀବୀ ଯେପରି ଦିନେ ପଚାରିଥିଲେ—ଏ ସୃଷ୍ଟି କୁଆଡୁ ଆଇଲା ? ୟାକୁ କିଏ କଲା ? ସେହିପରି ମଧ୍ୟ ଉପନିଷଦର ଜିଜ୍ଞାସୁ ପଚାରିବସିଲେ—"ଆମକୁ ଚଳାଉଛି କିଏ ? ଆମକୁ କଥା କୁହାଉଛି, ଦେଖାଉଛି ବା ଶୁଣାଉଛି କିଏ ? (କେନୋପନିଷଦ ୧/୧) । ପୁଣି ଛାନ୍ଦୋଗ୍ୟ ଉପନିଷଦ (୬/୧)ରେ ଆମେ "ଯେଉଁ 'ଗୋଟିଏ' ଜ୍ଞାନ ପାଇଗଲେ ମନୁଷ୍ୟ ଆଉ ସବୁଜ୍ଞାନ ପାଇ ଯାଇପାରେ"—ତାହା ମଧ୍ୟ ଆଲୋଚିତ ହେବାର ଦେଖୁଛୁ ।

Digitized by srujanika@gmail.com

ଉପନିଷଦ ବେଳକୁ ଏହି ଅଗଣିତ-ଆପାତ-ଭିନ୍ନତା-ସମ୍ପନ୍ନ ସୃଷ୍ଟି ଗୋଟିଏ ମାତ୍ର ଉପାଦାନରୁ ଆସିଛି ଏବଂ ସେହି ଏକକ ବିଶ୍ୱଚେତନା ଓ ବିଶ୍ୱ-ଉପାଦାନର ନାମ ବ୍ରହ୍ମ ବୋଲି ପ୍ରାୟ ସର୍ବସମ୍ମତ ରୀତିରେ ଗୃହୀତ ହୋଇ ସାରିଲାଣି । ବେଦରେ ଏହି 'ବ୍ରହ୍ମ' ଶବ୍ଦ ପ୍ରଥମେ 'ପ୍ରାର୍ଥନା' ଓ 'ଯଜ୍ଞ'କୁ ବୁଝାଇ, ପରେ 'ଯେ ପ୍ରାର୍ଥନା ବା ଯଜ୍ଞ କରନ୍ତି' ତାଙ୍କ ପ୍ରତି ଏବଂ ତା ପରେ ଯେଉଁ ଅଦୃଶ୍ୟ ଶକ୍ତି ଯଜ୍ଞ ଓ ପ୍ରାର୍ଥନାକୁ ଫଳବତୀ କରେ ତାକୁ ବି ବୁଝାଇଲା । କେତେକ ପଣ୍ଡିତଙ୍କ ମତରେ ଏହା 'ବୃହ୍'—ଧାତୁରୁ ଉତ୍ପନ୍ନ, ଯାହାର ଅର୍ଥ 'ବୃଦ୍ଧିପ୍ରାପ୍ତ' ହେବା ; କିନ୍ତୁ ଏହି ବିଶ୍ୱ-ବିଶ୍ରୁତ ଶବ୍ଦଟିର ପ୍ରକୃତ ତତ୍ତ୍ୱକୁ ନେଇ ପଣ୍ଡିତମାନେ ଏବେ ବି ବିବଦମାନ । ତେବେ, ଉପନିଷଦବେଳକୁ ଏହା ନିଃସନ୍ଦେହରେ ବିଶ୍ୱ-ଚେତନାକୁ ହିଁ ଯେ ବୁଝାଉଥିଲା କେବଳ ତାହା ନୁହେଁ, ଭାରତରେ, ବହୁ ଶତାବ୍ଦୀ ଧରି, ଉଚ୍ଚବୁଦ୍ଧିଜୀବୀ ସ୍ତରରେ ଏହାହିଁ ଥିଲା ଏକମାତ୍ର ଆଲୋଚନାର ବିଷୟ । ଗୀତା ମଧ୍ୟ ବସ୍ତୁତଃ ସେହି ଆଲୋଚନା । ତାର ପ୍ରତି ଅଧ୍ୟାୟର ଶେଷରେ ତେଣୁ ପାଠକେ ଦେଖୁଛନ୍ତି—"ଶ୍ରୀମଦ୍ ଭଗବଦ୍ ଗୀତାସୁ ବ୍ରହ୍ମବିଦ୍ୟାୟାଂ" ଇତ୍ୟାଦି । ଗୀତା ମୂଳରେ ଅନ୍ୟ ଉପନିଷଦ୍‌ମାନଙ୍କ ପରି ଏକ ଉପନିଷଦ ହିଁ ଥିଲା ଏବଂ ଅନ୍ୟ ଉପନିଷଦ୍‌ମାନଙ୍କ ପରି ଗୀତାର ମୁଖ୍ୟବସ୍ତୁ ମଧ୍ୟ ଥିଲା ସେହି 'ବ୍ରହ୍ମ' । ପୂର୍ବରୁ କହିରଖିଛୁ ଯେ ଗୀତାର ପ୍ରଥମ ଛ' ଅଧ୍ୟାୟ ଅନ୍ୟ ଉପନିଷଦମାନଙ୍କ ପରି ମଧ୍ୟ ଅଧିକାଂଶ ଭାବରେ କେବଳ 'ବ୍ରହ୍ମମୟ' । ସେ ସବୁରେ କେବଳ 'ତତ୍'ର ହିଁ ଆଲୋଚନା ରହିଛି । କୌଣସି ମନୁଷ୍ୟ ଗୁଣ ସମ୍ପନ୍ନ ବ୍ୟକ୍ତି ଈଶ୍ୱରରୂପେ ସେ ଆଲୋଚନାକୁ ବିଶେଷ ପ୍ରଭାବିତ କରି ନାହାଁନ୍ତି ।

ଭାରତାତ୍ମାର ସୃଷ୍ଟି-ରହସ୍ୟ-ଉଦ୍‌ଘାଟନ-ପ୍ରଚେଷ୍ଟାରେ ଆହୁରି ଆଗକୁ ଯାଇ ଏହି କାଳରେ କିନ୍ତୁ ଦେଖାଦେଲା କପିଳଙ୍କ ସାଂଖ୍ୟଦର୍ଶନ, ଯାହା ଉପସ୍ଥାପିତ କଲା ଯେ, ଏହି ସୃଷ୍ଟି ଗୋଟିଏ (ବ୍ରହ୍ମ) ନୁହେଁ; ୨୫ଟି ତତ୍ତ୍ୱନେଇ ଗଠିତ । ସେହି ପଚିଶଟି ଭିତରେ ମୁଖ୍ୟ ହେଲେ ଦୁଇଟି—ପୁରୁଷ ଓ ପ୍ରକୃତି । ଏ ଦୁହେଁ ହେଲେ ସମଭାବରେ ଶାଶ୍ୱତ । ପ୍ରକୃତି କ୍ରିୟାଶୀଳ—ଅହରହ ସୃଷ୍ଟିକାମୀ ; କିନ୍ତୁ ସେ ପୁରୁଷର ବିନା ସହାୟତାରେ କିଛି କରିପାରେନା । ପୁରୁଷ ମଧ୍ୟ ଏକ ଅଭିଜ୍ଞତା ପରିବର୍ତ୍ତରେ 'ବହୁ' ଅଭିଜ୍ଞତାର ଆନନ୍ଦପାଇଁ ପ୍ରକୃତିର ଆଶ୍ରୟ ନିଏ । ଏହାର ଫଳରେ ଆତ୍ମାର ପ୍ରବୃତ୍ତିମାର୍ଗୀୟ ଯାତ୍ରା ଆରମ୍ଭ ହୁଏ । ପୁରୁଷ ଶତଶତ ଜନ୍ମ-ମରଣର ଅଗଣିତ ସୁଖ-ଦୁଃଖରେ କ୍ଳାନ୍ତ ହୋଇ ଶେଷରେ ନିବୃତ୍ତିମାର୍ଗ ଧରେ; ପ୍ରକୃତିର ପାଶରୁ ନିଜକୁ 'ମୁକ୍ତି' ଆଶାରେ ।

Digitized by srujanika@gmail.com

ପ୍ରକୃତିଠାରୁ ବିଚ୍ଛିନ୍ନ କରାଇ ପୁରୁଷ (ଆତ୍ମା)କୁ ମୁକ୍ତ କରେଇନେବା ଲକ୍ଷ୍ୟରେ ଏକ ଶାରୀରିକ-ମାନସିକ ସାଧନାରୂପେ ପାତଞ୍ଜଳିଙ୍କ ଯୋଗଦର୍ଶନ ମଧ୍ୟ ଦେଖାଦେଲା ।

କିନ୍ତୁ ଭାରତୀୟ ଜନଚେତନା ବହୁକାଳ ଏକ ନିରାକାର, ଅଦୃଶ୍ୟ ବ୍ରହ୍ମ ବା ସାଂଖ୍ୟର ତତ୍ତ୍ୱାଲୋଚନା ବା ପାତଞ୍ଜଳିଙ୍କ ଯୋଗାଭ୍ୟାସରେ ସନ୍ତୁଷ୍ଟ ରହି ପାରିଲାନି । ସେ ପୁଣି ଋଗ୍‌ବେଦର ସେହି ମନୁଷ୍ୟାକାର ଓ ମନୁଷ୍ୟ-ସୁଖ-ଦୁଃଖ-ବୁଝୁଥିବା ଦେବତାକୁ (ପୁରୁଷକୁ) ଖୋଜି ବସିଲା ।

ସମଗ୍ର ଦେଶ ସେତେବେଳକୁ ପୁଣି ମହାଯାନୀ ବୌଦ୍ଧମାନଙ୍କ ବୁଦ୍ଧ, ଜୈନମାନଙ୍କର ତୀର୍ଥଙ୍କର ଓ ଶୈବମାନଙ୍କ ଶିବ-ପୂଜାରେ ହିଁ ଧ୍ୱନବାନ୍ । ଖାଣ୍ଟି ବ୍ରାହ୍ମଣ୍ୟ-ବୈଦିକ ଧର୍ମ ସେତେବେଳକୁ ଦେଶରୁ ଲୁପ୍ତ କହିଲେ ଚଳେ । ଏହି ସମୟରେ ଏକ ପକ୍ଷରେ ସାଂଖ୍ୟ-ବୌଦ୍ଧ-ଜୈନ-ଚାର୍ବାକବାଦୀମାନଙ୍କର ନିରୀଶ୍ୱରତା ଏବଂ ଅନ୍ୟପକ୍ଷରେ ମହାଯାନୀମାନଙ୍କର ବ୍ୟକ୍ତିତ୍ୱ-ସମ୍ପନ୍ନ, ଅନୁଗ୍ରହ-ବିତରକ ଅବ୍ରାହ୍ମଣ୍ୟ ବୁଦ୍ଧ-ଅର୍ଚ୍ଚନାରୁ ଦେଶକୁ ମୁକ୍ତକରି ବୈଦିକ ମହିମା ଓ ଐଶ୍ୱରିକତାକୁ ପୁନଃ ପ୍ରତିଷ୍ଠା କଲା,—ବେଦାନ୍ତ ଦର୍ଶନ ।

ବେଦାନ୍ତ, ଉପନିଷଦର 'ବ୍ରହ୍ମ'କୁ ହିଁ ବିଶ୍ୱ-ଚେତନାରୂପେ ଗ୍ରହଣ କରିନେଲା ; କିନ୍ତୁ ତାଙ୍କୁ ଠିଆକରାଇଲା ଉଭୟ ସଗୁଣ ଓ ନିର୍ଗୁଣ କରି । ସେ ଅବ୍ୟକ୍ତ ପୁଣି ବ୍ୟକ୍ତ । ବେଦାନ୍ତ, ସାଂଖ୍ୟର ପ୍ରକୃତି-ପୁରୁଷ ଓ ଅନ୍ୟାନ୍ୟ ତତ୍ତ୍ୱକୁ ମଧ୍ୟ ଗ୍ରହଣ କରନେଲା । କିନ୍ତୁ ଉପସ୍ଥାପିତ କଲା ଯେ, ପ୍ରକୃତି ଓ ପୁରୁଷ ମଧ୍ୟ ସେହି 'ବ୍ରହ୍ମ'ରୁ ହିଁ ଉତ୍ପନ୍ନ । ବ୍ରହ୍ମୋପଲବ୍ଧିର ଉପାୟରୂପେ ବେଦାନ୍ତ ପାତଞ୍ଜଳ 'ଯୋଗ'କୁ ବି ଗ୍ରହଣ କରନେଲା ଏବଂ ସର୍ବୋପରି ବେଦାନ୍ତ ଏହି ଦୁଃଖମୟ ସଂସାରକୁ ବ୍ୟାଖ୍ୟା କରିବାପାଇଁ ଏକ 'ମାୟା'ବାଦ ମଧ୍ୟ ଠିଆକଲା ।

ଗୀତା, ମୁଖ୍ୟତଃ ଏହି ବେଦାନ୍ତ-ଦର୍ଶନରହିଁ ଜନପ୍ରିୟ ପ୍ରଚାର ଗ୍ରନ୍ଥ ଏବଂ ଏହି ପ୍ରଚାରକୁ ଲୋକ ଚିତ୍ତରେ ବିଶେଷ ଫଳବାନ୍ କରିବା ଲକ୍ଷ୍ୟରେ ହିଁ, ଗୀତା, ବେଦାନ୍ତ ଦର୍ଶନ ଭିତରେ ବେଦ-ବେଳର ମନୁଷ୍ୟ-ବ୍ୟବହାରଶୀଳ, ମନୁଷ୍ୟର-ସୁଖ-ଦୁଃଖ-ବୁଝୁଥିବା ଏକ ବ୍ୟକ୍ତିତ୍ୱସମ୍ପନ୍ନ ଈଶ୍ୱରଙ୍କୁ ପୁଣି ଟାଣି ଆଣିଛି—ହୁଏତ ଭାରତରେ ମହାଯାନୀ ବୌଦ୍ଧମାନଙ୍କର ବ୍ୟାପକ ବୁଦ୍ଧ-ପୂଜାକୁ ବ୍ୟାହତ କରିବାପାଇଁ ; କିନ୍ତୁ ପ୍ରଶ୍ନ ଏହି ଯେ, 'ଶ୍ରୀକୃଷ୍ଣ' ନାମକ ବ୍ୟକ୍ତି ହିଁ ଗୀତାର ସେହି ଈଶ୍ୱର ହେଲେ କପରି ?

ଇନ୍ଦ୍ର ଅଗ୍ନି ଆଦି ବୈଦିକ ଦେବତା ଏକେ ଏକେ ଆସ୍ତେ ଆସ୍ତେ ଋଗ୍‌ବେଦୀୟ ଲୋକ ଚେତନାରୁ ବିଦାୟ ନେଲାପରେ, ଶେଷକୁ ରହିଥିଲେ କେବଳ ମିତ୍ର ଓ ବରୁଣ ଦୁହେଁ ନୀଳ ଆକାଶର ଦେବତା । ସେମାନେ 'ମିତ୍ରାବରୁଣ'

Digitized by srujanika@gmail.com

ଭବରେ ଯୁକ୍ତ ହୋଇ ମଧ୍ୟ କେତେକାଳ ଉପାସିତ ହେଲେ । ଶେଷରେ ବରୁଣ ବି ଅପସୃତ ହୋଇଗଲେ ଏବଂ ରହିଗଲେ କେବଳ ମିତ୍ର ବା ସୂର୍ଯ୍ୟ— ବେଦରୁ ଅ.ଦ୍ୟ ଯୁଗର ମୂଳ ଦେବତା, ଆଦିତ୍ୟ (ସୂର୍ଯ୍ୟ)ଙ୍କର ଅନ୍ୟତମ ନାମରେ ।

ମିତ୍ରବାଦ ବା ସୂର୍ଯ୍ୟୋପାସନା ପୃଥିବୀର ବହୁ ଦେଶରେ ବହୁ ଶତାବ୍ଦୀ ଧରି ପ୍ରଚଳିତ ଥିଲା । ପାର୍ସୀ ମାନେ ଏବେ ବି ସୂର୍ଯ୍ୟୋପାସକ । ଆମ କୋଣାର୍କରେ ତ ସୂର୍ଯ୍ୟନାରାୟଣଙ୍କ ମହାକୀର୍ତ୍ତି ଦଣ୍ଡାୟମାନ । ପୁଣି ଗାୟତ୍ରୀ ମନ୍ତ୍ରରେ ଏବେ ବି ଭାରତବର୍ଷରେ କୋଟି କୋଟି କଣ୍ଠରୁ ସେହି ସୂର୍ଯ୍ୟ ବା 'ସବିତାଙ୍କର ବନ୍ଦନା' ପ୍ରତ୍ୟହ ଆକାଶକୁ ଉଠୁଛି । ଶ୍ରୀରାଧା, ଶ୍ରୀକୃଷ୍ଣଙ୍କୁ ପାଇବାପାଇଁ 'ମିତ୍ର' ପୂଜି ଯାଇଥିଲେ । ଶ୍ରୀକୃଷ୍ଣ ନିଜେ କହୁଛନ୍ତି —"ମିତ୍ର ପୂଜି ଯାଇଥିଲା ଗଲା କି ପାଶୋରି ?"—(ବିଦଗ୍ଧ ଚିନ୍ତାମଣି) କାରଣ ସେତେବେଳେ ଶ୍ରୀକୃଷ୍ଣ ବୋଲି କୌଣସି ଦେବତାହିଁ ଏ ଦେଶରେ ନ ଥିଲେ । ଯଦିବା ଗୀତାର ପଂଚମ ଅଧ୍ୟାୟ ଶେଷରେ ବକ୍ତା ଶ୍ରୀକୃଷ୍ଣ ନିଜକୁ "ଭୋକ୍ତାରଂ ଯଜ୍ଞ ତପସାଂ" ବୋଲି ବର୍ଣ୍ଣନା କରି-ଛନ୍ତି ବେଦରେ କିନ୍ତୁ ଇନ୍ଦ୍ର, ଅଗ୍ନି, ବରୁଣ ପ୍ରଭୃତି ଦେବତାଂକ ପରି 'ଶ୍ରୀକୃଷ୍ଣ' ବୋଲି କୌଣସି ଦେବତାର କୁତ୍ରାପି ଉଲ୍ଲେଖହିଁ ନାହିଁ । ଶ୍ରୀକୃଷ୍ଣଙ୍କପାଇଁ କୌଣସି ଯଜ୍ଞ ହେଉଥିବାର ମଧ୍ୟ ଶୁଣା ନାହିଁ ; ଅଥଚ ଅନ୍ୟ ପକ୍ଷରେ ଗୀତାରେ ଶ୍ରୀକୃଷ୍ଣ ବୈଦିକ ଯଜ୍ଞ (କର୍ମକାଣ୍ଡ)କୁ ସକାମ ଥିବା ହେତୁ ସର୍ବଥା ପରିତ୍ୟାଜ୍ୟ ବୋଲି ପ୍ରଚ୍ଛର କରିଛନ୍ତି ଗୀତାର ଆରମ୍ଭରୁହିଁ । ତେଣୁ, ଶ୍ରୀକୃଷ୍ଣଙ୍କ ସହିତ ବେଦର ଶେଷତମ ଦେବତା, ନୀଳାକାଶର ଦେବତା ମିତ୍ରାବରୁଣଙ୍କ ସଂପର୍କ ହିଁ ଏହି ପ୍ରହେଳିକାର ସମାଧାନ ଦେଇପାରେ ବୋଲି ମନେହୁଏ ।

ବେଦରେ ସୂର୍ଯ୍ୟ ବା ଆଦିତ୍ୟଙ୍କର ଏକ ନାମ ମଧ୍ୟ ଥିଲା ବିଷ୍ଣୁ । ପରେ ଏହି 'ବିଷ୍ଣୁ'ହିଁ ଅନ୍ୟ ସବୁ ବୈଦିକ ଦେବତାଙ୍କୁ ଭାରତୀୟ ଲୋକଚେତନାରୁ ତଡ଼ ଦେଇ, ସେଠି ଅଖଣ୍ଡ ଆଧିପତ୍ୟ ବିସ୍ତାର କଲେ; କିନ୍ତୁ ବିଷ୍ଣୁ ଯେ ବସ୍ତୁତଃ ସୂର୍ଯ୍ୟ ଏ ସତ୍ୟଟି ଆମେ ସାଧାରଣତଃ ଭୁଲିଯାଉ । ଗୀତାରେ ବକ୍ତା ଶ୍ରୀକୃଷ୍ଣ ନିଜକୁ ଓ ଗୀତାକୁ ଏହି ସୂର୍ଯ୍ୟ ସହିତ ଘନିଷ୍ଠ ଭାବରେ ସମ୍ବନ୍ଧ କରିଛନ୍ତି । ଚତୁର୍ଥ ଅଧ୍ୟାୟର ଆରମ୍ଭରେ କୁହାଯାଇଛି—'ମୁଁ ଏହା ବିବସ୍ୱାନ ବା ସୂର୍ଯ୍ୟଙ୍କୁ କହିଥିଲି ।' ପୁଣି ଦଶମ ଅଧ୍ୟାୟରେ କୁହାଯାଇଛି—'ଆଦିତ୍ୟାନାମହଂ ବିଷ୍ଣୁଃ' ଓ 'ଜ୍ୟୋତିଷାଂ ରବିରଂଶୁମାନ୍ ।' ତେଣୁ ପାଠକେ ଦେଖିବେ ଯେ, ବେଦରେ ଯେ ଆଦିତ୍ୟ, ସେହି ହିଁ ସବିତା, ସେହିହିଁ ସୂର୍ଯ୍ୟ, ସେହି ପୁଣି ମିତ୍ର ବା ମିତ୍ରାବରୁଣ । ପୁଣି ସେହି ମଧ୍ୟ ବିଷ୍ଣୁ । ଯେହେତୁ ମିତ୍ର ଓ ବରୁଣ ବା କେବଳ ମିତ୍ର (ସୂର୍ଯ୍ୟ ବା ବିଷ୍ଣୁ) ଥିଲେ ବେଦର 'ନୀଳାକାଶର ଦେବତା, ଖୁବ୍ ସମ୍ଭବତଃ ଏହି ହେତୁରୁହିଁ

Digitized by srujanika@gmail.com

ବିଷ୍ଣୁ (ସୂର୍ଯ୍ୟ ବା ମିତ୍ର)ଙ୍କର ଅବତାର ଶ୍ରୀରାମ ଓ ଶ୍ରୀକୃଷ୍ଣ ଆର୍ଯ୍ୟଦେବତା ହୋଇ-ମଧ୍ୟ ନୀଳକୃଷ୍ଣ ହୋଇ କଳ୍ପିତ ହୋଇଛନ୍ତି । ଅର୍ଥାତ, ଏମାନେ ବେଦର ସେହି ନୀଳାକାଶର ଦେବତା ମିତ୍ରାବରୁଣ ବା ମିତ୍ର ବା ସୂର୍ଯ୍ୟ ବା ବିଷ୍ଣୁ ପରେ ପୌରାଣିକ ଯୁଗରେ ଭାରତୀୟ କଳ୍ପନା ତାଙ୍କୁ ଶରୀରବାନ କରି ପକାଇଛି ନୀଳବର୍ଣ୍ଣ ବିଷ୍ଣୁ ଅବତାର ଶ୍ରୀକୃଷ୍ଣ ଓ ଶ୍ରୀରାମ ଭାବରେ ।

ଗୀତାରେ ଶ୍ରୀକୃଷ୍ଣ ନିଜକୁ ଶିବଙ୍କ ସାଥିରେ ମଧ୍ୟ ଯୋଡ଼ି ଦେଇଛନ୍ତି— 'ରୁଦ୍ରାଣାଂ ଶଙ୍କରଶ୍ଚାସ୍ମି' । ବିଶ୍ୱରୂପ ବେଳେ ଆମେ 'କମଳାସନସ୍ଥ ବ୍ରହ୍ମା'ଙ୍କୁ ମଧ୍ୟ ଗୀତାରେ ଭେଟୁ ।

ତେଣୁ ବେଦ, ଉପନିଷଦ, ସାଂଖ୍ୟ, ଯୋଗ, ବେଦାନ୍ତ, ପୁରାଣ····ଏ ସବୁକୁ ଏକୀଭୂତ କରି ଏକ ଉଦାର ପ୍ରତୀକ ଭାବରେ ଦଣ୍ଡାୟମାନ ଗୀତା ଓ ଶ୍ରୀକୃଷ୍ଣ । ଗୀତାର ବକ୍ତା ଶ୍ରୀକୃଷ୍ଣ, ବେଦର ସହସ୍ର ଶୀର୍ଷ ପୁରୁଷ । ସାଂଖ୍ୟର ଅଗଣିତ ପୁରୁଷ (ଆତ୍ମା)ମାନଙ୍କ ମଧ୍ୟରେ ସେ 'ପୁରୁଷୋତ୍ତମ', ସେ ମଧ୍ୟ ସାଂଖ୍ୟର ଅବ୍ୟକ୍ତ, ବେଦାନ୍ତର ନିର୍ଗୁଣ ଓ ସଗୁଣ ବ୍ରହ୍ମ ଓ ବୈଦାନ୍ତିକ 'ମାୟା'ର ଅଧୀଶ । ସେ କ୍ଷର, ସେ ଅକ୍ଷର, ସେ ପୁଣି କ୍ଷରାକ୍ଷରର ଊର୍ଦ୍ଧ୍ୱରେ ଅବସ୍ଥିତ । ଗୀତାରେ ଆମେ ଏହି ସମସ୍ତ ପ୍ରକାରର ଭାରତୀୟ କଳ୍ପନାକୁ ଭେଟିବା ଏବଂ ଗୀତାର ଜନପ୍ରିୟତା ଏହିଠାରେ । ଏହା ଏକ ଅସାଧାରଣ କମ୍ପ୍ରମାଇଜ ବା ଆପୋଷ ମିଳାମିଶା ।

କିନ୍ତୁ ପାଠକେ ଯଜୁର୍ବେଦୀୟ ଋଷିଙ୍କର ସେହି ମହତ ବାଣୀ ସ୍ମରଣ କରନ୍ତୁ—

"ବେଦାହମେତଂ ପୁରୁଷଂ ମହାନ୍ତଂ" ।

ଈଶ୍ୱର, ବାହାରେ ବିରାଟ, ସର୍ବବ୍ୟାପୀ, ଅକ୍ଷୟ ବା ଅବ୍ୟୟ ଇତ୍ୟାଦି ଯାହା କିଛି ହୁଅନ୍ତୁ ତାଙ୍କୁ ଦେଖିବା ଓ ପାଇବାର ଏକମାତ୍ର ତାତ୍ପର୍ଯ୍ୟ ତାଙ୍କୁ ନିଜ ଅନ୍ତରରେ ଅନୁଭବ କରିବା ଛଡ଼ା ଆଉକିଛି ନୁହେଁ । ସମଗ୍ର ଉପନିଷଦ ଏହା ହିଁ ପ୍ରଚାର କରୁଛି ଏବଂ ସେୟା ମଧ୍ୟ ପ୍ରଚାର କରୁଛି ଗୀତା । ଗୀତାରେ, ଈଶ୍ୱର ବାହାରେ ବ୍ୟକ୍ତିତ୍ୱବାନ ଶ୍ରୀକୃଷ୍ଣରୂପେ ଦଣ୍ଡାୟମାନ ଥିଲେ ମଧ୍ୟ ଗୀତା ବାରମ୍ବାର ପ୍ରଚାର କରିଛନ୍ତି ଯେ, ସେହି ହିଁ ପ୍ରକୃତ ଯୋଗୀ, ପ୍ରକୃତ ଭକ୍ତ ଓ ପ୍ରକୃତ ଜ୍ଞାନୀ, ଯେ 'ମତେ' ଅର୍ଥାତ୍ ଈଶ୍ୱରଙ୍କୁ ସବୁଠି ଓ ସମସ୍ତଙ୍କ ଭିତରେ ଦେଖେ ବା ମୋ'ଠି (ଈଶ୍ୱରଙ୍କଠାରେ) ସମସ୍ତଙ୍କୁ ଦେଖେ । ଅର୍ଥାତ ଈଶ୍ୱର ଏକ ଉଦାର, ଗଭୀର ଅନୁଭବ ମାତ୍ର । ବିଶ୍ୱ ସହିତ ନିଜକୁ ସମ୍ପୂର୍ଣ୍ଣ ଏକୀଭୂତ କରିଦେବାର ଅନୁଭବ, ଯାହାର ଅସାଧାରଣ ପ୍ରକାଶ

Digitized by srujanika@gmail.com

ଆମେ ଭେଟୁ ବୁଦ୍ଧ, ଖ୍ରୀଷ୍ଟ, ରାମକୃଷ୍ଣ ଓ ଗାନ୍ଧି ପ୍ରଭୃତି ଲୋକୋତ୍ତର ମାନବ ମାନଙ୍କର ବ୍ୟକ୍ତିତ୍ୱ ଭିତରେ । ଗୀତାର ପ୍ରଥମ ଛ' ଅଧ୍ୟାୟରେ ଆମେ ଏହି ଉଦାରଭାବକୁ ବାରମ୍ବାର ଭେଟିଛୁ ଏବଂ ପରେ ମଧ୍ୟ ବହୁ ସ୍ଥାନରେ ଠିକ୍ ଏହି କଥାହିଁ କୁହାଯାଇଥିବାର ଆମେ ଦେଖିବା । ଅର୍ଥାତ, ପାଠକେ ଗୀତାର ସବୁ ଆପାତ ଜଟିଳତା ଭୁଲିଯାଇ କେବଳ ମନେରଖନ୍ତୁ ଯେ, ଗୀତାର ଈଶ୍ୱର ହେଉଛନ୍ତି ଏକ ପରମ ପ୍ରେମମୟ ବିଜ୍ଞାନୁଭୂତ ମାତ୍ର । ବାକିସବୁ କେବଳ ପ୍ରାସଂଗିକତା ।

ଏହି ଈଶ୍ୱରାନୁଭୂତି କ'ଣ, ତାହାର ଏ ପ୍ରକାର ତାତ୍ତ୍ୱିକ ବ୍ୟାଖ୍ୟା ସାଥେ ସାଥେ, ପାଠକ-ପାଠିକା ଘନିଷ୍ଠତର ପରିଚୟ ପାଇବେ—ଶ୍ରୀରାମକୃଷ୍ଣ, ରମଣ ମହର୍ଷି, ସ୍ୱାମୀ ରାମଦାସ (ଉତ୍ତର କେରଳ, ଆନନ୍ଦ କୁଟୀର) ଓ ସେଣ୍ଟ ଫ୍ରାନ୍ସିସ ଅବ୍ଆସିସି ପ୍ରଭୃତି ପ୍ରକୃତ ଈଶ୍ୱରାନୁଭବୀମାନଙ୍କର ଜୀବନ ଚରିତ ଆଲୋଚନା କରି । ଏଣିକି ଏଣିକି ଆମେ ଗୀତା ପ୍ରବଚନର ପରିପୂରକ ଭାବରେ, ତେଣୁ ସ୍ଥାନେ ସ୍ଥାନେ ରାମକୃଷ୍ଣ-କଥା ସୂତ୍ରରୁ କିଛି ଉଦ୍ଧାର କରିବୁ । ଏଠାରେ ବିଶୁଦ୍ଧ ଈଶ୍ୱରାନୁଭବର ଜୀବନ୍ତ ଦୃଷ୍ଟାନ୍ତ, ଗୀତାର ସମଦର୍ଶନ'ବା ବିଶ୍ୱ-ସହିତ-ଏକୀଭବନ ଚେତନାକୁ କିପରି ପରିପୋଷଣ କରେ, ତାହା ପ୍ରମାଣିତ କରିବା ଲକ୍ଷ୍ୟରେ ସ୍ୱାମୀ ରାମଦାସଙ୍କର ନିଜ ଅନୁଭବ ହିଁ ପାଠକ-ପାଠିକାଙ୍କ ଆଗରେ ପରିବେଷଣ କରି ଅଧ୍ୟାୟ ଆଲୋଚନା କରି ବସିବୁ ।

'ଦିନେ ରାମ ଦାସ ବନେ ବନେ ବୁଲୁଥିଲା; କିନ୍ତୁ କୌଣସିଠାରେ କୌଣସି ହିଂସ୍ର ବନ୍ୟ ଜନ୍ତୁ ତାକୁ ଆକ୍ରମଣ କରିବାକୁ ଆସିନାହିଁ । ସାପ ସବୁ ତା ପାଖକୁ ଆସିଛନ୍ତି; କିନ୍ତୁ ତାର କୌଣସି ଅନିଷ୍ଟ ନ କରି ତା ପାଖରୁ ଚାଲିଯାଇଛନ୍ତି । ଯେହେତୁ ରାମ ଦାସ ସବୁଠାରେ କେବଳ ଈଶ୍ୱରଙ୍କୁ ଦେଖୁଥିଲା, ଯେଉଁ ସବୁ ବନ୍ୟ ଜନ୍ତୁ ମଧ୍ୟ ତା ପାଖକୁ ଆସୁଥିଲେ ସେମାନେ, ନିରୀହ ପୋଷା ଜୀବପରି ବ୍ୟବହାର କରି ଚାଲିଯାଉଥିଲେ ।

ବର୍ତ୍ତମାନ ଅଧ୍ୟାୟ-ଆଲୋଚନା ଆରମ୍ଭ କରିବା—

ଶ୍ରୀ ଭଗବାନୁବାଚ ।

(୧)

ମୟ୍ୟାସକ୍ତ ମନାଃ ପାର୍ଥ, ଯୋଗଂ ଯୁଂଜନ୍ ମଦାଶ୍ରୟଃ
ଅସଂଶୟଂ ସମଗ୍ରଂ ମାଃ ଯଥା ଜ୍ଞାସ୍ୟସି ତଚ୍ଛୃଣୁ । ୧ ।

ଶ୍ରୀ ଭଗବାନ ଉବାଚ (ଭଗବାନ ଶ୍ରୀକୃଷ୍ଣ କହିଲେ) । ପାର୍ଥ (ହେ ଅର୍ଜୁନ), ମୟି (ମୋଠାରେ, ଈଶ୍ୱରଙ୍କଠାରେ) ଆସକ୍ତମନାଃ (ଏକାନ୍ତ ଅନୁରକ୍ତ ହୋଇ)

Digitized by srujanika@gmail.com

ମହାଶୟଃ (ମତେ ବା ଈଶ୍ୱରଙ୍କୁ କେବଳ ଏକମାତ୍ର ଆଶ୍ରୟ ବୋଲି ମନେକରି) ଯୋଗଂ ଯୁଂଜନ୍ (ଏବଂ ସେହି ଅନୁରୂପ) (କର୍ମଯୋଗର ଅଭ୍ୟାସ କରି) ଯଥା (ଯେପରି) ମାଂ ସମଗ୍ରଂ (ମତେ ବା ଈଶ୍ୱରଙ୍କୁ ସମ୍ପୂର୍ଣ୍ଣ ଭବରେ) ଜ୍ଞାସ୍ୟସି (ଜାଣିବ) ତତ୍ଶୃଣୁ (ତାହା ଶୁଣ) ।

ଅନୁବାଦ

ଶ୍ରୀ ଭଗବାନ୍ କହିଲେ, ହେ ଅର୍ଜୁନ, ମୋଠାରେ (ଈଶ୍ୱରଙ୍କଠାରେ) ପରିପୂର୍ଣ୍ଣ ଅନୁରକ୍ତ ଓ ସର୍ବଥା ଆଶ୍ରିତ ରହି ଯୋଗାଭ୍ୟାସ କଲେହିଁ ଶେଷରେ ମତେ (ଈଶ୍ୱରଙ୍କୁ) ଯେପର ସମଗ୍ର ଭବରେ ଜାଣିପାରିବ, ବର୍ତ୍ତମାନ ତାହାହିଁ ଶୁଣ ।

(୨)

ଜ୍ଞାନଂ ତେଽହଂ ସବିଜ୍ଞାନମିଦଂ ବକ୍ଷ୍ୟାମ୍ୟଶେଷତଃ
ଯଜ୍‌ଜ୍ଞାତ୍ୱା ନେହ ଭୂୟୋଽନ୍ୟତ୍ ଜ୍ଞାତବ୍ୟମବଶିଷ୍ୟତେ । ୨ ।

ଅହଂ (ମୁଁ) ତେ (ତୁମକୁ) ସବଜ୍ଞାନଂ ଇଦଂ ଜ୍ଞାନଂ (ବିଜ୍ଞାନ ସହିତ ଏହି ଜ୍ଞାନ) ଅଶେଷତଃ (ସଂପୂର୍ଣ୍ଣରୂପେ) ବକ୍ଷ୍ୟାମି (କହିବି) । ଯତ୍ ଜ୍ଞାତ୍ୱା (ଯାହା ଜାଣିଲେ) ଇହ (ଏ ସଂସାରରେ) ଭୂୟଃ (ପୁଣି) ଜ୍ଞାତବ୍ୟଂ (ଜାଣିବାର କଥା) ନ ଅବଶିଷ୍ୟତେ (ବାକି କିଛି ନ ଥିବ) ।

ଅନୁବାଦ

ମୁଁ ତୁମକୁ ସଂପୂର୍ଣ୍ଣ ଭବରେ 'ଜ୍ଞାନ'ର କଥା ଓ 'ବିଜ୍ଞାନ'ର କଥା ମଧ୍ୟ କହିବି ଯାହା ଜାଣିଲା ପରେ ତୁମର ଆଉ ଅନ୍ୟ ଜ୍ଞାତବ୍ୟ କିଛି ରହିବ ନାହିଁ ।

ବଶେଷ ଭାଷ୍ୟ

ଜ୍ଞାନବଜ୍ଞାନ ଓ ସମଗ୍ର—ଛାନ୍ଦଗ୍ୟୋପନଷଦରେ ଶ୍ୱେତକେତୁ—ଆରୁଣି ଉପାଖ୍ୟାନ ଦେଇ ସେହି "ଯାହା ଜାଣିଲେ ସବୁ ଜାଣିହେବ" ର ଗବେଷଣା ସ୍ମରଣ କରନ୍ତୁ । ଏହା ଭରତୀୟ ମନୀଷାର ଏକ ବିଶିଷ୍ଟ ଲକ୍ଷଣ । ଭରତୀୟ ମନୀଷା ଏ ସୃଷ୍ଟିର ଅଗଣିତ 'ବଶେଷ' ପ୍ରତି ଦୃଷ୍ଟି ନ ଦେଇ ଧ୍ୟାନ ଦେଇଥିଲା ଏ ସବୁର ନମ୍ନରେ ବା ଊର୍ଦ୍ଧ୍ୱରେ ଥିବା 'ବଶେଷାତୀତ' ପ୍ରତି । ଏଠିବି ଠିକ୍ ସେହି ଭବ,—'ଯାହା ଜାଣିଲା ପରେ ଆଉ ଜାଣିବାର ବାକି କିଛି ନ ଥିବ ।'

'ଜ୍ଞାନ' ହେଲା—ମନ, ବୁଦ୍ଧି, ଇନ୍ଦ୍ରିୟମାନଙ୍କଦ୍ୱାରା ଆହରିତ ଦୃଷ୍ଟ ଜଗତର ଭିନ୍ନଭିନ୍ନ ବସ୍ତୁର ଜ୍ଞାନ, ପରୋକ୍ଷ ଜ୍ଞାନ ; କିନ୍ତୁ 'ବିଜ୍ଞାନ' ହେଲା ଆଧ୍ୟାତ୍ମିକ ଜ୍ଞାନ,

Digitized by srujanika@gmail.com

ଆତ୍ମାନୁଭବ, ସତ୍ୟ ଓ ତତ୍ତ୍ୱର ପ୍ରତ୍ୟକ୍ଷ ଜ୍ଞାନ । ମୁଣ୍ଡକୋପନିଷଦରେ (୧।୧।୬)ଏହା ସ୍ପଷ୍ଟ ସୂଚିତ ହୋଇଛି—'ପର' ଓ 'ଅପର' ବିଦ୍ୟା ନାମରେ । ସେଠାରେ ସବୁ ବେଦକୁ ମଧ୍ୟ ଅ-ପର (ନିକୃଷ୍ଟ) ବିଦ୍ୟା ଭିତରେ ଗଣାଯାଇଛି । କୁହାଯାଇଛି ଯେ,"ଋଗ୍‌ବେଦ, ଯଜୁର୍ବେଦ, ଅଥର୍ବ ବେଦ, ଶିକ୍ଷାକଳ୍ପ, ବ୍ୟାକରଣ, ନିରୁକ୍ତ, ଛନ୍ଦ, ଜ୍ୟୋତିଷ—ଏସବୁ ଅପର ବିଦ୍ୟା । ପର (ଶ୍ରେଷ୍ଠ) ବିଦ୍ୟା ସେହି ଯାହାଦ୍ୱାରା 'ଅକ୍ଷର' ଅର୍ଥାତ୍ ବ୍ରହ୍ମ ଜ୍ଞାତ ହୋଇ ପାରନ୍ତି" । ଅର୍ଥାତ ଛାନ୍ଦୋଗ୍ୟ ଉପନିଷଦର ସେହି ଜିଜ୍ଞାସା—"ଯାହାକୁ ଜାଣିଲେ ବାକି ସବୁକୁ ଜାଣିହେବ (ସମଗ୍ରଂ) ।

(୩)

ମନୁଷ୍ୟାଣାଂ ସହସ୍ରେଷୁ କଶ୍ଚିଦ୍ ଯତତି ସିଦ୍ଧୟେ
ଯତତାମପି ସିଦ୍ଧାନାଂ କଶ୍ଚିନ୍ମାଂ ବେତ୍ତି ତତ୍ତ୍ୱତଃ ।୩।

ମନୁଷ୍ୟାଣାଂ ସହସ୍ରେଷୁ (ହଜାର ହଜାର ଲୋକଙ୍କ ଭିତରେ) କଶ୍ଚିତ (କେହିବା ଜଣେ) ସିଦ୍ଧୟେ (ସିଦ୍ଧି ଅର୍ଥାତ୍ ମୁକ୍ତିପାଇଁ) ଯତତି (ଯତ୍ନ କରିଥାନ୍ତି) । ଯତତାଂ ଅପି ସିଦ୍ଧାନାଂ (ଯତ୍ନ କରୁଥିବା ସେହି ଜ୍ଞାନ ସିଦ୍ଧ ସାଧକମାନଙ୍କ ଭିତରେ) କିଶ୍ଚିତ୍ (କେହି ବା ଜଣେ) ମାଂ (ମତେ, ଈଶ୍ୱରଙ୍କୁ) ତତ୍ତ୍ୱତଃ (ସ୍ୱରୂପତଃ) ବେତ୍ତି (ଜାଣନ୍ତି) ।

ଅନୁବାଦ—

କିନ୍ତୁ ମନେରଖିବ ଯେ, ପାର୍ଥିବ ଜୀବନରେ ଏହି ଜ୍ଞାନ ଓ ବିଜ୍ଞାନ ଦେଇ ସିଦ୍ଧି ବା ପୂର୍ଣ୍ଣତା ଲାଭ କରିବାପାଇଁ ହଜାରରେ ଜଣେ ହେଲେ କିଏ ଚେଷ୍ଟା କରୁଥିବ କି ନାହିଁ । ପୁଣି ସେହି ପ୍ରଚେଷ୍ଟା ମାନ ଜ୍ଞାନସିଦ୍ଧ ସାଧକମାନଙ୍କ ମଧ୍ୟରୁ ମୋ (ଈଶ୍ୱର)-ତତ୍ତ୍ୱ କ୍ୱଚିତ୍ କେହି ସତ୍ୟରେ ଜାଣି ପାରିଥାନ୍ତି ।

ବିଶେଷ ଭାଷ୍ୟ

ଆଧ୍ୟାତ୍ମିକ ଉତ୍ସାହହିଁ ଉନ୍ନତ ଜୀବନର ପରିଚାୟକ । ପୃଥିବୀରେ କୋଟି କୋଟି ଲୋକ ଅଛନ୍ତି ଯେଉଁମାନେ ଇହ-ଜୀବନର କାଦୁଅ ପଙ୍କରେହିଁ ବେଶ୍ ସନ୍ତୁଷ୍ଟ । ଗୀତାର ଷୋଡଶ ଅଧ୍ୟାୟରେ ପାଠକେ ଏମାନଙ୍କର ସୁନ୍ଦର ବର୍ଣ୍ଣନା ପାଇବେ । ଏଠାରେ ଏଇମାନଙ୍କୁ ଲକ୍ଷ୍ୟ କରିହିଁ କୁହାଯାଇଛି—କଶ୍ଚିତ୍ ଯତତ ସିଦ୍ଧୟେ । 'ସିଦ୍ଧି'ର ମୁଖ୍ୟ ତାତ୍ପର୍ଯ୍ୟ ହେଲା 'ପୂର୍ଣ୍ଣତା । ବସ୍ତୁତଃ ଆମର ସୁପରିଚିତ, ତଥାକଥିତ 'ମୁକ୍ତି' ଶବ୍ଦଟିର ତାତ୍ପର୍ଯ୍ୟ ବା କଣ ? ଆମେ ଦୁଃଖ ଭୋଗୁଛୁ, କାରଣ ଆମେ ଅପୂର୍ଣ୍ଣ କେବଳ 'ଅଂଶ' ମାତ୍ର । ଯାହା 'ପୂର୍ଣ୍ଣ' ବା ଆତ୍ମସଂପୂର୍ଣ୍ଣ

Digitized by srujanika@gmail.com

ତାହାହିଁ କେବଳ ଆମକୁ ବିଶୁଦ୍ଧ ଆନନ୍ଦ ଦେଇପାରେ । ମନୁଷ୍ୟର ଈଶ୍ୱର-ଜିଜ୍ଞାସା ବା ଈଶ୍ୱର-ପ୍ରାପ୍ତି-ପ୍ରଚେଷ୍ଟା ମୋଟ ଉପରେ 'ଅଂଶ' ର 'ପୂର୍ଣ୍ଣ' ହେବାକୁ ଚାହିଁବା ଛଡ଼ା ଅନ୍ୟ କିଛି ନୁହେଁ । ପୂର୍ଣ୍ଣକୁ ନ ପାଇଲା ଯାଏ ବା ପୂର୍ଣ୍ଣ ନ ହେଲାଯାଏ ଯେ ପର୍ଯ୍ୟନ୍ତ ଆମେ ଆଂଶିକ ହିଁ ରହିଛୁ ସେତେଦିନ ପର୍ଯ୍ୟନ୍ତ ଆମର ଜୀବନରେ ଶାନ୍ତି ନାହିଁ ବା ଆମ ଦୁଃଖ ଜଞ୍ଜାଳର ଶେଷ ନାହିଁ ।

ପୁଣି ଈଶ୍ୱରକେନ୍ଦ୍ରିକତା ନ ହେଉ ପଛେ, ପାର୍ଥିବ ପୂର୍ଣ୍ଣତା (ସିଦ୍ଧି) ବା କେତେଜଣ ଲୋକଙ୍କ ଜୀବନରେ ? ନିଜ ନିଜର ଅପୂର୍ଣ୍ଣତା ନେଇ ହିଁ ପୃଥିବୀର ଅଧିକାଂଶ ନର ନାରୀ ବେଶ ସନ୍ତୁଷ୍ଟ । ପୂର୍ଣ୍ଣତା (ସିଦ୍ଧି) ପାଇଁ ସତରେ ବ୍ୟସ୍ତ କିଏ ? ପୁଣି ଯେଉଁମାନେ 'ସିଦ୍ଧିର' ସ୍ୱପ୍ନ ଦେଖନ୍ତି, ସେମାନଙ୍କ ଭିତରୁ କେତେଜଣ ତାହା ପ୍ରାପ୍ତ ହୁଅନ୍ତି ? କାରଣ ସାଧନାର ପଥ କଠିନ ଏବଂ ଆମେ ସାଧାରଣତଃ ବିନା ସାଧନାରେ ହିଁ 'ସିଦ୍ଧି' ଚାହୁଁ । ପୁଣି ସିଦ୍ଧିପାଇଁ ଅନେକେ ନିଜ ବୁଦ୍ଧିର ସମ୍ୟକ୍ ପ୍ରୟୋଗ ନ କରି, ଅ-ପଥରେ ମାଡ଼ ଯାଆନ୍ତି । ତେଣୁ ମନୁଷ୍ୟ ସମାଜରେ କେତେଜଣ 'ପ୍ରକୃତ ସିଦ୍ଧି' (ତତ୍ତ୍ୱତଃ) ପାଇବାର ଆମେ ଆଶା କରିବା ? ଗୀତାର ଏହି ଶ୍ଳୋକଟି ପାର୍ଥିବ ଓ ଆଧ୍ୟାତ୍ମିକ ଉଭୟ ବିଷୟ ପ୍ରତି ସମାନ ଭାବରେ ଯେ ପ୍ରଯୁଜ୍ୟ, ଆଶାକରେ ପାଠକେ ତାହା ସ୍ୱୀକାର କରିବେ ।

(୪)

ଭୂମିରାପୋଽନଲୋ ବାୟୁଃ ଖଂ ମନୋ ବୁଦ୍ଧିରେବ ଚ
ଅହଂକାର ଇତୀୟଂ ମେ ଭିନ୍ନା ପ୍ରକୃତିରଷ୍ଟଧା । ୪ ।

ଭୂମିଃ (ମୃତ୍ତିକା) ଆପଃ (ଜଳ) ଅନଳଃ (ତେଜ) ବାୟୁ (ପବନ) ଖଂ (ଆକାଶ) ମନଃ, ବୁଦ୍ଧିଃ, ଅହଂକାର (ମନ, ବୁଦ୍ଧି ଓ ଅହଙ୍କାର) ଇୟଂ ମେ (ଏହା ମୋର) ଅଷ୍ଟଧା (ଆଠ ପ୍ରକାର) ଭିନ୍ନା ପ୍ରକୃତିଃ (ଭିନ୍ନ ଭିନ୍ନ ପ୍ରକୃତି) ।

ଅନୁବାଦ —

ହେ ଅର୍ଜୁନ, ଏ ଜଗତରେ ମୋଟାମୋଟି ମୋର (ଈଶ୍ୱରଙ୍କର) ପ୍ରକାଶର କଥା ଶୁଣ । ବାହାରେ ମୋର ପ୍ରକୃତି (ପ୍ରକଟନ) ଅଷ୍ଟବିଧ ବା ଅଷ୍ଟ ଉପାଦାନ ନିର୍ମିତ । ସେଗୁଡ଼ିକ ହେଲେ ମାଟି, ଜଳ, ଅଗ୍ନି, ବାୟୁ, ଆକାଶ ଏହି ପାଞ୍ଚଟି ସ୍ଥୂଳ ବସ୍ତୁ ଏବଂ ମନ, ବୁଦ୍ଧି ଓ ଅହଙ୍କାର ଏ ତିନୋଟି ସୂକ୍ଷ୍ମ ବସ୍ତୁ ।

Digitized by srujanika@gmail.com

ବିଶେଷ ଦ୍ରଷ୍ଟବ୍ୟ—

ଗୀତାର 'ଈଶ୍ୱର ତତ୍ତ୍ୱ' ପରି 'ସୃଷ୍ଟିତତ୍ତ୍ୱ' ମଧ୍ୟ ସାଂଖ୍ୟ ଓ ବେଦାନ୍ତର ମିଶାମିଶି । ଗୀତା ବେଦାନ୍ତର ସର୍ବବ୍ୟାପ୍ତ 'ବ୍ରହ୍ମ'କୁ ସ୍ୱୀକାର କଲେ ହେଁ ସେହି 'ଏକ' କିପରି 'ବହୁ'ରେ ପ୍ରକଟିତ, ସାଂଖ୍ୟ ମତଦେଇ ତାହାହିଁ ଏଠାରେ ପ୍ରଚାର କରୁଛନ୍ତି । ଅର୍ଥାତ୍ ବିଶେଷାତୀତ ହେଲେହେଁ ଏହି ବାହ୍ୟ (କ୍ଷିତି, ଅପ୍, ତେଜ, ମରୁତ୍, ବ୍ୟୋମ) ଓ ଆଭ୍ୟନ୍ତରୀଣ (ମନ, ବୁଦ୍ଧି, ଅହଙ୍କାର) ଉଭୟବିଧ ବିଶେଷ ବିଶେଷ ବିକାଶ ଭିତରେ ମଧ୍ୟ ସେହି ହିଁ ଅବସ୍ଥିତ । ତେବେ ପର ଶ୍ଳୋକରେ ବୁଝାଯିବ ଯେ, ସ୍ରଷ୍ଟାଙ୍କର ଏସବୁ ହେଲେ 'ଅପର' ବା ନିକୃଷ୍ଟ ପ୍ରକାଶ ମାତ୍ର । 'ପର' ବା ଶ୍ରେଷ୍ଠ ପ୍ରକାଶ ପରେ ବର୍ଣ୍ଣିତ ହେବ ।

କିନ୍ତୁ ଅପର ବା ନିକୃଷ୍ଟ ପ୍ରକାଶରେ ମଧ୍ୟ ସେ ବିଦ୍ୟମାନ । ତାଙ୍କ ବିନା ସୃଷ୍ଟି ଅସମ୍ଭବ । ଧୂଳିକଣାଠାରୁ ବୃହତ୍ତମ ନକ୍ଷତ୍ର ପର୍ଯ୍ୟନ୍ତ ସର୍ବତ୍ର ହିଁ ସେ ଉଭୟ ସ୍ଥୂଳ ଓ ସୂକ୍ଷ୍ମ, ଜଡ ଓ ଜୀବନ, ପୁରୁଷ ଓ ପ୍ରକୃତି ଭିତରେ ବିଦ୍ୟମାନ । ଲୁହାର ଏକ ଇଞ୍ଜିନ ଦୌଡୁଛି ଏବଂ ତାହା ଗୋଟାଏ ବିରାଟ ଟ୍ରେନ୍‌କୁ ଟାଣିନେଇ ଯାଉଛି ; କିନ୍ତୁ ସତ୍ୟରେ କି ଲୌହ-ନିର୍ମିତ ଇଞ୍ଜିନର ନିଜର ଦୌଡିବା ବା ଟାଣିବା କ୍ଷମତା ଅଛି ? ସେ ସେହି ଆପାତ ଶକ୍ତି ପାଉଛି ବାଷ୍ପରୁ ଏବଂ ବାଷ୍ପ ଆସୁଛି—ନିଆଁ, କୋଇଲା ଓ ପାଣିର ସଂଯୋଗରୁ । ସେହିପରି ଏ ବିଶ୍ୱର ଆମେ ପ୍ରତ୍ୟେକେ ଓ ପ୍ରତ୍ୟେକଟି ଜୀବ ଓ ବସ୍ତୁ କ୍ଷିତି, ଅପ୍, ତେଜ, ମରୁତ୍, ବ୍ୟୋମ ଦେଇ ଗଢା । ଆମ ପ୍ରତ୍ୟେକର ଶରୀର ମଧ୍ୟ ଏହି ପଞ୍ଚ ଉପାଦାନର ସମଷ୍ଟିମାତ୍ର ; କିନ୍ତୁ ଏହି ଜଡ ଶରୀରଟାକୁ ସକ୍ରିୟ କରି ଠିଆ କରାଉଛନ୍ତି ମନ, ବୁଦ୍ଧି ଓ ଅହଙ୍କାର । ଆମର ଅହଂ-ମନ-ଓ-ବୁଦ୍ଧି ବାହାରର କ୍ଷିତ୍ୟପ୍‌ତେଜ ମରୁତ୍ ବ୍ୟୋମରୁ ସୁଖାହରଣରେ ବ୍ୟସ୍ତ, ଆମର ଜ୍ଞାନେନ୍ଦ୍ରିୟ ଓ କର୍ମେନ୍ଦ୍ରିୟ ସବୁର ସହାୟତାରେ । ଏହି ଭିତରେ ଆମର ଦୈନନ୍ଦିନ ଜୈବଲୀଳା ଚାଲିଛି । କିନ୍ତୁ ଗୀତା କହୁଛନ୍ତି ଯେ, ଏ ଜୀବନ ଅ-ପର ବା ନିକୃଷ୍ଟ । ପର ବା ଉତ୍କୃଷ୍ଟ ଜୀବନ ପରେ ବର୍ଣ୍ଣିତ ହେଉଛି ।

(୫)

ଅପରେୟମିତ ସ୍ତ୍ୱନ୍ୟାଂ ପ୍ରକୃତିଂ ବିଦ୍ଧି ମେ ପରାଂ
ଜୀବଭୂତାଂ ମହାବାହୋ ଯୟେଦଂ ଧାର୍ଯ୍ୟତେ ଜଗତ୍ । ୫ ।

ମହାବାହୋ (ହେ ମହାବାହୁ ଅର୍ଜୁନ) ଇୟଂ ତୁ (ଏ କିନ୍ତୁ) ଅପରା (ମୋର ଅପରା ବା ନିକୃଷ୍ଟ ପ୍ରକୃତି ବା ପ୍ରକାଶ) । ଇତଃ ପରାଂ ଅନ୍ୟାଂ

Digitized by srujanika@gmail.com

ଜୀବଭୂତାଂ (ଏହାଠାରୁ ଶ୍ରେଷ୍ଠ (ବିଶ୍ୱର) ଆତ୍ମାରୂପୀ ଅନ୍ୟ) ମେ ପ୍ରକୃତିଂ ବିଦ୍ଧି (ମୋର ଯେଉଁ ପ୍ରକୃତି ତାକୁ ଜାଣ) ଯୟା ଇଦଂ ଜଗତ୍ ଧାର୍ଯ୍ୟତେ (ଯାହାଦ୍ୱାରା ହିଁ ଏହି ବିଶ୍ୱ ଧୃତ ହୋଇ ରହିଛି) ।

ଅନୁବାଦ –

ହେ ଅର୍ଜ୍ଜୁନ, ଏ ହେଲା ମୋର ନିକୃଷ୍ଟ ପ୍ରକୃତି ବା ପ୍ରକାଶ । ମୋର ଶ୍ରେଷ୍ଠ ପ୍ରକାଶ ହେଉଛି ସେହି ଯାହା ଜୀବନରୂପେ ଏହି ସମଗ୍ର ବିଶ୍ୱକୁ ଧରି ରଖିଛି ।

(୬)

ଏତଦ୍‌ଯୋନୀନି ଭୂତାନି ସର୍ବାଣୀତ୍ୟୁପଧାରୟ
ଅହଂ କୃତ୍ସ୍ନସ୍ୟ ଜଗତଃ ପ୍ରଭବଃ ପ୍ରଳୟସ୍ତଥା । ୬ ।

ସର୍ବାଣି ଭୂତାନି (ସକଳ ପ୍ରାଣୀ) ଏତଦ୍‌ଯୋନୀନି (ଏହି ମୋର ଉଭୟ ଅ-ପର ଓ ପର ପ୍ରକୃତିରୁ ହିଁ ଯେ ଜାତ) ଇତି ଉପଧାରୟ (ଏହା ଜାଣ) । ଅହଂ (ମୁଁ ବା ଈଶ୍ୱର) କୃତ୍ସ୍ନସ୍ୟ ଜଗତଃ (ସମଗ୍ର ଜଗତର) ପ୍ରଭବଃ ତଥା ପ୍ରଳୟଃ (ଜନ୍ମ ଓ ବିନାଶ) ।

ଅନୁବାଦ—

ହେ ଅର୍ଜ୍ଜୁନ, ମୋର (ଈଶ୍ୱରଙ୍କର) ଏହି ପର ଓ ଅପର ପ୍ରକୃତିର ମିଶ୍ରଣ ହିଁ, ବିଶ୍ୱର ସକଳ ଜୀବର ଯୋନି ବା ଉତ୍ପତ୍ତିସ୍ଥଳ । ସର୍ବୋପରି ମୁଁ ହିଁ ସମଗ୍ର ଏହି ବିଶ୍ୱର ଜନ୍ମ ଓ ବିନାଶର କାରଣ ବୋଲି ଜାଣିବ ।

ବିଶେଷ ଭାଷ୍ୟ –

ପ୍ରତ୍ୟେକ ଜୀବ, ମନୁଷ୍ୟ ବା ଉଦ୍ଭିଦ ଈଶ୍ୱରଙ୍କର ପର ଓ ଅପର ପ୍ରକୃତିର ମିଶ୍ରଣରେ ତିଆରି । 'ଅପର' ହେଲା ଆମର ପ୍ରତିମା, ବାହ୍ୟ ଶରୀର ଏବଂ 'ପର' ହେଲା ଅନ୍ତରସ୍ଥ ଆତ୍ମା । କେବଳ ଷ୍ଟିମ୍ ରେଳଗାଡ଼ି ଟାଣି ପାରିବ ନି କି ପାରିବନି କେବଳ ଲୁହାର ଇଞ୍ଜିନ୍‌ଟା । ଉଭୟେ ଏକ-ଏକତଃ ଅକ୍ରିୟ । ଅଥଚ ଉଭୟର ସଂଯୋଗ ବା ସହଯୋଗରେ ବାହାରିପଡ଼େ ଏକ ବିରାଟ ଯନ୍ତ୍ର-ଦାନବ ଯେ କି ଅଦ୍ଭୁତ କର୍ମସବୁ ସମ୍ପାଦନ କରିପାରେ । ଷ୍ଟିମ୍ ଓ ଇଞ୍ଜିନକୁ ଅଲଗା ଅଲଗା କରିଦେଲେ ସେହି ଦାନବ ପୁଣି କୁଆଡ଼େ ଉଭେଇ ଯାଏ । ଗୀତା ଏହି କାରଣରୁ ଯଥାର୍ଥରେ ଏଠାରେ କହିଛନ୍ତି ଯେ, ଏହି ପର ଓ ଅ-ପରର

Digitized by srujanika@gmail.com

ମିଶ୍ରଣ ହିଁ ମିଳିତ ଭାବରେ ଏହି ଚଳମାନ ବିଶ୍ୱର ଯୋନି ବା ଉତ୍ପତ୍ତିସ୍ଥଳ । ନିଖିଳ ଜୀବଗ୍ରାମ ସେହି ମିଶ୍ରଣରୁ ହିଁ ବାହାରନ୍ତି ଏବଂ ପୁଣି ସେଇଠି ଯାଇ ଲୀନ ହୁଅନ୍ତି । ଯେପରି ରେଳଗାଡ଼ି ବା ଜାହାଜରେ କାଠ, ଲୁହା ବଡ଼କଥା ନୁହେଁ, ମୁଖ୍ୟବସ୍ତୁ ହେଲା ଷ୍ଟିମ୍; ଯେପରି ପୁଣି ବିଜୁଳି-ବଲବ୍‌ରେ କାଚର ବଲବ୍‌ଟା ଭିତରେ ଖଞ୍ଜାଥିବାର ତାର ବଡ଼ କଥା ନୁହେଁ, ବଡ଼ କଥା ହେଲା ବିଦ୍ୟୁତ୍-ସ୍ରୋତ, ଯାହାକି ଆଲୁଅ ଓ ଉତ୍ତାପ ହୋଇ ପ୍ରକାଶିତ ହୁଏ, ସେହିପରି ଗୀତା ଏଠାରେ ଯଥାର୍ଥରେ କହୁଛନ୍ତି ଯେ, ଈଶ୍ୱରଙ୍କର ପରା ପ୍ରକୃତି ହିଁ ସୃଷ୍ଟିର ମୁଖ୍ୟ ବସ୍ତୁ—ସେହି ହିଁ ବିଶ୍ୱର ଉଦୟ ପ୍ରକାଶ ଓ ବିଲୟ—ଅନ୍ୟ କିଛି ନୁହେଁ ।

ଦ୍ୱିତୀୟ ଅଧ୍ୟାୟରେ ଜୀବର ମୃତ୍ୟୁ ସମ୍ପର୍କରେ ପ୍ରତି ଜୀବର ଯାହା ନଶ୍ୟ ବା ନିକୃଷ୍ଟ ଅଂଶ, ଯାହା ଦେଇ ଆମର ଶରୀରଟା ତିଆରି, ସେଇଟାଇ କେବଳ ନଷ୍ଟ ହୁଏ ଏବଂ ଯାହା ନିତ୍ୟ, ଅକ୍ଷୟ ସେହି ଆତ୍ମା କିପରି ଖସି ଚାଲିଯାଏ, ତାହା ବହୁଶଃ ବର୍ଣ୍ଣିତ ହୋଇସାରିଛି । ବିଶେଷକରି ମନୁଷ୍ୟ ନାମକ ପୃଥିବୀର ଶ୍ରେଷ୍ଠ ପ୍ରାଣୀ ଯେ ପାର୍ଥିବ ଓ ଦୈବ ଉଭୟବିଧ ଉପାଦାନମାନଙ୍କରେ ଗଢ଼ା ଏହା ନିଃସନ୍ଦେହ ; କିନ୍ତୁ ଆମେ ସାଧାରଣତଃ ଯେ ଆମର ଦୈବ ଅଂଶକୁ ଅବହେଳା କରିଥାଉ ତାହା ନୁହେଁ, ଆମେ ମଧ୍ୟ ଅବହେଳା କରିଥାଉ ଆମର ପାର୍ଥିବ ଅଂଶକୁ ମଧ୍ୟ । ଆମର ମନେରଖିବା ଉଚିତ୍ ଯେ, ପାର୍ଥିବ ଅଂଶ ବା 'ଅ-ପରା ପ୍ରକୃତି ମଧ୍ୟ ଈଶ୍ୱରଙ୍କର ବିକାଶ । ପାଶ୍ଚାତ୍ୟବାସୀମାନେ କେବଳ ସେହି ଅଂଶଟି ଉପରେ ନିବିଡ଼ ଅଭିନିବେଶ ଦେବା ଫଳରେ ହିଁ ଗତ ଦୁଇ ଶତ ବର୍ଷ ଭିତରେ ଅଶ୍ରୁତପୂର୍ବ ପାର୍ଥିବ ସମୃଦ୍ଧି ଓ ଶକ୍ତିର ଆଦ୍ୟ ଉତ୍ସରେ [ଆଣବିକ] ଆସି ପହଞ୍ଚିଛନ୍ତି । ଆମେ ଭାରତୀୟମାନେ ଈଶ୍ୱରଙ୍କର ସେହି ଅପରାଂଶକୁ ଅବହେଳା କରିହିଁ, ଅନ୍ନହୀନ, ବସ୍ତ୍ରହୀନ, ସ୍ୱାଚ୍ଛନ୍ଦ୍ୟହୀନ, ସୌନ୍ଦର୍ଯ୍ୟ ହୀନ ଓ ଶୃଙ୍ଖଳାହୀନ ଜୀବନଯାପନ କରୁଛୁ । ଅଥଚ ତେଣେ ଆମଠି ଥିବା ଭଗବାନଙ୍କର ପରା ଅଂଶ ପ୍ରତି ମଧ୍ୟ ଆମେ ଆଜ ଏକାନ୍ତ ବୀତସ୍ପୃହ । ତେଣୁ ହିଁ ଆମର ଦୁର୍ଦ୍ଦଶା ଚତୁର୍ଦ୍ଦିଗ ବ୍ୟାପ୍ତ — ପରା ଓ ଅପରା ଉଭୟ ଜଗତରେ ।

ଆଦର୍ଶ ବ୍ୟକ୍ତିତ୍ୱ ହେଉଛି ସେହି, ଯେଉଁଠି ବିଧାତାର ପରା ଓ ଅପରା ପ୍ରକୃତି ଉଭୟ ସମଭାବରେ ସମୃଦ୍ଧ ହୋଇ ଉଠିବ, ଯେପରି ଘଟିଥିଲା ବ୍ୟକ୍ତିଗତ ଭାବରେ—ଲିଓନାର୍ଦୋ ଦା' ଭିନ୍‌ଚି, ଟଲଷ୍ଟୟ, ଗୋଏଟେ, ରବିନ୍ଦ୍ରନାଥଙ୍କ ଠାରେ ଧନ, ପ୍ରତିଭା, ସୌନ୍ଦର୍ଯ୍ୟ ଓ ସମ୍ମାନ ଅସାଧାରଣ ସମ୍ମିଶ୍ରଣରେ ଏବଂ ଜାତି ଭାବରେ ଘଟିଥିଲା ଗ୍ରୀସ୍, ଭାରତବର୍ଷ, ଚୀନ୍ ବା ଇଂଲଣ୍ଡ ପ୍ରଭୃତି ଦେଶର

Digitized by srujanika@gmail.com

ଇତିହାସର ସେହି କେତୋଟି ବର୍ଷରେ, ଯାହାକୁ ସାଧାରଣତଃ ସେହି ସେହି ଦେଶର 'ସ୍ୱର୍ଣ୍ଣଯୁଗ' କୁହାଯାଇଥାଏ ।

(୭)

ମତ୍ତଃ ପରତରଂ ନାନ୍ୟତ୍ କିଞ୍ଚିଦସ୍ତି ଧନଞ୍ଜୟ
ମୟି ସର୍ବମିଦଂ ପ୍ରୋତଂ ସୂତ୍ରେ ମଣିଗଣା ଇବ । ୭ ।

ଧନଞ୍ଜୟ (ହେ ଅର୍ଜ୍ଜୁନ) ମତ୍ତଃ (ମୋ ଠାରୁ ବା ଈଶ୍ୱରଙ୍କ ଠାରୁ) ପରତରଂ ନ ଅନ୍ୟତ୍ କିଞ୍ଚିତ୍ ଅସ୍ତି (ଅଧିକ ଶ୍ରେଷ୍ଠ ଅନ୍ୟ କିଛି ନାହିଁ) । ସୂତ୍ରେ ମଣିଗଣା ଇବ (ସୂତାରେ ମଣିସବୁ ଗୁନ୍ଥା ହେଲପରି) ମୟି ଇଦଂ ସର୍ବଂ ପ୍ରୋତଂ (ମୋ ଠାରେ ବା ଈଶ୍ୱରଙ୍କ ଠାରେ, ସମସ୍ତ ପରା ଓ ଅପରା ପ୍ରକୃତି ସମେତ ସମଗ୍ର ବିଶ୍ୱ ଗୁନ୍ଥାହୋଇ ରହିଛନ୍ତି, ଅର୍ଥାତ୍ ମୋତେ ହିଁ ଆଶ୍ରୟ କରି ରହିଛନ୍ତି) ।

ଅନୁବାଦ —

ହେ ଅର୍ଜ୍ଜୁନ, ଜାଣିରଖ ଯେ, ସମଗ୍ର ଏହି ସୃଷ୍ଟିରେ ମୋଠାରୁ (ଈଶ୍ୱରଙ୍କ ଠାରୁ) ଅଧିକ ଶ୍ରେଷ୍ଠ ଅନ୍ୟ କିଛି ନାହିଁ । ମଣିମାଳାକୁ ଯେପରି ଅଦୃଶ୍ୟ ସୂତ୍ର ଧରି ରଖିଥାଏ, ଏହି ପରା ଅପରା ପ୍ରକୃତି ସମନ୍ୱିତ ସମଗ୍ର ବିଶ୍ୱ ମୋ'ଠାରେ ହିଁ ଗୁନ୍ଥାହୋଇ ରହିଛନ୍ତି ।

ବିଶେଷ ଭାଷ୍ୟ —

ବେଦାନ୍ତର ଶେଷ ବାକ୍ୟ—ବ୍ରହ୍ମ ସତ୍ୟ, ଜଗତ୍ ମିଥ୍ୟା । ରାମକୃଷ୍ଣଙ୍କ ବାଣୀ —ଈଶ୍ୱର ହିଁ ଏକମାତ୍ର ବସ୍ତୁ, ଆଉସବୁ ଅ-ବସ୍ତୁ । ଯାହାକି ସେହି ବେଦାନ୍ତ ବାଣୀର ହିଁ ପ୍ରତିଧ୍ୱନି । ଗୀତାର ଏହି ଶ୍ଳୋକ ମଧ୍ୟ ବେଦାନ୍ତର ପ୍ରତିଧ୍ୱନି । କ୍ରମେ ଏଣିକି ଗୀତାରେ, ବେଦାନ୍ତ ପ୍ରଚାରିତ ସୃଷ୍ଟି ବ୍ୟାପ୍ତ ଏହି ଈଶ୍ୱରମୟତା, ଅଧିକରୁ ଅଧିକ ବର୍ଣ୍ଣିତ ହେବ । ଅଗଣିତ କ୍ଷୁଦ୍ର ଓ ବୃହତ୍ ଲହରୀମାଳା ହିଁ ଆମ ଆଖିରେ ସମୁଦ୍ର; କିନ୍ତୁ ଲହରୀମାଳାର ଅହରହ-ଜନ୍ମ-ମରଣର ମହାନାଟକ ସମ୍ଭବ ହେଉଛି କେବଳ ସେମାନଙ୍କ ନିମ୍ନରେ ବିଶାଳ ମହାର୍ଣ୍ଣବର ଅବସ୍ଥିତି ଯୋଗୁଁ । ମଣିମାଳାର ଐଶ୍ୱର୍ଯ୍ୟ ଆମକୁ ମୁଗ୍ଧ କରୁଛି; କିନ୍ତୁ ତାର ସେ ଐଶ୍ୱର୍ଯ୍ୟ ସମ୍ଭବ ହୋଇଥାଏ ଅଦୃଶ୍ୟ ଭାବରେ ନିମ୍ନରେ ରଖିଥିବା ସୂତ୍ରଯୋଗୁଁ । ସେହିପରି ମନୁଷ୍ୟର ସାମାଜିକ ସ୍ପର୍ଦ୍ଧା ଓ ଅହମିକା; କିନ୍ତୁ ସେ ସମସ୍ତ ହିଁ ସମ୍ଭବ ହୋଇଥାଏ, ଅଦୃଶ୍ୟ ଭାବରେ କାମକରି ଚାଲିଥିବା ବିଶ୍ୱ-ବ୍ୟାପ୍ତ ଈଶ୍ୱର-ସତ୍ତା

Digitized by srujanika@gmail.com

ଯୋଗୁଁ । ସେହି ସତ୍ତା ହିଁ ଏ ସୃଷ୍ଟିରେ ସାରକଥା ଓ ଶ୍ରେଷ୍ଠ କଥା । ବାକି ଅନ୍ୟ ସମସ୍ତ କେବଳ ଛାୟା ନାଟକ ମାତ୍ର ।

(୮)

ରସୋଽହମପ୍ସୁ କୌନ୍ତେୟ ପ୍ରଭାସ୍ମି ଶଶିସୂର୍ଯ୍ୟୟୋଃ
ପ୍ରଣବଃ ସର୍ବବେଦେଷୁ, ଶବ୍ଦଃ ଖେ, ପୌରୁଷଂ ନୃଷୁ । ୮ ।

କୌନ୍ତେୟ (ହେ ଅର୍ଜୁନ) ଅହଂ (ମୁଁ ବା ଈଶ୍ୱର) ଅପ୍ସୁ (ଜଳ ଭିତରେ ଥିବା) ରସଃ (ସ୍ୱାଦ) [ଓ] ଶଶିସୂର୍ଯ୍ୟୟୋଃ ପ୍ରଭା ଅସ୍ମି (ଚନ୍ଦ୍ର ଓ ସୂର୍ଯ୍ୟଙ୍କର ଆଲୋକ) ସର୍ବବେଦେଷୁ ପ୍ରଣବଃ (ସବୁ ବେଦରେ ମୁଁ ପ୍ରଣବ ବା ଓ— ଅର୍ଥାତ୍ ସବୁ ମନ୍ତ୍ରର ମୂଳ) । ଖେ (ଆକାଶରେ) ଶବ୍ଦଃ (ଧ୍ୱନି) ନୃଷୁ (ମନୁଷ୍ୟମାନଙ୍କ ମଧ୍ୟରେ) ପୌରୁଷଂ (ପୁରୁଷତ୍ୱ ବା ମନୁଷ୍ୟତ୍ୱ) ଯାହା, ସେଥିରେ ଅସ୍ମି (ମୁହିଁ ହିଁ ଥାଏ) ।

ଅନୁବାଦ —

ହେ ଅର୍ଜୁନ, ତୁମେ ଜଳରୁ ଯେଉଁ ସ୍ୱାଦ ପାଅ ତାହା ହିଁ ମୁଁ (ଈଶ୍ୱର ସତ୍ତା) ଏବଂ ମୁଁ ଚନ୍ଦ୍ର-ସୂର୍ଯ୍ୟର ଆଲୋକ, ସକଳ ବୈଦିକ ମନ୍ତ୍ରର (ସକଳ ଧର୍ମ ଶାସ୍ତ୍ରର) ମୌଳିକ ଧ୍ୱନି, ଆକାଶ ପ୍ରସାରିତ ଶବ୍ଦ ଏବଂ ମନୁଷ୍ୟମାନଙ୍କର ଶ୍ରେଷ୍ଠଗୁଣ ପୌରୁଷ ମଧ୍ୟ ମୁଁ ।

ବିଶେଷ ଭାଷ୍ୟ —

ଆମର ନିତ୍ୟ ପରିଚିତ ଜଳ, ଶବ୍ଦ, ଆଲୋକ (ଚନ୍ଦ୍ର ଓ ସୂର୍ଯ୍ୟଙ୍କଠାରୁ ପ୍ରାପ୍ତ) ଏବଂ ସର୍ବୋପରି ଯେଉଁ ପୌରୁଷ ନେଇ ମନୁଷ୍ୟମାନେ ଅହରହ ଗର୍ବକରି "ମୁଁ ଏୟା କଲି" "ମୁଁ ସେୟା କଲି" ବୋଲି କହି ଚାଲିଥାନ୍ତି—ଏ ସମସ୍ତର ପଛରେ ଭଗବଦଂଶ ରହିଛି ବୋଲି ହିଁ ଯେ ସେସବୁ କାର୍ଯ୍ୟକାରୀ, ତାହା ହିଁ ଗୀତା ଏଠାରେ କହୁଛନ୍ତି । ଅର୍ଥାତ୍ ଏ ସୃଷ୍ଟିରେ କେହି ବା କୌଣସି ବସ୍ତୁ ଈଶ୍ୱର-ନିରପେକ୍ଷ ନୁହଁନ୍ତି । ବରଂ ଯାହା ବ୍ୟକ୍ତିଗତ ପ୍ରକାଶ ବୋଲି ଆମେ ଧରିନେଉ ତାହା ବସ୍ତୁତଃ ଈଶ୍ୱର ହିଁ ପ୍ରକାଶ । ଓଁ (ପ୍ରଣବ) ହିନ୍ଦୁମାନଙ୍କ ନିକଟରେ ପବିତ୍ର ଧ୍ୱନି । ଏହା ଅ + ଉ + ମ ସଂଯୋଗରେ ଗଠିତ ହୋଇ-ଥିବା ହେତୁ, ଏହା ସୃଷ୍ଟିରେ ଥିବା ସର୍ବଧ୍ୱନିର ପ୍ରତୀକ ବୋଲି ଧରାଯାଇଥାଏ । ଏବଂ ଧ୍ୱନି-ଶ୍ରୁତି ଆକାଶ (ଖ) ଯୋଗୁଁ ସମ୍ଭବ ହୋଇଥାଏ । ଈଶ୍ୱର ଶବ୍ଦ ଓ

Digitized by srujanika@gmail.com

ଶବ୍ଦ-ବାହକ ଆକାଶ; ଉଭୟର ସ୍ରଷ୍ଟା ଏବଂ ଶବ୍ଦ ହେଲା ସକଳ ଜ୍ଞାନ (ବେଦ)ର ମୌଳିକ ବସ୍ତୁ । ଅର୍ଥାତ୍ ଆମେ ନିତି ପିଉଥିବା ଜଳର ସ୍ୱାଦଠାରୁ ଆରମ୍ଭକରି, ମନୁଷ୍ୟଜୀବନର ଶ୍ରେଷ୍ଠ ସିଦ୍ଧି—ଏକ ପକ୍ଷରେ ପୌରୁଷ ଓ ଅନ୍ୟ ପକ୍ଷରେ ଜ୍ଞାନ-ବିଜ୍ଞାନ ସାଧନା—ଏ ସମସ୍ତରେ କେବଳ ସେହି ଏକ ଇଶ୍ୱର-ସତ୍ତାର ହିଁ ପ୍ରକାଶ ବୋଲି ଜାଣିବ ।

(୯)

ପୁଣ୍ୟୋଗନ୍ଧଃ ପୃଥିବ୍ୟାଞ୍ଚ ତେଜଶ୍ଚାସ୍ମି ବିଭାବସୌ
ଜୀବନଂ ସର୍ବଭୂତେଷୁ ତପଶ୍ଚାସ୍ମି ତପସ୍ୱିଷୁ । ୯ ।

[ମୁଁ] ପୃଥିବ୍ୟାଂ ପୁଣ୍ୟଃଗନ୍ଧଃ (ପୃଥିବୀରେ ଯାହାକିଛି ପୁଣ୍ୟ ଅବିକୃତ ଗନ୍ଧ) [ଓ] ବିଭାବସୌ ତେଜଃ ଅସ୍ମି (ଅଗ୍ନିରେ ଥିବା ଆଲୋକ) । ସର୍ବ-ଭୂତେଷୁ ଜୀବନଂ (ସକଳ ପ୍ରାଣୀ ଭିତରେ ଜୀବନ ହିଁ ହେଉଛି ମୁଁ) । [ଏପରିକି] ତପସ୍ୱିଷୁ ଚ ତପଃ ଅସ୍ମି (ତପସ୍ୱୀମାନଙ୍କର ଯେଉଁ ତପସ୍ୟା ତାହା ମଧ୍ୟ ମୁଁ) ।

ଅନୁବାଦ —

ହେ ଅର୍ଜୁନ, ପୃଥିବୀରେ ଯାହା କିଛି ପୁଣ୍ୟ ସୌରଭ ତାହା ମୁଁ (ଈଶ୍ୱର ସତ୍ତା), ଅଗ୍ନିର ଉତ୍ତାପ ବା ଆଲୋକ ମଧ୍ୟ ମୁଁ ଏବଂ ତପସ୍ୱୀମାନଙ୍କର ତପସ୍ୟା ଓ ଜୀବର ଜୀବନ ହିଁ ମୁଁ ବୋଲି ଜାଣିବ ।

(୧୦)

ବୀଜଂ ମାଂ ସର୍ବଭୂତାନାଂ ବିଦ୍ଧି ପାର୍ଥ ସନାତନଂ
ବୁଦ୍ଧିର୍ବୁଦ୍ଧି ମତାମସ୍ମି ତେଜସ୍ତେଜସ୍ୱିନା ମହମ୍ । ୧୦ ।

ପାର୍ଥ (ହେ ଅର୍ଜୁନ) ମାଂ (ମତେ ବା ଈଶ୍ୱରଙ୍କୁ) ସର୍ବଭୂତାନାଂ (ସବୁ ପ୍ରାଣୀଙ୍କର) ସନାତନଂ (ଚିରନ୍ତନ) ବୀଜଂ (ମଞ୍ଜି ବା ମୂଳ କାରଣ) [ବୋଲି] ବିଦ୍ଧି (ଜାଣ) । ଅହଂ (ମୁଁ ବା ଈଶ୍ୱର) ବୁଦ୍ଧିମତାଂ ବୁଦ୍ଧିଃ (ବୁଦ୍ଧିମାନ ଲୋକର ବୁଦ୍ଧି) [ଓ] ତେଜସ୍ୱିନାଂ ଚ ତେଜଃ ଅସ୍ମି (ତେଜସ୍ୱୀ ବା ପ୍ରଭାବ-ପ୍ରତିପତ୍ତିଶାଳୀ ଲୋକମାନଙ୍କର ଆଡମ୍ବର) ।

ଅନୁବାଦ —

ହେ ଅର୍ଜୁନ, ସକଳ ଜୀବର ଜୀବନ କେବଳ ନୁହେଁ, ନିଖିଳ ବିଶ୍ୱର ଶାଶ୍ୱତ ବୀଜହିଁ ମୁଁ (ଏହି ଈଶ୍ୱର ସତ୍ତା) ବୋଲି ଜାଣିବ । ପୁଣି ମୁଁ ହିଁ ତଥା-

Digitized by srujanika@gmail.com

କଥିତ ବୁଦ୍ଧିମାନ ଲୋକର ବୁଦ୍ଧି ଓ ତଥାକଥିତ ପ୍ରଭାବଶାଳୀ ଲୋକର ପ୍ରଭାବ ବା ଆଡମ୍ବର ।

(୧୧)

ବଳଂ ବଳବତାମସ୍ମି କାମରାଗ-ବିବର୍ଜିତମ୍
ଧର୍ମା ବିରୁଦ୍ଧୋ ଭୂତେଷୁ କାମୋଽସ୍ମି ଭରତର୍ଷଭ । ୧୧ ।

ଭରତର୍ଷଭ (ହେ ଭରତକୁଳ ଶ୍ରେଷ୍ଠ ଅର୍ଜୁନ) [ଅହଂ] (ମୁଁ ବା ଈଶ୍ୱର) କାମରାଗ ବିବର୍ଜିତଂ ବଳଂ (ଶକ୍ତିମାନ ଲୋକମାନଙ୍କର ସେହି ଶକ୍ତି ଯାହା ଅଭିଳାଷ ଓ ଆସକ୍ତି ଶୂନ୍ୟ) [ଏବଂ ମୁଁ ମଧ୍ୟ] ଭୂତେଷୁ (ମନୁଷ୍ୟମାନଙ୍କ ମଧ୍ୟରେ ଦେଖାଦେଉଥିବା) ଧର୍ମାବିରୁଦ୍ଧ କାମଃ ଅସ୍ମି (ସେହି ଇଚ୍ଛା ବା ଅଭିଳାଷ, ଯାହା ଧର୍ମର ଅର୍ଥାତ୍ ନୈତିକତାର ବିରୋଧୀ ନୁହେଁ) ।

ଅନୁବାଦ—

ହେ ଅର୍ଜୁନ, ମୁଁ (ଈଶ୍ୱର) ଶକ୍ତିମାନ ଲୋକଙ୍କର ସେହି ଶକ୍ତି ଯାହା ଏକ ପକ୍ଷରେ କାମ ବା ଅଭିଳାଷଶୂନ୍ୟ ଓ ଅନ୍ୟ ପକ୍ଷରେ ରାଗ ବା ଆସକ୍ତିଶୂନ୍ୟ । ମୁଁ ସକଳ ମନୁଷ୍ୟ ଭିତରେ କେବଳ ସେହି କାମ ଯାହା ନୈତିକତାର ବିରୋଧୀ ନୁହେଁ ।

ବିଶେଷ ଭାଷ୍ୟ—

ଯାହା ମନୁଷ୍ୟର ନାହିଁ ତାକୁ ପାଇବାକୁ ଅଭିଳାଷ କରିବା ହେଉଛି କାମ ବା କାମନା । ଯାହା ଅଛି ତାହା ପ୍ରତି ଆସକ୍ତିର ନାମ ହେଲା ରାଗ । ପାଠକେ ତେଣୁ ସହଜରେ ବୁଝିପାରିବେ ଯେ, କେବଳ ଆମ୍ଭମାନଙ୍କର ବ୍ୟକ୍ତିଗତ ଜୀବନର ଯେତେ ସବୁ ଜଞ୍ଜାଳ ନୁହେଁ, ରାଷ୍ଟ୍ରୀୟ, ସମାଜିକ, ଏପରିକି ଆନ୍ତ-ର୍ଜାତିକ ଜୀବନରେ ମଧ୍ୟ ଯେତେ ସବୁ କନ୍ଦଳ ଓ ବିଭ୍ରାଟ ଦେଖାଦଅନ୍ତି, ସେ ସବୁ ମଧ୍ୟ କିପରି କେବଳ ମନୁଷ୍ୟମାନଙ୍କର ଏଇ କାମ ଓ ରାଗର ପ୍ରେରଣାରୁ । ନିଜର ସ୍ୱରୂପ ବା ଆତ୍ମାକୁ ଆବିଷ୍କାର କରିବା ହିଁ ଗୀତାର ପ୍ରକୃତ 'ଧର୍ମ' ଏବଂ ସେହି ଆବିଷ୍କାର ହିଁ ପ୍ରକୃତ ମୁକ୍ତି ; କିନ୍ତୁ ପୃଥିବୀରେ ଏ ଲକ୍ଷ୍ୟ କେତେଜଣଙ୍କର ? ସମାଜରେ ଯେଉଁମାନେ ତଥାକଥିତ ଭାବରେ ଭାଗ୍ୟବାନ ଓ ପ୍ରଭାବଶାଳୀ, ସେମାନଙ୍କର ସାମର୍ଥ୍ୟ (ବଳ) ସାଧାରଣରେ ସେମାନଙ୍କଠାରେ କାମ-ରାଗର ସହଜ ଲଭ୍ୟତାରେ ହିଁ ପ୍ରକାଶ ପାଇଥାଏ । ଅର୍ଥାତ୍ ୟାକୁ ମାରିବା, ତାକୁ ତାଡ଼ିବା, ୟା ପାଇବା, ତାକୁ ଖତମ୍ କରିବା ଆଦି ଏବର ମନ୍ତ୍ରୀ-ନେତାମାନଙ୍କର

Digitized by srujanika@gmail.com

ଯାହା ଇଚ୍ଛା କରିବେ—ତାହା କରପାରିବା ଶକ୍ତି ଏବଂ ଯାହା ମିଳିଲା (ଧନ କ୍ଷମତାଦି) ତାକୁ ଯେ କୌଣସିମତେ ଜାବୁଡ଼ ଧରିବାର ଯେଉଁ ଶକ୍ତିର ସାତୁର୍ଯ୍ୟ ତାହାହିଁ କାମ ରାଗ ସମନ୍ୱିତ ବଳ; କିନ୍ତୁ ଏହି ଅତ୍ୟନ୍ତ ଦୟନୀୟ ଜୀବଗୁଡ଼ିକ ଭୁଲିଯାନ୍ତି ଯେ ସେମାନଙ୍କର ଏହି ଅପ-ବଳ ମଧ୍ୟ ଈଶ୍ୱରଙ୍କଠାରୁ ଆଗତ ଅଥଚ ଅପ-ପ୍ରଯୁକ୍ତ ।

କିନ୍ତୁ ମନେ ରଖିବାର କଥା ଏହି ଯେ, ମନୁଷ୍ୟ ଏ ସବୁରେ ଯେତିକି ମାତିରହେ ସେ ସେତିକି ଦୂରେଇ ରହେ ଆତ୍ମ-ଆବିଷ୍କାର ରୂପକ 'ଧର୍ମ'ରୁ । ଗୀତା ସେଥିପାଇଁ ଏଠାରେ କହି ରଖିଲେ ଯେ, ପ୍ରଯୁକ୍ତ ହେଲେ ହେଁ ମୁହିଁ ହିଁ ଅନାଚାରୀ ବଳବାନର ବଳ; କିନ୍ତୁ ମୁଁ ସ୍ପଷ୍ଟଭାବରେ ସେହି ବଳ, ଯାହା ପାର୍ଥିବ କାମରାଗ ବିବର୍ଜିତ ଓ ସେହିସବୁ କାମ (ନା), ଯାହା ଧର୍ମ (ଆତ୍ମାବିଷ୍କାର)ର ପ୍ରତିରୋଧକ ନୁହନ୍ତି । ଅର୍ଥାତ୍ ସାତ୍ତ୍ୱିକ ବଳ ଓ ସାତ୍ତ୍ୱିକ କାମ (ନା) ସୃଷ୍ଟିକରେ ବୁଦ୍ଧ, ଖ୍ରୀଷ୍ଟ ଓ ଗାନ୍ଧିଙ୍କୁ ; ତାହା ଯେ ବସ୍ତୁତଃ ଦୈବଶକ୍ତି, ଏଥିରେ ଆଉ ସନ୍ଦେହ କ'ଣ ଅଛି ? କିନ୍ତୁ କୌଣସି କୌତୂହଳୀ ପାଠକ ପଚାରି ପାରନ୍ତି, ଗୀତା, ମନୁଷ୍ୟଠାରେ ବା ମନୁଷ୍ୟ ସମାଜରେ ଦେଖାଦେଉଥିବା ସବୁ ଭଲକଥାତକ ତ ଈଶ୍ୱରଙ୍କର ପ୍ରକାଶ ବୋଲି କହିଗଲିଲେ । ତା'ହେଲେ ଏ ଜଗତରେ ଘଟୁଥିବା ମନ୍ଦକଥାଗୁଡ଼ାକ ପାଇଁ ଦାୟୀ କିଏ ?

ଗୀତା ସାହସର ସହିତ ଏହି ପ୍ରଶ୍ନର ସମ୍ମୁଖୀନ ହୋଇଛନ୍ତି । ପରବର୍ତ୍ତୀ ଶ୍ଳୋକରେ ସେ ଭଲ, ମନ୍ଦ (ସତ୍ତ୍ୱ, ରଜ, ତମ) ସବୁକୁ ହିଁ ମୁଁ ବୋଲି ସାହସର ସହିତ ସ୍ୱୀକାର କରିଛନ୍ତି । ବୋଧହୁଏ ପୃଥିବୀର କୌଣସି ଧର୍ମ ଶାସ୍ତ୍ରରେ କୌଣସି ପ୍ରଚାରକର ବାଣୀରେ ଏ ପ୍ରକାର ସାଧୁ ସାହସ ଓ ସାମଗ୍ରିକତା ଦେଖା ଦେଇ ନାହିଁ ; କିନ୍ତୁ ଆଧ୍ୟାତ୍ମିକତାଭିଳାଷୀ ସାଧକ ଏହାର ପ୍ରକୃତ ତାତ୍ପର୍ଯ୍ୟ ବୁଝିନେବା ଉଚିତ । ଗୀତାର ଈଶ୍ୱର ପର ଓ ଅ-ପର, ଭଲ ଓ ମନ୍ଦ, ପାପ ଓ ପୁଣ୍ୟ ଉଭୟରେ ପ୍ରକାଶିତ । ଆମେ ସେ ସବୁ ଭିତରୁ କାହାକୁ ଗ୍ରହଣ କରିବା, ସେ ଦାୟିତ୍ୱ ସଂପୂର୍ଣ୍ଣତଃ ଆମର ।

ଗୀତା ଆଗରୁ କହିସାରିଛନ୍ତି ଓ ପରେ ମଧ୍ୟ କହିବେ ଯେ ତାର ସୁଖ-ଦୁଃଖ ଓ ପାପ-ପୁଣ୍ୟପାଇଁ ମନୁଷ୍ୟ କେବଳ ନିଜେ ହିଁ ଦାୟୀ । ମନୁଷ୍ୟ ଦୁଃଖରୁ ତ୍ରାଣ ପାଇବ ଯେତିକିବେଳେ, ଯେତେବେଳେ ସେ ତଥାକଥିତ ପାର୍ଥିବ 'ସୁଖ'କୁ ମଧ୍ୟ ଆଉ ଲୋଡ଼ିବ ନାହିଁ । ସୁଖ-ଦୁଃଖାଦି, ଯୁଗ୍ମ ବା ଦ୍ୱନ୍ଦ୍ୱ ଭବ-କଳ୍ପ । ଗୋଟିଏ ଜୀବନ-ମୁଦ୍ରାର ଏପାଖ ଓ ସେପାଖ ମାତ୍ର । ସୁଖକୁ ଖୋଜିଲେ ସୁଖ ହୁଏତ ଆସିବ ; କିନ୍ତୁ ତା' ସାଥିରେ କିଛିନା କିଛି ଦୁଃଖ ମଧ୍ୟ

Digitized by srujanika@gmail.com

ଆସିବଇ ଆସିବ । ସେହିପରି ପାପ-ପୁଣ୍ୟ ଓ କୀର୍ତ୍ତି-ଅକୀର୍ତ୍ତି । ଗୀତା ବରାବର କହୁଛନ୍ତି ଯେ, ମନୁଷ୍ୟର ଦୁଃଖର ଶେଷ ହେବ କେବଳ 'ମୁକ୍ତି'ରେ ବା 'ବ୍ରହ୍ମ-ନିର୍ବାଣ'ରେ ଏବଂ ସେଥିପାଇଁ ମାର୍ଗ ହେଉଛି ପାର୍ଥିବ ସୁଖ-ଦୁଃଖାଦି 'ଦ୍ୱନ୍ଦ୍ୱ' ଭବ-କଳ୍ପମାନଙ୍କର ଊର୍ଦ୍ଧ୍ୱକୁ ଉଠି, ମନୁଷ୍ୟ 'ଦ୍ୱନ୍ଦ୍ୱାତୀତ' ହୋଇ ସେ ସମସ୍ତର ଏକମାତ୍ର ଉତ୍ସ ବ୍ରହ୍ମ ବା ଈଶ୍ୱରଙ୍କଠାରେ ଏକାନ୍ତ ଭାବରେ ସମର୍ପିତ ହୋଇ ଯିବାରେ (ଭକ୍ତିଯୋଗ) ଅଥବା ବିଶୁଦ୍ଧ ବିଦ୍ୟାଚର୍ଚ୍ଚା (ଜ୍ଞାନଯୋଗ)ରେ ମଗ୍ନ ରହିବାରେ ବା ଫଳାଭିଳାଷଶୂନ୍ୟ ଓ କର୍ତ୍ତୃତ୍ୱାଭିମାନ ଶୂନ୍ୟରହି, ଜନସେବା (ଲୋକ ସଂଗ୍ରହ) ଦେଇ ତାର ଦୈନନ୍ଦିନ କର୍ମ ସବୁକୁ ଯଜ୍ଞାୟିତ (କର୍ମଯୋଗ) କରିଦେବାରେ ।

କିନ୍ତୁ ସାଧାରଣ ମନୁଷ୍ୟର ଏ ପ୍ରକାର ଚିନ୍ତା-ସ୍ତରକୁ ଆସିବା ହୁଏତ ସହଜ ନୁହେଁ । ସାଧାରଣ ମନୁଷ୍ୟ ଏକ ପ୍ରାଣୀ ମାତ୍ର । ତାର ଚେତନା ସାଧାରଣତଃ ପ୍ରବୃତ୍ତିମାର୍ଗୀ ଓ ବହିର୍ମୁଖୀ । ସେ ଇନ୍ଦ୍ରିୟତୋଷଣାଭିଳାଷୀ ହେବା ସ୍ୱାଭାବିକ । ଅର୍ଥାତ୍ ସାଧାରଣ ମନୁଷ୍ୟ ଅଧିକାଂଶ ଭାବରେ ତମ ଓ ରଜୋଗୁଣ ପରିଚାଳିତ ରହିବଇ ରହିବ ; କିନ୍ତୁ ଆଧ୍ୟାତ୍ମିକ ଜୀବନର ଆରମ୍ଭ ହେବ ସେତେବେଳେ, ଯେତେବେଳେ କି ମନୁଷ୍ୟ ସତ୍ତ୍ୱଗୁଣାନ୍ୱିତ କର୍ମଆଡକୁ ଆକୃଷ୍ଟ ହେବ । ଆମ୍ଭମାନଙ୍କ ଭିତରେ ରଜ ଓ ତମୋଗୁଣର ପ୍ରକାଶ ହୋଇଥାଏ ଅଧିକାଂଶ ଭାବରେ—ବଳ-ଦର୍ପ ଅହଂକାର ଅଭିମାନ ଦେଇ ବା ଆଳସ୍ୟ ଓ ନିଶ୍ଚେଷ୍ଟତା ଦେଇ । ଆଧ୍ୟାତ୍ମିକତାର ଅଭିବୃଦ୍ଧି ପାଇଁ ଆମକୁ କ୍ରମେ ଏଇ ସବୁକୁ ସତ୍ତ୍ୱାୟିତ କରିବାକୁ ପଡବ । ଗୀତା ସେହି ସବୁକୁ ଏଠାରେ ସୂଚିତ କରିଯାଉଛନ୍ତି ମାତ୍ର । ମନୁଷ୍ୟକୁ ଊର୍ଦ୍ଧ୍ୱଗ, ଉନ୍ମୁଖୀ ଓ ଦୁଃଖ ମୁକ୍ତ କରିବା ହେଉଛି ଗୀତାର ଲକ୍ଷ୍ୟ । ତେଣୁ କେଉଁ କେଉଁ ପ୍ରକାର ଚିନ୍ତା, କର୍ମ ଓ ବ୍ୟବହାର ଦେଇ ମନୁଷ୍ୟ ଆଧ୍ୟାତ୍ମିକତାର ନିଶୁଣୀରେ ଉପରକୁ ଉଠି ଚାଲିବ; ଗୀତା କେବଳ ସେହି-ଗୁଡକୁ ଦେଖେଇ ଚାଲିଛନ୍ତି । ଆମ ଚିତ୍ତରେ ରେଖାପାତ କରିବାପାଇଁ କେବଳ କୁହାଯାଇଛି ଯେ—ମୋର ପ୍ରକାଶ ଏଇ ଏଇ ପ୍ରକାର କର୍ମରେ ଏବଂ ଏହାର ବିପରୀତଧର୍ମୀ କର୍ମଗୁଡାକୁ ସାଧକକୁ ପରିତ୍ୟାଗ କରିବାକୁ ହେବ । ଦୈହିକ ବଳ ଓ ମାନସିକ କାମର ପ୍ରକାଶ ଲାଳସା ମନୁଷ୍ୟର ଅନ୍ତର୍ନିହିତ ; କିନ୍ତୁ ଯେଉଁ ବଳ ଓ ଯେଉଁ କାମ କେବଳ ନୈତିକତା ବା ଧର୍ମଦ୍ୱାରା ପ୍ରଣୋଦିତ, ତାହାହିଁ ଆଧ୍ୟାତ୍ମିକ ଜୀବନରେ ସହାୟତା କରିଥାଏ । ଛାନ୍ଦୋଗ୍ୟ ଉପନିଷଦ (୮/୩)ର ଏହି ବାକ୍ୟ ଅନୁଧ୍ୟେୟ—

"ମନୁଷ୍ୟର ସାଧାରଣ କାମ୍ୟ ବସ୍ତୁ ସକଳ ମିଥ୍ୟାଦ୍ୱାରାହିଁ ଆବୃତ । ମିଥ୍ୟାହିଁ ସେହିସବୁ ସ୍ୱତଃ ବିଦ୍ୟମାନ କାମ୍ୟ ସକଳର ଆବରଣ ।"

Digitized by srujanika@gmail.com

ଅର୍ଥାତ୍ ମନୁଷ୍ୟର ଅନ୍ନ, ପାନୀୟ, ସ୍ତ୍ରୀ, ପୁତ୍ର ଇତ୍ୟାଦି ସକଳ କାମ୍ୟ ବିଷୟ ଆମ ଆତ୍ମାରେହିଁ ଅବସ୍ଥିତ ଏବଂ ଆତ୍ମାଦେଇ ହିଁ ସନ୍ତୁଷ୍ଟ । ଅଥଚ ମନୁଷ୍ୟ ଭ୍ରମରେ ମନେକରେ ଯେ, ସେ ସବୁକୁ ବାହାରୁ ପାଉଛି । ମନୁଷ୍ୟର ଦୃଷ୍ଟି ଓ ଆଚରଣ ବାହାରର କାମ୍ୟ ବସ୍ତୁ ଲାଭକରି ପାରେ ନାହିଁ । ମିଥ୍ୟା ହିଁ ସେହି ସତ୍ୟର ଆବରଣ । ଆମେ ଆବରଣ ପ୍ରତି ଆସକ୍ତରହି, ଅନ୍ତର୍ନିହିତ ସାରକୁ ହରାଇଥାଉ । ରାମକୃଷ୍ଣଙ୍କର ଏକ ସଂପୃକ୍ତ ଦୃଷ୍ଟାନ୍ତ ପ୍ରତ୍ୟେକ ସାଧକ ମନେ ରଖିବା ଉଚିତ ।

"ଆମେ ଈଶ୍ୱରଙ୍କୁ କାହିଁକି ଧ୍ୟାନକରି ପାରୁନା ? କେବଳ ନୀଚ କାମନା ସବୁପାଇଁ । ମାଛି ଦେବତାର ପ୍ରସାଦ ଉପରେ ବସେ ; କିନ୍ତୁ ମହୁ ମାଛିର କାର୍ଯ୍ୟ ସଂପୂର୍ଣ୍ଣ ପୃଥକ୍ । ସେ ହୁଏତ ଥିବ ତାର ଫେଣାରେ; ନଚେତ୍ ଫୁଲରେ । ଅନ୍ୟତ୍ର ନୁହେଁ । ସଂସାରୀ ଲୋକର ମନ ମାଛିପରି । ସେମାନେ କେବଳ ଈଶ୍ୱରଙ୍କ କଥା ଭାବିଲେ ମଧ୍ୟ ପରକ୍ଷଣରେ ସଂସାର-ସୁଖରେ ମାତି ଈଶ୍ୱରଙ୍କୁ ଭୁଲିଯାନ୍ତି ; କିନ୍ତୁ ପରମହଂସଙ୍କର ଚିତ୍ତ ମହୁମାଛି ପରି । ସେ ସର୍ବଦା ଈଶ୍ୱରଙ୍କଠାରେ ଯୁକ୍ତ ।"

(୧୨)

ଯେ ଚୈବ ସାତ୍ତ୍ୱିକାଭାବା ରାଜସାସ୍ତାମସାଶ୍ଚ ଯେ
ମତ୍ତ ଏବେତି ତାନ୍ ବିଦ୍ଧି ନତ୍ୱହଂ ତେଷୁ ତେମୟି । ୧୨ ।

ଯେ ଚ ଏବ ସାତ୍ତ୍ୱିକାଃ, ରାଜସାଃ, ତାମସାଃ ଭବାଃ (ଯେଉଁ ଲୋକମାନେ ସାତ୍ତ୍ୱିକ, ରାଜସିକ ଓ ତାମସିକ ଭାବ ସଂପନ୍ନ) ତାନ୍ ସର୍ବାନ୍ (ସେ ସମସ୍ତଙ୍କୁହିଁ) ମତ୍ତଃ ଏବ ବିଦ୍ଧି (ମୋଠାରୁ ଉତ୍ପନ୍ନ ବୋଲି ଜାଣିବ) । ତେଷୁ ଅହଂ ନ (ସେମାନଙ୍କ ଭିତରେ ମୁଁ ଆବଦ୍ଧ ନୁହେଁ), ତୁ ତେ ମୟି (କିନ୍ତୁ ସେ ସମସ୍ତେ ମୋଠାରେ ଅବସ୍ଥିତ ବୋଲି ଜାଣିବ) ।

ଅନୁବାଦ

ହେ ଅର୍ଜ୍ଜୁନ, ସକଳ ପ୍ରାଣୀଠାରେ ଦେଖାଦେଉଥିବା ସାତ୍ତ୍ୱିକ, ରାଜସିକ ଓ ତାମସିକାଦି ସମସ୍ତ ଭାବ ମୋଠାରୁ (ଈଶ୍ୱରଙ୍କ) ଠାରୁ ହିଁ ଜାତ ବୋଲି ଜାଣିବ ; କିନ୍ତୁ ସେ ସମସ୍ତ ମୋଠାରେ ଆଦୌ ଆବଦ୍ଧ ନୁହେଁ ବୋଲି ଜାଣିବ ।

Digitized by srujanika@gmail.com

ବିଶେଷ ଭାଷ୍ୟ—

ନତ୍ୱହଂ ତେଷୁ, ତେ ମୟି—ମୁଁ ତାଙ୍କଠି ନ ଥାଏ, ସେମାନେ କିନ୍ତୁ ମୋଠି ଥାନ୍ତି—ଏହି ବାକ୍ୟଟି ବିଶଦୀକରଣ ଆବଶ୍ୟକ କରେ ।

ଧରନ୍ତୁ ଜଣେ ଡକାଇତ । ଆମେ କହିପାରିବା କି, ସମାଜର ଆତଙ୍କ ସେହି କ୍ରୁରକର୍ମା ଡକାଇତ, ଈଶ୍ୱରଙ୍କ ରାଜ୍ୟର ଲୋକ ନୁହେଁ ? ଗୀତା ଅସାଧାରଣ ସାହସର ସହିତ ଘୋଷଣା କରୁଛନ୍ତି ଯେ—ଗାନ୍ଧି ଯେପରି ଈଶ୍ୱର, ଠିକ ସେହିପରି ମଧ୍ୟ ଈଶ୍ୱର ସେହି ଡକାଇତ, ସେହିପରି ଈଶ୍ୱର ମଧ୍ୟ ଜୀବଖାଦକ କୁମ୍ଭୀର ବା ବ୍ୟାଘ୍ର; କିନ୍ତୁ ଅନ୍ୟ ପକ୍ଷରେ ଆମେ ମଧ୍ୟ କହିପାରିବା ନାହିଁ ଯେ, ଈଶ୍ୱର କେବଳ କୌଣସି ଡକାଇତଠାରେ ବା କୌଣସି ବାଘ ବା କୁମ୍ଭୀରଠାରେ ସୀମାବଦ୍ଧ, ଠିକ୍ ସେହିପରି ସେ କେବଳ ଜଣେ ଗାନ୍ଧିଠାରେ ମଧ୍ୟ ସୀମାବଦ୍ଧ ନୁହନ୍ତି । ଗୀତା କହୁଛନ୍ତି ଗାନ୍ଧି ଓ ଡକାଇତ ଉଭୟଠି ମୁଁ ପ୍ରକଟିତ । ପ୍ରଭେଦ କେବଳ ଅଳ୍ପ-ବହୁତର ପ୍ରଭେଦ । କେଉଁଠି ଅଳ୍ପ ଈଶ୍ୱର, କେଉଁଠି ଅଧିକ ଈଶ୍ୱର; ମାତ୍ର ଈଶ୍ୱର ସର୍ବତ୍ର ଓ ସମସ୍ତଙ୍କଠାରେ ଅବସ୍ଥିତ । ଡକାଇତଠାରେ ଯେପରି ସେ ସୀମାବଦ୍ଧ ନୁହନ୍ତି, ସେହିପରି ମଧ୍ୟ ସୀମାବଦ୍ଧ ହୋଇଯାଇ ନାହାନ୍ତି ଗାନ୍ଧି ବା ଯୀଶୁଖ୍ରୀଷ୍ଟଙ୍କଠାରେ । ଈଶ୍ୱର, ଖ୍ରୀଷ୍ଟ ଓ ଡକାଇତ ଉଭୟଠି ଥାଇ ମଧ୍ୟ ଏ ଉଭୟର ଊର୍ଦ୍ଧ୍ୱରେ ।

ପୁଣି ନିରୀଶ୍ୱର ସାଂଖ୍ୟ ମତରେ ସତ୍ତ୍ୱ, ରଜ ଓ ତମ ଏହି ତ୍ରିଗୁଣାତ୍ମିକା ପ୍ରକୃତି, ଅନାଦି ଓ ସ୍ୱତନ୍ତ୍ର । ଗୀତା ପ୍ରକୃତରେ ବେଦାନ୍ତ ପ୍ରଚାରକ ଗ୍ରନ୍ଥ ଥିବାରୁ, ଏ ଶ୍ଳୋକରେ ସାଂଖ୍ୟ ମତକୁ କାଟିଦେଇ ଜୋରରେ ଘୋଷଣା କରୁଛନ୍ତି ଯେ, ସତ୍ତ୍ୱ-ରଜ-ତମ-ଗୁଣାତ୍ମିକା ପ୍ରକୃତି ମଧ୍ୟ ମୋ (ଈଶ୍ୱରଙ୍କ)ଠାରୁ ଜାତ । ସେ ନିଶ୍ଚୟ ସ୍ୱତନ୍ତ୍ର ନୁହେଁ । ପୁଣି ସତ୍ତ୍ୱ, ରଜ ବା ତମ ସବୁଠି ଈଶ୍ୱର ଥିଲେ ହେଁ କୌଣସି ବିଶେଷ ସତ୍ତ୍ୱ ବା ରଜ ବା ତମଠାରେ ମୁଁ (ଈଶ୍ୱର) ବାନ୍ଧି ହୋଇ ରହିନାହିଁ । ଈଶ୍ୱର ସେମାନଙ୍କଠାରେ ଅଥଚ ସେମାନଙ୍କ ବାହାରେ । Immanent ଓ Transcedent. ତେ ମୟି—ସେମାନେ ହେଉଛନ୍ତି ପ୍ରକୃତରେ ମୁଁ (ଈଶ୍ୱର) କିନ୍ତୁ ତେଷୁ ଅହଂ ନ (ମୁଁ (ଈଶ୍ୱର) ସେମାନଙ୍କଠାରେ ସୀମାବଦ୍ଧ ନୁହେଁ) । ବସ୍ତୁତଃ ଈଶ୍ୱର ଏ ସୃଷ୍ଟିର କୌଣସି ନିର୍ଦ୍ଦିଷ୍ଟ ବସ୍ତୁର ସ୍ଥିତାବସ୍ଥା ମାତ୍ର ହୋଇ ନ ପାରନ୍ତି । ଘୃଣ୍ୟ ଖତ ହିଁ ସ୍ୱର୍ଣ୍ଣଶସ୍ୟ ହୋଇ ଆମକୁ ପରିପୋଷଣ କରୁଛି, ଅଙ୍ଗାରଜାତୀୟ ହୀରକ ଖଣିର ମାଟି-ପଥର-ମିଶ୍ରିତ ଆଦିମ ଅବସ୍ଥାରୁ ଉଠି, ଶେଷରେ ରଜାର ମୁକୁଟରେ ସ୍ଥାନ ପାଉଛି । ତରୁଣ ଜୀବନର ସ୍ତ୍ରୈଣ ଗାନ୍ଧି ଶେଷରେ ବିଶ୍ୱପୂଜ୍ୟ ମହାତ୍ମା ହୋଇପାରୁଛି । ଏ ସୃଷ୍ଟିରେ ପ୍ରତ୍ୟେକ ଜୀବ ଓ

Digitized by srujanika@gmail.com

ବସ୍ତୁ ଭିତରେ ଥିବା ବିପୁଳ ସମ୍ଭାବନା ହିଁ ଶ୍ରେଷ୍ଠ ଦୈବତ ସଙ୍କେତ । ତମ-ସ୍ଥ ଈଶ୍ୱର ଦିନେ ସତ୍ତ୍ୱ-ସ୍ଥ ଈଶ୍ୱର ରୂପେ ଦେଖାଦେବେ । ଅଥଚ ତମ-ରଜ-ସତ୍ତ୍ୱ ସବୁଠି ଥିଲେ ହେଁ, ଈଶ୍ୱର ସେ ସବୁର ବାହାରେ । ତମ-ରଜ-ସତ୍ତ୍ୱ ତିନଟି-ଯାକର ଉତ୍ସ ଏବଂ ତମରୁ ସତ୍ତ୍ୱ ହେବା ଓ ସତ୍ତ୍ୱାତୀତ ହେବା—ଏ ସମସ୍ତର ଉତ୍ସ ମଧ୍ୟ ସେହି ।

(୧୩)

ତ୍ରିଭିର୍ଗୁଣମୟୈର୍ଭାବୈରେଭିଃ ସର୍ବମିଦଂ ଜଗତ୍
ମୋହିତଂ ନାଭିଜାନାତି ମାମେଭ୍ୟଃ ପରମବ୍ୟୟଂ । ୧୩ ।

ଏଭିଃ ତ୍ରିଭିଃ ଗୁଣମୟୈଃ ଭବୈଃ (ଏହି ସତ୍ତ୍ୱ, ରଜ, ତମାଦି ତିନୋଟି ଗୁଣଦ୍ୱାରା ପ୍ରଭାବିତ ଚିନ୍ତା ଯୋଗୁଁ) ଇଦଂ ସର୍ବଂ ଜଗତ୍ ମୋହିତଂ (ଏହି ନିଖିଳ ଜଗତ ମୋହ ପ୍ରାପ୍ତ) । [ତେଣୁ ଏ ଜଗତ] ଏଭ୍ୟଃ ପରମ୍ (ଏ ସବୁରୁ ଶ୍ରେଷ୍ଠ) ମାଂ ଅବ୍ୟୟଂ (ଅବିନାଶୀ ମତେ ବା ଈଶ୍ୱରଙ୍କୁ) ନ ଅଭିଜାନାତି (ଅବବୋଧ କରିପାରୁ ନାହିଁ) ।

ଅନୁବାଦ—

ହେ ଅର୍ଜୁନ, ସତ୍ତ୍ୱ, ରଜ, ତମ ଏହି ତିନୋଟି ଗୁଣଦ୍ୱାରା ନିଖିଳ ବିଶ୍ୱ ପ୍ରଭାବିତ । ଏହି ସମସ୍ତ ନଶ୍ୱର ଅବସ୍ଥାରେ ପ୍ରଭାବିତ ହୋଇ ବିଶ୍ୱ-ଜନ; ଅ-ନଶ୍ୱର (ଅବ୍ୟୟ) ମତେ (ଈଶ୍ୱରଙ୍କୁ) ଜାଣିପାରି ନଥାନ୍ତି ।

ବିଶେଷ ଭାଷ୍ୟ—

ସାଧାରଣ ଧାରଣା ଯେ ତମୋ ଗୁଣ ହିଁ ମନ୍ଦ ଓ ପରିତ୍ୟଜ୍ୟ ; କିନ୍ତୁ ଏକ ପକ୍ଷରେ ଆଳସ୍ୟ, ଅବସାଦ ଦୁର୍ବଳତା, ଇନ୍ଦ୍ରିୟାସକ୍ତି ଇତ୍ୟାଦି ତମୋଗୁଣ ଯେପରି ପରିତ୍ୟଜ୍ୟ, ଜୀବନରେ ତଥାକଥିତ ସିଦ୍ଧି ଅର୍ଜନପାଇଁ ରଜୋଗୁଣାତ୍ମକ ଗର୍ବ, ଦମ୍ଭ, ଅହଂକାର, ଅଭିମାନାଦି ମଧ୍ୟ ସେହିପରି ମନ୍ଦ ଓ ପରିତ୍ୟଜ୍ୟ । ଏହି ଉଭୟରୁ ମୁଖ ଫେରାଇ, ପରୋପକାର ଓ ଜ୍ଞାନ ସାଧନାଦି ସାତ୍ତ୍ୱିକ ଗୁଣ ସବୁ ପ୍ରତି ଆଭିମୁଖ୍ୟର ଅଭ୍ୟାସ ସାତ୍ତ୍ୱିକ ଜୀବନର ଲକ୍ଷଣ ।

କିନ୍ତୁ ଗୀତା ବାରମ୍ବାର କହୁଛନ୍ତି ଯେ, ଈଶ୍ୱରଙ୍କୁ ଜାଣିବାକୁ ବା ପାଇବାକୁ ହେଲେ, ସାଧକକୁ ତମ ଓ ରଜ ଗୁଣପରି ସାତ୍ତ୍ୱିକତା ପ୍ରତି ଆସକ୍ତି ଓ ତା' ନେଇ ଅହଂକାର ଭାବ ମଧ୍ୟ ଛାଡ଼ିବାକୁ ହେବ । ଅଧିକାଂଶ ଲୋକ କେବଳ ଯଶୋଲିପ୍ସାରୁ ହିଁ, ପୋଖରୀ ଖୋଳେଇବା, ଦେଉଳ-ଧର୍ମଶାଳା ତିଆ

Digitized by srujanika@gmail.com

କରାଇବା ଦାନ ଧର୍ମ ଇତ୍ୟାଦି କରିଥାନ୍ତି । ବୁଦ୍ଧିଜୀବୀମାନେ ନିଜ ନିଜ କୃତି ନେଇ ଅହଂକାର ଭାବ ପୋଷଣ କରିବା ସାଧାରଣ ଚିତ୍ର । ଗୀତା ସ୍ପଷ୍ଟ ଭାଷାରେ କହୁଛନ୍ତି ଯେ, ଅର୍ଥଲାଳସା, ଯୌନଲାଳସା ବା କୀର୍ତ୍ତିଲାଳସା ପରି (ଯାହା ତମୋ-ଗୁଣ ଓ ରଜୋଗୁଣର ପ୍ରକାଶକ) ସାତ୍ତ୍ୱିକ ଗୁଣଯୁକ୍ତ ବୌଦ୍ଧିକ ଓ ନୈତିକ ଆସକ୍ତି ଓ ଅଭିମାନ ମଧ୍ୟ ଠିକ୍ ତମ ବା ରଜପରି ଏକ ମୋହ ଏବଂ ସେ ମୋହ ଥିଲା ପର୍ଯ୍ୟନ୍ତ କେହି ଅନ୍ତତଃ ଈଶ୍ୱରଙ୍କୁ ସ୍ପଷ୍ଟ ଦେଖି ବା ଜାଣି ପାରିବେ ନାହିଁ ।

ସମୁଦ୍ରଠାରୁ ଭିନ୍ନ ନ ହେଲେ ହେଁ ଉର୍ମିମାଳା ସମୁଦ୍ର ନୁହନ୍ତି କିମ୍ବା ସମୁଦ୍ର ଠାରୁ ଭିନ୍ନ କୌଣସି ସତ୍ତା ଉର୍ମିମାନଙ୍କର ନାହିଁ । ଉର୍ମି ସମୁଦ୍ରରୁ ଜାତ ଓ ସମୁଦ୍ରରେ ଲୀନ ହେବାହିଁ ଉର୍ମି ଜୀବନର ଏକମାତ୍ର ସତ୍ୟ ବର୍ଣ୍ଣନା ।

ସମଗ୍ର ଏହି ସୃଷ୍ଟି ଓ ସେଥିରେ ଥିବା ଆମେ ପ୍ରତ୍ୟେକ ମନୁଷ୍ୟ, କେବଳ ଏକ ବିଶ୍ୱବ୍ୟାପ୍ତ ପରମ ସତ୍ତାର ଅଗଣିତ ପ୍ରକାଶ ମାତ୍ର । ପ୍ରକୃତିସ୍ଥ ତମ-ରଜ-ସତ୍ତ୍ୱର ପ୍ରଭାବହିଁ ମନୁଷ୍ୟକୁ ଆଣି ଦେଉଛି ଈଶ୍ୱରଠାରୁ ଭିନ୍ନତାର ଭାବ । ଫଳରେ ଆତ୍ମାର ସ୍ଥାନରେ ଗଜାଉଠେ ଅହଂକାର । ଏହି ଅହଂଭାବ କିନ୍ତୁ ଏକାନ୍ତ ଅଯୌକ୍ତିକ ଓ ଅଯଥାର୍ଥ । ଯେତେବେଳେ ଅହଂଭାବର ସଂପୂର୍ଣ୍ଣ ବିଲୟ ଘଟିବା ଫଳରେ, ମନୁଷ୍ୟ ନିଜର ଆତ୍ମା ଓ ଆତ୍ମା ସହିତ ବିଶ୍ୱ-ବ୍ୟାପ୍ତ ପରମାତ୍ମାର ଅଭିନ୍ନ ସଂବନ୍ଧକୁ ପୁନରାବିଷ୍କାର କରେ, ତାହାହିଁ ଗୀତାର ଈଶ୍ୱର-ଦର୍ଶନ ବା ବ୍ରହ୍ମ-ନିର୍ବାଣ; ଅନ୍ୟ କିଛି ନୁହେଁ ।

ଏ ଶ୍ଳୋକରେ ତେଣୁ "ମତେ ଜାଣିପାରନ୍ତି ନାହିଁ"ର ଅର୍ଥ ନୁହେଁ—ଅର୍ଜୁନ-ସାରଥି ଶ୍ରୀକୃଷ୍ଣଙ୍କୁ ଚିହ୍ନିବା । ଏହାର ପ୍ରକୃତ ତାତ୍ପର୍ଯ୍ୟ ହେଲା—ତମ-ରଜ-ସତ୍ତ୍ୱାଦି ଗୁଣ-ପ୍ରଭାବିତ ରହିବାଯୋଗୁଁ ମନୁଷ୍ୟ ଏ ସବୁର ପରମ ଉତ୍ସ ଈଶ୍ୱର ବା ପରମାତ୍ମା ବା ବ୍ରହ୍ମର ଅସ୍ତିତ୍ୱ ସଂପର୍କରେ ବିସ୍ମୃତ ହୋଇ ପଡ଼ିବା ।

(୧୪)

ଦୈବୀ ହ୍ୟେଷା ଗୁଣମୟୀ ମମ ମାୟା ଦୁରତ୍ୟୟା
ମାମେବ ଯେ ପ୍ରପଦ୍ୟନ୍ତେ ମାୟାମେତାଂ ତରନ୍ତି ତେ । ୧୪ ।

ମମ ଏଷା ଗୁଣମୟୀ ଦୈବୀ ମାୟା (ମୋର ଏହି ତ୍ରିଗୁଣାତ୍ମିକା ଦୈବୀ ମାୟା) ହି ଦୁରତ୍ୟୟା (ନିଶ୍ଚିତ ଭାବରେ ଦୁରତିକ୍ରମ୍ୟ) । ଯେ ମାଂ ଏବଂ ପ୍ରପଦ୍ୟନ୍ତେ (ଯେଉଁମାନେ ମତେଇ ଅର୍ଥାତ୍ ଈଶ୍ୱରଙ୍କୁ ହିଁ ଆଶ୍ରୟ କରନ୍ତି) ତେ

Digitized by srujanika@gmail.com

ଏତାଂ ମାୟାଂ ତରନ୍ତ (କେବଳ ସେଇମାନେ ଏହି ମାୟାକୁ [ସହଜରେ] ଅତିକ୍ରମ କରିଯାଆନ୍ତ) ।

ଅନୁବାଦ—

ହେ ଅର୍ଜୁନ, ଏହା ଅବଶ୍ୟ ସତ୍ୟ ଯେ ଏହି ତ୍ରିଗୁଣାତ୍ମିକା ମାୟାଭବ ମଧ୍ୟ ଦୈବ, ଅର୍ଥାତ୍ ଈଶ୍ୱରକୃତ ଏବଂ ଏହି ମାୟା-ଭବକୁ କଟେଇ ଉଠିବା ପ୍ରକୃତରେ ଅତ୍ୟନ୍ତ ଦୁଷ୍କର କର୍ମ । ଏହି ମାୟା-ଭବକୁ କେବଳ ସେହିମାନେ କଟେଇ ପାରନ୍ତ, ଯେ (ଏହି ମାୟାର ସ୍ରଷ୍ଟା ଓ ବିଧାତା) ଈଶ୍ୱରଙ୍କର ଆଶ୍ରୟ ନଅନ୍ତ ।

ବିଶେଷ ଭାଷ୍ୟ—

ପାଠକେ ମନେ ରଖିବେ ଯେ, ସମଗ୍ର ଗୀତାରେ ଏହିଠାରେ, ଏହି ଶ୍ଳୋକଟିରେହିଁ ଆମର ଅତି ପରିଚିତ 'ମାୟା' ଶବ୍ଦଟି, ଏଇ ପ୍ରଥମ ବ୍ୟବହୃତ ହେଲା । ଆମର ସମଗ୍ର ବେଦରେ 'ମାୟା' ଶବ୍ଦ ଦେଖା ଦେଇନ । 'ମାୟା' ଶବ୍ଦ ପ୍ରଥମେ ଦେଖାଦେଲା ଉପନିଷଦରେ । ବେଦାନ୍ତ-ଦର୍ଶନର ବ୍ୟାଖ୍ୟାରୂପେ ଶଙ୍କରଙ୍କ ମାୟାବାଦର ପ୍ରଚର ଫଳରେହିଁ ଏହା ସମଗ୍ର ଭାରତୀୟ ଚେତନାର ଆଜି ଅପରିହାର୍ଯ୍ୟ ଅଂଗ ହୋଇପଡ଼ିଛି ଏବଂ ଆମର ବହୁ ଅନିଷ୍ଟ ସାଧନ କରିଛି । ଏ ଶବ୍ଦ ସାଧାରଣରେ 'ମିଥ୍ୟା' ଅର୍ଥରେହିଁ ବ୍ୟବହୃତ ହୋଇଥାଏ । 'ଏ ଜଗତ୍ ମାୟା' ଏହାର ଅର୍ଥ ଏହି ଯେ, ଆମର ଦୈନନ୍ଦିନ ପ୍ରତ୍ୟକ୍ଷୀଭୂତ ସୁଖ-ଦୁଃଖର ଏଇ ଅତି ବାସ୍ତବ ସଂସାରଟା ଏକାବେଳେକେ ମିଥ୍ୟା । ଏହାହିଁ ଶଙ୍କରଙ୍କର ଇଣ୍ଟରପ୍ରିଟେଶନ୍ (Interpretation) ।

କିନ୍ତୁ ଭଗବଦ୍ ଗୀତା ଏ ଅର୍ଥରେ 'ମାୟା' ଶବ୍ଦ କୌଣସିଠାରେ ହେଲେ ବ୍ୟବହାର କରିନାହାନ୍ତି । ଆମେ ଏହି ଅଧ୍ୟାୟର ଚତୁର୍ଥ ଓ ପଞ୍ଚମ ଶ୍ଳୋକରେ ଦେଖିଲୁଁ ଯେ, ଈଶ୍ୱର ଏହି ସୃଷ୍ଟିର ପର ଓ ଅପର ଉଭୟ ଅଂଶପାଇଁ ଦାୟିତ୍ୱ ନେଉଛନ୍ତି । ଅର୍ଥାତ୍ ଆମର ପରିଚିତ ଏହି ପାର୍ଥିବାଂଶ 'ଅ-ପର' ବା ନିକୃଷ୍ଟ ବା ଅପୂର୍ଣ୍ଣ ହୋଇପାରେ ; କିନ୍ତୁ ଏହା ମିଥ୍ୟା ନୁହେଁ । ଏଥିରେ ମଧ୍ୟ ଈଶ୍ୱରଙ୍କର ଅଧିବାସ ।

ଗୀତାରେ 'ମାୟା' ଶବ୍ଦର ପ୍ରକୃତ ତାତ୍ପର୍ଯ୍ୟ ହେଲା 'ଆପେକ୍ଷିକତା' । ବେଦାନ୍ତ ଦର୍ଶନକୁ ଗ୍ରହଣକରି ନେଇଥିବାରୁ, ଗୀତାରେ ସୃଷ୍ଟି ଓ ସ୍ରଷ୍ଟା ଏକ ଓ

Digitized by srujanika@gmail.com

ଅଭିନ୍ନ , କିନ୍ତୁ ଅହରହ ପରିବର୍ତ୍ତନଶୀଳ ଏହି ସୃଷ୍ଟି । ଅଥଚ ସ୍ରଷ୍ଟା ପରିବର୍ତ୍ତନ-ଶୀଳ ହୋଇ ନ ପାରନ୍ତ । ସେ ଅବ୍ୟୟ ଓ ଅକ୍ଷୟ ; କିନ୍ତୁ ସ୍ଥାନ-କାଳ-ନିମିତ୍ତର ସୀମିତତାକୁ ଗ୍ରହଣ କରିଥିବାରୁ ଜୀବାତ୍ମା ସେହି ଅବ୍ୟୟ, ଶାଶ୍ୱତ ଏକମେବା-ଦ୍ୱିତୀୟଙ୍କୁ ନ ଦେଖି କେବଳ ନାମ-ରୂପର ସମଷ୍ଟିକୁଇ ଦେଖୁଛି । ସ୍ଥାନ-କାଳ-ନିମିତ୍ତର ପ୍ରଭାବରେହିଁ ମନୁଷ୍ୟଠାରେ 'ମୁଁ'—'ମୋର'—ଭାବ ପ୍ରବଳ ହୋଇ ଉଠେ । ସବୁ ଯେ 'ସେ' ଏକଥା ମନୁଷ୍ୟ ସହଜରେ ବୁଝିପାରେନ ବା ସବୁ-ବେଳେ ମନେ ରଖିପାରେନ । ଏହି ସ୍ଥାନ-କାଳ-ନମିତ୍ତର ସୀମିତତା ହେତୁହିଁ, ପୁଣି, ଯାହା କ୍ଷଣସ୍ଥାୟୀ ତାକୁ ଚିରନ୍ତନ ଭାବିବା ବା ଅବସ୍ତୁକୁ ବସ୍ତୁ ବୋଲି ଧରିନେବା ଇତ୍ୟାଦି ହେଲା ଜୀବର ଅବିଦ୍ୟା, ଅଜ୍ଞାନ ବା ମାୟା । ଏହା ଏକ ଅଦୃଶ୍ୟ, ମନସ୍ତାତ୍ତ୍ୱିକ ପର୍ଦ୍ଦା, ଯାହା କାଳାତୀତଙ୍କୁ କାଳଦ୍ୱାରା, ଭୂମାଙ୍କୁ ସ୍ଥାନଦ୍ୱାରା ଏବଂ ସର୍ବକର୍ତ୍ତାଙ୍କୁ ନମିତ୍ତଦ୍ୱାରା ଆମଠୁ ଘୋଡାଇ ରଖୁଛି । ଆମ ଚାରିପାଖେ ମାୟା ବା ଅଜ୍ଞତାର ସେହି ଅଦୃଶ୍ୟ ପର୍ଦ୍ଦା ଝୁଲୁଛି । ତା ଆରପଟେ ପରମ ରମଣୀୟ ଶାଶ୍ୱତ ସତ୍ୟ ମହାମହିମାରେ ବିଦ୍ୟମାନ । ପର୍ଦ୍ଦାକୁ ସାମାନ୍ୟ ଆଡେଇଦେଲେ ଆମେ ସେହି ଦୃଶ୍ୟର କଛି ଦେଖିପାରିବା, ଟିକଏ ଆଉ ଉଠାଇଦେଲେ, ଆଉ ଅଧିକ କିଛି ଦେଖିବା ଏବଂ ସମଗ୍ର ପରଦାଟି ଉଠାଇ ନେଲେ ଆମେ ମନୋରମ ଓ ମହିମାମୟ ଦୃଶ୍ୟଟିକୁ ସଂପୂର୍ଣ୍ଣ ଭାବରେ ଅନୁଭବ କରିପାରିବା ।

ଅବିଦ୍ୟା ବା ମାୟାର ପର୍ଦ୍ଦା ଯୋଗୁଁହିଁ ଆମେ ଅନିତ୍ୟକୁ ନତ୍ୟ ବୋଲି ଧରିନେଉ ଏବଂ ଆମ ନିଜର ସଂକୀର୍ଣ୍ଣ ସୀମାହିଁ ଆମକୁ ବିଚ୍ଛିନ୍ନକରି ରଖୁଛି ଅସୀମଠୁ ଏବଂ ଏହାହିଁ ମାୟା, ଆଉ କିଛି ନୁହେଁ ।

ପୁଣି ଗୀତା କହୁଛନ୍ତି ଯେ, ମୋର (ଈଶ୍ୱରଙ୍କର) ଏହି ମାୟା ଦୈବୀ (Divine) ଅର୍ଥାତ୍ ଏହା ମୋ ସୃଷ୍ଟିର ଅଂଶ ସ୍ୱରୂପ । ତେଣୁ କେବଳ ତମ ବା ରଜୋଗୁଣ ସହିତ ଏ ଅ-ଜ୍ଞାନ ସଂପୃକ୍ତ ନୁହେଁ, ସର୍ତ୍ତ୍ୱଗୁଣ ମଧ୍ୟ ଅବିଦ୍ୟା ବା ମାୟା ସୃଷ୍ଟି କରିପାରେ, ଅର୍ଥାତ୍ ସତ୍ତ୍ୱ-ଗୁଣ ପ୍ରତି ଆସକ୍ତି ମଧ୍ୟ ମନୁଷ୍ୟକୁ ଈଶ୍ୱରଙ୍କଠାରୁ ଦୂରେଇ ରଖିପାରେ । ସେଥିପାଇଁ ଗୀତା କହୁଛନ୍ତି ଯେ, ଏହି ମାୟାର ପ୍ରଭାବ 'ଦୁରତ୍ୟୟା'—ଅତ୍ୟନ୍ତ ଦୁରତକ୍ରମ୍ୟ; କିନ୍ତୁ ଏହାକୁ ଅତିକ୍ରମ କରିବାର ସହଜ ଉପାୟ ହେଉଛି ଜୀବନ-ପଥରେ ତମ, ରଜ, ସତ୍ତ୍ୱ, ତିନି ଗୁଣରୁ କୌଣସିଟି ହେଲେ ଗୁଣର କ୍ରିୟାକଳାପରେ ନଜକୁ ବୁଡାଇ ନ ଦେଇ, ଏହି ତନିଟିଯାକ ଗୁଣର ଉସ, ଈଶ୍ୱରଙ୍କୁ ହିଁ ଜାଣିବାର ବା ପାଇବାର ଚେଷ୍ଟା । ଗୀତା ତେଣୁ କହୁଛନ୍ତ—ମତେ ଯେ ଆଶ୍ରୟ କରନ୍ତ ସେହି କେବଳ ମାୟାକୁ ଅତକ୍ରମ

Digitized by srujanika@gmail.com

କରିପାରନ୍ତି । ଅର୍ଥାତ୍ ଈଶ୍ୱରବବୋଧ ଓ ମାୟାତିକ୍ରମ ଏକା କଥା । ଗୋଟାଏ ହେଲେ ଆରଟି ଆପେ ଘଟି ଯିବାର କଥା ।

ସାଂଖ୍ୟ ଦର୍ଶନରେ 'ମାୟା-ବାଦ' ନ ଥିଲା, ଯେପରି ମଧ୍ୟ ନ ଥିଲା ବେଦରେ । ଉପନିଷଦ ଓ ବେଦାନ୍ତ-ଦର୍ଶନ ଯୋଗୁଁ ହିଁ ଏହା ଭାରତୀୟ ଚିନ୍ତାରେ ଏତେ ପ୍ରଚାର ଲାଭ କରିପାଇଛି । ପରେ ସାଂଖ୍ୟର 'ପ୍ରକୃତି'କୁ ହିଁ ମାୟା ସହିତ ସମାନ କରି ଦିଆଗଲା ଏବଂ ଆହୁରି ପରେ, ସାଂଖ୍ୟର 'ପୁରୁଷ'କୁ ଶିବ ଓ ଏହି ପ୍ରକୃତିକୁ ବା ମାୟାକୁ ଶକ୍ତିରେ ରୂପାନ୍ତରିତ କରି ନେବା ଫଳରେ, ମୂଳରେ ଯାହା ଥିଲା ସୃଷ୍ଟିର ଏକ ଏକ ବୈଜ୍ଞାନିକ ତତ୍ତ୍ୱ ମାତ୍ର, ସେମାନେ ହୋଇଗଲେ ସୃଷ୍ଟି ନାଟକର ନାୟକ ଓ ନାୟିକା । ପୁରୁଷ ପରି ଶିବ ମଧ୍ୟ ଶକ୍ତି (ପ୍ରକୃତି) ବିନା ଜଡ ମାତ୍ର । ପରେ ତନ୍ତ୍ରରେ 'ଶକ୍ତି' ହିଁ ତେଣୁ ହୋଇ ଉଠିଲେ ପ୍ରଧାନ ଦେବତା ।

(୧୫)

ନ ମାଂ ଦୁଷ୍କୃତନୋ ମୂଢାଃ ପ୍ରପଦ୍ୟନ୍ତେ ନରାଧମାଃ
ମାୟୟାଽପହୃତଜ୍ଞାନା ଆସୁରଂ ଭାବ ମାଶ୍ରିତାଃ । ୧୫

ମାୟୟା ଅପହୃତ ଜ୍ଞାନାଃ (ଏହି ମାୟାଦ୍ୱାରା ସେମାନେ ସମ୍ୟକ୍-ଦର୍ଶନ-ଶକ୍ତି ହରାଇ ଥିବାରୁ) ମୂଢାଂ ଦୁଷ୍କୃତିନଃ ନରାଧମାଃ କ୍ଷଣସ୍ଥାୟୀ ପାର୍ଥିବତାରେ ମୋହିତ ହେବା ଫଳରେ ନାନା ଦୁଷ୍କୃତି ଆଚରଣ କରି ନରତ୍ୱର ଅଧମ ସ୍ତରରେ ପଡରହି) ଆସୁରଂ ଭାବଂ ଆଶ୍ରିତାଃ [ଏବଂ] (ଆସୁର ଭାବ ସବୁ ପ୍ରତି ଆସକ୍ତ ହୋଇ) ମାଂ ନ ପ୍ରପଦ୍ୟନ୍ତେ (ମତେ ଅର୍ଥାତ୍ ଈଶ୍ୱରଙ୍କୁ ଜାଣିବା ବା ଆଶ୍ରୟ କରିବାର ଆବଶ୍ୟକତା ଅନୁଭବ କରି ନ ଥାନ୍ତି ।)

ଅନୁବାଦ—

ହେ ଅର୍ଜ୍ଜୁନ, ମାୟା-ପ୍ରଭବ-ଜାତ ଅଜ୍ଞାନତା ଫଳରେ ହିଁ ଅଧିକାଂଶ ଲୋକ ଦୁଷ୍କର୍ମରତ ରହି ଅଧମ ସ୍ତରରେ ପଡ ରହିଥାନ୍ତି । ଆସୁରଭବାପନ୍ନ ଏହି ଲୋକେ ମତେ (ଈଶ୍ୱରଙ୍କୁ) ଜାଣିବାର କୌଣସି ଆବଶ୍ୟକତା ମଧ୍ୟ ଅନୁଭବ କରି ନ ଥାନ୍ତି ।

ବିଶେଷ ଭାଷ୍ୟ—

ଭାରତୀୟ ସାହିତ୍ୟରେ ମନୁଷ୍ୟକୁ ଯାହା କିଛି ଉର୍ଦ୍ଧ୍ୱଗ କରାଏ, ଧର୍ମୀୟ ଓ ଆଧ୍ୟାତ୍ମିକ ଜୀବନରେ ସହାୟତା କରାଏ, ଅର୍ଥାତ୍ ତାର ଆତ୍ମାର ପୁନରାବିଷ୍କାର କ୍ରିୟାରେ ସାହାଯ୍ୟ କରିଥାଏ, ସେ ସବୁକୁ 'ଦୈବୀ' ଏବଂ ସେ ସବୁର ବିପରୀତାତ୍ମକ ବା ବିରୋଧାତ୍ମକ ଗୁଣ ସବୁକୁ 'ଆସୁରୀ' କୁହା-ଯାଇଥାଏ । ଗୀତାର ଷୋଡଶ ଅଧ୍ୟାୟରେ ଆମେ ମନୁଷ୍ୟର ଏହି 'ଦୈବୀ'

Digitized by srujanika@gmail.com

ଓ 'ଆସୁରୀ' ଗୁଣମାନଙ୍କର ମନୋଜ୍ଞ ବର୍ଣ୍ଣନା ପାଇବା । ପରେ, ପୁରାଣ ଯୁଗରେ, ଆସୁର ଭାବଗୁଡ଼ିକ ରକ୍ତ ମାଂସ ଗ୍ରହଣ କରି କ୍ରୂରକର୍ମା, ପାପକର୍ମା ଅସୁର (ସୁର ବା ଦେବର ବିପରୀତ), ଦୈତ୍ୟ ଓ ଦାନବ ଆକାରରେ ଧର୍ମୀୟ ଓ ଦୈବ ଶକ୍ତିର ବିପରୀତ ରୂପେ ଦଣ୍ଡାୟମାନ ହୋଇଛନ୍ତି; କିନ୍ତୁ ଗୀତାରେ 'ଆସୁର' ଭାବର ଅର୍ଥ, ଯାହା କହିଛି ମନ୍ଦ, ଅକୁଶଳ, ବିପଥଗାମୀ ଓ ଉତ୍‌ପଥଗାମୀ ଚିନ୍ତାଧାରା—ଅର୍ଥାତ୍ ଗର୍ବ, ଦମ୍ଭ, ଅଭିମାନ, ଅହଂକାର, ଆସକ୍ତ ଓ ମତ୍ତତା ଇତ୍ୟାଦି, ଯାହାକି ପ୍ରତ୍ୟେକ ଦେଶ, ସମାଜ ଓ ଗୋଷ୍ଠୀରେ ଅଧିକାଂଶ ଲୋକଙ୍କ ଭିତରେ ଏପରି ବିଶ୍ୱାସ ମଧ୍ୟ ଜନ୍ମାଇଥାଏ ଯେ, ସେହିମାନେହିଁ 'ଈଶ୍ୱର' ଏବଂ ଅନ୍ୟମାନଙ୍କ ଉପରେ ଅତ୍ୟାଚାର କରିବା, ସେମାନଙ୍କ ଭାଗ୍ୟ ନିୟନ୍ତ୍ରଣ କରିବା, ଅନ୍ୟମାନଙ୍କୁ ବିପନ୍ନ କରାଇବାର ଅଧିକାର ତାଙ୍କରି ଅଛି ।

ଏମାନଙ୍କୁ 'ମୂଢ଼','ନରାଧମ' ବା 'ଅପହୃତଜ୍ଞାନ' ବୋଲି ବର୍ଣ୍ଣନା କରିବାରେ ଗୀତା କ'ଣ ମିଥ୍ୟା କହିଛନ୍ତି ବା ଅତିରଞ୍ଜନ କରିଛନ୍ତି, ପାଠକେ ? ଯୁଗେ ଯୁଗେ ଏବଂ ଆମରି ନିଜ ପୁରୁଷରେ, ଏ ପ୍ରକାର ମାଳ ମାଳ ଅପହୃତ ଜ୍ଞାନ ନରାଧମ, ସମାଜର ସବୁ କ୍ଷେତ୍ରରେ ଉର୍ଦ୍ଧ୍ୱମୁଖା ହୋଇ ବୁଲୁଥିବାର ଆମେ ଦେଖୁନାହୁଁ କି ?

ପ୍ରଥମ ବିଶ୍ୱଯୁଦ୍ଧ ପରଠାରୁ ପୃଥିବୀର ଆନ୍ତର୍ଜାତିକ ରଙ୍ଗମଞ୍ଚରେ ଷ୍ଟାଲିନ୍-ମୁସୋଲିନୀ-ହିଟ୍‌ଲରଙ୍କ ସମେତ ସମଗୁଣ ଓ ସମଗୋତ୍ରୀୟ ଭାରତୀୟ ରାଜନୀତିର ଘୋଷ ମିତ୍ର-ମହାନ୍ତି-ପଟ୍ଟନାୟକ-ରଥ-ମହତାବ-ପାଣିଗ୍ରାହୀ୍ୟାଦି ଯେଉଁସବୁ 'ନାୟକ'ମାନଙ୍କର ଅଭିନୟ ଆମେ ଦେଖିଲୁ, ଏମାନଙ୍କର ସାମୟିକ କ୍ଷମତା ଓ ଦୁର୍ଦ୍ଧର୍ଷତା ଓ କେବଳ ସେହିଯୋଗୁଁ ହିଁ ସେମାନଙ୍କ ପ୍ରତି ସମସାମୟିକ ଜନତାର ଭୀତତ୍ରସ୍ତ, ସମ୍ମାନ ସତ୍ତ୍ୱେ, ଇତିହାସ କ'ଣ କେବେହେଲେ ଏ ପ୍ରକାର ଗାଂଗ୍ (ganG)କୁ ସାଧୁ ଜନୋଚିତ ସମ୍ମାନ ଦେବ ? ମାନବାତ୍ମା ଚିରକାଳ ଏମାନଙ୍କୁ ଗୀତାର ଏହି ଶ୍ଳୋକର 'ନରାଧମ' ଶ୍ରେଣୀରେ ହିଁ ଯେ ଥୋଇବ ଏଥିରେ କି ସନ୍ଦେହ ଅଛି ? କାରଣ, ଏମାନେ ଜୀବନରେ ଖୋଜୁଥିଲେ କ'ଣ ଓ ପାଇଲେ କଣ ବା ଜୀବନକୁ ଦେଇଗଲେ କ'ଣ ? ଏକ କଥାରେ ଏମାନେ ନିଜକୁ ଗୋଟିଏ ଗୋଟିଏ ଛୋଟ 'ଈଶ୍ୱର' ବୋଲି ହିଁ ପ୍ରମାଣିତ କରି ବସିଥିଲେ ଏବଂ ଏହି ଲକ୍ଷ୍ୟପାଇଁ ଏମାନଙ୍କର ପ୍ରଧାନ ଅସ୍ତ୍ର ଥିଲା ଜନ-ମାନସରେ ଆତଙ୍କ ଓ ବିଭୀଷିକା ସୃଷ୍ଟି କରିବା । ଗାନ୍ଧିକି ଜନତା ଦେଇଥିଲା ଅନ୍ତରର ଉଷ୍ମତମ ଲୁହ; କିନ୍ତୁ ଗାନ୍ଧି ଚେଲା ଓ ତାଙ୍କ ଖଦଡ଼, ଦେଶରେ ହୋଇଉଠିଲା ଉଭୟ ଆତଙ୍କ ଓ କଳଙ୍କର ପ୍ରତୀକ ଏବଂ କ୍ଷମତା-ପ୍ରମତ୍ତ ଗାନ୍ଧି ଚେଲାଏ ସେଇଥିରେ ହିଁ ଏପରି 'ମୋହିତ' ହୋଇ ରହିଲେ ଯେ, ଶେଷରେ ଆପଣା ଭିତରେ ହଣାହଣି ଆରମ୍ଭ କରିଦେଲେ । ଅଗଣିତ ଚେଲାମାନଙ୍କର ଏହି ସକଳ ବୀଭତ୍ସ ମୋହଗ୍ରସ୍ତତାର

Digitized by srujanika@gmail.com

ବିପରୀତରେ ଦଣ୍ଡାୟମାନ ଅର୍ଦ୍ଧନଗ୍ନ ଗାନ୍ଧି, ଯେ କି ସକଳ ପାର୍ଥିବ ମୋହର ଊର୍ଦ୍ଧ୍ୱକୁ ଉଠି, ସମଗ୍ର ଜୀବନ କେବଳ ନିରହଂକାର, କର୍ତ୍ତୃତ୍ୱାଭିମାନଶୂନ୍ୟ ଲୋକ-ସଂଗ୍ରହ ଦେଇ ସ୍ୱୀୟ ଆତ୍ମାରହିଁ ପୁନରାବିଷ୍କାର କରିପାରିଥିଲେ। ସ୍ୱାଧୀନ-ତୋତ୍ତର ଭାରତର ଉନ୍ମାର୍ଗଗାମୀ, କ୍ଷମତା-ଉନ୍ମତ୍ତ କଂଗ୍ରେସୀନେତାମାନଙ୍କ ପ୍ରତି ଗୀତାର ଏହି ଶ୍ଳୋକର 'ଦୁଷ୍କୃତିନଃ', 'ମୂଢ଼' 'ଅପହୃତ ଜ୍ଞାନ' ଓ 'ନରାଧମ' ଆଦି ବିଶେଷଣଗୁଡ଼ିକ ଯଥାର୍ଥରେ ପ୍ରଯୋଜ୍ୟ କି ନା ପାଠକେ ଚିନ୍ତା-କରନ୍ତୁ।

ପାଠକେ ପୁଣି ମନେରଖିବେ ଯେ, 'ଦୁଷ୍କର୍ମ' ବା 'ଅଧମତା' ବା 'ମୂଢ଼ତା' ଇତ୍ୟାଦି ଆଉ କିଛି ନୁହେଁ, କେବଳ ସେହି ସେହି ଚିନ୍ତା, ଅଭିଳାଷ, ମନୋଭାବ ଓ କର୍ମ, ଯାହାକି ମନୁଷ୍ୟକୁ ନିଜର ସ୍ୱ-ରୂପ ଜାଣିବା ବା ଆତ୍ମା-ବିଷ୍କାରରୁ ଦୂରେଇ ରଖି ପାର୍ଥିବ ଲୋଭ-କ୍ଷମତା-ଆସକ୍ତି ଇତ୍ୟାଦିରେ ବୁଡ଼ାଇ ରଖେ। ଯେଉଁମାନେ ଆତ୍ମାବିଷ୍କାର ରୂପକ ଯୋଜନା ଆଡ଼କୁ ଦୃଷ୍ଟି ଫେରାନ୍ତି, ଗୀତା ସେମାନଙ୍କର ବର୍ଣ୍ଣନା ପର ଶ୍ଳୋକଠାରୁ କରିବେ।

(୧୬)

ଚତୁର୍ବିଧା ଭଜନ୍ତେ ମାଂ ଜନାଃ ସୁକୃତିନୋଽର୍ଜୁନ
ଆର୍ତ୍ତୋ ଜିଜ୍ଞାସୁରର୍ଥାର୍ଥୀ ଜ୍ଞାନୀ ଚ ଭରତର୍ଷଭ। ୧୬।

ହେ ଭରତର୍ଷଭ (ହେ ଭରତ କୁଳଶ୍ରେଷ୍ଠ ଅର୍ଜୁନ) ଆର୍ତ୍ତଃ (ବିପନ୍ନ) ଜିଜ୍ଞାସୁ (ଜ୍ଞାନାନ୍ୱେଷୀ), ଅର୍ଥାର୍ଥୀ (ଅର୍ଥ ବା ସଂପତ୍ତି ପ୍ରାର୍ଥନାକାରୀ) ଜ୍ଞାନୀ ଚ (ଏବଂ ଜ୍ଞାନଲାଭ କରି ସାରିଥିବା ବ୍ୟକ୍ତି) [ଏହିପରି] ଚତୁର୍ବିଧାଃ (ଚାରି ପ୍ରକାର) ସୁକୃତିନଃ ଜନାଃ (ସୁକର୍ମକାରୀ ଅର୍ଥାତ୍ ପୁଣ୍ୟାତ୍ମା ଲୋକମାନେ) ମାଂ ଭଜନ୍ତେ (ମତେ ଅର୍ଥାତ୍ ଈଶ୍ୱରଙ୍କୁ ଭଜନା କରିଥାନ୍ତି)।

ଅନୁବାଦ—

ହେ ଅର୍ଜୁନ, ଯେଉଁ କୁଶଳକର୍ମା ଲୋକମାନେ ମତେ (ଈଶ୍ୱରଙ୍କୁ) ଭଜନା କରଥାନ୍ତି ସେମାନେ ଚାରି ଶ୍ରେଣୀରେ ବିଭକ୍ତ, ଯଥା—ଆର୍ତ୍ତ, ଅର୍ଥୀ, ଜିଜ୍ଞାସୁ ଓ ଜ୍ଞାନୀ।

ବିଶେଷ ଭାଷ୍ୟ—

ଈଶ୍ୱରଙ୍କୁ ଯେଉଁମାନେ ଡାକିଥାନ୍ତି ବା ଖୋଜିଥାନ୍ତି, ଗୀତାର ଏହି ବିଶ୍ଳେ-ଷଣ ସେମାନଙ୍କ ସମ୍ପର୍କରେ ଏକାବେଳେକେ ସମ୍ପୂର୍ଣ୍ଣ। ସମଗ୍ର ଧର୍ମ ସାହିତ୍ୟରେ ଏହା ଅତୁଳନୀୟ।

ସବୁଠି, ସବୁକାଳରେ, ମନୁଷ୍ୟ ପ୍ରଥମେ ଭଗବାନଙ୍କୁ ଖୋଜେ ବିପଦରେ ପଡ଼ିଲେ। ଆମର ପିଲାଦିନର ପ୍ରାର୍ଥନା ଥାଏ ଚଣ୍ଡୀ ଓ ଅବଧାନଙ୍କୁ ନେଇ—

Digitized by srujanika@gmail.com

ଶୈଶବର ସବୁଠାରୁ ବଡ ଆତଙ୍କ । ବୟସ ଓ ଅବସ୍ଥାର ପରିବର୍ତ୍ତନ ଅନୁସାରେ ରୋଗ ବା ଅନ୍ୟ ସାଂସାରିକ ସଙ୍କଟଯୋଗୁଁ ଦିଅଁ ଦେବତା ପାଖକୁ ଆମେ ଧାଉଁ ବା ଈଶ୍ୱରଙ୍କୁ ଅନ୍ତରରେ ପ୍ରାର୍ଥନା କରୁ । ଏ ହେଲା 'ଆର୍ତ୍ତ'ଶ୍ରେଣୀ ଲୋକର ବର୍ଣ୍ଣନା ।

'ଅର୍ଥ'ର ସାଧାରଣ ଅର୍ଥ ହେଲା ଧନସମ୍ପଦ, ଟଙ୍କା ପଇସା । ଏ ସବୁର ଅଭାବ ହେଲା 'ଦାରିଦ୍ର୍ୟ' ଯାହାକି ପାର୍ଥିବ ଜୀବନର ଏକ ସାଧାରଣ ମାରାତ୍ମକ ଦୁର୍ଦ୍ଦଶା । ଦୁର୍ଦ୍ଦଶାରୁ ମୁକ୍ତ ହେବାପାଇଁ ଲୋକ ନିଜଠାରୁ କୌଣସି ବୃହତ୍ତର ଶକ୍ତିକୁ ଡାକିବା ଅତ୍ୟନ୍ତ ସ୍ୱାଭାବିକ । ପୁଣି ମନୁଷ୍ୟ କେବଳ ଅ-ଦାରିଦ୍ର୍ୟ ଋହେନ, ସେ ଋହେ ଐଶ୍ୱର୍ଯ୍ୟ ଓ ଭୋଗ । 'ଅର୍ଥ'ର ଅନ୍ୟ ଏକ ଜଣାଶୁଣା ଅର୍ଥ ମଧ୍ୟ ଏହି ସୁଖାଭିଳାଷ ଅର୍ଥାତ ଧନ, କ୍ଷମତା, ଯୌନ-ଭୋଗ, ଭୋଜନ-ସୁଖ ଇତ୍ୟାଦି ।

ପାଠକେ ଲକ୍ଷ୍ୟ କରିଥିବେ ଯେ, କୌଣସି ଯୋଗୀ, ବାବାଜି, ଗୁରୁ ବା 'ପ୍ରତଜ୍ଞା' ଥିବା କୌଣସି ହିନ୍ଦୁ-ଦେବ-ଦେବୀମାନଙ୍କ ପାଖକୁ; ଯେତେସବୁ ନର ନାରୀ ଯିବା ଆସିବା କରିଥାନ୍ତି, ସେମାନେ ଅଧିକାଂଶ ଏହି ଶ୍ରେଣୀର । କେହି ଋକିରୀରେ ଉନ୍ନତ, କେହି ବ୍ୟବସାୟରେ ଉନ୍ନତି କେହି ବା ରାଜନୀତିରେ ଉନ୍ନତି ଏହିପରି ନାନା 'ଇଚ୍ଛାଭିଳାଷ'ର ପୂରଣ ପାଇଁ ହିଁ ସେମାନେ ଧାଇଁଥାନ୍ତି । ଗୀତା, ଏହି ଦୁଇ ଶ୍ରେଣୀର ଲୋକଙ୍କୁ ଅର୍ଥାତ ଯାହାର ଧନ ଆଦୌ ନାହିଁ ଏବଂ ଯାହାର ଅଛି କିନ୍ତୁ ସେ ଆହୁରି ଅଧିକ ଋହୁଁଛି, ଏ ଦୁହିଁଙ୍କୁ 'ଅର୍ଥାର୍ଥୀ' ଶ୍ରେଣୀରେ ଯଥାର୍ଥଭାବରେ ଥୋଇଛନ୍ତି, କାରଣ ଉଭୟେ ଭିକ୍ଷାକାରୀ ।

ଏ ଦୁଇ ଶ୍ରେଣୀ ହେଲେ ଈଶ୍ୱରଙ୍କର ସକାମ ଭକ୍ତ । ପରବର୍ତ୍ତୀ ଜିଜ୍ଞାସୁ ଓ ଜ୍ଞାନୀ ଏ ଦୁଇଶ୍ରେଣୀ ହେଲେ ନିଷ୍କାମ ଭକ୍ତ ।

'ଜିଜ୍ଞାସୁ' ହେଲା ସେହି ପ୍ରାରମ୍ଭିକ ସାଧକ, ଯିଏ ସଂସାରର ପ୍ରବୃତ୍ତି ମାର୍ଗର ବ୍ୟର୍ଥତା ବୁଝି, ଆସ୍ତେ ଆସ୍ତେ ଜୀବନତତ୍ତ୍ୱ, ଦୁଃଖ-ତତ୍ତ୍ୱ ଓ ତା' ଦେଇ ଈଶ୍ୱର ତତ୍ତ୍ୱ ଜାଣିବାକୁ ଇଚ୍ଛା କଲେଣି, ଅଥଚ ସାଂସାରିକ ଆସକ୍ତି ସେ ପୂରା ଛାଡପାରି ନାହାନ୍ତି ବା ପୂରା ଈଶ୍ୱର-ସମର୍ପିତ ହୋଇପାରି ନାହାନ୍ତି ।

'ଜ୍ଞାନୀ' ଭକ୍ତ ସେହି, ଯେ ଜାଣିପାରିଲେଣି ଯେ ଈଶ୍ୱର ହିଁ ଏ ସୃଷ୍ଟିରେ ଏକମାତ୍ର ବସ୍ତୁ ଏବଂ ଆଉ ସବୁ ଅବସ୍ତୁ ଏବଂ ସେହି ଦୃଢ ଜ୍ଞାନ ଓ ବିଶ୍ୱାସ ଉପରେ ଠିଆ ହୋଇ ହିଁ ସେ ଐକାନ୍ତିକ ରୀତିରେ ଈଶ୍ୱରମୁଖୀ । ସବୁ ସମାଜରେ ଆମେ ଏହିପରି ଋରି ଶ୍ରେଣୀର ଭକ୍ତ ହିଁ ପାଇବା । ଗୀତାର ବିଶ୍ଳେଷଣ ତେଣୁ ଚମତ୍କାର ।

(୧୭)

ତେଷାଂ ଜ୍ଞାନୀ ନିତ୍ୟ ଯୁକ୍ତ ଏକ ଭକ୍ତିର୍ବିଶିଷ୍ୟତେ
ପ୍ରିୟୋହି ଜ୍ଞାନିନୋଽତ୍ୟର୍ଥମହଂ ସ ଚ ମମ ପ୍ରିୟଃ । ୧୭ ।

Digitized by srujanika@gmail.com

ତେଷାଂ (ସେମାନଙ୍କ ମଧ୍ୟରେ) ନିତ୍ୟଯୁକ୍ତଃ (ମୋଠି ବା ଈଶ୍ୱରଙ୍କଠାରେ ସର୍ବଦା ସମାହିତ ଚିତ୍ତ) ଏକ ଭକ୍ତିଃ (ଏକନିଷ୍ଠ ଭକ୍ତିଯୁକ୍ତ) [ସେହି] ଜ୍ଞାନୀ (ଜ୍ଞାନପ୍ରାପ୍ତ ଭକ୍ତ) ବିଶିଷ୍ୟତେ (ସମସ୍ତଂକଠାରୁ ଶ୍ରେଷ୍ଠ ଅଟନ୍ତି) । ଅହଂ ହି ଜ୍ଞାନିନଃ ଅତ୍ୟର୍ଥଂ ପ୍ରିୟଃ (ମୁଁ ଅର୍ଥାତ ଈଶ୍ୱର ଜ୍ଞାନୀଭକ୍ତର ଏକମାତ୍ର ପ୍ରିୟ ବସ୍ତୁ) । ସ ଚ ମମପ୍ରିୟଃ (ସେ ମଧ୍ୟ ମୋର ସେହିପରି ପ୍ରିୟ) ।

ଅନୁବାଦ--

ହେ ଅର୍ଜୁନ, ଏ ସମସ୍ତଙ୍କ ଭିତରେ ମୋ (ଈଶ୍ୱରଙ୍କ)ଠାରେ ସର୍ବଦା ସମାହିତ ଚିତ୍ତ ଓ ଏକନିଷ୍ଠ ଭକ୍ତି-ଯୁକ୍ତ ଜ୍ଞାନୀ ଶ୍ରେଣୀର ଭକ୍ତ ହିଁ ଶ୍ରେଷ୍ଠ । ମୁଁ (ଈଶ୍ୱର) ଜ୍ଞାନୀର ଯେପରି ପ୍ରିୟ, ସେହିପରି ପ୍ରିୟ ମଧ୍ୟ ସେହି ଜ୍ଞାନୀ-ଭକ୍ତ ଈଶ୍ୱରଙ୍କର ।

ବିଶେଷ ଭାଷ୍ୟ—

ଈଶ୍ୱରାନ୍ୱେଷଣ କି କୁସଂସ୍କାର ବା ଅନ୍ଧବିଶ୍ୱାସ ଉପରେ ପ୍ରତିଷ୍ଠିତ ହୋଇ-ପାରେ ? କିଛି ନ ବୁଝି ନ ସୁଝି 'ଈଶ୍ୱର' 'ଈଶ୍ୱର' ଡାକ ଛାଡିବା କି ଗୀତାଙ୍କର ମତ ? ଅଧିକାଂଶ ଲୋକଙ୍କର ଧାରଣା କିନ୍ତୁ ସେହିପରି ।

ପାଠକେ ଲକ୍ଷ୍ୟ କରିବେ ଯେ, ଗୀତା ନିଃସନ୍ଦେହ ଭାବରେ ସେ ପ୍ରକାର ଅନ୍ଧବିଶ୍ୱାସକୁ କୌଣସିଠାରେ ହେଲେ ପ୍ରଶ୍ରୟ ଦେଉ ନାହାନ୍ତି ।

ଉତ୍କୃଷ୍ଟ ଶ୍ରେଣୀର ଭକ୍ତ ଭିତରେ ଗୀତା ସେହି ହେତୁ ରଖିଛନ୍ତି, ପ୍ରଥମ ପାଦରେ 'ଜିଜ୍ଞାସୁ' ଭକ୍ତଙ୍କୁ ଏବଂ ଦ୍ୱିତୀୟ ପାଦରେ 'ଜ୍ଞାନୀ' ଭକ୍ତଙ୍କୁ । ଗୀତା ଚାହାନ୍ତି ଯେ, ଈଶ୍ୱର ଭକ୍ତି 'ଜ୍ଞାନ' ଉପରେହିଁ ଦୃଢ ଭାବରେ ଦଣ୍ଡାୟମାନ ହେବ । ତେଣୁ ସାଧକ ପ୍ରଥମେ 'ଜିଜ୍ଞାସୁ' ହେବେ । 'ଜିଜ୍ଞାସୁ' ସାଧକର ଜାଣିବାକୁ, ବିଚାର କରିବାକୁ, ତର୍କ କରିବାକୁ, ସନ୍ଦେହ କରିବାକୁ ଅଧିକାର ଅଛି ଏବଂ ତାହା ସ୍ୱାଭାବିକ । ଅଧିକାଂଶ ବିଖ୍ୟାତ ଭକ୍ତହିଁ ପ୍ରଥମେ 'ଅବିଶ୍ୱାସୀ' ଥିଲେ । ଦୂରକୁ ନ ଯାଇ, ବିବେକାନନ୍ଦ ଓ ଗାନ୍ଧିଙ୍କ ଜୀବନକୁ, ଅନାନ୍ତୁ ପାଠକେ । ବୁଦ୍ଧ ମଧ୍ୟ କେତେ ଚିନ୍ତା, କେତେ ତର୍କ, କେତେ ଗୁରୁଙ୍କ ପାଦତଳେ ବସିଲା ପରେ ଯାଇ 'ବୋଧି' (ଜ୍ଞାନ) ପାଇଥିଲେ । ପର ଓ ଅପର ଉଭୟ ବିଦ୍ୟା ବା ଜ୍ଞାନ ଉତ୍କୃଷ୍ଟ ଭାବରେ ଲାଭ କରାଯାଇ ପାରେ, କେବଳ ଗଭୀର ଗବେଷଣା, ସନ୍ଦେହ ଓ ଆଲୋଚନା ଦେଇ । (ତଦ୍‌ବିଦ୍ଧି ପ୍ରଣିପାତେନ ପରିପ୍ରଶ୍ନେନ ସେବୟା-ଗୀ: ୪।୩୪) ଏବଂ କେବଳ ସେହି ପଦ୍ଧତି ଦେଇ ଲବ୍ଧ ହେବା ଫଳରେହିଁ ଥରେ ପ୍ରକୃତ 'ଜ୍ଞାନ' ପ୍ରାପ୍ତହେଲେ, ତାହା ଜ୍ଞାନୀର ଚିତ୍ତରେ ପାହାଡପରି ଅଟଳ-ଅଚଳ ରହେ । ସେହି ଦୃଢତା ଯୋଗୁହିଁ ଗୀତା କହୁଛନ୍ତି— ଜ୍ଞାନୀ ଭକ୍ତହିଁ ଶ୍ରେଷ୍ଠ । କୁସଂସ୍କାରଗ୍ରସ୍ତ, ଅବୁଝ, ବୁଦ୍ଧିବିଚାରହୀନ ଭକ୍ତ, ଯଥାର୍ଥ ଭକ୍ତ ନୋହିପାରେ ଗୀତା ପରଶ୍ଳୋକରେ ତାହା ଆହୁରି ସ୍ପଷ୍ଟ କରୁଛନ୍ତି ।

Digitized by srujanika@gmail.com

(୧୮)

ଉଦାରାଃ ସର୍ବ ଏବୈତେ ଜ୍ଞାନୀତ୍ୱାତ୍ମୈବ ମେ ମତଂ
ଆସ୍ଥିତଃ ସହିଯୁକ୍ତାତ୍ମା ମାମେବାନୁତ୍ତମାଂ ଗତିମ୍ । ୧୮ ।

ଏତେ ସର୍ବେ ଏବ ଉଦାରାଃ (ଏହି ଚାରି ଶ୍ରେଣୀଯାକର ଭକ୍ତହିଁ ମହାନ୍) । ତୁ (କିନ୍ତୁ) ଜ୍ଞାନୀ ମେ ଆତ୍ମା ଏବ (ଜ୍ଞାନୀ ଭକ୍ତ ମୋର ଅର୍ଥାତ୍ ଈଶ୍ୱରଙ୍କ ଆତ୍ମାପରି) ହି (ଯେହେତୁ) ସଃ ଯୁକ୍ତାତ୍ମା (ମୋଠାରେ ବା ଈଶ୍ୱରଙ୍କଠାରେ ଯୁକ୍ତାତ୍ମ ସେହି ଜ୍ଞାନୀ ଭକ୍ତ) ମାଂ ଏବ ଆସ୍ଥିତଃ (ମୋଠାରେହିଁ ସ୍ଥିତିଲାଭ କରିଥାନ୍ତି) । ମାଂ ଅନୁତ୍ତମାଂ ଗତଂ (ମୁଁ ହିଁ ତାଙ୍କର ସେହି ଗତି ଯାହାଠାରୁ ଶ୍ରେୟସ୍କର ଆଉ କିଛି ନାହିଁ) ।

ଅନୁବାଦ—

ହେ ଅର୍ଜୁନ, ଏହି ଚାରିଟି ଶ୍ରେଣୀର ଭକ୍ତହିଁ ଉତ୍ତମ; କିନ୍ତୁ ଜ୍ଞାନୀ-ଭକ୍ତକୁ ମୋଠାରୁ (ଈଶ୍ୱରଙ୍କଠାରୁ) ଅଭିନ୍ନ ଜାଣିବ । କାରଣ ସେ ମୋ (ଈଶ୍ୱରଙ୍କ)ଠାରେ କେବଳ ଯୁକ୍ତାତ୍ମା ନୁହନ୍ତି, ମୋଠାରେହିଁ ସର୍ବଦା ଅବସ୍ଥିତ ଏବଂ ମୋଠାରୁ ଅଧିକ ଶ୍ରେୟସ୍କର ପଥ କିଛି ଅଛି ବୋଲି ସେ ମନେ କରନ୍ତି ନାହିଁ ।

ବିଶେଷ ଭାଷ୍ୟ—

ସକାମ (ଆର୍ତ୍ତ ଓ ଅର୍ଥାର୍ଥୀ) ଓ ନିଷ୍କାମ (ଜିଜ୍ଞାସୁ ଓ ଜ୍ଞାନୀ) ଏ ସବୁ ପ୍ରକାର ଭକ୍ତହିଁ ଉତ୍ତମ ମନୁଷ୍ୟ । ଯେଉଁ କାରଣରୁ ହେଉ ପଛେ ଏମାନେ ମନୁଷ୍ୟଠାରୁ ଏକ ଉନ୍ନତତର ବ୍ୟକ୍ତିତ୍ୱକୁ ଖୋଜନ୍ତି । ଏମାନେ ଅନ୍ତତଃ ନିଜର ଦର୍ପ, ଅହଂକାର ଓ ଦାମ୍ଭିକତାରେ ଅଧିକରୁ ଅଧିକ ପାପାଚରଣ କରି ଚାଲନ୍ତି ନାହିଁ । କାରଣ ମନୁଷ୍ୟ ଆର୍ତ୍ତ ଓ ଅର୍ଥାର୍ଥୀ ହୋଇ ପ୍ରାର୍ଥନା କଲେ ମଧ୍ୟ, ଥରେ ଆନ୍ତରିକତା ସହିତ ଈଶ୍ୱରଙ୍କୁ ଖୋଜିଲାପରେ, ଅନ୍ତତଃ ଆଉ କିଛି ନ ହେଉ, ଦର୍ପ, ଦମ୍ଭ, ଅଭିମାନର ମୂର୍ଖତା ସେମାନଙ୍କଠାରେ ଆଉ ଦେଖା ଦେବନି ବୋଲି ଆଶା ହୁଏ । ତେଣୁହିଁ ଗୀତାଙ୍କ ମତରେ ଆର୍ତ୍ତ ଓ ଅର୍ଥୀ ଭକ୍ତ ସମେତ ଚାରି ଶ୍ରେଣୀପାକର ଭକ୍ତ ପ୍ରଶଂସନୀୟ ।

ମହାଭାରତ ଯୁଦ୍ଧ ଶେଷରେ ଅବଳା—କ୍ରନ୍ଦନଧ୍ୱନିତ ହସ୍ତିନାପୁର ରାଜପ୍ରାସାଦରେ ଶ୍ରୀକୃଷ୍ଣ ନବ ବୈଧବ୍ୟ ପ୍ରାପ୍ତ, ଶୋକୋନ୍ମାଦିନୀ କୁଳବାଳାମାନଙ୍କୁ ପ୍ରବୋଧନା ଦେବାପାଇଁ ଯାଇଥିଲେ । ସେଠାରେ କୁନ୍ତୀଙ୍କୁ ଭେଟି ସେ କୁଶଳ-ପ୍ରଶ୍ନରୂପେ ପଚାରିଥିଲେ, "ମାତା ଯୁଦ୍ଧ ତ ଶେଷ ହୋଇଗଲା, ମୁଁ ବର୍ତ୍ତମାନ ତୁମମାନଙ୍କପାଇଁ କ'ଣ କରିପାରେ ?"

କୁନ୍ତୀ ଉତ୍ତର ଦେଇଥିଲେ, "ହେ ପୀତାମ୍ବର, ତୁମେ ଜନ୍ମେ ଜନ୍ମେ ଆମକୁ ଏହିପରି ଦୁଃଖହିଁ ଦିଅ; ଯାହାଦ୍ୱାରା କି ଆମେ ତୁମକୁ ସର୍ବଦା ସ୍ମରଣ କରୁଥିବୁ, କେବେ ବିସ୍ମୃତ ହୋଇ ଯିବୁନି ।"

Digitized by srujanika@gmail.com

ଆମ ସାହିତ୍ୟରେ ଭଗବାନଙ୍କର 'ଆର୍ତ୍ତତ୍ରାଣ','ଆର୍ତ୍ତବନ୍ଧୁ' ଓ 'ଆର୍ତ୍ତ-ବଲ୍ଲଭ' ପର ନାମଗୁଡ଼ିକ ସତ୍ୟରେ କ ପ୍ରାଣସ୍ପର୍ଶୀ ଓ ଭାବଦ୍ୟୋତକ; କିନ୍ତୁ ତଥାପି, ଗୀତାଙ୍କ ମତରେ, ଆର୍ତ୍ତଭକ୍ତ ଉଦାର ଭକ୍ତ ହେଲେହେଁ ତାହା ନମ୍ନ ଶ୍ରେଣୀର ଭକ୍ତି ଶ୍ରେଷ୍ଠଭକ୍ତି । ହେଲା ଜ୍ଞାନ-ପ୍ରତିଷ୍ଠ ଭକ୍ତି । ଆର୍ତ୍ତତ୍ରାଣ ଭଗବାନ, ଆର୍ତ୍ତଭକ୍ତର ସଦ୍ୟ ବିପନ୍ନତା ଘୁଞ୍ଚେଇ ଦେଇ ପାରନ୍ତି; କନ୍ତୁ ତାପରେ ସେ ହୁଏତ ପୂର୍ବପରି ସଂସାରସକ୍ତିକୁ ଫେରି ଯାଇପାରେ; କିନ୍ତୁ ଯେ ଜ୍ଞାନୀ ବା ବୋଧି ପ୍ରାପ୍ତ, ସେ ତାଙ୍କ ବୁଦ୍ଧ ଅବସ୍ଥାରୁ ପୂର୍ବ ଅବସ୍ଥାକୁ ଆଉ ଫେରିଯିବାର ପ୍ରଶ୍ନ ନାହିଁ ।

ବୌଦ୍ଧ ଧର୍ମରେ ମଧ୍ୟ ତୁଳନୀୟ ଏହିପରି ଚାରି ଶ୍ରେଣୀର ସାଧକଙ୍କ ବର୍ଣ୍ଣନା ଅଛି । ବୌଦ୍ଧଧର୍ମୀୟ ସାଧନାର ସଂକ୍ଷିପ୍ତ ନାମ ହେଲା—'ଆର୍ଯ୍ୟ ଅଷ୍ଟାଙ୍ଗ ମାର୍ଗ' । ତାକୁ ଏକ ସ୍ରୋତରୂପେ ବର୍ଣ୍ଣନା କରଯାଇଛି । ତାର ଏପଟେ ସଂସାର ଓ ସେପଟେ ନିର୍ବାଣ । ମଝିରେ ଆର୍ଯ୍ୟ ଅଷ୍ଟାଙ୍ଗମାର୍ଗୀ ସ୍ରୋତ । ଯିଏ ସ୍ରୋତ ଭିତରେ ପଶିଲା, ଅର୍ଥାତ୍ ନିର୍ବାଣ ଆଡକୁ ଯାତ୍ରାରମ୍ଭ କଲା ତାକୁ କୁହାଯାଏ "ସ୍ରୋତାପନ୍ନ" । ସ୍ରୋତରେ ପଶି ମଧ୍ୟ ଅନେକେ ବାହୁଡ ଆସନ୍ତି । ସେ ହେଲା ଦ୍ୱିତୀୟ ଶ୍ରେଣୀ। ତାଙ୍କର ନାମ ହେଲା "ସକୃତାଗମୀ" ଅର୍ଥାତ୍ ଯେ ଥରେ ଫେରିଆସନ୍ତି; କନ୍ତୁ ଯେ ଥରେ ଆର୍ଯ୍ୟ ଅଷ୍ଟାଙ୍ଗ ମାର୍ଗ ରୂପକ ସ୍ରୋତର ଶାନ୍ତି-ସୁଖ-ପ୍ରଦ ଜଳ ଆସ୍ୱାଦନ କରିଛି, ସେ ବେଶୀକାଳ ସଂସାରରେ ରହିପାରିବ ନାହିଁ । ସେ ପୁଣ ସେହି ସ୍ରୋତରେ ପଶି ଏବଂ ଆଉ ନ ଫେର, ଆରପଟେ ଯାଇ ନିଶ୍ଚୟ ପହଞ୍ଚିବ । ତାଙ୍କୁ କୁହାଯାଏ "ଅନାଗମୀ" ଅର୍ଥାତ୍ ଯେ ଆଉ ଫେରେନା । ସେହି 'ଅନାଗମୀ' ହିଁ ବୌଦ୍ଧସାଧନାର ଚତୁର୍ଥ ବା ଶେଷ ସ୍ତର "ଅର୍ହତତ୍ୱ" ପ୍ରାପ୍ତ ହୋଇଥାନ୍ତି । ଗୀତାର 'ଜ୍ଞାନୀ' ଓ ବୌଦ୍ଧ 'ଅର୍ହତ' ସଂପୂର୍ଣ୍ଣ ଏକା କଥା ।

(୧୯)

ବହୂନାଂ ଜନ୍ମନାମନ୍ତେ ଜ୍ଞାନବାନ୍ ମାଂ ପ୍ରପଦ୍ୟତେ
ବାସୁଦେବଃ ସର୍ବମିତି ସମହାତ୍ମା ସୁଦୁର୍ଲଭଃ । ୧୯ ।

ବହୂନାଂ ଜନ୍ମନାଂ ଅନ୍ତେ (ବହୁ ଜନ୍ମ ଶେଷରେ) ବାସୁଦେବଃ ସର୍ବଂ ଇତ ଜ୍ଞାନବାନ୍ (ବାସୁଦେବ, ଶ୍ରୀକୃଷ୍ଣ ବା ଭଗବାନ ହିଁ ସବୁ ଓ ସର୍ବମୟ, ଏହିପରି ଜ୍ଞାନଲାଭ କରିଥିବା ଲୋକ) ମାଂ ପ୍ରପଦ୍ୟତେ (ମତେ, ଅର୍ଥାତ୍ ଈଶ୍ୱରଙ୍କୁ ହିଁ ପାଇଥାନ୍ତି) । ସଃ ମହାତ୍ମା (ସେ ପ୍ରକାର ମହାତ୍ମା) ସୁଦୁର୍ଲଭଃ (ପୃଥିବୀରେ ପ୍ରକୃତରେ ଅତି ଦୁର୍ଲଭ) ।

ଅନୁବାଦ—

ବହୁ ଜନ୍ମ ଶେଷରେ ବାସୁଦେବ (ଈଶ୍ୱର) ହିଁ ସମସ୍ତ ଓ ସର୍ବମୟ, ଏପରି ମନେକରୁଥିବା ସେହି ଜ୍ଞାନବାନ୍ ଭକ୍ତ ମତେ ସହଜରେ ପାଇଥାନ୍ତି । ସେ ପ୍ରକାର ମହାତ୍ମା ସତ୍ୟରେ ଦୁର୍ଲଭ ।

Digitized by srujanika@gmail.com

ବିଶେଷ ଭାଷ୍ୟ—

ଏହି ଶ୍ଳୋକର ବାସୁଦେବ ଶବ୍ଦଟି କିଞ୍ଚିତ୍ ବିଶଦୀକରଣ ଦରକାର କରେ ।

ବସୁଦେବର ପୁତ୍ର 'ବାସୁଦେବ' ଶ୍ରୀକୃଷ୍ଣଙ୍କର ଅନ୍ୟ ନାମ । ତେଣୁ "ବାସୁଦେବଃ ସର୍ବମିତି"ର ଅର୍ଥ କରଯାଇପାରେ—'ସର୍ବତ୍ର ଶ୍ରୀକୃଷ୍ଣ' ଏହି ଜ୍ଞାନ; କିନ୍ତୁ ଏଦ୍ୱାରା ଆମେ ଗୀତାର ଉଦାର ସାର୍ବଜନୀନତାକୁ ଏକାବେଳକେ ଖର୍ବ ଓ ସଂକୀର୍ଣ୍ଣ କରିଦେଲୁ ନାହିଁ କି ? ଅନ୍ୟପକ୍ଷରେ ଏହା ଫଳରେ ଗୀତା; ଏକ ବ୍ୟକ୍ତି-ପୂଜାରେ ହିଁ ପର୍ଯ୍ୟବସିତ ହୋଇଯିବ । ତେଣୁ ଖୁବ୍ ସମ୍ଭବତଃ, ନିଜେ ଗୀତାକାର ଏ ଅର୍ଥରେ ସ୍ୱୟଂ ଶ୍ରୀକୃଷ୍ଣ ଅର୍ଥରେ) ବାସୁଦେବ ଶବ୍ଦ ଆଦୌ ବ୍ୟବହାର କରିନାହାନ୍ତି । କାରଣ ବସୁଦେବର ପୁତ୍ର ବାସୁଦେବ ପରି ଏକ ସାଧାରଣ ଅର୍ଥ ଛଡା, ଏହି ଶବ୍ଦର ଅନ୍ୟ ବିଶିଷ୍ଟ ଓ ଅଧିକ ଉଦାର ଏବଂ ଯୁକ୍ତିଯୁକ୍ତ ବ୍ୟୁତ୍ପତ୍ତି ସବୁ ଅଛି । 'ବସୁ' ଶବ୍ଦର ହିଁ ନାନା ଅର୍ଥ । ସାଧାରଣତଃ ଏହା 'ଐଶ୍ୱର୍ଯ୍ୟ'କୁ ବୁଝାଏ । ତେଣୁ ଧନଦେବତା କୁବେରଂକ ରାଜଧାନୀର ଅନ୍ୟନାମ, 'ବସୁସ୍ଥଳୀ' । ଭଗ' ଥିବାରୁ ଭଗବାନ୍ ଏବଂ 'ଭଗ'ର ଅର୍ଥ ମଧ୍ୟ ଐଶ୍ୱର୍ଯ୍ୟ । ତେଣୁ ବ (ବା) ସୁ ଦେବ (ତା) = ଭଗବାନ୍ = ଐଶ୍ୱର୍ଯ୍ୟର ଦେବତା । ଅନ୍ୟ ପକ୍ଷରେ 'ବାସୁ' ଶବ୍ଦର ଆଭିଧାନିକ ଅର୍ଥ ମଧ୍ୟ ବିଶ୍ୱ-ଆତ୍ମା ବା ପରମାତ୍ମା । ବସତି ସର୍ବସ୍ମିନ୍ ଇତି ବାସୁଃ । ତେଣୁ ବାସୁଦେବର ଆଭିଧାନିକ ଅର୍ଥ ପରମାତ୍ମା । ପୁଣି, ପୁରାଣରେ କେବଳ କୃଷ୍ଣଙ୍କର ପିତାଙ୍କ ନାମ ବସୁଦେବ ନ ଥିଲା; ଅନ୍ୟ ଏକ ଯାଦବ, ସୁରଙ୍କର ପୁଅର ନାମ ମଧ୍ୟ ଥିଲା ବସୁଦେବ । ତେଣୁ କେବଳ ପୈତୃକ ସମ୍ବନ୍ଧ କରି 'ବାସୁଦେବ' ଶବ୍ଦକୁ 'ଶ୍ରୀକୃଷ୍ଣ' ଅର୍ଥରେ ସଂକୀର୍ଣ୍ଣ, ସୀମାବଦ୍ଧ କରିବାର କୌଣସି ଦୃଢ଼ ଯୁକ୍ତି ଥିଲାପରି ମନେ ହେଉନାହିଁ । ପୁନଶ୍ଚ, ମହାଭାରତ ଶାନ୍ତି ପର୍ବରେ 'ବାସୁଦେବ' ଶବ୍ଦର ଏହି ପ୍ରକାର ଉଦାର ବ୍ୟୁତ୍ପତ୍ତି ସ୍ୱୟଂ ଶ୍ରୀକୃଷ୍ଣଙ୍କ ମୁଖରୁ ନିଃସୃତ—

ଛାଦୟାମି ଜଗତ୍ ସର୍ବଂ ଭୂତ୍ୱ । ସୂର୍ଯ୍ୟଇବାଂଶୁଭିଃ
ସର୍ବଭୂତାଧିବାସଶ୍ଚ ବାସୁଦେବସ୍ତତୋହ୍ୟହମ୍ ।

ସୂର୍ଯ୍ୟ ଯେପରି ନିଜ କିରଣଦ୍ୱାରା ସମସ୍ତ ଜଗତକୁ ଆଚ୍ଛାଦନ କରନ୍ତି, ମୁଁ (ଭଗବାନ) ସେହିପରି ସର୍ବଭୂତରେ ବାସ କରିବା ହେତୁହିଁ ମୋର ନାମ ବାସୁଦେବ ।"

ଏଠାରେ ବାସୁଦେବ ଶବ୍ଦ ବସ୍ = ଆଚ୍ଛାଦନେ ଏହି ଧାତୁରୁ ନିଷ୍ପନ୍ନ, ଠିକ୍ ଯେଉଁ ଅର୍ଥ ମଧ୍ୟ 'ବିଷ୍ଣୁ'ର ଅର୍ଥାତ୍ "ବିଶ୍ୱ ଆଚ୍ଛାଦନକାରୀ" । ତେଣୁ ବାସୁଦେବର ଅର୍ଥ ବିଷ୍ଣୁ, ଅର୍ଥାତ୍ ବିଶ୍ୱ-ବ୍ୟାପ୍ତ ଈଶ୍ୱର ବା ପରମାତ୍ମା ଏବଂ ବାସୁଦେବ ସର୍ବମିତି'ର ଯୁକ୍ତିଯୁକ୍ତ ଅର୍ଥ ହେବ—ଏହି ଜଗତ୍ ପରମାତ୍ମାମୟ ବୋଲି ଭାବିବା ।

Digitized by srujanika@gmail.com

ପାଠକେ ଈଶୋପନିଷଦର ପ୍ରଥମ ଶ୍ଳୋକର ସେହି ଉଦାର ସମାନ୍ତରାଳ ବାଣୀ ସ୍ମରଣ କରନ୍ତୁ—ଈଶାବାସ୍ୟମିଦଂ ସର୍ବଂ—ସମଗ୍ର ବିଶ୍ୱ ଈଶ୍ୱର ଦ୍ୱାରହିଁ ଆଚ୍ଛାଦିତ ।

(୨୦)

କାମୈସ୍ତୈସ୍ତୈର୍ହୃତଜ୍ଞାନାଃ ପ୍ରପଦ୍ୟନ୍ତେଽନ୍ୟଦେବତାଃ
ତଂ ତଂ ନିୟମମାସ୍ଥାୟ ପ୍ରକୃତ୍ୟା ନିୟତାଃ ସ୍ୱୟା । ୨୦ ।

ସ୍ୱୟା ପ୍ରକୃତ୍ୟା ନିୟତାଃ [କିନ୍ତୁ ଅନେକ ଲୋକ] (ନିଜ ସ୍ୱଭାବଦ୍ୱାରା ପରିଚାଳିତ ହୋଇ) ତୈଃ ତୈଃ କାମୈଃ ହୃତଜ୍ଞାନାଃ [ନିଜ ନିଜର] (ସେହି ସେହି ପାର୍ଥିବ ଅଭିଳାଷ ପୂରଣାର୍ଥେ ସତ୍ୟ-ଜ୍ଞାନ ହରାଇ) ତଂ ତଂ ନିୟମଂ ଆସ୍ଥାୟ (ସେହି ସେହି ଅଭିଳାଷ-ପରିପୂରକ ନିୟମସବୁ ମାନି) ଅନ୍ୟ ଦେବତାଃ ପ୍ରପଦ୍ୟନ୍ତେ [ସର୍ବବ୍ୟାପୀ ଈଶ୍ୱରଙ୍କୁ ନ ଖୋଜି] (ଅନ୍ୟ ଦେବତାମାନଙ୍କୁ ପୂଜା କରିଥାନ୍ତି) ।

ଅନୁବାଦ—

କିନ୍ତୁ ହେ ଅର୍ଜୁନ, ପ୍ରବୃତ୍ତିଦ୍ୱାରା ପରିଚାଳିତ ଅନେକ ଲୋକ ନିଜ ନିଜର ଭିନ୍ନ ଭିନ୍ନ ଇତର ଅଭିଳାଷ ସବୁର ପୂରଣପାଇଁ ଅ-ଦ୍ୱୈତ, ବିଶ୍ୱବ୍ୟାପ୍ତ ଈଶ୍ୱରଙ୍କ ଆରାଧନା ପରିତ୍ୟାଗକରି, ଭିନ୍ନ ଭିନ୍ନ ଛୋଟ ଛୋଟ ଦେବ-ଦେବୀଙ୍କୁ ଖୁବ୍ ନିଷ୍ଠାର ସହିତ ପୂଜିଥାନ୍ତି ।

(୨୧)

ଯୋ ଯୋ ଯାଂ ଯାଂ ତନୁଂ ଭକ୍ତଃ ଶ୍ରଦ୍ଧୟାର୍ଚ୍ଚିତୁମିଚ୍ଛତି
ତସ୍ୟ ତସ୍ୟାଚଳାଂ ଶ୍ରଦ୍ଧାଂ ତାମେବ ବିଦଧାମ୍ୟହଂ ।୨୧।

ଯଃ ଯଃ ଭକ୍ତଃ (ଯେଉଁ ଯେଉଁ ଭକ୍ତ) ଶ୍ରଦ୍ଧୟା । (ଶ୍ରଦ୍ଧାର ସହିତ) ଯାଂ ଯାଂ ତନୁଂ (ମୋର, ଈଶ୍ୱରଙ୍କର ଯେଉଁ ଯେଉଁ ବିଭବ ବା ପ୍ରକଟନକୁ) ଅର୍ଚ୍ଚିତୁଂ ଇଚ୍ଛତି (ପୂଜା କରିବାକୁ ଇଚ୍ଛାକରେ) ତସ୍ୟ ତସ୍ୟ (ସେହି ସେହି ଭକ୍ତଙ୍କର , ଅହଂ ତାଂ ଏବ ଶ୍ରଦ୍ଧାଂ ଅଚଳାଂ ବିଦଧାମି (ସେହି ଶ୍ରଦ୍ଧାକୁହିଁ ମୁଁ ଅଚଳା ଶ୍ରଦ୍ଧାରେ ପରିଣତ କରାଇଥାଏ) ।

ଅନୁବାଦ—

କିନ୍ତୁ ଯିଏ ଯେଉଁ ଦେବତାଙ୍କୁ ହେଲେ ମଧ୍ୟ ଶ୍ରଦ୍ଧାର ସହିତ ପୂଜାକରନ୍ତି ଏବଂ ଯେହେତୁ ସେ ମୋରହିଁ ଏକ ପ୍ରକାଶ, ମୁଁ ତାଙ୍କର ସେହି ଶ୍ରଦ୍ଧାକୁ ସ୍ଥିରତ୍ୱ ଦେଇଥାଏ ।

ବିଶେଷ ଭାଷ୍ୟ—

ଏ ପୃଥିବୀରେ କେତେଜଣ "ବାସୁଦେବ ସର୍ବମିତ"—ଅର୍ଥାତ୍ 'ଈଶ୍ୱରହିଁ ସର୍ବମୟ' ଏହି ଧାରଣା ସବୁବେଳେ ମନେରଖି ଜୀବନ ଯାପନ

Digitized by srujanika@gmail.com

କରିପାରିବେ ? କେତେଜଣ ବା ଏକ ବିଶ୍ୱବ୍ୟାପ୍ତ ସାର୍ବଭୌମ ଈଶ୍ୱରଙ୍କର ଧାରଣା ବି କରିପାରିବେ ? ଗୀତା, ଏ ଶ୍ରେଣୀର ଲୋକ "ଦୁର୍ଲଭ" ବୋଲି ଯେ କହିଛନ୍ତି ତାହା ମଧ୍ୟ ଏକାନ୍ତ ସତ୍ୟ; କିନ୍ତୁ ଗୀତା ତ କେବଳ ଦୁର୍ଲଭ ବା ଅସାଧାରଣ ଲୋକଙ୍କପାଇଁ ଲେଖାଯାଇ ନଥିଲା । ଏହା ସାଧାରଣ ମନୁଷ୍ୟର ଜୀବନ-ବେଦ । ଗୀତା ସାଧାରଣ ମନୁଷ୍ୟର ଅଭାବ, ଅପୂର୍ଣ୍ଣତା ଓ ଦୁର୍ବଳତାକୁ କେବେହେଲେ ଭୁଲିଯାଇ ନାହାନ୍ତି, ଯଦିଓ ତାଙ୍କର ଲକ୍ଷ୍ୟ ଓ ଆଦର୍ଶ ମାନବିକ ଅଭିଜ୍ଞତାର ଉଚ୍ଚତମ ସ୍ତରରେ ଅବସ୍ଥାପିତ । ଗୀତା ତେଣୁ "ବାସୁଦେବ ସର୍ବମିତି"ର ଆଦର୍ଶ ବଖାଣିସାରି ଦୈନନ୍ଦିନ ଜୀବନରେ କ୍ଷୁଦ୍ର-ସୁଖ-ଦୁଃଖ-ଜଡ଼ିତ ସାଧାରଣ ମନୁଷ୍ୟର କ୍ଷୁଦ୍ର କ୍ଷୁଦ୍ର ଈଶ୍ୱର (ଦେବ-ଦେବୀ) ସମ୍ବନ୍ଧରେ ଏପରି କହୁଛନ୍ତି ଯେ, ନିଜ ନିଜ ମାନସିକ ଅଭିରୁଚି ଓ ପ୍ରବଣତା ଅନୁସାରେ (ସ୍ୱୟା ପ୍ରକୃତ୍ୟା ନିୟତାଃ) ସାଧାରଣ ଲୋକ ଯେ 'ଜ୍ଞାନ' ଖୋଜିବନି ଏହା ନିଶ୍ଚିତ କଥା । ସେହି ଜ୍ଞାନ-ନଥିବା ଲୋକେ (ହୃତଜ୍ଞାନାଃ) ନିଜ ନିଜର କାମ ବା କାମନା ଅର୍ଥାତ୍—ସ୍ତ୍ରୀ, ପୁତ୍ର, ପରିବାର, ଧନ, ପ୍ରଭାବ, ପ୍ରତିପତ୍ତି—ଖୋଜି ବସିବେ ଏବଂ ସେ ସବୁ ମିଳିବାର ପ୍ରତିଶ୍ରୁତି ଦେଇ ପାରୁଥିବା ନିୟମସବୁ ମାନି (ପୂଜା, ହୋମ, ତୀର୍ଥଯାତ୍ରା, ଦାନ, ଦକ୍ଷିଣା, ତନ୍ତ୍ର-ମନ୍ତ୍ର ଆଦି) ଭିନ୍ନ ଭିନ୍ନ ଅପଦେବତା ପୂଜା କରିବେ ।

ସାଧାରଣ ଧର୍ମାଭିମାନୀ ଲୋକ ସାଙ୍ଗେ ସାଙ୍ଗେ ଏମାନଙ୍କୁ 'କାଫେର' ବା 'ହିଦେନ୍' କହି ଏମାନଙ୍କର ଚିର-ନରକ-ବାସର ବ୍ୟବସ୍ଥା କରିଦିଅନ୍ତେ ବା ଧନର ପ୍ରଲୋଭନ ବା ଖଡ୍ଗର ଭୟ ଦେଖାଇ ସେମାନଙ୍କୁ ନିଜ ମତକୁ ଟାଣିବାର ଚେଷ୍ଟା କରନ୍ତେ ।

କିନ୍ତୁ ହିନ୍ଦୁଧର୍ମ ବା ଗୀତା, ଧର୍ମ-ବିଶ୍ୱାସରେ ବାଧ୍ୟବାଧକତା ପରି ଘୋର ଅଯୌକ୍ତିକତାକୁ କେବେହେଲେ ଗ୍ରହଣ କରିନାହାନ୍ତି । ଈଶ୍ୱର ଅନ୍ତର୍ଯ୍ୟାମୀ । ସେ ଆମପରି କୌଣସି ବାହ୍ୟ ଆଚାର-ଅନୁଷ୍ଠାନରେ ଭୁଲିଯିବାର କଥା ନୁହେଁ । ସାଧକ, ଈଶ୍ୱରଙ୍କୁ ଯେଉଁ 'ତନୁ'ରେ କଳ୍ପନାକରି ଡାକୁ ପଛେ—ପିତା ଭାବରେ, ମାତା ଭାବରେ, ବନ୍ଧୁ ଭାବରେ, ସ୍ୱାମୀ ଭାବରେ, ପୁଣି ସାକାର ଭାବରେ—ଈଶ୍ୱରଙ୍କ ନିକଟରେ ଏସବୁ ପଛରେ ଏକମାତ୍ର ଭୋଗ୍ୟବସ୍ତୁ ହେବ, 'ଶ୍ରଦ୍ଧା' । ଗୀତା କହୁଛନ୍ତି ଯେ, "ବାସୁଦେବ ସର୍ବମିତି" ନ ହେଉ ପଛେ, ମୂର୍ତ୍ତି, ନଦୀ ପର୍ବତ ବା ପିତା-ମାତା, ଯାହାକୁ ତୁମେ ଈଶ୍ୱର ଭାବରେ ଦେଖ ନା କାହିଁକି; ସେଥିରେ ଯଦି ଆନ୍ତରିକ ଶ୍ରଦ୍ଧା ବା ବିଶ୍ୱାସ ଥାଏ, ତେବେ ଈଶ୍ୱର ସେହି ସେହି ସଂପର୍କରେ ମଧ୍ୟ, ଭକ୍ତର ଶ୍ରଦ୍ଧାର ଗୁଣ ବଢ଼େଇବାପାଇଁ, ସେ ଶ୍ରଦ୍ଧା ଅଚଳା ହୋଇ ଉଠିବାରେ ସାହାଯ୍ୟ କରଥାନ୍ତି ।

ଏଠାରେ 'ତନୁ' ଶବ୍ଦର ବ୍ୟବହାରରୁ ପ୍ରତିମା-ପୂଜାହିଁ ଉଦ୍ଦିଷ୍ଟ ବୋଲି କେହି ଧରିନେଇ ପାରନ୍ତି । ତାହା ମଧ୍ୟ ହୋଇପାରେ ଏବଂ ତା ନ ହୋଇ, କେବଳ

Digitized by srujanika@gmail.com

ବିଭବ ମଧ୍ୟ ବୁଝାଇପାରେ । ଲୌକିକ ହିନ୍ଦୁଧର୍ମରେ ପ୍ରତିମା-ପୂଜା, ମହାଯାନୀ ବୌଦ୍ଧ ମାନଙ୍କର ବୁଦ୍ଧ-ପୂଜା ଅନୁକରଣରୁ ଏବଂ ମହାଯାନୀମାନଙ୍କର ବୁଦ୍ଧ-ପ୍ରତିମା ପୂଜା ଗ୍ରୀକ୍ ଦେବ-ପ୍ରତମାନୁକରଣରୁ ଆସିଛି ବୋଲି ପଣ୍ଡିତମାନଙ୍କ ମତ । ଭାରତର ପ୍ରାଚୀନତମ ଦେବ-ମନ୍ଦର ବୋଧହୁଏ ବୁଦ୍ଧଗୟାର ବୌଦ୍ଧମନ୍ଦର । ଚତୁର୍ଥ ଶତାବ୍ଦୀର ସେପଟେ ପ୍ରତିମା-ପୂଜା ବ୍ରାହ୍ମଣ୍ୟ ଧର୍ମରେ ବ୍ୟାପକ ଥିଲା ବୋଲି ମନେ ହେଉନି ଏବଂ ବିଶେଷକରି ଶ୍ରୀକୃଷ୍ଣଙ୍କର କୌଣସି ପ୍ରତିମା ବୋଧହୁଏ ସପ୍ତମ ଶତାବ୍ଦୀର ସେପଟେ ମିଳିଥିବାର ଜଣାପାଇନାହିଁ ଯଦିଓ ସେତେବେଳକୁ ବୌଦ୍ଧ, ଜୈନ ଓ ଶୈବ ପ୍ରତିମା ସମଗ୍ର ଏହି ଉପ-ମହାଦେଶରେ ଚାରିଆଡେ ବିଚ୍ଛିନ୍ନ ହୋଇ ପଡ଼ିଥିଲା । ହୁଏତ ଗୀତା ତାଙ୍କର ସ୍ୱାଭାବିକ ପରମ ଉଦାରତାରେ ଏହିସବୁ 'ଅବୈଦିକ' ଅନ୍ୟ ଦେବତାମାନଙ୍କର "ଯାଂ ଯାଂ ତନୁଂ" କୁ ଲକ୍ଷ୍ୟକରି ହିଁ ଏହିକଥା କହିଛନ୍ତି; କିନ୍ତୁ ଏ ବାଣୀର ତାତ୍ପର୍ଯ୍ୟ, ସ୍ଥାନ-ଓ-କାଳର ଊର୍ଦ୍ଧ୍ୱରେ । ଏହା ସେକାଳରେ ସତ୍ୟ, ଆଜି ବି ସତ୍ୟ । ପନ୍ଥା-ନିର୍ବିଶେଷରେ ଓ ଉପାସ୍ୟ-ନିର୍ବିଶେଷରେ, ଧର୍ମ-ସାଧନାରେ "ଅଚଳା ଶ୍ରଦ୍ଧା" ହିଁ ଏକମାତ୍ର କଷଟି ପଥର । ତେଣୁ ପୌତ୍ତଳିକ ଥିଲେ ବୋଲି ରାମକୃଷ୍ଣ ପରମହଂସଙ୍କୁ କେବଳ ବୀତସ୍ପୃହ ଅନ୍ଧ ମୂର୍ଖ ହିଁ 'କାଫେର' ବା 'ହିଦନ' କହିପାରେ । ଗୀତାର ଏହି ଶ୍ଳୋକସ୍ଥ ମହା ସତ୍ୟର ସମୁଜ୍ଜ୍ୱଳ ଦୃଷ୍ଟାନ୍ତ ହେଉଛନ୍ତି, ସେହି ରାମକୃଷ୍ଣ; ଅର୍ଥାତ୍ ଈଶ୍ୱରଙ୍କନାରେ ଏକମାତ୍ର "ଐଶ୍ୱର୍ଯ୍ୟ" ହେଉଛି—'ଅଚଳା ଶ୍ରଦ୍ଧା' ।

(୨୨)

ସ ତୟା ଶ୍ରଦ୍ଧୟା ଯୁକ୍ତସ୍ତସ୍ୟାରାଧନମୀହତେ
ଲଭତେ ଚ ତତଃ କାମାନ୍ ମୟୈବ ବିହିତାନ୍ ହିତାନ୍ । ୨୨ ।

[ପଦି] ସଃ (ସେହି ପାର୍ଥିବ କାମନା ଲାଗି ଛୋଟ ଦେବ-ଦେବୀଙ୍କୁ ଡାକୁଥିବା ଲୋକ) ତୟା ଶ୍ରଦ୍ଧୟା ଯୁକ୍ତଃ (ସେହି ପ୍ରକାର ଆନ୍ତରିକ ଶ୍ରଦ୍ଧା ବହନ କରି) ତସ୍ୟାଃ ଆରାଧନଂ ଈହତେ (ସେହି ଦେବତାମାନଙ୍କର ଆରାଧନା କରିଥାନ୍ତି) ତତଃ (ସେହି ପ୍ରକାର ପୂଜାରୁ ମଧ୍ୟ) ମୟା ଏବ ବିହିତାନ୍ କାମାନ୍ ହି ଲଭତେ (ମୋ' ଦ୍ୱାରା ଅର୍ଥାତ୍ ଈଶ୍ୱରଙ୍କଦ୍ୱାରା ସ୍ଥିରୀକୃତ ରୀତିରେ ହିଁ ସେମାନେ କାମ୍ୟବସ୍ତୁ ସବୁ ପାଇଥାନ୍ତି) ।

ଅନୁବାଦ—

ହେ ଅର୍ଜ୍ଜୁନ, ପାର୍ଥିବ-କାମନାଦିର-ପରିପୂରଣପାଇଁ ଛୋଟ ଛୋଟ ଦେବ ଦେବୀଙ୍କୁ ଡାକୁଥିବା ଲୋକେ, ସେହି ପ୍ରକାର ଅଚଳା-ଶ୍ରଦ୍ଧାର ଫଳସ୍ୱରୂପ ମୋରି (ଈଶ୍ୱର) ଦ୍ୱାରା ସ୍ଥିରୀକୃତ ରୀତିରେ ହିଁ କାମ୍ୟବସ୍ତୁ ସବୁ ପାଇଥାନ୍ତି ।

Digitized by srujanika@gmail.com

ବିଶେଷ ଭାଷ୍ୟ—

ଏ ଜଗତରେ, କେବଳ ଆଧ୍ୟାତ୍ମିକ ସାଧନା ନୁହେଁ, ଯେ କୌଣସି ବ୍ୟାପାରରେ ସିଦ୍ଧି ଆସେ କେବଳ ଶ୍ରଦ୍ଧା ଓ ସାଧନାରୁ । ସିଦ୍ଧିର (Success) ମୂଳପୁଞ୍ଜି ହେଲା ଶ୍ରଦ୍ଧା ଓ ଶ୍ରମ । ଏହାହିଁ ବିଧିର ବିଧାନ ଏବଂ ଅଲଂଘ୍ୟ ବିଧାନ । ଗୀତାର ବାଣୀ ସହଯଜ୍ଞା ପ୍ରଜା ସୃଷ୍ଟା । ଅର୍ଥାତ୍ ମନୁଷ୍ୟ ଜୀବନହିଁ ଯଜ୍ଞ । ସେହି ଯଜ୍ଞ ହେଲା ଶ୍ରଦ୍ଧାର ସହିତ ଶ୍ରମ । ପୃଥିବୀରେ କୌଣସି ଦେଶ ବା ସମାଜରେ, କୌଣସି ହେଲେ କ୍ଷେତ୍ରରେ କେହି କଠୋର ସାଧନା ଓ ଗଭୀର ଆତ୍ମ-ବିଶ୍ୱାସ ବିନା ଉତ୍କୃଷ୍ଟ ସିଦ୍ଧି ପାଇଥିବାର ଜଣାନାହିଁ । ଏହି ଶାଶ୍ୱତ ଐଶ୍ୱରିକ ନିୟମ, ଧର୍ମ ଜଗତ ପ୍ରତି ମଧ୍ୟ ପ୍ରଯୁଜ୍ୟ । ସେଠି ମଧ୍ୟ ଶ୍ରଦ୍ଧା ଓ ସାଧନା, ଉପାସନାର ମୁଖ୍ୟ ଉପାଦାନ—ନୁହେଁ ଘଣ୍ଟ ଘଣ୍ଟାଧ୍ୱନି, ଉତ୍କଟ ସ୍ୱରରେ ସ୍ତୋତ୍ରଗାନ ବା ଭୋଗରାଗର ଘଟା । ସାଧକର ଶ୍ରଦ୍ଧା ଓ ବିଶ୍ୱାସ ଫଳରେ ଅନ୍ୟ ଦେବତା ମଧ୍ୟ ଇପ୍ସିତ ଫଳ ଦେଇଥାନ୍ତି ଏବଂ ଗୀତା କହୁଛନ୍ତି ତାହା ମଧ୍ୟ "ମୟୈବ ବିହିତାନ୍"—ମୋଦ୍ୱାରା ଅର୍ଥାତ୍ ଈଶ୍ୱରଙ୍କ ଦ୍ୱାରବିହିତ ନିୟମର ହିଁ ଫଳ । ଅର୍ଥାତ୍ ଶ୍ରଦ୍ଧା, ନିଷ୍ଠା ଓ ଶ୍ରମର ଫଳ ସାଧକ ପାଇବ ହିଁ ପାଇବ; ଏହା ସୃଷ୍ଟିର ଶାଶ୍ୱତ ନିୟମ, ସେ ଯେଉଁ ଦେବତା ପୂଜାକରୁ ବା କୌଣସି ହେଲେ ଦେବତା ପୂଜା ନ କରୁ ।

ପ୍ରତ୍ୟହ ଶତ ଶତ ଯାତ୍ରୀ ଦକ୍ଷିଣେଶ୍ୱରର କାଳୀମୂର୍ତ୍ତି ଦର୍ଶନ କରୁଛନ୍ତି ଓ ତାଙ୍କୁ ଆରାଧନା କରୁଛନ୍ତି । ତାହା ଗୋଟାଏ ପଥରର ପ୍ରତିମା ମାତ୍ର; କିନ୍ତୁ ରାମକୃଷ୍ଣ ସେହି ପଥର ଖଣ୍ଡକୁ ପୂଜାକରି ଯେଉଁ ଅଲୌକିକ ଅଭିଜ୍ଞତା ସବୁ ଲାଭକଲେ, ଅନ୍ୟେ ପାଉନାହାନ୍ତି କାହିଁକି ? ଜଗନ୍ନାଥଙ୍କ କାଠ-ଖଣ୍ଡିକ ଚୈତନ୍ୟଙ୍କ ଠାରେ ଯେଉଁ ମହାଭାବ ଜାଗ୍ରତ କରୁଥିଲା, ଅନ୍ୟମାନଙ୍କଠି ସେପରି କରୁନାହିଁ କାହିଁକି ? ପ୍ରତୀକ, ପ୍ରତୀକ ମାତ୍ର । ଫଳ ନିର୍ଭର କରୁଛି, ସାଧକର ଶ୍ରଦ୍ଧା ଓ ସାଧନା ଉପରେ । ଧର୍ମ-ନିର୍ବିଶେଷରେ ଏହାହିଁ ବିଧାତାର ଶାଶ୍ୱତ ବିଧାନ ।

(୨୩)

ଅନ୍ତବତ୍ତୁ ଫଳଂ ତେଷାଂ ତଦ୍‌ଭବତ୍ୟଳ୍ପ ମେଧସାଂ
ଦେବାନ୍ ଦେବଯଜୋ ଯାନ୍ତି ମଦ୍‌ଭକ୍ତା ଯାନ୍ତି ମାମପି । ୨୩ ।

ତୁ (କିନ୍ତୁ) ଅଳ୍ପମେଧସାଂ ତେଷାଂ (ସେହି ଅଳ୍ପବୁଦ୍ଧି ପାର୍ଥିବ କାମ୍ୟ ପ୍ରାର୍ଥନାକାରୀ ଅନ୍ୟଦେବତା ପୂଜକମାନଙ୍କର) ତତ୍‌ଫଳଂ ଅନ୍ତବତ୍ (ସେହି ପ୍ରକାରେ ଲବ୍‌ଧ ସିଦ୍ଧି ଶୀଘ୍ର ଅନ୍ତ ବା ଶେଷ ହୋଇଆସେ) ହି, (କାରଣ) ଦେବଯଜଃ (ଦେବୋପାସକମାନେ) ଦେବାନ୍ ଯାନ୍ତ (ନିମ୍ନ ଶ୍ରେଣୀର ଦେବତାଙ୍କୁ ହିଁ ପ୍ରାପ୍ତ ହୋଇଥାନ୍ତ) ମଦ୍‌ଭକ୍ତାଃ (ମୋର ବା ଈଶ୍ୱରଙ୍କର ଭକ୍ତ) ଯମାଂଯାନ୍ତ (ମତେ ବା ପରମେଶ୍ୱରଙ୍କୁ ପ୍ରାପ୍ତ ହୋଇଥାନ୍ତ) ।

Digitized by srujanika@gmail.com

ଅନୁବାଦ—

ହେ ଅର୍ଜ୍ଜୁନ, ସେହି ପାର୍ଥିବ ଲାଭକାମୀ ଅଳ୍ପବୁଦ୍ଧି ସାଧକମାନଙ୍କର ସିଦ୍ଧି କ୍ଷଣସ୍ଥାୟୀ ମାତ୍ର । ଛୋଟ ଛୋଟ ଦେବ-ଦେବୀଙ୍କୁ ଆଶ୍ରା କରିଥିବା ସେହି ଲୋକେ, ସେହି ଛୋଟ ଛୋଟ ଦେବଦେବୀଙ୍କୁ ହିଁ ପାଇଥାନ୍ତି । ମତେ (ଈଶ୍ୱରଙ୍କୁ) ପୂଜା କରିବା ଲୋକେ ମତେ ଈଶ୍ୱରଙ୍କୁ ବା ପରମେଶ୍ୱରଙ୍କୁ) ହିଁ ପ୍ରାପ୍ତ ହୋଇଥାନ୍ତି ।

ବିଶେଷ ଭାଷ୍ୟ—

ଛୋଟ ଛୋଟ ପାର୍ଥିବ କାମନାମାନଙ୍କର ପୂରଣପାଇଁ ଆମେ ନିକୃଷ୍ଟ ଦେବତାମାନଙ୍କୁ ପୂଜା କରିଥାଉ; କିନ୍ତୁ ଯାହା ପାଉ ବୋଲି ବିଶ୍ୱାସ କରୁ ବା ଯାହା ପାଇ ଖୁସି ହେଉ, ସେ ବା କେତେ ଦିନ ? ଆମ ସମସ୍ତଙ୍କର ଉପାସ୍ୟ ଦେବତାମାନଙ୍କର ମଧ୍ୟ ଯେ ଉପାସ୍ୟ ସେହି 'ଏକମେବା ଦ୍ୱିତୀୟଂ' ପରମେଶ୍ୱରଙ୍କୁ କିଏ ରହେ ? ଗୀତା ତେଣୁ କୌଣସି ବାଧ୍ୟବାଧକତାର ଆଶ୍ରୟ ନ ନେଇ କେବଳ ଏଠାରେ କହି ରଖୁଛନ୍ତି ଯେ, ଉଭୟ ଉପାସିତ ଓ ଉପାସନା, ନିମ୍ନଶ୍ରେଣୀର ହେଲେ, ସିଦ୍ଧି ମଧ୍ୟ ସେହି ଶ୍ରେଣୀର ହେବ । ତାହା ନିଶ୍ଚୟ ହେବ ଅଚିରସ୍ଥାୟୀ ଏବଂ ସେଥିରୁ ମନୁଷ୍ୟ ସ୍ଥିର ଶାନ୍ତ ବା ସୁଖ ଆଶା କରି ନପାରେ । ପରମାନନ୍ଦ ବା ମହାସୁଖ ଦେଇ ପାରନ୍ତି, କେବଳ ଏହି ମହା ସୃଷ୍ଟିର ପରମ ବିଧାୟକ ପରମେଶ୍ୱର ।

ପର ଶ୍ଳୋକରେ ଗୀତା ଏହାକୁ ଆହୁରି ବିଶଦୀକୃତ କରୁଛନ୍ତି ।

(୨୪)

ଅବ୍ୟକ୍ତଂ ବ୍ୟକ୍ତିମାପନ୍ନଂ ମନ୍ୟନ୍ତେ ମାମବୁଦ୍ଧୟଃ
ପରଂ ଭବମଜାନନ୍ତୋ ମମାବ୍ୟୟମନୁତ୍ତମମ୍ । ୨୪ ।

ଅବୁଦ୍ଧୟଃ (ଅଜ୍ଞ ଲୋକେ) ମମ ଅବ୍ୟୟଂ ଅନୁତ୍ତମଂ ପରଂ ଭବଂ ଅଜାନନ୍ତଃ (ମୋର ସର୍ବୋତ୍କୃଷ୍ଟ ଓ ଶ୍ରେଷ୍ଠ ସ୍ୱରୂପକୁ ନ ଜାଣି) ଅବ୍ୟକ୍ତଂ ମାଂ ବ୍ୟକ୍ତିଂ ଆପନ୍ନଂ ମନ୍ୟନ୍ତେ (ପ୍ରପଂଚାତୀତ, ଅପ୍ରକାଶିତ ମତେ ବ୍ୟକ୍ତିତ୍ୱପ୍ରାପ୍ତ ବା ପ୍ରକାଶିତ ମନେ କରିଥାନ୍ତି) ।

ଅନୁବାଦ—

ଅଜ୍ଞତାବଶତଃ ସାଧାରଣ ଲୋକେ ମୋର (ପରମେଶ୍ୱରଙ୍କର) ସର୍ବଶ୍ରେଷ୍ଠ ସ୍ୱରୂପକୁ ନ ଜାଣି ଯେ ଅବ୍ୟକ୍ତ ତାଙ୍କୁ ସାଧାରଣତଃ ବ୍ୟକ୍ତିତ୍ୱସମ୍ପନ୍ନ ବୋଲି ଧରି ନେଉଥାନ୍ତି ।

ବିଶେଷଭାଷ୍ୟ—

କ୍ଷୁଦ୍ର ସସୀମ ମନୁଷ୍ୟ ଅବାଙ୍ ମାନସଗୋଚର ଭଗବାନଙ୍କୁ ଯେତେ ଚେଷ୍ଟା କଲେ ମଧ୍ୟ କ'ଣ ପୂର୍ଣ୍ଣ ଧାରଣା କରିପାରିବ ? ଆମେ ବାହାରେ

Digitized by srujanika@gmail.com

ବିଗ୍ରହ ଥୋଇ ବା ଅନ୍ତରରେ ତାଙ୍କର ଗୁଣାବଳୀ ସ୍ମରଣ କରି, ତାଙ୍କର ପୂଜା କରି, ଆତ୍ମସନ୍ତୋଷ ଲାଭ କରିଥାଉ ଯେ, ଆମେ 'ଈଶ୍ୱରଙ୍କ' ପୂଜା କରି ପକାଇଲୁ; କିନ୍ତୁ ଯେଉଁ ଈଶ୍ୱର ମନୁଷ୍ୟ କଳ୍ପନାକୁ ଅନ୍ଧବନ୍ଧ ପରାସ୍ତକରି ଆସୁଥିବା ଏହି ବିରାଟ ବିଶ୍ୱରେ ଓ ତାର ପ୍ରତିଟି ଅଣୁରେ ମଧ୍ୟ ପରିବ୍ୟାପ୍ତ କେବଳ ନୁହେଁ, କୁହାଯାଉଛି ଯେ, ଏହି ବିରାଟ ସୃଷ୍ଟି ତାଙ୍କର କେବଳ ଏକ ଅଂଶ ମାତ୍ର (ପରେ ଗୀତା ଏହା ହିଁ କହିବେ)—ତାଙ୍କୁ ଆମେ ସ୍ତୋତ୍ରଟିଏ ଦେଇ ଫଟୋଟିଏ ଦେଇ ଆରାଧନା କରିଦେଲେ ବୋଲି, ଆତ୍ମସନ୍ତୋଷ ଲାଭ କରିବାର କଣ ଯୌକ୍ତିକତା ଅଛି କି ?

କିନ୍ତୁ ଗୀତା, ପୂର୍ବବର୍ତ୍ତୀ ଶ୍ଳୋକସବୁ ଦେଇ ଏ ପ୍ରକାର ପୂଜାକୁ ମଧ୍ୟ ଆଦୌ ନିନ୍ଦା ନ କରି ବରଂ ପରମ ଉଦାରତାରେ ଘୋଷଣା କରିଛନ୍ତି ଯେ, ତାହା ମଧ୍ୟ ମୋହରି ପୂଜା ଏବଂ ସେହି କାରଣରୁ ହିଁ ଗୀତା ଏଠି ଆବଶ୍ୟକତା ବୋଧ କରି, ଉଚ୍ଚପୂଜା ଓ ନିମ୍ନ ପୂଜା, ପୂର୍ଣ୍ଣ ଉପାସ୍ୟ ଓ ଆଂଶିକ ଉପାସ୍ୟର ପ୍ରଭେଦ ନିର୍ଦ୍ଦେଶ କରି ରଖିଲେ । ଗୀତା କହନ୍ତି ଯେ, ମୋର ଉପାସନାର ପ୍ରକୃଷ୍ଟ ପ୍ରକାର ହେଲା ପ୍ରଥମେ ମୋର 'ସ୍ୱରୂପ' ବୁଝିବା—ମୁଁ କ'ଣ ଜାଣିବା, ଅର୍ଥାତ୍ ଜ୍ଞାନଯୋଗ । ମୁଁ ଅର୍ଥାତ୍, ଈଶ୍ୱର ଅବ୍ୟକ୍ତବ୍ୟ ଓ ଅନୁତ୍ତମରେ; କିନ୍ତୁ ପାର୍ଥିବ କାମନାସବୁ ପାଇଁ ମତେ କ୍ଷୁଦ୍ର, ସୀମିତ କରି ନିଜ ଇଚ୍ଛାନୁଯାୟୀ ଏକ କ୍ଷୁଦ୍ର 'ବ୍ୟକ୍ତିତ୍ୱ' ଦେଇ ଯେପରି ସେପରି ପୂଜା କରି "ଈଶ୍ୱରଙ୍କୁ" ପୂଜା କରାଗଲା ବୋଲି ଯେପରି କୁହା ନ ଯାଏ ।

ତେଣୁ, ସେହି କେବଳ ଈଶ୍ୱରଙ୍କୁ ପୂଜା କରୁଛି ବୋଲି କୁହାଯିବ, ଯିଏ କେବଳ ଈଶ୍ୱରଙ୍କୁହିଁ (ଯେ ଅବ୍ୟକ୍ତ ଓ ଅନୁତ୍ତମ ତାଙ୍କୁ) ଖୋଜୁଛି;—ଯେପରି ଖୋଜୁଥିଲେ ରାମକୃଷ୍ଣ ।

(୨୫)

ନାହଂ ପ୍ରକାଶଃ ସର୍ବସ୍ୟ ଯୋଗମାୟା ସମାବୃତଃ
ମୂଢୋଽୟଂ ନାଭିଜାନାତି ଲୋକୋମାମଜମବ୍ୟୟଂ । ୨୫ ।

ଅହଂ (ମୁଁ, ଈଶ୍ୱର) ଯୋଗମାୟା ସମାବୃତଃ (ଯୋଗମାୟାଦ୍ୱାରା ସମାବୃତ ହୋଇଥିବାରୁ) ସର୍ବସ୍ୟ (ସମସ୍ତଙ୍କ ପାଖେ) ପ୍ରକାଶଃ ନ (ପ୍ରକାଶିତ ହୋଇ ନ ଥାଏ, ଅର୍ଥାତ୍ ସମସ୍ତେ ମତେ ଠିକ୍ ଭାବରେ ଜାଣି ପାରନ୍ତି ନାହିଁ) । ଅୟଂ ମୂଢ଼ଃ (ଅଜ୍ଞାନ ମୂଢ ଏହି ପୃଥିବୀ) ମାଂ ଅଜଂ ଅବ୍ୟୟଂ ନ ଅଭିଜାନାତି (ମତେ ଅର୍ଥାତ୍ ଈଶ୍ୱରଙ୍କୁ ଅନାଦି ଓ ଅକ୍ଷୟ ଅର୍ଥାତ୍ ଶାଶ୍ୱତ ବୋଲି ଜାଣି ପାରନ୍ତିନାହିଁ) ।

ଅନୁବାଦ—

ହେ ଅର୍ଜ୍ଜୁନ, ଅବଶ୍ୟ ମୁଁ (ଈଶ୍ୱର) ଯୋଗମାୟା ଦ୍ୱାରା ସମାବୃତ ହୋଇଥିବାରୁ ହିଁ, ସମସ୍ତେ ମୋତେ ଠିକ୍ ଭାବରେ ଜାଣିପାରି ନଥାନ୍ତି । ଅଜ୍ଞାନ

Digitized by srujanika@gmail.com

ବିମୂଢ ପୃଥିବୀ ମୁଁ ଯେ ପ୍ରକୃତରେ ଅନାଦି ଓ ଅକ୍ଷୟ ଏକ ନିୟମଧାର, ଏହା ଅନୁଭବ କରିପାରି ନ ଥାଏ ।

ବିଶେଷ ଭାଷ୍ୟ—

ଗୀତା କହୁଛନ୍ତି, ଏହା ସତ୍ୟ ଯେ, ଈଶ୍ୱରଙ୍କର ସ୍ୱ-ସୃଷ୍ଟ ମାୟା-ଶକ୍ତି ଯୋଗୁ ହିଁ ଏହି ଅହରହ ପରିବର୍ତ୍ତନଶୀଳ ପାର୍ଥିବ ସଂସାରକୁ ଆମେ 'ସତ୍ୟ' ବୋଲି ଧରିନେଉଛୁ; ଏହା ଯେ ଅବ୍ୟକ୍ତ ଈଶ୍ୱରଙ୍କର କେବଳ ଏକ ମାୟା-ପ୍ରକାଶ ମାତ୍ର, ଏହା ଆମେ ସାଧାରଣତଃ ଭୁଲିଯାଉ ; କିନ୍ତୁ ଏହି "ଆମେ" କିଏ ? ଆମେ ହେଲେ—ମାନବ ଗୋଷ୍ଠୀର ଅଜ୍ଞ ସାଧାରଣ । ଆମେ 'ସତ୍ୟ' ବା 'ତତ୍-ତ୍ୱ' ଖୋଜୁନା । ତେଣୁ ତତ୍ ଓ ସତ୍‌କୁ ଅର୍ଥାତ୍ ଈଶ୍ୱରଙ୍କୁ ପାଉନା । ଆମେ ମାୟା ପଛରେ ଧାଇଁଛୁ, ତେଣୁ ମାୟା ଆମକୁ ଖେଳାଉଛି; କିନ୍ତୁ ଆମ ଭିତରେ 'ଜ୍ଞାନୀ' ଅଛନ୍ତି ଯେ, ମାୟା-ବ୍ୟକ୍ତ ସଂସାର ତଳେ ଅବ୍ୟକ୍ତ ବାସ୍ତବତାକୁ ଅର୍ଥାତ୍ ପୁରୁଷୋତ୍ତମ ଈଶ୍ୱରଙ୍କୁ ଏକମାତ୍ର ସତ୍ୟରୂପେ ଧରି ପାରିଛନ୍ତି । ଆମେ ସଂଖ୍ୟାଗରିଷ୍ଠ ମୂର୍ଖେ, ସତ୍ୟ ଖୋଜୁନୁଁ ବା ଜାଣୁନୁଁ ବୋଲି, ସତ୍ୟଟା କ'ଣ ଉଭେଇଯିବ ? ଗୀତା ତେଣୁ କହୁଛନ୍ତି ଯେ, ସୃଷ୍ଟିର ଯୋଗମାୟା-ତତ୍ତ୍ୱ ଘେନି, ଭଗବାନ ସମସ୍ତଙ୍କ ପାଖରେ ସହଜରେ ପ୍ରତ୍ୟକ୍ଷୀଭୂତ ହୋଇ ନ ଥାନ୍ତି ସତ; କିନ୍ତୁ ସୃଷ୍ଟିର ସେହି ମୌଳିକ ତତ୍ତ୍ୱଟି ନ ଜାଣିଲା ପର୍ଯ୍ୟନ୍ତ ଲୋକ 'ମୂଢ' (ଅଜ୍ଞ) ହିଁ ରହିବ ।

ପାଠକେ 'ମାୟା' ଶବ୍ଦର ବ୍ୟାଖ୍ୟା ପୂର୍ବେ ପାଇଛନ୍ତି । ଭାରତୀୟ ଧର୍ମଶାସ୍ତ୍ରରେ ଏହି ବିରାଟ ସୃଷ୍ଟି ପ୍ରକ୍ରିୟାକୁ ବିଧାତାର ଏକ ଯଜ୍ଞ, ଏକ ତପସ୍ୟା ବୋଲି ହିଁ ବରାବର କୁହାଯାଇଛି—ଯାହାକି ଏକ ପରମ ସୁନ୍ଦର ଅନୁଭବମୟ ଆବିଷ୍କାର ଏବଂ ସମଗ୍ର ବିଶ୍ୱ ସଂସ୍କୃତିରେ ଅତୁଳନୀୟ । ଭାରତୀୟ ଚିନ୍ତାରେ 'ଅବ୍ୟକ୍ତ' ବା ଈଶ୍ୱର କିନ୍ତୁ କେବଳ ଥରେମାତ୍ର 'ବ୍ୟକ୍ତ' ହୋଇପଡି, ଶୋଇଯାଇନି—ଯେପରି କୌଣସି କୌଣସି ଧର୍ମରେ କଳ୍ପନା କରାଯାଇଛି । ଭାରତୀୟ ଚିନ୍ତା, କୌଣସି ଏକ ମନୁଷ୍ୟ ରୂପଧାରୀ ସ୍ରଷ୍ଟାର ଗୋଟିଏ ଆଦେଶରେ ଏ ବିରାଟ ବିଚିତ୍ର ସୃଷ୍ଟି ଛଅ ଦିନ ଭିତରେ ହୋଇ ଯାଇଥିବାର ଶିଶୁ-କଳ୍ପନାକୁ କେବେହେଲେ ପ୍ରଶ୍ରୟ ଦେଇ ନାହିଁ । ଭାରତବର୍ଷ ତାର ସ୍ରଷ୍ଟା ଓ ସୃଷ୍ଟି ଉଭୟକୁ ଶାଶ୍ୱତ ଓ ଅଲଙ୍ଘ୍ୟ ନିୟମ-ପରମ୍ପରା ଭାବରେ ହିଁ ଆବିଷ୍କାର କରିଛି ଓ ଗ୍ରହଣ କରିଆସିଛି । ଭାରତବର୍ଷ ମୂଳରୁ ଇଭଲ୍ୟୁସନ୍ (Evolution) ବା ବିବର୍ତ୍ତନବାଦରେ ବିଶ୍ୱାସ କରିଆସିଛି ଏବଂ ବିଶ୍ୱାସ କରିଆସିଛି ଏକ ଅହରହ-ଚଳମାନ ସୃଷ୍ଟି ଚକ୍ରରେ । କଳ୍ପରୁ କଳ୍ପକୁ ସୂର୍ଯ୍ୟ-ଚନ୍ଦ୍ର-ଗ୍ରହ-ତାରକା-ସମନ୍ୱିତ ଏହି ବିରାଟ ସୃଷ୍ଟି, ଜନ୍ମ-ସ୍ଥିତି-ବିନାଶ ଦେଇ ଅନାଦି ଓ ଅନନ୍ତ ଗତିରେ ଚାଲିଛି ଓ ଚାଲିଥିବ । ଏବେ ବୈଜ୍ଞାନିକମାନେ କହିଲେଣି ଯେ, ମହାବ୍ୟୋମରେ ନୀହାରିକା-ବାଷ୍ପରୁ ନୂତନ ନୂତନ ସୌରମଣ୍ଡଳ ସବୁ

Digitized by srujanika@gmail.com

ଗଢାହେବା ଓ ପୁରାତନ ସୌରଜଗତ୍ ସବୁ ଧ୍ୱଂସ ହେବାର ସେମାନେ ଦେଖୁଛନ୍ତି ।

ରୁକ୍ଷ ଜଗତରେ ମେଘ ସୂର୍ଯ୍ୟରୁ ଉତ୍ପନ୍ନ ହେଲେହେଁ, ଖଣ୍ଡେମାତ୍ର ମେଘ ସେହି ସୂର୍ଯ୍ୟକୁ ଆମଠାରୁ ଘୋଡାଇ ରଖିପାରେ । ଅଥଚ ସୂର୍ଯ୍ୟ ଯୋଗୁଁ ହିଁ ଆମେ ସେହି ମେଘ-ଖଣ୍ଡର ପରିଚୟ ପାଉ । ସେହିପରି ଈଶ୍ୱର ରୂପକ ସୂର୍ଯ୍ୟ ହିଁ ଏ ସୃଷ୍ଟିର ଏକମାତ୍ର ସତ୍ୟବସ୍ତୁ । ଦୃଶ୍ୟମାନ ମେଘ-ରୂପ ଜଗତ୍, ମାୟା । ମେଘ, ସୂର୍ଯ୍ୟ ସହିତ ଘନିଷ୍ଠ ଭାବରେ ସଂପୃକ୍ତ ଥିଲାପରି ଏହି ସୃଷ୍ଟି (ମାୟା) ଘନିଷ୍ଠ ଭାବରେ ସଂପୃକ୍ତ (ଯୋଗ-ଯୁକ୍ତ) ଈଶ୍ୱରଙ୍କ ସହିତ । ସେଥିପାଇଁ ଏଠାରେ ତାକୁ ଯୋଗ-ମାୟା କୁହାଯାଉଛି । ନଶ୍ୱର. ଯୋଗ-ମାୟା ରୂପକ ମେଘ ଆବରଣ ଘୁଞ୍ଚିଗଲେ ଆମ୍ଭେମାନେ ସୂର୍ଯ୍ୟରୂପୀ ଆତ୍ମାର ଦର୍ଶନ କରି ପାରିବା ।

(୨୬)

ବେଦାହଂ ସମତୀତାନି ବର୍ତ୍ତମାନାନି ଚାର୍ଜୁନ
ଭବିଷ୍ୟାଣି ଚ ଭୂତାନି ମାଂ ତୁ ବେଦ ନ କଶ୍ଚନ । ୨୬ ।

ହେ ଅର୍ଜୁନ, ଅହଂ ସମତୀତାନି, ବର୍ତ୍ତମାନାନି, ଭବିଷ୍ୟାଣି ଚ ଭୂତାନି ବେଦ; (ମତେ ଅର୍ଥାତ୍ ଈଶ୍ୱରଙ୍କୁ, ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ଜୀବଗ୍ରାମ ଜଣା) ତୁ (କିନ୍ତୁ) ମାଂ କଶ୍ଚନ ନ ବେଦ (ମତେ (ତାଙ୍କୁ) କେହି ଜାଣନ୍ତି ନାହିଁ) ।

ଅନୁବାଦ—

ହେ ଅର୍ଜୁନ, ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ସକଳ ଜୀବମାନଙ୍କୁ ମୁଁ ଜାଣେ; କିନ୍ତୁ ପରମାତ୍ମା ସ୍ୱରୂପ ମତେ, କେହି ବି ଜାଣିପାରନ୍ତି ନାହିଁ ।

ବିଶେଷଭାଷ୍ୟ –

ଏ ଜଗତରେ 'ପୂର୍ଣ୍ଣ' କେବଳ ଈଶ୍ୱର । ଯେତେ ପ୍ରତିଭାଶାଳୀ ହୁଅନ୍ତୁ ପଛେ ଯେ କୌଣସି ମନୁଷ୍ୟ 'ଅପୂର୍ଣ୍ଣ' – କାରଣ ସେ ସ୍ଥାନ-କାଳ-ଇନ୍ଦ୍ରିୟ ଦ୍ୱାରା ସୀମାବଦ୍ଧ । ତେଣୁ 'ପୂର୍ଣ୍ଣଜ୍ଞାନ' ବା 'ସମଗ୍ର ଜ୍ଞାନ' କୌଣସି ହେଲେ ମନୁଷ୍ୟ ପକ୍ଷରେ ସମ୍ଭବ ନୁହେଁ । ଜ୍ଞାନର ସମଗ୍ରତା ନିର୍ଭର କରେ କେବଳ 'ବର୍ତ୍ତମାନ'କୁ ଜାଣିବାରେ ନୁହେଁ, ଏକାବେଳେକେ 'ଅତୀତ' ଓ 'ଭବିଷ୍ୟତ'କୁ ମଧ୍ୟ ଜାଣିବାରେ । କେଉଁ ମନୁଷ୍ୟର ଏ ଜ୍ଞାନ ଅଛି ? ଅତୀତର ସବୁକଥା ବା କିଏ ଜାଣିଛି ? ପୁଣି ସୁଦୂର ଭବିଷ୍ୟତ କଥା ଛାଡ, ଆଗାମୀ କାଲି କ'ଣ ହେବ କିଏ ବା ଠିକ୍ କରି କହିପାରିବ ? ମହାମାନବ ଗାନ୍ଧି ମଧ୍ୟ, ବ୍ରିଟିଶ ଚାଲିଗଲେ ଏ ଦେଶଟା ତିନିଖଣ୍ଡ ହୋଇ କୋଟି କୋଟି ଲୋକର ଅଶ୍ରୁ ଓ ଆର୍ତ୍ତନାଦରେ କିପରି ବିକଳ ହେବ, ଏକଥା ଜାଣି ପାରିଥିଲେ କି ? ବୁଦ୍ଧ ଜାଣିଥିଲେ କି ତାଙ୍କ ସତ୍ୟ, ତାଙ୍କ ନିଜ ଜନ୍ମଭୂମିରୁ ବିତାଡିତ ହୋଇଯିବ ବୋଲି ?

Digitized by srujanika@gmail.com

ବୁଦ୍ଧ-ଖ୍ରୀଷ୍ଟ-ଗାନ୍ଧି ନିର୍ବିଶେଷରେ, ରଜା-ସମ୍ରାଟ-ଜାତି-ଗୋଷ୍ଠୀ ନିର୍ବିଶେଷରେ, ଧର୍ମ-ବିଜ୍ଞାନ-ସାହିତ୍ୟ ନିର୍ବିଶେଷରେ ଆମର ସକଳ ସୀମିତ କଳ୍ପନାକୁ ଧୂଳିସାତ୍ କରି, ଅତୀତ-ବର୍ତ୍ତମାନ-ଭବିଷ୍ୟତର ସମଗ୍ର ଜ୍ଞାନ କେବଳ ଜଣକ ହାତ-ମୁଠାରେ ଅଛି ଏବଂ ସେହି ଜଣକ କେବଳ ଈଶ୍ୱର ।

ଗୀତା ଯେତେବେଳେ କହୁଛନ୍ତି "ମାଂ ତୁ ବେଦ ନ କଶ୍ଚନ" – ମତେ କେହି ହେଲେ ଜାଣି ନାହାନ୍ତି – ସେତେବେଳେ ତାହା ଆମର ମାନବଜ ଅହମିକାକୁ ଯେତେ ଆଘାତ ଦେଉ ପଛେ, ଏକ ପରମ ସତ୍ୟକୁ ବିଘୋଷିତ କରୁଛନ୍ତି ବୋଲି ଜାଣିବାକୁ ହେବ ।

ଆମେ ଈଶ୍ୱରଙ୍କୁ ଜାଣିବା ଦୂରେଥାଉ, 'ମାୟା' ଯୋଗୁଁ ଈଶ୍ୱରଙ୍କ ଅସ୍ତି ସନ୍ଦେହ କରୁ ବା ତାଙ୍କୁ ପାଶୋରି ଯାଇ କେବଳ ମାୟାକୁ ହିଁ 'ସତ୍ୟ ଧରିନେଇ ତା' ପଛରେ ଧାଇଁଥାଉ । ଜ୍ଞାନୀ ଓ ଭକ୍ତ, ମାୟା ଭିତରୁ ଈ ଅଲଗା କରି ଚିହ୍ନିପାରନ୍ତି । ଏ ସମ୍ପର୍କରେ ପରମହଂସ ରାମକୃଷ୍ଣଙ୍କର ବାଣୀ ଅନୁଧ୍ୟେୟ ।

"କେବଳ ହଂସ ହିଁ ଦୁଧ-ପାଣିର ମିଶ୍ରଣରୁ ପାଣିକି ଛାଡଦେଇ କେ ଦୁଧକୁ ଖାଇ ଜାଣେ । ଅନ୍ୟ କୌଣସି ହେଲେ ପକ୍ଷୀ ବା ପ୍ରାଣୀ ସେପରି ଜାଣେନା । ଈଶ୍ୱର ଅଦ୍ୱୈତ ହେଲେହେଁ ସେ ପ୍ରକୃତି ବା ମାୟା ସହିତ ମିଶି ରହିଥାନ୍ତି । ସାଧାରଣ ନର-ନାରୀ ତାଙ୍କୁ ମାୟାରୁ ଅଲଗା କରିପାରନ୍ତି ନାହିଁ । କେବଳ ପରମହଂସ ତାହା କରି ପାରିଥାନ୍ତି ।"

(୨୭)

ଇଚ୍ଛା-ଦ୍ୱେଷ ସମୁତ୍ଥେନ ଦ୍ୱନ୍ଦ୍ୱ-ମୋହେନ ଭାରତ
ସର୍ବ ଭୂତାନ ସମ୍ମୋହଂ ସର୍ଗେ ଯାନ୍ତି ପରନ୍ତପ । ୨୭ ।

ପରନ୍ତପ ଭାରତ (ହେ ଶତ୍ରୁନାଶକାରୀ, ଭରତବଂଶଜ ଅର୍ଜୁନ) ସର୍ଗେ (ଏହି ସୃଷ୍ଟିରେ) ଇଚ୍ଛା ଦ୍ୱେଷ ସମୁତ୍ଥେନ ଦ୍ୱନ୍ଦ୍ୱ ମୋହେନ (ଇଚ୍ଛା ଓ ଦ୍ୱେଷରୁ ଜାତ ଯୁଗ୍ମ ମୋହ ହେତୁ, ସର୍ବ ଭୂତାନି ସମ୍ମୋହଂ ଯାନ୍ତି (ସମସ୍ତ ପ୍ରାଣୀ ମୋହାଭିଭୂତ ହୋଇଥାନ୍ତି) ।

ଅନୁବାଦ —

ହେ ଅର୍ଜୁନ, ମନୁଷ୍ୟମାନଙ୍କର ଏହି ସର୍ବବ୍ୟାପ୍ତ ଅଜ୍ଞତା ଆସେ, ଇଚ୍ଛା ଓ ଦ୍ୱେଷରୁ ଜାତ ଯୁଗ୍ମ-ମୋହମାନଙ୍କର ପ୍ରଭାବରୁ । ସକଳ ପ୍ରାଣୀ ଏହିପରି ମୋହଗ୍ରସ୍ତ ।

Digitized by srujanika@gmail.com

ବିଶେଷ ଭାଷ୍ୟ—

ପୂର୍ବ ଶ୍ଳୋକର ଶେଷରେ କୁହାଗଲା "ମାଂ ତୁ ବେଦ ନ କଶ୍ଚନ ।" ତେବେ କ'ଣ ଭଗବାନଙ୍କୁ ଜାଣିବା ମନୁଷ୍ୟ ଶକ୍ତିର ବାହାରେ ? ଯେ 'ସର୍ବ ବ୍ୟାପ୍ତ' ଅର୍ଥାତ୍ ସବୁଠି ଅଛନ୍ତି ତାଙ୍କୁ ମନୁଷ୍ୟ ଦେଖିପାରୁନି ବା ଜାଣିପାରୁନି କାହିଁକି ବା କିପରି ? ଗୀତା ଏଇଠି ତାର ଉତ୍ତର ଦେଉଛନ୍ତି । ଜୀବମାତ୍ରେ ଏକ ପକ୍ଷରେ ଇଚ୍ଛା (ନିଜର କାମ, ଅଭିଳାଷ, ବାସନା, ଉଚ୍ଚାଶା ଇତ୍ୟାଦି) ଦ୍ୱାରା ଏବଂ ଅନ୍ୟ ପକ୍ଷରେ ଦ୍ୱେଷ (ଅନ୍ୟମାନଙ୍କ ପ୍ରତି ଘୃଣା, କ୍ରୋଧ, ଅବିଶ୍ୱାସ, ହିଂସା ଇତ୍ୟାଦି) ଦ୍ୱାରା ଅହରହ ପ୍ରଭାବିତ ହୋଇ ଓ ମୋହଗ୍ରସ୍ତ ହୋଇ ଥାନ୍ତି; ଅର୍ଥାତ୍ ସତ୍ୟରୁ ଦୂରସ୍ଥ । ସମଗ୍ର ମାନବିକ ବ୍ୟବହାର ଏହି ଦୁଇଟି ଉପରେହିଁ ପର୍ଯ୍ୟବସିତ—ଇଚ୍ଛା ଓ ଦ୍ୱେଷ । କି ଚମତ୍କାର ବିଶ୍ଳେଷଣ ଓ ନୋଜ୍ଜ୍ୱ ପ୍ରକାଶ ! ପାଠକେ ଗୀତାର ଏହି ଅତୁଳନୀୟ ମାନସିକ ବିଶ୍ଳେଷଣକୁ ନିଜ ନିଜ ପ୍ରତି ପ୍ରୟୋଗ କରନ୍ତୁ । ତେବେ ନିଜେ ଜାଣିପାରିବେ, ଭଗବାନ କାହିଁକି ତୁମର ପ୍ରତ୍ୟକ୍ଷୀଭୂତ ହେଉ ନାହାନ୍ତି । ନିଜକୁ ପଚାର, କେଉଁ କେଉଁ ଇଚ୍ଛାଦ୍ୱାରା ତୁମର ଦୈନନ୍ଦିନ ଜୀବନ ପରିଚାଳିତ ଓ ଅନୁପ୍ରାଣିତ ଏବଂ ସେଥିରେ ଈଶ୍ୱରଙ୍କର ସ୍ଥାନ କେତେ ? ପୁଣି ସେହି ପାର୍ଥିବ ଇଚ୍ଛାସବୁ ତୁମର କରଗତ ନ ହେବାରୁ ତୁମଠି ଯେତେ ସବୁ କ୍ରୋଧ, ଅଭିମାନ, ଅବସାଦ, ନାଁ ଈଶ୍ୱରଙ୍କୁ ଖୋଜି ନ ପାଇବା ଯୋଗୁଁ ? ଗୀତା ତେଣୁ ପରମ ସତ୍ୟ କହୁଛନ୍ତି ଯେ, ଏ ସଂସାରରେ ଲୋକେ ନିଜ ନିଜର "ଇଚ୍ଛା-ଦ୍ୱେଷ" ନେଇ ବ୍ୟସ୍ତ, ମତେ ଦେଖିବ କିପରି କିଏ ? କିଏ ଖୋଜୁଛି ?"

(୨୮)

ଯେଷାଂ ତ୍ୱନ୍ତଗତଂ ପାପଂ ଜନାନାଂ ପୁଣ୍ୟକର୍ମଣାଂ
ତେ ଦ୍ୱନ୍ଦ୍ୱ-ମୋହ-ନିର୍ମୁକ୍ତା ଭଜନ୍ତେ ମାଂ ଦୃଢବ୍ରତାଃ ।୨୮।

ତୁ (କିନ୍ତୁ) ଯେଷାଂ ପୁଣ୍ୟକର୍ମଣାଂ (ଯେଉଁ ପୁଣ୍ୟବାନ୍‌ମାନଙ୍କର, ପୁଣ୍ୟକର୍ମ କରିବା ଯୋଗୁଁ) ପାପଂ ଅନ୍ତଗତଂ (ପାପସବୁ ଅର୍ଥାତ୍ ପାପମୟ ଆସୁରୀ ପ୍ରବଣତା ସବୁ ନିଃଶେଷିତ ହୋଇ ଆସିଲାଣି) ଦ୍ୱନ୍ଦ୍ୱ-ମୋହ-ନିର୍ମୁକ୍ତା ତେ (ଇଚ୍ଛାଦ୍ୱେଷ ରୂପକ ଯୁଗ୍ମ ଅଜ୍ଞତାରୁ ମୁକ୍ତ ସେହିମାନେ) ଦୃଢବ୍ରତାଃ ମାଂ ଭଜନ୍ତେ (ଦୃଢବ୍ରତ ନେଇ ମତେ ଅର୍ଥାତ୍ ଈଶ୍ୱରଙ୍କୁ ଭଜନା କରିଥାନ୍ତି) ।

ଅନୁବାଦ—

କିନ୍ତୁ ହେ ଅର୍ଜୁନ, ଯେଉଁ ପୁଣ୍ୟକର୍ମାମାନଙ୍କର, ପୁଣ୍ୟକର୍ମ କରିବା ଫଳରେହିଁ ପାପସବୁ ଆପେ ଆପେ ନିଃଶେଷିତ ହୋଇଯାନ୍ତି, ସେହିମାନେହିଁ ଦ୍ୱନ୍ଦ୍ୱ-ମୋହ ମୁକ୍ତ ହୋଇ ପଡନ୍ତେ, ଦୃଢତାର ସହିତ ମତେ (ଈଶ୍ୱରଙ୍କୁ) ଉପାସନା କରିଥାନ୍ତି ।

Digitized by srujanika@gmail.com

ବିଶେଷ ଭାଷ୍ୟ—

ଗୀତା କୌଣସିଠାରେ 'ପାପ' ଓ 'ପୁଣ୍ୟ'ର ତାଲିକା ଦେଇନାହାନ୍ତି । ଗୀତାର ତାତ୍ତ୍ୱିକ ବ୍ୟଂଜନା ଏହି ଯେ ଯାହା (ଚିନ୍ତା ଓ କର୍ମ) ଆମକୁ ଆତ୍ମାବିଷ୍କାର (ବା ଈଶ୍ୱରଆବିଷ୍କାର) ଆଡକୁ ନେଇଥିଲେ ତାହାହିଁ ପୁଣ୍ୟ ଏବଂ ଯାହା ସେହି ଲକ୍ଷ୍ୟର ବିପରୀତ ଆଡକୁ ଟାଣିନଏ, ତାହାହିଁ ପାପ । ସ୍ୱାର୍ଥକେନ୍ଦ୍ରକ ଇଚ୍ଛା-ଦ୍ୱେଷ-ଦ୍ୱନ୍ଦ୍ୱଯୁକ୍ତ ସକଳ କର୍ମକୁହିଁ ତେଣୁ 'ପାପ' ବୋଲି ବୁଝିବାକୁ ହେବ । ଏଥିରୁ ମୁକ୍ତ ହେବାର ପ୍ରଥମ ଆବଶ୍ୟକତା ହେଲା ନିଃସ୍ୱାର୍ଥ ଭବରେ ଜନ-ସେବା । ତାହାରି ନାମହିଁ କର୍ମଯୋଗ । ପରମହଂସ ଦେବଙ୍କ ବାଣୀ ସ୍ମରଣୀୟ---"ଖୁବ୍ କଳଙ୍କି ଧରିଯାଇଥିବା ଲୁହା ଉପରେ ଚୁମ୍ବକ କାମ କରି ପାରେନା । ଘଷିଘାଷି ସେ ଲୁହାକୁ ସଫା କରିଦେଲେ, ତାହା ପୁଣି ଚୁମ୍ବକ ଆଡକୁ ଟାଣି ହେବ ।" ଆମର ମନ-ଲୁହା ଇଚ୍ଛା-ଦ୍ୱେଷର କଳଙ୍କରେ ଆବୃତ । ତେଣୁ ତାହା ଈଶ୍ୱରଙ୍କ ଆଡକୁ ଟାଣି ହେଉ ନାହିଁ । କେବଳ ବିଶୁଦ୍ଧ ଚିତ୍ତରେହିଁ ଈଶ୍ୱରଭକ୍ତି ଜାଗ୍ରତ ହେବ ।

ଆମଠି ସ୍ୱାର୍ଥ-କେନ୍ଦ୍ରକ ଇଚ୍ଛା ଓ ଦ୍ୱେଷର ଯୁଗ୍ମ ବିମୋହ ଘୁଞ୍ଚିବ ସେତେବେଳେ ଯେତେବେଳେ ଆମେ ନିଃସ୍ୱାର୍ଥପର ତ୍ୟାଗମୂଳକ କାମ କରିବାକୁ ଆରମ୍ଭ କରିବା, ତା' ପୂର୍ବରୁ ନୁହେଁ । ନିଃସ୍ୱାର୍ଥପର କର୍ମହିଁ ପୁଣ୍ୟକର୍ମ । ସ୍ୱାର୍ଥକେନ୍ଦ୍ରକ ଇଚ୍ଛା-ଦ୍ୱେଷରୁ ଆମେ ଯେତିକି ମୁକ୍ତ ହେଉଥିବା, ଆମେ ଆପେ ଆପେ ସେତିକି ସେତିକି ପୁଣ୍ୟ କର୍ମ (ଅର୍ଥାତ୍ ନିଃସ୍ୱାର୍ଥ କର୍ମ) ଆଡକୁ ଆକୃଷ୍ଟ ହେଉଥିବା । ଆମର ଇଚ୍ଛା-ଦ୍ୱେଷର ପ୍ରବଣତା ମଧ୍ୟ ସେତିକି ସେତିକି ଶିଥିଳ ହୋଇ ଆସିବ । ଇଚ୍ଛା-ଦ୍ୱେଷ ରହିତ ହୋଇ କର୍ମାଚରଣହିଁ କର୍ମଯୋଗ । ତାହାହିଁ ଆମକୁ ସର୍ବଦା ଈଶ୍ୱର-ସଚେତନ କରି ରଖେ ଏବଂ କର୍ତ୍ତୃତ୍ୱାଭିମାନ-ଶୂନ୍ୟ କରିଦିଏ । ତାହାରି ଅନ୍ୟ ନାମହିଁ ହେଲା "ଭଜନ୍ତେ ମାଂ ଦୃଢବ୍ରତାଃ ।"

(୨୯)

ଜରାମରଣମୋକ୍ଷାୟ ମାମାଶ୍ରିତ୍ୟ ଯତନ୍ତି ଯେ
ତେ ବ୍ରହ୍ମ ତଦ୍ବିଦୁଃ କୃତ୍ସ୍ନମଧ୍ୟାତ୍ମଂ କର୍ମଚାଖିଳଂ ।୨୯।

ଯେ (ଯେଉଁମାନେ) ଜରାମରଣ ମୋକ୍ଷାୟ (ବାରମ୍ବାର ଜରା ଓ ମୃତ୍ୟୁଜନିତ ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ) ମାଂ ଆଶ୍ରିତ୍ୟ (ମତେ ଅର୍ଥାତ୍ ଈଶ୍ୱରଙ୍କୁ ଆଶ୍ରୟ କରି) ଯତନ୍ତି (ସାଧନା କରନ୍ତି) ତେ (ସେମାନେ) ତତ୍ ବ୍ରହ୍ମ (ସେହି ପରମାତ୍ମା ବ୍ରହ୍ମଙ୍କୁ) [ଓ] କୃତ୍ସ୍ନଂ ଅଧ୍ୟାତ୍ମଂ (ସମଗ୍ର ଅଧ୍ୟାତ୍ମ ଜ୍ଞାନକୁ) [ଏବଂ] ଅଖିଳଂ କର୍ମ ଚ ବିଦୁଃ (କର୍ମର ସମଗ୍ରତାକୁ ମଧ୍ୟ ଜାଣି ପାରନ୍ତି) ।

Digitized by srujanika@gmail.com

ଅନୁବାଦ—

ହେ ଅର୍ଜୁନ, ଯେଉଁମାନେ ଅନ୍ୟ ପାର୍ଥିବ ଆଶା-ଅଭିଳାଷ ପରିତ୍ୟାଗ କରି ବରଂ ପାର୍ଥିବ ଜୀବନର ବ୍ୟାଧି-ଜରା-ମରଣ-ଜନିତ ପୌନଃପୁନିକ ଦୁଃଖରୁ ମୁକ୍ତି ପାଇବାପାଇଁ ମୋର (ଈଶ୍ୱରଙ୍କର) ଆଶ୍ରୟ ନେଇଥାନ୍ତି, ସେମାନେ କେବଳ ସେହି ବ୍ରହ୍ମଙ୍କୁ (ଈଶ୍ୱରଙ୍କୁ) ପାଇଥାନ୍ତି ତା' ନୁହେଁ, ଅଧ୍ୟାତ୍ମ-ଜ୍ଞାନର ଓ କର୍ମର ସମଗ୍ରତାକୁ ମଧ୍ୟ ପାଇଥାନ୍ତି ।

ବିଶେଷ ଭାଷ୍ୟ—

ପାଠକେ, ପୂର୍ବକଥିତ ସେହି "ଗୋଟିକୁ ଜାଣିଲେ ସମସ୍ତଙ୍କୁ କିପରି ଜାଣିହେବ"—ଛାନ୍ଦୋଗ୍ୟ ଉପନିଷଦର ସେହି ପରମ ବୌଦ୍ଧିକ ପ୍ରଚେଷ୍ଟାକୁ ସ୍ମରଣ କରନ୍ତୁ – ଯାହାକି ଏକାନ୍ତ ଭାବରେ ଭାରତୀୟ । ଗୀତା ଏହି ଶ୍ଳୋକରେ ତାହାହିଁ ସୂଚିତ କରିଛନ୍ତି । ଈଶ୍ୱର ସର୍ବ ଜ୍ଞାନର ଆଧାର । ତାଙ୍କୁଇ ଜାଣିଲେ ଆମେ ସବୁ ଜାଣିବା । ତାଙ୍କୁ ଯେ ପାଇଛି (ଭକ୍ତିଯୋଗ) ତାର ବ୍ୟକ୍ତିତ୍ୱରେ କର୍ମଯୋଗ (ଅଖିଳଂ କର୍ମ) ଜ୍ଞାନ ଯୋଗ (ତତ୍‌ବ୍ରହ୍ମ) ଏବଂ ସମଗ୍ର ଆଧ୍ୟାତ୍ମ୍ୟ ବିଦ୍ୟା (କୃତ୍ସ୍ନଂ ଅଧ୍ୟାତ୍ମଂ) – ସମସ୍ତ ଆପେ ଆପେ ପ୍ରକଟିତ ହୋଇଯିବ ।

ଏଠାରେ ଗୋଟିଏ ମାତ୍ର ଦୃଷ୍ଟାନ୍ତ ଦେବୁ । ଏହା ଜଣାକଥା ଯେ, ଭାରତବର୍ଷର ଲୋକେ ସମୟାନୁବର୍ତ୍ତିତା କ'ଣ ଜାଣନ୍ତି ନାହିଁ । ଅପରାହ୍ଣ ଚାରିଟାକୁ ଆସିବାର କଥା ଥିଲେ, ଭାରତୀୟ ଭଦ୍ରଲୋକ (ଶିକ୍ଷିତ, ଅଶିକ୍ଷିତ, ମନ୍ତ୍ରୀ, ପଣ୍ଡିତ, ସମସ୍ତେ) ୬ଟା ବେଳକୁ ଧୀରେ ଧୀରେ ଏବଂ ବିନା ଦୁଃଖ ପ୍ରକାଶରେ ଆସି ପହଞ୍ଚିବେ ; କିନ୍ତୁ ରାମକୃଷ୍ଣ ପରମହଂସ ତ ନିରକ୍ଷର ଥିଲେ । କୌଣସି ସ୍କୁଲ କଲେଜ ଦେଖି ନଥିଲେ ; କିନ୍ତୁ ସେହି ନିରକ୍ଷର ପଣ୍ଡା ବ୍ରାହ୍ମଣ, ଯାହାକୁ ଯେତେବେଳେ ଭେଟିବାର ଆଗରୁ ସ୍ଥିର ହୋଇଥିବ, ସେ ନିଶ୍ଚୟ ଠିକ୍ ସେହି ସମୟରେ ଯାଇ ପହଞ୍ଚୁଥିଲେ । ସେ କହୁଥିଲେ "ଆମେ ଦୈନନ୍ଦିନ ଜୀବନରେ ସତ୍ୟ ରକ୍ଷା କରି ନ ଜାଣିଲେ ସତ୍ୟରୂପୀ ଭଗବାନଙ୍କୁ କିପରି ପାଇବାକୁ ଆଶାକରିବା ?" ଈଶ୍ୱରଚନ୍ଦ୍ର ବିଦ୍ୟାସାଗର ତାଙ୍କୁ ଦକ୍ଷିଣେଶ୍ୱରକୁ ଆସିବାକୁ କହି ଆସି ନଥିଲେ । ନେଣ୍ଟୁ ପରମହଂସଦେବ ବାରମ୍ବାର ଦୁଃଖ ପ୍ରକାଶ କରି କହୁଥିଲେ – "ପଣ୍ଡିତ ଲୋକ ହେଲେ କ'ଣ ହେଲା; ସେ ସତ୍ୟରକ୍ଷା କରି ଜାଣିନାହାନ୍ତି ।" ଯାହା ତଥାକଥିତ ଶିକ୍ଷିତଙ୍କଠି ଦେଖା ଯାଉନାହିଁ; ନିରକ୍ଷର ଲୋକକୁ ଏ ପ୍ରକାର ଜ୍ଞାନ କିଏ ଦେଲା ?" ପାଠକେ ସେହି ଉତ୍ତରରୁହିଁ ଗୀତାର ଏହି ଶ୍ଳୋକର ତାତ୍ପର୍ଯ୍ୟ ବୁଝିବେ ।

Digitized by srujanika@gmail.com

(୩୦)

ସାଧିଭୂତାଧି ଦୈବଂ ମାଂ ସାଧି ଯଜ୍ଞଂ ଚ ଯେ ବିଦୁଃ
ପ୍ରୟାଣକାଲେଽପି ଚ ମାଂ ତେ ବିଦୁର୍ଯୁକ୍ତ ଚେତସଃ । ୩୦ ।

ମାଂ (ମତେ ସାଧିଭୂତଂ (ଜୀବଗ୍ରାମ ସହିତ) ସାଧିଦୈବଂ (ଦେବତା-ମାନଙ୍କ ସହିତ) ସାଧି ଯଜ୍ଞଂ (ସକଳ ଯଜ୍ଞାଦି ବା ଧର୍ମାଚରଣାଦି ସହିତ) [ଏକୀଭୂତ ବୋଲି] ବିଦୁଃ (ଜାଣନ୍ତି) । ତେ ଯୁକ୍ତ ଚେତସଃ (ସେହି ସମାହିତ ଚିତ୍ତ ଲୋକମାନେ) [ଜୀବନକାଳ ପରି] ପ୍ରୟାଣ କାଳେ ଅପି (ମୃତ୍ୟୁ ସମୟରେ ମଧ୍ୟ) ମାଂ ବିଦୁଃ (ମତେ ଜାଣି ପାରୁଥାନ୍ତି ।

ଅନୁବାଦ—

ହେ ଅର୍ଜୁନ, ଯେଉଁମାନେ ମତେ (ଈଶ୍ୱରଙ୍କୁ) ସକଳ ଜୀବଗ୍ରାମ, ସକଳ ଦେବଦେବୀ ଓ ଯଜ୍ଞାଦି ସକଳ ଧର୍ମାଚରଣ ସହିତ ଏକୀଭୂତ ବୋଲି ଅବବୋଧ କରିଥାନ୍ତି, ସେହି ସମାହିତଚିତ୍ତ ବ୍ୟକ୍ତିଗଣ, ମୃତ୍ୟୁ ସମୟରେ ମଧ୍ୟ ଚିତ୍ତର ଅବିଚଳତା ହେତୁ ମତେ (ଈଶ୍ୱରଙ୍କୁ) ହିଁ ପ୍ରତ୍ୟକ୍ଷ କରିଥାନ୍ତି ।

ବିଶେଷ ଭାଷ୍ୟ—

ଗୀତା ଏହି ଅଧ୍ୟାୟର ଏହି ଶେଷ ଶ୍ଲୋକଦ୍ୱାରା ପରବର୍ତ୍ତୀ ଅଷ୍ଟମ ଅଧ୍ୟାୟର ବିଷୟକୁ ପ୍ରବର୍ତ୍ତିତ କରାଇଦେଲେ । ଈଶ୍ୱରଙ୍କର ଅଧିଭୂତ, ଅଧିଦୈବ ଓ ଅଧିଯଜ୍ଞ ପ୍ରଭୃତି ବିଭାବ, ପରବର୍ତ୍ତୀ ଅଷ୍ଟମ ଅଧ୍ୟାୟରେ ବିସ୍ତୃତ ଭାବରେ ବର୍ଣ୍ଣିତ ହେବ । ଏ ସୃଷ୍ଟିରେ ନିମ୍ନରେ ଜୀବଗ୍ରାମ ଓ ଊର୍ଦ୍ଧ୍ୱରେ ଦେବତା । ଜୀବଗ୍ରାମର କର୍ମାବଳିର ପ୍ରତୀକ ରୂପୀ 'ଯଜ୍ଞ' ନିମ୍ନର ଜୀବ-ମାନବ ଓ ଊର୍ଦ୍ଧ୍ୱର ଦେବତାମାନଙ୍କ ଭିତରେ ଯୋଗସୂତ୍ର ସ୍ୱରୂପ । ଏହା ଭାରତୀୟ ଚିନ୍ତା ଓ ଯୁକ୍ତି ଯୁକ୍ତ ଚିନ୍ତା । ଆମେ ଏବେ "ଆନ୍ତର୍ଜାତିକ ପାରସ୍ପରିକ ନିର୍ଭରତା" କଥା ଢେର କହୁଛୁ ; କିନ୍ତୁ ଫଳ କେବଳ ବିଶ୍ୱ-ଯୁଦ୍ଧ ଓ ନିରନ୍ନତା । ଭାରତୀୟମାନେ କିନ୍ତୁ ଜୀବ-ମାନବ ଓ ମାନବ-ଦେବତା ଭିତରେ ଥିବା ଅଦୃଶ୍ୟ ଅଥଚ ପରମ ବାସ୍ତବ ପାରସ୍ପରିକ-ନିର୍ଭରତା ଆବିଷ୍କାର କରି, ତା ଉପରେ ଏତେ ଜୋର ଦେଇ ଯାଇଥିଲେ । 'ଯଜ୍ଞ' ଅର୍ଥାତ୍ ତ୍ୟାଗ ଆମର ସେହି ଅଦୃଶ୍ୟ ସମ୍ବନ୍ଧର ଶ୍ରେଷ୍ଠ ପ୍ରତୀକ । ତେଣୁ ଯଜ୍ଞ ମଧ୍ୟ ଈଶ୍ୱର ।

ଏ ସୃଷ୍ଟିର ସମସ୍ତହିଁ ଈଶ୍ୱର । ବାସୁଦେବ-ସର୍ବମିତି । ଗୀତା ଏହି ଶ୍ଲୋକରେ ତେଣୁ କହୁଛନ୍ତି, ଯେଉଁ ସାଧକ ଈଶ୍ୱରଙ୍କୁହିଁ ଜୀବ, ଯଜ୍ଞ ଓ

Digitized by srujanika@gmail.com

ଦେବତା ଏହି ତିନଙ୍କଠାରେ ଏକକ ଭାବରେ ଅବସ୍ଥାନ କରୁଥିବା ତାଙ୍କର ବଞ୍ଚିବାକାଳ ଭିତରେ ଗଭୀର ଭାବରେ ଅନୁଭବ କରି ପାରୁଥିବେ, ସେ ମୃତ୍ୟୁ କାଳରେ ମଧ୍ୟ ଭଗବାନଙ୍କର ସେହି ସର୍ବମୟ-ଭାବନାରୁ ବିଚ୍ୟୁତ ହେବେ ନାହିଁ ଏବଂ ତାହାହିଁ ମନୁଷ୍ୟ ପକ୍ଷରେ ଈଶ୍ୱର-ଚେତନାର ପ୍ରକୃଷ୍ଟ ପରୀକ୍ଷା । ଆର ଅଧ୍ୟାୟରେ ଏହି ଭାବ ବିସ୍ତୃତ ଭାବରେ ବର୍ଣ୍ଣିତ ହେବ ।

●

ଇତି ଶ୍ରୀମହାଭାରତେ ଶତସହସ୍ରାଂ ସଂହିତାୟାଂ ବୈୟାସିକ୍ୟାଂ ଭୀଷ୍ମପର୍ବଣି ଶ୍ରୀମଦ୍‌ଭଗବତ୍‌ଗୀତାସୁପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜ୍ଜୁନ ସଂବାଦେ ଜ୍ଞାନବିଜ୍ଞାନ ଯୋଗୋ ନାମ ସପ୍ତମୋଽଧ୍ୟାୟଃ ।

Digitized by srujanika@gmail.com

ଅଷ୍ଟମ ଅଧ୍ୟାୟ

ଅକ୍ଷର ବ୍ରହ୍ମଯୋଗ

ଅଧ୍ୟାୟ ଦୀପିକା—

ଆଗରୁ ଯେପରି କୁହାଯାଇଛି, ଏହା ସପ୍ତମ ଅଧ୍ୟାୟର କ୍ରମ-ବିକାଶ ମାତ୍ର । ଏହି ଅଧ୍ୟାୟରେ ଅଧ୍ୟାତ୍ମ, ଅଧିଭୂତ, ଅଧିଦୈବ ଓ ଅଧିଯଜ୍ଞ ସ୍ତରରେ ବ୍ରହ୍ମଙ୍କର ସ୍ୱରୂପ ବର୍ଣ୍ଣିତ ହେବ । ପ୍ରାସଂଗିକ ସ୍ତରରେ, ଶ୍ରୀକୃଷ୍ଣ ମଧ୍ୟ ଏହି ଅଧ୍ୟାୟରେ ବର୍ଣ୍ଣନା କରିବେ ଯେ, କେବଳ ଜୀବନକାଳ ଭିତରେ ନୁହେଁ, ମୃତ୍ୟୁ ସମୟରେ ମଧ୍ୟ ବ୍ରହ୍ମୋପଲବ୍ଧି କିପରି ଘଟିପାରିବ । ଏ ଅଧ୍ୟାୟରେ ଏକରୁ ଚାରି ଶ୍ଳୋକ ପର୍ଯ୍ୟନ୍ତ ବ୍ରହ୍ମଙ୍କର ବର୍ଣ୍ଣନା; ପାଞ୍ଚରୁ ଷୋହଳ ଶ୍ଳୋକ ପର୍ଯ୍ୟନ୍ତ ମୃତ୍ୟୁକାଳୀନ ଧ୍ୟାନ, ସତରରୁ ବାଇଶ ପର୍ଯ୍ୟନ୍ତ ବିଶ୍ୱର ସୃଷ୍ଟି ଓ ପ୍ରଳୟ; ତେଇଶରୁ ଅଠେଇଶ ଶ୍ଳୋକ ପର୍ଯ୍ୟନ୍ତ ମୃତାତ୍ମାର ଶୁକ୍ଳ ଓ କୃଷ୍ଣ ମାର୍ଗର ବର୍ଣ୍ଣନା ହେବ ।

ଅର୍ଜ୍ଜୁନ ଉବାଚ

(୧-୨)

କିଂ ତଦ୍‌ବ୍ରହ୍ମ କିମଧ୍ୟାତ୍ମଂ କିଂ କର୍ମ ପୁରୁଷୋତ୍ତମ
ଅଧିଭୂତଂ ଚ କିଂ ପ୍ରୋକ୍ତମଧିଦୈବଂ କିମୁଚ୍ୟତେ । ୧ ।
ଅଧିଯଜ୍ଞଃ କଥଂ କୋଽତ୍ର ଦେହେଽସ୍ମିନ୍ ମଧୁସୂଦନ
ପ୍ରୟାଣକାଳେ ଚ କଥଂ ଜ୍ଞେୟୋଽସି ନିୟତାତ୍ମଭିଃ । ୨ ।

ଅର୍ଜ୍ଜୁନଃ ଉବାଚ (ଅର୍ଜ୍ଜୁନ କହିଲେ) ହେ ପୁରୁଷୋତ୍ତମ, ତତ୍ ବ୍ରହ୍ମ କିଂ ? (ହେ ଶ୍ରୀକୃଷ୍ଣ, ସେହି ବ୍ରହ୍ମର ପ୍ରକୃତ ସ୍ୱରୂପ କ'ଣ ?) ଅଧ୍ୟାତ୍ମଂ କିଂ ? ଅଧ୍ୟାତ୍ମ ବା କ'ଣ) ଅଧିଭୂତଂ ଚ କିଂ ପ୍ରୋକ୍ତଂ ? (ଅଧିଭୂତ ବୋଇଲେ ବା କ'ଣ ବୁଝାଏ ?) କିଂ ଅଧିଦୈବଂ ଉଚ୍ୟତେ ? (ଅଧିଦୈବ ବା କାହାକୁ କୁହାଯାଏ ?) ହେ ମଧୁସୂଦନ (ଶ୍ରୀକୃଷ୍ଣ) ଅସ୍ମିନ୍ ଦେହେ (ଏ ଦେହ ଭିତରେ) ଅଧିଯଜ୍ଞଃ କଃ କଥଂ ? (ଅଧିଯଜ୍ଞ ପୁଣି କ'ଣ ଓ କି ପ୍ରକାରେ ଅବସ୍ଥିତ ?), ପ୍ରୟାଣ କାଳେ ଚ (ଏବଂ ମରଣ ସମୟରେ) ନିୟତାତ୍ମଭିଃ (ଆତ୍ମନିୟନ୍ତ୍ରିତ ବ୍ୟକ୍ତିମାନଙ୍କ ଦ୍ୱାରା [ତୁମେ] କଥଂ ଜ୍ଞେୟଃ ଅସି (କିପରି ଜ୍ଞାନଗମ୍ୟ ହୁଅ ? ।

ଅନୁବାଦ—

ଅର୍ଜ୍ଜୁନ କହିଲେ, ହେ ପୁରୁଷୋତ୍ତମ, ସେହି ବ୍ରହ୍ମର ପ୍ରକୃତ ସ୍ୱରୂପ କ'ଣ ? ଅଧ୍ୟାତ୍ମ ବା କ'ଣ ? ଅଧିଭୂତ ବୋଇଲେ ବା କି ବୁଝାଏ ? କାହାକୁ ବା

Digitized by srujanika@gmail.com

ଅଧିଦୈବ କୁହାଯାଏ ? ହେ ଶ୍ରୀକୃଷ୍ଣ, ଆମର ଏହି ଦେହ ଭିତରେ ଅଧିଯଜ୍ଞ ଅଛନ୍ତି କି ? ଥିଲେ, ତାହା କ'ଣ ଓ କପରି ? ଏବଂ ଆତ୍ମ-ନିୟନ୍ତ୍ରିତ ବ୍ୟକ୍ତି-ମାନଙ୍କ ଦ୍ୱାରା ମୃତ୍ୟୁବେଳେ 'ମଧ୍ୟ ତୁମେ' (ଈଶ୍ୱର) କପରି ଜ୍ଞାନଗମ୍ୟ ହୁଅ (ହେବେ) ?

ଶ୍ରୀ ଭଗବାନୁବାଚ

(୩-୪)

ଅକ୍ଷରଂ ବ୍ରହ୍ମ ପରମଂ ସ୍ୱଭାବୋଽଧ୍ୟାତ୍ମ ମୁଚ୍ୟତେ
ଭୂତ-ଭାବୋଦ୍ଭବ-କରୋ ବିସର୍ଗ କର୍ମ ସଂଜ୍ଞିତଃ । ୩ ।
ଅଧିଭୂତଂ କ୍ଷରୋଭାବଃ ପୁରୁଷଶ୍ଚାଧିଦୈବତଂ
ଅଧିଯଜ୍ଞୋଽହମେବାତ୍ର ଦେହେ ଦେହଭୃତାଂବର । ୪ ।

ଶ୍ରୀଭଗବାନୁବାଚ (ଭଗବାନ ଶ୍ରୀକୃଷ୍ଣ କହିଲେ) ପରମଂ ଅକ୍ଷରଂ ବ୍ରହ୍ମ । (ଏ ସୃଷ୍ଟିରେ ଯାହା ପରମ, ଜଡ, ଜୀବ ଓ ଦେବଙ୍କଠାରୁ ଶ୍ରେଷ୍ଠ ଏବଂ ଅକ୍ଷର ଅର୍ଥାତ୍ କ୍ଷୟହୀନ, ବିନାଶହୀନ, ସେହିହିଁ ବ୍ରହ୍ମ) । ସ୍ୱଭାବଃ ଅଧ୍ୟାତ୍ମଂ ଉଚ୍ୟତେ ସେହି ବ୍ରହ୍ମର ସ୍ୱଭାବଃ ବା ସୃଷ୍ଟିର ସ୍ୱରୂପ-ଜ୍ଞାନ ହିଁ ଅଧ୍ୟାତ୍ମଜ୍ଞାନ । ଅର୍ଥାତ୍, ସେହି ଏକ ବ୍ରହ୍ମ ହିଁ କିପରି ଚରାଚର ନିଖିଳ ସୃଷ୍ଟି ରୂପେ ପ୍ରକାଶିତ (ଭବଃ) ସେହି ଅବବୋଧ) ଭୂତ ଭାବ-ଉଦ୍ଭବ କର-ବିସର୍ଗଃ [ସେହି ବ୍ରହ୍ମରୁ] (ଜୀବ-ଗଣଙ୍କର ଉତ୍ପତ୍ତି ରୂପକ ଏହି ସୃଷ୍ଟିକୁହିଁ) କର୍ମ ସଂଜ୍ଞିତଃ (କର୍ମ ବା ଯଜ୍ଞ କୁହାଯାଏ) । ହେ ଦେହଭୃତାଂବର (ଦେହଧାରୀମାନଙ୍କ ମଧ୍ୟରେ ଶ୍ରେଷ୍ଠ ହେ ଅର୍ଜୁନ,) [ଅନ୍ୟପକ୍ଷରେ] କ୍ଷରଃ ଭାବଃ ଅଧିଭୂତଂ (ବ୍ରହ୍ମଙ୍କର କ୍ଷର ବା ନାଶଶୀଳ ବିଭବକୁ ଅର୍ଥାତ୍ ପ୍ରକୃତିକୁ ଅଧିଭୂତ ବୋଲି ଧରାଯିବ) । ପୁରୁଷଃ ଚ ଅଧିଦୈବତଂ (ବ୍ରହ୍ମର ସେହି କ୍ଷରାଂଶ ବା ପ୍ରକୃତି ଭିତରେ ଥିବା ପ୍ରକୃତ ସୃଜନାଂଶ ପୁରୁଷହିଁ ଅଧିଦୈବତ, ଅର୍ଥାତ୍, ନର-ଜୀବ-ପ୍ରକୃତ-ଦେବତା ଇତ୍ୟାଦି ସମସ୍ତଙ୍କର ସେହି ହିଁ ଏକମାତ୍ର ଜୀବନଦାତା ଓ ଜୀବନ-ନିୟନ୍ତା) ଅହଂ ଏବ ଅତ୍ର ଦେହେ (ମୁଁ, ପ୍ରତ୍ୟେକ ଜୀବ ଦେହରେ) ଅଧିଯଜ୍ଞଃ (ସକଳ ଯଜ୍ଞ ବା କର୍ମ, ଉଭୟର ପ୍ରେରଣାଦାୟକ ଓ ଅଧିଶ ରୂପେ ଅବସ୍ଥିତ) ।

ଅନୁବାଦ—

ଶ୍ରୀକୃଷ୍ଣ କହିଲେ, ଏହି ସୃଷ୍ଟିରେ ଥିବା ସମଗ୍ର ଜଡ, ଜୀବ ଓ ଦେବଙ୍କ ଠାରୁ ଯେ ଶ୍ରେଷ୍ଠ (ପରମ) ଓ ବିନାଶ ବା ବିକାରହୀନ (ଅକ୍ଷର) ସେହିହିଁ ବ୍ରହ୍ମ । ସେହି ବ୍ରହ୍ମର ସ୍ୱ-ଭାବ ବା ସୃଜନ-କ୍ରିୟାର ସ୍ୱ-ରୂପ-ଜ୍ଞାନ ହିଁ ଅଧ୍ୟାତ୍ମ ଜ୍ଞାନ, ଅର୍ଥାତ୍ ସେହି ଏକ ବ୍ରହ୍ମହିଁ କିପରି ଏହି ଚରାଚର ନିଖିଳ ସୃଷ୍ଟି ରୂପେ ପ୍ରକାଶିତ, ସେହି ଅବବୋଧ । ବ୍ରହ୍ମରୁ ଜୀବ ଗ୍ରାମର 'ଉତ୍ପତ୍ତି ରୂପକ ଏହି

Digitized by srujanika@gmail.com

ସୃଷ୍ଟି ହିଁ ସବୁଠାରୁ ବଡ କର୍ମ ବା ଯଜ୍ଞ । ବ୍ରହ୍ମଙ୍କର ସୃଷ୍ଟ ରୂପକ ଏହି କ୍ଷର ଭାବକୁ ଅଧିଭୂତ କୁହାଯାଏ, ଅର୍ଥାତ୍ ବ୍ରହ୍ମ ହିଁ ସକଳ ଭୂତ ବା ଜୀବର ଅଧୀଶ୍ବର । ପ୍ରତ୍ୟେକ ଜୀବଠାରେ ଥିବା ପୁରୁଷ ଯାହା ଯୋଗୁଁ ଜୀବ ଜୀବନ୍ତ ହୋଇଥାଏ, ତାହା ଅଧିଦୈବତ ଅର୍ଥାତ୍ ତାହାହିଁ ପ୍ରତ୍ୟେକ ଜୀବଠାରେ ଥିବା ଦୈବାଂଶ । ଏବଂ ଜୀବ ଓ ନରନାରୀମାନଙ୍କର ସକଳପ୍ରକାର କର୍ମ (ଯଜ୍ଞ) ର ଅଧିଦେବତା (ଅଧିଯଜ୍ଞ) ଭାବରେ ମୁଁହିଁ (ସେହି ବ୍ରହ୍ମ ବା ପୁରୁଷ) ପ୍ରତି ଜୀବର ଅନ୍ତରରେ ପ୍ରତିଷ୍ଠିତ ।

ବିଶେଷ ଭାଷ୍ୟ—

ଗୀତାର ସପ୍ତମ ଅଧ୍ୟାୟର ଶେଷ ଶ୍ଳୋକ ଓ ଅଷ୍ଟମ ଅଧ୍ୟାୟର ଏହି ଯୁଗଶ୍ଳୋକର ଅର୍ଥ ସ୍ପଷ୍ଟ ନୁହେଁ ବୋଲି ଟୀକାକାର ପଣ୍ଡିତମାନେ ମଧ୍ୟ ବାଧ୍ୟ ହୋଇ ସ୍ବୀକାର କରିଛନ୍ତି ।

କିନ୍ତୁ ପୂର୍ବରୁ ଯେପରି କୁହାଯାଇଛି ପାଠକେ ଲକ୍ଷ୍ୟ କରିଥିବେ ଯେ, ଗୀତା ଆସ୍ତେ ଆସ୍ତେ ଈଶ୍ବର ତତ୍ତ୍ବକୁ ବ୍ରହ୍ମ ବା ତତ୍ (ତାହା) ର ରୂପରସହୀନ ସୂକ୍ଷ୍ମ ସ୍ତରରୁ ରୂପରସମୟ ଓ ମନୁଷ୍ୟର ସକଳ ଦୁର୍ବଳତା ପ୍ରତି ଗଭୀର ସହାନୁଭୂତିସମ୍ପନ୍ନ "ସୁହୃଦଃ ସର୍ବଭୂତାନାଂ" (ସକଳ ପ୍ରାଣୀଙ୍କର ବନ୍ଧୁ) ଏକ ବ୍ୟକ୍ତିତ୍ବସମ୍ପନ୍ନ ଈଶ୍ବରଙ୍କ ଆଡକୁ ଆମକୁ ଟାଣି ଆଣୁଛନ୍ତି । ଏଇ କେତୋଟି ଶ୍ଳୋକ ଓ ଏହି ସମଗ୍ର ଅଧ୍ୟାୟଟି ଦେଇ ବ୍ରହ୍ମ ଯେ ନିରାକାର, ନିରପେକ୍ଷ କୌଣସି ବସ୍ତୁ ନୁହନ୍ତି, ତାହା ମନୁଷ୍ୟର ସକଳ କର୍ମ ଓ ଜୀବନ-ମରଣ ଏବଂ ଜନ୍ମାନ୍ତର ଦେଇ ଓତପ୍ରୋତ ଭାବରେ ଆମ ସହିତ ଜଡିତ, ତାହାହିଁ ବୋଧହୁଏ ଗୀତା, ଉପସ୍ଥାପିତ କରିବାକୁ ଚେଷ୍ଟା କରିଛନ୍ତି । ଗୀତାର ଏଯାବତ୍ ବ୍ୟାଖ୍ୟାପନରୁ ଆମେ ଦେଖିବା ଯେ, ଈଶ୍ବର ନିଖିଳ ବିଶ୍ବବ୍ୟାପୀ ବ୍ରହ୍ମରୁ କ୍ରମେ କ୍ରମେ ମନୁଷ୍ୟର ଅନ୍ତରସ୍ଥ ଇଷ୍ଟଦେବତା ହେବାକୁ ବସିଲେଣି । ଏହି କେତୋଟି ଶ୍ଳୋକରେ ଗୀତା ତାହାହିଁ ପ୍ରତିଷ୍ଠିତ କରୁଛନ୍ତି । ଏଠାରେ କୁହାଯାଉଛି ଯେ ସେହି ଏକ ବ୍ରହ୍ମ ଯେ ଅକ୍ଷର, ଯେ ପୁଣି ଅଧିଦୈବ, ସେହି ମଧ୍ୟ ଭୂତଭାବକର, ଜୀବସୃଷ୍ଟିକାରୀ ଏହି ନିସର୍ଗର କର୍ତ୍ତା । ପୁଣି ସେ କେବଳ ଅଧିଭୂତ (ସବୁ ଜୀବ ଭିତରେ ଅବସ୍ଥିତ) ନୁହନ୍ତି, ସେ ମଧ୍ୟ ଅଧିଯଜ୍ଞ ଭାବରେ ଆମ ପ୍ରତ୍ୟେକର ଦେହ ଭିତରେ ରହି ଆମର ସକଳ ଯଜ୍ଞ ବା କର୍ମକୁ ପରିଚାଳିତ କରାଉଛନ୍ତି ଏବଂ ତାର ଫଳ ମଧ୍ୟ ସେହି ହିଁ ଦେଇଥାନ୍ତି । ସମଗ୍ର ବିଶ୍ବ-ସୃଷ୍ଟି ତଳେ ଏହି ଏକକତା, ଏହି ଏକତନ୍ତ୍ରତା, ଏକ ବିରାଟ ନିୟମର ସର୍ବତ୍ର ସମଭାବରେ କାର୍ଯ୍ୟକାରୀତାକୁ ବୁଝିବା ହିଁ—ବ୍ରହ୍ମର ସ୍ବଭାବ ବା ସ୍ବ-ରୂପ ବା ସ୍ବ-ଚରିତ୍ରକୁ ଅବବୋଧ କରିବା ଏବଂ ତାହାହିଁ ହେଲା 'ଅଧ୍ୟାତ୍ମଜ୍ଞାନ' ।

Digitized by srujanika@gmail.com

ପୁଣି ଗୀତାଙ୍କ ମତରେ ଏହି ଜ୍ଞାନର କାର୍ଯ୍ୟକାରିତା, କପରି କେବଳ ଏ ଜୀବନରେ ନୁହେଁ, ତାହା ଜୀବନରୁ ଜୀବନାନ୍ତରକୁ ପ୍ରସାରିତ, ତାହାହିଁ ପରେ ପରେ ବର୍ଣ୍ଣିତ ହେବାକୁ ଯାଉଛି ।

(୫)

ଅନ୍ତକାଳେ ଚ ମାମେବ ସ୍ମରନ୍ ମୁକ୍ତ୍ୱା କଳେବରଂ
ଯଃ ପ୍ରୟାତି ସ ମଦ୍‌ଭାବଂ ଯାତି ନାସ୍ତ୍ୟତ୍ର ସଂଶୟଃ । ୫ ।

ଅନ୍ତକାଳେ (ମୃତ୍ୟୁକାଳରେ) ମାଂ ଏବ ସ୍ମରନ୍ (ମତେ ବା ବ୍ରହ୍ମ ବା ଈଶ୍ୱରଙ୍କୁହିଁ ଏହିପରି ଭାବରେ ଅର୍ଥାତ୍ 'ବାସୁଦେବ ସର୍ବମିତି' ଭାବରେ ସ୍ମରଣ କରି କରି) ଯଃ କଳେବରଂ ମୁକ୍ତ୍ୱା ପ୍ରୟାତି (ଯେ ଦେହ ତ୍ୟାଗ କରି ଚାଲିଯାନ୍ତି) ସଃ ମଦ୍‌ଭାବଂ ଯାତି (ସେ ମୋର ସତ୍ତାରେ ମିଶିଯାନ୍ତି) ଅତ୍ର ସଂଶୟଃ ନାସ୍ତି (ଏଥିରେ ସନ୍ଦେହ ନାହିଁ) । କାରଣ--

ଅନୁବାଦ—

ହେ ଅର୍ଜ୍ଜୁନ, (କେବଳ ବୌଦ୍ଧିକ ଅବବୋଧ ନୁହେଁ) ଯେ ନରବ ଛିନ୍ନ ମାନସିକ ଅଭ୍ୟାସ ବଶତଃ ମୃତ୍ୟୁ-ମୁହୂର୍ତ୍ତରେ ମଧ୍ୟ କେବଳ ମତେ (ବ୍ରହ୍ମଙ୍କୁ ବା ଈଶ୍ୱରଙ୍କୁ) ଧ୍ୟାନ କରି କରି ଦେହତ୍ୟାଗ କରିଥାନ୍ତି ସେ ଯେ, ସିଧାସଳଖ ମତେ (ଈଶ୍ୱର ବା ବ୍ରହ୍ମଙ୍କୁ) ପାଇଥାନ୍ତି, ଏହା ନିଃସନ୍ଦେହ ମନେକରିବ ।

(୬)

ଯଂ ଯଂ ବାପି ସ୍ମରନ୍ ଭାବଂ ତ୍ୟଜତ୍ୟନ୍ତେ କଳେବରଂ
ତଂ ତମେବୈତି କୌନ୍ତେୟ ସଦା ତଦ୍‌ଭାବ ଭାବିତଃ । ୬ ।

ହେ କୌନ୍ତେୟ (ଅର୍ଜ୍ଜୁନ) [ମନୁଷ୍ୟ] ଅନ୍ତେ (ଶେଷ ସମୟ ବା ମୃତ୍ୟୁ କାଳରେ) ଯଂ ଯଂ ବା ଅପି ସ୍ମରନ୍ (କେବଳ ଭଗବାନଙ୍କୁ ନୁହେଁ, ଯେଉଁ ଯେଉଁ ବିଷୟ ଭାବି ଭାବି) କଳେବରଂ ତ୍ୟଜତି (ଶରୀରକୁ ତ୍ୟାଗକରେ) ସଦା ତଦ୍‌ଭାବ ଭାବିତଃ (ଜୀବନଯାକ ସର୍ବଦା ସେହି ଭାବନା ଭାବି ଆସୁଥିବାରୁ) ତଂ ତଂ ଏବ ଏତି ମୃତ୍ୟୁପରେ ସେହି ସେହି ଭାବକୁ ହିଁ ପ୍ରାପ୍ତ ହୁଏ) ।

ଅନୁବାଦ—

ହେ ଅର୍ଜ୍ଜୁନ, ମନେ ରଖିଥିବ ଯେ, ମନୁଷ୍ୟ ଯେଉଁ ଯେଉଁ ଚିନ୍ତାର ଜୀବନବ୍ୟାପି ଅଭ୍ୟାସ କରି ଆସିଥାଏ ମରଣ ସମୟରେ ସେ ସେହି ସେହି ଚିନ୍ତାଧାରାକୁ ହିଁ ପ୍ରାପ୍ତ ହୋଇଥାଏ । ଅର୍ଥାତ୍ ମୃତ୍ୟୁପରେ ସେହି ସେହି ଭାବନାର ଉପଯୋଗୀ ଜନ୍ମହିଁ ସେ ପାଇଥାଏ ।

Digitized by srujanika@gmail.com

ବିଶେଷ ଭାଷ୍ୟ—

ମୃତ୍ୟୁକାଳ ଓ ମୃତ୍ୟୁ-ପର ଅବସ୍ଥା ନେଇ ଉପନିଷଦ୍‌ମାନଙ୍କରେ ବହୁ ଆଲୋଚନା ହୋଇଛି । ବସ୍ତୁତଃ ପ୍ରସିଦ୍ଧ 'କଠୋପନିଷଦ୍' ସମଗ୍ର ଭବରେ ଏହି ଜିଜ୍ଞାସା ଉପରେହିଁ ଦଣ୍ଡାୟମାନ । ଏଠାରେ ଗୀତୋକ୍ତ ମତବାଦ, ପ୍ରଶ୍ନୋପନିଷଦ୍ (୩/୧୦)ର ପ୍ରତିଧ୍ୱନି ପରି ମନେହେବ । ସେଥିରେ ସ୍ପଷ୍ଟ କୁହାଯାଇଛି—

"ଯଚ୍ଚିତ୍ତସ୍ତେନୈଷ ପ୍ରାଣମାୟାତି; ପ୍ରାଣସ୍ତେଜସା
ଯୁକ୍ତଃ ସହାତ୍ମନା ଯଥା ସଂକଳ୍ପିତଂ ଲୋକଂ ନୟତି" ।

(ଏହି ଜୀବ ଜୀବନ କାଳରେ ଯେପରି ବାସନାଯୁକ୍ତ ଥାଏ ମୃତ୍ୟୁ ସମୟରେ ସେହି ପ୍ରକାର ସଂକଳ୍ପ-ବିଶିଷ୍ଟ ହୋଇହିଁ ପ୍ରାଣବୃତ୍ତି ଅବଲମ୍ବନ କରେ ଏବଂ ସେହି ବୃତ୍ତି-ସଂଯୁକ୍ତ ଆତ୍ମା ଯଥା—ସଂକଳ୍ପିତ ଲୋକକୁ ଯାଏ ।)

ଆଧୁନିକ ଗବେଷକମାନଙ୍କ ଲେଖାରେ ମଧ୍ୟ କୁହାଯାଇଥାଏ ଯେ, ମନୁଷ୍ୟର ମରଣ ମୁହୂର୍ତ୍ତରେ ତାର ସମଗ୍ର ଜୀବନର କର୍ମାବଳି ସିନେମା ଚିତ୍ର ପରି କ୍ଷିପ୍ରଗତିରେ, ତାର ଚିଦାକାଶରେ ଭସିଉଠେ । ସେହିସବୁ ଭିତରୁ ମୁମୂର୍ଷୁ ବ୍ୟକ୍ତିର ଚେତନାରେ ଜୀବନ ବ୍ୟାପୀ ଅଭ୍ୟାସ ଫଳରେ କୌଣସି ନା କୌଣସି ବିଷୟ ବା ଭବ ପ୍ରତି ବିଶେଷ ଆସକ୍ତି ପ୍ରକାଶ ପାଇବ । କୁହାଯାଏ ଯେ, ସେହି ଆତ୍ମାର ପରବର୍ତ୍ତୀ ଜୀବନର ଆଭିମୁଖ୍ୟ ସେହି ଆସକ୍ତି ଉପରେ ହିଁ ନିର୍ଭର କରିବ । ସେଥିଯୋଗୁଁ ହିଁ ଗୀତା ବାରମ୍ବାର ଆମର 'ଇଚ୍ଛା-ଦ୍ୱେଷ'ର ଅପକାରିତା ଉପରେ ଏତେ ଜୋର ଦେଇ ଆସୁଛନ୍ତି । ଆମେ ଦେଖୁଁ ଯେ, ଏ ଜୀବନରେ ଆମଆଡୁ କିଛି କାରଣ ନଥାଇ ମଧ୍ୟ କେତେକ ଲୋକ ଆମର ଶତ୍ରୁତା କରିବାରେ ଲାଗିଛନ୍ତି । ଅନ୍ୟ ପକ୍ଷରେ ଆମେ କାହା କାହା ପ୍ରତି ମଧ୍ୟ ସ୍ୱତଃ ଆକୃଷ୍ଟ ହୋଇଥାଉଁ । କୁହାଯାଉଛି ଯେ, ଏସବୁ ପୂର୍ବଜନ୍ମମାନଙ୍କର ଇଚ୍ଛା-ଦ୍ୱେଷର ପରିଣତି ମାତ୍ର । ଗୀତା ସେଥିପାଇଁ କହୁଛନ୍ତି ଯେ, ଆମର ସ୍ୱାର୍ଥକେନ୍ଦ୍ରିକ ଇଚ୍ଛା ଓ ଦ୍ୱେଷ, ଉଭୟ ଜନ୍ମେ ଜନ୍ମେ ଦୁଃଖ-ଜଞ୍ଜାଳର କାରଣ ହୋଇଥାନ୍ତି । ସେ ସବୁରୁ ମୁକ୍ତି ପାଇବାର ଏକମାତ୍ର ପଥ ହେଉଛି, ଆମର ସମସ୍ତ ଇଚ୍ଛା-ଦ୍ୱେଷକୁ ଅହଂ-ଶୂନ୍ୟକରି ସର୍ବକର୍ତ୍ତା ଈଶ୍ୱରଙ୍କ ନିକଟରେ ନ୍ୟସ୍ତ କରିଦେବା ଏବଂ ସେହି ନ୍ୟାସ ଆମକୁ ଜୀବନବ୍ୟାପି ଅଭ୍ୟାସ କରିବାକୁ ହେବ, ଯେପରିକି ମୃତ୍ୟୁ-ମୁହୂର୍ତ୍ତରେ ମଧ୍ୟ ଆମେ ସେହି ଈଶ୍ୱର, ଯେ କି ଏକାଧାରରେ ଅଧିଭୂତ, ଅଧିଦୈବ ଓ ଅଧିଯଜ୍ଞ, ଆମେ କେବଳ ତାଙ୍କୁଇ ଭବିବା—ଭବିବାନି ଟଙ୍କା ପଇସା ବା ପୁତ୍ର-କନ୍ୟା ବା ଶତ୍ରୁମାନଙ୍କ କଥା । ପରଶ୍ଳୋକରେ ତାହାହିଁ ଜୋର୍‌ରେ କୁହାଯାଉଛି—

Digitized by srujanika@gmail.com

(୭)

ତସ୍ମାତ୍ ସର୍ବେଷୁ କାଳେଷୁ ମାମନୁସ୍ମର ଯୁଧ୍ୟ ଚ
ମୟ୍ୟର୍ପିତ ମନୋବୁଦ୍ଧିର୍ମାମେବୈଷ୍ୟସ୍ୟ ସଂଶୟଂ । ୭ ।

ତସ୍ମାତ୍ (ସେହିହେତୁରୁ) ସର୍ବେଷୁ କାଳେଷୁ (ସଦାସର୍ବଦା) ମାଂ ଅନୁସ୍ମର, ଯୁଧ୍ୟ ଚ (ମତେ ସ୍ମରଣରେ ରଖିହିଁ ଯୁଦ୍ଧ ଅର୍ଥାତ୍ ଜୀବନ-ସଂଗ୍ରାମ କରିଚାଲ) । ମୟି ଅର୍ପିତ ମନୋବୁଦ୍ଧିଃ (ମୋ ଠାରେ ମନ ଓ ବୁଦ୍ଧି ସର୍ବଦା ଅର୍ପିତ କରି ରଖିଲେ) ଅସଂଶୟଂ ମାଂ ଏବ ଏଷ୍ୟସି ନିଃସନ୍ଦେହ ଭାବରେ ମୋଠାକୁ ଆସିବ) ।

ଅନୁବାଦ—

ତେଣୁ ହେ ଅର୍ଜ୍ଜୁନ, ମୋର ଉପଦେଶ ଏହି ଯେ; ଜୀବନର ସକଳ ମୁହୂର୍ତ୍ତରେ ହିଁ ବାହାରେ ନିରବଚ୍ଛିନ୍ନ ଜୀବନ-ସଂଗ୍ରାମ ସହିତ ଅନ୍ତରରେ ମତେ (ଈଶ୍ୱରଙ୍କୁ) ସ୍ମରଣ କର ଚାଲିବା ଉଚିତ । ଯେ କେହି ସେପରି ଭାବରେ ମୋ ଠାରେ (ଈଶ୍ୱରଙ୍କ ଠାରେ) ନିଜର ମନ ଓ ବୁଦ୍ଧିକୁ ଅର୍ଥାତ୍ ତାଙ୍କର ସମଗ୍ର ଚେତନାକୁ ସମର୍ପିତ କରିପାରିବେ ବାହାରକୁ ସେ କୌଣସି ଧର୍ମୀୟ ଆଚାର-ଅନୁଷ୍ଠାନ କେବେ କରିବାର ଦେଖା ନଗଲେ ମଧ୍ୟ) ସେ ଯେ ମତେ ହିଁ ପ୍ରତ୍ୟକ୍ଷ ପ୍ରାପ୍ତ ହୋଇଥାନ୍ତି; ଏହା ନିଃସନ୍ଦେହ ।

ବିଶେଷ ଭାଷ୍ୟ—

ମାମନୁସ୍ମର ଯୁଧ୍ୟ ଚ (ମତେ ସ୍ମରଣ କର କର ଯୁଦ୍ଧ କରି ଚାଲ)— ଏହା ଏକମାତ୍ର ଅର୍ଜ୍ଜୁନଙ୍କ ପ୍ରତି ପ୍ରଯୁଜ୍ୟ ନୋହିପାରେ । ପାଠକେ ମନେରଖିବେ ଯେ ସେତେବେଳକୁ ଅର୍ଜ୍ଜୁନ ଜୀବନର ଶେଷପାଦରେ ଏବଂ ଶ୍ରୀକୃଷ୍ଣ ମଧ୍ୟ । ତେଣୁ 'ସର୍ବେଷୁ କାଳେଷୁ', ଏହି ବାକ୍ୟାଂଶର ଅର୍ଥ ସେ ଦୁହିଁଙ୍କ ସମ୍ପର୍କରେ ସଂପୂର୍ଣ୍ଣ ତାତ୍ପର୍ଯ୍ୟହୀନ । ତା'ଛଡା ସ୍ୱୟଂ ଶ୍ରୀକୃଷ୍ଣ ତ ଅର୍ଜ୍ଜୁନଙ୍କର ସାରଥୀ, ସର୍ବଦା ଆଗରେ । ସେଠି ତେଣୁ 'ମତେ ସ୍ମରଣ କର' କହିବା ମଧ୍ୟ ଅବାନ୍ତର । ତେଣୁ "ମାମନୁସ୍ମର ଯୁଧ୍ୟ ଚ"ର ସ୍ୱାଭାବିକ ଓ ଯୁକ୍ତିଯୁକ୍ତ ତାତ୍ପର୍ଯ୍ୟ କେବଳ ସାଧାରଣ ମନୁଷ୍ୟ ପ୍ରତି, ଗୀତାର ପ୍ରତ୍ୟେକ ପାଠକ ପ୍ରତି—ଯେଉଁମାନେ ଜୀବନ ସଂଗ୍ରାମରେ ଆହତ ଓ ଅବସନ୍ନ ସେହିମାନଙ୍କ ପ୍ରତି । ସେହିମାନଙ୍କ ପ୍ରତିହିଁ ଗୀତାର ପରମବାଣୀ—ମାମନୁସ୍ମର ଯୁଧ୍ୟ ଚ—ଜୀବନ ସଂଗ୍ରାମ ଅକୁତୋଭୟ ଭାବରେ ଲଢି ଚାଲ, ଅବସାଦର କାରଣ ନାହିଁ ଏବଂ 'ମାମନୁସ୍ମର'—ସେହି ନିରବଚ୍ଛିନ୍ନ ସଂଗ୍ରାମ ଭିତରେ ମତେହିଁ ସ୍ମରଣ କରିଚାଲ ।

ପାଠକଙ୍କ କୌତୂହଳାର୍ଥେ ରାଧାକ୍ରିଶ୍ଣନ୍ ଗୀତାରେ ଥିବା ନିମ୍ନଲିଖିତ ଶ୍ରୁତି ସୁଖକର ଅଥଚ ବିଜ୍ଞତାପୂର୍ଣ୍ଣ ଶ୍ଳୋକଟି ଉଦ୍ଧାର କରି ଦେଉଛୁ—

Digitized by srujanika@gmail.com

"ପୁଙ୍ଖାନୁପୁଙ୍ଖ ବିଷୟାନ୍ ଉପସେବ୍ୟମାନୋ
ଧୀରେ ନ ମୁଞ୍ଚତି ମୁକୁନ୍ଦ ପଦାରବିନ୍ଦଂ
ସଙ୍ଗୀତ ବାଦ୍ୟ ଲୟ ତାଳ ବଂଶଗତାପି
ମୌଳିସ୍ଥକୁମ୍ଭ ପରିରକ୍ଷଣଧୀର୍ନଟୀବ ।"

(ବିଚକ୍ଷଣା ନର୍ତ୍ତକୀ ଯେଉଁଭଳି ଗୀତ-ବାଦ୍ୟ-ତାଳ-ଲୟ ପ୍ରତି ସମ୍ପୂର୍ଣ୍ଣ ଧ୍ୟାନ ଦେଇ ମଧ୍ୟ ମସ୍ତକସ୍ଥ ପୂର୍ଣ୍ଣକୁମ୍ଭଟିର ରକ୍ଷଣ ପ୍ରତି ମଧ୍ୟ ଯେପରି ଜାଗ୍ରତ ଥାଏ, ଠିକ୍ ସେହିପରି ନିଷ୍ଠାପର ସାଧକ ସାଂସାରିକ ବିଷୟ ସବୁକୁ ପୁଙ୍ଖାନୁପୁଙ୍ଖ ରୂପେ ବୁଝୁଥିଲେ ମଧ୍ୟ ମୁକୁନ୍ଦପଦାରବିନ୍ଦକୁ କେବେହେଲେ ଭୁଲିଯାନ୍ତି ନାହିଁ) ।

ସଂଗ୍ରାମର ପ୍ରକାର ନେଇ ଗୀତାର ପୂର୍ବ ଶ୍ଳୋକ ମଧ୍ୟ ମନେ ରଖିବାକୁ ହେବ ।

'ବଳଂ ବଳବତାମସ୍ମି କାମରାଗ ବିବର୍ଜିତଂ
ଧର୍ମାବିରୁଦ୍ଧୋ ଭୂତେଷୁ କାମୋଽସ୍ମି ଭରତର୍ଷଭ ।

(ହେ ଅର୍ଜ୍ଜୁନ, ମୁଁ ବଳବାନ୍ ଲୋକଙ୍କ ଭିତରେ କେବଳ ସେହି ବଳ, ଯାହା କାମ ରାଗ ଶୂନ୍ୟ, ମୁଁ ପୁଣି ମନୁଷ୍ୟ ଭିତରେ ସେହି କାମ (ଇଚ୍ଛା) ଯାହା ଆଦୌ ଧର୍ମର (ନ୍ୟାୟ, ନୈତିକତାର) ବିରୋଧୀ ନୁହେଁ) ।

ଯେଉଁ ଯୁଦ୍ଧ ବା ପ୍ରଚେଷ୍ଟା ଅନ୍ୟାୟ-ଅନୀତିମୟ ବା ଅଧର୍ମିକାମୟ, ସେଠାକୁ ଈଶ୍ୱର ଆସିବେ କପରି ? ପୁଣି ସେ ପ୍ରକାର ସଂଗ୍ରାମୀ, ସାଧାରଣତଃ ଈଶ୍ୱରଙ୍କୁ ସ୍ମରଣ କରି ନଥାନ୍ତି । ଗୀତା କେବଳ ସେହିମାନଙ୍କର ଗ୍ରନ୍ଥ, ଯିଏ ମନେ କରନ୍ତି ଯେ, ତାଙ୍କର ଦକ୍ଷିଣ ହସ୍ତର ସମସ୍ତ ଶକ୍ତି, ତାଙ୍କର ନୁହେଁ, ତାହା ଈଶ୍ୱରଙ୍କର ।

(୮)

ଅଭ୍ୟାସ ଯୋଗ ଯୁକ୍ତେନ ଚେତସା ନାନ୍ୟଗାମିନା
ପରମଂ ପୁରୁଷଂ ଦିବ୍ୟଂ ଯାତି ପାର୍ଥାନୁଚିନ୍ତୟନ୍ । ୮ ।

ହେ ପାର୍ଥ (ଅର୍ଜ୍ଜୁନ ଅଭ୍ୟାସ ଯୋଗ ଯୁକ୍ତେନ (ବରାବର ଯୋଗାଭ୍ୟାସ କରି ଚାଲିଥିବା) ନାନ୍ୟଗାମିନା ଚେତସା (ଅନ୍ୟ ଆଡ଼କୁ ଅଭିମୁଖୀ ହେଉ ନଥିବା ଚିତ୍ତଦ୍ୱାରା) ଅନୁଚିନ୍ତୟନ୍ [ମୃତ୍ୟୁବେଳେ] (ଚିନ୍ତା ଫଳରେ) [ସାଧକ] ଦିବ୍ୟଂ ପରମଂ ପୁରୁଷଂ ଯାତି (ଚିରଜ୍ୟୋତିର୍ମୟ ଶ୍ରେଷ୍ଠ ପୁରୁଷଙ୍କ ନିକଟକୁ ଯାନ୍ତି) ।

ଅନୁବାଦ—

ନିରବଚ୍ଛିନ୍ନ ଅଭ୍ୟାସ ଯୋଗ ଓ ଅନନ୍ୟଗାମୀ ଚିତ୍ତ ଦେଇ ମତେ (ଈଶ୍ୱରଙ୍କୁ) ଧ୍ୟାନ କରି ଚାଲିଲେ ସାଧକ ମୃତ୍ୟୁପରେ ଚିରଜ୍ୟୋତିର୍ମୟ ପରମ ପୁରୁଷଙ୍କୁ ପାଇଥାନ୍ତି ।

Digitized by srujanika@gmail.com

ବିଶେଷ ଭାଷ୍ୟ—

"ସର୍ବେଷୁ କାଳେଷୁ, ମଯ୍ୟର୍ପିତ ମନୋବୁଦ୍ଧି" (ସର୍ବଦା ଈଶ୍ୱର ସଚେତନ) ହେଲେ, ମନୁଷ୍ୟ ମୃତ୍ୟୁ ବେଳେ ମଧ୍ୟ କେବଳ ତାଙ୍କୁଇ ଅନନ୍ୟ ଚିତ୍ତରେ ଭାବି ପାରିବ । ଫଳରେ ସେ ମୃତ୍ୟୁ ପରେ ସେହି ପରମ ପୁରୁଷଙ୍କୁହିଁ ପାଇବ ଏବଂ ସର୍ବ ଦୁଃଖ ମୁକ୍ତ ହେବ । ପରବର୍ତ୍ତୀ ଶ୍ଳୋକ କେତୋଟିରେ ଗୀତା ସେହି ପରମ ପୁରୁଷଙ୍କର ମନୋଜ୍ଞ ବର୍ଣ୍ଣନା ଦେଉଛନ୍ତି ।

(୯-୧୦)

କବିଂ ପୁରାଣମନୁଶାସିତାରଂ
ଅଣୋରଣୀୟାଂସମନୁସ୍ମରେଦ୍ ଯଃ
ସର୍ବସ୍ୟ ଧାତାରମଚିନ୍ତ୍ୟରୂପମ୍
ଆଦିତ୍ୟବର୍ଣ୍ଣଂ ତମସଃ ପରସ୍ତାତ୍ । ୯ ।
ପ୍ରୟାଣକାଳେ ମନସାଽଚଳେନ
ଭକ୍ତ୍ୟାଯୁକ୍ତୋ ଯୋଗବଳେନ ଚୈବ
ଭ୍ରୁବୋର୍ମଧ୍ୟେ ପ୍ରାଣମାବେଶ୍ୟ ସମ୍ୟକ୍
ସ ତଂ ପରଂ ପୁରୁଷମୁପୈତି ଦିବ୍ୟଂ । ୧୦ ।

ଯଃ (ଯେଉଁ ସାଧକ) କବିଂ (ସର୍ବଜ୍ଞ, ସର୍ବ ବିଦ୍ୟାର ଆଧାର) ପୁରାଣଂ (ଅନାଦି) ଅନୁଶାସିତାରଂ (ସର୍ବନିୟନ୍ତା) [ଅଥଚ] ଅଣୋଃ ଅଣୀୟାଂସଂ (ଅଣୁଠାରୁ ଅଣୁତର ବା ସୂକ୍ଷ୍ମତର) ସର୍ବସ୍ୟ ଧାତାରଂ (ସମସ୍ତଙ୍କର ବିଧାତା ବା ନିୟନ୍ତା) ଅଚିନ୍ତ୍ୟ ରୂପଂ (ସେହି, ଯାହାଙ୍କ ରୂପ ଚିନ୍ତାର ବାହାରେ) ତମସଃ ପରସ୍ତାତ୍ (ସାଂସାରିକ ଅନ୍ଧକାରର ଆରପଟେ ସୂର୍ଯ୍ୟପରି ସମୁଜ୍ଜ୍ୱଳ ହୋଇ ଅବସ୍ଥିତ) [ତାଙ୍କୁ] ପ୍ରୟାଣ କାଳେ (ମରଣ କାଳରେ) ଅଚଳେନ ମନସା (ଏକାଗ୍ର ଚିତ୍ତରେ) ଭକ୍ତ୍ୟା ଯୁକ୍ତଃ (ଭକ୍ତିଯୁକ୍ତ ହୋଇ) ଯୋଗବଳେନ ଚ ଭ୍ରୁବୋଃ ମଧ୍ୟେ ପ୍ରାଣଂ ସମ୍ୟକ୍ ଆବେଶ୍ୟ (ଏବଂ ଯୋଗ ବଳରେ ଦୁଇ ଭ୍ରୁରୁର ମଧ୍ୟବର୍ତ୍ତୀ ସ୍ଥାନରେ ପ୍ରାଣ ବା ଚେତନାକୁ ସମଗ୍ରଭାବରେ ଅବସ୍ଥାପିତ କରି) ଅନୁସ୍ମରେତ୍ (ସ୍ମରଣ କରନ୍ତି) ସଃ (ସେ) ତଂ ଦିବ୍ୟଂ ପୁରୁଷଂ ଉପୈତି (ସେହି ଦିବ୍ୟ ପୁରୁଷଙ୍କୁ ପ୍ରାପ୍ତ ହୋଇଥାନ୍ତି) ।

ଅନୁବାଦ—

ହେ ଅର୍ଜ୍ଜୁନ, ଯେଉଁ ସାଧକ ମରଣକାଳରେ, ଏକାଗ୍ରଚିତ୍ତ ଓ ଭକ୍ତିଯୁକ୍ତ ଭାବରେ ପୂର୍ବର ଯୋଗାଭ୍ୟାସ ବଳରେ ନିଜର ଦୁଇ ଭ୍ରୁରୁ ମଝିରେ ପ୍ରାଣବାୟୁକୁ ଅବସ୍ଥାପିତ କରି, ଯେଉଁ ସର୍ବଜ୍ଞ (କବି), ଅନାଦି (ପୁରାଣ), ସର୍ବନିୟନ୍ତା (ଅନୁଶାସିତ), ଅଥଚ ଯେ ସୂକ୍ଷ୍ମାତିସୂକ୍ଷ୍ମ ଏବଂ ନିଖିଳର ବିଧାତା ବା ନିୟନ୍ତା ରୂପେ ଅଚିନ୍ତନୀୟ, ସେ ସାଂସାରିକ ଅଜ୍ଞାନଅନ୍ଧକାରର ଆରପଟେ

Digitized by srujanika@gmail.com

ସୂର୍ଯ୍ୟପରି ସମୁଜ୍ଜ୍ୱଳ ହୋଇ ଅବସ୍ଥିତ, ତାଙ୍କୁ ସ୍ମରଣ କରେ, ସେ ନିଶ୍ଚିତ ଭାବରେ ସେହି ପରମ ପୁରୁଷଙ୍କୁ ହିଁ ପାଇଥାଏ ।

ବିଶେଷ ଭାଷ୍ୟ—

ଆଶାକରୁଁ ଯେ ପାଠକେ ଇତି ମଧ୍ୟରେ ବାରମ୍ବାର-ଆଲୋଚିତ ସାଂଖ୍ୟ-ଦର୍ଶନର ପୁରୁଷ ଓ ପ୍ରକୃତି ସହିତ ପରିଚିତ ହୋଇ ସାରିଛନ୍ତି । ସାଂଖ୍ୟର ପୁରୁଷ ହେଲା—ପ୍ରତି ଜୀବ ଭିତରେ ଥିବା ଜୀବାତ୍ମା । ଅର୍ଥାତ୍ ଯେତେ ଜୀବ, ସେତେ ପୁରୁଷ । କିନ୍ତୁ ପରେ ବେଦାନ୍ତ କେବଳ ଗୋଟିଏ ପୁରୁଷକୁ ସ୍ୱୀକାର କଲା । ଏଠାରେ ସେହି ପୁରୁଷଙ୍କୁ 'ପରମ ପୁରୁଷ' ବା ଦିବ୍ୟ ପୁରୁଷ ବୋଲି କୁହାଯାଉଛି । ତାଙ୍କୁଇ ମଧ୍ୟ ପରେ ପୁରୁଷୋତ୍ତମ କୁହାଯିବାର ଦେଖିବା ।

ଶ୍ୱେତାଶ୍ୱତର ଉପନିଷଦ (୩/୧୫) ରେ ଏହି 'ପୁରୁଷ'ର ଏହିପରି ବର୍ଣ୍ଣନା ହୋଇଛି—

ପୁରୁଷ ଏ ବେଦଂ ସର୍ବଂ
ଯଦ୍‌ଭୂତଂ ଯଚ୍ଚ ଭବ୍ୟଂ
ଉତା ମୃତ ତ୍ୱସ୍ୟେଶାନୋ
ଯଦନ୍ନେନାତି ରୋହତି ।

(ଯାହା ବର୍ତ୍ତମାନ, ଅତୀତ ଓ ପୁଣି ଭବିଷ୍ୟତ୍ ସେ ସମସ୍ତହିଁ ପୁରୁଷ । ସେହି ହିଁ ମୁକ୍ତି (ଅମୃତତ୍ୱ) ର ବିଧାତା (ଈଶାନ) ଏବଂ ଯାହା କିଛି ଏ ସୃଷ୍ଟିରେ ଅନ୍ନ ଅବଲମ୍ବନରେ ଜୀବନ ଧାରଣ କରନ୍ତି, ସେମାନଙ୍କର ମଧ୍ୟ) ।

ପାଠକେ ଏହି ଶ୍ଳୋକର ପ୍ରଥମ ପାଦ ସହିତ ଗୀତାର ସପ୍ତମ ଅଧ୍ୟାୟର ୨୬ ଶ୍ଳୋକଟି ମିଳାଇ ଦେଖନ୍ତୁ—

ବେଦାହଂ ସମତୀତାନି ବର୍ତ୍ତମାନାନି ଚାର୍ଜ୍ଜୁନ
ଭବିଷ୍ୟାଣି ଚ ଭୂତାନି ମା ତୁ ବେଦ ନ କଶ୍ଚନ ।

(ମୁଁ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ୍ ସବୁ ଜାଣେ, କିନ୍ତୁ ମତେ କେହି ହେଲେ ଜାଣି ନାହାନ୍ତି) ।

ଏହିପରି ଈଶ, କଠ ଓ ଶ୍ୱେତାଶ୍ୱତର ଉପନିଷଦର ବହୁ ଶ୍ଳୋକ ଓ ବହୁତର ଭାବ ଗୀତାରେ ପୁରାପୁରି ଗୃହୀତ ହୋଇଥିବାର ଆମେ ଦେଖିବା ।

(୧୧)

ଯଦକ୍ଷରଂ ବ୍ରହ୍ମବିଦୋ ବଦନ୍ତି
ବିଶନ୍ତି ଯଦ୍ ଯତୟୋ ବୀତରାଗାଃ
ଯଦିଚ୍ଛନ୍ତୋ ବ୍ରହ୍ମଚର୍ଯ୍ୟଂ ଚରନ୍ତି
ତତ୍ ତେ ପଦଂ ସଂଗ୍ରହେଣ ପ୍ରବକ୍ଷ୍ୟେ । ୧୧ ।

Digitized by srujanika@gmail.com

ବ୍ରହ୍ମବିଦଃ (ବ୍ରହ୍ମଜ୍ଞ, ଜ୍ଞାନୀମାନେ) ଯତ୍ ଅକ୍ଷର ବଦନ୍ତି (ଯାହାଙ୍କୁ ଅକ୍ଷର ବୋଲି କହିଥାନ୍ତି); ବୀତରାଗାଃ ଯତୟଃ (ସଂସାର ବିରାଗୀ ସନ୍ନ୍ୟାସୀମାନେ) ଯତ୍ ବିଶନ୍ତି (ଯାହାଙ୍କଠାରେ ପ୍ରବେଶ ଲାଭ କରନ୍ତି) ଯତ୍ ଇଚ୍ଛନ୍ତଃ (ଯାହାଙ୍କୁ କାମନା କରି) [ସାଧକ] ବ୍ରହ୍ମଚର୍ଯ୍ୟଂ ଚରନ୍ତି (କଠୋର ବ୍ରହ୍ମଚର୍ଯ୍ୟ ବ୍ରତ ପାଳନ କରନ୍ତି) ତତ୍ ପଦଂ (ସେହି ପରମସ୍ଥିତି ବା ଅବସ୍ଥାନ) ତେ ସଂଗ୍ରହେଣ ପ୍ରବକ୍ଷ୍ୟେ (ତୁମ ଆଗରେ ସଂକ୍ଷେପରେ ବର୍ଣ୍ଣନା କରେ) ।

ଅନୁବାଦ—

ହେ ଅର୍ଜୁନ, ବ୍ରହ୍ମଜ୍ଞ ଋଷିମାନେ ସେହି ଯେଉଁ ଅକ୍ଷର ବ୍ରହ୍ମର କଥା କହିଥାନ୍ତି, ସଂସାର ଆସକ୍ତିହୀନ ସନ୍ନ୍ୟାସୀମାନେ ଯାହାଙ୍କୁ ପ୍ରାପ୍ତ ହେବାର ଚେଷ୍ଟା କରୁଥାନ୍ତି, ଗୃହସ୍ଥମାନେ ମଧ୍ୟ ଯାହାଙ୍କୁ ପାଇବା ପାଇଁ କଠୋର ବ୍ରହ୍ମଚର୍ଯ୍ୟ-ସାଧନା କରିଥାନ୍ତି, ସେହି ଅବସ୍ଥା ମୁଁ ସଂକ୍ଷେପରେ ବର୍ଣ୍ଣନା କରୁଛି ।

ବିଶେଷ ଭାଷ୍ୟ—

"ମୁଁ ତୁମକୁ ସେହି ପରମ ଅବସ୍ଥାର କଥା ସଂକ୍ଷେପରେ କହୁଛି ।" ପାଠକେ ଏହାର କୌଣସି ସଙ୍କେତ ପରବର୍ତ୍ତୀ ଆଠଟିଯାକ ଶ୍ଲୋକରେ ନ ପାଇ, ପାଇବେ ଯାଇ ବିଂଶ ଶ୍ଲୋକରେ । ପରବର୍ତ୍ତୀ ଆଠଟିଯାକ ଶ୍ଲୋକରେ ତାହା ପାଇବାର ଉପାୟ ବର୍ଣ୍ଣିତ କିନ୍ତୁ ସେଥିରେ ନୂତନତା କିଛି ନାହିଁ । ସେହି ପରିଚିତ ସାଧନା-ମାର୍ଗ ।

କଠୋପନିଷଦ (ପ୍ରଥମ ଅଧ୍ୟାୟ, ଦ୍ୱିତୀୟ ବଲ୍ଲୀ) ରେ ଆମେ ତୁଳନୀୟ ଉକ୍ତି ପାଇବା—

ସର୍ବେ ବେଦା ଯତ୍ ପଦମାମନନ୍ତି
ତପାଂସି ସର୍ବାଣି ଚ ଯଦ୍ ବଦନ୍ତି,
ଯଦିଚ୍ଛନ୍ତୋ ବ୍ରହ୍ମଚର୍ଯ୍ୟ ଚରନ୍ତି
ତତ୍ତେ ପଦଂ ସଂଗ୍ରହେଣ ବ୍ରବୀମି ।
—ଓମି ତ୍ୟେତତ୍ ।
୧।୨।୧୫

"ବେଦସବୁ ଏକ ବାକ୍ୟରେ ଯେଉଁ ଗମ୍ୟ ସ୍ଥାନକୁ (ପଦକୁ) ପ୍ରତିପାଦିତ କରିଥାନ୍ତି, ସକଳ ତପସ୍ୟା ହିଁ ଯାହାଙ୍କ କଥା କହିଥାନ୍ତି, ଯାହାକୁ ପାଇବା ଇଚ୍ଛାରେ ଲୋକେ କଠୋର ବ୍ରହ୍ମଚର୍ଯ୍ୟ ସାଧନା କରିଥାନ୍ତି; ତୁମକୁ ସେହି ଈପ୍ସିତ ବସ୍ତୁ ସଂକ୍ଷେପରେ ବର୍ଣ୍ଣନା କରୁଛି—ଏବଂ ଜାଣିରଖ ଯେ "ଓଁ" ହିଁ ତାହାର ପ୍ରତୀକ ।

ଗୀତାର ପରବର୍ତ୍ତୀ ଦୁଇଟି ଶ୍ଲୋକରେ ବ୍ରହ୍ମହିଁ "ଓଁ" ହିଁ ବର୍ଣ୍ଣିତ ।

Digitized by srujanika@gmail.com

(୧୨-୧୩)

ସର୍ବଦ୍ୱାରାଣି ସଂଯମ୍ୟ ମନୋହୃଦି ନିରୁଧ୍ୟ ଚ
ମୂର୍ଦ୍ଧ୍ନ୍ୟାଧାୟାତ୍ମନଃ ପ୍ରାଣମାସ୍ଥିତୋ ଯୋଗଧାରଣଂ । ୧୨ ।
ଓମିତ୍ୟେକାକ୍ଷରଂ ବ୍ରହ୍ମ ବ୍ୟାହରନ୍ ମାମନୁସ୍ମରନ୍
ଯଃ ପ୍ରୟାତି ତ୍ୟଜନ୍ ଦେହଂ ସଯାତ ପରମାଂଗତିଂ । ୧୩ ।

ସର୍ବ ଦ୍ୱାରଣି ସଂଯମ୍ୟ (ସମସ୍ତ ଇନ୍ଦ୍ରିୟମାନଙ୍କୁ ସଂଯମ କରି) ମନଃ ଚ ହୃଦି ନିରୁଧ୍ୟ (ମନକୁ ମଧ୍ୟ ହୃଦୟ ଭିତରେ ଆବଦ୍ଧ କରି) ମୂର୍ଦ୍ଧ୍ନି ଆତ୍ମନଃ ପ୍ରାଣଂ ଆଧାୟ (ଭ୍ରୂ-ଯୁଗଳ ମଧ୍ୟରେ ନିଜର ପ୍ରାଣକୁ ଅବସ୍ଥାପିତ କରି) ଯୋଗଧାରଣଂ ଆସ୍ଥିତଃ (ଯୋଗରେ ଅବସ୍ଥାପିତ ରହି) ଓଁ ଇତି ଏକାକ୍ଷରଂ ବ୍ରହ୍ମଂ ବ୍ୟାହରନ୍ (ବ୍ରହ୍ମର ପ୍ରତୀକ ଓଁ ରୂପକ ଏକାକ୍ଷରକୁ ଉଚ୍ଚାରଣ କରି କରି) ମା ସ୍ମରନ୍ ଦେହଂ ତ୍ୟଜନ୍ ଯଃ ପ୍ରୟାତି (ମତେ ସ୍ମରଣ କରି କରି ଦେହ ତ୍ୟାଗକରି ଯେ ଯାନ୍ତି) ସଃ ପରମାଂ ଗତଂ ଯାତ (ସେ ପରମ ଗତ ପ୍ରାପ୍ତ ହୋଇଥାନ୍ତି) ।

ଅନୁବାଦ—

ହେ ଅର୍ଜୁନ, ସମସ୍ତ ଇନ୍ଦ୍ରିୟଙ୍କୁ ସଂଯତ କରି, ମନକୁ ହୃଦୟ ଭିତରେ ଏବଂ ନିଜର ପ୍ରାଣକୁ ଭ୍ରୂ-ଯୁଗଳ ମଧ୍ୟରେ ଅବସ୍ଥାପିତ କରି ଓ ଯୋଗସ୍ଥ ରହି, ବ୍ରହ୍ମର ପ୍ରତୀକ ଓଁ ଏହି ଏକାକ୍ଷର ମନ୍ତ୍ରଟି ଉଚ୍ଚାରଣ କରି କରି ଏବଂ ମତେ (ଈଶ୍ୱରଙ୍କୁ) ସ୍ମରଣ କରି କରି ଯେ ଦେହ ତ୍ୟାଗ କରନ୍ତି, ସେହିଁ ହିଁ ସଙ୍ଗେ ସଙ୍ଗେ ପରମ ଗତି ଲାଭ କରିଥାନ୍ତି ।

ବିଶେଷ ଭାଷ୍ୟ—

ପାଠକେ ମନେ ରଖିବେ ଯେ, ଏସବୁ ଗୂଢ଼ ଯୋଗତତ୍ତ୍ୱ । ଏସବୁ ଏହି ଲେଖକର ଜ୍ଞାନ ଓ ଅଭିଜ୍ଞତାର ବାହାରେ । ତେଣୁ ଏ ସମ୍ପର୍କରେ ଏପଟ ସେପଟ କିଛିହେଲେ କହିବାର ଅଧିକାର ତା'ର ନାହିଁ । ତେବେ ମାଣ୍ଡୁକ୍ୟୋପନିଷଦ୍‌ର ପ୍ରଥମ ଅଧ୍ୟାୟ ପ୍ରଥମ ଶ୍ଲୋକରେହିଁ 'ଓଁ'ର ଏଇରୂପ ବର୍ଣ୍ଣନା ପାଠକେ ପାଇବେ —ଓଁମିତ୍ୟେଦକ୍ଷର ମିଦଂ ସର୍ବଂ ।

(ଏହି ନିଖିଳ ସୃଷ୍ଟିର ସମସ୍ତର ପ୍ରତୀକ କେବଳ ଓଁ, ଏହି ଅକ୍ଷର) ।

(୧୪)

ଅନନ୍ୟଚେତାଃ ସତତଂ ଯୋ ମାଂ ସ୍ମରତି ନିତ୍ୟଶଃ
ତସ୍ୟାହଂ ସୁଲଭଃ ପାର୍ଥ ନିତ୍ୟଯୁକ୍ତସ୍ୟ ଯୋଗିନଃ । ୧୪ ।

Digitized by srujanika@gmail.com

ହେ ପାର୍ଥ, (ଅର୍ଜୁନ) ଯଃ (ଯେଉଁ ଲୋକ) ଅନନ୍ୟଚେତାଃ [ଅନନ୍ୟ-ଚିତ୍ତ ହୋଇ] ମାଂ ସତତଂ ନିତ୍ୟଶଃ ସ୍ମରତି (ମତେ ପ୍ରତ୍ୟହ ଓ ନିରନ୍ତର ସ୍ମରଣ କରନ୍ତି) ତସ୍ୟ ନିତ୍ୟଯୁକ୍ତସ୍ୟ ଯୋଗିନଃ (ସେହି ନିତ୍ୟ ସମାହିତ ଯୋଗୀଙ୍କୁହିଁ) ଅହଂ ସୁଲଭଃ (ମୁଁ ଅର୍ଥାତ୍ ଈଶ୍ୱର, ସୁଲଭ ହୋଇଥାଏ) ।

ଅନୁବାଦ—

ହେ ପାର୍ଥ ଯେ ଏପରି ଅନନ୍ୟଚିତ୍ତ ହୋଇ ମତେ (ଈଶ୍ୱରଙ୍କୁ) ପ୍ରତ୍ୟହ ଓ ସର୍ବଦା ସ୍ମୃତିରେ ରଖିଥାନ୍ତି, ସେହି ନିତ୍ୟ-ଈଶ୍ୱର-ଯୁକ୍ତ ଯୋଗୀଙ୍କୁ ହିଁ ମୁଁ (ଈଶ୍ୱର) ସୁଲଭ ହୋଇଥାଏ, ଅନ୍ୟ କାହାକୁ ନୁହେଁ ।

(୧୫)

ମାମୁପେତ୍ୟ ପୁନର୍ଜନ୍ମ ଦୁଃଖାଳୟମଶାଶ୍ୱତଂ
ନାପ୍ନୁବନ୍ତି ମହାତ୍ମାନଃ ସଂସିଦ୍ଧିଂ ପରମାଂ ଗତାଂ । ୧୫ ।

(ସେହି) ମହାତ୍ମାନଃ (ମହାତ୍ମାମାନେ) ମାଂ ଉପେତ୍ୟ (ମତେ ପାଇ) ଅଶାଶ୍ୱତଂ (ଅନିତ୍ୟ) ଦୁଃଖାଳୟଂଚ (ଏବଂ ପୁଞ୍ଜୀଭୂତ ଦୁଃଖ ରୂପକ) ପୁନର୍ଜନ୍ମ ନ ଆପ୍ନୁବନ୍ତି (ପୁନର୍ଜୀବନ ଆଉ ପାଇ ନ ଥାନ୍ତି) । (କାରଣ ସେମାନେ) ପରମାଂ ସଂସିଦ୍ଧିଂ ଗତାଃ (ସେମାନେ ମନୁଷ୍ୟର ଶ୍ରେଷ୍ଠ ସିଦ୍ଧିକୁ ପାଇଯାଇଥାନ୍ତି ।)

ଅନୁବାଦ—

ହେ ଅର୍ଜୁନ, ସେହି ମହାତ୍ମାମାନେ ମତେ (ଈଶ୍ୱରଙ୍କୁ) ସେପରି ପାଇ, ପରମ ଗତି ଲଭିକଲା ପରେ, ଅନିତ୍ୟ ଓ ଦୁଃଖରାଶିର ଘର ରୂପକ ଏହି ପାର୍ଥିବ ଜୀବନକୁ ଆଉ ଫେରି ନ ଥାନ୍ତି ।

ବିଶେଷ ଭାଷ୍ୟ—

ସବୁ ଧର୍ମରେ ଭକ୍ତମାନଙ୍କୁ ମୃତ୍ୟୁପରେ ମହାସୁଖର ପ୍ରତିଶ୍ରୁତି ଦିଆଯାଇଛି । ଗୀତା ମୁଖ୍ୟତଃ ଜୀବନ-ଧର୍ମୀ ଗ୍ରନ୍ଥ । ଗୀତା ଜୀବନ-ଦର୍ଶନ ପରିବେଷଣ କରୁଛି ; କିନ୍ତୁ ସପ୍ତମ ଅଧ୍ୟାୟଠାରୁ ଏଣିକି ଏକ ବ୍ୟକ୍ତିତ୍ୱ-ସମ୍ପନ୍ନ ଈଶ୍ୱରଙ୍କୁ ଠିଆ କରାଇ, ବେଳେ ବେଳେ ତାଙ୍କୁ ଇ ନିଖିଳ ସୃଷ୍ଟିର ଉତ୍ସ ରୂପେ ଭଜିଲେ ବା ଦେହସ୍ଥ ସେହି ପୁରୁଷଙ୍କୁ ବା ଭ୍ରୂ-ଯୁଗଳ ମଧ୍ୟସ୍ଥ ବ୍ରହ୍ମ (ଯେ ମଧ୍ୟ ସେହି) କୁ ଚିନ୍ତାକଲେ 'ମୃତ୍ୟୁ' ପରେ ସାଧକର ଯା ହେବ, ତା ହେବ ବର୍ଣ୍ଣିବା ଦ୍ୱାରା ଗୀତାର ଆଧ୍ୟାତ୍ମିକ ମୂଲ୍ୟ ବଢ଼ିଯାଉଛି ବୋଲି ମନେ ହେଉନି । ମୃତ୍ୟୁପରେ କ'ଣ ହେବ ବା ନ ହେବ ତାର ପ୍ରମାଣ ବା କାହିଁ ? ମୃତ୍ୟୁପରେ ନିକୃଷ୍ଟ ପଦ କିଏ ପାଉଛି, ପରମପଦ କିଏ ପାଉଛି ଏବଂ କେଉଁ କାରଣରୁ ତାହା

Digitized by srujanika@gmail.com

ଘଟୁଛି, ତା'ର ସ୍ଥିର-ନିଶ୍ଚିତ ସିଦ୍ଧାନ୍ତ, ଅନ୍ତତଃ ମନୁଷ୍ୟର ଏ ପର୍ଯ୍ୟନ୍ତ ହସ୍ତଗତ ହୋଇନାହିଁ ଏବଂ ଏହି ଅନିଶ୍ଚିତତା ଯୋଗୁଁ ହିଁ ବିଶ୍ୱର ଧର୍ମସବୁ ଏହି ଗୋଟିକ ବିଷୟରେ ସବୁଠାରୁ ଅଧିକ ଭିନ୍ନ ଓ ଅଧିକ ବିବଦମାନ । ଖ୍ରୀଷ୍ଟାନ ଓ ମୁସଲମାନ ଧର୍ମ ଅନୁସାରେ ମୃତ୍ୟୁପରେ ଆତ୍ମା ନିଜ କବରରେ ଶୋଇ ରହେ, ଶେଷ-ବିଚାର-ଦିବସ ପର୍ଯ୍ୟନ୍ତ । ଏହା ହିନ୍ଦୁଙ୍କୁ ହାସ୍ୟକର ବୋଧ ହେଲେହେଁ ଆମର ଜନ୍ମାନ୍ତରବାଦ ମଧ' ଅପ୍ରମାଣ୍ୟ ରହିବାରୁ ଅନ୍ୟ ଧର୍ମର ଲୋକେ ଏହାକୁ ସହଜରେ ବିଶ୍ୱାସ କରନ୍ତ ନାହିଁ । ଯାହା ମନୁଷ୍ୟର ପ୍ରତ୍ୟକ୍ଷ ଜ୍ଞାନର ବାହାରେ ତାହା ବିବଦମାନ ରହିବ ହିଁ ରହିବ ଏବଂ ତାକୁ ଗ୍ରହଣ କରିବା ବା ନ କରିବା କେବଳ ପାଠକର ବିଶ୍ୱାସ ଉପରେ ହିଁ ନିର୍ଭର କରେ ; କିନ୍ତୁ ଗୀତାରେ ବାରମ୍ବାର "ମତେ (ଶ୍ରୀକୃଷ୍ଣଙ୍କୁ) ପାଇବ" "ମତେ (ଶ୍ରୀକୃଷ୍ଣଙ୍କୁ) ପାଇଲେ ଆଉ ଦୁଃଖ ବା ପୁନର୍ଜନ୍ମ ରହିବ ନାହିଁ" ଇତ୍ୟାଦିର ପ୍ରସ୍ତରରୁ ସନ୍ଦେହ ହେଉଛି ଯେ ସମସାମୟିକ ବୌଦ୍ଧ 'ନିର୍ବାଣ'ର ପ୍ରଲୋଭନର ବିରୋଧ ଓ ବିପରୀତରେ ହିଁ ହୁଏତ ଶ୍ରୀକୃଷ୍ଣଙ୍କ ଦେଇ ଏହି 'ପରମାଗତି' ଓ 'ପରମପଦ' ଇତ୍ୟାଦିର ପ୍ରଲୋଭନ ପରିବେଷିତ କରାଯାଇଛି ।

ଗୀତା ରଚିତ* ହେବାର ପୂର୍ବେ ଓ ପରେ, କୌଣସି ଏକ ରହସ୍ୟମୟ କାରଣ ଯୋଗୁଁ, ସମଗ୍ର ଭାରତୀୟ ଚିନ୍ତାଧାରାର ଏକମାତ୍ର ଆଭିମୁଖ୍ୟ ଥିଲା—'ଆଉ ଜନ୍ମ ନ ହେବା' । ତାହାରି ନାମହିଁ 'ମୁକ୍ତି' ବା 'ମୋକ୍ଷ' ବା 'ଅମୃତତ୍ୱ' ପ୍ରାପ୍ତି । ତାହା ମଧ୍ୟ ବୌଦ୍ଧ 'ନିର୍ବାଣ' । ପ୍ରସିଦ୍ଧ ପାଶ୍ଚାତ୍ୟ ଚିନ୍ତାନାୟକ ଆଲବାର୍ଟ ସ୍ୱାଇଟ୍‌ଜର୍ ଏଥିପାଇଁ ଭାରତୀୟ ଦର୍ଶନକୁ ମୋଟ ଉପରେ "ଜୀବନ-ପରାଙ୍ମୁଖ" ବୋଲି ବର୍ଣ୍ଣନା କରିଛନ୍ତି ; କିନ୍ତୁ ସମଗ୍ର ବେଦରେ ଏ ଭାବ ଦେଖା ଦେଇଥିଲା । କେଉଁ ଘଟଣା ଚକ୍ରରେ ଏ ଦୃଷ୍ଟିକୋଣ ଯେ ଭାରତରେ ଦେଖାଦେଲା, ତାର କୌଣସି ସଠିକ ଚିତ୍ର ଆମେ ପାଉନା । କିନ୍ତୁ ଆମେ ଦେଖୁଛୁ ଯେ, ଗୀତା ମୁଖ୍ୟତଃ ଜୀବନ-ଧର୍ମୀ ଗ୍ରନ୍ଥ ହୋଇ ମଧ୍ୟ, ଏବଂ ଏହାର ଅଧିନାୟକ, ଏହାର ଉପନାୟକଙ୍କୁ ଯୁଦ୍ଧ କରିବା ଏବଂ ଜୀବନର ଦାୟିତ୍ୱ ତୁଲେଇବା ଶ୍ରେଷ୍ଠ ଧର୍ମ ବୋଲି ପ୍ରତିପାଦିତ କରିବାକୁ ଯାଇଥିଲେହେଁ, ସମସାମୟିକ ଚିନ୍ତାଦ୍ୱାରା ପ୍ରଭାବିତ ହୋଇ ଗୀତା "ଜନ୍ମ-ନ ହେବା"ଟା ମଧ୍ୟ ଶ୍ରେଷ୍ଠ ଜୀବନାଦର୍ଶ ବୋଲି ପ୍ରଚାର କରିଛନ୍ତି ; କିନ୍ତୁ ଭାବିବାର କଥା ଏହି ଯେ, ଶ୍ରୀକୃଷ୍ଣ ଓ ଅର୍ଜ୍ଜୁନ ଉଭୟେ ବା ବ୍ୟାସଦେବ ଜନ୍ମ ନେଇଥିବାରୁ ସିନା ଏ ପୃଥିବୀ, ମହାଭାରତ ଓ ଗୀତା ପରି ଅମୂଲ୍ୟ ଅଧ୍ୟାତ୍ମ-ସଂପଦ ପାଇଲା ? ଶ୍ରୀକୃଷ୍ଣ ତ ପୁଣି ଆଶ୍ୱାସନା ଦେଇଛନ୍ତି ଯେ, "ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ"— ଧର୍ମ ରକ୍ଷଣାର୍ଥେ ମୁଁ ଯୁଗେ ଯୁଗେ ଧରାରେ ଜନ୍ମ ନେବି । ତେଣୁ 'ଜନ୍ମ-ନ ହେବା'ଟା ପରମ କାମ୍ୟ ହେବ କପରି ? 'ଅନାସକ୍ତ ଜୀବନ' ଏକ ସୁନ୍ଦର

Digitized by srujanika@gmail.com

ମହତ୍ କାର୍ଯ୍ୟକାରୀ ଆଦର୍ଶ ହୋଇପାରେ; କିନ୍ତୁ ଜୀବନ-ଶୂନ୍ୟତା ହେବ କିପରି ? ପୁଣି ତାହା ବା ଯଦି ସତ୍ୟ ହୋଇଥାନ୍ତା, ଆମେ ଏହି କଳୁଷିତ ଯୁଗରେ ମଧ୍ୟ ରାମକୃଷ୍ଣ, ବିବେକାନନ୍ଦ ଓ ଗାନ୍ଧିଙ୍କ ପରି ପ୍ରକୃତରେ ଅଲୌକିକ ମହାମାନବ-ମାନଙ୍କୁ ପାଇଥାନ୍ତୁ କିପରି ?

ଏହି "ଜନ୍ମ-ନ ହେବା" ଆଦର୍ଶ ଦୀର୍ଘ କାଳଧରି ଭାରତୀୟ ବା ହିନ୍ଦୁ ଚେତନାରେ ଓତପ୍ରୋତ ଭାବରେ ଜଡ଼ିତ ହୋଇଯାଇଛି । ଅନ୍ୟ ଲୋକ କଥା ଛାଡ଼, ଆମର ପ୍ରିୟ ମହାକବି କାଳିଦାସ, ଯାହାଙ୍କର କାବ୍ୟନାଟକର ପ୍ରତି ପଂକ୍ତିରେ ଆମେ ଏହି ଧରାଧାମର ଅପୂର୍ବ ରୂପ, ରସ, ବର୍ଣ୍ଣ, ଗନ୍ଧର ପରମ ମନୋଜ୍ଞ ଚିତ୍ର ପାଉ, ଯାହାଙ୍କର ସାରା ରଚନାବଳି ଜୀବନାନନ୍ଦରେ ଟଳମଳ ସେ ମଧ୍ୟ, ପାଠକେ ଦେଖିବେ, ବିଶ୍ୱ-ସାହିତ୍ୟର ଅପୂର୍ବ ରତ୍ନ 'ଅଭିଜ୍ଞାନ-ଶକୁନ୍ତଳମ୍' ନାଟକର ଶେଷ ଶ୍ଳୋକରେ ତାଙ୍କର ଇଷ୍ଟଦେବତା ନୀଳଲୋହିତ (ଶିବ)ଙ୍କୁ "ନ-ପୁନର୍ଭବ" ବା "ଆଉ-ପୁନର୍ଜନ୍ମ-ନ ହେଉ" ପ୍ରାର୍ଥନା କରିଛନ୍ତି !! ଏବଂ ପାଠକମାନଙ୍କ ନିକଟରେ ଏହି ଲେଖକ ବ୍ୟକ୍ତିଗତ ସ୍ୱୀକାରୋକ୍ତି କରିବାକୁ ଆଦୌ ଲଜ୍ଜିତ ନୁହେଁ ଯେ, ଏହି ଲେଖକର, ତା'ର ଇଷ୍ଟଦେବ ନିକଟରେ ଦୈନନ୍ଦିନ ପ୍ରାର୍ଥନା ମଧ୍ୟ,—ନ ପୁନର୍ଭବ ! ସେଥିଲାଗି ତାର-ଯୁକ୍ତି ଅଲଗା । କାରଣ, ଗାନ୍ଧି, ରବୀନ୍ଦ୍ରନାଥ, ବିବେକାନନ୍ଦ, ରାମକୃଷ୍ଣ ଜନ୍ମ ହେବାର ସିନା ଅର୍ଥ ଅଛି; କାରଣ ସେମାନେ ଉଭୟ ଜୀବନ ଓ ମୃତ୍ୟୁକୁ ଐଶ୍ୱର୍ଯ୍ୟବନ୍ତ କରିଯାଇଛନ୍ତି । କିନ୍ତୁ ଆମପରି ଛେଳି-ଘୁଷୁରୀ ସବୁ ଜନ୍ମ ହେବାର କି ମାନେ ଥାଇପାରେ ? ଆମେ କାହିଁକି 'ପୁନର୍ଜନ୍ମ' ଲୋଡ଼ି, ଏ ପୃଥିବୀକୁ ପୁଣି ଭାରାକ୍ରାନ୍ତ କରିବାକୁ ଯିବା ?

ଅବଶ୍ୟ ଆମେ ଏବେ ବୈଜ୍ଞାନିକ ଉପାୟରେ, ପାର୍ଥିବ କାରଣ (ଅର୍ଥାତ୍ ଅନ୍ନାଭାବ) ପାଇଁ ହିଁ ଜନ୍ମ-ନିରୋଧ (ଯାହା ହିଁ ପୁନର୍ଜନ୍ମ ନ ହେବା)ରେ ଲାଗି ପଡ଼ିଛୁଁ; କିନ୍ତୁ ହୁଏତ ଜନ୍ମ ଦେଇ ଏ ଧରାକୁ ଭାରାକ୍ରାନ୍ତ ନ କରିବା ପାଇଁ, ଅନ୍ନାଭାବ ଅପେକ୍ଷା ଗୁରୁତର ଆଧ୍ୟାତ୍ମିକ କାରଣ ରହିଛି ।

(୧୬)

ଆବ୍ରହ୍ମଭୁବନାଲ୍ଲୋକାଃ ପୁନରାବର୍ତ୍ତିନୋଽର୍ଜୁନ
ମାମୁପେତ୍ୟ ତୁ କୌନ୍ତେୟ ପୁନର୍ଜନ୍ମ ନ ବିଦ୍ୟତେ । ୧୬ ।

ଅର୍ଜୁନ, ଆବ୍ରହ୍ମଭୁବନାତ୍ ଲୋକାଃ (ବ୍ରହ୍ମଲୋକରୁ ଆରମ୍ଭ କରି ସମସ୍ତ ଲୋକର ଅଧିବାସୀମାନେ) ପୁନଃ ଆବର୍ତ୍ତିନଃ (ପୁନରାବୃତ୍ତିଶୀଳ, ବା ବାରମ୍ବାର ଜନ୍ମ-ଜୀବନ-ମୃତ୍ୟୁ ଭିତର ଦେଇ ଗତି କରିଥା'ନ୍ତି) ତୁ (କିନ୍ତୁ) ହେ କୌନ୍ତେୟ,

Digitized by srujanika@gmail.com

(ଅର୍ଜୁନ) ମାଂ ଉପେତ୍ୟ (ମତେ ପାଇଲେ) ପୁନର୍ଜନ୍ମ ନ ବିଦ୍ୟତେ (ଆଉ ପୁନର୍ଜନ୍ମ ହୁଏ ନାହିଁ) ।

ଅନୁବାଦ—

ହେ ଅର୍ଜୁନ, ବ୍ରହ୍ମ ଲୋକରୁ ଆରମ୍ଭ କରି ଏହି ପୃଥିବୀ ଲୋକ ପର୍ଯ୍ୟନ୍ତ ସକଳ ଲୋକର ଅଧିବାସୀଏ ଜନ୍ମ-ମରଣ-ଚକ୍ରରେ ଆବର୍ତ୍ତିତ ହୋଇଥାନ୍ତି । କେବଳ ମତେ (ଈଶ୍ୱରଙ୍କୁ) ପ୍ରାପ୍ତ ହୋଇଗଲେ ଜୀବର ଜନ୍ମ-ମରଣ-ଚକ୍ରର ଆବର୍ତ୍ତନ ବନ୍ଦ ହୋଇଥାଏ, ନଚେତ୍ ନୁହେଁ ।

ବିଶେଷ ଭାଷ୍ୟ—

ଭାରତୀୟ ଶାସ୍ତ୍ରରେ ପୃଥିବୀକୁ ଧରି ସାତଟି 'ଲୋକ'ର କଳ୍ପନା କରାଯାଇଛି । ସେଗୁଡିକ ହେଲା—ଭୂଃ, ଭୂବଃ, ସ୍ୱଃ, ମହଃ, ଜନଃ, ତପଃ ଓ ସତ୍ୟ । ସତ୍ୟ ଲୋକ ବା ବ୍ରହ୍ମଲୋକ ଉଚ୍ଚତମ । ଇତିମଧ୍ୟରେ ଥିଓସଫିଷ୍ଟ (Theosophist) ବା ବ୍ରହ୍ମବିଦ୍ୟାବିତ୍‌ମାନେ ବୈଜ୍ଞାନିକ ରୀତିରେ ଗବେଷଣା କରି ଆତ୍ମାର ଭିନ୍ନ ଭିନ୍ନ ଅବସ୍ଥା ପାଇଁ ଭିନ୍ନ ଭିନ୍ନ ସାତଟି ଲୋକର ଅବସ୍ଥିତି ଉପରେ ନିଃସନ୍ଦେହ ମତ ପ୍ରକାଶ କରିଛନ୍ତି । ନିମ୍ନରୁ ଊର୍ଦ୍ଧ୍ୱ କ୍ରମରେ ସେସବୁ ଏହିପରି—

Physical (ଭୂଃ), Astral (କାମଲୋକ) Mental (ସ୍ୱଃ ବା ଦେବ-ସ୍ଥାନ), Buddhic ବା Intutional, Spiritual (ଆତ୍ମିକ) Monadic (ଅନୁପାଦିକ) ଆଦି ବା ବ୍ରହ୍ମଲୋକ ।

ଥିଓସଫି ଅନୁସାରେ ପାର୍ଥିବ ବା ଶାରୀରିକ ଜନ୍ମ, ଜୀବାତ୍ମାର ବିକାଶ ପାଇଁ ଆବଶ୍ୟକ, କାରଣ ଏ ଲୋକ (ଭୂଃ)ରେ ଆତ୍ମାର ଏପରି କେତେକ ଅଭିଜ୍ଞତା ମିଳେ, ଯାହା ଅନ୍ୟ ଲୋକରେ ମିଳେନା । ଆତ୍ମା ଭିନ୍ନ ଭିନ୍ନ ଲୋକର ବହୁବିଧ ଅଭିଜ୍ଞତା ପାଇ ପାଇ ଏହି ସପ୍ତଲୋକ ଭିତରେ ଜନ୍ମଜନ୍ମାନ୍ତର ଦେଇ ଯାତାୟାତ କରେ ଏବଂ ଶେଷରେ ସଂପୂର୍ଣ୍ଣ ତୃଷ୍ଣାଶୂନ୍ୟ ହୋଇ ପଡିଲେ ଯେଉଁଠୁ ଆସିଥାଏ ସେଇଠାକୁ ଚାଲିଯାଏ । ଥିଓସଫିରେ ତେଣୁ "ମତେ ପାଇଲେ ଆଉ ଜନ୍ମ ନାହିଁ"—ଏପରି କୌଣସି କଥା ନାହିଁ । ବାସନା-ଶୂନ୍ୟତା ଦ୍ୱାରାହିଁ ଥିଓସଫୀୟ 'ନ-ପୁନର୍ଭବ' ସ୍ୱାଭାବିକ ଭାବରେ ଘଟିଥାଏ ।

(୧୭)

ସହସ୍ର ଯୁଗ ପର୍ଯ୍ୟନ୍ତ ମହର୍ଯଦ୍ ବ୍ରହ୍ମଣୋ ବିଦୁଃ
ରାତ୍ରିଂ ଯୁଗ ସହସ୍ରାନ୍ତାଂ ତେଽହୋରାତ୍ରବିଦୋଜନାଃ । ୧୭ ।

Digitized by srujanika@gmail.com

ସହସ୍ର ଯୁଗ ପର୍ଯ୍ୟନ୍ତଂ (ଦେବତାମାନଙ୍କର ସହସ୍ର ଯୁଗରେ) ବ୍ରହ୍ମଣଃ (ବ୍ରହ୍ମାଙ୍କର) ଯତ୍ ଅହଃ (ଯେଉଁ ଗୋଟିଏ ଦିନ) [ତଥା] ଯୁଗସହସ୍ରାନ୍ତାଂ ରାତ୍ରିଂ (ସହସ୍ର ଯୁଗ ପରିମିତ ରାତ୍ରି); [ଯେଉଁମାନେ ଏହା] ବିଦୁଃ (ଜାଣନ୍ତି), ତେ ଜନାଃ (ସେହି ଲୋକମାନେ) ଅହୋରାତ୍ରବିଦଃ (ଦିବାରାତ୍ରି ତତ୍ତ୍ୱ ଜାଣନ୍ତି ବୋଲି କହିବାକୁ ହେବ) ।

ଅନୁବାଦ—

ହେ ଅର୍ଜ୍ଜୁନ, ମନୁଷ୍ୟ ନୁହେଁ, ଦେବତାମାନଙ୍କର ସହସ୍ର ଯୁଗ ହିଁ ବ୍ରହ୍ମାଙ୍କର ଏକ ଦିନ । ବ୍ରହ୍ମାଙ୍କର ଏକରାତ୍ରି ମଧ୍ୟ ସେହିପରି ଦେବତାମାନଙ୍କର ସହସ୍ର ଯୁଗ । ଏହା ଯେ ଜାଣନ୍ତି ସେଇମାନେ ହିଁ ବିଧାତାର ଦିବା-ରାତ୍ରି-ତତ୍ତ୍ୱ ଜାଣି ପାରିଛନ୍ତି ବୋଲି ବୁଝାଯିବ ।

ବିଶେଷ ଭାଷ୍ୟ —

ଭାରତୀୟମାନଙ୍କର କାଳଜ୍ଞାନ ସଂପୂର୍ଣ୍ଣ ଆଧୁନିକ ବିଜ୍ଞାନ-ସମ୍ମତ ଥିଲା । ଚାରି ହଜାର ବର୍ଷ ତଳେ ଜଣେ ସ୍ରଷ୍ଟା ଆଦେଶ ଦେଇ ଏହି ପୃଥିବୀକୁ ଛଅ ଦିନରେ ତିଆରି କରି ସପ୍ତମ ଦିନ ବିଶ୍ରାମ ନେଲେ, ଏ ପ୍ରକାର ଶିଶୁ-କଳ୍ପନା ସେମାନଙ୍କର ନ ଥିଲା । ବୌଦ୍ଧ ଓ ବେଦାନ୍ତ ଉଭୟ ଶାସ୍ତ୍ରମାନଙ୍କରେ ସୃଷ୍ଟିର ଚକ୍ର-ଜାଳ (Cycles of Creation) ବର୍ଣ୍ଣିତ । କଳ୍ପ ପରେ କଳ୍ପାନ୍ତର ଅନାଦି କାଳରୁ ଚାଲିଛି ଓ ଚାଲି ରହିବ । ଆମ୍ଭେମାନେ ଆମର ପାର୍ଥିବ ଇଚ୍ଛା-ଦ୍ୱେଷ-ପ୍ରଭାବିତ ହୋଇ ସମୟ ଦ୍ୱାରା ନିଜକୁ ସୀମାବଦ୍ଧ କରିପକାଉଁ । ଆମର ଅଭିଳାଷ ସବୁ ସ୍ଥାନ ଓ କାଳର ସୀମିତ ଅଭିଜ୍ଞତାରେ ଆବଦ୍ଧ ରହେ । ଗୀତା, ଏହି ଶ୍ଳୋକରେ ଆମର ସେହି ସୀମିତ ସଂକୀର୍ଣ୍ଣ ଚେତନାକୁ ସୁଦୂରପ୍ରସାରିତ କରିଦେବାକୁ ଯାଇଛନ୍ତି, ଯାହା ଫଳରେ କି ଆମର ଏହି ଜୀବନଟା କାଳର ଏକ ସାମାନ୍ୟ ବିନ୍ଦୁ ବୋଲି ହିଁ ପ୍ରତୀତ ହୋଇ ଉଠିବ ଏବଂ ଯା ଫଳରେ ଆମେ ଏହି ବିନ୍ଦୁର ସଂକୀର୍ଣ୍ଣତାରୁ ବାହାରି, ଆମର ମୌଳିକ ସିଦ୍ଧିକୁ ଲୋଡ଼ ବସିବା ।

ଥରେ ଜନୈକ ଭିକ୍ଷୁ ଗୌତମ ବୁଦ୍ଧଙ୍କୁ ଏହି କାଳନେଇ ପ୍ରଶ୍ନ କରିଥିଲା —ହେ ମହାଭାଗ, କଳ୍ପ କେତେ ଦୀର୍ଘ ? ବୁଦ୍ଧ ଉତ୍ତର ଦେଇଥିଲେ—"ଭାଇ, ଯୁଗ ସବୁ ପ୍ରକୃତରେ ଏତେ ଦୀର୍ଘ ଯେ ତାହା ଏତେ ବର୍ଷ ବା ଏତେ ଶତାବ୍ଦୀ ବା ଏତେ ସହସ୍ର ବର୍ଷରେ ମଧ୍ୟ ମପାଯାଇ ପାରିବ ନାହିଁ ।"

ପ୍ରଶ୍ନ—କୌଣସି ଦୃଷ୍ଟାନ୍ତ ଦ୍ୱାରା ତାହା ବୁଝାଇ ହେବ କି ?"

ଉତ୍ତର—"ହଁ ଭାଇ, ହୋଇପାରିବ—କଳ୍ପନା କର ଏକ ପର୍ବତଶିଖର ଦଣ୍ଡାୟମାନ, ଯାହାର ଉଚ୍ଚତା ଚାରିଯୋଜନ ଓ ଗୋଲେଇ ମଧ୍ୟ ଚାରି

Digitized by srujanika@gmail.com

ଯୋଜନ । ଏହା ପୁଣି କେବଳ ଗୋଟିଏ ବଗଟ ନଦା ପଥର—ସେଥିରେ କୌଣସି ଫାଟ ନାହିଁ କି କୌଣସିଠାରେ ଫମ୍ପା ଜାଗା ମଧ୍ୟ ନାହିଁ । ବର୍ତ୍ତମାନ କଳ୍ପନା କର ଯେ ପ୍ରତି ଶହେବର୍ଷ ଶେଷରେ ଜଣେ ଲୋକ ଆସି ଖଣ୍ଡିଏ ବନାରସୀ ରେଶମବସ୍ତ୍ର ଦେଇ ତାକୁ ଟିକିଏ ଘଷି ଦେବ । ଏଥିରେ ସେହି ପର୍ବତଶୃଙ୍ଗ ଯେତେ କାଳରେ ଧୋରି ହୋଇଯିବାର ତୁମେ ଆଶା କର, ଗୋଟିଏ କଳ୍ପର ବିସ୍ତାର ତା'ଠୁ ଅଧିକ ନିଶ୍ଚୟ ଜାଣିବ । ପୁଣି ଏହିପରି ଦୀର୍ଘ କଳ୍ପର, ଶତ ନୁହେଁ, ସହସ୍ର ନୁହେଁ, ନିୟୁତ-ନିୟୁତ-ସଂଖ୍ୟକ କଳ୍ପ ଅତୀତ ହୋଇଗଲାଣି ଭାଇ !"

ସମଗ୍ର ବିଶ୍ୱରେ ଅତୁଳନୀୟ ଏହି କଳ୍ପନାଶକ୍ତି ! କେବଳ ଏହି କଳ୍ପନା, ଏହି ସୁଦୂରପ୍ରସାରୀ ଜ୍ଞାନହିଁ, ମନୁଷ୍ୟକୁ ସକଳ କ୍ଷୁଦ୍ରତା ଓ ସଂକୀର୍ଣ୍ଣତାରୁ ଊର୍ଦ୍ଧ୍ୱକୁ ଉଠାଇ ନେବାର କଥା । ସେଇଥିପାଇଁ ହିଁ ଗୀତା, ହୁଏତ ଏହି ଅଧ୍ୟାୟରେ କାଳର ଅସୀମତାକୁ ଅଧ୍ୟାତ୍ମ-ଶିକ୍ଷାର ଏକ ଉପାୟ ରୂପେ ଏଠାରେ ପ୍ରବର୍ତ୍ତିତ କରିଛନ୍ତି ବୋଲି ପାଠକେ ଜାଣିବେ ।

(୧୮)

ଅବ୍ୟକ୍ତାଦ୍ ବ୍ୟକ୍ତୟଃ ସର୍ବାଃ ପ୍ରଭବନ୍ତ୍ୟହରାଗମେ
ରାତ୍ର୍ୟାଗମେ ପ୍ରଲୀୟନ୍ତେ ତତ୍ରୈବାବ୍ୟକ୍ତ ସଂଜ୍ଞକେ । ୧୮ ।

ଅହରାଗମେ (ବ୍ରହ୍ମାଙ୍କର ଦିବସାଗମ ହେଲେ) ଅବ୍ୟକ୍ତାତ୍ (ଅବ୍ୟକ୍ତରୁ) ସର୍ବାଃବ୍ୟକ୍ତୟଃ (ସମସ୍ତ ବ୍ୟକ୍ତ ପଦାର୍ଥ) ପ୍ରଭବନ୍ତି (ଉତ୍ପନ୍ନ ହୁଅନ୍ତି) । ରାତ୍ର୍ୟାଗମେ (ବ୍ରହ୍ମାଙ୍କର ରାତ୍ରି ସମାଗମ ହେଲେ) ତତ୍ର ଏବ ଅବ୍ୟକ୍ତସଂଜ୍ଞକେ (ପୁଣି ସେହି ଅବ୍ୟକ୍ତ ନାମକ ପଦାର୍ଥରେ) ପ୍ରଲୀୟନ୍ତେ (ଲୟ ପ୍ରାପ୍ତ ହୁଅନ୍ତି) ।

ଅନୁବାଦ —

ହେ ଅର୍ଜୁନ, ବ୍ରହ୍ମାଙ୍କର ଦିନ ଆରମ୍ଭ ହେଲେ ଏହି ସୃଷ୍ଟିର ସକଳ ପ୍ରକାଶିତ (ବ୍ୟକ୍ତ) ବସ୍ତୁ ଓ ଜୀବ, ଅବ୍ୟକ୍ତ (ପ୍ରକୃତି)ରୁ ଉଦ୍ଭୂତ ହୋଇଥାନ୍ତି ଏବଂ ବ୍ରହ୍ମାଙ୍କର ରାତ୍ରି ଆସିଗଲେ ଏ ସମସ୍ତେ ପୁଣି ସେହି ଅବ୍ୟକ୍ତରେ ଲୀନ ହୋଇଯାନ୍ତି ।

ବିଶେଷ ଭାଷ୍ୟ—

ଏଠାରେ ଏକ ସୃଷ୍ଟି-ଚକ୍ର (କଳ୍ପ)ର ଆରମ୍ଭକୁ ବ୍ରହ୍ମା (ସ୍ରଷ୍ଟା, ପ୍ରଜାପତି, ବା ବିଧାତା)ଙ୍କର ଦିନ ଏବଂ କଳ୍ପକ୍ଷୟକୁ ତାଙ୍କର ରାତ୍ରି ବୋଲି ରୂପକ ଭାବରେ ବର୍ଣ୍ଣନା କରାଯାଇଛି ମାତ୍ର । ଏହି ସୃଷ୍ଟି ଓ ସଭ୍ୟତାର କ୍ରମିକ ଧ୍ୱଂସ ଉପରେ କାହାର ସନ୍ଦେହ ହେଉଥିଲେ, ସେମାନେ ପ୍ରସିଦ୍ଧ ବ୍ରିଟିଶ ବୈଜ୍ଞାନିକ ସାର୍

Digitized by srujanika@gmail.com

ଜେମ୍‌ସ ଜୀନସ୍‌ଙ୍କ ଜନପ୍ରିୟ ଗ୍ରନ୍ଥ "ମିଷ୍ଟେରି ଅଫ୍ ଦି ଇଉନିଭର୍ସ୍" ଉପରେ ଆଖି ପକାଇପାରନ୍ତି । ତାର ପ୍ରଥମ ଅଧ୍ୟାୟର ବିଷୟ ହେଉଛି—"ମୁମୂର୍ଷୁ ସୂର୍ଯ୍ୟ !!" ଅର୍ଥାତ୍ ଆମ ସୌରମଣ୍ଡଳର ପ୍ରାଣକେନ୍ଦ୍ର ସୂର୍ଯ୍ୟ (ବେଦର ସବିତା ବା ଆଦିତ୍ୟ) ମଧ୍ୟ ଆସ୍ତେ ଆସ୍ତେ ପ୍ରାଣତ୍ୟାଗ କରୁଛନ୍ତି ।

ନିଜର ମହା ପରିନିର୍ବାଣ ବେଳେ ଅଢ଼େଇ ହଜାର ବର୍ଷ ତଳେ ବୁଦ୍ଧ ମଧ୍ୟ ଏହି ବିରାଟ ସତ୍ୟ ପ୍ରକାଶ କରିଯାଇଥିଲେ । ରୋରୁଦ୍ୟମାନ ପ୍ରିୟ ଶିଷ୍ୟ ଆନନ୍ଦଙ୍କୁ ମୁମୂର୍ଷୁ ବୁଦ୍ଧ କହିଥିଲେ—"କାହିଁକି ବିଳାପ କରୁଛ ଆନନ୍ଦ ? ମୃତ୍ୟୁ ଓ ବିନାଶ ଏ ସୃଷ୍ଟିର ଅଲଂଘ୍ୟ ନିୟମ । କେବଳ ଜଡ, ଜୀବ ବା ମନୁଷ୍ୟ ନାଶ ପ୍ରାପ୍ତ ହେଉ ନାହାନ୍ତି, ଦିନେ ଆକାଶର ଗ୍ରହ, ନକ୍ଷତ୍ର, ଚନ୍ଦ୍ର, ତାରା ସବୁହିଁ ବିନାଶ ପ୍ରାପ୍ତ ହେବେ ଆନନ୍ଦ ।"

କି ଅନ୍ତର୍ଦୃଷ୍ଟି ! କି ପ୍ରଜ୍ଞା ! କ ମହତ୍ ବାଣୀ ! ମନୁଷ୍ୟ ଚେତାଥିବା-ବେଳେ ଯେଉଁ ବହୁରୂପୀ ଜଗତକୁ ଦେଖୁଥାଏ, ଶୋଇପଡ଼ିଲେ ସେହି ସମଗ୍ର ସୃଷ୍ଟି ତା' ପ୍ରତି ଉଭେଇଯାଏ । ତାହା ତା' ପ୍ରତି ପୁଣି ପ୍ରକାଶମାନ ହୁଏ ଯେତେବେଳେ ସେ ନିଦରୁ ଉଠେ । ତେଣୁ ସୃଷ୍ଟିର ସ୍ଥିତି, ମନୁଷ୍ୟ ପ୍ରତି ଆପେକ୍ଷିକ ମାତ୍ର । ମଡା ପକ୍ଷରେ ସୃଷ୍ଟି ଏକାବେଳେକେ ଅସ୍ତିତ୍ୱହୀନ । ବ୍ରହ୍ମାଙ୍କ ଦିନ ଓ ରାତି ନେଇ ତେଣୁ ଏହି ଆପେକ୍ଷିକ ଜଗତ । ଆମେ ବଂଚିବାଟା ଆମ ହାତରେ ନାହିଁ; ପୁଣି ସମଗ୍ର ସୃଷ୍ଟି ମଧ୍ୟ ଦିନେ ଅନାୟତ୍ତ ହୋଇ ବ୍ରହ୍ମାଙ୍କ ରାତ୍ର୍ୟାଗମବେଳେ ଲୟ ପ୍ରାପ୍ତ ହୋଇଯିବା ଅସମ୍ଭବ ନୁହେଁ, ଯେପରିକି ମହାନ୍ ସୂର୍ଯ୍ୟ, ଅନାୟତ୍ତ ଭବରେ ଆସ୍ତେ ଆସ୍ତେ ମରିଚାଲିଛି । ତାହାହିଁ ପରଶ୍ଳୋକରେ ବର୍ଣ୍ଣିତ ।

(୧୯)

ଭୂତଗ୍ରାମଃ ସ ଏବାୟଂ ଭୂତ୍ୱା ଭୂତ୍ୱା ପ୍ରଲୀୟତେ
ରାତ୍ର୍ୟା ଗମେଽବଶଃ, ପାର୍ଥ, ପ୍ରଭବତ୍ୟହରାଗମେ । ୧୯ ।

ହେ ପାର୍ଥ (ଅର୍ଜ୍ଜୁନ) ଅୟଂ ସ ଭୂତଗ୍ରାମଃ (ଏହି ଯେ ଭୂତ ବା ଜୀବ ସମୂହ) [ଏମାନେ] ଭୂତ୍ୱା ଭୂତ୍ୱା (ପୁନଃ ପୁନଃ ଜନ୍ମଗ୍ରହଣ କରି) ରାତ୍ର୍ୟାଗମେ (ରାତି ଆସିଲେ, କଳ୍ପକ୍ଷୟର ବେଳ ଆସିଗଲେ) ପ୍ରଲୀୟତେ (ନଷ୍ଟ ହୋଇଯାନ୍ତି) [ଏବଂ] ଅହରାଗମେ (ଦିନ ଆସିଲେ, ଅର୍ଥାତ୍ ପୁଣି କଳ୍ପାରମ୍ଭର ବେଳ ଆସିଲେ) ପ୍ରଭବତ (ଜନ୍ମଗ୍ରହଣ କରନ୍ତି) ।

ଅନୁବାଦ —

ହେ ଅର୍ଜ୍ଜୁନ, ଜାଣିରଖ ଯେ, ପୃଥିବୀସ୍ଥ ଜୀବ ସମୂହ, ଏହିପରି ଭବରେହିଁ ସଂପୂର୍ଣ୍ଣ ଅନାୟତ୍ତ ଭବରେ, ଦିବସାଗମରେ ବାରମ୍ବାର ଜନ୍ମ-ଜୀବନ ଲାଭ କରି କରି ଶେଷରେ ରାତି ଆସିଲେ ଲୀନ ହୋଇଯାନ୍ତି ।

Digitized by srujanika@gmail.com

(୨୦)

**ପରସ୍ତସ୍ମାତ୍ତୁ ଭାବୋଽନ୍ୟୋଽବ୍ୟକ୍ତୋଽବ୍ୟକ୍ତାତ୍ ସନାତନଃ ।
ଯଃ ସ ସର୍ବେଷୁ ଭୂତେଷୁ ନଶ୍ୟତ୍ସୁ ନ ବିନଶ୍ୟତି । ୨୦ ।**

ତୁ (କିନ୍ତୁ) [ଜାଣିରଖ ଯେ] ତସ୍ମାତ୍ ଅବ୍ୟକ୍ତାତ୍ ପରଃ ଅନ୍ୟଃ ସନାତନଃ (ସେହି ସାଂଖ୍ୟ-ଦର୍ଶନର 'ପ୍ରକୃତି' ଯାହାକୁ ମଧ୍ୟ ଅବ୍ୟକ୍ତ କୁହାଯାଏ ତା ଠାରୁ ଆଉ ଏକ ଶ୍ରେଷ୍ଠତର ଭିନ୍ନ ସନାତନ ଅବ୍ୟକ୍ତ ଅଛନ୍ତି) ଯଃ ଅବ୍ୟକ୍ତ ଭାବଃ (ଯେଉଁ ଅବ୍ୟକ୍ତ ଅବସ୍ଥା) ସର୍ବେଷୁ ଭୂତେଷୁ ନଶ୍ୟତ୍ସୁ ସଃ ନ ବିନଶ୍ୟତି (ସବୁଜୀବ ବିନାଶପ୍ରାପ୍ତ ହେଲେ ମଧ୍ୟ ସେ ନଷ୍ଟ ହୁଏ ନାହିଁ) ।

ଅନୁବାଦ—

କିନ୍ତୁ ହେ ଅର୍ଜୁନ, ସେହି ଜୀବଗ୍ରାମ ଯେଉଁ ଅବ୍ୟକ୍ତରେ ଲୀନ ହୁଅନ୍ତି ସେହି ଅବ୍ୟକ୍ତ ବା ପ୍ରକୃତିଠାରୁ ଅଧିକ ଶ୍ରେଷ୍ଠ ଆଉ ଏକ ଅବ୍ୟକ୍ତ ଅବସ୍ଥା ଅଛି ଯାହା ସନାତନ ଏବଂ ସବୁଜୀବ ବିନାଶପ୍ରାପ୍ତ ହେଲେ ମଧ୍ୟ ସେ ଚିର ଅବିନାଶୀ ହୋଇ ରହିଥାନ୍ତି ।

ବିଶେଷ ଭାଷ୍ୟ —

ସାଂଖ୍ୟର ପୁରୁଷ (ଚେତନ) ଓ ପ୍ରକୃତି (ଜଡ଼)କୁ ପାଠକେ ସ୍ମରଣ କରିବେ । ସାଂଖ୍ୟ ମତରେ ଏ ଉଭୟେ ଅନାଦି ଓ ସନାତନ । ସତ୍ତ୍ୱ-ରଜ-ତମ ଏହି ତିନି ଗୁଣର ସାମ୍ୟାବସ୍ଥାରେ ପ୍ରକୃତି 'ଅବ୍ୟକ୍ତ' ଥାଏ । ପୁରୁଷ ସମ୍ପର୍କରେ ଆସି ଗୁଣର ତାରତମ୍ୟ ହେଲେ ସୃଷ୍ଟି ଆରମ୍ଭ ହୁଏ ଓ ଚଳମାନ ରହେ, ଯେ ପର୍ଯ୍ୟନ୍ତ କଳ୍ପକ୍ଷୟ ହୋଇ ପୁଣି ପ୍ରକୃତର ଅବ୍ୟକ୍ତାବସ୍ଥା ଫେରି ନ ଆସିଛି ।

କିନ୍ତୁ ବେଦାନ୍ତ ଦର୍ଶନ ଅନୁଯାୟୀ ସୃଷ୍ଟିରେ ଏକମାତ୍ର ବସ୍ତୁ ହେଲା ବ୍ରହ୍ମ । ବ୍ରହ୍ମ, ବିକାରଶୂନ୍ୟ । ତାର ପରିବର୍ତ୍ତନ ନାହିଁ । ପରିବର୍ତ୍ତନଶୀଳ ଏହି ଜଗତ୍ ମଧ୍ୟ ସେହି ବ୍ରହ୍ମ; କିନ୍ତୁ ତାହାର ସେପରି ଦେଖାଯିବାଟା କେବଳ ଆମର ସ୍ଥାନ-କାଳ-ଇନ୍ଦ୍ରିୟଜନିତ ଆପେକ୍ଷିକ ଦୃଷ୍ଟି ଯୋଗୁଁ । ବାହାରର ଆପାତ ସୃଷ୍ଟି ଓ ଧ୍ୱଂସ ଭିତରେ ନିତ୍ୟ ଓ ନିର୍ବିକାର ରହିଛି,—ବ୍ରହ୍ମ । ସବୁଜୀବ ଧ୍ୱଂସପ୍ରାପ୍ତ ହେଲେହେଁ, ପ୍ରକୃତ ଅବ୍ୟକ୍ତ ଅବସ୍ଥାକୁ ଫେରିଗଲେହେଁ, ସେହି ଶ୍ରେଷ୍ଠତର 'ଅବ୍ୟକ୍ତ' ବା ବ୍ରହ୍ମହିଁ ଚିର ବର୍ତ୍ତମାନ ।

ବସ୍ତୁତଃ ଏହି ସମଗ୍ର ସୃଷ୍ଟି ସେହି 'ଅକ୍ଷର' । କେବଳ ଦେଶ, କାଳ ନିମିତ୍ତର ପ୍ରହେଳିକା ଯୋଗୁଁ ହିଁ ଯାହା ଅକ୍ଷର, ତାହା 'କ୍ଷର' 'ଜଗତ୍' ବା 'ସଂସାର' ରୂପେ ପ୍ରତୀୟମାନ । ତାହାହିଁ ବେଦାନ୍ତର ମାୟା । ସିନେମାର ପ୍ରବହମାନ ଛାୟା-ନର-ନାରୀ ଓ ଘଟଣାବଳିର ଆପାତ ସ୍ଥିତି ଆସେ ପର୍ଦ୍ଦାରେ

Digitized by srujanika@gmail.com

ଥିବା ସ୍ଥିର, ଅଚଳ, ଧଳା ପର୍ଦ୍ଦାଟି ଯୋଗୁଁ । ସେହିପରି ଏହି ଚିର-ପ୍ରବହମାଣ ସଂସାର । ଏହା ସିନେମାର ଛାୟା-ଚିତ୍ର । ଏହାର ଆପାତ ଜୀବନ୍ତତା ବା ବାସ୍ତବତା ଆସୁଛି, ସ୍ଥାନ, କାଳ, ନିମିତ୍ତର ପ୍ରକ୍ରିୟା ଯୋଗୁଁ, ପଶ୍ଚାତ୍‌ପଟର ଅ-କ୍ଷର ବ୍ରହ୍ମଙ୍କଠାରୁ । ବ୍ୟକ୍ତାବ୍ୟକ୍ତର ଚକ୍ରରୂପୀ ଏହି ସଂସାରର ପଛରେ ଏବଂ ସେଥିରେ ଓତପ୍ରୋତ ଜଡ଼ିତ ରହି ମଧ୍ୟ, ସେ ପରମ ଅବ୍ୟକ୍ତ । ସେହି ହିଁ ବ୍ରହ୍ମ ଓ ଈଶ୍ୱର । ସେ ସବୁ । ସେ ସତ୍ୟ ଏବଂ ସେହି ହିଁ ମାୟା । ସେହି ଏକମାତ୍ର ବାସ୍ତବତା, ସେହି ମଧ୍ୟ ନିଖିଳ ଆପେକ୍ଷିକତା ଯା ଭିତର ଦେଇ ଆମର ଇହଜୀବନ, ଆମେ ବଞ୍ଚୁଛୁ । ଯେ ପର୍ଯ୍ୟନ୍ତ ଆମେ ସେହି ପରମ ଅବସ୍ଥାକୁ ଫେରି ନ ଯାଇଛୁ ସେତେବେଳ ପର୍ଯ୍ୟନ୍ତ ଆମେ ଅପୂର୍ଣ୍ଣ ଓ ଅଶାନ୍ତ । ପରଶ୍ଳୋକ ଏହାହିଁ ପ୍ରସ୍ତର କରେ ।

(୨୧)

ଅବ୍ୟକ୍ତୋଽକ୍ଷର ଇତ୍ୟୁକ୍ତସ୍ତମାହୁଃ ପରମାଂ ଗତିମ୍
ଯଂ ପ୍ରାପ୍ୟ ନ ନିବର୍ତ୍ତନ୍ତେ ତଦ୍ଧାମ ପରମଂ ମମ । ୨୧ ।

[ସେହି ଯେଉଁ] ଅବ୍ୟକ୍ତଃ ଅକ୍ଷରଃ ଇତି ଉକ୍ତଃ (ଅବ୍ୟକ୍ତ, ଯେ କି ଚିର ଅବିନାଶୀ ହେବା ଯୋଗୁଁ ତାଙ୍କର ଅନ୍ୟ ନାମ ମଧ୍ୟ ଅକ୍ଷର) ତଂ ପରମାଂ ଗତିଂ ଆହୁଃ [ପଣ୍ଡିତମାନେ] ତାକୁହିଁ ମନୁଷ୍ୟର ଶ୍ରେଷ୍ଠ ଗତି ବୋଲି କହିଥାନ୍ତି) । ଯଂ ପ୍ରାପ୍ୟ (ଯାହାଙ୍କୁ ପାଇଲେ) [ମନୁଷ୍ୟ] ନ ନିବର୍ତ୍ତନ୍ତେ (ଆଉ ଏ ଦୁଃଖମୟ ସଂସାରକୁ ଫେରନ୍ତି ନାହିଁ) । ତତ୍ ମମ ପରମଂ ଧାମ (ତାକୁ ମୋର ଶ୍ରେଷ୍ଠ ବାସସ୍ଥାନ ବୋଲି ଜାଣିବ) ।

ଅନୁବାଦ —

ସେହି ବିଶିଷ୍ଟ ଅବ୍ୟକ୍ତ, ଯେ କୌଣସି ପ୍ରକାର ବିକାରହୀନତା ହେତୁ ଅକ୍ଷର ନାମରେ ମଧ୍ୟ ପରିଚିତ, ତାଙ୍କୁ ବିଜ୍ଞ ଲୋକେ ମନୁଷ୍ୟର ଶ୍ରେଷ୍ଠ (ପରମା) ଲକ୍ଷ୍ୟ (ଗତି) ବୋଲି କହିଥାନ୍ତି । ସେଠି ପହଞ୍ଚି ସାରିଲା ପରେ ଆଉ ଏ ଦୁଃଖମୟ ସଂସାରକୁ କେବେହେଲେ ଫେରିବାର ପ୍ରଶ୍ନ ନାହିଁ । ତାହାହିଁ ମୋର ଶ୍ରେଷ୍ଠ ଅଧିବାସ ବୋଲି ଜାଣିବ ।

ବିଶେଷ ଭାଷ୍ୟ —

ଅନ୍ୟ ଧର୍ମମାନଙ୍କରେ ସାଧାରଣତଃ 'ଈଶ୍ୱର' ସୃଷ୍ଟିର ବା ଆମର ପରିଚିତ ଏହି ସଂସାରର ବାହାରେ, ମେଘ ଉପରେ କୌଣସିଠାରେ ଅବସ୍ଥିତ ଥିବାର କଳ୍ପନା କରଯାଇ ଥାଏ, କିନ୍ତୁ ଏ ହେଲା ମନୁଷ୍ୟ ସଭ୍ୟତାର ଶୈଶବୀୟ କଳ୍ପନା । ମନୁଷ୍ୟ ଏଥି ମଧ୍ୟରେ ବିଜ୍ଞାନରେ ଅଶ୍ରୁତପୂର୍ବ ଅଗ୍ରଗତି କରିଥିଲେ ମଧ୍ୟ ଦେଖାଯାଉଛି ଯେ, ତାର ଈଶ୍ୱର-କଳ୍ପନା ସେହି ଶୈଶବୀୟ

Digitized by srujanika@gmail.com

ସରରେହିଁ ଏ ପର୍ଯ୍ୟନ୍ତ ରହିଯାଇଛ । କେବଳ ଭାରତବର୍ଷହିଁ ପରମ ଦୁଃସାହସି-କତାରେ, ଦିନେ ଈଶ୍ୱର ତତ୍ତ୍ୱର ଶେଷ ବୈଜ୍ଞାନିକ ସୀମାକୁ ଉଠି ପାରିଥିଲା ।

ଭାରତବର୍ଷ, ବେଳେ ଈଶ୍ୱରର ଅସ୍ତିତ୍ୱହିଁ ସ୍ୱୀକାର କରିନି ଏବଂ କହିଛ ଯେ ଏ ସୃଷ୍ଟି କେବଳ କେତେଗୁଡ଼ଏ ଅଲଙ୍ଘ୍ୟ, ଅନାଦି ନୟମ-ପରଂପରାର ଘାତ-ପ୍ରତଘାତ ଦେଇ ପ୍ରବହମାନ, ବା ଯଦି କୌଣସି ଈଶ୍ୱର ଅଛି, ତେବେ ସେ ମଧ୍ୟ ଏକ ନିୟମ ମାତ୍ର । ସେ ସୃଷ୍ଟିର ବାହାରେ, ମେଘ ଉପରେ ବସି, ଏକ ଖିଆଲୀ ରଜା ବା ଜମିଦାର ପରି ଦରବାର କରୁନାହାନ୍ତି । ଈଶ୍ୱର ନିଜ ସୃଷ୍ଟିରୁ ବାହାରେ ରହି ନ ପାରନ୍ତି । ସୃଷ୍ଟି ଓ ସ୍ରଷ୍ଟା ଏକ । ବିଧିହିଁ ବିଧାତା । ବିଧାତା ବିଧିରୁ ଭିନ୍ନ ହୋଇ ନ ପାରନ୍ତି । ବେଦାନ୍ତ ବ୍ରହ୍ମର "ଏକମେବା-ଦ୍ୱିତୀୟତ୍ୱ" ଘୋଷଣା କରି ଏବଂ ସ୍ଥାନ-କାଳ-ନମିତ୍ତ-ଜନିତ ମାୟାବାଦ ଆବିଷ୍କାର କରି ମନୁଷ୍ୟର ସକଳ ଜ୍ଞାନକୁ ଏହି ପ୍ରକାର ଏକକତା ଆଣିଦେଲା । ଅର୍ଥାତ୍ ଜୀବନ ଓ ଜୀବନ-ଦେବତା ଉଭୟେ କେତେଗୁଡ଼ଏ ଅଲଂଘ୍ୟ ନୟମ ମାତ୍ର ।

କିନ୍ତୁ ପରେ, ଭକ୍ତିବାଦ ଓ ଅବତାରବାଦ ଆସିବା ଫଳରେ ଭାରତ-ବର୍ଷର 'ଈଶ୍ୱର' ପୁଣି ସୃଷ୍ଟିର ବାହାରେ କୌଣସି ଏକ 'ପରମଧାମ'କୁ ଚାଲିଗଲେ । ପରବର୍ତ୍ତୀ ଶ୍ଳୋକରେହିଁ ଏହି 'ଭକ୍ତିଯୋଗ' ଆରମ୍ଭ ହେଉଛି । ଅଥଚ, ଗୀତା ବାରମ୍ବାର କହିଚାଲିଛନ୍ତି ଯେ, ମନୁଷ୍ୟ ପକ୍ଷରେ 'ଈଶ୍ୱରୋପଲବ୍ଧି' ଏକ ଆତ୍ମିକ ଅନୁଭବ ମାତ୍ର । ଯେତେବେଳେ ମନୁଷ୍ୟର କ୍ଷୁଦ୍ର ବ୍ୟକ୍ତିତ୍ୱ ସମଗ୍ର ଜୀବଜଗତ ଓ ସୃଷ୍ଟି ସହିତ ନିଜକୁ ଅଭିନ୍ନ ଓ ଏକୀଭୂତ ମନେ କରିବ, ସେତିକବେଳେହିଁ ସେ ପ୍ରକୃତ ଈଶ୍ୱରାନୁଭବ ପାଇବ । ତାହାହିଁ ବ୍ରହ୍ମ-ନିର୍ବାଣ-ବିଶ୍ୱମୟ ବ୍ରହ୍ମ ସହିତ ଏକୀଭବନ ।

ଈଶ୍ୱରର ଦ୍ୱୈତ କଳ୍ପନା ସବୁ ଧର୍ମରେ ସାଧାରଣ ଦୃଶ୍ୟ । ଅର୍ଥାତ୍, ଈଶ୍ୱର, ମନୁଷ୍ୟ ଓ ସୃଷ୍ଟିରୁ ବାହାରେ ଓ ଉର୍ଦ୍ଧ୍ୱରେ । ଏ କଳ୍ପନା ମାନବସଭ୍ୟତାର ଶୈଶବୀୟ କଳ୍ପନାମାତ୍ର । ଦ୍ୱିତୀୟ ସୋପାନ ହେଲା, ଈଶ୍ୱରଙ୍କୁ ସୃଷ୍ଟିରେ ପରିବ୍ୟାପ୍ତ ଶକ୍ତି ରୂପେ ପୂଜା କରିବା । ତୃତୀୟ ଓ ସଭ୍ୟଜନୋଚିତ ବୈଜ୍ଞାନିକ ଅନୁଭବ—ଈଶ୍ୱରଙ୍କୁ ତାଙ୍କର ସୃଷ୍ଟି ସହିତ ଏକ ଏବଂ ନିଜଠାରୁ ଅଭିନ୍ନ ମନେ କରିବା । ବିଜ୍ଞାନ କହୁଛି ଯେ, ଆଜିର ଗ୍ରହାଭିଯାନୀ ମନୁଷ୍ୟ ଆସିଛି ଏକକୋଷୀ 'ଆମିବା'ରୁ । ତେଣୁ ବୁଦ୍ଧତ୍ୱ ଓ ଗାନ୍ଧିତ୍ୱ ମଧ୍ୟ ଦିନେ ସେହି ଆମିବା ଭିତରେ ଲୁଚି ପଡ଼ିଥିଲା; ଆସ୍ତେ ଆସ୍ତେ ଫୁଟିଛି ମାତ୍ର । 'ଆମିବା' ଭିତରେ ଥିବା ଅପ୍ରକଟିତ ଅବ୍ୟକ୍ତ, କୋଟି କୋଟି ବର୍ଷ ପରେ ଏପରି ମହତ୍-ମନୋଜ୍ଞ ବ୍ୟକ୍ତତା ପାଇଛି । ଆମିବା ସହିତ ଜଡ଼ିତ ଏହି ପରମ ବିସ୍ମୟ-କର ବ୍ୟକ୍ତାବ୍ୟକ୍ତ ଲୀଳା, ଏହି ବିବର୍ତ୍ତନ-ବିଧାନହିଁ ଈଶ୍ୱର । ଆମିବା ଓ ବୁଦ୍ଧ

Digitized by srujanika@gmail.com

ଭିନ୍ନ ନୁହନ୍ତି । ପ୍ରଭେଦ କେବଳ ବିକାଶର ସୋପାନର ଭିନ୍ନତାରେ । ବୁଦ୍ଧ ହେବାପାଇଁ ଆମିବାକୁ କୌଣସି ବାହ୍ୟ 'ପରମଧାମ'କୁ ଉଠିବାକୁ ହେବ କାହିଁକି ? ସେ ପରମଧାମ ତାରି ନିଜ ଭିତରେ ଅଛି। କାରଣ ଆମିବା ମଧ୍ୟ ବ୍ରହ୍ମ । ଯାହା ଅନ୍ତର୍ନିହିତ (involved) କେବଳ ତାହାହିଁ ଉଦ୍‌ବୃତ୍ତ (evolved) ହେବ । ବାହାରୁ କିଛି ଆସିବନି ।

(୨୨)

ପୁରୁଷଃ ସ ପରଃ ପାର୍ଥ ଭକ୍ତ୍ୟା ଲଭ୍ୟସ୍ତ୍ୱନନ୍ୟୟା
ଯସ୍ୟାନ୍ତଃସ୍ଥାନି ଭୂତାନି ଯେନ ସର୍ବମିଦଂତତମ୍ । ୨୨ ।

ହେ ପାର୍ଥ (ଅର୍ଜୁନ) ଭୂତାନି ଯସ୍ୟ ଅନ୍ତଃସ୍ଥାନି (ଜୀବସମୂହ ଯାହାଙ୍କ ଭିତରେ ଅବସ୍ଥିତ) ଯେନ ଇଦଂ ସର୍ବଂ ତତଂ (ଯାହାଙ୍କଦ୍ୱାରା ଏହି ସମସ୍ତ ଜଗତ୍ ପରିବ୍ୟାପ୍ତ) ତୁ ସଃ ପରଃ ପୁରୁଷଃ (କିନ୍ତୁ ସେହି ପରମ ପୁରୁଷ) ଅନନ୍ୟୟା ଭକ୍ତ୍ୟା ଲଭ୍ୟଃ (କେବଳ ଏକନିଷ୍ଠ ଭକ୍ତି ଦ୍ୱାରାହିଁ ଲବ୍ଧ ହୋଇଥାନ୍ତି) ।

ଅନୁବାଦ —

ହେ ଅର୍ଜୁନ, ଯାହାଙ୍କଠାରେ ଏହି ସକଳ ଜୀବଗ୍ରାମ ଅବସ୍ଥିତ, ଯାହାଙ୍କ ଦ୍ୱାରା ଏହି ସମସ୍ତ ଜଗତ ପରିବ୍ୟାପ୍ତ ସେହି ପରମ ପୁରୁଷ କିନ୍ତୁ, କେବଳ ଅନନ୍ୟ ବା ଏକନିଷ୍ଠ ଭକ୍ତି ଦ୍ୱାରାହିଁ ଲବ୍ଧ ହୋଇଥାନ୍ତି ।

ବିଶେଷ ଭାଷ୍ୟ —

ଭକ୍ତି ମନୁଷ୍ୟର ସୁପରିଚିତ ଅନୁଭବ ପ୍ରେମର ରୂପାନ୍ତର ମାତ୍ର । ଏହା ସୃଷ୍ଟିର ଅନ୍ତର୍ନିହିତ ଆକର୍ଷଣୀ ଶକ୍ତି, ଯାହାବଳରେ ଜଡ ଲୁହା, ଜଡ ଚୁମ୍ବକ ପ୍ରତି ଧାବିତ ହୋଇପାଏ ଏବଂ ଯାହା ପୁଣି ଅନନ୍ତ ଅନ୍ତରୀକ୍ଷରେ କୋଟି କୋଟି ଗ୍ରହତାରାଙ୍କୁ ପରସ୍ପରାକୃଷ୍ଟ ରଖି ନିରାଲମ୍ବ ଭାବରେ ଆବର୍ତ୍ତିତ କରି ରଖିଛି । ନର-ନାରୀର ଆକର୍ଷଣ ମାଧ୍ୟାକର୍ଷଣ ଶକ୍ତିର ଜୈବ ପ୍ରକାର ମାତ୍ର । ତେବେ ତାହା ସ୍ୱାର୍ଥଜଡିତ । ନିଃସ୍ୱାର୍ଥ ଈଶ୍ୱର ପ୍ରେମହିଁ ଭକ୍ତି ଏବଂ ମନୁଷ୍ୟର ଶ୍ରେଷ୍ଠତମ ପ୍ରେମ ; କିନ୍ତୁ ଦୁଃଖର ବିଷୟ ଗୀତା ଏ ଶ୍ଳୋକରେ ଭକ୍ତିର ପ୍ରସ୍ତାବନା କରି ତାର ତାତ୍ତ୍ୱିକ ଯୁକ୍ତିଯୁକ୍ତତା ଆମ ଆଗେ ବଖାଣିବା ପରିବର୍ତ୍ତେ, ଠିକ୍ ପରଶ୍ଳୋକଠାରୁ ମନୁଷ୍ୟ କେବେ କିପରି ମଲେ ସେହି ପରମ ପୁରୁଷଙ୍କୁ ପାଇବ, ସେହି ଅବାନ୍ତର, ଅବାସ୍ତବ ଓ ଅଯୌକ୍ତିକ ପ୍ରସଙ୍ଗ ବର୍ଣ୍ଣିବାକୁ ବସିଲେ । ଲେଖକର ଆଶଙ୍କା ଗୀତାର ଏହି ସମଗ୍ର 'ଅକ୍ଷର-ଯୋଗ' ଅଧ୍ୟାୟଟି ଯେପରିକି ପ୍ରକ୍ଷିପ୍ତ । ଗୀତାର ସାମଗ୍ରିକ ମହତ୍ ତାତ୍ପର୍ଯ୍ୟରେ କୌଣସି ବାଧା ଆସି ନଥାନ୍ତା ଏହି ପୂରା ଅଧ୍ୟାୟଟିଯାକ ନ ଥିଲେ ।

Digitized by srujanika@gmail.com

(୨୩)

ଯତ୍ରକାଳେ ତ୍ୱନାବୃତ୍ତି ମାବୃତ୍ତିଂ ଚୈବ ଯୋଗିନଃ
ପ୍ରୟାତା ଯାନ୍ତି ତଂ କାଳଂ ବକ୍ଷ୍ୟାମି ଭରତର୍ଷଭ । ୨୩ ।

ହେ ଭରତର୍ଷଭ (ଅର୍ଜ୍ଜୁନ) ଯତ୍ରକାଳେତୁ (ଯେଉଁ ଯେଉଁ କାଳରେ) ପ୍ରୟାତାଃ (ମୃତ ହେଲେ) ଯୋଗିନଃ ଆବୃତ୍ତିଂ ଅନାବୃତ୍ତିଂ ଚ ଯାନ୍ତି (ଯୋଗୀମାନେ ସଂସାରକୁ ଫେରିଆସନ୍ତି ବା ଆଉ ଆସନ୍ତି ନାହିଁ) ତଂ କାଳଂ ବକ୍ଷ୍ୟାମି (ସେହି କାଳର କଥା ବର୍ତ୍ତମାନ କହିବି) ।

ଅନୁବାଦ —

ହେ ଅର୍ଜ୍ଜୁନ, ଯୋଗୀମାନେ କେଉଁ ସମୟରେ ଦେହ ତ୍ୟାଗ କଲେ ଆଉ ଫେରନ୍ତି ନାହିଁ, ଏବଂ କେବେ ଗଲେ ଫେରିବାକୁ ବାଧ୍ୟ ହୁଅନ୍ତି ତାହାହିଁ ବର୍ତ୍ତମାନ ତୁମକୁ ସଂକ୍ଷେପରେ କହିବି ।

(୨୪)

ଅଗ୍ନିର୍ଜ୍ୟୋତିରହଃ ଶୁକ୍ଳଃ ଷଣ୍ମାସା ଉତ୍ତରାୟଣମ୍
ତତ୍ର ପ୍ରୟାତା ଗଚ୍ଛନ୍ତି ବ୍ରହ୍ମ ବ୍ରହ୍ମବିଦୋ ଜନାଃ । ୨୪ ।

ଅଗ୍ନିଃ (ନିଆଁ) ଜ୍ୟୋତିଃ (ଆଲୋକ) ଅହଃ (ଦିନ) ଶୁକ୍ଳଃ (ଶୁକ୍ଳପକ୍ଷ) ଉତ୍ତରାୟଣଂ ଷଣ୍ମାସାଃ (ସୂର୍ଯ୍ୟର ଉତ୍ତରାୟଣ ଛ'ମାସ)—ତତ୍ର ପ୍ରୟାତାଃ (ଏହି ଏହି ବେଳରେ ପ୍ରୟାଣକାରୀ) ବ୍ରହ୍ମବିଦଃ ଜନାଃ (ବ୍ରହ୍ମଜ୍ଞ ସାଧକମାନେ) ବ୍ରହ୍ମଂ ଗଚ୍ଛନ୍ତି) ବ୍ରହ୍ମଙ୍କୁ ପ୍ରାପ୍ତ ହୋଇଥାନ୍ତି ।

ଅନୁବାଦ—

ଅଗ୍ନି, ଜ୍ୟୋତି, ଦିବସକାଳ, ଚନ୍ଦ୍ରର ଶୁକ୍ଳପକ୍ଷ ଏବଂ ସୂର୍ଯ୍ୟର ଉତ୍ତରାୟଣ ଛ'ମାସ; ଏହି ଏହି କାଳରେ ଦେହ ତ୍ୟାଗ କଲେ ବ୍ରହ୍ମବିଦ୍ ସେହି ବ୍ରହ୍ମକୁହିଁ ଚାଲିଯାନ୍ତି ।

(୨୫)

ଧୂମୋରାତ୍ରିସ୍ତଥା କୃଷ୍ଣଃ ଷଣ୍ମାସା ଦକ୍ଷିଣାୟନଂ
ତତ୍ର ଚାନ୍ଦ୍ରମସଂ ଜ୍ୟୋତିର୍ଯୋଗୀ ପ୍ରାପ୍ୟ ନିବର୍ତ୍ତତେ । ୨୫ ।

ଧୂମଃ (ଧୂଆଁ) ରାତ୍ରିଃ (ରାତି) କୃଷ୍ଣଃ (କୃଷ୍ଣପକ୍ଷ) ତଥା ଷଣ୍ମାସା ଦକ୍ଷିଣାୟନଂ (ଏବଂ ଦକ୍ଷିଣାୟନ ଛ'ମାସ) ତତ୍ର (ସେ ବେଳରେ) [ଯାତ୍ରା କରିଥିବା] ଯୋଗୀ (ସାଧକ) ଚାନ୍ଦ୍ରମସଂ ଜ୍ୟୋତିଃ ପ୍ରାପ୍ୟ ନିବର୍ତ୍ତତେ (ଚନ୍ଦ୍ର ସମ୍ବନ୍ଧୀୟ ଜ୍ୟୋତି ପ୍ରାପ୍ତ ହୋଇ ପୁଣି ସଂସାରକୁ ଫେରନ୍ତି) ।

Digitized by srujanika@gmail.com

ଅନୁବାଦ—

ଧୂଆଁ, ରାତ୍ରି, ଚନ୍ଦ୍ରର କୃଷ୍ଣପକ୍ଷ, ସୂର୍ଯ୍ୟର ଦକ୍ଷିଣାୟନ ଛ'ମାସ—ସାଧକ ଏହି ଏହି କାଳରେ ପ୍ରାଣତ୍ୟାଗ କଲେ ଚନ୍ଦ୍ରଜ୍ୟୋତି ପ୍ରାପ୍ତ ହୁଏ ସତ, କିନ୍ତୁ ଫେରିବାକୁ ବାଧ୍ୟ ହୁଏ ।

(୨୬)

ଶୁକ୍ଳକୃଷ୍ଣେ ଗତୀହ୍ୟେତେ ଜଗତଃ ଶାଶ୍ୱତେ ମତେ
ଏକୟା ଯା ତ୍ୟନାବୃତ୍ତି ମନ୍ୟୟା ବର୍ତ୍ତତେ ପୁନଃ । ୨୬ ।

ଜଗତଃ (ଏହି ସଂସାରର) ଏତେ ହି ଶୁକ୍ଳ କୃଷ୍ଣେ ଗତୀ ଶାଶ୍ୱତେ (ଶୁକ୍ଳ ଓ କୃଷ୍ଣ ରୂପକ ଏହି ଦୁଇ ଶାଶ୍ୱତ ମାର୍ଗ ଅବସ୍ଥିତ) । [ସାଧକ] ଏକୟା ଅନାବୃତ୍ତିଂ ଯାତି (ଏକ ପଥରେ ଗଲେ ଆଉ ସଂସାରକୁ ଫେରନ୍ତି ନାହିଁ) । ଅନ୍ୟୟା ପୁନଃ ଆବର୍ତ୍ତତେ (ଅନ୍ୟବାଟରେ ଗଲେ ପୁଣି ଫେରିଆସିବାକୁ ହୁଏ) ।

ଅନୁବାଦ—

ହେ ଅର୍ଜୁନ, ଏହି ମାନବାତ୍ମାର ଏହି ଦୁଇଟି ଶୁକ୍ଳ ଓ କୃଷ୍ଣ ପଥକୁ, ଶାଶ୍ୱତ ବୋଲି ଜାଣିବ । ଗୋଟାକରେ ଗଲେ ଫେରିବାର ନାହିଁ, ଅନ୍ୟ ବାଟରେ ଗଲେ ପୁଣି ଫେରି ଆସିବାକୁ ହେବ ।

ବିଶେଷ ଭାଷ୍ୟ—

ପାଠକେ ସ୍ମରଣ କରିପାରନ୍ତି ଯେ, ଶ୍ରୀମଦ୍ ଭଗବଦ୍ ଗୀତା କଠ, ଈଶ ବା ଛାନ୍ଦୋଗ୍ୟ ପରି ପ୍ରଥମେ ଏକ 'ଉପନିଷଦ୍' ଭାବରେ ହିଁ ଆତ୍ମପ୍ରକାଶ କରିଥିଲା ବୋଲି ପୂର୍ବରୁ କୁହାଯାଇଛି । ସେସବୁ ଯେପରି ବ୍ରହ୍ମଧର୍ମୀ ଗୀତା ମଧ୍ୟ ଆଦ୍ୟରେ ପୁରାପୁରି ହୁଏତ 'ବ୍ରହ୍ମୋପନିଷତ୍' ହିଁ ଥିଲା । ତେଣୁ ଗୀତାର ପ୍ରତି ଅଧ୍ୟାୟ ଶେଷରେ ଏବେ ବି ଆମକୁ କହିବାକୁ ପଡୁଛି—'ଶ୍ରୀମଦ୍ ଭଗବଦ୍ ଗୀତାସୁ ଉପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ" । ଏବଂ ମନେ ହେଉଛି, ପରେ ଏହି 'ବ୍ରହ୍ମୋପନିଷତ୍' 'କୃଷ୍ଣୋପନିଷତ୍'ରେ ପରିଣତ ହୋଇଛି । ହୁଏତ ଗୀତା ଆଦ୍ୟରେ ପୂରା ଅଠର ଅଧ୍ୟାୟ ମଧ୍ୟ ନ ଥାଇପାରେ—ପରେ ଏକ ପରେ ଏକ ଅଧ୍ୟାୟ ଯୋଡାଯାଇଛି । ଗୀତା ସପ୍ତାଧ୍ୟାୟୀ ବୋଲି ଏକ ଜନଶ୍ରୁତି ମଧ୍ୟ ଅଛି । ଏବେ ମଧ୍ୟ ଆମେ ଦେଖୁଛୁ ଯେ, ଗୀତାର ଉଦାର-ମହତ୍ ଜୀବନ ଦର୍ଶନ, ଗୀତାର ପ୍ରଥମ ସାତ ଅଧ୍ୟାୟରେହିଁ ଚମତ୍କାର ଭାବରେ ପରିବେଷିତ ହୋଇ ସାରିଛି, ବାକୀ ଅଧ୍ୟାୟଗୁଡ଼ିକରେ ସେହି ସେହି କଥାର ଏକ ପ୍ରକାର ପୁନରାବୃତ୍ତି ହୋଇଛି ମାତ୍ର ଏବଂ କେତେଗୁଡ଼ାଏ କଥା ମଧ୍ୟ କୁହାଯାଇଛି ଯାହା ଆମକୁ ଅବାନ୍ତର ବୋଧ ହେଉଛି—ଆଜି ଯୁଗରେ ; କିନ୍ତୁ ଯେଉଁ ଗ୍ରନ୍ଥ 'ଉପନିଷତ୍' ବୋଲେଇବ, ଯେଉଁ ଆଶା ରଖି ଶ୍ରୀମଦ୍ ଭଗବଦ୍ ଗୀତା ହୁଏତ

Digitized by srujanika@gmail.com

ପ୍ରଥମେ ଆତ୍ମପ୍ରକାଶ କରିଥିଲା, ସେଥିରେ ଏହିସବୁ ଆପାତ-ଅବାନ୍ତର ବିଷୟ ମଧ୍ୟ ନଷ୍ଟ ରହିବ । କାରଣ ଗୀତା ରଚିତ ହେବା କାଳରେ ଓ ତାହାର ବହୁ ଶତାବ୍ଦୀ ପୂର୍ବରୁ ଧରି, ଭାରତୀୟ ଚିନ୍ତାନାୟକମାନଙ୍କର ଦୁଇଟି ମୁଖ୍ୟ ଜୀବନସମସ୍ୟା ହୋଇଥିଲା—ଏ ଜୀବନ ଏତେ ଦୁଃଖମୟ କାହିଁକି ? ଦ୍ୱିତୀୟରେ ମୃତ୍ୟୁପରେ ଆତ୍ମାର କ'ଣ ହୁଏ ?

ମନୁଷ୍ୟର ଧର୍ମଚିନ୍ତା ମୁଖ୍ୟତଃ ମାନବଜୀବନର ଏହି ଦୁଇ ମୁଖ୍ୟ ସମସ୍ୟାକୁ କେନ୍ଦ୍ର କରି ଗଢ଼ିଉଠିଛି । ଅଥଚ ଦୁଃଖ-ତତ୍ତ୍ୱ ଓ ଈଶ୍ୱର-ତତ୍ତ୍ୱ ପରସ୍ପର ବିରୋଧୀ । ଦୁଃଖର ବର୍ତ୍ତମାନତା, ତାର ହେତୁ ଓ ତା'ର ନିରାକରଣ ପନ୍ଥା, ବୈଜ୍ଞାନିକ ଭାବରେ ଆଲୋଚନା କରି ଚାଲିଲେ, ଏକ ବ୍ୟକ୍ତିତ୍ୱ ସଂପନ୍ନ ଈଶ୍ୱର ଏକାନ୍ତ ଅଯୌକ୍ତିକ ହୋଇ ଉଠିବାର କଥା । ସେହି କାରଣରୁ କେବଳ ବେଦାନ୍ତ ବ୍ୟତୀତ ଅନ୍ୟ ଭାରତୀୟ ଦର୍ଶନ ସବୁ ନାରୀଶ୍ୱର । ବୌଦ୍ଧବାଦ ତ ଜାଣି ନାରୀଶ୍ୱର ।

ଭାରତବର୍ଷକୁ ନବିଡ଼ ଭାବରେ ଈଶ୍ୱରସଚେତନ କରାଇବାର ଏକ ପ୍ରଧାନ ଗ୍ରନ୍ଥ ହେଉଛି ଏହି ଭଗବଦ୍‌ଗୀତା ଏବଂ ସମଧର୍ମୀ କେତୋଟି ଉପନିଷତ୍ । ଏମାନେ ପ୍ରଚାର କଲେ ଯେ, କେବଳ "ତାଙ୍କୁ" ଜାଣିଲେ ସମସ୍ତ ଦୁଃଖ ଶେଷ ହେବ । ଏବଂ 'ସେ' ବାହାରେ ଯେପରି, ତୁମ ଭିତରେ ବି ସେହି-ତତ୍ ତ୍ୱଂ ଅସି । ପରେ ଏହି ତତ୍ ବା ଅନିର୍ଦ୍ଦିଷ୍ଟ ବ୍ରହ୍ମ ମନୁଷ୍ୟ-ବିଗ୍ରହଧାରୀ ମନୁଷ୍ୟ ଗୁଣସଂପନ୍ନ 'ଈଶ,' 'ଈଶ୍ୱର' ଏବଂ ଶେଷରେ ରାମ ଓ ଶ୍ରୀକୃଷ୍ଣ ନାମକ ଏକ ଏକ ଅର୍ଦ୍ଧ-ଐତିହାସିକ ବ୍ୟକ୍ତି ଭାବରେ ଦେଖାଦେଲେ, ଠିକ୍ ଯେପରି ଐତିହାସିକ ଗୌତମବୁଦ୍ଧ, ମହାଯାନୀମାନଙ୍କ ହାତରେ ଈଶ୍ୱରମୟ 'ଆଦିବୁଦ୍ଧ' ହୋଇ ପଡ଼ିଲେ । ଖୁବ୍ ସମ୍ଭବତଃ, ଈଶ୍ୱରୀଭୂତ ବୁଦ୍ଧଙ୍କ ବିପୁଳ ଜନପ୍ରିୟତାକୁ ଧ୍ୱଂସ କରିବା ପାଇଁହିଁ ପରେ ବ୍ରାହ୍ମଣ୍ୟ ଧର୍ମ ରାମ ଓ କୃଷ୍ଣ ଆଦି ଈଶ୍ୱରାବତାରକୁ ଠିଆ କରାଇଛି ।

କିନ୍ତୁ ଯା ଫଳରେ ଭାରତବର୍ଷ ଶେଷରେ ଏହି ଭାବରେ, ଏହି ଏକ ବ୍ୟକ୍ତିତ୍ୱସଂପନ୍ନ ଈଶ୍ୱରର ଆରାଧନାରେହିଁ ତାର ବହୁ ଶତାବ୍ଦୀର ନିରବଚ୍ଛିନ୍ନ ତୀବ୍ର ଜିଜ୍ଞାସା ହରାଇବସିଲା କହିବାକୁ ହେବ । ସେ ଆଜି କୁଟା-କାଦୁଅରେ ନିଜ ହାତରେହିଁ ଠାକୁର ଠାକୁରାଣୀ ଗଢ଼ି ତାରି ଆଗରେ ପୁଣି ଲମ୍ବ ଲମ୍ବ ଶୋଇପଡ଼ି, ଜୀବନର ସବୁ ସମସ୍ୟାର ସମାଧାନ ପାଇ ପାରୁଛି !!

କିନ୍ତୁ ଔପନିଷଦୀୟ 'ଈଶ୍ୱରପ୍ରାପ୍ତି' ମାନବାତ୍ମାର ଏକ ପରମ ଅନୁଭୂତି ଓ ସାର୍ବଭୌମ ଅବସ୍ଥା ମାତ୍ର ଥିଲା । ତାହା ପୂର୍ବରୁ ବହୁ ସ୍ଥାନରେ ଆଲୋଚିତ

Digitized by srujanika@gmail.com

ହୋଇଯାଇଥିବାରୁ ଏଠାରେ ପୁନରାବୃତ୍ତି ଏକାନ୍ତ ଅନାବଶ୍ୟକ । ଭାରତବର୍ଷର ଶୀର୍ଷତମ ଈଶ୍ୱର-ଜ୍ଞାନ ହେଲା ନିର୍ବ୍ୟକ୍ତିକ ବିଧିତନ୍ତ୍ର ମାତ୍ର । ବୌଦ୍ଧବାଦ ଓ ବେଦାନ୍ତବାଦ, ଭାରତୀୟ ଚିନ୍ତା ଶକ୍ତିର ଚରମତମ ବିକାଶ । ଉଭୟରେ ଏହି ନୟମତନ୍ତ୍ରତା ହିଁ କଠୋର ଭାବରେ ପରିବେଷିତ । ଉଭୟରେ ମନୁଷ୍ୟ ଅପରିସୀମ ସମ୍ଭାବନାମୟ । ଏହି ମହତ୍ ଉଦାର ଚିନ୍ତା, ପ୍ରତ୍ୟେକଟି ମନୁଷ୍ୟକୁ ବୃହତ୍ତର ଆଶ୍ୱାସନା ଦେଇଯାଇଛି, କେବଳ ଯଦି ମନୁଷ୍ୟ ଅନିତ୍ୟକୁ ନିତ୍ୟ ବୋଲି ମାନି ନ ନିଏ । ଏ ଦର୍ଶନରେ ଈଶ୍ୱର ସତ୍ୟରେ ଅଧିଯଜ୍ଞ—କାରଣ ସେ ମନୁଷ୍ୟର ସାଧନା ଯଜ୍ଞ)ରେ ବିଦ୍ୟମାନ । ସେ ମନୁଷ୍ୟଠାରୁ ବାହାରେ ବା ଦୂରରେ କୌଣସି ପରମ:ାମରେ ନ ଥାନ୍ତି । ସେ ମନୁଷ୍ୟର ପ୍ରତିଟି କର୍ମରେ ବିଦ୍ୟମାନ ।

ବୃହତ୍ତତ୍ତ୍ୱପର ଉପନିଷଦ୍‌ମାନଙ୍କରେ "ମୃତ୍ୟୁ" ମଧ୍ୟ ଏକ ସାଧାରଣ ଆଲୋଚନା । ଅର୍ଥାତ୍ ମଲାପରେ ଆତ୍ମା କୁଆଡେ ଯାଏ ? କ'ଣ ହୁଏ ତା'ର ? ସମଗ୍ର କଠୋପନିଷଦ୍ ଏହି ପ୍ରଶ୍ନ ଉପରେହିଁ ଦଣ୍ଡାୟମାନ । 'ଈଶ', 'ଛାନ୍ଦୋଗ୍ୟ' ପ୍ରଭୃତି ଅନ୍ୟ ଉପନିଷଦ୍‌ମାନଙ୍କରେ ମଧ୍ୟ 'ମୃତ୍ୟୁ'ର ଆଲୋଚନା ପ୍ରଚୁର ।

ବୃହଦାରଣ୍ୟକ (୩ । ୨ । ୨୦)ରେ "ମୃତ୍ୟୁର ମୃତ୍ୟୁ" ମଧ୍ୟ ଆଲୋଚିତ ହୋଇଛି । ଦୁଃଖର ସମୂଳ ବିନାଶ ହେବ କେବଳ ଯେବେ ଆଉ ମୃତ୍ୟୁ ହେବନାହିଁ । ଉପନିଷଦ୍ ।ନଙ୍କରେ ତେଣୁ "ଅତି-ମୃତ୍ୟୁତ୍ୱ" (ମୃତ୍ୟୁକୁ ଅତିକ୍ରମ କରିପାରିବାର କ୍ଷମତା ବା ମୃତ୍ୟୁର ମୃତ୍ୟୁ ବା ଅମୃତ-ତ୍ୱ) ମନୁଷ୍ୟର ପରମତମ ଲକ୍ଷ୍ୟ ଭାବରେ ଉପସ୍ଥାପିତ କରଯାଇଛି । "ମୃତ୍ୟୁର ମୃତ୍ୟୁ"ର ଅନ୍ୟ ଅର୍ଥ ହେଲା "ଅପୁନରାବୃତ୍ତି" ଅର୍ଥାତ୍ ଆଉ ଏ ସଂସାରକୁ ନ ଫେରିବା ବା ଆଉ ଜନ୍ମ ନ ହେବା ।

ଗୀତା, କିପରି ଭାବରେ ଜୀବନଯାପନ କଲେ 'ଅମୃତତ୍ୱ' ବା 'ଅପୁନରାବର୍ତ୍ତନ' ଲାଭ ହେବ ତା' ବର୍ଣ୍ଣନା କରିସାରି, ହୁଏତ ଅନ୍ୟ ଉପନିଷଦ୍-ମାନଙ୍କ ଅନୁକରଣରେ, କିପରି ଭାବରେ ମଲେ ଏହି 'ଅ-ମୃତତ୍ୱ' ବା 'ଅପୁନରାବର୍ତ୍ତନ' ମଧ୍ୟ ସମ୍ଭବ ହେବ ତାହା ଏହି ଅଷ୍ଟମ ଅଧ୍ୟାୟରେ ବର୍ଣ୍ଣନା କରିଗଲେ, ଯଦିଓ ଏହି ଅଧ୍ୟାୟର ଆରମ୍ଭ ହୋଇଥିଲା—ଅଧ୍ୟାତ୍ମ, ଅଧିଦୈବ, ଅଧିଭୂତ ଓ ଅଧିଯଜ୍ଞ ଇତ୍ୟାଦି ବୁଝେଇବା ପାଇଁ । ଏହା ଏକ ଅବାନ୍ତର ପ୍ରଚେଷ୍ଟା ।

କିନ୍ତୁ ଯେହେତୁ ଜୀବାତ୍ମାର ଅବରୋହଣ, ଆରୋହଣ ଓ ପ୍ରୟାଣ ଉପନିଷତ୍‌ମାନଙ୍କର ମୁଖ୍ୟ ଆଲୋଚନା ଥିଲା ଏବଂ ଯେହେତୁ ଗୀତା ମଧ୍ୟ ଏକ ଉପନିଷତ୍ ଗୀତା ତେଣୁ ଜୀବନ ପରି ମୃତ୍ୟୁକୁ ମଧ୍ୟ ଏପରି ଭାବରେ ଆଲୋଚନା କରିବା ସ୍ୱାଭାବିକ ।

Digitized by srujanika@gmail.com

ଅବଶ୍ୟ କଷ୍ଟକଳ୍ପିତ ଭାବରେ ଆମକୁ ବୁଝିବାକୁ ହେବ ଯେ, ଅଧିଭୂତ, ଅଧିଦୈବ ଓ ଅଧିଯଜ୍ଞ—ସବୁ ସେହି ଏକ ଈଶ୍ୱର ଏବଂ ତାଙ୍କୁଇ ସମଗ୍ର ଜୀବନକାଳପରି ମୃତ୍ୟୁ-ମୁହୂର୍ତ୍ତରେ ମଧ୍ୟ ଚିନ୍ତାକଲେ, ମନୁଷ୍ୟ ସେହି ଅ-ମୃତତ୍ୱ ବା 'ଅପୁନରାବର୍ତ୍ତନ' ପାଇବାକୁ ଆଶା କରିପାରେ ।

କିନ୍ତୁ 'ମୃତ୍ୟୁ' ଏପର୍ଯ୍ୟନ୍ତ ମନୁଷ୍ୟଜ୍ଞାନର ବାହାରେ । ଦୁଇ-ତିନ ହଜାର ବର୍ଷତଳେ ରଚିତ ଗୀତା ଯେ ମୃତ୍ୟୁ ସମ୍ବନ୍ଧରେ ସଠିକ କଥା ସବୁ କହିଯିବେ, ଏହା ଆମେ ଆଶା କରିବା କପରି ? କିପରି ଓ କାହିଁକି ଧରିନେବା ଯେ ଆତ୍ମାର ଉଚ୍ଚ-ନୀଚ-ଅବସ୍ଥା ନିର୍ବିଶେଷରେ, କେବଳ ସୂର୍ଯ୍ୟର ଉତ୍ତରାୟଣ ଭିତରେ ମରିଗଲେ ଆତ୍ମାର ଆଉ ପୁନରାବର୍ତ୍ତନ ହେବ ନାହିଁ ବା ଦକ୍ଷିଣାୟନ ଭିତରେ ଯେ ମରିବ, ଯେତେବଡ ସାଧୁ ହେଲେ ମଧ୍ୟ ସେ ଆତ୍ମା ପୁଣି ଫେରିବ ? ପାଠକେ ମନେରଖିବେ ଯେ, 'ମହାତ୍ମା' ଗାନ୍ଧି ଦକ୍ଷିଣାୟନରେ ମରିଛନ୍ତି; ଅଥଚ ଉତ୍ତରାୟଣରେ ନିତ୍ୟ ମରୁଥିବା ଲକ୍ଷ ଲକ୍ଷ ଜୁଆଚୋରୀ କେବଳ ମରିବାର ସମୟଘେନି ମହାତ୍ମାର ଆତ୍ମାଠାରୁ ଅଧିକ ସୌଭାଗ୍ୟର ଅଧିକାରୀ ହେବେ ବୋଲି ଆଶା କରିବା କି ? ପୁଣି ଆଜିର ଏରୋପ୍ଲେନ୍-ଯୁଗରେ ଟଙ୍କା ଖର୍ଚ୍ଚକଲେ, ଯେକୌଣସି ଲୋକ 'ଉତ୍ତରାୟଣ-ମୃତ୍ୟୁ' ପାଇପାରେ ! ଏହି କଣ ତେବେ ଆଧ୍ୟାତ୍ମିକତାର ମାପକାଠି ?

ଲୋକମାନ୍ୟ ତିଳକ ପ୍ରମାଣ କରିବାକୁ ବସିଥିଲେ ଯେ, ଆର୍ଯ୍ୟମାନଙ୍କର ଆଦିବସତି ଥିଲା ଉତ୍ତରମେରୁ ମଣ୍ଡଳରେ (Arctic Home of the Vedes) । ଅନ୍ୟ ପଣ୍ଡିତମାନେ ଏ ମତ ଗ୍ରହଣ କରିପାରି ନାହାନ୍ତି । ତଥାପି ଗୀତାରେ ଏହି ଉତ୍ତରାୟଣ ଦକ୍ଷିଣାୟନ ଘେନି ମାନବାତ୍ମାର ଭିନ୍ନ ଭିନ୍ନ ଗତି ଯେପରି ବର୍ଣ୍ଣିତ ହୋଇଛି ତାହା ତିଳକ ମହାରାଜଙ୍କ ମତକୁ ଅନେକ ପରିମାଣରେ ପରିପୋଷିତ କରୁଛି । ସୁମେରୁ ମଣ୍ଡଳରେ ସୂର୍ଯ୍ୟର ଉତ୍ତରାୟଣ-ଛ'ମାସ ହେଲା ନିରବଚ୍ଛିନ୍ନ ଆଲୋକ ଓ ଉଷ୍ଣତାର କାଳ । ତା'ପରେ ଆସେ ନିରବଚ୍ଛିନ୍ନ ଅନ୍ଧକାର, ଛ'ମାସ ଧରି ଯେତେବେଳେ ସୂର୍ଯ୍ୟ ଦକ୍ଷିଣକୁ ଚାଲିଯାନ୍ତି । ପୃଥିବୀ ସୂର୍ଯ୍ୟ ଚାରିପାଖରେ ବିଚିତ୍ର ରୀତିରେ ଘୂରିବା ଫଳରେହିଁ ଏହି ଉତ୍ତରାୟଣ-ଦକ୍ଷିଣାୟନ ଏବଂ ତଜ୍ଜନିତ ଉଭୟ ମେରୁ ପ୍ରଦେଶରେ ଛ'ମାସ ଦିନ ଓ ଛ'ମାସ ରାତି ହୋଇଥାଏ । ଯା ସହିତ ମାନବାତ୍ମାର କୌଣସି ସଂପର୍କ ନାହିଁ ବା ନ ରହିବା କଥା; କିନ୍ତୁ କୌଣସି ଗଛ ବା ଗଛକାର ନିଜର ସ୍ଥାନ-କାଳର ସୀମାକୁ ଏକାବେଳେକେ ଅତିକ୍ରମ କରି ଯାଇପାରିନାହାନ୍ତି । ସେହି ସ୍ଥାନ-କାଳର କ୍ଷୁଦ୍ରତାକୁ ଅତିକ୍ରମ କରିବାର ପ୍ରଚେଷ୍ଟାହିଁ "ମୁମୁକ୍ଷା" ବା 'ମୁକ୍ତି', ଅର୍ଥାତ୍ ପରିପୂର୍ଣ୍ଣ ସ୍ୱାଧୀନତାର ଇଚ୍ଛା । କିନ୍ତୁ ସ୍ଥାନ-କାଳର ସୀମା ଭିତରେ ରହି ସୁମେରୁ ମଣ୍ଡଳବାସୀ ପ୍ରାଚୀନ ଆର୍ଯ୍ୟମାନେ ସ୍ୱାଭାବିକ ଭାବରେ ଭାବିବାର କଥା ଯେ, ଆଲୋକ ଓ ଉଷ୍ଣତାମୟ ଉତ୍ତରାୟଣ

Digitized by srujanika@gmail.com

ଛ'ମାସ ଶୁଭକାଳ ଏବଂ ସେହି ସମୟରେ ମୃତ୍ୟୁ ମଧ୍ୟ ଶୁଭକାରକ ହେବାର କଥା ।

କିନ୍ତୁ ଏବେ ସେହି ଉତ୍ତରମେରୁ ଅଞ୍ଚଳରେ କେବଳ ଏସ୍କିମୋମାନେ ବାସ କରନ୍ତି । ସେଠି ଆର୍ଯ୍ୟ କେହି ଆଉ ନାହାନ୍ତି । ଅଥଚ ସେଠି ଠିକ୍ ପୂର୍ବପରି ଉତ୍ତରାୟଣ, ଦକ୍ଷିଣାୟନ ଉଭୟରେ ଲୋକ ମରୁଛନ୍ତି, ଯେଉଁମାନଙ୍କ ପ୍ରତି ଗୀତା ଓ ତାର ଜୀବନ-ଦର୍ଶନ ବା ମୃତ୍ୟୁ-ବାଦ ସଂପୂର୍ଣ୍ଣ ଅଜ୍ଞାତ କେବଳ ନୁହେଁ, ସଂପୂର୍ଣ୍ଣ ଅର୍ଥଶୂନ୍ୟ ମଧ୍ୟ ।

ବୌଦ୍ଧ ଓ ବ୍ରାହ୍ମଣ୍ୟ ଉଭୟ ଜୀବନ-ଦର୍ଶନକୁ ନୂତନ ବୈଜ୍ଞାନିକ ପଦ୍ଧତିରେ ଗ୍ରହଣ କରି ଦଣ୍ଡାୟମାନ ଏବର ଥିଓସଫି ବା ବ୍ରହ୍ମବିଦ୍ୟା । ଥିଓସଫି, ମୃତ୍ୟୁ-ତତ୍ତ୍ୱ ଉପରେ ଗଭୀର ଓ ବ୍ୟାପକ ଗବେଷଣା କରିଛି । ଥିଓସଫିଷ୍ଟ-ମାନଙ୍କ ସହିତ ସଂପୂର୍ଣ୍ଣ ଭାବରେ ସଂପର୍କଶୂନ୍ୟ ରହି ଆଉଦଳେ ପାଶ୍ଚାତ୍ୟ ବୁଦ୍ଧିଜୀବୀ ମଧ୍ୟ ବୈଜ୍ଞାନିକ ପଦ୍ଧତରେ ଆତ୍ମ-ତତ୍ତ୍ୱ ଉପରେ ଗବେଷଣା ଚଳେଇଛନ୍ତି । ଲଣ୍ଡନସ୍ଥ 'Society for Psychical Research' ବର୍ତ୍ତମାନ ଏକ ସମ୍ମାନନୀୟ ଅନୁଷ୍ଠାନ । ଏ ସୋସାଇଟି ନାନା ଅଲୌକିକ ଘଟଣାକୁ ବିଶ୍ଳେଷଣ କରି, 'ମୃତ୍ୟୁ' ପରେ 'ଆତ୍ମା' ବୋଲି ଗୋଟାଏ ସୂକ୍ଷ୍ମ ଶରୀରଧାରୀ —ବ୍ୟକ୍ତିତ୍ୱ ଯେ ସ୍ମୃତି-ବିଚାର-ଅନୁଭବ ନେଇ ବର୍ତ୍ତମାନ ରହେ, ଅନ୍ତତଃ ଏତିକି ନିଃସନ୍ଦେହ ଭାବରେ ପ୍ରମାଣିତ କରିସାରିଛନ୍ତି । ବର୍ତ୍ତମାନ ଏହି ପ୍ରେତାତ୍ମାର 'ପୁନର୍ଜନ୍ମ' ନେଇ ମଧ୍ୟ ପୃଥିବୀର ଅନେକ ସ୍ଥାନରେ ବୈଜ୍ଞାନିକ ଗବେଷଣା ଚାଲିଛି । ଅଷ୍ଟ୍ରେଲିଆର ମେଲବୋର୍ଣ୍ଣ ବିଶ୍ୱବିଦ୍ୟାଳୟର ପ୍ରସିଦ୍ଧ ବୈଜ୍ଞାନିକ-ଲେଖକ ଡକ୍ଟର ରେନାର ଜନସନ୍, ସଂପୂର୍ଣ୍ଣ ଭାବରେ ଆତ୍ମାର ଅମରତ୍ୱରେ ଅର୍ଥାତ୍ ମୃତ୍ୟୁ-ପରଜୀବନ ଓ ଜୀବନାନ୍ତର ଗ୍ରହଣରେ ବିଶ୍ୱାସୀ ହୋଇ କେତେଖଣ୍ଡ ଅତି ଉପାଦେୟ ଓ ଜନପ୍ରିୟ ପୁସ୍ତକ ଇତିମଧ୍ୟରେ ଲେଖି-ସାରିଛନ୍ତି । ସେଗୁଡ଼ିକୁ ସେ ଅତ୍ୟନ୍ତ ବ୍ୟଞ୍ଜନାପୂର୍ଣ୍ଣ ନାମ ମଧ୍ୟ ଦେଇଛନ୍ତି ଯଥା—Imprisoned splendour (ବନ୍ଦୀ ଜ୍ୟୋତି), Nurslings of Immortality (ଅମୃତ-ଶିଶୁ) । ପାଠକେ ନିଜର ଥିଓସଫୀ-ବନ୍ଧୁମାନଙ୍କଠାରୁ ଏ ପୁସ୍ତକ ସବୁ ଲୋଡ଼ ପଢ଼ିପାରନ୍ତି । ଶେଷୋକ୍ତ ପୁସ୍ତକର ଉପକ୍ରମଣିକାରେ ଡକ୍ଟର ଜନସନ୍ ଲେଖିଛନ୍ତି—"ମନୁଷ୍ୟର ପରିଚିତ ଏହି ସ୍ଥୂଳ ପୃଥିବୀର ଅନ୍ତରାଳରେ ଅର୍ଥପୂର୍ଣ୍ଣ ଆହୁରି ବହୁଲୋକ ବା ବହୁ ଚେତନାସ୍ତର ଅବସ୍ଥିତ, ଯାହାକୁ ଜାଣିବାର ଅଭିଯାନ ମନୁଷ୍ୟ ଏ ପର୍ଯ୍ୟନ୍ତ ଆରମ୍ଭ ମଧ୍ୟ କରିନାହିଁ କହିଲେ ଚଳେ । ମନୁଷ୍ୟର ଏଯାବତ୍ ଜ୍ଞାନସଞ୍ଚୟ ବିସ୍ମୟକର ସତ, କିନ୍ତୁ 'ଜ୍ଞାନ' ଆଉ 'ବୋଧ' (ଅନ୍ତର୍ଦୃଷ୍ଟି) ଏକା କଥା ନୁହେଁ ।"

Digitized by srujanika@gmail.com

ତତ୍ତ୍ୱର ଜନସନ୍ ଅପ୍ରତ୍ୟକ୍ଷ ଜଗତକୁ ଜାଣିବାର ଯେଉଁ ଅଭିଯାନ ମନୁଷ୍ୟ ଏପର୍ଯ୍ୟନ୍ତ ଆରମ୍ଭ କରିନାହିଁ ବୋଲି କହୁଛନ୍ତି, ଭାରତବର୍ଷର ଗୀତା ଓ ଉପନିଷଦ୍ ସବୁ ଅନ୍ତତଃ ଦୁଇ ତିନ ହଜାର ବର୍ଷ ପୂର୍ବେ ତାହା ଆରମ୍ଭ କରଥିଲେ । ତାହାହିଁ ସବୁଠୁ ବଡ କଥା । ଦୁଇ-ତିନ ହଜାର ବର୍ଷ ତଳର ଜ୍ଞାନ ଆଜି ଯେ ପୂରାପୂରି ଗୃହୀତ ହେବ ଏହା କେହି ଆଶା କରିବାର କଥା ନୁହେଁ ।

ମୃତ୍ୟୁ-ତତ୍ତ୍ୱର ବୈଜ୍ଞାନିକ ପଦ୍ଧତିରେ ଗଭୀର ଗବେଷଣା କରିଥିବା ଥିଓସଫିର ବିଜ୍ଞଜନମାନଙ୍କ ମତରେ 'ମୁକ୍ତି'ର ପ୍ରକୃତ ତାତ୍ପର୍ଯ୍ୟ ନୁହେଁ ଆତ୍ମା କୁଆଡେ ପଳାଇଯିବା । ସେମାନଙ୍କ ମତରେ ମୁକ୍ତି ମାନେ ଆତ୍ମା ପୁଣି ତାର 'ପୂର୍ଣ୍ଣତା'କୁ ଫେରିପାଇବା, ଯେଉଁ ପୂର୍ଣ୍ଣତାରୁ ସେ ଆସିଛି । ସମଗ୍ର ବିଶ୍ୱହିଁ ପୂର୍ଣ୍ଣତା ଆଡକୁ ଯାଉଛି । ଏହାର ନାମ 'ବିବର୍ତ୍ତନ' ବା 'ଇଭଲିଉସନ' (Evolution) । ଜନ୍ମ-ଜନ୍ମାନ୍ତର ଦେଇ ଜୀବ ଓ ମନୁଷ୍ୟ କ୍ରମେ କ୍ରମେ ପୂର୍ଣ୍ଣତା ଆଡକୁ ବିବର୍ତ୍ତିତ ହୋଇ ଚାଲିଛନ୍ତି । ଏହାହିଁ ସୃଷ୍ଟିର ଅନ୍ତର୍ନିହିତ ନିୟମ ଓ ଲକ୍ଷ୍ୟ । ଜଣେ ବୁଦ୍ଧ ବା ଖ୍ରୀଷ୍ଟ ଗୋଟିଏ ମାତ୍ର ଜନ୍ମର ପରିଣତି ନୋହିପାରନ୍ତି । ସେମାନେ ବହୁ ସହସ୍ର ଜନ୍ମର ଶେଷ ପରିଣତ ମାତ୍ର । ଭିନ୍ନ ଭିନ୍ନ ଜନ୍ମ ଦେଇ ଆତ୍ମା କିପରି ପୂର୍ଣ୍ଣତା (ବୁଦ୍ଧତ୍ୱ) ଆଡକୁ ଗତିକରେ, ତାରି ବର୍ଣ୍ଣନାହିଁ ବିଶ୍ୱସାହିତ୍ୟର ଅମୂଲ୍ୟ ସମ୍ପଦ ବୌଦ୍ଧ-ଜାତକ ମାଳା ।

ଥିଓସଫି ମତରେ ଆତ୍ମାକୁ ତାର ପାର୍ଥିବ ଜୀବନର ସ୍ଥୂଳତାରୁ ସୂକ୍ଷ୍ମତର ଓ ସୂକ୍ଷ୍ମତମ ଅବସ୍ଥା ପାଇବାପାଇଁ ପାର୍ଥିବ ଓ ଅପାର୍ଥିବ ଉଭୟ ଅବସ୍ଥାରେ ଅଗଣିତ ଅଭିଜ୍ଞତା ଦେଇ ଗତି କରିବାକୁ ହୁଏ । ସେହି କ୍ରମେ ତାର ତଥାକଥିତ ସ୍ୱର୍ଗବାସ ଓ ତଥାକଥିତ ନର୍କବାସ ଉଭୟହିଁ ଆବଶ୍ୟକ ହୋଇଥାଏ । ତାର ଊର୍ଦ୍ଧ୍ୱଗତି ବା ନିମ୍ନଗତି ସହିତ ଉତ୍ତରାୟଣ ବା ଦକ୍ଷିଣାୟନ ପରି ଏକ ଭୌଗୋଳିକ ପରିସ୍ଥିତିର କୌଣସି ସଂପର୍କ ନ ଥିବାର କଥା । ମନୁଷ୍ୟର ମୃତ୍ୟୁ-ପର ଅବସ୍ଥା ଏକାନ୍ତ ଭାବରେ ଯେ ମନୁଷ୍ୟର ସମଗ୍ର ଜୀବନ ବ୍ୟାପି ମାନସିକ ପ୍ରବଣତା ଓ ପ୍ରଚେଷ୍ଟା ଉପରେ ହିଁ କେବଳ ନିର୍ଭର କରିବ, ଏହା ଗୀତା ପୂର୍ବରୁ ଓ ପରେ ଏପରି ନିଷ୍ଠାର ସହିତ ପ୍ରଚାର କରିଛନ୍ତି ଏବଂ ତାହା ଏପରି ଯୁକ୍ତିଯୁକ୍ତ ଯେ, ଗୀତାର ପାଠକ, ଅନ୍ୟ କୌଣସି ମତଦ୍ୱାରା ସେ ଯୁକ୍ତିକୁ ଫିଙ୍ଗି ଦେବାର କୌଣସି କାରଣ ଦେଖାଯାଉ ନାହିଁ ।

ଅବଶ୍ୟ ପାଠକେ ଉପର ଶ୍ଳୋକରେ ଥିବା "ଶୁକ୍ଳ କୃଷ୍ଣେ ଗତୀ ହ୍ୟେତେ" ପଦାଂଶକୁ ଅଧ୍ୟାତ୍ମ ଜୀବନର ଏକ ଏକ ନିର୍ଭରଯୋଗ୍ୟ ପ୍ରତୀକ ଭାବରେ ଗ୍ରହଣ କରିନେଇ ପାରନ୍ତି । ଏବେ ଆମେ 'ଧଳାବଜାର ଓ 'କଳା-ବଜାର' ସହିତ ଅତି ପରିଚିତ, ପୃଥିବୀର ସର୍ବତ୍ର ସାଧୁତା ଓ ପବିତ୍ରତା ଶୁକ୍ଳ

Digitized by srujanika@gmail.com

ବର୍ଣ୍ଣ ଦ୍ୱାରା ଓ ଅସାଧୁତା ଓ ପାପାଶ୍ରୟସବୁ କୃଷ୍ଣ ବର୍ଣ୍ଣ ଦ୍ୱାରା ବ୍ୟଞ୍ଜିତ ହୋଇଥାଏ । ତେଣୁ ଗୀତାର ଉତ୍ତରାୟଣ (ଉତ୍ତର ମେରୁର ଆଲୋକମୟ ଛ'ମାସ) ଓ ଦକ୍ଷିଣାୟନ (ଉତ୍ତର ମେରୁର ଅନ୍ଧକାରମୟ ଛ'ମାସ)କୁ ପାଠକେ ଏହି 'ଶୁକ୍ଳେ କୃଷ୍ଣେ' ଅର୍ଥାତ୍ ମନୁଷ୍ୟର ଧଳା (ପୁଣ୍ୟବାନ୍) ଓ କଳା (ପାପାଚାରୀ) ଜୀବନର ରୂପକ ରୂପେହିଁ ଗ୍ରହଣ କରିପାରନ୍ତି । ଅର୍ଥାତ୍ ପୁଣ୍ୟମୟ ଶୁକ୍ଳପଥ ଆମକୁ ପରମଧାମକୁ ନେଇଯିବ ଏବଂ ପାପମୟ କୃଷ୍ଣପଥ, ଆମକୁ ଫେର୍ ତଳକୁ ଟାଣିବ ।

ମନେହୁଏ ଏହାହିଁ, ଗୀତାର ଏହି ଅଧ୍ୟାୟର ଏହି କେତୋଟି ଶ୍ଳୋକର ବ୍ୟଞ୍ଜନାପୂର୍ଣ୍ଣ ଆଧ୍ୟାତ୍ମିକ ଅର୍ଥ ।

(୨୭)

ନୈତେ ସୃତୀ ପାର୍ଥଜାନନ୍ ଯୋଗୀ ମୁହ୍ୟତି କଶ୍ଚନ
ତସ୍ମାତ୍ ସର୍ବେଷୁ କାଳେଷୁ ଯୋଗଯୁକ୍ତୋ ଭବାର୍ଜୁନ ।୨୭।

ହେ ପାର୍ଥ, (ଅର୍ଜୁନ) ଏତେ (ଏହି) ସୃତୀ (ମାର୍ଗଦ୍ୱୟ) ଜାନନ୍ (ଜାଣିଥିଲେ) କଶ୍ଚନ ଯୋଗୀ (କୌଣସି ଯୋଗାଭ୍ୟାସୀ ଲୋକ) ନ ମୁହ୍ୟତି (ମୋହପ୍ରାପ୍ତ ହେବେ ନାହିଁ) । ତସ୍ମାତ୍ (ସେହି ହେତୁରୁ) [ହେ] ଅର୍ଜୁନ ସର୍ବେଷୁ କାଳେଷୁ (ସଦାବେଳେ) ଯୋଗଯୁକ୍ତଃ ଭବ (ଯୋଗଯୁକ୍ତ ବା ଈଶ୍ୱର-ସଚେତନ ରହ) ।

ଅନୁବାଦ—

ହେ ଅର୍ଜୁନ, ଏହି ଶୁକ୍ଳ-କୃଷ୍ଣ ମାର୍ଗଦ୍ୱୟର କଥା ଜାଣି ରଖିଥିଲେ, ଯୋଗାଭ୍ୟାସୀ ଲୋକ ମୋହଗ୍ରସ୍ତ ହୋଇ ନ ଥାନ୍ତି । ତେଣୁ (ମୃତ୍ୟୁ ମୁହୂର୍ତ୍ତର ପ୍ରସ୍ତୁତି ପାଇଁ) ତୁମେ ସର୍ବଦାହିଁ ଯୋଗଯୁକ୍ତ ବା ଈଶ୍ୱର-ସଚେତନ ହୋଇ ରହିବାକୁ ଚେଷ୍ଟା କରିବ ।

(୨୮)

ବେଦେଷୁ ଯଜ୍ଞେଷୁ ତପଃ ସୁ ଚୈବ
ଦାନେଷୁ ଯତ୍ ପୁଣ୍ୟଫଳଂ ପ୍ରଦିଷ୍ଟଂ
ଅତ୍ୟେତି ତତ୍ ସର୍ବମିଦଂ ବିଦିତ୍ୱା
ଯୋଗୀପରଂ ସ୍ଥାନ ମୁପୈତି ଚାଦ୍ୟଂ ।୨୮।

ବେଦେଷୁ (ବେଦ ବା ଶାସ୍ତ୍ରାଧ୍ୟୟନରେ) ଯଜ୍ଞେଷୁ (ଯଜ୍ଞାଦିରେ) ତପଃ ସୁ (ଭିନ୍ନ ଭିନ୍ନ ତପସ୍ୟାରେ) ଦାନେଷୁ ଚ (ଏବଂ ଦାନରେ) ଯତ୍ ପୁଣ୍ୟଫଳଂ ପ୍ରଦିଷ୍ଟଂ (ଯେଉଁ ଯେଉଁ ପୁଣ୍ୟଫଳ ଲଭହୁଏ ବୋଲି କୁହାଯାଇଥାଏ)

Digitized by srujanika@gmail.com

ଯୋଗୀ ତତ୍ ସର୍ବଂ ଅତ୍ୟେତି (ଯୋଗଯୁକ୍ତ ବା ଈଶ୍ୱର ସମର୍ପିତ ଚେତନ ବ୍ୟକ୍ତି ସେ ସମସ୍ତଙ୍କୁ ଅତିକ୍ରମ କରିଯାନ୍ତି); ଚ (ପୁଣି) ଆଦ୍ୟଂପରଂ ସ୍ଥାନଂ ଉପୈତି (ଉତ୍କୃଷ୍ଟ ଶୀର୍ଷ ସ୍ଥାନ ବା ଲୋକକୁ ଉଠିଯାନ୍ତି) ।

ଅନୁବାଦ—

ହେ ଅର୍ଜୁନ, ଜାଣିରଖିବ ଯେ, ଯେଉଁ ଯୋଗୀ ଜାଣିଛନ୍ତି ଯେ ବେଦାଧ୍ୟୟନ (ଧର୍ମଶାସ୍ତ୍ର ପଠନ)ର, ଯଜ୍ଞର, କୃଚ୍ଛ୍ର-ସାଧନାର, ଦାନର ଯେଉଁସବୁ ପୁଣ୍ୟଫଳ ମିଳିବାର ଆଶା, ସେ ସବୁକୁ ଆତ୍ମାର ମୃତ୍ୟୁକାଳୀନ ଏହି ଶୁକ୍ଳ-କୃଷ୍ଣ-ମାର୍ଗ-ଜ୍ଞାନର ଫଳ, ଅତିକ୍ରମ କରିଥାଏ, ଯାହା ଫଳରେ କି ସେ ସହଜରେ ସେହି ଆଦ୍ୟ ଓ ପରମ ସ୍ଥାନକୁ ଯାଇପାରନ୍ତି ।

ବିଶେଷ ଭାଷ୍ୟ—

ପାଠକେ ମନେରଖିବେ, ପରଂ ସ୍ଥାନଂ ଉପୈତି' ଏହାହିଁ ଗୀତାର ବିଶେଷ 'ମେସେଜ୍' (message) ବା ମୁଖ୍ୟବାଣୀ । 'ଅପୁନରାବୃତ୍ତି' ବା 'ମୁକ୍ତି' ବା "ପରଂଧାମ", ଯାହା ତୁମର ଲକ୍ଷ୍ୟ ହେଉ, ଗୀତା ସେଥିରୁ କୌଣସିଟିକୁ କୌଣସି ପ୍ରକାର ବାହ୍ୟ କର୍ମ ବା ଘଟଣା ଉପରେ ଛାଡ଼ି ଦେଇନାହାନ୍ତି । ଏ ଶ୍ଳୋକରେ ଏବଂ ଅନ୍ୟତ୍ର ଗୀତା ବରାବର କହିଚାଲିଛନ୍ତି ଯେ, ବେଦପାଠ (ଶାସ୍ତ୍ରଚର୍ଚ୍ଚା) ଯଜ୍ଞ, ତପସ୍ୟା, ଦାନ ଇତ୍ୟାଦି କରିପାର, ନ କରିପାର ; କିନ୍ତୁ ଈଶ୍ୱରୋପଲବ୍ଧି ଯେ ଏକାନ୍ତ ଭାବରେ ଏକ ଆଭ୍ୟନ୍ତରୀଣ ବ୍ୟାପାର ଏହା ଯେପରି ଭୁଲି ନ ଯାଅ । ଚିତ୍ତକୁ ଅସ୍ଥାୟୀ ସଂସାରର କ୍ଷଣିକ ପ୍ରଲୋଭନ ଆଦିରୁ ଓଟାରି ଆଣି ସେହି ଚିର ପ୍ରବହମାନ କ୍ଷଣିକତାର ଅନ୍ତରାଳରେ ଥିବା ଏକମାତ୍ର ସତ୍‌ବସ୍ତୁ ବ୍ରହ୍ମ ବା ଈଶ୍ୱରଙ୍କଠାରେ କ୍ରମେ କ୍ରମେ ସଂପୂର୍ଣ୍ଣ ନ୍ୟସ୍ତ କରିଦେବାହିଁ ଏହି ପରମ ଅନୁଭବର ଏକମାତ୍ର ପନ୍ଥା । ତାହାହିଁ ଅଧିଭୂତ, ଅଧିଦୈବ ଓ ଅଧିଯଜ୍ଞ । ଏ ସମସ୍ତଙ୍କୁ ଏକ ଓ ଅଭିନ୍ନ ବୋଲି ଗ୍ରହଣ କରିବା ରୂପକ ସେହି ଅଭିନ୍ନ-ଜ୍ଞାନହିଁ ପ୍ରକୃତ ଅଧ୍ୟାତ୍ମ ଜ୍ଞାନ । ପୁଣି ତାହା ଜୀବନ ପରି ମରଣ କାଳରେ ମଧ୍ୟ ସାଧକକୁ ପରମାନନ୍ଦର ଉତ୍ସକୁ ନେଇଯିବ । ଏହି ଆତ୍ମିକ ଅଭ୍ୟାସ, ଏହି ସଂପୂର୍ଣ୍ଣ ଆତ୍ମସମର୍ପଣହିଁ ଗୀତାର ପରମ ଯୋଗ । ଏହି ସମର୍ପଣ ଯେ ଅଭ୍ୟାସ କରିପାରିଛନ୍ତି (କର୍ମଯୋଗ, ରାଜଯୋଗ ବା ଭକ୍ତିଯୋଗ ଯେଉଁ ଉପାୟରେ ହେଉ) ଗୀତା ତାଙ୍କୁଇ କହିଆସୁଛନ୍ତି "ଯୋଗଯୁକ୍ତ"—ଶ୍ରୀକୃଷ୍ଣଙ୍କର ଆଦର୍ଶ-ମାନବ ।

●

ଇତି ଶ୍ରୀମହାଭାରତେ ଶତସହସ୍ର୍ୟାଂ ସଂହିତାୟାଂ ବୈୟାସିକ୍ୟାଂ ଭୀଷ୍ମପର୍ବଣି ଶ୍ରୀମଦ୍‌ଭଗବଦ୍‌ଗୀତା ସୂପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନ ସମ୍ବାଦେ ଅକ୍ଷର ବ୍ରହ୍ମଯୋଗୋ ନାମ ଅଷ୍ଟମୋଽଧ୍ୟାୟଃ ।

Digitized by srujanika@gmail.com

ନବମ ଅଧ୍ୟାୟ

ରାଜବିଦ୍ୟା—ରାଜଗୁହ୍ୟ ଯୋଗ

ଅଧ୍ୟାୟଦୀପିକା—

ସପ୍ତମ ଓ ଅଷ୍ଟମ ଅଧ୍ୟାୟର, ଏହି ଅଧ୍ୟାୟ ମଧ୍ୟ କ୍ରମବର୍ଦ୍ଧିତାଂଶ କହିବାକୁ ହେବ ଏବଂ ଏହିପରି ଚାଲିବ ଦ୍ୱାଦଶ ଅଧ୍ୟାୟ ପର୍ଯ୍ୟନ୍ତ । ଏ ସବୁର ମୋଟ କଥା ହେଲା 'ଭକ୍ତିବାଦ' ଅର୍ଥାତ୍ ଏ ଜଗତର ଏକମାତ୍ର ସ୍ରଷ୍ଟା ଓ ପରିଚାଳକ ଏକ ବ୍ୟକ୍ତିତ୍ୱ-ସଂପନ୍ନ ଈଶ୍ୱରଙ୍କ ନିକଟରେ ପରିପୂର୍ଣ୍ଣ ଆତ୍ମ ସମର୍ପଣ ।

ଅଷ୍ଟମ ଅଧ୍ୟାୟକୁ କୁହାଯାଇଥିଲା "ଅକ୍ଷର ବ୍ରହ୍ମ ଯୋଗ" ; କିନ୍ତୁ ଆମେ ଦେଖିଲୁ ଯେ, ସାମାନ୍ୟ ଭାବରେ ସେ ବିଷୟଟି ଉଲ୍ଲେଖ ମାତ୍ର କରି-ଦେଇ ସେ ଅଧ୍ୟାୟଟି ମୁଖ୍ୟ ଭାବରେ "ମୃତ୍ୟୁ ପରେ ଆତ୍ମାର ଗତି" କ'ଣ ହେବ ଏହି ବିଷୟହିଁ ବର୍ଣ୍ଣନା କରି ଚାଲିଲା । ସେହିପରି ଏ ଅଧ୍ୟାୟର ନାମ ରାଜ'ବିଦ୍ୟା (ଶ୍ରେଷ୍ଠଜ୍ଞାନ) ଓ ରାଜ ଗୁହ୍ୟ (ଶ୍ରେଷ୍ଠ ଗୋପନ କଥା) ହେଲେହେଁ ଏହି ଅଧ୍ୟାୟଟି ପ୍ରକୃତରେ ଅକ୍ଷୟ, ଅବ୍ୟୟ, ଅଗୁଣ ଓ ଅନିର୍ଦ୍ଦିଷ୍ଟ ବ୍ରହ୍ମ ପରିବର୍ତ୍ତରେ ଏକ ବ୍ୟକ୍ତିତ୍ୱ-ସଂପନ୍ନ ଈଶ୍ୱରଙ୍କର ମହିମା ଓ ତାଙ୍କ ପ୍ରତି ଅଚଳା ଭକ୍ତିର ଫଳ-ବର୍ଣ୍ଣନା ମାତ୍ର । ଅର୍ଥାତ୍ ପରିପୂର୍ଣ୍ଣ ଭକ୍ତି-ଯୋଗ ବା ଈଶ୍ୱରଙ୍କ ନିକଟରେ ଆତ୍ମ-ସମର୍ପଣ । ଏହା ଏକାନ୍ତରେ ବୈପ୍ଳବିକ ସାଧନା । ପୂର୍ବର ବେଦସମୟର ଆଡମ୍ବରମୟ ଯାଗ-ଯଜ୍ଞ ଓ ତା'ପରର କୃଚ୍ଛ୍ର-ସାଧନାଦି ଉଭୟକୁ ପରିତ୍ୟାଗ କରି, ଗୀତା ଏ ଅଧ୍ୟାୟରେ, ଯେଉଁ ଅପୂର୍ବ ଭକ୍ତିଯୋଗ ବର୍ଣ୍ଣନା କରିବେ, ଏକ ଧର୍ମୀୟ ସାଧନା ଭାବରେ ତାହା ସତ୍ୟରେ ବିସ୍ମୟକର ଭାବରେ ସରଳ । ଏଠି କେବଳ ଭକ୍ତ ଓ ଭଗବାନ ପରସ୍ପର-ମୁଖାମୁଖୀ ହୋଇ ଦଣ୍ଡାୟମାନ । ଅନ୍ୟ ସାମାଜିକ କାରଣ ଥିଲେ ମଧ୍ୟ ଏହି ଆଧ୍ୟାତ୍ମିକ କାରଣରୁହିଁ ଏହି ଅଧ୍ୟାୟର ବିଷୟକୁ ଯଥାର୍ଥରେ କୁହାଯାଇ ପାରିବ ରାଜବିଦ୍ୟା (ଶ୍ରେଷ୍ଠଜ୍ଞାନ) ଓ ରାଜଗୁହ୍ୟ (ଶ୍ରେଷ୍ଠ ଗୋପନୀୟ ପ୍ରସଙ୍ଗ) । ବର୍ତ୍ତମାନ ଅଧ୍ୟାୟଟିର ଆଲୋଚନା କରିବା ।

ଶ୍ରୀ ଭଗବାନୁବାଚ

(୧)

ଇଦଂ ତୁ ତେ ଗୁହ୍ୟତମଂ ପ୍ରବକ୍ଷ୍ୟାମ୍ୟନସୂୟବେ
ଜ୍ଞାନଂ ବିଜ୍ଞାନ ସହିତଂ ଯଜ୍ଜ୍ଞାତ୍ୱା ମୋକ୍ଷ୍ୟସେଽଶୁଭାତ୍ ।୧।

Digitized by srujanika@gmail.com

ଶ୍ରୀ ଭଗବାନୁବାଚ (ଭଗବାନ୍ ଶ୍ରୀକୃଷ୍ଣ କହିଲେ) ଇଦଂ ତୁ ଗୁହ୍ୟତମଂ (ଏହି ଅତି ଗୁଢ଼) ବିଜ୍ଞାନ ସହିତଂ ଜ୍ଞାନଂ (ବିଜ୍ଞାନ ସହିତ ଜ୍ଞାନକୁ) ଅନସୂୟବେ ତେ (ଅସୂୟା ଶୂନ୍ୟ ଅର୍ଥାତ୍ ଦୋଷ ଦର୍ଶନ ରହିତ ତୁମକୁ) ପ୍ରବକ୍ଷ୍ୟାମି (କହିବି) । ଯତ୍ ଜ୍ଞାତ୍ୱା (ଯାହା ଜାଣିଲେ) [ତୁମେ] ଅଶୁଭତ (ପାପରୁ ବା ତଜ୍ଜନତ ସଂସାର ବନ୍ଧନରୁ) ମୋକ୍ଷ୍ୟ ସେ (ମୁକ୍ତ ହେବ) ।

ଅନୁବାଦ—

ଶ୍ରୀକୃଷ୍ଣ କହିଲେ, ହେ ଅର୍ଜ୍ଜୁନ, ଦୋଷଦର୍ଶନ ଶୂନ୍ୟ—ତୁମକୁ ମୁଁ ବର୍ତ୍ତମାନ, ଜ୍ଞାନ ଓ ବିଜ୍ଞାନ ସହିତ ଏକ ଅତ ଗୁଢ଼ ପ୍ରସଙ୍ଗ କହିବି, ଯାହା ଜାଣିଲେ ତୁମେ ସକଳ ପାପ ଓ ତଜ୍ଜନତ ଦୁଃଖରୁ ମୁକ୍ତି ପାଇବ ।

(୨)

ରାଜବିଦ୍ୟା ରାଜଗୁହ୍ୟଂ ପବିତ୍ରମିଦମୁତ୍ତମଂ
ପ୍ରତ୍ୟକ୍ଷାବଗମ୍ ଧର୍ମ୍ୟଂ ସୁସୁଖଂ କର୍ତ୍ତୁମବ୍ୟୟଂ ।୨।

ଇଦଂ ରାଜଗୁହ୍ୟଂ (ଏହା ଗୋପନୀୟମାନଙ୍କର ରାଜା, ଅର୍ଥାତ୍ ସବୁଠାରୁ ବେଶୀ ଗୋପନୀୟ) [ଅଥଚ] ରାଜବିଦ୍ୟା (ବିଦ୍ୟାମାନଙ୍କ ଭିତରେ ଶ୍ରେଷ୍ଠ) ଉତ୍ତମ ପବିତ୍ରଂ (ଉତ୍ତମଂ ଓ ପବିତ୍ର) ପ୍ରତ୍ୟକ୍ଷାବଗମ୍ (ପ୍ରତ୍ୟକ୍ଷ ଫଳପ୍ରଦ) ଧର୍ମ୍ୟଂ (ଧର୍ମସଙ୍ଗତ) କର୍ତ୍ତୁଂସୁସୁଖଂ (ଅଭ୍ୟାସ କରିବାରେ ସୁଖପ୍ରଦ) ଅବ୍ୟୟଂ ଚ (ଏବଂ ଅକ୍ଷୟ ଫଳପ୍ରଦ) ।

ଅନୁବାଦ—

ହେ ଅର୍ଜ୍ଜୁନ, ଜାଣିରଖ ଯେ ଏହା, ଉତ୍ତମ ଓ ପବିତ୍ର ଜ୍ଞାନ ହେତୁ ଶ୍ରେଷ୍ଠଜ୍ଞାନ ବୋଲି ବିବେଚିତ ହେଲେହେଁ ଏହା (ସେହି କାରଣରୁ) ଅତ୍ୟନ୍ତ ଗୋପନୀୟ । ଅଥଚ ଏହା ପ୍ରତ୍ୟକ୍ଷ ଫଳପ୍ରଦ, ଧର୍ମସଙ୍ଗତ ଓ ସୁସାଧ୍ୟ । ଏହାର ପରିଣାମ ପୁଣି ଚିରସ୍ଥାୟୀ ।

(୩)

ଅଶ୍ରଦ୍ଧଧାନାଃ ପୁରୁଷା ଧର୍ମସ୍ୟାସ୍ୟ ପରନ୍ତପ
ଅପ୍ରାପ୍ୟ ମାଂ ନିବର୍ତ୍ତନ୍ତେ ମୃତ୍ୟୁ-ସଂସାର-ବର୍ତ୍ମନି ।୩।

ହେ ପରନ୍ତପ (ହେ ଶତ୍ରୁଜୟକାରୀ ଅର୍ଜ୍ଜୁନ) ଅସ୍ୟ ଧର୍ମସ୍ୟ ଅଶ୍ରଦ୍ଧଧାନାଃ ପୁରୁଷାଃ (ଏହି ଧର୍ମାଭ୍ୟାସ ପ୍ରତି ଶ୍ରଦ୍ଧାଶୂନ୍ୟ ଲୋକେ) ମାଂ ଅପ୍ରାପ୍ୟ (ମତେ ବା ଈଶ୍ୱରଙ୍କୁ, ନ ପାଇ) ମୃତ୍ୟୁ-ସଂସାର-ବର୍ତ୍ମନି (ମୃତ୍ୟୁ ଓ ଜନ୍ମ ଦେଇ

Digitized by srujanika@gmail.com

ଚଳମାନ ସଂସାର-ପ୍ରବାହରେ) ନିବର୍ତ୍ତନ୍ତେ (ବାରମ୍ବାର ଘୂରି ବୁଲୁଥାନ୍ତି) ।

ଅନୁବାଦ—

ହେ ଅର୍ଜ୍ଜୁନ ଏତିକି ମନେରଖିଥିବ ଯେ ମୁଁ କହିବାକୁ ଯାଉଥିବା ଧର୍ମୀୟ ପ୍ରସ୍ତାବ ପ୍ରତି ବାତ୍ସଲ୍ୟ ପ୍ରଦର୍ଶନକାରୀ ଲୋକ, ଆଉ ଯା ନ ହେଉ, ଅନ୍ତତଃ ମତେ (ଈଶ୍ୱରଙ୍କୁ) ପାଇନଥାନ୍ତି ଏବଂ ଜନ୍ମ-ମୃତ୍ୟୁ-ପ୍ରବାହରେ ଚିରକାଳ ହାବୁଡୁବୁ ଖାଉଥାନ୍ତି ।

ବିଶେଷ ଭାଷ୍ୟ—

ପାଠକେ, ଆମେ ବର୍ତ୍ତମାନ ଠିକ 'ଭକ୍ତିଯୋଗ' ଉପରକୁ ଆସିଗଲୁ । ଏହି ଭକ୍ତିଯୋଗହିଁ ଗୀତାଙ୍କ କଥାରେ 'ରାଜବିଦ୍ୟା' (ଶ୍ରେଷ୍ଠଜ୍ଞାନ) ଏବଂ ଯାହା ମଧ୍ୟ "ରାଜଗୁହ୍ୟ" ଅର୍ଥାତ୍ ସବୁଠାରୁ ଗୋପନୀୟ ବ୍ୟାପାର । ଜିଜ୍ଞାସୁ ଲୋକ ପଚାରି ପାରନ୍ତି—ଏଥିରେ ଗୋପନୀୟତା କ'ଣ ଅଛି ? 'ରାଜବିଦ୍ୟା' ଏହା ହୋଇପାରେ; କିନ୍ତୁ ଏହା 'ରାଜଗୁହ୍ୟ' ବୋଲେଇବ କାହିଁକି ?

ବହୁ ଶତାବ୍ଦୀ ଧରି ଗୀତା ଭାଗବତାଦି ଭକ୍ତି-ଗ୍ରନ୍ଥ ସବୁ ପଢ଼ିବା ଫଳରେ ଭକ୍ତି-ଯୋଗ ଅର୍ଥାତ୍ ଏକ ବ୍ୟକ୍ତିତ୍ୱ ସଂପନ୍ନ ଈଶ୍ୱର ନିକଟରେ ସଂପୂର୍ଣ୍ଣ ଭାବରେ ଆମର ଚୈତନ୍ୟକୁ ସମର୍ପି ଦେବା, ଆମ ନିକଟରେ ଆଜି ଏକ ଅତି ସୁପରିଚିତ ଭାବ ; କିନ୍ତୁ ଖ୍ରୀ. ପୂ. ସମ୍ଭବତଃ ଗୀତା ରଚନା ବେଳେ ଭାରତୀୟ ଉପ-ମହାଦେଶରେ ଏହା ଏତେ ବ୍ୟାପ୍ତ ନ ଥିଲା । ବୈଦିକ ଯାଗ-ଯଜ୍ଞ, ଔପନିଷଦିକ ମନନ ବା ବ୍ୟକ୍ତିଗତ କୃଚ୍ଛ୍ର ସାଧନା (ତପ)—ଏହି ତିନି ପ୍ରକାର ସାଧନା ଦେଇ, ଯେତେବେଳେ ଭାରତର ଲୋକେ ସାଂସାରିକ ଜଞ୍ଜାଳରୁ ମୁକ୍ତି ବା ମୃତ୍ୟୁ ପରେ ଅକ୍ଷୟ ସୁଖ ବା ଜୀବନ କାଳ ଭିତରେ ପ୍ରକୃତି ଉପରେ ବିବିଧ ପ୍ରଭାବ ଖୋଜୁ-ଥିଲେ ; କିନ୍ତୁ ଏ ସବୁର ବିପରୀତରେ ଗୌତମ ବୁଦ୍ଧ କ୍ଷୁରଧାର ନୈତିକତାମୟ ଜୀବନ (ଶୀଳାଚାର)କୁ ହିଁ ଦୁଃଖ-ମୁକ୍ତିର (ନିର୍ବାଣର) ଏକମାତ୍ର ପନ୍ଥା ବୋଲି ପ୍ରଚାର କଲେ । ପରେ କିନ୍ତୁ ବୌଦ୍ଧମାନେହିଁ, ବୁଦ୍ଧଙ୍କ ଆର୍ଯ୍ୟ-ଅଷ୍ଟାଙ୍ଗ ମାର୍ଗୀୟ ସାଧନାକୁ କଠିନ ମନେ କରି ଏବଂ ମନୁଷ୍ୟଠାରୁ କୌଣସି ଏକ ବୃହତ୍ତର ଶକ୍ତିର ସାହାଯ୍ୟ, ଧର୍ମ ଜୀବନରେ ଅତ୍ୟାବଶ୍ୟକ ବୋଧ କରି, ସ୍ୱୟଂ ଗୌତମ ବୁଦ୍ଧଙ୍କୁ ଉପାସ୍ୟ ଦେବତା କରି ଠିଆ କଲେ । ବୈଦିକ ବ୍ରାହ୍ମଣ୍ୟ ଧର୍ମରେ ସେ ପର୍ଯ୍ୟନ୍ତ ସେପରି କିଛି ନ ଥିଲା । ସେତେବେଳେ ହୁଏତ ଉତ୍ତର ଭାରତବର୍ଷରେ ମିତ୍ର ବା ସୂର୍ଯ୍ୟ ପୂଜା ବ୍ୟାପ୍ତ ଥିଲା, ଯେପରି ଥିଲା ଦକ୍ଷିଣ ଭାରତ ବା ଦ୍ରାବିଡ଼ ଅଞ୍ଚଳରେ ଲିଙ୍ଗ-ଯୋନି ପୂଜା ବା ଶୈବ ଉପାସନା । କିନ୍ତୁ ଏ ସବୁ ଥିଲେ ପ୍ରତୀକ

Digitized by srujanika@gmail.com

ମାତ୍ର । ମନୁଷ୍ୟ ମନୁଷ୍ୟ ସହିତ ଯେପରି କଥା କହେ ଓ ଭାବ-ବିନିମୟ କରେ, ଲୋକେ କ୍ରମେ ସେହିପରି ଏକ ଈଶ୍ୱର ଖୋଜି ଚାଲିଲେ—ଏପରି ଏକ ଈଶ୍ୱର, ଯେ କି ଏକାଧାରରେ ପିତା, ପୁତ୍ର, ସଖା, ସୁହୃତ୍, ଗୁରୁ ଓ ଶାସ୍ତା ହୋଇ ପାରନ୍ତି, ପ୍ରେମ ନେଇ ପାରନ୍ତି ଓ ଦେଇ ପାରନ୍ତି, ଏବଂ ଯେ ମନୁଷ୍ୟର ଇହ ଜୀବନରେ ସବୁ ଦାୟିତ୍ୱ ନେବେ ଓ ପର ଜୀବନରେ ଅକ୍ଷୟ ସୁଖ ଦେବେ ।

ଏହା କ ସମ୍ଭବ ? ଯଦି ସମ୍ଭବ, ତେବେ ଏତେ କୃଚ୍ଛ୍ର-ସାଧନା, ଯୋଗାଭ୍ୟାସ, ମନନ, ଯାଗଯଜ୍ଞ ଇତ୍ୟାଦି ସମସ୍ତ କି ଅଦରକାର ସତରେ ?

ଭକ୍ତିବାଦ କହିଲା—ନାଁ, ସେ ସବୁ ସତ୍ୟରେ କିଛି ଦରକାର ନାହିଁ, ଯଦି ତୁମେ ସେହି ଶକ୍ତି ଯାହାଙ୍କଠି ଆମେ ସମସ୍ତେ ଅବସ୍ଥିତ ଏବଂ ଯିଏ ଆମ ସମସ୍ତଙ୍କୁ ଆବୃତ କରି ରହିଛନ୍ତି, ତାଙ୍କଠି ସଂପୂର୍ଣ୍ଣ ବିଶ୍ୱାସ ରଖ ଏବଂ ସଂସାର ଓ ସଂସାରୀ ଆଡକୁ ତୁମର ଯେଉଁ ଶ୍ରଦ୍ଧା ଓ ବିଶ୍ୱାସ ସେ ସବୁକୁ ଟାଣି ଆଣି କେବଳ ତାଙ୍କରି ଠାରେ ସମର୍ପଣ କରିଦିଅ ଏବଂ ତୁମେ କିଛି ନୁହଁ, ସେହି ହିଁ ସବୁ କରୁଛନ୍ତି ବୋଲି ମନେ କର ଓ ସେହି ଅନୁଯାଇ କାମ କର ।

ବେଦ, ଉପନିଷଦ, ସାଂଖ୍ୟ, ଯୋଗ, ନ୍ୟାୟ ଓ ବୌଦ୍ଧବାଦ ଇତ୍ୟାଦି ପରେ (ଯେଉଁମାନଙ୍କର ସାଧନ-ପନ୍ଥା କ କଷ୍ଟସାଧ୍ୟ), ଚିରନ୍ତନ ସୁଖ ବା ଦୁଃଖ-ମୁକ୍ତିର, ଭକ୍ତିବାଦ ପରି ଏପରି ଏକ ସହଜ ଓ ସୁନ୍ଦର ପନ୍ଥା ଅଛି ବୋଲି ଯିଏ ପ୍ରଥମେ କହିଥିବ, ତାକୁ ଯେ ସାଧାରଣ ଲୋକ ସହଜରେ ବିଶ୍ୱାସ କରି ନ ଥିବେ, ଏଥିରେ ବିସ୍ମିତ ହେବାର କିଛି ନାହିଁ । ବରଂ ତାହା ସ୍ୱାଭବିକ । ହୁଏତ ଏହା ବହୁକାଳ ଯାଏ ଥଟା-ତାମାସାର କଥା ହୋଇଥିବ ଯେପରି ଗାନ୍ଧିଙ୍କ ଅହିଂସ ସଂଗ୍ରାମ ଫଳରେ ବ୍ରିଟୀଶ ସାମ୍ରାଜ୍ୟ ଭାଙ୍ଗି ଯିବାଟାକୁ ବହୁକାଳ ଧରି ଲୋକେ କେବଳ ଏକ ଥଟା-ତାମାସା ବୋଲି ଧରି ନେଇଥିଲେ । ତେଣୁ ପ୍ରଥମେ ମାତ୍ର ଅଳ୍ପ କେତେ ଜଣ ହୁଏତ 'ଭକ୍ତିବାଦ' ଅଭ୍ୟାସ କରୁଥିବେ ଏବଂ ସେମାନେ ଅନ୍ୟମାନଙ୍କ ପରିହାସକୁ ଏଡାଇବା ପାଇଁ ତାହାକୁ ନିଶ୍ଚୟ ଗୋପନୀୟ ରଖିଥିବେ ।

ଏବେ ଗବେଷଣା ଫଳରେ ମଧ୍ୟ ଜଣାପଡୁଛି ଯେ, 'ଭଗବତ'—ଧର୍ମ ଆଦ୍ୟ କାଳରେ ଏକ ସାମାନ୍ୟ 'ଗୋଷ୍ଠୀ-ଧର୍ମ' ମାତ୍ର ଥିଲା । ଖୁବ୍ ସମ୍ଭବତଃ, ଶ୍ରୀକୃଷ୍ଣଙ୍କର "ଡାଇନାମିକ ପାର୍ସନାଲିଟି" ବା "ବେଗବାନ୍ ବ୍ୟକ୍ତିତ୍ୱ" ଫଳରେ ହିଁ ଏହି ସୀମାବଦ୍ଧ ଗୋଷ୍ଠୀ-ଧର୍ମ ବିରାଟ ଜାତୀୟ ଧର୍ମରେ ପରିଣତ ହୋଇ ଯାଇଛି । ଏହି ଧର୍ମ-ସାଧନା ହେଲା ଏକ ବ୍ୟକ୍ତିଗତ ଈଶ୍ୱରଙ୍କଠାରେ ଐକାନ୍ତିକ

Digitized by srujanika@gmail.com

ବିଶ୍ୱାସ ଓ ନିର୍ଭରତା । ଏହା ହିଁ ଭକ୍ତି ଯୋଗ । ଗୀତା ରଚିତ ହେବା ସମୟକୁ ହୁଏତ ଏହା ସେତେ ସୁବଦିତ ନ ଥିଲା ନୁହେଁ, ହୁଏତ ଜନ-ପରିହାସର ବସ୍ତୁ ଥିଲା—ଏବେ ବି ଯେ ନାହିଁ ତା ନୁହେଁ । ତେଣୁ ହିଁ ବୋଧହୁଏ ଗୀତା ଭକ୍ତିଯୋଗ କଥା କହିଲା ବେଳେ ବାରମ୍ବାର 'ଶ୍ରଦ୍ଧା' ଉପରେ ଏତେ ଜୋର ଦେଇ ଚାଲିଛନ୍ତି ।

ଏହି 'ଶ୍ରଦ୍ଧା' ସମ୍ବନ୍ଧରେ ସ୍ୱାମୀ ବିବେକାନନ୍ଦଙ୍କର ନିମ୍ନଲିଖିତ ବାଣୀ ପାଠକଙ୍କର ବିଚାରଣୀୟ—

"ସାଧକର, ଧର୍ମ ଓ ଈଶ୍ୱରଙ୍କ ଉପରେ ପ୍ରବଳ ଶ୍ରଦ୍ଧା ରହିବା ଆବଶ୍ୟକ । ଏହା ନ ଥିଲେ, କେହି 'ଜ୍ଞାନୀ' ହେବାର ଆଶା କରିବେ ନାହିଁ । ଥରେ ମତେ ଜଣେ ଅସାଧାରଣ ଜ୍ଞାନୀ ପୁରୁଷ କହିଥିଲେ ଯେ, ସତ୍ୟରେ; କୋଟିଏ ଲୋକରେ ଗୋଟିଏ ହେଲେ ଈଶ୍ୱରଙ୍କଠାରେ ପ୍ରକୃତ ବିଶ୍ୱାସ ରଖନ୍ତି କ ନାହିଁ ସନ୍ଦେହ । ମୁଁ ତାଙ୍କୁ ପଚାରିଲି, ସେ ଏପରି ଧାରଣା କାହିଁକି କରନ୍ତି । ଉତ୍ତରରେ ସେ ମୋତେ ଏୟା କହିଥିଲେ ।

କଳ୍ପନା କର ଯେ; ଏହି କକ୍ଷରେ ଏକ ଚୋରର ଅଛି ଏବଂ ସେ ଜାଣିଲାଣି ଯେ କାଠର ଏକ ପତଳା ପର୍ଦା ଆରପଟେ ଅନ୍ୟ ଘରେ ଏକ ଜାଗାରେ ବହୁତ ସୁନା ରଖା ହୋଇଛି । ତେବେ ସେ ଚୋରର ମାନସିକ ଅବସ୍ଥା କ'ଣ ହେବ ?

ମୁଁ କହିଲି—ସେ ଚୋରକୁ ରାତରେ ନିଦ ହେବ ନାହିଁ । ସେ କେବଳ ଭାବିବ କେମିତି ସୁନାତକ ତାର ହସ୍ତଗତ ହେବ । ସେ ଆଉ କିଛି ହେଲେ ଭାବି ପାରିବ ନାହିଁ ।

ଯାର ଉତ୍ତରରେ ସେ ଜ୍ଞାନୀ କହିଲେ—ତା ହେଲେ ତୁମେ କ'ଣ ଭାବୁଛ ଯେ, କୌଣସି ମନୁଷ୍ୟ ସତରେ ଈଶ୍ୱରଙ୍କଠାରେ ବିଶ୍ୱାସ କରେ; ଅଥଚ ତାଙ୍କୁ ପାଇବା ପାଇଁ ସେ ପାଗଳ ନ ହୋଇ ସ୍ଥିର ରହିଛି ? ସେ ଯଦି ପ୍ରକୃତରେ ଜାଣିଲାଣି ଯେ, ଅନନ୍ତ ଆନନ୍ଦର ଏକ ଖଣି ଅଛି ଯାହା ସେ ଇଚ୍ଛା କଲେଇ ପାଇପାରିବ, ତେବେ ସେ ତାକୁ ପାଇବାପାଇଁ ପାଗଳ ନ ହୋଇ ରହିପାରିବ କି ?

ଈଶ୍ୱରଙ୍କ ଅସ୍ତିତ୍ୱରେ ପରମ ବିଶ୍ୱାସ ଓ ତାଙ୍କୁ ପାଇବା ପାଇଁ ଅବିଚଳିତ ଉତ୍ସାହର ଅନ୍ୟ ନାମ ହିଁ "ଶ୍ରଦ୍ଧା" ।

(ଧର୍ମ-ସାଧନାର ସୋପାନାବଳି, ରାଜଯୋଗ, ବିବେକାନନ୍ଦ ।)

ପୁଣି ଗୀତା ଏହି ଭକ୍ତିବାଦକୁ 'ରାଜଗୁହ୍ୟ' ବା "ସବୁଠାରୁ ବଳି ଗୋପନୀୟ ଜ୍ଞାନ" ବୋଲି ଯେ କହିଛନ୍ତି, ତାହାର ଦ୍ୱିତୀୟ ତାତ୍ପର୍ଯ୍ୟ ମଧ୍ୟ ହେବ ଏହା ଯେ, ଏ ଧର୍ମାଭ୍ୟାସ ଆଦୌ ବାହ୍ୟ ନୁହେଁ;ଏହା ଏକାନ୍ତ ଆଭ୍ୟନ୍ତ-

Digitized by srujanika@gmail.com

ହୀଣ । ଏହା ଏକାନ୍ତ ଗୋପନୀୟ ଅର୍ଥ —ଏହା କ'ଣ; ତାହା କେବଳ ଭକ୍ତ ଓ ଭଗବାନ, ସେହି ଦୁହେଁ ହିଁ ଜାଣିବେ । ପୁଣି 'ମୁକ୍ତି' ବା ମୃତ୍ୟୁ ପରେ ଚିରନ୍ତନ ସୁଖ ପାଇବା ପାଇଁ ଏହା ଯେ ଶ୍ରେଷ୍ଠ ପନ୍ଥା (ରାଜବିଦ୍ୟା) ବୋଲି କୁହାଯିବାର କାରଣ; ଏହି ସାଧନା ଏକାନ୍ତରେ ସୁଖକର, ଯେହେତୁ ଏହାର ଗତି କେବଳ ବିଶ୍ୱାସ ଦେଇ, ପ୍ରେମ ଦେଇ ଓ ଆନନ୍ଦ ଦେଇ । ଏହାର ଭରସା କୌଣସି ସାମାନ୍ୟ ଦେବ ଦେବୀଠି ନ ଥାଇ ରହେ ଯାଇ ସୃଷ୍ଟିର ଏକମାତ୍ର ସ୍ରଷ୍ଟାଙ୍କଠାରେ ଏବଂ ତାହା ପୁଣି ମନୁଷ୍ୟ ଭବରେ ଏବଂ ପିତା, ପୁତ୍ର; ସଖା ଓ ଗୁରୁ ରୂପରେ । ତେଣୁ ଏ "ରାଜବିଦ୍ୟା" ବା ଶ୍ରେଷ୍ଠ-ଜ୍ଞାନ ନୁହେଁ ତ ଆଉ କ'ଣ ? ସକଳ ସୁଖର ଏକମାତ୍ର ଉତ୍ସ ଈଶ୍ୱରଙ୍କୁ ନ ପାଇଲା ଯାଏ ଦୁଃଖରୁ ମୁକ୍ତି ବା ଆମେ କିପରି ଆଶା କରିବା ? ତେଣୁ ତାଙ୍କୁ ନ ପାଇଲା ଯାଏ ଆମେ ଦୁଃଖ ପାଉଥିବା, ଅର୍ଥାତ୍ ଜନ୍ମ ହେଉଥିବା, ମରୁଥିବା, ପୁଣି ଜନ୍ମ ହେଉଥିବା ପୁଣି ମରୁଥିବା ।

କିନ୍ତୁ ସେହି ଈଶ୍ୱର ବା ମୁଁ କିଏ ? ତାହାର ଉଦାର ବର୍ଣ୍ଣନା ବର୍ତ୍ତମାନ ପର ଶ୍ଳୋକମାନଙ୍କରେ ଦିଆଯିବ ।

(୪)

ମୟା ତତମିଦଂ ସର୍ବଂ ଜଗଦବ୍ୟକ୍ତ ମୂର୍ତ୍ତିନା
ମତ୍ସ୍ଥାନି ସର୍ବଭୂତାନି ନଚାହଂ ତେଷ୍ୱବସ୍ଥିତଃ । ୪ ।

[ମୋର] ଅବ୍ୟକ୍ତ ମୂର୍ତ୍ତିନା (ଅପ୍ରକାଶିତ ରୂପଦେଇ) ମୟା ଇଦଂ ସର୍ବଂ ଜଗତ୍ ତତଂ (ମୋ ଦ୍ୱାରା ଏହି ସମସ୍ତ ସୃଷ୍ଟି ପରିବ୍ୟାପ୍ତ) । ସର୍ବଭୂତାନି ମତ୍ସ୍ଥାନି (ସମସ୍ତ ଜୀବ ମୋଠାରେ ହିଁ ଅବସ୍ଥିତ) ଅହଂ ଚ ତେଷୁ ନ ଅବସ୍ଥିତଃ (କିନ୍ତୁ ମୁଁ ସେମାନଙ୍କ ଭିତରେ ଅର୍ଥାତ୍ କାହାରିଠାରେ, ଅବସ୍ଥିତ ବୋଲି କୁହାଯିବନି ବା ମୁଁ କାହାଦ୍ୱାରା ସୀମାବଦ୍ଧ ନୁହେଁ) ।

ଅନୁବାଦ—

ହେ ଅର୍ଜ୍ଜୁନ, ମୋର (ଈଶ୍ୱରଂକର) ଅବ୍ୟକ୍ତ ମୂର୍ତ୍ତି ଦ୍ୱାରା ହିଁ ସମଗ୍ର ସୃଷ୍ଟି ପରିବ୍ୟାପ୍ତ । ସକଳ ଜୀବଗ୍ରାମ ମୋଠାରେ ହିଁ (ଈଶ୍ୱରଙ୍କଠାରେ) ଅବସ୍ଥିତ; କିନ୍ତୁ ମୁଁ (ଈଶ୍ୱର) କେଉଁଠାରେ ବା କାହାରିଠାରେ ସୀମାବଦ୍ଧ ନୁହେଁ ।

(୫)

ନ ଚ ମତ୍ସ୍ଥାନି ଭୂତାନି ପଶ୍ୟ ମେ ଯୋଗମୈଶ୍ୱରଂ
ଭୂତ ଭୃନ୍ନ ଚ ଭୂତସ୍ଥୋ ମମାତ୍ମା ଭୂତଭାବନଃ । ୫ ।

Digitized by srujanika@gmail.com

ମମ (ମୋର) ଐଶ୍ୱରଂ ଯୋଗଂ ପଶ୍ୟ (ଐଶ୍ୱରିକ ପ୍ରଭାବ ଦେଖ) । ଭୂତାନି ନ ଚ ମତ୍ସ୍ଥାନି (ଜୀବମାନେ ମୋ ଠାରେ ଥାଇ ମଧ୍ୟ ନ ଥାନ୍ତି) ମମ ଆତ୍ମା ଭୂତଭୃତ୍ (ମୋର ସତ୍ତାହିଁ ଜୀବମାନଙ୍କୁ ଧରି ରଖିଛି) ଭୂତଭାବନଃ ଚ (ମୋର ସତ୍ତାହିଁ ଜୀବମାନଙ୍କୁ ବଞ୍ଚାଇ ରଖେ) ନ ଚ ଭୂତସ୍ଥ (ଅଥଚ ସେଠି ସୀମାବଦ୍ଧ ନୁହେଁ) ।

ଅନୁବାଦ—

ପୁଣି ହେ ଅର୍ଜୁନ, ଜାଣିରଖ ଯେ ଜୀବ ସଂଘ ମୋ ଠାରେ (ଈଶ୍ୱରଙ୍କଠାରେ) ଥାଇ ମଧ୍ୟ ନ ଥାନ୍ତି । ଏହାହିଁ ମୋର ଐଶ୍ୱରୀୟ ଯୋଗ । ମୋର ସତ୍ତାହିଁ ଜୀବମାନଙ୍କୁ ବଞ୍ଚାଇ ଓ ଧରି ରଖିଥିଲେ ମଧ୍ୟ ଜୀବମାନଙ୍କ-ଠାରେ ମୁଁ ସୀମାବଦ୍ଧ ନୁହେଁ ।

ବିଶେଷ ଭାଷ୍ୟ—

ଆମେ ଈଶ୍ୱରଙ୍କ ଭିତରେ ଅବସ୍ଥିତ । ତାହା ଯେପରି ସତ୍ୟ; ସେହିପରି ସତ୍ୟ ମଧ୍ୟ ଆମେ ଈଶ୍ୱରଙ୍କ ଭିତରେ ନ ଥିବା । ଆମେ ମାଟି, ଜଳ, ପବନ ଭିତରେ ଅଥବା ସମାଜ, ଜାତି ଓ ଦେଶରେ ଅଛୁ ବୋଲି ସାଧାରଣତଃ ମନେ କରିଥାଉଁ । କେତେ ଜଣ ମନେ କରନ୍ତି ଈଶ୍ୱରଙ୍କ ଭିତରେ ସେମାନେ ଅବସ୍ଥିତ ବୋଲି ? କାରଣ ଈଶ୍ୱର ଛଡା ଏ ଜଗତରେ ଆଉ ସ୍ୱତନ୍ତ୍ର କଣ ଅଛି ? ଈଶ୍ୱର ଉଭୟ ଭୂତଭୃତ୍ ଓ ଭୂତଭାବନ ; କିନ୍ତୁ ସେ କେବଳ ଭୂତସ୍ଥ ବା ଜୀବସ୍ଥ ନୁହନ୍ତି । ତାଙ୍କୁ ଖୋଜିବାକୁ ହେବ "ମୟାତତଂ ଇଦଂ ସର୍ବଂ" (ମୋଦ୍ୱାରା ଏ ସମସ୍ତ ପରିବ୍ୟାପ୍ତ) ଭାବରେ । ତେବେ ଯାଇ ମାୟା କଟିବ ଓ ଆମେ ଈଶ୍ୱରଙ୍କ ଅବ୍ୟକ୍ତ ସ୍ୱରୂପକୁ ମଧ୍ୟ ବ୍ୟକ୍ତ ଭାବରେ ଭେଟି ପାରିବା ।

ପୁଣି ଅନ୍ୟ ଅର୍ଥରେ ଈଶ୍ୱର, ଜୀବଗ୍ରାମର ମାତା ଓ ପିତା ହେଲେହେଁ ସେ ଜୀବ ଗ୍ରାମରୁ ସଂପୂର୍ଣ୍ଣ ନିର୍ଲିପ୍ତ ଭାବରେ ଚିର ବର୍ତ୍ତମାନ । ସମୁଦ୍ରରୁ ଅଗଣିତ ଲହରୀ ଉତ୍ପନ୍ନ ହୋଇ ବିଲୀନ ହେଉଛନ୍ତି । ଲହରୀର 'ବ୍ୟକ୍ତିତ୍ୱ' ସ୍ୱୀକାର୍ଯ୍ୟ, କିନ୍ତୁ 'ସ୍ୱାତନ୍ତ୍ର୍ୟ'ତାର କାହିଁ ? ଲହରୀରେ ସମୁଦ୍ର ସୀମାବଦ୍ଧ ନୁହେଁ ବା ଅଗଣିତ ଲହରୀମାଳାର, ସେହି ସମୁଦ୍ରରୁ ଜନ୍ମ ଓ ସେଇଠି ବିଲୟ ହେଲେ ମଧ୍ୟ ଅନନ୍ତ ବାରିଧି ନିରପେକ୍ଷ ନିରାସକ୍ତ ଭାବରେ ଦିଗଦିଗନ୍ତ ଧରି ସ୍ୱମହିମାରେ ପ୍ରସାରିତ । ଠିକ୍ ଏହିପରି ବିଶ୍ୱ-ବ୍ୟାପ୍ତ ବ୍ରହ୍ମ ଓ ଜୀବସଂଘ । ଏକ ଦର୍ପଣ, ଜୀବ ଓ ଘଟଣାମାନଙ୍କର ନାଟକାବଳିକୁ ପ୍ରତିବିମ୍ବିତ କରି, ନିଜେ ଯେପରି ନିର୍ବିକାର ରହେ, ବ୍ରହ୍ମ ବା ଈଶ୍ୱର, ଜୀବସଂଘ ବା ସଂସାର ସଂପର୍କରେ ଠିକ୍ ସେହିପରି । ଆମର ଜନ୍ମ-ମରଣର ନାଟକ ତାଙ୍କର ଯୋଗୁଁ ଓ ତାଙ୍କଠି

Digitized by srujanika@gmail.com

ଭିତରେ ହିଁ ଘଟି ଚାଲିଛି ; କିନ୍ତୁ ଅସୀମ ଅଗାଧ ବାରିଧି ଉପରେ ଏ କେବଳ ଲହରୀମାଳାର ଉତ୍‌ଥାନ ପତନ ମାତ୍ର । ଏଠାରେ ପାଠକେ ସପ୍ତମ ଅଧ୍ୟାୟର ୬ଷ୍ଠ ଶ୍ଳୋକ ସ୍ମରଣ କରନ୍ତୁ—

ଏତତ୍ ଯୋନୀନି ଭୂତାନି ସର୍ବାଣୀତ୍ୟୁପଧାରୟ
ଅହଂ କୃତ୍ସ୍ନସ୍ୟ ଜଗତଃ ପ୍ରଭବଃ ପ୍ରଳୟସ୍ତଥା ।

(୬)

ଯଥାକାଶସ୍ଥିତୋ ନିତ୍ୟଂ ବାୟୁଃ ସର୍ବତ୍ରଗୋ ମହାନ୍
ତଥା ସର୍ବାଣି ଭୂତାନି ମତ୍‌ସ୍ଥାନୀ ତ୍ୟୁପଧାରୟ ।୬।

ଯଥା (ଯେପରି) ସର୍ବତ୍ରଗଃ ମହାନ୍ ବାୟୁଃ (ସବୁଠି ବୁଲାଚଲା କରୁଥିବା ବାୟୁରାଶି ନିତ୍ୟଂ ଆକାଶସ୍ଥିତଃ (ସବୁବେଳେ ଆକାଶରେହିଁ ଅବସ୍ଥିତ) ତଥା (ସେହିପରି) ସର୍ବାଣି ଭୂତାନି (ଜୀବସକଳ) [ସ୍ୱାଧୀନ ଭାବରେ ଓ ଅସଂଖ୍ୟ ହୋଇ ବିଚରଣ କଲେ ମଧ୍ୟ] ମତ୍‌ସ୍ଥାନି ଇତି ଉପଧାରୟ (ମୋଠାରେ ହିଁ ଯେ ଅବସ୍ଥିତ, ଏହା ଜାଣିରଖ) ।

ଅନୁବାଦ—

ହେ ଅର୍ଜୁନ, ଯେପରି ଚତୁର୍ଦ୍ଦିଗରେ ଚିର-ପ୍ରବହମାନ ବାୟୁରାଶି ଆକାଶରେ ହିଁ ନିତ୍ୟ ଅବସ୍ଥିତ, ଠିକ ସେହି ରୀତିରେ ଅଗଣିତ ଜୀବସଂଘ ମୋଠାରେ (ଈଶ୍ୱରଙ୍କଠାରେ) ହିଁ ଅଧିଷ୍ଠିତ ବୋଲି ଜାଣିରଖ ।

(୭)

ସର୍ବଭୂତାନି କୌନ୍ତେୟ ପ୍ରକୃତିଂ ଯାନ୍ତି ମାମିକାଂ
କଳ୍ପକ୍ଷୟେ ପୁନସ୍ତାନି କଳ୍ପାଦୌ ବିସୃଜାମ୍ୟହଂ ।୭।

ହେ କୌନ୍ତେୟ (ଅର୍ଜୁନ) କଳ୍ପକ୍ଷୟେ (ପ୍ରଳୟ କାଳରେ) ସର୍ବାଣି ଭୂତାନି (ସକଳଜୀବ) ମାମିକାଂ ପ୍ରକୃତିଂ ଯାନ୍ତି (ମୋରି ପ୍ରକୃତିରେ, ମୋରି ଅବ୍ୟକ୍ତ ସତ୍ତାରେ ଲୀନ ହୋଇଯାନ୍ତି) । କଳ୍ପାଦୌ (ନୂତନ କଳ୍ପର ଆରମ୍ଭରେ) ତାନିପୁନଃ ଅହଂ ବିସୃଜାମି (ସେହି ଜୀବଗ୍ରାମକୁ ମୁଁ ପୁଣି ସୃଷ୍ଟି କରିଥାଏ) ।

ଅନୁବାଦ—

ହେ ଅର୍ଜୁନ, ଏହି ସକଳ ଜୀବ, କଳ୍ପ ଶେଷରେ ମୋ (ଈଶ୍ୱର)-ସୃଷ୍ଟ ପ୍ରକୃତିକୁ ଫେରିଯାନ୍ତି ଏବଂ ନୂତନ କଳ୍ପର ଆରମ୍ଭରେ ମୁଁ (ଈଶ୍ୱର) ପୁଣି ସେମାନଙ୍କୁ ସର୍ଜନା କରେ ।

Digitized by srujanika@gmail.com

ବିଶେଷ ଭାଷ୍ୟ—

ବରଫ, ତୁଷାର, ଶିଶିର, କୁହୁଡ଼, ବାଷ୍ପ, ମେଘ ଓ ଜଳ—ଏ ସମସ୍ତ ଗୋଟିଏ ମାତ୍ର ପ୍ରାକୃତିକ ଉପାଦାନ, 'ଅପ୍'ର ନାନା ଅବସ୍ଥା ମାତ୍ର । ଆମ ଗାଧୁଆଘର ଛୋଟ ଟାପ୍‌ଟିରୁ ଯେଉଁ 'ଅପ୍' ବାହାରେ, ସେହି ଅପ୍ ଦେଇ ହିଁ ଅନନ୍ତ ସମୁଦ୍ର ଗଢା । ପ୍ରକୃତି ଓ ଜୀବଜଗତରେ କେବଳ Becoming ବା ଭବନ-କ୍ରିୟାହିଁ ଅବିରାମ ଚାଲିଛି, ଜନ୍ମ-ଶୈଶବ-କୌମାର-ଜରା-ମୃତ୍ୟୁ ଦେଇ । ଏବଂ ଏହି ବିରାଟ Becoming ସବୁର ରଙ୍ଗମଞ୍ଚ ସମ୍ଭବ ହେଉଛି, ଏମାନଙ୍କ ପଛରେ ଗୋଟାଏ ଅକ୍ଷର, ଅର୍ଥାତ ଚିରବର୍ତ୍ତମାନ Being ଅଛି ବୋଲି, ଯେପରି ଲହରୀମାନଙ୍କର ନିରବଚ୍ଛିନ୍ନ ନାଟକାଭିନୟ ଚାଲିଛି, ସେମାନଙ୍କ ପୃଷ୍ଠଭୂମିରେ ମହାବାରିଧି ପ୍ରସାରିତ ଥିବା ଯୋଗୁଁ । ଭାରତୀୟ ସୃଷ୍ଟି-ତତ୍ତ୍ୱ ପାଞ୍ଚଟି ମୌଳିକ ଉପାଦାନ, କ୍ଷିତି, ଅପ୍, ତେଜ, ମରୁତ୍, ବ୍ୟୋମକୁ କଳ୍ପନା କରିଥିଲା । ଏଗୁଡିକ କ୍ରମ-ସୂକ୍ଷ୍ମ ବା କ୍ରମ-ସ୍ଥୂଳ ଭାବରେ ସୂକ୍ଷ୍ମ ଭିତରେ ସ୍ଥୂଳ ଅବସ୍ଥିତ ବୋଲି ଧରାଯାଇଥାଏ । ସବୁଠାରୁ ସୂକ୍ଷ୍ମ ହେଲା ଆକାଶ । ଆକାଶ କେବଳ ବାୟୁର ନୁହେଁ, ଅନ୍ୟ ଚାରି ଉପାଦାନର ମଧ୍ୟ ଅଧିଷ୍ଠାନ । ଆମେ ସମସ୍ତେ ଆକାଶରେହିଁ ଅଛୁଁ ; କିନ୍ତୁ ଆକାଶ ନିର୍ଲିପ୍ତ । ସେ ସବୁଠି ଓ କେଉଁଠି ନାହିଁ । ସେହିପରି ବ୍ରହ୍ମ ବା ଈଶ୍ୱର-ସତ୍ତା ।

(୮)

ପ୍ରକୃତିଂ ସ୍ୱାମବଷ୍ଟଭ୍ୟ ବିସୃଜାମି ପୁନଃପୁନଃ
ଭୂତଗ୍ରାମମିମଂ କୃତ୍ସ୍ନମବଶଂ ପ୍ରକୃତେର୍ବଶାତ୍ ।୮।

ସ୍ୱାଂ ପ୍ରକୃତିଂ ଅବଷ୍ଟଭ୍ୟ (ନିଜର ସତ୍ତାକୁ ଆଶ୍ରୟ କରି) ପ୍ରକୃତେଃ ବଶାତ୍ (ସେହି ସତ୍ତା ବା ପ୍ରକୃତି ନିହିତ ନିୟମ ବଶରେ) ଇମଂକୃତ୍ସ୍ନଂ ଭୂତଗ୍ରାମଂ (ଏହି ସମଗ୍ର ଜୀବସଂଘକୁ) [ମୁଁ] ପୁନଃପୁନଃ ବିସୃଜାମି (ବାରମ୍ବାର ସୃଷ୍ଟି କରେ) ।

ଅନୁବାଦ—

ହେ ଅର୍ଜ୍ଜୁନ, ମୁଁ (ଈଶ୍ୱର) ନିଜ-ସୃଷ୍ଟ ପ୍ରକୃତିର ଆଶ୍ରୟ ନେଇ, ପ୍ରକୃତି ବଶ ଏହି ସମଗ୍ର ଜୀବ ସଂଘକୁ ବାରମ୍ବାର ସୃଷ୍ଟି କରିଥାଏ ।

ବିଶେଷ ଭାଷ୍ୟ—

'ସୃଷ୍ଟି' ଏହି ଶବ୍ଦଟିକୁ, ଆମେ ଇଂରାଜି Creation ଅର୍ଥରେ ଯାହା ଗ୍ରହଣ କରିଥାଉ, ମନସ୍ୱୀ ବିବେକାନନ୍ଦ ତାହା ପ୍ରମାଦପୂର୍ଣ୍ଣ ବୋଲି ଏକ

Digitized by srujanika@gmail.com

ବକ୍ତୃତାରେ ବର୍ଣ୍ଣନା କରିଛନ୍ତି । ଏ ଶବ୍ଦର ପ୍ରତ୍ୟୟଗତ ଅର୍ଥ, ଉତ୍କ୍ଷେପଣ, ejection । ଆମେ ବରିଗ୍ଭ କରୁ । କିନ୍ତୁ ଆମେ ଗଛ-ଲତା ସବୁକୁ Create କରୁଛି ? ଅର୍ଥାତ ଶୂନ୍ୟରୁ କଛି ନୂଆ ଗଢ଼ ଥୋଉ କ ? ବୀଜ ଭିତରେ ହିଁ ଗଛ ଓ ଲତା ଥାନ୍ତି । ଅନୁକୂଳ ଅବସ୍ଥା ପାଇଲେ ବୀଜକୁ ଫଟାଇ ସେହି ସୁପ୍ତ ଶକ୍ତି ଆପେ ଫୁଟି ବାହାରିବ । ଏ ପୃଥିବୀର ସମଗ୍ର ଜୀବସଂଘର ଏକକ ଜୀବନୀ-ଶକ୍ତିର ଗୋଟିଏ ସାମୂହିକ ନାମ ହେଲା ପ୍ରାଣ ବା Life-force । କ୍ଷୁଦ୍ର ଏକ ବୀଜ ନହିତ ସାମାନ୍ୟ ସୁପ୍ତ ଶକ୍ତିଟି ମଧ୍ୟ ଏହି ବିଶ୍ୱବ୍ୟାପ୍ତ ପ୍ରାଣର ଅଂଶ । ଅପ୍ ଯେପରି ବରଫ, ତୁଷାର କୁହୁଡ଼, ମେଘ, ଶିଶିର ଇତ୍ୟାଦିର ନାନା ଆକାରରେ ପ୍ରକାଶିତ ହୋଇଥାଏ, ସେହିପରି ଏହି ପ୍ରାଣ-ଶକ୍ତି ମଧ୍ୟ ନାନା ନାମ-ରୂପ ଦେଇ ପ୍ରକାଶିତ ହୋଇଥାଏ । ଅନୁ[illegible] ଅବସ୍ଥା ପାଇଲେ ଏହା ବିକଶିତ ହୁଏ, ପ୍ରତିକୂଳ ଅବସ୍ଥାରେ ଉଭେଇଯାଏ ; କିନ୍ତୁ ବିନଷ୍ଟ ହୁଏ ନାହିଁ । "ପ୍ରଳୟ" ଅର୍ଥ ପ୍ରାଣଶକ୍ତିର ସୁପ୍ତାବସ୍ଥା ମାତ୍ର—ବ୍ରହ୍ମାଙ୍କର ରାତ୍ରିକାଳ । ନୂତନ କଳ୍ପର ଆରମ୍ଭରେ ଅନୁକୂଳ ଅବସ୍ଥା ଫେରି ଆସିଲେ ସୁପ୍ତ ପ୍ରାଣ-ଶକ୍ତି ବୀଜ-ନିହିତ-ଶକ୍ତି ପରି ପୁଣି ଆପେ ଫୁଟି ବାହାରିବ ।

(୯)

ନ ଚ ମାଂ ତାନି କର୍ମାଣି ନିବଧ୍ନନ୍ତି ଧନଞ୍ଜୟ
ଉଦାସୀନ ବଦାସୀନ ମସକ୍ତଂ ତେଷୁ କର୍ମସୁ ।୯।

[ହେ] ଧନଞ୍ଜୟ (ଅର୍ଜୁନ) ତେଷୁ କର୍ମସୁ ଅସକ୍ତଂ ଚ (ସେହି ସବୁ କର୍ମରେ ଅର୍ଥାତ୍ ଜଗତର ଭଙ୍ଗା ଓ ଗଢ଼ାରେ ଅନାସକ୍ତ ଥିବାରୁ) ଉଦାସୀନବତ୍ ଆସୀନଂ ମାଂ (ଉଦାସୀନ ପରି ଅବସ୍ଥିତ ମତେ) ତାନି କର୍ମାଣି ନଚ ନିବଧ୍ନନ୍ତି (ସେ ସବୁ କର୍ମଦ୍ୱାରା ମଧ୍ୟ ମୁଁ କୌଣସି ପ୍ରକାର ବନ୍ଧନ ପ୍ରାପ୍ତ ହୋଇ-ନ ଥାଏ) ।

ଅନୁବାଦ—

କିନ୍ତୁ ହେ ଅର୍ଜୁନ, ଜୀବଗ୍ରାମର ସୃଷ୍ଟି-ସ୍ଥିତି-ଲୟାଦି ଏ ସକଳ କର୍ମର କର୍ତ୍ତା ହେଲେ ମଧ୍ୟ ସାଧାରଣ ଲୋକପରି, ଏସବୁ କ୍ରିୟାର ପ୍ରତିଫଳ ମୋତେ (ଈଶ୍ୱରଙ୍କୁ) ଭୋଗ କରିବାକୁ ହୋଇ ନ ଥାଏ । ମୁଁ ଏ ସକଳ କର୍ମପ୍ରବାହ ଭିତରେ ଉଦାସୀନ ବା ଅନାସକ୍ତ ଭବରେ ହିଁ ଅବସ୍ଥିତ ।

ବିଶେଷ ଭାଷ୍ୟ—

ଗୀତାରେ ବାରମ୍ବାର କୁହାଯାଉଛି ଯେ "ମୁଁ (ଈଶ୍ୱର) ସବୁ କରେ, କିନ୍ତୁ କୌଣସି କର୍ମର ଫଳ ମତେ ଲାଗେନା" । ଅଥଚ ଏହାର ଠିକ୍ ତାତ୍ପର୍ଯ୍ୟଟା

Digitized by srujanika@gmail.com

କ'ଣ, ଏହି ଲେଖକ ତାହା ଏପର୍ଯ୍ୟନ୍ତ ଜାଣିପାରିନି । ଈଶ୍ୱରଙ୍କୁ ଆମେ ତ ଦେଖୁନାହୁଁ, ତାଙ୍କୁ କ'ଣ ଲାଗୁଛି ବା ନ ଲାଗୁଛି, ଏହା ପରୀକ୍ଷା କରିବା ଆମ ଶକ୍ତିର ବାହାରେ । ଈଶ୍ୱରଙ୍କ 'କର୍ମ'ମାନେ ତ ଏହି ଦୁଃଖ-ଯନ୍ତ୍ରଣାମୟ ସଂସାର । ମନୁଷ୍ୟକୁ ତାର ନଜର ବ୍ୟକ୍ତିଗତ ଛୋଟ ବଡ କର୍ମପାଇଁ ଦାୟୀ ରଖାଯାଉଥିବା ବେଳେ, ଏହି ଯେ ସଂସାର ଯାହାର ମୌଳିକ ନିୟମହିଁ ହେଉଛି ଯନ୍ତ୍ରଣା; ଏପରି ଏକ ସଂସାରକୁ ଯେ ସୃଷ୍ଟି କଲା ସେ "ମୁଁ ଉଦାସୀନ, ମତେ କିଛି ଲାଗେନା" ଏତିକି କହିଦେଲେ କ ଏହି ଜଗତ୍‌ବ୍ୟାପୀ ଦୁଃଖର ଉତ୍ତର ମିଳିଗଲା ?

ଏକ ପଟରେ ଦୁଃଖ, ଅନ୍ୟାୟ, ଅତ୍ୟାଚାର ଓ ଯନ୍ତ୍ରଣାମୟ ଏକ ସୃଷ୍ଟି ଏବଂ ଅନ୍ୟ ପକ୍ଷରେ ଏକ 'କରୁଣାମୟ' ବୋଲାଉଥିବା ତାର ଏକ ସ୍ରଷ୍ଟା, ଅର୍ଥାତ୍ ଭଗବାନ ଏ ବିଶ୍ୱର ନିଶ୍ଚୟ ଆତ୍ମ-ବିରୋଧୀ ବା ପରସ୍ପର ବିରୋଧୀ ।

ଗୌତମ ବୁଦ୍ଧ ଏହି କାରଣରୁହିଁ ଏକ ବ୍ୟକ୍ତିତ୍ୱସଂପନ୍ନ ଈଶ୍ୱର ସମ୍ବନ୍ଧରେ ଆଦୌ ଆଲୋଚନା କରିବାକୁ ଉତ୍ସାହ ପ୍ରକାଶ କରୁନଥିଲେ ।

ଯେ ଏ ସଂସାରକୁ "ମୁଁ କରିଛି" ବୋଲି କହୁଛନ୍ତି, ସେ ଏତତ୍-ନିହିତ ଦୁଃଖ-ଯନ୍ତ୍ରଣା ପାଇଁ ଦାୟୀ ହେବା ଏକାନ୍ତ ଯୌକ୍ତିକ । "ମତେ କିଛି ଲାଗେନି" କହିବା ବା ଯେତେ ସବୁ ଭଲ ସେ ସବୁର କର୍ତ୍ତା 'ମୁଁ' କହିବା ଓ ଖରାପ ବେଳକୁ ଚୁପ ରହିବା—ଏହା ଅନ୍ତତଃ ଉତ୍ତମ ତାର୍କିକତାର ଲକ୍ଷଣ ନୁହେଁ ।

ବେଦାନ୍ତର 'ମାୟାବାଦ', ଆମେ ଜୀବନରେ ଯାହାକୁ ଦୁଃଖ ବା ଅନ୍ୟାୟ ବୋଲି କହୁ, ତାହା କେବଳ ଏକ ଆପେକ୍ଷିକ ଦୃଷ୍ଟିରୁ ସେପରି ଦିଶେ ବୋଲି ଯାହା ବ୍ୟାଖ୍ୟା କଲେ ତାହା କେତେକ ପରିମାଣରେ ସଂସାରର 'ମନ୍ଦ'ର ଅଯୌକ୍ତିକତାକୁ କଟେଇ ନେଲେ ମଧ୍ୟ, ପୁରାପୁରି କରୁଛି ବୋଲି କହି ହେବନି । ଜୀବ-ବଧ ମାତ୍ରେ କ୍ରୂରତା; ଶିକାର ଏକ ପରମକ୍ରୂରତା । ପାଗଲା ରଜା ମହମ୍ମଦ ତୋଗଲକ୍ ଶିକାର କରିବାକୁ ଯାଇ, ହଠାତ୍ ଖିଆଲ କଲେ ଯେ, ସେ ଜନ୍ତୁ ଶିକାର କରିବନି, ମଣିଷ ଶିକାର କରିବ । ଫଳରେ ବଣ, ବିଲ, ପାହାଡ ଘେରଉ କଲା, ଯେଉଁଠି ମଣିଷ କାମ କରୁଥିବେ କି ଖାଲି ଯାଉଥିବେ, ବସିଥିବେ, ତାଙ୍କୁ ନିଜେ କ୍ଳାନ୍ତ ହେବା ପର୍ଯ୍ୟନ୍ତ ସେ ଶିକାର କରିଚାଲିଥିବ ।

ମହାଜୀବ ମନୁଷ୍ୟ ପ୍ରତି ଏ ପ୍ରକାର ନିର୍ମମ ନିଷ୍ଠୁରତା ମଧ୍ୟ କି ଖାଲି 'ମାୟା' ବୋଲି ଉଡେଇ ଦିଆଯିବ ? ଏବଂ ଏଥିପାଇଁ କେହି ଦାୟୀ ହେବେ ନ ? ପରମ ବୌଦ୍ଧିକ ବିବେକାନନ୍ଦ ସ୍ପଷ୍ଟ କଥାରେ ତେଣୁ କହିଛନ୍ତି ଯେ, "The idea of a Personal God has to carry with it a Personal

Digitized by srujanika@gmail.com

Devil x x x And what sort of a God can He be to whom we attribute evil and other things ?"

(ଏକ ବ୍ୟକ୍ତିତ୍ୱସଂପନ୍ନ ଈଶ୍ୱରର କଳ୍ପନା ସାଥେ ସାଥେ ଏ ସୃଷ୍ଟିରେ ଆମକୁ ଏକ ବ୍ୟକ୍ତିତ୍ୱସଂପନ୍ନ ସଇତାନକୁ ମଧ୍ୟ ଠିଆ କରାଇବାକୁ ହେବ । × × × ଏବଂ ସେ କି ପ୍ରକାର (କରୁଣାମୟ) ଈଶ୍ୱର ଯାହାଙ୍କୁ (ଆମେ ଯେଉଁଥିବା) ସଂସାରର ସକଳ ମନ୍ଦ ପାଇଁ ମଧ୍ୟ ଦାୟୀ କରାଯିବ ?)

ଯାହା ହେଉ ପରମ ପ୍ରତିଭାବାନ୍ ସ୍ୱାମୀଜି ଠିକ୍ ପରେ ପରେ ଏହାର ସୁନ୍ଦର ସମାଧାନ ମଧ୍ୟ କରିଛନ୍ତି, ବେଦାନ୍ତ ଦର୍ଶନ ଦେଇ ।

We have to go beyond, to the Impersonal. In that, the universe exists with all its joys and miseries, for whatever exists in it has all come from the Impersonal. x x x The idea in that both good and evil are different aspects or manifestations of the same thing."

(ଆମକୁ ଏହି ବ୍ୟକ୍ତିତ୍ୱ-ସଂପନ୍ନ ଈଶ୍ୱର-କଳ୍ପନାର ସେ ପଟକୁ ଯିବାକୁ ହେବ, ସେହି ନିର୍ବ୍ୟକ୍ତିକ 'ତତ୍' ପାଖକୁ ଯାହାଠାରେ, ଦୁଃଖ ଓ ସୁଖ ଉଭୟକୁ ନେଇହିଁ ଗଠିତ ଏହି ନିଖିଳ ବିଶ୍ୱ ଅବସ୍ଥିତ । ସେହି ନିର୍ବ୍ୟକ୍ତି ଠାରୁହିଁ ଜଗତର ଦୁଃଖ ଓ ସୁଖ ଉଭୟ ଆସିଛି, ଯେପରି ଆସିଛି ଏହି ସଂସାରର ଅନ୍ୟ ସମସ୍ତ କିଛି । × × × ବସ୍ତୁତଃ ଭଲ ଓ ମନ୍ଦ ପରସ୍ପରଠାରୁ ସଂପୂର୍ଣ୍ଣ ଭାବରେ ଭିନ୍ନ ଦୁଇଟା ଅଲଗା ଅଲଗା ବସ୍ତୁ ନୁହଁନ୍ତି । ସେମାନେ ଗୋଟାଏ ବସ୍ତୁର ଦୁଇଟି ଅବୟବ ବା ଦୁଇଟି ପ୍ରକାଶ ମାତ୍ର") ।

(Reason and Religion, ଧର୍ମ ଓ ବିଚାରଣା, ରାଜଯୋଗ) ।

ସେହି ପ୍ରବନ୍ଧର ଅନ୍ୟତ୍ର ସ୍ୱାମୀଜି କହିଛନ୍ତି ଯେ, "That the explanation of a thing comes from within itself, is still more completely satisfied by Vedanta." (ଠିକ୍ ବୈଜ୍ଞାନିକ ପଦ୍ଧତି ଅନୁଯାୟୀ ପ୍ରତ୍ୟେକ ଘଟଣାର ହେତୁ ଯେ ସେହି ଘଟଣା ଭିତରେ ହିଁ ନିହିତ ଏହି ନିୟମ ଦେଇ ବେଦାନ୍ତ ଯେପରି ସନ୍ତୋଷଜନକ ଭାବରେ ଧର୍ମୀୟ ଜଟିଳତାଗୁଡ଼କୁ ସମାଧାନ କରି ଦେଇ ପାରନ୍ତି, ପୃଥିବୀର ଆଉ କୌଣସି ଧର୍ମ ବା ଦର୍ଶନ ସେପରି କରି-ପାରି ନାହିଁ ।)

ସେଥିପାଇଁ ସ୍ୱାମୀଜି ଏହି ଅତି ମୂଲ୍ୟବାନ ପ୍ରବନ୍ଧର ଅନ୍ୟତ୍ର ମଧ୍ୟ କହିଛନ୍ତି ।

"The proof of religion depends upon the truth of the constitution of men and not on any books. (ଧର୍ମର ପ୍ରକୃଷ୍ଟ ପ୍ରମାଣ

Digitized by srujanika@gmail.com

ଆମେ ମନୁଷ୍ୟର ବ୍ୟକ୍ତିତ୍ୱ ଭିତରୁ ହିଁ ପାଇବା, ବାହାରେ ଥିବା କୌଣସି ପୁସ୍ତକରୁ ନୁହେଁ ।)

ଏ ପୃଥିବୀକୁ ଗୋଟାଏ ସାପ ତା' ଫଣାରେ ଟେକି ଧରିଛି—ଏ ହେଲା ମାନବର ଶୈଶବୀୟ କଳ୍ପନା । ପୃଥିବୀର ସବୁ ଜାତିର ଇତିହାସରେ ଏପ୍ରକାର ଶୈଶବୀୟ କଳ୍ପନା ସବୁ ଦେଖା ଦେଇଛି । କହିବାକୁ ହେବ ଯେ, ମନୁଷ୍ୟ ପ୍ରକୃତରେ ସଭ୍ୟ ଓ ଉନ୍ନତ ହେଲା ସେତକିବେଳେ ଯେତେବେଳେ ନିଉଟନ ଆତ-ଫଳର ପତନ କଥା ଭବ ଭବି ଏ ସୃଷ୍ଟିର ଅଣୁ ପରମାଣୁ ଠାରୁ ଆରମ୍ଭ କରି ବିରାଟ ସୂର୍ଯ୍ୟ--ତାରକା ପର୍ଯ୍ୟନ୍ତ ସମସ୍ତଙ୍କଠି ଅନ୍ତର୍ନିହିତ ମାଧ୍ୟାକର୍ଷଣ ଶକ୍ତି ଆବିଷ୍କାର କଲେ ଯାହା କେବଳ ଏ ପୃଥିବୀକୁ ନୁହେଁ ଅଗଣିତ ଜ୍ୟୋତିଷ୍କ ମଣ୍ଡଳୀକୁ ମହାବ୍ୟୋମରେ ଝୁଲାଇ ରଖିଛି । ଆମ ଏହି ପୃଥିବୀ ମହାଶୂନ୍ୟରେ ପଡ଼ି ନ ଯାଇ ଅବସ୍ଥିତ ରହିବାର ହେତୁ, ତେଣୁ, ବାହାରେ ନାହିଁ, ଅଛି ତା ନିଜ ଭିତରେ । ଏହିପରି ଆମେ ଦିନେ, ହଇଜା, ବସନ୍ତର କାରଣପାଇଁ ବାହାରେ ଥିବା ବିଭୀଷିକାମୟ ଠାକୁରାଣୀ ସବୁ କଳ୍ପନା କରିଥିଲୁ । ପରେ୍ଶ ବର୍ଷ ତଳେ ବିଜ୍ଞାନ ଆବିଷ୍କାର କଲା ଯେ, ସେ ସବୁପାଇଁ ଆମ ଶରୀରସ୍ଥ ଜୀବାଣୁ ହିଁ ଦାୟୀ । ଏବେ ଟୀକା ଦେଇ ସେ ଜୀବାଣୁକୁ ନଷ୍ଟ କରିଦେଲେ ସେ ରୋଗ ସବୁ ଯାଦୁ କ୍ରିୟା ପରି ଚାଲି ଯାଉଛି । ଏ ସବୁ ରୋଗପାଇଁ ଠାକୁରାଣୀ ପୂଜା ରୂପକ ବାହ୍ୟ ପ୍ରୟୋଗ ଆଉ ଦର୍କାର ହେଉନି ।

ଠିକ୍ ସେହିପରି ସ୍ରଷ୍ଟା ଓ ସୃଷ୍ଟି । ମନେ ରଖିବାକୁ ହେବ ଯେ, ସ୍ରଷ୍ଟାହିଁ ସୃଷ୍ଟି । ସ୍ରଷ୍ଟା, ସୃଷ୍ଟିର ଅନ୍ତର୍ନିହିତ । ସେ ଦିନେ ସୃଷ୍ଟିକୁ ନିଜ ଭିତରୁ ବାନ୍ତି କରିଦେଇ ଓ ଯାର ସକଳ ଦୁଃଖ ଦୁର୍ଦ୍ଦଶା ପ୍ରତି ନିଷ୍ଠୁର ନିରପେକ୍ଷ ରହି, ଗୋଲୋକ ବା ବୈକୁଣ୍ଠ ବା Heaven ବା Paradise ନାମକ ଏକ ମଉଜ-ମୟ ଧାମରେ ଆରାମ କରୁଥିବାର କଳ୍ପନା ଅତ୍ୟନ୍ତ ପିଲାଳିଆ କଳ୍ପନା । ସବୁ ଧର୍ମରେ ଏ ଜନ୍ମର ଦୁଃଖ କଷ୍ଟ ଭୁଲିଯିବା ପାଇଁ ମୃତ୍ୟୁ ଆରପଟେ ଏ ପ୍ରକାର ମଧୁମୟ ପ୍ରତିଶ୍ରୁତି ଦିଆଯାଇଛି । ପରମ ଯୁକ୍ତିବାଦୀ ଅଥଚ ବୈଦିକ-ବ୍ରାହ୍ମଣ୍ୟ ଧର୍ମର ସର୍ବ-ଶ୍ରେଷ୍ଠ ବ୍ୟାଖ୍ୟାପକ ସ୍ୱାମୀ ବିବେକାନନ୍ଦ, ଧର୍ମ-ତତ୍ତ୍ୱରେ ସାଂସାରିକ-ସୁଖଭରା ଏହିସବୁ ସ୍ୱର୍ଗ, ହେଭନ୍ ବା ପାରାଡାଇଜ୍‌ମାନଙ୍କର କଳ୍ପନା ଓ ସ୍ୱୟଂ ଈଶ୍ୱରଙ୍କୁ ନ ଲୋଡ଼ି ଏହି ସବୁକୁ ପାଇବାପାଇଁ ଈଶ୍ୱର-ପ୍ରାର୍ଥନା ବା ତଥାକଥିତ ଧର୍ମାଚରଣ ସବୁ କରିବାର ଘୋର ନିନ୍ଦା କରିଛନ୍ତି ।

ସ୍ରଷ୍ଟା, ନିଜ ସୃଷ୍ଟି ଠାରୁ ନିଜକୁ ଅଲଗା ଠିଆ କରାଇବାରେ କୌଣସି ହେଲେ ଯୁକ୍ତି ନାହିଁ । ତେଣୁ "ମତେ ଏସବୁ ଲାଗେନି" କହିବାରେ ମଧ୍ୟ କୌଣସି ମହତ୍ ତାତପର୍ଯ୍ୟ ଦେଖା ଯାଉନି । ବରଂ ଆମର ନିରକ୍ଷର, ଅନ୍ଧ ଓ କନ୍ଧ ଅଥଚ

Digitized by srujanika@gmail.com

ବରେଣ୍ୟ ସାଧକ-କବି ଭୀମ ଭୋଇଙ୍କ ଭଷାରେ, ଜୀବ-ମନୁଷ୍ୟ ସହିତ ନିଜେ କଷ୍ଟ ପାଉଥିବା ଏକ ଈଶ୍ୱରର କଳ୍ପନା ଅତ୍ୟନ୍ତ ମହାନ୍ ଓ ଯୁକ୍ତିଯୁକ୍ତ—

ଗ୍ରୀଷମ ବରଷା, ନାହିଁ ଛିତ ବସା
କ୍ଷଣେ ନ ରହନ୍ତ କାହିଁ
ନିଜେ ଭଗବାନ ଦୁଃଖ ପାଉଛନ୍ତ
ବ୍ରହ୍ମାଣ୍ଡ ରଖିବା ପାଇଁ ।
କ୍ଷୁଧା ତୃଷା ମାରି ଦିବସ ତିମିର
କଷଣ ସହନ୍ତ କେତେ
ନିରନ୍ତରେ ପ୍ରଭୁ, ଯୋଗ ସାଧୁଛନ୍ତ
ଭକ୍ତମାନଙ୍କ ନିମନ୍ତେ ।
(ଦାଶରଥି ପୁସ୍ତକାଳୟ ପ୍ରକାଶିତ—
ସ୍ତୁତି ଚିନ୍ତାମଣି ତ୍ରୟୋବିଂଶ ବୋଲି)

ଅର୍ଥାତ୍ ଆମକୁ ଧରିନେବାକୁ ହେବ ଯେ, ବ୍ୟାଧିହିଁ ଭଗବାନ ଏବଂ ବ୍ୟାଧିର ଚିକିତ୍ସା ମଧ୍ୟ ଭଗବାନ୍ । ଜୀବନହିଁ ଭଗବାନ୍, ମୃତ୍ୟୁ ହିଁ ଭଗବାନ । ଜୀବନ ଯେପରି ଶିକ୍ଷଣୀୟ, ସେହିପରି ଶିକ୍ଷଣୀୟ ମଧ୍ୟ ମୃତ୍ୟୁ । ଦୁଇଟି ଦେଇ ଭଗବାନ ସମଭବରେ ପ୍ରକାଶିତ ଏବଂ ଦୁଇଟିଯାକ ଖଁଜାହୋଇଛି ଜୀବର କ୍ରମିକ ବିବର୍ତ୍ତନ ପାଇଁ—ନିମ୍ନରୁ ଉର୍ଦ୍ଧ୍ୱକୁ ଉଠି ଉଠି ଶେଷରେ ପୂର୍ଣ୍ଣତା ପାଇ ପୂର୍ଣ୍ଣରେ ମିଶିଯିବା ପାଇଁ । ତେଣୁ ମନେ କରିବାକୁ ହେବ ଯେ, ପ୍ରତ୍ୟେକ ସ୍ତରରେ ଆମର ପ୍ରତି ହସ, କାନ୍ଦ, ଲୁହ, ଲହୁ ଭିତରେ ହିଁ ଭଗବାନ ପରମ ତାତ୍ପର୍ଯ୍ୟପୂର୍ଣ୍ଣ ଭବରେ ଅବସ୍ଥିତ ।

ଗୀତାର ଈଶ୍ୱର ଏହି ପରମ ଉଦାରତା ଧରି ପୂର୍ବରୁ ପ୍ରତିଷ୍ଠିତ ଥିଲେ ମଧ୍ୟ, ଗୀତାର ଏହି ଭକ୍ତି-ଯୋଗ ଅଂଶରେ; ବ୍ୟକ୍ତିତ୍ୱ-ସମ୍ପନ୍ନ, ମନୁଷ୍ୟ ରୂପ-ଧାରୀ ଏକ ଭଗବାନଙ୍କ (ଶ୍ରୀକୃଷ୍ଣ)ର ଆବିର୍ଭବ ଫଳରେ କିଛି ଅଯୌକ୍ତିକତା ଅବଶ୍ୟ ଆସି ଯାଉଛି । ପୁଣି, ଉପସ୍ଥିତ କ୍ଷେତ୍ରରେ ଜଣେ ସାମାନ୍ୟ ରଥଚାଳକ "ଏ ସୃଷ୍ଟିର ଭଲ ମନ୍ଦ ମତେ ଲାଗେନି" କହିବାର ଦାର୍ଶନିକ ତାତ୍ପର୍ଯ୍ୟ କ'ଣ, ତା ମଧ୍ୟ ବୁଝି ହେଉନି ।

ପାଠକେ ନିଜେ ଏ ସବୁ ଗଭୀର ଭବରେ ବିଚ୍ଚର କରି ଦେଖନ୍ତୁ, ଏହାହିଁ ପ୍ରାର୍ଥନା । 'ବୁଦ୍ଧୌ ଶରଣ ମନ୍ୱିଚ୍ଛ'—ଗୀତାର ସେହି ମୁଖ୍ୟବାଣୀ ସ୍ମରଣ ରଖିବା ଉଚିତ । ବର୍ତ୍ତମାନ ପରବର୍ତ୍ତୀ ଶ୍ଳୋକକୁ ଯିବା ।

(୧୦)

ମୟାଧ୍ୟକ୍ଷେଣ ପ୍ରକୃତଃ ସୂୟତେ ସଚରାଚରଂ
ହେତୁନାନେନ କୌନ୍ତେୟ ଜଗଦ୍ ବିପରିବର୍ତ୍ତତେ । ୧୦ ।

Digitized by srujanika@gmail.com

ଅଧ୍ୟକ୍ଷେଣ ମୟା (ମୋର ଅଧ୍ୟକ୍ଷତା ବା ତତ୍ତ୍ୱାବଧାନରେ) ପ୍ରକୃତିଃ ସଚରାଚରଂ ଜଗତ୍ ସୂୟତେ (ପ୍ରକୃତି ଏହି ସ୍ଥାବର ଜଙ୍ଗମ ମିଶ୍ରିତ ନିଖିଳ ଜଗତକୁ ପ୍ରସବ କରେ) । [ହେ] କୌନ୍ତେୟ (ଅର୍ଜ୍ଜୁନ) ଅନେନ ହେତୁନା (ଏହି ହେତୁରୁ, ଏହି ନିୟମରେ) ଜଗତ୍ ବିପରିବର୍ତ୍ତତେ (ଜଗତ ବାରମ୍ବାର ଉତ୍ପନ୍ନ ହୁଏ) ।

ଅନୁବାଦ—

ହେ ଅର୍ଜ୍ଜୁନ, ମୋରି (ଈଶ୍ୱରଙ୍କର) ଅଧ୍ୟକ୍ଷତାରେ ବା ନିର୍ଦ୍ଦେଶରେ ହିଁ ପ୍ରକୃତି ସ୍ଥାବର ଜଙ୍ଗମ ମିଶ୍ରିତ ଏହି ନଖିଳ ବିଶ୍ୱକୁ ଜାତ କରି ଚାଲିଥାଏ ଏବଂ ଏହି ପ୍ରକାରେ ହିଁ ଏହି ଜଗତ୍ ବାରମ୍ବାର ଉତ୍ପନ୍ନ ହୋଇ ଚାଲିଛି ।

(୧୧)

ଅବଜାନନ୍ତି ମାଂ ମୂଢା ମାନୁଷୀଂ ତନୁମାଶ୍ରିତଂ
ପରଂଭାବମଜାନନ୍ତୋ । ମମ ଭୂତ ମହେଶ୍ୱରଂ । ୧୧ ।

ମୂଢାଃ (ବିଚାରଶୂନ୍ୟ ଲୋକେ) ମମ ମହେଶ୍ୱରଂ ଭୂତଂ ପରଂଭାବଂ (ମୋର ନିଖିଳ ସୃଷ୍ଟିର ମହାନ୍ ଈଶ୍ୱର ବା ପ୍ରଭୁ ରୂପକ ପରମ ତତ୍ତ୍ୱକୁ) ଅଜାନନ୍ତଃ (ଜାଣି ନ ପାରି) ମାଂ ମାନୁଷୀଂ ତନୁଂ ଆଶ୍ରିତଂ ଅବଜାନନ୍ତି (ମନୁଷ୍ୟ ଶରୀର ଧରିଥିବା ହେତୁ ମତେ ଅବଜ୍ଞା କରିଥାନ୍ତି) ।

ଅନୁବାଦ—

କିନ୍ତୁ ହେ ଅର୍ଜ୍ଜୁନ, ବିଚାରହୀନ ଲୋକେ ମୋର ମାହେଶ୍ୱରୀ ସତ୍ତା (ମୁଁ ଯେ ସମସ୍ତ ସୃଷ୍ଟିର ହିଁ କର୍ତ୍ତା ଓ ପ୍ରଭୁ ଏହିଭାବ) ସଂପର୍କରେ ଘୋର ଅଜ୍ଞତାବଶତଃ, ମନୁଷ୍ୟ ଶରୀରଧାରୀ ମତେ ଅବଜ୍ଞା କରିଥାନ୍ତି ।

ବିଶେଷ ଭାଷ୍ୟ—

ଏହି ଶ୍ଳୋକଟି 'କୃଷ୍ଣ-ଉପାସନା'ର ନଗ୍ନ ପ୍ରପାଗାଣ୍ଡା ମାତ୍ର । ଏହି ଶ୍ଳୋକରୁ ହିଁ ଗୀତାରେ କୃଷ୍ଣ-ପ୍ରଚାର ପ୍ରତ୍ୟକ୍ଷ ଭାବରେ ଆରମ୍ଭ ହେଲା ବୋଲିବାକୁ ହେବ । ହୁଏତ, ଶ୍ରୀକୃଷ୍ଣ ମହେଶ୍ୱର ହୋଇପାରନ୍ତି ; କିନ୍ତୁ ଭଗବାନ ମନୁଷ୍ୟ ପରି ବ୍ୟବହାର କରି ଚାଲିଲେ, ସାଧାରଣ ଲୋକ ସେହି ବିଶେଷ ବ୍ୟକ୍ତିଙ୍କୁ "ମହେଶ୍ୱର" ବୋଲି କିପରି ଜାଣିବେ ? ଏବଂ ସେଥିପାଇଁ ସେମାନଙ୍କୁ 'ମୂଢ' ବୋଲି ଗାଳି ଦେବାର ବା ଯଥାର୍ଥତା କାହିଁ ? କେବଳ ଶ୍ରୀକୃଷ୍ଣ ନୁହନ୍ତି, ଯୀଶୁ ମହମ୍ମଦ,ରାମକୃଷ୍ଣ ଆଦି ପ୍ରତ୍ୟେକ ଦେବ-ମାନବ ସମସାମୟିକ କାଳରେ ବାଧା,

Digitized by srujanika@gmail.com

ପ୍ରତିରୋଧ ଓ ନନ୍ଦା-ଲାଞ୍ଛନାର ସମ୍ମୁଖୀନ ହୋଇଛନ୍ତି । ହେବା ମଧ୍ୟ ସ୍ୱାଭାବିକ । ଅସାଧାରଣ ଲୋକର ଅସାଧାରଣ କଥା ସାଧାରଣ ଲୋକ ନ ବୁଝିବା ହିଁ ସ୍ୱାଭାବିକ । ଶ୍ରୀକୃଷ୍ଣଙ୍କୁ ତାଙ୍କ ଜୀବନ କାଳରେ ତାଙ୍କର ଅନେକ ଅତିପରିଚିତ ଲୋକ ମଧ୍ୟ, ସେ ଭଗବାନଙ୍କ ଅବତାର ବୋଲି ଜାଣି ନ ଥିଲେ ଏବଂ ଅନେକେ ତାଙ୍କୁ ତାଙ୍କର ଅନେକ କାମପାଇଁ ସମ୍ମାନନୀୟ ମନେ କରୁ ନ ଥିଲେ । ତେଣୁ ସାଧାରଣ ଲୋକର ସେ ଭଗବାନ ବୋଲି ଜ୍ଞାନ ନ ହେଲା ବୋଲି, ସେ 'ମୂଢ଼' କାହିଁକ ହେବ ? ଓଡ଼ିଆ ସାହିତ୍ୟର ମନୋଜ୍ଞ କାବ୍ୟ ଭକ୍ତ ଚରଣଙ୍କର ମଥୁରାମଙ୍ଗଳର ଶେଷାଂଶରେ ଅଛି ଯେ ମଥୁରା-ପ୍ରବାସୀ ଶ୍ରୀକୃଷ୍ଣ ବୃନ୍ଦାବନର ଶୋକାର୍ତ୍ତା ଗୋପିନୀମାନଙ୍କୁ ବୁଝାବୁଝି କରାଇ ଦେବାପାଇଁ ଉଦ୍ଧବଙ୍କୁ ପଠାଇଥିଲେ ଏବଂ ଭକ୍ତଉଦ୍ଧବ ଗୋପିନୀମାନଙ୍କୁ ଏକାଠି ବସାଇ, କୃଷ୍ଣ ସାମାନ୍ୟ ଜନ ନୁହନ୍ତି କହି କୃଷ୍ଣଙ୍କ 'ମହେଶ୍ୱରତ୍ୱ' ଓ 'ବ୍ରହ୍ମତ୍ୱ' ବୁଝାଇ ବସନ୍ତେ ସରଳା ନିରକ୍ଷର ଗୋପବାଳା ସବୁ ବିରକ୍ତ ହୋଇ ଉଠିଲେ ଏବଂ କହିଲେ "ବାବୁ, ଆମକୁ ଏ ବ୍ରହ୍ମ-ଫ୍ରହ୍ମ ଉପରେ ବକ୍ତୃତା ଦିଅନି । ଆମେ ତାଙ୍କୁ କେବଳ ଯଶୋଦା-ନନ୍ଦନ ଓ ଆମରି ଭିତରୁ ଜଣେ ବୋଲି ଜାଣୁ । ସେହି ଭାବରେହିଁ ସେ ଆମର ହୃଦୟ ଅଧିକାର କରିଥିଲେ । ଆମେ ତାଙ୍କୁ ବର୍ତ୍ତମାନ ମଧ୍ୟ ସେହି ଭାବରେ ହିଁ ଫେରି ଚାହୁଁ ।"

କିନ୍ତୁ ହିନ୍ଦୁ ଅଧ୍ୟାତ୍ମ ଜଗତରେ, ଶ୍ରୀକୃଷ୍ଣଙ୍କର ଏହି "ପରଂଭାବଂ ଅଜାନନ୍ତଃ"—ଗୋପିନୀମାନେ ହିଁ, ତାଙ୍କର ଶ୍ରେଷ୍ଠ ଭକ୍ତ ବୋଲି ଧରାଯାଇ-ଥାନ୍ତି । ଅଥଚ, ଠିକ୍ ସେହି ଦୋଷ ଯୋଗୁଁ ଅନ୍ୟେ 'ମୂଢ଼' ହେବେ କିପରି ? ମହାଭାରତ ଶାନ୍ତି ପର୍ବର ଏକ ସ୍ଥାନରେ ଦ୍ୱାରକାଧୀଶ ଓ ଯାଦବପତି ଶ୍ରୀକୃଷ୍ଣ, ତାଙ୍କର ଯେଉଁ ଭାଇ-ବନ୍ଧୁ-ଜ୍ଞାତି-କୁଟୁମ୍ବୀ ଯାଦବମାନଙ୍କ ପାଇଁ ସେ ଏତେ କରିଥିଲେ, ସେମାନେ ତାଙ୍କ ପ୍ରତି କିପରି ଅକୃତଜ୍ଞ ଓ ଅଭଦ୍ର ବ୍ୟବହାର କରୁଥାନ୍ତି, ତାହା ସେ ନାରଦଙ୍କ ଆଗରେ ବର୍ଣ୍ଣନା କରି ବିଳାପ କରିଛନ୍ତି ।

ତେଣୁ 'ଅସାଧାରଣ' ଲୋକଙ୍କୁ ସାଧାରଣ ଲୋକ ଚିହ୍ନି ନ ପାରିବା କୌଣସି ଗୋଟାଏ ଗୁରୁତର ଅପରାଧ ବୋଲି କୁହାଯାଇ ନ ପାରେ ବା କେବଳ ଏଇଥିପାଇଁ କିଏ କାହିଁକି ଦଣ୍ଡିତ ହେବ ବୁଝାଯାଉନ ।

ଅନ୍ୟ ପକ୍ଷରେ ସର୍ବଜୀବରେ ଆଶ୍ରୟ କରିଥିବା ଈଶ୍ୱରଙ୍କୁ ଅବଜ୍ଞା କରି 'ମୂଢ଼' ଲୋକେ କିପରି କାଷ୍ଠ-ପାଷାଣ-ନିର୍ମିତ ମୂର୍ତ୍ତିକୁ ଆଡମ୍ବର ସହକାରେ ପୂଜା କରିଥାନ୍ତି, ଭାଗବତରେ (୩।୨୯।୨୧) ଏହି ପ୍ରକାର ଉଦାର ଶ୍ଳୋକ ଅଛି—

ଅହଂ ସର୍ବେଷୁ ଭୂତେଷୁ ଭୂତାତ୍ମାବସ୍ଥିତଃ ସଦା
ତମବଜ୍ଞାୟ ମାଂ ମର୍ତ୍ତ୍ୟାଃ କୁରୁତେ ଅର୍ଚ୍ଚାଭିଡମ୍ବନଂ ।

(ମୁଁ ସକଳ ଜୀବର ଆତ୍ମାରେହିଁ ସର୍ବଦା ଅବସ୍ଥିତ ଥିଲେ ମଧ୍ୟ, ତାକୁ ଅବଜ୍ଞାକର ମନୁଷ୍ୟମାନେ ଅନ୍ୟ ଭାବରେ ଆଡମ୍ବରମୟ ଅର୍ଚ୍ଚନା କରିଥାନ୍ତି)

ଗୀତାର ଏହି ଶ୍ଳୋକର ତାତ୍ପର୍ଯ୍ୟର ପରିପୋଷକ ଭାବରେ ରାଧାକୃଷ୍ଣନ୍; ଭାଗବତର ଏହି ଶ୍ଳୋକଟିକୁ ଉଦ୍ଧାର କରିଛନ୍ତି ଏବଂ ଏହି ଅଧ୍ୟାୟର ଶେଷ ଶ୍ଳୋକର ଟୀକା ଭାବରେ ଘୋଷଣା କରିଛନ୍ତି—

"ଆମେ ଯାହାଙ୍କ ନିକଟରେ ନିଜକୁ ସଂପୂର୍ଣ୍ଣ ଭାବରେ ସମର୍ପିତ କରି-ଦେବା, ସେ ନିଶ୍ଚୟ ବ୍ୟକ୍ତିଗତ ବା ଐତିହାସିକ ଶ୍ରୀକୃଷ୍ଣ ନୁହନ୍ତି; ସେ ବରଂ ସେହି ଅଜ, ଅନାଦି ଓ ଶାଶ୍ୱତ ଶକ୍ତି ଯେ ଶ୍ରୀକୃଷ୍ଣଙ୍କ ଦେଇ ନିଜକୁ ପ୍ରକାଶ କରୁଛନ୍ତି । ଆମକୁ ଆମର ସ୍ୱାର୍ଥକେନ୍ଦ୍ରକତାରୁ ଆମର ବୌଦ୍ଧିକ ଓ ନୈତିକ ସମଗ୍ର ସତ୍ତାକୁ ଈଶ୍ୱରଠାରେ କେନ୍ଦ୍ରୀଭୂତ କରି ଆଧ୍ୟାତ୍ମିକ ସ୍ତରକୁ ଉଠିବାକୁ ହେବ; ଯାହା ଫଳରେ ଆମର ଜୀବନ ଈଶ୍ୱ-ଜୀବନ ସହିତ ଏକୀଭୂତ ହୋଇ-ଉଠିବ ।"

(୧୨)

ମୋଘାଶା ମୋଘକର୍ମାଣୋ ମୋଘଜ୍ଞାନା ବିଚେତସଃ
ରାକ୍ଷସୀମାସୁରୀଞ୍ଚୈବ ପ୍ରକୃତିଂ ମୋହିନୀଂଶ୍ରିତାଃ ।୧୨।

[ସେହି ମୂଢ଼ ଲୋକେ ସାଧାରଣତଃ] ମୋଘାଶା (ବ୍ୟର୍ଥାଶ) ମୋଘକର୍ମାଣଃ (ନିଷ୍ଫଳକର୍ମା) ମୋଘଜ୍ଞାନା (ଅର୍ଥହୀନ ଭାବରେ ଜ୍ଞାନବାନ୍) ବିଚେତସଃ (ବିକ୍ଷିପ୍ତଚିତ୍ତ) [ଏବଂ] ମୋହିନୀଂ ରାକ୍ଷସୀଂ ଆସୁରୀଂ ଚ ଏବ ପ୍ରକୃତିଂ (ମୋହଜନକ, ହିଂସାତ୍ମକ ଏବଂ ରଜଃପ୍ରଧାନ ସ୍ୱଭାବକୁ) ଶ୍ରିତାଃ (ଧରିରହିଥାନ୍ତି) ।

ଅନୁବାଦ—

ହେ ଅର୍ଜୁନ, ମୋର ଅବଜ୍ଞାକାରୀ ଏହି ମୂଢ଼ ଜନମାନେ ସାଧାରଣତଃ ବ୍ୟର୍ଥାଶ, ନିଷ୍ଫଳକର୍ମା, କେବଳ-ଅର୍ଥହୀନ-ଭାବରେ ପଣ୍ଡିତ, ବିକ୍ଷିପ୍ତଚିତ୍ତ ହୋଇଥାନ୍ତି ଏବଂ ସାଧାରଣତଃ ମୋହଜନକ ଉଗ୍ରରାଜସ ଭାବକୁହିଁ ଆଶ୍ରୟ କରିଥାନ୍ତି ।

ବିଶେଷ ଭାଷ୍ୟ—

ଉପର ବର୍ଣ୍ଣିତ ନରନାରୀହିଁ ସାଧାରଣତଃ ଈଶ୍ୱର-ବିଶ୍ୱାସ ହରାଇଥାନ୍ତି । ବରଂ ସମସାମ[illegible] ପ୍ରତ୍ୟେକ [illegible] ଶ୍ରୀକୃଷ୍ଣଙ୍କୁ ଯେଉଁମାନେ ବିରୋଧ କରିଥିଲେ

Digitized by srujanika@gmail.com

ସେମାନେ ଏ ଶ୍ରେଣୀର ନ ଥିଲେ । ଯୁଧିଷ୍ଠିରଙ୍କ ରାଜସୂୟ ଯଜ୍ଞରେ ତାଙ୍କୁ ପ୍ରବଳ ବିରୋଧ କରିଥିବା ଶିଶୁପାଳ ଆଦୌ ମୋଘାଶ ବା ମୋଘକର୍ମା ନ ଥିଲେ । ତେଣୁ ଉପର ଦୁଇଟିଯାକ ଶ୍ଳୋକର ବକ୍ତା କୌଣସି ଏକ ଐତିହାସିକ ବ୍ୟକ୍ତି-ବିଶେଷଙ୍କୁ ନ ବୁଝାଇ ପ୍ରତ୍ୟେକ ମନୁଷ୍ୟ-ଶରୀରସ୍ଥ ଭୂମାଙ୍କୁହିଁ ବୁଝାଇବା ଅଧିକ ଯୁକ୍ତିଯୁକ୍ତ ହେବ । ପ୍ରତ୍ୟେକ ମନୁଷ୍ୟ ଈଶ୍ୱରର ଏକ ଅବତାର ଏବଂ ଏହି "ମାନୁଷୀ ତନୁମାଶ୍ରିତ" ଈଶ୍ୱର, ମୂଢଜନମାନଙ୍କ ଦ୍ୱାରା ଯୁଗେ ଯୁଗେ ଅବଜ୍ଞାତ, ଅବମାନତ ଓ ଅତ୍ୟାଚାରିତ ହୋଇଆସିଛି ଏବଂ ରାକ୍ଷସୀ-ଓ ଆସୁରୀ-ଭବାପନ୍ନ ଏହି ମହାମୂଢମାନଙ୍କର ବିଜୟହିଁ ଏ ଜଗତରେ ନାସ୍ତିକ ଭବର ଏକ ପ୍ରଧାନ କାରଣ । ତେଣୁ ହିଁ ସତମାର୍ଗଗାମୀ ପାଣ୍ଡବ ଭଇମାନେ ରାଜ୍ୟଚ୍ୟୁତ ହୋଇ ବଣେ ବଣେ ବୁଲିଲା ବେଳେ ପରମାସୁନ୍ଦରୀ ଓ ପରମାବିଦୁଷୀ ଅଥଚ ଚିର ଦୁଃଖ ସନ୍ତପ୍ତା ଦ୍ରୌପଦୀ ଏକ ସ୍ଥାନରେ ତୀକ୍ଷ୍ଣ ଯୁକ୍ତି ସହକାରେ ଏହି ପ୍ରଶ୍ନ ଉଠାଇଥିଲେ—"କାହିଁକି ଏ ସଂସାରରେ ଉତ୍ତମ ଲୋକେହିଁ କଷ୍ଟ ପାଆନ୍ତି ଓ ପାଷଣ୍ଡମାନେ ଭଲରେ ରହନ୍ତି ?"

ଯୁଧିଷ୍ଠିର ଓ ଶ୍ରୀକୃଷ୍ଣ କେହିହିଁ ଦ୍ରୌପଦୀଙ୍କର (ବା ପାଠକଙ୍କର) ମନ-ବୁଝିବାଭଳି ଉତ୍ତର ଯେ ଦେଇ ପାରିନାହାନ୍ତି, ପାଠକେ ତାହା ନିଜେ ମୂଳ ମହାଭାରତ ଖୋଲି ଦେଖିପାରନ୍ତି ।

ପୁଣି; ସାଧାରଣ ମନୁଷ୍ୟର ଆଧ୍ୟାତ୍ମିକ ସାଧନାରେ ଶ୍ରୀକୃଷ୍ଣ ନାମକ କୌଣସି ବ୍ୟକ୍ତିକୁ କିଏ ସମ୍ମାନ ବା ଅପମାନ ଦେଲା ତାହା ଏକାନ୍ତ ଅବାନ୍ତର । ଗୀତାରେ ଏପର୍ଯ୍ୟନ୍ତ ଈଶ୍ୱରତତ୍ତ୍ୱ ଯେପରି ଉଦାର ବିଶ୍ୱଜନୀନ ରୀତିରେ ବର୍ଣ୍ଣିତ ହୋଇ ଆସୁଥିଲା, ତାହାକୁ ଟାଣି ଓଟାର ପାର୍ଥ-ସାରଥୀଙ୍କଠାରେ ଆରୋପିତ କରିବାରେ, ମାନବିକ ଚିନ୍ତାର ଅବନତି ଘଟିଲା କହିବାକୁ ହେବ । ବରଂ ପୂର୍ବ ଦୁଇଟି ଶ୍ଳୋକ ଯେ ମାନବ-ଶରୀର ଭିତରେ ଥିବା ଈଶ୍ୱରଙ୍କୁହିଁ ବୁଝାଉଛି; କୌଣସି ଏକ ବିଶେଷ ବ୍ୟକ୍ତିକୁ ନୁହେଁ, ତାହା ପରବର୍ତ୍ତୀ ଶ୍ଳୋକଟି ବିଶେଷ-ଭବରେ ସମର୍ଥନ କରୁଛି ।

(୧୩)

ମହାତ୍ମାନସ୍ତୁ ମାଂପାର୍ଥ ଦୈବୀଂ ପ୍ରକୃତିମାଶ୍ରିତାଃ
ଭଜନ୍ତ୍ୟନନ୍ୟମନସୋ ଜ୍ଞାତ୍ୱା ଭୂତାଦିମବ୍ୟୟଂ ।୧୩।

[ହେ] ପାର୍ଥ (ଅର୍ଜୁନ) ତୁ (କିନ୍ତୁ) ଦୈବୀଂ ପ୍ରକୃତଂ ଆଶ୍ରିତାଃ (ଦୈବୀ ଅର୍ଥାତ୍ ସାତ୍ତ୍ୱିକ ପ୍ରକୃତିକୁ ଆଶ୍ରୟ କରିଥିବା) ମହାତ୍ମାନଃ (ଉଦାରଚେତା ବ୍ୟକ୍ତିମାନେ) ଅନନ୍ୟମନସଃ (ଅନନ୍ୟମନା ହୋଇ) ମାଂ (ମତେ ଈଶ୍ୱରଙ୍କୁ)

Digitized by srujanika@gmail.com

ଭୂତାଦିଂ (ଜୀବମାନଙ୍କର ଉତ୍ସ ବା କାରଣ) [ଓ] ଅବ୍ୟୟଂ (ନିତ୍ୟ) ଜ୍ଞାତ୍ୱା (ବୋଲି ଜାଣି) ଭଜନ୍ତି (ଧ୍ୟାନ କରିଥାନ୍ତି) ।

ଅନୁବାଦ—

କିନ୍ତୁ ହେ ଅର୍ଜ୍ଜୁନ, ସାତ୍ତ୍ୱିକ ପ୍ରକୃତିବିଶିଷ୍ଟ ଉଦାରଚେତା ଲୋକେ, ଜୀବମାନଙ୍କର କାରଣ ଓ ଅନିତ୍ୟ ସଂସାରରେ ଏକମାତ୍ର ନିତ୍ୟ ବସ୍ତୁ ମତେ (ଈଶ୍ୱରଙ୍କୁ) ଅନନ୍ୟମନା ହୋଇ ଧ୍ୟାନ କରିଥାନ୍ତି ।

ବିଶେଷ ଭାଷ୍ୟ—

"ବେଦାନ୍ତ ଓ ବିଶେଷାଧିକାର" ପ୍ରବନ୍ଧରେ ସ୍ୱାମୀ ବିବେକାନନ୍ଦ କହିଛନ୍ତି—"ଖ୍ରୀଷ୍ଟୀୟ ପୁରାଣରେ ସଇତାନ ଓ ଈଶ୍ୱର ସମଭାବରେ ଜ୍ଞାନୀ ଓ ସମଭାବରେ ଶକ୍ତିଶାଳୀ ବୋଲି ବର୍ଣ୍ଣିତ ; କିନ୍ତୁ ସଇତାନ କେବଳ ପବିତ୍ରତା—ବା ନିଃସ୍ୱାର୍ଥପରତା-ଶୂନ୍ୟ ହୋଇଥିବାରୁ ହିଁ, ସେ ସଇତାନ । ଏହି ତତ୍ତ୍ୱକୁ ସାଂପ୍ରତିକ କାଳକୁ ଆରୋପ କଲେ ଏହାର ମର୍ମ୍ମ ଆମେ ସହଜରେ ବୁଝି ପାରିବା । ଆଜି ମନୁଷ୍ୟ କି ବିରାଟ ଜ୍ଞାନ ଓ ଶକ୍ତିର ଅଧିକାରୀ ନ ହୋଇଛି । କିନ୍ତୁ ତା ସହିତ ପବିତ୍ରତା ବା ମାନବିକତା ନ ମିଶିବାରୁ ମନୁଷ୍ୟ ଆଜି ନିଜ ପ୍ରତି ନିଜେ ହିଁ ସଇତାନ ରୂପେ ଦଣ୍ଡାୟମାନ ।"

ଗୀତାର ଉପର୍ଯ୍ୟୁକ୍ତ ଦୁଇଟି ଶ୍ଳୋକରେ ଆମେ ମାନବ ଜୀବନରେ ଏହି ତାତ୍ପର୍ଯ୍ୟଟି ହିଁ ଉତ୍ତମ ରୂପେ ବର୍ଣ୍ଣିତ ହୋଇଥିବାର ଦେଖୁ । ପ୍ରବୃତ୍ତିମାର୍ଗୀ, ଇନ୍ଦ୍ରିୟ ପରତନ୍ତ୍ର, ସଂସାର ଜଞ୍ଜାଳ ସନ୍ତୁଷ୍ଟ ସ୍ୱାର୍ଥକେନ୍ଦ୍ରିକ ମନୁଷ୍ୟ, ବେଳ ପାଏନା ଅନ୍ୟର ଦୁଃଖ-ସୁଖ କଥା ଭାବିବାକୁ ବା ଈଶ୍ୱର-ଚିନ୍ତା କରିବାକୁ । ପ୍ରତ୍ୟେକ ସମାଜରେ ଯେଉଁ ବୀଭତ୍ସ ଟଣା କଟାକଟି, ଯେଉଁ ମିଥ୍ୟା, ପ୍ରତାରଣା ଓ ଷଡଯନ୍ତ୍ର ସବୁ ଦେଖା ଯାଇଥାଏ, ସେସବୁ ଏହି ଶ୍ରେଣୀୟ ଲୋକମାନଙ୍କର ଦୈନନ୍ଦିନ କାମ । ସେମାନଙ୍କର ପରମ ପରିତୋଷ କେବଳ ଏହି ପ୍ରକାର କର୍ମ ଜାଲରେ ।

ମନୁଷ୍ୟରୂପଧାରୀ ସଇତାନ ଆଜି ଏହି ତଥାକଥିତ ସଭ୍ୟ ଯୁଗରେ ମନୁଷ୍ୟରୂପଧାରୀ ଈଶ୍ୱରଙ୍କୁ ଯେଉଁ ଯନ୍ତ୍ରଣା, ନିର୍ଯ୍ୟାତନା ଓ ଅପମାନ ଦେଇ ଚାଲିଛି ତାହା ବୋଧହୁଏ ସମଗ୍ର ମାନବ-ଇତିହାସରେ କେବେ ଦେଖା ଦେଇ ନ ଥିଲା । ଏ ଅତ୍ୟାଚାର ଗଣତନ୍ତ୍ର ଓ ଏକତନ୍ତ୍ର ଉଭୟତ୍ର ଚାଲିଛି । ଚାରିଆଡେ କେବଳ ସଇତାନୀ ବ୍ୟକ୍ତି ଓ ଦଳମାନଂକର ବିଜୟ କୁହାଟ ଆମେ ଶୁଣୁଛୁ । କେବଳ ଜଣେ ଶ୍ରୀକୃଷ୍ଣ ହୁଏତ ତାଙ୍କ ସମସାମୟିକ କାଳରେ ଅବମାନିତ ହୋଇ

Digitized by srujanika@gmail.com

ଥିଲେ ; କିନ୍ତୁ ଆଜି ଦେଶେ ଦେଶେ କୋଟି କୋଟି ଶ୍ରୀକୃଷ୍ଣ ଉତ୍ପୀଡ଼ିତ ଓ ଅବହେଳିତ ।

କିନ୍ତୁ ତା'ରି ଭିତରେ ମନୁଷ୍ୟ ଓ ଈଶ୍ୱରର ମର୍ଯ୍ୟାଦା ବୁଝୁଥିବା ମହାତ୍ମା ଅବଶ୍ୟ ଅଛନ୍ତି । ସଇତାନି ଚିନ୍ତା ଓ କର୍ମ, ମନୁଷ୍ୟର ଆତ୍ମାକୁ କ୍ଷୁଦ୍ରରୁ କ୍ଷୁଦ୍ରତର କରାଇ ଚାଲେ । ଜୀବ-ମନୁଷ୍ୟ-ଭିତରେ-ଥିବା ଈଶ୍ୱରକୁ ମର୍ଯ୍ୟାଦା ଦେବା ଲୋକର ଆତ୍ମା ସ୍ୱତଃ ବିସ୍ତାରିତ ବା ମହାନ୍ ହୋଇ ଉଠେ । ଗୀତା ବାରମ୍ବାର ତେଣୁ ଶ୍ରେଷ୍ଠ ଜ୍ଞାନୀ, କର୍ମଯୋଗୀ ଓ ଭକ୍ତର 'ସମଦର୍ଶନ' ଭାବକୁ ଶ୍ରେଷ୍ଠ ଲକ୍ଷ୍ୟ ରୂପେ ଥୋଇଛନ୍ତି ଏବଂ ଏଠାରେ ସେମାନଙ୍କୁ 'ମହାତ୍ମା' ବୋଲି ବର୍ଣ୍ଣନା କରିଛନ୍ତି । ମୋହନ ଦାସ କରମଚାନ୍ଦ ଗାନ୍ଧି, ଠିକ୍ ଏହି ଅର୍ଥରେ ହିଁ ଥିଲେ 'ମହାତ୍ମା' । ତାଙ୍କ ଆଖିରେ ପ୍ରତ୍ୟେକଟି ଭୂତ (ଜୀବ) ଥିଲା 'ଆଦିମବ୍ୟୟ' ବା ଈଶ୍ୱର । ଏବଂ ସେ ଏହି ମାନୁଷୀତନୁମାଶ୍ରିତ ଶ୍ରୀକୃଷ୍ଣ ବା ଈଶ୍ୱରଙ୍କୁ ହିଁ 'ଅନନ୍ୟମନା' ହୋଇ ଭଜିଥିଲେ । ପରବର୍ତ୍ତୀ ଶ୍ଳୋକରେ ଭକ୍ତର ଆଚରଣ ଯେପରି ବର୍ଣ୍ଣିତ, ତାହା ମଧ୍ୟ ଗାନ୍ଧିଜୀଙ୍କ ପ୍ରତି ପ୍ରଶସ୍ତ ଭାବରେ ପ୍ରଯୁଜ୍ୟ ।

ସ୍ୱାର୍ଥପର ଓ ନିଃସ୍ୱାର୍ଥପର, ଉତ୍ତମ ଓ ହୀନ,ଆତ୍ମକେନ୍ଦ୍ରିକ ଓ ଈଶ୍ୱର ମୁଖୀ— ମନୁଷ୍ୟ ଚରିତ୍ରରେ ଏହି ବିଭିନ୍ନତାକୁ ଗୀତା ଦୈବୀ ଓ ଆସୁରୀ ଭାବ ବୋଲି ବରାବର ବର୍ଣ୍ଣନା କରିଛନ୍ତି । ପରେ ଷୋଡ଼ଶ ଅଧ୍ୟାୟରେ ଏ ସବୁର ବିସ୍ତୃତ ବର୍ଣ୍ଣନା ଆମେ ପାଇବା ; କିନ୍ତୁ ମନେ ରଖିବାକୁ ହେବ ଯେ, ଦେବ ଓ ଅସୁର ବୋଲି ଦୁଇଟି ଅପରିବର୍ତ୍ତନୀୟ ପ୍ରାଣୀ-ଗୋଷ୍ଠୀ କେବଳ ପୁରାଣର ଆଳଙ୍କାରିକ ବର୍ଣ୍ଣନା ମାତ୍ର । ଆଧ୍ୟାତ୍ମିକ ବା ଗୀତାର ଜଗତରେ ଆଜି ଯେ 'ଅସୁର'; ସେ କାଲି 'ସୁର' ବା ଦୈବ ହେବାର ସଂପୂର୍ଣ୍ଣ ସମ୍ଭାବନା । ଏ ସମ୍ଭାବନା ନ ଥିଲେ, ଗୀତା ରଚନା ବା ଗୀତା ପାଠର କୌଣସି ଅର୍ଥ ହିଁ ନ ଥାନ୍ତା । ଗୀତାରେ 'ଆସୁରୀ' ଦୋଷମାନଙ୍କର ନିନ୍ଦା, ପାଠକେ ତେଣୁ, ଏହି ଦୃଷ୍ଟିକୋଣରୁ ହିଁ ଦେଖିବେ ବୋଲି ଅନୁରୋଧ । ଗୀତା ମନୁଷ୍ୟ-ବ୍ୟକ୍ତିତ୍ୱରେ ଯେଉଁ ଯେଉଁ ବିଭବ, ମନୁଷ୍ୟକୁ ଈଶ୍ୱରଙ୍କଠାରୁ ବା ଉନ୍ନତ ଜୀବନରୁ ଦୂରକୁ ନେଇପାନ୍ତି, ସେଗୁଡ଼ିକୁ ହିଁ 'ଆସୁରୀ'' ବୋଲି ବର୍ଣ୍ଣନା କରିଛନ୍ତି ; କିନ୍ତୁ ତାହାର ଅର୍ଥ ନୁହେଁ ଯେ, ସେ ସବୁ ଅପରିବର୍ତ୍ତନୀୟ । ଦୈବୀ ଗୁଣଗୁଡ଼ିକର ବର୍ଣ୍ଣନା ଆମକୁ ନିର୍ଦ୍ଦେଶ ଦେଉଛି ଯେ, ମନୁଷ୍ୟର ଚିନ୍ତା ଓ ସାଧନା କେଉଁ ଆଡ଼କୁ ଯିବା ଉଚିତ । ପର ଶ୍ଳୋକ ଦୁଇଟିରେ ତାହାରି ସୂଚନା ଦିଆ ଯାଉଛି ।

(୧୪)

ସତତଂ କୀର୍ତ୍ତୟନ୍ତୋ ମାଂ ଯତନ୍ତଶ୍ଚ ଦୃଢ଼ବ୍ରତାଃ
ନମସ୍ୟନ୍ତଶ୍ଚ ମାଂ ଭକ୍ତ୍ୟା ନିତ୍ୟଯୁକ୍ତା ଉପାସତେ । ୧୪ ।

Digitized by srujanika@gmail.com

[ଏହି ମହାତ୍ମା ବା ପ୍ରସାରିତ ଚିତ୍ତଲୋକମାନେ] ମାଂ ସତତଂ କୀର୍ତ୍ତୟନ୍ତଃ (ମତେ ବା ଈଶ୍ୱରଙ୍କର 'ନାମ' ଅର୍ଥାତ୍ ପ୍ରସଙ୍ଗ ସର୍ବଦା କୀର୍ତ୍ତନ ବା ଚର୍ଚ୍ଚା କରି) ଦୃଢ଼ବ୍ରତାଃ ଯତନ୍ତଃ (ଦୃଢ଼ ନିଷ୍ଠାସହ ଉଦ୍ୟମଶୀଳ ହୋଇ) ଭକ୍ତ୍ୟା ଚ ନମସ୍ୟନ୍ତଃ (ଭକ୍ତି ପୂର୍ବକ ନମସ୍କାର କରି) ନିତ୍ୟଯୁକ୍ତାଃ (ନିତ୍ୟ ଈଶ୍ୱର ସଚେତନ ରହି, ଉପାସତେ (ଉପାସନା କରିଥାନ୍ତି ।)

ଅନୁବାଦ—

ହେ ଅର୍ଜ୍ଜୁନ, ଏହି ମହତ୍-ଆତ୍ମା-ବିଶିଷ୍ଟ ଲୋକମାନେ, ମୋ'ର (ଈଶ୍ୱରଙ୍କର) ପ୍ରସଙ୍ଗ ସର୍ବଦା ଚର୍ଚ୍ଚାକରି ଯେଉଁ ଉନ୍ନତ-ଜୀବନ-ସାଧନାରେ ପାଦ ଦେଇଥାନ୍ତି, ସେଥିରେ ଦୃଢ଼ବ୍ରତ ରହି, ଭକ୍ତି-ବିନମ୍ର-ଚିତ୍ତରେ ନମସ୍କାର କରି ଏବଂ ନିରବଚ୍ଛିନ୍ନ ଭାବରେ ଈଶ୍ୱର-ସଚେତନ ରହି ମତେ (ଈଶ୍ୱରଙ୍କୁ) ଉପାସନା କରିଥାନ୍ତି ।

ବିଶେଷ ଭାଷ୍ୟ—

ଗୀତା ଏହି ଶ୍ଳୋକରେ ଆମର ସାମୟିକ ଈଶ୍ୱର-ଭାବନା ପ୍ରତି କଟାକ୍ଷ କରିଛନ୍ତି ।

ଅନେକେ ଈଶ୍ୱରଙ୍କୁ ମାନନ୍ତି । ତେବେ ସେ ଘରର ଏକ ଆସବାବ୍ ପରି ମାତ୍ର । ଘର, ଜମି, ଟଙ୍କା, ସ୍ତ୍ରୀ, ପୁତ୍ର, ଚାକିରି, କ୍ଷମତା, ପ୍ରତିପତ୍ତି ଭିତରେ କେତେବେଳେ ଟିକିଏ ଫାଙ୍କ ମିଳିଲେ ଯାଇ ଆମେ ଈଶ୍ୱରଙ୍କୁ ଗୋଟାଏ ଦଣ୍ଡବତ ପକାଇ ଦେଇ କର୍ତ୍ତବ୍ୟ ଶେଷ ହେଲା ବୋଲି ମନେ କରୁ । ବାହାରେ ଆମ ସମସ୍ତଙ୍କର ଏ ଭଳି ସାଂସାରିକ ବ୍ୟସ୍ତତା ଯେପରକି ପୃଥିବୀର ସମଗ୍ର ଭାର ଆମ କାନ୍ଧରେ । ତେଣେ ଅନ୍ତରରେ ପ୍ରବଳ ଅହମିକା, ପ୍ରବଳ କର୍ତ୍ତୃତ୍ୱା-ଭିମାନ, ପ୍ରବଳ ସ୍ୱାର୍ଥକେନ୍ଦ୍ରକତା ଓ ଲୋଭ । ସକଳ ସୁଖ-ସୌଭାଗ୍ୟର ଏକମାତ୍ର ଉତ୍ସ ଯେ ଈଶ୍ୱର ଏବଂ ଆମେ ଯେ କିଛ ନୋହୁଁ, ଶୂନ୍ୟ ମାତ୍ର ଏବଂ ସେହିଁ ଏକମାତ୍ର ଧ୍ୟେୟ ବସ୍ତୁ ହେବା ଉଚିତ, ଏ ଭାବନା କେତେଜଣଙ୍କଠି ଦେଖା-ଯାଏ ? ଆମେ ଧନ-କ୍ଷମତା ପାଇଁ ଯେତେ 'ଦୃଢ଼-ବ୍ରତ', ଆଧ୍ୟାତ୍ମିକ-ସାଧନାରେ ସେପରି ରହୁ କି ? ବିନମ୍ରତା ଆମର ସ୍ୱାଭାବୀଭୂତ ହୋଇ ପାରିଛକି ? ଆମେ ନିରବଚ୍ଛିନ୍ନ ଭାବରେ ଈଶ୍ୱର-ସଚେତନ ବା ଈଶ୍ୱର-କୃତଜ୍ଞ କି ?

ଯେ କିନ୍ତୁ ସତ୍ୟରେ ସେପରି ଦୃଢ଼ବ୍ରତ, ବିନମ୍ର ଓ ସର୍ବଦା ଈଶ୍ୱର-ସଚେତନ, ଗୀତା ତାଙ୍କୁ ଯଥାର୍ଥରେ 'ମହାତ୍ମା' କହିଛନ୍ତି । ସେହିଁ ଭକ୍ତ । ସେ ଭକ୍ତ ନୁହଁନ୍ତି, ଯେ ବାହାରକୁ ଚିତାକାଟି ଓ ମାଳି ଗଡେଇ, ଭିତରେ ସକଳ

Digitized by srujanika@gmail.com

ସଇତାନି ନେଇ ବ୍ୟସ୍ତ ଥାନ୍ତି ଏବଂ ଯେ 'ମାନୁଷୀତନୁମାଶ୍ରିତ' ଈଶ୍ୱରଙ୍କୁ ସମ୍ମାନ ଦେଇ ଜାଣନ୍ତି ନାହିଁ ।

(୧୫)

ଜ୍ଞାନଯଜ୍ଞେନ ଚାପ୍ୟନ୍ୟେ ଯଜନ୍ତୋମାମୁପାସତେ
ଏକତ୍ୱେନ ପୃଥକ୍ତ୍ୱେନ ବହୁଧା ବିଶ୍ୱତୋ ମୁଖଂ । ୧୫ ।

ଅନ୍ୟେଚ (ଅନ୍ୟ କେହି କେହି) ଜ୍ଞାନ ଯଜ୍ଞେନ ଅପି ଯଜନ୍ତଃ (ଜ୍ଞାନ ରୂପକ ଯଜ୍ଞଦ୍ୱାରା ମଧ୍ୟ ପୂଜା କରି) ମାଂ ଉପାସତେ (ମୋର ଆରାଧନା କରିଥାନ୍ତି । [ଅନ୍ୟେ] ଏକତ୍ୱେନ (ଏକ ଓ ଅଦ୍ୱିତୀୟ ରୂପରେ) [ବା] ପୃଥକ୍ତ୍ୱେନ ବହୁଧା (ବହୁ ଭିନ୍ନ ଭିନ୍ନ ଭାବରେ) [ବା] ବିଶ୍ୱତୋ ମୁଖଂ (ବିଶ୍ୱମୟ ମୁଖ ବା ବିଶ୍ୱାତ୍ମକ ଭାବରେ) ମାଂ ଉପାସତେ (ମତେ ଅର୍ଥାତ୍ ଈଶ୍ୱରଙ୍କୁ ଉପାସନା କରିଥାନ୍ତି) ।

ଅନୁବାଦ—

ହେ ଅର୍ଜୁନ, ମତେ (ଈଶ୍ୱରଙ୍କୁ) ଆଉ କେତେକ ଜ୍ଞାନ ଯୋଗ ଦେଇ ମଧ୍ୟ ଉପାସନା କରିଥାନ୍ତି । କେତେକ ପୁଣି ମତେ ଏକ-ବ୍ୟକ୍ତିକ ଭାବରେ, ଭିନ୍ନ-ଭିନ୍ନ-ବ୍ୟକ୍ତିତ୍ୱ ଭାବରେ ଓ ବିଶ୍ୱାତ୍ମକ ଭାବରେ ମଧ୍ୟ ଉପସନା କରିଥାନ୍ତି ।

ବିଶେଷ ଭାଷ୍ୟ—

ବିଶ୍ୱ ସଂସାରରେ ଈଶ୍ୱରଙ୍କୁ ଯେତେ ଭାବରେ କଳ୍ପନା କରାଯାଇଛି ସେଥିଭିତରୁ ପ୍ରଧାନ ପ୍ରଧାନ ହେଲା ଏହି (୧) Monotheism (ଏକ ଈଶ୍ୱର) । ଜଗତର ସବୁ ଧର୍ମ ଭିତରେ ଇସଲାମହିଁ ଏହି ବାଦ ଓ ବିଶ୍ୱାସପାଇଁ ପ୍ରସିଦ୍ଧ । ଇସଲାମ୍ର ମୂଳତତ୍ତ୍ୱ ହେଲା—ଜଗତରେ 'ଆଲ୍ଲାହିଁ ଏକ ଈଶ୍ୱର ଓ ମହମ୍ମଦ ତାଙ୍କର ପ୍ରଫେଟ । (୨) Pantheism (ସର୍ବବ୍ୟାପ୍ତ ଈଶ୍ୱର) । ଅର୍ଥାତ୍ ଈଶ୍ୱର ଏହି ବିଶ୍ୱର ସର୍ବତ୍ର ଅବସ୍ଥିତ (ବିଶ୍ୱତୋମୁଖ) । (୩) Polytheism (ବହୁଦେବତା —ଯେପରିକି ସାଧାରଣ ହିନ୍ଦୁ ଧର୍ମ ।

ବୈଦିକ ବ୍ରାହ୍ମଣ୍ୟ ଧର୍ମରେ ଈଶ୍ୱରଙ୍କର ଏ ତିନି ପ୍ରକାର କଳ୍ପନାହିଁ ବିଦ୍ୟମାନ । ଗୀତା ଏହି ଗୋଟିଏ ଶ୍ଳୋକରେ ସେହି ମୁଖ୍ୟ କଳ୍ପନାଗୁଡିକୁ ସୁନ୍ଦର ଭାବରେ ସଜାଇ ଥୋଇ ଦେଇଛନ୍ତି । ଅର୍ଥାତ୍ ଜ୍ଞାନଯୋଗୀ ଈଶ୍ୱରଙ୍କୁ ଏକ ଭାବରେ, ବହୁ ଭାବରେ ଓ ସର୍ବବ୍ୟାପ୍ତ ଭାବରେ—ଯେଉଁ ଭାବ ତାଙ୍କ

Digitized by srujanika@gmail.com

ମନକୁ ପାଉଛ ବା ଯେଉଁ ଭାବରେ ମତେ ସେ ବୁଝିଛନ୍ତି, ସେ ଭାବରେ ସେ ମତେ ଉପାସନା କରି ପାରନ୍ତି ।

କିନ୍ତୁ କୌତୂହଳୀ ପାଠକ ପଗ୍ଭରିପାରନ୍ତ—ଏହା କିପରି ହେବ ? ଏକ ଭଗବାନଙ୍କୁ ଏପରି ନାନା ଭବରେ ଉପାସନା କରି ଏକାଫଳ ପାଇବାର କପରି ଆଶା କରାଯିବ ?

ଗୀତା ପରବର୍ତ୍ତୀ ଶ୍ଳୋକଗୁଡ଼ିକରେ ତାର ଉତ୍ତର ଦେଉଛନ୍ତି ।

(୧୬)

ଅହଂ କ୍ରତୁରହଂ ଯଜ୍ଞଃ ସ୍ୱଧାହମହ ମୌଷଧମ୍
ମନ୍ତ୍ରୋଽହମହ ମେ ବାଜ୍ୟ ମହମଗ୍ନିରହଂ ହୁତମ୍ ।୧୬।

ଅହଂ କ୍ରତୁ (ମୁଁ ହିଁ ଅର୍ପିତ ଦ୍ରବ୍ୟ) ଅହଂ ଯଜ୍ଞଃ (ମୁଁ ଯଜ୍ଞ) ଅହଂ ସ୍ୱଧା (ମୁଁ ପିତୃପୁରୁଷମାନଙ୍କୁ ଉଦ୍ଦିଷ୍ଟ ଅନୁଷ୍ଠାନ) ଅହଂ ଔଷଧଂ (ମୁଁ ବ୍ୟାଧିଦୂରକାରୀ ଔଷଧି) ଅହଂ ମନ୍ତ୍ରଃ (ମୁଁ ମନ୍ତ୍ର) ଅହଂ ଆଜ୍ୟଂ (ମୁଁ ହୋମର ଘିଅ) ଅହଂ ଏବ ଅଗ୍ନିଃ (ମୁଁ ହୋମର ସେହି ଅଗ୍ନି) ଅହଂ ହୁତଂ (ମୁଁ ଚରୁ) ।

(୧୭—୧୯)

ପିତାହମସ୍ୟ ଜଗତୋ ମାତା ଧାତା ପିତାମହଃ
ବେଦ୍ୟଂ ପବିତ୍ରମୋଙ୍କାର ଋକ୍ ସାମ ଯଜୁରେବ ଚ ।୧୭।
ଗତର୍ଭର୍ତ୍ତା ପ୍ରଭୁଃ ସାକ୍ଷୀ ନିବାସଃ ଶରଣଂ ସୁହୃତ୍
ପ୍ରଭବଃ ପ୍ରଳୟଃ ସ୍ଥାନଂ ନିଧାନଂ ବୀଜମବ୍ୟୟ ।୧୮।
ତପାମ୍ୟହମହଂ ବର୍ଷଂ ନିଗୃହ୍ଣା ମ୍ୟୁତ୍ ସୃଜାମି ଚ
ଅମୃତଂ ଚୈବ ମୃତ୍ୟୁଶ୍ଚ ସଦସଚ୍ଚା ହମର୍ଜ୍ଜୁନ ।୧୯।

ଅହଂ (ମୁଁ, ଈଶ୍ୱର) ଅସ୍ୟ ଜଗତଃ ମାତା, ଧାତା, ପିତାମହଃ (ଏ ଜଗତର ଜନ୍ମକାରଣୀ ମାତା, ପାଳନକର୍ତ୍ତା ପିତା ଓ ରକ୍ଷାକର୍ତ୍ତା [ଧାତା] ଏବଂ ପିତାମାନଙ୍କର ମଧ୍ୟ ପିତା) ବେଦ୍ୟଂ ପବିତ୍ରଂ ଓଁକାରଃ (ଏକମାତ୍ର ଜ୍ଞେୟ ଓ ପାବନକାରୀ ଓଁକାର) [ପୁଣି] ଋକ୍, ସାମ, ଯଜୁଃ ଏବ ଚ (ଋକ୍, ସାମ, ଯଜୁ ଆଦି ବେଦ) । [ପୁଣି] ଅହଂ ଗତିଃ ମୁଁ, ଈଶ୍ୱରହିଁ ମନୁଷ୍ୟର ଗତି ବା ଉପାୟ) ଭର୍ତ୍ତା (ପୋଷଣକର୍ତ୍ତା) ପ୍ରଭୁଃ (ସ୍ୱାମୀ) ସାକ୍ଷୀ (ଦ୍ରଷ୍ଟା) ନିବାସଃ (ଆଶ୍ରୟସ୍ଥାନ) ଶରଣଂ (ବିପଦାଶ୍ରୟ) ସୁହୃତ୍ (ହିତକାରୀ) ପ୍ରଭବଃ (ଉତ୍ପତ୍ତିର କାରଣ) ପ୍ରଳୟଃ (ସଂହାର ବା ବିନାଶ) ସ୍ଥାନଂ (ଆଧାର) ନିଧାନଂ (ଗନ୍ତାଘର) ଅବ୍ୟୟଂ ବୀଜଂ (ବିନାଶହୀନ କାରଣ) । (ହେ ଅର୍ଜ୍ଜୁନ) ଅହଂ ତପାମି (ମୁଁ ପୃଥିବୀକୁ ସୂର୍ଯ୍ୟ ବା

Digitized by srujanika@gmail.com

ଅଗ୍ନି ରୂପରେ ଉତ୍ତାପ ଦାନ କରିଥାଏ) [ଏବଂ ସେହି ସୂତ୍ରରେ] ଅହଂ ବର୍ଷଂ ନିଗୃହ୍ଣାମି ଉତ୍ସୃଜାମି ଚ (ମୁଁ ଜଳକୁ ପୃଥିବୀରୁ ଉର୍ଦ୍ଧ୍ୱକୁ ବାଷ୍ପାକାରରେ ନେଇ-ଯାଏ ଏବଂ ବର୍ଷାକାରରେ ଛାଡେ) [ମୁଁ] ଅମୃତଂ ମୃତ୍ୟୁଃ ଚ (ଉଭୟ ମୃତ୍ୟୁ ଓ ମୃତ୍ୟୁହୀନତା ଅର୍ଥାତ୍ ମୃତ୍ୟୁହୀନ ଜୀବନ) ଅହଂ ସତ୍ ଅସତ୍ ଚ (ମୁଁ ସତ୍ ଓ ଅସତ୍ ମଧ୍ୟ) ।

ଅନୁବାଦ—

(୧୬—୧୯)

ହେ ଅର୍ଜ୍ଜୁନ, ମୁଁ (ଈଶ୍ୱର) ହିଁ ଯଜ୍ଞମାନଙ୍କରେ ଅର୍ପିତ ଦ୍ରବ୍ୟ ଓ ସ୍ୱୟଂ ଯଜ୍ଞ, ମୁଁ ପିତୃପୁରୁଷମାନଙ୍କ ପ୍ରତି ଉଦ୍ଦିଷ୍ଟ ଅନୁଷ୍ଠାନ, ମୁଁ ବ୍ୟାଧି ଦୂରକାରୀ ଔଷଧୀୟ ବନସ୍ପତି ସମୂହ । ମୁଁ ଯଜ୍ଞରେ ଉଚ୍ଚାରିତ ମନ୍ତ୍ର ସମୂହ ଓ ହୋମଘୃତ, ମୁଁ ହୋମାଗ୍ନି ଓ ହୋମଚରୁ ମଧ୍ୟ । ମୁଁ ମଧ୍ୟ ଏହି ସମଗ୍ର ଜଗତର ଜନନୀ, ପାଳକ ପିତା, ରକ୍ଷାକର୍ତ୍ତା ଏବଂ ପିତାମାନଙ୍କର ମଧ୍ୟ ପିତା । ମୁଁ ହିଁ ଈଶ୍ୱର ସବୁଠାରୁ ଜ୍ଞେୟ, ଧ୍ୟେୟ ଓ ପବିତ୍ରଧ୍ୱନି ଓଁ ଏବଂ ଋକ୍, ସାମ, ଯଜୁଃ ଏହି ତ୍ରିବେଦ । ମୁଁ ହିଁ ମନୁଷ୍ୟମାନଙ୍କର ଜୀବନ-ପଥ, ପୋଷଣ କର୍ତ୍ତା, ପ୍ରଭୁ ଓ ସେମାନଙ୍କର ସକଳ କର୍ମର ଦ୍ରଷ୍ଟା । ମୁଁ ସେମାନଙ୍କର ସାଧାରଣ ଆଶ୍ରୟ, ବିପଦାଶ୍ରୟ ଓ ହିତକାରୀ । ମୁଁ ସେମାନଙ୍କର ଉତ୍ପତ୍ତିର ଓ ବିନାଶର କାରଣ, ଜୀବନର ସକଳ ବିଷୟର ମୂଳପତ୍ତନ, ସେମାନଙ୍କର ଗନ୍ତାଘର, ଏବଂ ବଂଶ-ପ୍ରବାହର ବିନାଶହୀନ ବୀଜ । ହେ ଅର୍ଜ୍ଜୁନ, ଜାଣିରଖ ଯେ ସୂର୍ଯ୍ୟ ବା ଅଗ୍ନି ଏ ପୃଥିବୀକୁ ଯେଉଁ ଉତ୍ତାପ ଦାନ କରିଥାନ୍ତି ତାହା ମଧ୍ୟ ମୁଁ ଏବଂ ମୁହିଁ ହିଁ ସେହି ସୂତ୍ରରେ ଜଳକୁ ବାଷ୍ପାକାରରେ ଉର୍ଦ୍ଧ୍ୱକୁ ନେଇ ପୁଣି ଯଥାକାଳରେ ଜଳ ବର୍ଷଣ କରିଥାଏ । ମୁଁ ଉଭୟ ମୃତ୍ୟୁ ଏବଂ ଅମୃତ ବା ମୃତ୍ୟୁହୀନ ଜୀବନ । ସୃଷ୍ଟିର ସତ୍, ଅ-ସତ୍ ଉଭୟହିଁ ମୁଁ (ଈଶ୍ୱର) ।

ବିଶେଷ ଭାଷ୍ୟ—

ପୃଥିବୀରେ ଈଶ୍ୱରଙ୍କୁ ମନୁଷ୍ୟମାନେ ନାନା ଭାବରେ ପୂଜା କରିଥାନ୍ତି । ସାକାର ଓ ନିରାକାର ଭାବରେ, ଏକ ଭାବରେ, ଦୁଇ ଭାବରେ, ବହୁ ଭାବରେ ଓ ବିଶ୍ୱବ୍ୟାପ୍ତ ଭାବରେ । ଗୀତା ଈଶ୍ୱରୋପାସନାର ଏପରି ବାସ୍ତବ ବର୍ଣ୍ଣନା ଦେଇ-ପାରିଲା ପରେ ପ୍ରକୃତ ଜିଜ୍ଞାସୁ ପାଠକ ବିଚଳିତ ହେବାର କଥା ; କିନ୍ତୁ ଏଇ କେତୋଟି ଶ୍ଳୋକଗୁଡିକରେ ଗୀତା ଜିଜ୍ଞାସୁ ଜନର ଚିନ୍ତାର ସେହି ଗୋଳ-ମାଳିଆ ଆଶଂକାକୁ ସଂପୂର୍ଣ୍ଣ ଦୂରୀଭୂତ କରି ଦେଇଛନ୍ତି । ଗୀତା କହୁଛନ୍ତି ଯେ, ମନୁଷ୍ୟ ଯେଉଁ ଭାବରେ କଳ୍ପନା କରୁ ବା ପୂଜା କରୁନା କାହିଁକି ଈଶ୍ୱର ଯାହା

Digitized by srujanika@gmail.com

ସେଠା ହିଁ ରହିବେ ଓ ସେହି 'ଏକ' ଭାବରେ ହିଁ ଉପାସନାର ଫଳ ଦେବେ । ବସ୍ତୁତଃ ଉପର ସ୍ୱଗେଟି ଶ୍ଳୋକରେ ଗୀତା ସ୍ଥିର ଓ ଦୃଢ ଭାବରେ କହିରଖିଲେ ଯେ, ସକଳ ପ୍ରକାର ପୂଜା, ପୂଜାର ଉପାଦାନ ଏବଂ ପୂଜାର ପ୍ରଣାଳୀ କେବଳ ନୁହେଁ, ଯେ ମଧ୍ୟ ପୂଜା କରନ୍ତି (ସେ ଯେଉଁ ଭାବରେ କରନ୍ତୁନା କାହିଁକି) ସେ, ମୁଁ (ଈଶ୍ୱର) । ମୋ ଛଡା ଆଉ କେହି ନୁହେଁ । ପରନ୍ତୁ, ମୁଁ ତାଙ୍କର ପିତା, ମାତା, ପିତାମହ, ବନ୍ଧୁ ଓ ଏକମାତ୍ର ଆଶ୍ରୟ । ଅର୍ଥାତ୍ ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟାନ, ବୌଦ୍ଧ ଓ ଜୈନ ଗୋଷ୍ଠୀର ଲୋକେ ନିଜ ନିଜକୁ ଭିନ୍ନ ଭିନ୍ନ ମନେକରି ବିବାଦ ଓ ମାରପିଟ କରିପାରନ୍ତି, ନିଜ ନିଜର ଧର୍ମ ଓ ଈଶ୍ୱରତତ୍ତ୍ୱ ନେଇ—କିନ୍ତୁ ତା ଯୋଗୁଁ ଈଶ୍ୱର କୌଣସି ମତେ ଭିନେ ଭିନେ ହୋଇଯିବେ ନାହିଁ । ସେ ଅପୌତ୍ତଳିକ ମୁସଲମାନ ଓ ପୌତ୍ତଳିକ ହିନ୍ଦୁର ମଧ୍ୟ ସମ ଭାବରେ ପିତା,ମାତା, ଧାତା, ଭର୍ତ୍ତା ଓ ସୁହୃତ୍ । କେବଳ ସେତିକି ନୁହେଁ, ଏ ଜଗତରେ ସମସ୍ତହିଁ ସେହି ଏକ ଗୋଟିଏ ଈଶ୍ୱରର ସତ୍ତାରେ ପରିପୂର୍ଣ୍ଣ । ମନ୍ଦିର, ଗିର୍ଜା ଓ ମସ୍‌ଜିଦ୍ ସବୁହିଁ ଏକ ଈଶ୍ୱରଙ୍କର ସ୍ଥାନ ।

ଈଶ୍ୱରତତ୍ତ୍ୱ ଠିକ ବିଜ୍ଞାନର ସତ୍ୟପରି ବା ସେହିପରି ହେବା ଉଚିତ । ଆମେ ମାଧ୍ୟାକର୍ଷଣ ଶକ୍ତିକୁ ଜାଣି ନଥିଲେ ବୋଲି କ'ଣ ସେହି ଶକ୍ତି ଏ ସୃଷ୍ଟିରେ କାମ କରୁନଥିଲା ? ସତରେ କ'ଣ ଏକ ସାପ ସେ ପର୍ଯ୍ୟନ୍ତ ଏ ପୃଥିବୀକୁ ଟେକି ଧରିଥିଲା ? ମନୁଷ୍ୟ ଆସ୍ତେ ଆସ୍ତେ ବିବର୍ତ୍ତିତ ହୋଇଚାଲିଛି । ସେହି ଅନୁସାରେ ପ୍ରକୃତିର ନିୟମମାନଙ୍କ ପରି ତାର ଈଶ୍ୱର-ଜ୍ଞାନ ମଧ୍ୟ ଆସ୍ତେ ଆସ୍ତେ ବିବର୍ତ୍ତିତ ହୋଇଚାଲିଛି ; କିନ୍ତୁ ମନୁଷ୍ୟର କଳ୍ପନା ବା ପୂଜାରାଧନାର ଭିନ୍ନତା ଘେନି ଈଶ୍ୱର ପରିବର୍ତ୍ତିତ ହୋଇଯାଉନାହାନ୍ତି । ଏସବୁ ଭିନ୍ନତା-ଭାବ ଓ ତା'ଘେନି ବାଦ-ବିସମ୍ବାଦ କେବଳ ମୂର୍ଖତା । ଗୀତା ବାରମ୍ବାର କହୁଛନ୍ତି ଓ କହିବେ ଯେ, ଈଶ୍ୱର ବିବାଦ ବା ବିଚାରର ବାହାରେ । ସେ କେବଳ ଏକ ପରମାନନ୍ଦମୟ ଚୈତ୍ତିକ ପ୍ରତ୍ୟକ୍ଷାନୁଭବ । ତାଙ୍କୁ ଯେ ଅନୁଭବ ବା 'ରିଏଲାଇଜ' କରିଛି ତା' ନିକଟରେ ଈଶ୍ୱର, ସାକାର ଓ ନିରାକାର, ଏକ ଓ ବହୁ ଓ ସବୁ । ଧର୍ମ ସାଧନାରେ ଯାହା ମୁଖ୍ୟ ଆବଶ୍ୟକତା, ତାହା ହେଲା ଶ୍ରଦ୍ଧା ଓ ଆନ୍ତରିକତା । 'ବ୍ରହ୍ମ' ବା ଈଶ୍ୱର ବା ବେଦ ନେଇ କୌଣସି ଲୋକ ପାଣ୍ଡିତ୍ୟପୂର୍ଣ୍ଣ ବକ୍ତୃତା କରିପାରେ ; କିନ୍ତୁ ଧର୍ମ ସାଧନାରେ ତାର କୌଣସି ହେଲେ ମୂଲ୍ୟ ନାହିଁ । ଅଥଚ ସେଠି ସେହି ପାଣ୍ଡିତ୍ୟପୂର୍ଣ୍ଣ ଶାସ୍ତ୍ର-ବ୍ୟାଖ୍ୟା ଅପେକ୍ଷା ନିରକ୍ଷର ଦାସିଆ ବାଉରି ବା ଅନ୍ଧ ନିରକ୍ଷର ଭୀମା ଭୋଇହିଁ ପ୍ରକୃତ ନମସ୍ୟ ବ୍ୟକ୍ତି, କାରଣ ସେମାନେ ସାଧୁ ଓ ଶ୍ରଦ୍ଧାବାନ୍ । ଈଶ୍ୱର ଏହି ପ୍ରକାର ଅନ୍ତରର ଶ୍ରଦ୍ଧାହିଁ ଗ୍ରହଣ କରନ୍ତି, ତାହାଠାରେ କୌଣସି ଆଡମ୍ବର ନୁହେଁ । କିଏ ତାଙ୍କୁ କେଉଁ ଭାଷାରେ, କିପରି ଆଳଂକାରିକ ବାକ୍ୟରେ ବା କିପରି କଳ୍ପନା କରି ଉପାସନା କରୁଛନ୍ତି,

Digitized by srujanika@gmail.com

ପ୍ରକୃତ ଭକ୍ତି-ସାଧନାରେ ସେସବୁ ଅବାନ୍ତର । ଶ୍ରଦ୍ଧା ଓ ବ୍ୟାକୁଳତା ଥିଲେ, କାଠ-ପଥର ଦେଇ ଯେ ଭଗବଦ୍-ଉପଲବ୍ଧି ହେବ, ଏହା ଏହି ଆଧୁନିକ ଅବିଶ୍ୱାସୀ ଯୁଗରେ ଶ୍ରୀରାମକୃଷ୍ଣହିଁ ପ୍ରମାଣ କରିଯାଇଛନ୍ତି । ପରମହଂସ ଦେବଙ୍କର ପ୍ରତ୍ୟକ୍ଷାନୁଭୂତି-ପ୍ରସୂତ ପରମ ସତ୍ୟ ବାଣୀରେ—"ତୁମର ଭଗବାନ ସାକାର ବା ନିରାକାର ଯାହା ହେଉନ୍ତୁ, ନିଷ୍ଠାର ସହିତ ତାଙ୍କୁ ଭଜନା କରିଚାଲ । କେବେ ହେଲେ ଅହଂକାର ସହିତ ଭାବିବ ନାହିଁ ଯେ ତୁମରି ଭଗବତ୍-କଳ୍ପନାହିଁ ଏକମାତ୍ର ସତ୍ୟ । ତୁମେ ସାଧନା ଭିତରେ ତାଙ୍କରି ପ୍ରସାଦରୁହିଁ ଜାଣିବ ଯେ, ତାଙ୍କର ଗୁଣ ଓ ରୂପର ପ୍ରକାରର ଶେଷନାହିଁ ।"

କିନ୍ତୁ ଏ ଜଗତରେ ସତ୍ୟରେ କେତେ ଜଣ କେବଳ ଈଶ୍ୱରଙ୍କୁ ଲୋଡ଼ନ୍ତି ? ଆମେ କେବଳ ଛୋଟ ଛୋଟ ଲାଭାଲାଭ ବା ଅଧିକ ହେଲେ ମୃତ୍ୟୁ ପରେ ସ୍ୱର୍ଗ ପ୍ରାର୍ଥନା କରିହିଁ ଈଶ୍ୱରଙ୍କ ନିକଟକୁ ଯାଇଥାଉଁ । ଗୀତା ସେମାନଙ୍କୁ ମଧ୍ୟ ଆଦୌ ନିନ୍ଦା କରୁନାହାନ୍ତି । ଗୀତା ବର୍ତ୍ତମାନ କହିବେ ଯେ, ସେମାନେ ସେମାନଙ୍କ ଆଦର୍ଶ ଅନୁସାରେ ଫଳ ପାଇଥାନ୍ତି ।

(୨୦—୨୧)

ତ୍ରୈବିଦ୍ୟା ମାଂ ସୋମପାଃ ପୂତପାପା
ଯଜ୍ଞୈରିଷ୍ଟ୍ୱା ସ୍ୱର୍ଗତିଂ ପ୍ରାର୍ଥୟନ୍ତେ
ତେ ପୁଣ୍ୟମାସାଦ୍ୟ ସୁରେନ୍ଦ୍ର ଲୋକ
ମଶ୍ନନ୍ତି ଦିବ୍ୟାନ୍ ଦିବିଦେବ ଭୋଗାନ୍ ।୨୦।
ତେ ତଂ ଭୁକ୍ତ୍ୱା ସ୍ୱର୍ଗଲୋକଂ ବିଶାଳଂ
କ୍ଷୀଣେ ପୁଣ୍ୟେ ମର୍ତ୍ତ୍ୟଲୋକଂ ବିଶନ୍ତି
ଏବଂ ତ୍ରୟୀ ଧର୍ମମନୁ ପ୍ରପନ୍ନା
ଗତାଗତଂ କାମକାମା ଲଭନ୍ତେ ।୨୧।

ତ୍ରୈବିଦ୍ୟାଃ (ତ୍ରିବେଦ, ଋକ୍-ସାମ-ଯଜୁର୍ବେଦୋକ୍ତ କର୍ମକାଣ୍ଡା-ଭ୍ୟାସୀଗଣ) ଯଜ୍ଞୈଃ ମାଂ ଇଷ୍ଟ୍ୱା ଯଜ୍ଞଦ୍ୱାରା ମତେ ବା ଈଶ୍ୱରଙ୍କୁ ପୂଜା କରି) [ଏବଂ] ସୋମପାଃ ପୂତପାପାଃ (ସୋମରସ ପାନ ଫଳରେ ପାପମୁକ୍ତ ହୋଇଛନ୍ତି ବୋଲି ମନେ କରି) ସ୍ୱର୍ଗତିଂ ପ୍ରାର୍ଥୟନ୍ତେ (ମୃତ୍ୟୁ ପରେ ପାର୍ଥିବ ସୁଖ ପ୍ରଚୁର ସ୍ୱର୍ଗବାସହିଁ ପ୍ରାର୍ଥନା କରିଥାନ୍ତି) । ତେ (ସେମାନେ) ପୁଣ୍ୟଂ ସୁରେନ୍ଦ୍ର ଲୋକଂ ଆସାଦ୍ୟ (ପବିତ୍ର ଇନ୍ଦ୍ରଲୋକକୁ ପାଇ) ଦିବି (ସେହି ସ୍ୱର୍ଗରେ) ଦିବ୍ୟାନ୍ ଦେବ ଭୋଗାନ୍ ଅଶ୍ନନ୍ତି (ଦିବ୍ୟ ଦେବଭୋଗ ସବୁ ଭୋଗ କରିଥାନ୍ତି) । [କିନ୍ତୁ] ତେ (ସେମାନେ) ତଂ ବିଶାଳଂ ସ୍ୱର୍ଗଲୋକଂ ଭୁକ୍ତ୍ୱା (ସେହି ବିଶାଳ ସ୍ୱର୍ଗ ଭୋଗ

Digitized by srujanika@gmail.com

କଣ୍ଠ ମଧ୍ୟ) କ୍ଷୀଣେ ପୁଣ୍ୟେ ମର୍ତ୍ତ୍ୟଲୋକଂ ବିଶନ୍ତି (ପୁଣ୍ୟ ଫଳ ଶେଷ ହୋଇ ଆସିଲେ ପୁଣି ମନୁଷ୍ୟ ଲୋକକୁ ଫେରିବାକୁ ବାଧ୍ୟ ହୁଅନ୍ତି) । ଏବଂ ତ୍ରୟୀ ଧର୍ମଂ ଅନୁପ୍ରପନ୍ନାଃ (ଏହି ପ୍ରକାରେ ତ୍ରିବେଦୋକ୍ତ ଧର୍ମାନୁସାରୀମାନେ) କାମକାମାଃ ଗତାଗତଂ ଲଭନ୍ତେ (ପାର୍ଥିବ କାମନା ସର୍ବସ୍ୱ ହେବା ଫଳରେ ବାରମ୍ବାର ଗତାଗତ ହେଉଥାନ୍ତି ଅର୍ଥାତ୍ ଜନ୍ମ ଓ ମରଣ ଭୋଗ କରୁଥାନ୍ତି) ।

ଅନୁବାଦ—

ହେ ଅର୍ଜ୍ଜୁନ, ଋକ୍-ସାମ-ଯଜୁଃ ଏହି ତ୍ରିବେଦ ନିର୍ଦ୍ଦେଶିତ ଯେଉଁ କର୍ମକାଣ୍ଡ, ତାର ଅନୁସରଣକାରୀମାନେ ସୋମରସ ପାନ କରି ନିଜକୁ ପାପମୁକ୍ତ ବୋଲି ମନେ କରନ୍ତି ଓ ମତେ (ଈଶ୍ୱରଙ୍କୁ) ମୃତ୍ୟୁ ପରେ ସ୍ୱର୍ଗ-ଲାଭ ଉଦ୍ଦେଶ୍ୟରେ ପ୍ରାର୍ଥନା କରିଥାନ୍ତି, ସେମାନେ ପବିତ୍ର ଇନ୍ଦ୍ରଲୋକକୁ ଯାଇ ଦେବଭୋଗ୍ୟ ସୁଖ ସବୁ ଭୋଗ କରିଥାନ୍ତି ; କିନ୍ତୁ ହେ ଅର୍ଜ୍ଜୁନ, ସେମାନେ ବିଶାଳ ସ୍ୱର୍ଗ ଲୋକର ସୁଖ ସବୁ ଭୋଗ କରିସାରିଲା ପରେ କ୍ଷୀଣ ପୁଣ୍ୟ ହୋଇ ପୁଣି ଏହି ପୃଥିବୀକୁ ଫେରିଥାନ୍ତି । ହେ ଅର୍ଜ୍ଜୁନ, ଏହି ପ୍ରକାରେ ତ୍ରିବେଦୋକ୍ତ ପନ୍ଥାନୁଯାୟୀ କାମନା-ଭିଳାଷୀ ସାଧକମାନେ ଜୀବନ-ଭୋଗ-ତୃଷ୍ଣା-ବଶ ହୋଇ ବାରମ୍ବାର ଜନ୍ମ ଜରା-ମରଣ ଭୋଗୁଥାନ୍ତି; ମୁକ୍ତି ପାନ୍ତି ନାହିଁ ।

ବିଶେଷ ଭାଷ୍ୟ—

ବର୍ତ୍ତମାନ ପାଠକେ ବୁଝିସାରିବେଣି ଯେ, କ୍ଷଣସ୍ଥାୟୀ ପାର୍ଥିବ ସୁଖାଦିକୁ ଯେଉଁମାନେ ଜୀବନର ପରମ ଆଦର୍ଶ ବୋଲି ଧରିଥାନ୍ତି ଏବଂ ତାହା କିପରି ସବୁବେଳେ ପ୍ରଚୁର ପରିମାଣରେ ପାଇବେ, ସେଇଥିପାଇଁ ହିଁ ତାଙ୍କର ତଥାକଥିତ 'ଧର୍ମ'କୁ ଧରିଥାନ୍ତି, ଅର୍ଥାତ୍ ଯାଗଯଜ୍ଞ, ଦାନ-ତୀର୍ଥଯାତ୍ରାଦି କରିଥାନ୍ତି ବା ମନ୍ଦିର-ଗୀର୍ଜା-ମସଜିଦ୍‌କୁ ଯାଇ ଖୁବ୍ ଉଚ୍ଚ ସ୍ୱରରେ ସ୍ତବ-ସ୍ତୁତି କରିଥାନ୍ତି, ଗୀତା ସେ ଶ୍ରେଣୀର ଲୋକଙ୍କୁ ବରାବର ତାଚ୍ଛଲ୍ୟ କରି ଆସିଛନ୍ତି । ସେହିମାନଙ୍କୁହିଁ ଗୀତା 'ମୋଘାଶ', 'ମୋଘଜ୍ଞାନ' ଓ 'ମୋଘକର୍ମା' ବୋଲି ବର୍ଣ୍ଣନା କରିଛନ୍ତି ଏବଂ ସେ ବର୍ଣ୍ଣନା ଅଯଥାର୍ଥ ମଧ୍ୟ ନୁହେଁ ।

ଯେପରି ପୂର୍ବେ କୁହାଯାଇଛି, 'ସ୍ୱର୍ଗ'ର ଯେଉଁ କଳ୍ପନା ଆମେ ସବୁ ଧର୍ମରେ ପାଉଁ, ତାହା ସଂପୃକ୍ତ ଗୋଷ୍ଠୀର ଭୌଗୋଳିକ ପରିବେଶ ଅନୁଯାୟୀ; ପରିଚିତ ପାର୍ଥିବ ଭୋଗାଦିର ନିରବଚ୍ଛିନ୍ନତାର କଳ୍ପନା ମାତ୍ର । ଲୋହିତ ଭାରତୀୟମାନଙ୍କର 'ସ୍ୱର୍ଗ' ହେଲା ସେହି ସ୍ଥାନ ଯାହା ଉତ୍କୃଷ୍ଟ ଶିକାର ଯୋଗାଇ-ଥାଏ । ସେହିପରି ସବୁ ଧର୍ମର କଳ୍ପିତ ସ୍ୱର୍ଗରେ, ଭିନ୍ନ ଭିନ୍ନ ନାମ ତଳେ, 'ମଦ୍ୟ' ଓ ଚିରଯୌବନା ସୁନ୍ଦରୀ ନାରୀ ପ୍ରଚୁର ଭାବରେ ବର୍ତ୍ତମାନ । ଶୀତ-

Digitized by srujanika@gmail.com

ଦେଶୀମାନଙ୍କର ସ୍ୱର୍ଗର କଳ୍ପନା ହେଲା ଯେଉଁଠି ନିତ୍ୟ ଗ୍ରୀଷ୍ମ, ଗ୍ରୀଷ୍ମ ଦେଶୀ-ମାନଙ୍କର କଳ୍ପନା ହେଲା ଯେଉଁଠି ନିତ୍ୟ ବସନ୍ତ ।

ମନୁଷ୍ୟର ଏଇପ୍ରକାର ସ୍ୱର୍ଗାଦି କଳ୍ପନା ଯେ ଏକାନ୍ତ ଭବରେ ଭିନ୍ନ ଭିନ୍ନ ମାନସିକ ସ୍ତର ସହିତ ଘନିଷ୍ଠ ଭବରେ ସଂପୃକ୍ତ, ସ୍ୱାମୀ ବିବେକାନନ୍ଦଙ୍କର ବାଣୀହିଁ ପ୍ରମାଣ । ସେ 'ବେଦାନ୍ତ' ଉପରେ ଏକ ଦୀର୍ଘ ବକ୍ତୃତା ଭିତରେ ଏକ ସ୍ଥାନରେ କହିଛନ୍ତି—

"ଏହି ସମଗ୍ର ସୃଷ୍ଟି କେବଳ ଏକ ଅଭିନ୍ନ ସତ୍ତା ; କିନ୍ତୁ ଆମରି ମାନସିକ ସ୍ତରରେ ଥିବା ଅନ୍ୟ ସମସ୍ତଙ୍କ ସହିତ ଆମକୁ ଏହା ଗୋଟାଏ ପ୍ରକାର ଦେଖାଯିବ । ସୂର୍ଯ୍ୟ-ଚନ୍ଦ୍ର-ତାରକା ସଂଯୁକ୍ତ ଏହି ଭୂଲୋକ ଗୋଟିଏ ପ୍ରକାର ମାନସିକ ସ୍ତରର ଲୋକଙ୍କୁ ଠିକ୍ ସେହିପରି ଦେଖାଯାଉଛି ବା ଯିବ । ପୁଣ୍ୟକର୍ମ ଦ୍ୱାରା ମାନସିକ ସ୍ତର ଯେଉଁମାନଙ୍କର ଉନ୍ନୀତ ହୋଇଯିବ, ମୃତ୍ୟୁ ପରେ ସେମାନଙ୍କୁ ଏହାହିଁ ସ୍ୱର୍ଗ ବା ଇନ୍ଦ୍ରଲୋକ ବୋଲି ମନେ ହେବ । ସେଇମାନେ ଯେତେବେଳେ ଆହୁରି ଉପରକୁ ଉଠିବେ, ସେମାନଙ୍କର ମନୋଜଗତରେ ପୂର୍ବର ସେହି ଇନ୍ଦ୍ରଲୋକହିଁ ହୋଇ ଉଠିବ ବ୍ରହ୍ମଲୋକ । ପୂର୍ଣ୍ଣତାପ୍ରାପ୍ତ ହେଲା-ପରେ ଇନ୍ଦ୍ରଲୋକ ବା ବ୍ରହ୍ମଲୋକ କିଛିହିଁ ନଥିବ । ସେତେବେଳେ ଏ ସୃଷ୍ଟିହିଁ ଦେଖାଯିବ କେବଳ ବ୍ରହ୍ମମୟ ।"

ମୃତ୍ୟୁ ପରେ ସ୍ୱର୍ଗର ସବୁ କଳ୍ପନା ଆମର ଇନ୍ଦ୍ରିୟମାନଙ୍କୁ ଯେତେଦୂର ପ୍ରୀତି ଦାନ କରିପାଇପାରେ ତା'ରି ସ୍ୱପ୍ନ ଉପରେହିଁ ପ୍ରତିଷ୍ଠିତ । ଇନ୍ଦ୍ରିୟସବୁ ବାହ୍ୟ ପଦାର୍ଥମାନଙ୍କରୁ ସୁଖ ଗ୍ରହଣ କରିଥାନ୍ତି । ଆପେ ଆପେ ସୁଖ ଦେବାର କୌଣସି ଶକ୍ତି ଇନ୍ଦ୍ରିୟମାନଙ୍କର ନାହିଁ । ଗୀତା ଏକାଧିକବାର କହିସାରିଛନ୍ତି ଯେ, ବାହ୍ୟ-ସ୍ପର୍ଶଜନିତ ସୁଖ ପ୍ରକୃତ ସୁଖ ନୁହେଁ ଏବଂ ପରିଣାମରେ ତାହା ଗ୍ଲାନି ଓ କ୍ଲାନ୍ତିକର । ପଞ୍ଚମ ଅଧ୍ୟାୟର ୨୨ ଶ୍ଳୋକରେ ଗୀତା ଏହା ଦୃଢ଼ ଭବରେ ଘୋଷଣା କରିସାରିଛନ୍ତି । ଗୀତାର ଏହି ମହାନ୍ ସତ୍ୟଟିକୁ ପାଠକେ ବରାବର ସ୍ମରଣ ରଖିବେ—

ଯେହି ସଂସ୍ପର୍ଶଜା ଭୋଗାଃ ଦୁଃଖ ଯୋନୟ ଏବ ତେ
ଆଦ୍ୟନ୍ତବନ୍ତ କୌନ୍ତେୟ ନ ତେଷୁ ରମତେ ବୁଧଃ ।୫. ୨୨।

(ବାହ୍ୟ-ସ୍ପର୍ଶଜନିତ ସୁଖ, ପରିଣାମରେ ଦୁଃଖରହିଁ ଜନକ । ବାହ୍ୟ ସ୍ପର୍ଶରୁ ତାର ଆରମ୍ଭ ; ସେହି ସ୍ପର୍ଶ ଗଲେ ସେ ସୁଖ ବି ଚାଲିଯାଏ । ତେଣୁ ଜ୍ଞାନୀ ଲୋକେ ସେଥିରେ ମାତନ୍ତି ନାହିଁ) ।

ପାଠକେ ମନେ ରଖିଥିବେ ଯେ, ଏହି ସମଗ୍ର ସୃଷ୍ଟିରେ ଏବଂ ମନୁଷ୍ୟର ଭିତରେ ଓ ବାହାରେ,ଏକା ନିୟମ କାର୍ଯ୍ୟ କରି ଚାଲିଛି । ମାଧ୍ୟାକର୍ଷଣ ନିୟମ

Digitized by srujanika@gmail.com

କେବଳ ଜ୍ୟୋତିଷ୍କ-ଜ୍ୟୋତିଷ୍କ ବା ଅଣୁ-ଅଣୁ ମଧ୍ୟରେ କାର୍ଯ୍ୟ କରୁନ, ନର ଓ ନର ଏବଂ ନର ଓ ନାରୀ ଭିତରେ ମଧ୍ୟ କାମ କରୁଛି ଯାହାର ଅନ୍ୟ ନାମ ପ୍ରେମ ବା ଆକର୍ଷଣ । ସେହିପରି ମୃତ୍ୟୁର ଏପଟେ ଯେଉଁ ନିୟମ, ମୃତ୍ୟୁର ଆରପଟେ ମଧ୍ୟ ସେହି ନିୟମ । ବାହ୍ୟ-ସ୍ପର୍ଶ-ଜନତ-ସୁଖ ମୃତ୍ୟୁର ଏପଟେ ଯେପରି 'ଆଦ୍ୟନ୍ତବନ୍ତ' ସେପଟେ ମଧ୍ୟ ସେହିପରି । ଗୀତା ବାରମ୍ବାର କହି-ଚାଲିଛନ୍ତି ଯେ; ମନୁଷ୍ୟ କେବଳ ସେୟା, ଯାହା ବା ଯେପରି ସେ ଚିନ୍ତା କରେ ବା ସ୍ୱପ୍ନ ଦେଖେ । ଆମ ଭିତରୁ ପିଲାବେଳୁ କଏ କିଏ କବି; କିଏ ଗାଣିତକ, କିଏ ବାଗ୍ମୀ ଏବଂ କିଏ ଈଶ୍ୱର-ସାଧକ ରୂପେ ଠିଆ ହେବାର ଆମେ ଯାହା ଦେଖୁଁ, ତାହା ଏକାନ୍ତ ଭବରେ ଆମ ଚିନ୍ତା ଓ ସ୍ୱପ୍ନର ବିବର୍ତ୍ତନର ପରିଣତି ମାତ୍ର । ଆମ ଭିତରୁ କେତେକ ସେହିପରି ଟଙ୍କା-ପଇସା, କେତେକ ନାରୀ ଓ ମଦ୍ୟ, ଏବଂ ଅନ୍ୟ କେତେକ କ୍ଷମତାର ସ୍ୱପ୍ନ ହିଁ ଦେଖିଥାନ୍ତି ଏବଂ ବୋଧହୁଏ ପାଇଥାନ୍ତି । ଗୀତା କହୁଛନ୍ତି ଯେ, ସେହିପରି ମଧ୍ୟ 'ସ୍ୱର୍ଗ'ର କଳ୍ପନା । ଗୀତା ଲେଖା ପର୍ଯ୍ୟନ୍ତ ଏହି ଉପ ମହାଦେଶରେ ଏହି 'ସ୍ୱର୍ଗ' ପାଇବାପାଇଁ ଲୋକେ ବୈଦିକ ତ୍ରୈବିଦ୍ୟା, ତ୍ରୈଧର୍ମ ଅଭ୍ୟାସ କରି ଚାଲିଥିଲେ, ଅର୍ଥାତ୍, ଯାଗ-ଯଜ୍ଞ କରି ଲାଗିଥିଲେ । ପୁରୋହିତ ସଂପ୍ରଦାୟ, ଏବର ରାଜନୈତିକ ସଂପ୍ରଦାୟମାନଙ୍କ ପରି ଜନସାଧାରଣଙ୍କୁ ପ୍ରତିଶ୍ରୁତ ଦେବାରେ ସବୁଠି ଓ ସବୁ କାଳରେ ଧୁରନ୍ଧର । ଲୋକେ ବି ସେମାନଙ୍କ କଥାରେ ଭୁଲିଥାନ୍ତି ।

କିନ୍ତୁ ଗୀତା, ଚିରକାଳପାଇଁ ଏହି ଅଯୌକ୍ତିକ ପ୍ରଚେଷ୍ଟା ଉପରେ ଏଠାରେ ବଜ୍ରାଘାତ କରଛନ୍ତି । ପାର୍ଥିବ ସୁଖ ପରି ସ୍ୱର୍ଗ-ସୁଖର ମଧ୍ୟ ଶେଷ ଅଛି । ତାପରେ ଆତ୍ମାର ପୁଣି ଧରାବତରଣ । ତେଣୁ; 'ସ୍ୱର୍ଗ' ଶେଷ କଥା ନୁହେଁ । ତେବେ ଶେଷ କଥା କ'ଣ ?

ଗୀତା ତାହାହିଁ ପରବର୍ତ୍ତୀ କେତୋଟି ଶ୍ଳୋକରେ ବର୍ଣ୍ଣନା କରିବେ ।

(୨୨)

ଅନନ୍ୟାଶ୍ଚିନ୍ତୟନ୍ତୋ ମାଂ ଯେଜନାଃ ପର୍ଯ୍ୟୁପାସତେ
ତେଷାଂ ନତ୍ୟାଭିଯୁକ୍ତାନାଂ ଯୋଗକ୍ଷେମଂ ବହାମ୍ୟହଂ ।୨୨।

ଅନନ୍ୟାଃ (ଅନନ୍ୟ ଚିତ୍ତରେ) ମାଂ ଚିନ୍ତୟନ୍ତଃ (ମତେ ଅର୍ଥାତ୍ ଈଶ୍ୱରଙ୍କୁ ସର୍ବଦା ସ୍ମରଣରେ ରଖି) ଯେ ଜନାଃ (ଯେଉଁ ଲୋକେ) ପର୍ଯ୍ୟୁପାସତେ (ଉପାସନା କରିଥାନ୍ତି) ତେଷାଂ ନିତ୍ୟାଭିଯୁକ୍ତାନାଂ (ସେହି ସର୍ବଥା-ଈଶ୍ୱରା-ନୁରକ୍ତ ବ୍ୟକ୍ତିମାନଙ୍କର) ଅହଂ ଯୋଗକ୍ଷେମଂ ବହାମି (ମୁଁ, ଅର୍ଥାତ୍ ଈଶ୍ୱର, ସେମାନଙ୍କର ଯୋଗ ଓ କ୍ଷେମ ବହନ କରେ) ।

Digitized by srujanika@gmail.com

ଅନୁବାଦ—

ହେ ଅର୍ଜୁନ, ଅନ୍ୟ ପକ୍ଷରେ ଯେଉଁମାନେ କେବଳ ମତେ (ଈଶ୍ୱରଙ୍କୁ) ଅନନ୍ୟ ଚିତ୍ତରେ—ଅନ୍ୟ କେଉଁ ଦେବତା ବା କାମନା ପ୍ରତି ଲକ୍ଷ୍ୟ ନ ରଖି—ଚିନ୍ତା ଓ ଉପାସନା କରିଥାନ୍ତି ସେହି ନତ୍ୟ-ଈଶ୍ୱରାନୁରକ୍ତ ସାଧକମାନଙ୍କର ଯୋଗ ଓ କ୍ଷେମ ମୁଁହିଁ ହିଁ ବହନ କରିଥାଏ ।

ବିଶେଷ ଭାଷ୍ୟ—

ସୁନ୍ଦର ଏହି 'ଯୋଗକ୍ଷେମ' ଶବ୍ଦଟି ଗୀତାରେ ଅନ୍ୟତ୍ର (୨।୪୫) ବ୍ୟବହୃତ ହୋଇ ସାରିଛି । ଏହି ଗୋଟିଏ ଶବ୍ଦରେ ହିଁ ମନୁଷ୍ୟର ଇହଜୀବନର ସକଳ ଦୁଶ୍ଚିନ୍ତା ସ୍ପଷ୍ଟ ପ୍ରକାଶିତ ହୋଇ ଯାଇଛି । ମନୁଷ୍ୟର ଯାହା ନାହିଁ ସେ ତାହା ଖୋଜେ । ସେହି ଅପ୍ରାପ୍ତର ଲାଭର ନାମ ଯୋଗ (ଯାହା ଯୋଗ କରାଯାଏ ବା ଯୋଡ଼ାଯାଏ) ପୁଣି ମନୁଷ୍ୟର ଯାହା ଅଛି, ସେଥିର ସୁରକ୍ଷାର ନାମ 'କ୍ଷେମ' । ତେଣୁ 'ଯୋଗକ୍ଷେମ'ର ମୋଟ ତାତ୍ପର୍ଯ୍ୟ ହେଲା ଆମ ଜୀବନର ସାଧାରଣ ଜଞ୍ଜାଳ । ଅର୍ଥାତ୍ ଯାହା ନାହିଁ ତାକୁ ପାଇବା ଓ ଯାହା ଅଛି ତାହା କିପରି ବରାବର ଥିବ—ତା'ରି ଚିନ୍ତା ।

ଗୀତା କହୁଛନ୍ତି, ଲୋକେ ଯାଗ-ଯଜ୍ଞ ଓ ମନ୍ତ୍ର-ଯନ୍ତ୍ର ଇତ୍ୟାଦି ଦେଇ, ନାନା ଦେବ ଦେବୀ ପୂଜା କରି, ଉଦ୍‌ଭ୍ରାନ୍ତ ଭାବରେ ଏମିତି ଦୌଡ଼ାଦୌଡ଼ି କାହିଁକି କରୁଛନ୍ତି ? ନିଖିଳ ଏହି ବିଶ୍ୱର ଓ ତନ୍ନିହିତ ସକଳ 'ଯୋଗକ୍ଷେମ'ର ପ୍ରଭୁ ଏକ-ମାତ୍ର ଜଣେ । ଲୋକେ ସେହି ପ୍ରଭୁଙ୍କୁ ପାଇଲେ ତ ସବୁ ପାଇବେ । ସେହି ଏକମାତ୍ର ପ୍ରଭୁଙ୍କୁ ଖୋଜିଲେ ସେହି ହିଁ ଭକ୍ତର ସକଳ ଭାର ବହନ କରିବେ । ଲୋକେ ଏଇତକ ବୁଝୁନାହାନ୍ତି କାହିଁକି ?

ଯୀଶୁଖ୍ରୀଷ୍ଟଙ୍କର ସୁପ୍ରସିଦ୍ଧ 'ଶୈଳୋପଦେଶ' (ସରମନ୍ ଅନ୍ ଦ' ମାଉଣ୍ଟ)ର ନିମ୍ନୋଦ୍ଧୃତ ଅଂଶ ଗୀତାର ଏହି ବାଣୀର ପ୍ରତିଧ୍ୱନି ପରି ପ୍ରତୀତ ହୁଏ—

ତେଣୁ ମୁଁ କହେ; ତୁମେ କିମିତ ବଞ୍ଚିବ, କ'ଣ ଖାଇବ-ପିଇବ; କ'ଣ ପିନ୍ଧିବ, ଏ ସବୁ ନେଇ ଚିନ୍ତାକୁଳ ହୁଅ ନାହିଁ । ଏ ଜୀବନ ଭୋଜ୍ୟ ଦ୍ରବ୍ୟଠାରୁ ଏବଂ ତୁମର ଏ ଦେହ ପିନ୍ଧିବା ବସନ ଠାରୁ ମହତ୍ତର । ବିହାୟସର ବିହଙ୍ଗମବର୍ଗଙ୍କୁ ଅନାଅ । ସେମାନେ ଶସ୍ୟ ବୁଣୁନାହାନ୍ତି, କାଟୁନାହାନ୍ତି ବା ଖଳାରେ ଆଣି ଜମା କରୁନାହାନ୍ତି । ସ୍ୱର୍ଗସ୍ଥ ପିତାହିଁ ସେମା-ନଙ୍କର ଖାଦ୍ୟ-ବ୍ୟବସ୍ଥା କରି ଦେଉଛନ୍ତି । ତୁମେ କ'ଣ ସେମାନଙ୍କଠୁ ଉଚ୍ଚତର ଜୀବ ନୁହଁ, ଉତ୍ତମତର ରୂପେ ବଞ୍ଚିବାକୁ ? ହେ ମନୁଷ୍ୟ, ନିଜକୁ ପଚାର ତ, ଯେତେ ଭାବିଲେ ମଧ୍ୟ ତୁମ ଭିତରୁ କେହି ନିଜର ଉଚ୍ଚତାକୁ ଆଉ

Digitized by srujanika@gmail.com

ହାତେ ବଢେଇ ଦେଇ ପାରିବ କି ? ଅଥଚ ସେହି ଦେହପାଇଁ ଏତେ ଚିନ୍ତା କର କାହିଁକି ? ପ୍ରାନ୍ତରର ପୁଷ୍ପମାନଙ୍କୁ ଦେଖ । ସେମାନେ ବସ୍ତ୍ରବୟନ ବା ପୋଷାକ ନିର୍ମାଣ କରନ୍ତି ନାହିଁ ; କିନ୍ତୁ ଏହା ସତ୍ୟ ନୁହେଁ କି ଯେ ଧନୀ ରାଜା ସଲୋମନ୍ ମଧ୍ୟ ସେପରି ବର୍ଣ୍ଣାଢ୍ୟ ପୋଷାକ ଦିନେ ହେଲେ ବ୍ୟବହାର କରି-ନ ଥିବେ ଯେପରି କରନ୍ତି ପ୍ରାନ୍ତରର ପୁଷ୍ପମାନେ । ଆଗାମୀ କାଲି ଯେଉଁ ନଟା-ପତ୍ର-ଘାସ ଚୁଲ୍ଲୀରେ ଜାଳ ହୋଇ ପାଉଁଶ ହେବ, ସ୍ୱର୍ଗସ୍ଥ ପିତା ସେ ଗୁଡ଼ିକ ଯଦି ଏପରି ସୁନ୍ଦର ପରିଚ୍ଛଦରେ ଆବୃତ କରି ପାରୁଛନ୍ତି, ତେବେ, ହେ ଅବିଶ୍ୱାସୀ ମନୁଷ୍ୟ, ସେ ତୁମକୁ ତାହାଠାରୁ ଅଧିକତର ନ କରିବେ କାହିଁକି ?

ତେଣୁ ମୁଁ କ'ଣ ଖାଇବି, କ'ଣ ପିନ୍ଧିବି ଏ ଚିନ୍ତାରେ ସବୁବେଳେ ନିଜକୁ ବିବ୍ରତ କର ନାହିଁ । ସାଧାରଣ ମନୁଷ୍ୟ କେବଳ ଏହାହିଁ ପ୍ରାର୍ଥନା କରିଥାନ୍ତି ; କିନ୍ତୁ ସ୍ୱର୍ଗସ୍ଥ ପିତା ଆମର ଖାଦ୍ୟ-ବସ୍ତ୍ର ଯେ ଦରକାର ତାହା ଉତ୍ତମ ରୂପେ ଜାଣନ୍ତି ଏବଂ ସେହି କ୍ରମରେ ବ୍ୟବସ୍ଥା କରିଥାନ୍ତି ।

ଅତଏବ ତୁମେ ଖାଦ୍ୟ-ବସନର ଚିନ୍ତା ଛାଡି ଆଗ ସ୍ୱର୍ଗ-ରାଜ୍ୟର ଚିନ୍ତା କର । ଚିନ୍ତା କର ଈଶ୍ୱରଙ୍କର ନ୍ୟାୟପରାୟଣତା । ତେବେ ଖାଦ୍ୟ-ବସନାଦି ସାଂସାରିକ ଆବଶ୍ୟକତା ସବୁ ଆପେ ଆପେ ତୁମର ହସ୍ତଗତ ହେବ ।''

ଅନ୍ୟତ୍ର (ବାଇବଲ୍, ନିଉଟେଷ୍ଟାମେଣ୍ଟ, ମାଥ୍ୟୁ ୧୧ଶ ଅଧ୍ୟାୟ) ଯୀଶୁ ମନୁଷ୍ୟକୁ ଏହି ପରମ ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି ଯାହା ମଧ୍ୟ ଗୀତାର 'ଯୋଗ କ୍ଷେମ'—ପ୍ରତିଶ୍ରୁତିର ରୂପାନ୍ତର ମାତ୍ର—

''ହେ ପାର୍ଥିବ-ଶ୍ରମ- ଓ-ଜଞ୍ଜାଳରେ ଉତ୍କ୍ରାନ୍ତ ମନୁଷ୍ୟଗଣ, ମୋ ନିକଟକୁ ଆସ, ମୁଁ ତୁମକୁ ଆରାମ ଦେବି । ମୁଁ ମୋ ଜୀବନର ଭାର ଯେପରି ବୋହି ଚାଲିଛି ତୁମେ ନମ୍ରତା ଓ ବିନୟ ସହିତ ସେହିପରି କର । ତା ହେଲେ ତୁମର ଆତ୍ମାରେ ଶାନ୍ତି ପ୍ରତିଷ୍ଠିତ ହେବ ।''

ଅର୍ଥାତ୍ ଯାଗ-ଯଜ୍ଞ, ମନ୍ତ୍ର-ତନ୍ତ୍ର ଇତ୍ୟାଦି ବାହ୍ୟ ଅନୁଷ୍ଠାନରେ ବିଶ୍ୱାସ ନରଖି ବିଶ୍ୱାସ ରଖ ଈଶ୍ୱରଙ୍କ ବଦାନ୍ୟତାରେ । ସେହିଁ ତୁମର 'ଯୋଗକ୍ଷେମ'ର ସବୁ ବ୍ୟବସ୍ଥା କରିଦେବେ ।

ବର୍ତ୍ତମାନ ଆମେ ଗୀତାର ଆଉ ଏକ ଉଦାର ଶ୍ଳୋକକୁ ଯିବା—

(୨୩)

ଯେଽପ୍ୟନ୍ୟ ଦେବତା ଭକ୍ତା ଯଜନ୍ତେ ଶ୍ରଦ୍ଧୟାନ୍ୱିତାଃ
ତେଽପି ମାମେବ କୌନ୍ତେୟ ଯଜନ୍ତ୍ୟ ବିଧି ପୂର୍ବକଂ ।୨୩।

Digitized by srujanika@gmail.com

(ହେ) କୌନ୍ତେୟ (ଅର୍ଜୁନ) ଅନ୍ୟ ଦେବତା ଭକ୍ତାଃ ଯେ ଅପି (ଯେଉଁମାନେ ଅନ୍ୟ ·ଦେବତାମାନଙ୍କର ଭକ୍ତ, ସେମାନେ ମଧ୍ୟ) ଶ୍ରଦ୍ଧୟା ଅନ୍ୱିତା (ଶ୍ରଦ୍ଧାଯୁକ୍ତ ହୋଇ) ଯଜନ୍ତେ (ପୂଜା କରନ୍ତି) ତେ ଅପି (ସେମାନେ ମଧ୍ୟ) ଅବିଧି ପୂର୍ବକଂ ଅବୈଧ ଭାବରେ ହେଲେ ହେଁ) ମାଂ ଏବ ଯଜନ୍ତି (ମତେ ହିଁ ପୂଜା କରିଥାନ୍ତି) ।

ଅନୁବାଦ—

କିନ୍ତୁ ହେ ଅର୍ଜୁନ, ଏହି ପାର୍ଥିବ ସୁଖାଦି ଆଶାରେ ମତେ (ଈଶ୍ୱରଙ୍କୁ) ନ ଖୋଜି ଯେଉଁମାନେ ଅନ୍ୟ ଅନ୍ୟ ଦେବତାମାନଙ୍କୁ ଅନ୍ତତଃ ଶ୍ରଦ୍ଧାର ସହିତ ପୂଜା କରଥାନ୍ତି, ସେ ଭକ୍ତମାନେ, ଅବୈଧ ଭାବରେ ହେଲେ ମଧ୍ୟ, ବସ୍ତୁତଃ ମତେ ହିଁ ପୂଜା କରିଥାନ୍ତି ବୋଲି ଜାଣିବ ।

ବଶେଷ ଭାଷ୍ୟ—

ଗୀତାର 'ଈଶ୍ୱର', କେବଳ ଗୀତାର ବ୍ୟାଖ୍ୟାପକ ସ୍ୱୟଂ 'ଶ୍ରୀକୃଷ୍ଣ', ଆଉ କେହି ନୋହି ପାରନ୍ତି, ଏପରି ଧାରଣା ଗୀତାରେ ହିଁ ବାରମ୍ବାର ବରୋଧାଭାସ ଯୁକ୍ତ ହୋଇ ଉଠିଛି । ଏଦ୍ୱାଦ୍ୱାର ଗୀତା ତାର ଉଦାର ବିଶ୍ୱଜନୀନତା ଯେ କିଞ୍ଚିତ୍ ପରିମାଣରେ ହରଉଛି ତାହା ମଧ୍ୟ ବିଚାରଣୀୟ ବିଷୟ ।

ଉପରର ବିଂଶତି ଶ୍ଳୋକକୁ ପାଠକେ ବଚାର କରନ୍ତୁ । ତ୍ରିବେଦ ଅର୍ଥାତ୍ ଋକ୍, ସାମ ଓ ଯଜୁର୍ବେଦ ଭିତରେ 'ଶ୍ରୀକୃଷ୍ଣ' ବୋଲି କୌଣସି ଦେବତାପାଇଁ ଗୋଟିଏ ହେଲେ ସ୍ତୁତି (ଋକ୍) ନାହିଁ, ଯେପରି ଅଛି ଇନ୍ଦ୍ର, ଅଗ୍ନି, ବରୁଣାଦି ଦେବତାମାନଙ୍କ ପ୍ରତି । ଶ୍ରୀକୃଷ୍ଣଙ୍କୁ କୁହାଯାଏ ବଷ୍ଣୁଙ୍କ ଅବତାର । ବିଷ୍ଣୁ, ବେଦରେ ସୂର୍ଯ୍ୟଙ୍କର ବହୁ ନାମରୁ ଏକ ନାମ ମାତ୍ର । ବେଦର ଶେଷ ଆଡକୁ ହିଁ, ବଷ୍ଣୁ କିଛି ସ୍ୱାତନ୍ତ୍ର୍ୟ ପାଇଥିଲେହେଁ, ସେ ବେଦରେ ଦ୍ୱିତୀୟ ଶ୍ରେଣୀର ଦେବତା ଥିଲେ । ସେ ଥିଲେ ଇନ୍ଦ୍ରର ସାହାଯ୍ୟକାରୀ ଅଧସ୍ତନ । ତେଣୁ ତାଙ୍କର ଅନ୍ୟ ନାମ 'ଉପେନ୍ଦ୍ର' ଓ 'ଇନ୍ଦ୍ରାବରଜ' । ତେଣୁ ସଂପୃକ୍ତ ଶ୍ଳୋକରେ ନିଜେ ଅର୍ଜୁନ-ସାରଥୀ ଶ୍ରୀକୃଷ୍ଣ 'ସୋମପାଃ ତ୍ରୈବିଦ୍ୟା'—ସୋମରସପାୟୀ ତନି ବେଦରେ ବଶ୍ୱାସୀମାନେ, ସେହି ସୋମରସଜନତ-ସୁଖ ମୃତ୍ୟୁ ଆରପଟେ ପାଇବାପାଇଁ 'ଯଜ୍ଞୈରିଷ୍ଟ୍ୱା ମାଂ ସ୍ୱର୍ଗତିଂ ପ୍ରାର୍ଥୟନ୍ତେ'—"ମତେହିଁ (ଶ୍ରୀକୃଷ୍ଣଙ୍କୁ) ଯଜ୍ଞବିଧାନରେ ସନ୍ତୁଷ୍ଟ କରି, ସ୍ୱର୍ଗ ପ୍ରାର୍ଥନା କରିଥାନ୍ତି", ବୋଲି କହିବାର ସାମାନ୍ୟତମ ଐତହାସିକ ଯାଥାର୍ଥ୍ୟ ମଧ୍ୟ ନାହିଁ । ବଶେଷକରି ଶ୍ରୀକୃଷ୍ଣଙ୍କ ଉଦ୍ଦେଶ୍ୟରେ ହେଉଥିବା କୌଣସି ଯଜ୍ଞର ନାମ ଏବେ ବ ଶୁଣା ନାହିଁ । ବରଂ ସେ କପରି ଇନ୍ଦ୍ର-ପୂଜା-ବରୋଧୀ ଥିଲେ ତାହା ପ୍ରତ୍ୟେକ ଭାଗବତ-ପାଠକ ଜାଣନ୍ତି ।

Digitized by srujanika@gmail.com

ତେଣୁ ଏ ଶ୍ଳୋକ ବା ଗୀତାର ଅନ୍ୟାନ୍ୟ ବହୁ ଶ୍ଳୋକରେଥିବା 'ମାଂ'ର ଅର୍ଥ କେବଳ ଶ୍ରୀକୃଷ୍ଣଙ୍କୁ ବୁଝାଇବସିଲେ, ଆମେ ଏକ ଯୁକ୍ତି-ଓ-ଯାଥାର୍ଥ୍ୟହୀନ ରାସ୍ତାରେ ପହଁଚୁଛୁ, ଯେଉଁଠି ଗୀତାପରି ମହୋଦାର ଶାସ୍ତ୍ରର ସମ୍ମାନରେ ନିଶ୍ଚୟ ଆଘାତ ଆସିବ ।

ତେଣୁ ଏ ଶ୍ଳୋକରେ (୨୩), "ଅବିଧିପୂର୍ବକ ହେଲେ ମଧ୍ୟ ସେମାନେ (ଅନ୍ୟ ଦେବୋପାସକମାନେ) ସେହି ଏକ ଈଶ୍ୱରଙ୍କୁ (ମାଂ) ହିଁ ଉପାସନା କରିଥାନ୍ତି"—ଏହାହିଁ ଏକମାତ୍ର ଯୁକ୍ତିଯୁକ୍ତ ତାତ୍ପର୍ଯ୍ୟ ହେବ । ଏହା କେବେ ପାର୍ଥ-ସାରଥୀ ଓ ଗୀତା-ପୁସ୍ତକର ରୂପକ-ବ୍ୟାଖ୍ୟାପକ ଶ୍ରୀକୃଷ୍ଣଙ୍କୁ ବୁଝାଇବ ନାହିଁ ।

ଗୀତା ଅଧିକାଂଶତଃ ଏପରି ଉଦାରସ୍ତରକୁ ଉଠିପାରିଛି ଯାହା ପୃଥିବୀର ଅନ୍ୟ କୌଣସି ଧର୍ମଗ୍ରନ୍ଥ କରିପାରିନି । ଏହାର ବାଣୀ ହିନ୍ଦୁ, ମୁସଲମାନ, ବୌଦ୍ଧ, ଖ୍ରୀଷ୍ଟାନ, ସକଳ ଧର୍ମର ଆଧ୍ୟାତ୍ମିକ ସାଧକକୁ ପ୍ରେରଣା ଦେବାର କଥା । ଗୀତାର ଶ୍ଳୋକସବୁ ତେଣୁ ସେହି ଦୃଷ୍ଟିରୁ ବିଚାର କରାଯିବା ଉଚିତ । ଗୀତାକୁ କୌଣସି ବ୍ୟକ୍ତିବିଶେଷର ପ୍ରଚାର-ଗ୍ରନ୍ଥ ମାତ୍ର ବୋଲି ପ୍ରମାଣ କରିବସିଲେ, ଗୀତାର ଉଦାରତା ଆପେ ଆପେ ନଷ୍ଟ ହୋଇଯିବ, ଏବଂ ସେଥିଯୋଗୁଁ ହୋଇଥାଏ ମଧ୍ୟ ।

(୨୪)

ଅହଂହି ସର୍ବଯଜ୍ଞାନାଂ ଭୋକ୍ତା ଚ ପ୍ରଭୁରେବଚ
ନ ତୁ ମାମଭିଜାନନ୍ତି ତତ୍ତ୍ୱେନାତଶ୍ଚ୍ୟବନ୍ତିତେ ।୨୪।

ହି (ଯେହେତୁ) ଅହଂ ଏବ (ମୁଁ ହିଁ) ସର୍ବଯଜ୍ଞାନାଂ ଭୋକ୍ତା ପ୍ରଭୁଃ ଚ (ସକଳ ପ୍ରକାର ଯଜ୍ଞର ଭୋକ୍ତା ଓ ଫଳଦାତା) । ତୁ (କିନ୍ତୁ) ତେ (ସେମାନେ) ମାଂ ତତ୍ତ୍ୱେନ ନ ଅଭିଜାନନ୍ତି (ମତେ ସ୍ୱରୂପତଃ ଜାଣନ୍ତି ନାହିଁ), ଅତଃ (ସେହି ହେତୁରୁ) [ସେମାନେ] ଚ୍ୟବନ୍ତି (ସଂସାରରେ ପତିତ ହୁଅନ୍ତି ; ଅର୍ଥାତ୍ ବାରମ୍ବାର ଜନ୍ମ ଗ୍ରହଣ କରନ୍ତି) ।

ଅନୁବାଦ—

ହେ ଅର୍ଜୁନ, ଜାଣିରଖ ଯେ ଈଶ୍ୱରହିଁ ସକଳ ଯଜ୍ଞ ଓ ପୂଜାର ଏକମାତ୍ର ପ୍ରଭୁ ଓ ଭୋକ୍ତା । ଅନ୍ୟ କେହି ନୁହେଁ । ମୋର (ଈଶ୍ୱରଙ୍କର) ଏହି ମୌଳିକ ତତ୍ତ୍ୱ ଜାଣି ନପାରି ଏହି ନିମ୍ନ-ଦେବ-ଦେବୀ-ପୂଜକମାନେ ଅଧ୍ୟାତ୍ମ ସାଧନାରେ ଉପରକୁ ନ ଉଠି ତଳକୁ ଖସିଥାନ୍ତି ଅର୍ଥାତ୍ ପୁନର୍ବାର ଜନ୍ମ ଗ୍ରହଣ କରନ୍ତି ।

Digitized by srujanika@gmail.com

ବିଶେଷ ଭାଷ୍ୟ—

ଗୀତା ବିଶେଷଭାବରେ ଦ୍ୱିତୀୟ ଅଧ୍ୟାୟର ୪୨, ୪୩, ୪୪, ୪୫ ଶ୍ଳୋକରେ ଏବଂ ଅନ୍ୟତ୍ର ବୈଦିକ ଯଜ୍ଞାନୁଷ୍ଠାନକୁ ଯଥେଷ୍ଟ ନିନ୍ଦା କରିଛନ୍ତି । କିନ୍ତୁ ଅନ୍ୟତ୍ର ପୁଣି କହିଛନ୍ତି "ମୁହିଁହିଁ ସର୍ବ ଯଜ୍ଞର ଫଳଦାତା" । ଏଥିରେ କୌଣସି ପାଠକ ବିରୋଧାଭାସ ଲକ୍ଷ୍ୟ କରି ପାରନ୍ତି ; କିନ୍ତୁ ଏଠାରେ ବିରୋଧାଭାସ ଆଦୌ ନାହିଁ । ହୋମ-ଯଜ୍ଞ କର, ଗୀର୍ଜାରେ ପ୍ରାର୍ଥନା କର, ମସଜିଦ୍‌ରେ ପ୍ରାର୍ଥନା କର ବା ମକ୍କାକୁ ହଜ୍ କରଯାଅ—ମନୁଷ୍ୟମାନଙ୍କର ଚିନ୍ତାର ବା ଈଶ୍ୱରାଧନାର ବିଭିନ୍ନତା ଯୋଗୁଁ 'ଈଶ୍ୱର' କେବେ ବିଭିନ୍ନ ହୋଇପାରିବେ ନାହିଁ । ଏହା ପୂର୍ବରୁ ମଧ୍ୟ କୁହାଯାଇଛି ଯେ, ମନୁଷ୍ୟ-କଳ୍ପନା-ନିରପେକ୍ଷ ଈଶ୍ୱର, ଚିରକାଳ ଏକ ଓ ଅପରିବର୍ତ୍ତନୀୟ । ସୃଷ୍ଟି ଓ ସମାଜ ଭିନ୍ନ ଭିନ୍ନ ଓ ପରିବର୍ତ୍ତନୀୟ ; କିନ୍ତୁ ତାଙ୍କ ସାଥିରେ ସ୍ରଷ୍ଟା ମଧ୍ୟ ଯଦି ଭିନ୍ନ ଓ ପରିବର୍ତ୍ତନୀୟ ହୋଇ ଚାଲିବେ ତେବେ ଘୋର ବିଶୃଙ୍ଖଳା ଉପସ୍ଥିତ ହେବ, ସୃଷ୍ଟି ଓ ସଂସାରରେ । ମନୁଷ୍ୟମାନେ, ଯିଏ ଯେତେ ପ୍ରକାରରେ ପୂଜା-ଉପାସନା କରୁଛନ୍ତି, ସେଥିରୁ କୌଣସି ଗୋଟିକୁ ହେଲେ ଗୀତା ଏକାବେଳେକେ ଅଗ୍ରାହ୍ୟ ନ କରି ବାରମ୍ବାର କହୁଛନ୍ତି ଯେ, ସୃଷ୍ଟି ଓ ସମାଜର ପଛରେ ଦଣ୍ଡାୟମାନ ଏକ ଈଶ୍ୱରଙ୍କ ଆରାଧନା ଛଡ଼ା ଆଉ ସମସ୍ତହିଁ ନିମ୍ନ ଶ୍ରେଣୀର ଏବଂ ସେ ସବୁର ପରିଣାମ ମହତ୍ ନୁହେଁ । ନିମ୍ନ ସ୍ତରରେ ରହି ମନୁଷ୍ୟ ଧନ, ମାନ, ପ୍ରତିପତ୍ତି ପାଇବା ପାଇଁ ଭିନ୍ନ ଭିନ୍ନ ଅପଦେବତା ବା ଉପଦେବତା ପୂଜା କରିପାରେ ଏବଂ ସେହିମାନେ ସେ ସବୁ ତାକୁ ଦେଲେ ବୋଲି ସେ ବିଶ୍ୱାସ କରିପାରେ, କିନ୍ତୁ ଏ ସୃଷ୍ଟିରେ ଦେବା-ଓ-ନେବା-ବାଲା କେବଳ ଜଣେ । ଦ୍ୱିତୀୟ କେହି ନାହିଁ । ଭାରତୀୟ ଆର୍ଯ୍ୟମାନଙ୍କର ଯାଗ-ଯଜ୍ଞ ପ୍ରଥା, ଅନ୍ୟ ଧର୍ମମାନଙ୍କର ସମାନ୍ତରାଳ ଆଚାର-ଅନୁଷ୍ଠାନ ପରି ପାର୍ଥିବ ସୁଖ ଭୋଗାଦି ଲାଭର (ଯୋଗ-କ୍ଷେମର) ଏକ ଉପାୟ ମାତ୍ର ଥିଲା । ହୁଏତ କେହିକେହି ସେଥିରେ କାକତାଳୀୟ ନ୍ୟାୟରେ ଫଳ ବି ପାଉଥିବେ । କିନ୍ତୁ ମନେ ରଖିବାକୁ ହେବ ଯେ, ଫଳ-ଲାଭର ନିୟମ ଓ ସେ ନିୟମର କର୍ତ୍ତା ମଧ୍ୟ ଏକ ମେବା ଦ୍ୱିତୀୟ, ଜଣେ ଈଶ୍ୱର । ଅନ୍ୟ ସମସ୍ତଙ୍କର ଶକ୍ତି ସୀମିତ । ଫଳ ଦେବାର ପ୍ରଭୁ ଏ ଜଗତରେ ଆଉ ଦ୍ୱିତୀୟ କେହି ନାହିଁ । ଏହି ଶ୍ରେଣୀର ଉପାସକମାନେ ଯେତେ ଶ୍ରଦ୍ଧାରେ ଧର୍ମାନୁଷ୍ଠାନ କରନ୍ତୁ ବା ତାହା କରି ଯାହା ପାଇଲେ ବୋଲି ବିଶ୍ୱାସ କରନ୍ତୁ ପଛେ, ସେମାନେ ନିଖିଳ ସୃଷ୍ଟିର ଅନ୍ତରାଳରେ ଅବସ୍ଥିତ ଏକ ପରମେଶ୍ୱରଙ୍କର 'ତତ୍ତ୍ୱ' ବୁଝିପାରିଛନ୍ତି ବୋଲି କୁହାଯାଇ ପାରିବ ନାହିଁ ।

Digitized by srujanika@gmail.com

(୨୫)

ଯାନ୍ତି ଦେବବ୍ରତା ଦେବାନ୍ ପିତୃନ୍ ଯାନ୍ତି ପିତୃବ୍ରତାଃ
ଭୂତାନି ଯାନ୍ତି ଭୂତେଜ୍ୟା ଯାନ୍ତି ମଦ୍‌ଯାଜିନୋଽପିମାଂ ।୨୫।

ଦେବବ୍ରତାଃ (ଦେବ ପୂଜକମାନେ) ଦେବାନ୍ ଯାନ୍ତି (ଦେବତାମାନଙ୍କୁ ପ୍ରାପ୍ତ ହୋଇଥାନ୍ତି) । ପିତୃବ୍ରତାଃ ପିତୃନ୍ ଯାନ୍ତି (ପିତୃପୁରୁଷଙ୍କ ଉପାସକମାନେ ପିତୃଲୋକକୁ ଯାନ୍ତି) । ଭୂତେଜ୍ୟାଃ ଭୂତାନି ଯାନ୍ତି (ଭୂତ ପ୍ରେତାଦିର ଉପାସକ ମାନେ ସେହିମାନଙ୍କ ନିକଟକୁ ଯାନ୍ତି) । ମଦ୍‌ଯାଜିନଃ ଅପି ମାଂ ଯାନ୍ତି [ସେହିପରି] (ମୋର ଅର୍ଥାତ୍ ଈଶ୍ୱରଙ୍କ ଉପାସକମାନେ ଈଶ୍ୱରଙ୍କ ସମୀପକୁ ଯାନ୍ତି) ।

ଅନୁବାଦ—

ହେ ଅର୍ଜ୍ଜୁନ, ସେହି ଅନ୍ୟ-ଦେବ-ପୂଜକମାନେ, ସେହି ସେହି ଦେବତା ମାନଙ୍କୁହିଁ ପ୍ରାପ୍ତ ହୋଇଥାନ୍ତି । ପିତୃପୁରୁଷଙ୍କ ଉପାସକମାନେ ପିତୃଲୋକକୁ, ଭୂତପ୍ରେତାଦିର ଉପାସକମାନେ ପ୍ରେତଲୋକକୁ, କିନ୍ତୁ ମତେ (ଈଶ୍ୱରଙ୍କୁ) ଉପାସନା କରୁଥିବା ଲୋକ ଈଶ୍ୱରଙ୍କୁ ହିଁ ପାଇଥାନ୍ତି ।

ବିଶେଷ ଭାଷ୍ୟ—

ପାଠକେ ଏହି ଶ୍ଳୋକରେ ମଧ୍ୟ ଗୀତାଙ୍କର ପରମ ଉଦାରତା ଲକ୍ଷ୍ୟ କରିବେ । ଗୀତା କୌଣସି ଗୋଟାଏ ସତ୍ୟକୁ ବିଚାର-ଓ-ଅଧିକାର-ନିର୍ବିଶେଷରେ ସମସ୍ତଙ୍କ ଉପରେ ଲଦି ଦେବାକୁ କୌଣସି ଚେଷ୍ଟା କରି ନାହାନ୍ତି —ଯେପରି କରଯାଇଛି ଅନ୍ୟ ଧର୍ମମାନଙ୍କରେ । ଗୀତା ବର୍ବର ସମାଜର ପ୍ରେତ ପୂଜାଠାରୁ ଉନ୍ନତ ସମାଜର ପିତୃପୂଜା ଓ ଦେବ ପୂଜା ପର୍ଯ୍ୟନ୍ତ ପ୍ରତ୍ୟେକଟି ଆରାଧନାର ଆପେକ୍ଷିକ ସାର୍ଥକତା ସ୍ୱୀକାର କରୁଛନ୍ତି । କାହାକୁ ନିନ୍ଦା କରୁନାହାନ୍ତି । କେବଳ କହି ରଖୁଛନ୍ତି ଯେ, ଉପାସକ ତାର ଉପାସ୍ୟ ଅନୁଯାୟୀ ସିଦ୍ଧି ପାଏ । ଯାର ଦେବତା ଯେପରି ସେ ସେହିପରି ଫଳ ପାଇବ, ଏ ଜୀବନରେ ଓ ପରଜୀବନରେ ମଧ୍ୟ । ଯେ ଅନ୍ୟ କୌଣସି ଥରେ ନ ଭୁଲି କେବଳ ଈଶ୍ୱରଙ୍କୁ ହିଁ ପ୍ରାଣ ମନ ଦେଇ ଖୋଜେ, ସେ ଯେ ଈଶ୍ୱରଙ୍କୁ ନିଶ୍ଚୟ ପାଇବ ଏହା ଏକ ବୈଜ୍ଞାନିକ ନିୟମ । କାରଣ ଏହି ନିୟମକୁ ଆଶ୍ରୟ କରିହିଁ ବିଜ୍ଞାନୀ ଗବେଷଣାଗାରରେ ଗବେଷଣାର ସତ୍ୟ ଆବିଷ୍କାର କରିଥାଏ । ଯେ ସତ୍ୟ ଖୋଜେ ସେ ସତ୍ୟ ପାଏ । ଯେ କେବଳ ଈଶ୍ୱର ଖୋଜିବ ସେ ଈଶ୍ୱରଙ୍କୁ ପାଇବ । ଯେ ଭୂତପ୍ରେତରେ ଆଗ୍ରହୀ ସେ ସେହିମାନଙ୍କ ଭିତରେ ହିଁ ରହିବ ।

Digitized by srujanika@gmail.com

କିନ୍ତୁ ଈଶ୍ୱରାରାଧନା କିପରି କରିବାକୁ ହେବ ? ପରବର୍ତ୍ତୀ ସୁନ୍ଦର ଶ୍ଲୋକଟିରେ ଗୀତା ତା'ର ଉତ୍ତର ଦେଉଛନ୍ତି ।

(୨୬)

ପତ୍ରଂ ପୁଷ୍ପଂ ଫଳଂ ତୋୟଂ ଯୋ ମେ ଭକ୍ତ୍ୟା ପ୍ରଯଚ୍ଛତି
ତଦହଂ ଭକ୍ତ୍ୟୁପହୃତ ମଶ୍ନାମି ପ୍ରଯତାତ୍ମନଃ ।୨୬।

ଯଃ (ଯେ କେହିଲୋକ) ଭକ୍ତ୍ୟା (ଭକ୍ତିରେ) ମେ (ମତେ, ଈଶ୍ୱରଙ୍କୁ) ପତ୍ରଂ ପୁଷ୍ପଂ ଫଳଂ ତୋୟଂ (ପତ୍ର, ଫୁଲ, ଫଳ, ପାଣି) ପ୍ରଯଚ୍ଛତି (ସମର୍ପଣ କରନ୍ତି) ଅହଂ (ମୁଁ) [ସେହି] ପ୍ରଯତାତ୍ମନଃ ଈଶ୍ୱର ପାଇଁ ଯତ୍ନଶୀଳ ସାଧକର' ଭକ୍ତ୍ୟୁପ-ହୃତଂ (ଭକ୍ତିରେ ପ୍ରଦତ୍ତ) ତତ୍ (ସେହି ସେହି ଦ୍ରବ୍ୟ ଅଶ୍ନାମି (ଖାଏ) ।

ଅନୁବାଦ—

ହେ ଅର୍ଜୁନ, ମୋ ଉପାସନାରେ ପୂଜାର ଆଡମ୍ବର ଏକାନ୍ତ ଅବାନ୍ତର ଏବଂ ଭକ୍ତିର ସହିତ ଯେ ମତେ ସହଜଲଭ୍ୟ ପତ୍ରଟିଏ, ଫୁଲଟିଏ ବା ଫଳଟିଏ ହେଲେ ମଧ୍ୟ ଅର୍ପଣ କରିଥାନ୍ତି । ଈଶ୍ୱର-ପାଇଁ-ଯତ୍ନଶୀଳ ସେହି ସାଧକଂକର ସେହି ଦାନକୁ ମୁଁ ଆନନ୍ଦରେ ଖାଇଥାଏ ବା ଗ୍ରହଣ କରିଥାଏ ।

ବିଶେଷ ଭାଷ୍ୟ—

ଏହି ଶ୍ଲୋକର 'ଅଶ୍ନାମି' କ୍ରିୟାପଦର ସାଧାରଣ ଅର୍ଥ ହେଲା "ମୁଁ ଖାଏ" ; କିନ୍ତୁ ଈଶ୍ୱରଙ୍କୁ ପତ୍ର, ଫୁଲ ବା ପାଣି ଖାଇବାକୁ କିଏ ଦେବ କିପରି ? ସେ ବା ପତ୍ର ଓ ଫୁଲକୁ ଖାଇବେ କ'ଣ ?

ଏ ପଦ 'ଗ୍ରହଣ କରିବା' ଅର୍ଥରେ ମଧ୍ୟ କୌଣସି କୌଣସି ଟୀକାରେ ବ୍ୟବହୃତ ହୋଇଛି; କିନ୍ତୁ ସେ ଅର୍ଥ ମଧ୍ୟ ସଂକୀର୍ଣ୍ଣ ହୋଇ ଉଠୁଛି । ଆମେ ଦେଖି ଆସୁଛୁ ଯେ, ଗୀତାର ପଥ ଓ ବାଣୀ ଏକାନ୍ତରେ ଆଭ୍ୟନ୍ତରୀଣ ସାଧନା । ଯଥା—କର୍ତ୍ତୃତ୍ୱାଭିମାନ ତ୍ୟାଗ, ଅନାସକ୍ତି, ବାସୁଦେବ ସର୍ବମିତି-ଭାବ, ଈଶ୍ୱରଙ୍କ ପ୍ରତି ଅନନ୍ୟଚିତ୍ତ ଆଗ୍ରହ । ଯାର ଠିକ୍ ପରବର୍ତ୍ତୀ ଶ୍ଲୋକଟିରେ ଗୀତାର ଏହି ସ୍ୱତନ୍ତ୍ର ବାଣୀ କିପରି ମନୋଜ୍ଞ ଭାବରେ ପ୍ରକାଶ ଲାଭ କରିଛି ତା' ଆମେ ଦେଖିବା । ସାଧନାର ପନ୍ଥାକୁ ଏପରି ଏକାନ୍ତ ଭାବରେ କେବଳ ମାନସିକ ସ୍ତରରେ ଯେଉଁଠି ରଖାହୋଇ ଆସିଛି, ସେଠି ହଠାତ୍ ଈଶ୍ୱରଙ୍କୁ ଗୁଡ଼ାଏ 'ଦ୍ରବ୍ୟ' ଦେବା ଏବଂ ସେ ପୁଣି ହେବ 'ପତ୍ର, ଫୁଲ ଓ ପାଣି' ଏବଂ ତାକୁ ପୁଣି 'ଭଗବାନ 'ଖାଇବେ' (ଅଶ୍ନାମି) ବା ଗ୍ରହଣ କରିବେ ! କ'ଣ ଏହାର ତାତ୍ପର୍ଯ୍ୟ ?

Digitized by srujanika@gmail.com

ଲେଖକର ଧାରଣା ହୁଏ ଯେ, ଗୀତାର ଏହି ଶ୍ଳୋକଟି ଭିତରେ ହୁଏତ ଉଭୟ ବୈଦିକ ଯଜ୍ଞ ଓ ମହାଯାନୀମାନଙ୍କ ବୁଦ୍ଧ-ପୂଜାର ସ୍ମୃତି ରହିଯାଇଛି ।

ଆର୍ଯ୍ୟମାନେ ଉତ୍ତର ଦେଶୀୟ ଶୀତକଟିବନ୍ଧର ଲୋକ ଥିଲେ । ଶୀତକଟିବନ୍ଧରେ ଉତ୍ତାପଦାୟୀ ଅଗ୍ନିହିଁ ମୁଖ୍ୟ ଦେବତା, ବା ଈଶ୍ୱରଙ୍କର ପ୍ରକୃଷ୍ଟ ପ୍ରକାଶ ବିବେଚିତ ହେବାର କଥା । ଅଗ୍ନି-ପୂଜା ରୂପକ 'ଯଜ୍ଞ' ତେଣୁ ସେମାନଙ୍କ ପକ୍ଷରେ ଏକ ସ୍ୱାଭାବିକ ପ୍ରକ୍ରିୟା ।

ସ୍ଥୂଳ ସ୍ତରରେ ମନୁଷ୍ୟର ସ୍ନେହ-ଶ୍ରଦ୍ଧା ପ୍ରକାଶିତ ହୁଏ କେବଳ 'ଦେବା-ନେବା'ରେ । ଏକତ୍ର ପାନ-ଭୋଜନ ମନୁଷ୍ୟର ସେଥିପାଇଁ ଏକ ପ୍ରିୟ ସାମାଜିକ ବିଳାସ । ପୁଣି ଉତ୍ତର ଦେଶୀୟ ଲୋକଙ୍କ ନିକଟରେ ମାଂସ ଓ ମଦ୍ୟ ଅପରି-ହାର୍ଯ୍ୟ ଓ ଅତ ପ୍ରିୟ ଦ୍ରବ୍ୟ । ଯେପରି ମଧ୍ୟ ଅଗ୍ନି ସେବା । ଏବେ ବି ୟୁରୋପୀୟ-ମାନଙ୍କ ଘରେ ପ୍ରତ କକ୍ଷରେ ଅଗ୍ନି-ଜ୍ୱଳନର ବ୍ୟବସ୍ଥା ନିଶ୍ଚୟ ଥାଏ । 'ଯଜ୍ଞ'ରେ ଆମେ ଏହି ତିନୋଟିଯାକ ବ୍ୟବସ୍ଥାକୁ ଧର୍ମର ପତାକାତଳେ ଏକତ୍ରିତ ହୋଇ-ଥିବାର ଦେଖୁ—ଅର୍ଥାତ୍ ଅଗ୍ନି ସେବା, ଖାଦ୍ୟ (ବଳି, ମାଂସ), ଓ ପାନୀୟ (ସୋମରସ) । ଅନ୍ୟ କଥାରେ ବୈଦିକ ଦେବ ପୂଜାର ଅର୍ଥ—ଆର୍ଯ୍ୟ-ମନୁଷ୍ୟ, ଦେବତା ଉଦ୍ଦେଶ୍ୟରେ ତାର ପ୍ରିୟତମ ଖାଦ୍ୟ ଓ ପାନୀୟ ଦେଉଥିଲା ଏବଂ ଦେବତା ତାକୁ ପାଇ ବା ଖାଇ ସନ୍ତୁଷ୍ଟ ହୁଅନ୍ତି ବୋଲି ଧରାଯାଉଥିଲା ।

କିନ୍ତୁ ବୈଦିକ ଯଜ୍ଞ କ୍ରମେ ପ୍ରବଳ ଭାବରେ ବ୍ୟୟସାଧ୍ୟ ହୋଇଉଠିଲା । ଏତେ ଜୀବ, ଏତେ ସୋମରସ, ଏତେ ଘିଅ କିଏ ଯୋଗେଇ ପାରିବ ? କିନ୍ତୁ ଦେବ-ପୂଜାର ତାତ୍ପର୍ଯ୍ୟ ଯେ କିଛି ଖାଦ୍ୟ-ପାନୀୟ ତାଙ୍କୁ ଅର୍ପଣ କରିବା ଓ ଦେବତା ତାକୁ ଖାଇବେ, ଏ ଧାରଣାଟା ଦୂର ହେଲାନି । ହୁଏତ ଗୀତା ସେହି ଭାବକୁ ପରିପୋଷଣ କରିବା ପାଇଁ, ଏଠାରେ ଘୃତ, ମାଂସ, ସୋମରସ ଆଦି ନ ଦେଇପାରି ଖାଲି ପତ୍ର, ପୁଷ୍ପ, ଫଳ, ପାଣି ଭକ୍ତିରେ ଦେଲେ ତାକୁ ମଧ୍ୟ ଈଶ୍ୱର 'ଖାଇବେ' (ଅଶ୍ନାମି) ବୋଲି କହି ପକାଇଛନ୍ତି । କାରଣ ଦେବତା 'ଖାଇବା'ର ଭାବଟା ବୈଦିକ ଯଜ୍ଞରୁ ରହିଯାଇଛି । ନଚେତ୍ ପତ୍ର, ଫୁଲ ତ ନିଜେ ମଣିଷ ଖାଏନା ସେ ଈଶ୍ୱରଙ୍କୁ ସେସବୁ 'ଖାଇବାକୁ' ଦେବ କାହିଁକି, ସେ ବା ତାକୁ ଖାଇବେ କିଆଁ ? ସେ କ'ଣ ଏତେ କ୍ଷୁଧାତୁର ?

ଅନ୍ୟ ପକ୍ଷରେ 'ଗ୍ରହଣ' ଅର୍ଥରେ 'ଅଶ୍ନାମି' ଶବ୍ଦକୁ ନେଲେ, ଆମେ ହୁଏତ ଏଥିରେ ମହାଯାନୀ ବୌଦ୍ଧ ପୂଜାର ସଙ୍କେତ ଦେଖିପାରିବା । ଯେ ପ୍ରକାରରେ ହିନ୍ଦୁମାନେ ସେମାନଙ୍କର ଦେବ-ଦେବୀଙ୍କୁ 'ପୂଜା' କରିଥାନ୍ତି, ବୁଦ୍ଧ ପ୍ରକୃତରେ ସେପରି ପୂଜିତ ହୋଇ ନଥାନ୍ତି । ପ୍ରକୃତ ଅର୍ଥରେ ବୁଦ୍ଧ 'ବନ୍ଦିତ' ହୋଇଥାନ୍ତି । ପ୍ରଥମେ ପ୍ରଥମେ ବୁଦ୍ଧଙ୍କୁ ସମ୍ମାନ ଦିଆଯାଉଥିଲା କେବଳ ପ୍ରତୀକ ଦେଇ—ବୋଧିଦ୍ରୁମ ଭାବରେ, ସ୍ତୂପ ଭାବରେ ବା କେବଳ ଦୁଇଟି ପାଦ

Digitized by srujanika@gmail.com

ସ୍ତୂପରେ । ପରେ ବୁଦ୍ଧଙ୍କ ପ୍ରତିମା, ପ୍ରତୀକର ସ୍ଥାନ ନେଲା । ହେଲେହେଁ ତାଙ୍କର ଆରାଧନା ସେହି ପୂର୍ବପରି ହିଁ ରହିଗଲା । ଏବେ ବି ବୌଦ୍ଧମାନେ ବୁଦ୍ଧ ମୂର୍ତ୍ତି ଆଗରେ କୌଣସି ଖାଦ୍ୟ—ପାନୀୟ ଅର୍ପଣ କରନ୍ତି ନାହିଁ । ସେମାନେ କେବଳ ପତ୍ର, ପୁଷ୍ପ ଓ ଧୂପ ଦ୍ୱାରା ବୁଦ୍ଧଙ୍କ ବନ୍ଦନା କରିଥାନ୍ତି ।

ଜଟିଳ ଓ ବ୍ୟୟସାଧ୍ୟ ବୈଦିକ ଯଜ୍ଞ ପରିବର୍ତ୍ତରେ ମହାଯାନୀମାନଙ୍କର ଏ ପ୍ରକାର ପତ୍ର-ପୁଷ୍ପ-ଜଳ ଦେଇ ଏକାନ୍ତ ସରଳ ବୁଦ୍ଧ ପୂଜା, ଭାରତବର୍ଷରେ ଦିନେ ବିପୁଳ ଭାବରେ ଜନପ୍ରିୟ ହୋଇ ଉଠିଥିଲା । ଗୀତା ଖୁବ୍ ସମ୍ଭବ ସେହି ବୌଦ୍ଧ ପ୍ରଭାବର ପ୍ରତିରୋଧ ଲକ୍ଷ୍ୟରେ ସେହି ସରଳ ବୁଦ୍ଧାରାଧନା ପ୍ରଣାଳୀଟିକୁ ଏଠାରେ ଗ୍ରହଣ କରିନେଇଛନ୍ତି । ମାତ୍ର ଦୁଇଟି ଶ୍ଳୋକ ପୂର୍ବେ ଶ୍ରୀକୃଷ୍ଣ କହିଛନ୍ତି —"ଅହଂ ହି ସର୍ବ ଯଜ୍ଞାନାଂ ଭୋକ୍ତା ଚ ପ୍ରଭୁରେବ ଚ" । (ମୁହିଁ ହିଁ ସକଳ ଯଜ୍ଞର ଭୋକ୍ତା ଓ ସ୍ୱାମୀ) । ତାର କେତୋଟି ଶ୍ଳୋକ ପୂର୍ବେ ମଧ୍ୟ କହିଛନ୍ତି— "ତ୍ରୈବିଦ୍ୟା ମାଂ ସୋମପାଃ ପୂତପାପା, ଯଜ୍ଞୈରିଷ୍ଟ୍ୱା ସ୍ୱର୍ଗତିଂ ପ୍ରାର୍ଥୟନ୍ତେ"— ଅର୍ଥାତ୍ ମତେହିଁ ନାନା ଯଜ୍ଞ ଦେଇ ଲୋକେ ନାନା ପ୍ରାର୍ଥନା କରିଥାନ୍ତି ; କିନ୍ତୁ ଯଜ୍ଞ ସାଧାରଣ ଲୋକ ପକ୍ଷରେ ସମ୍ଭବ ନୁହେଁ । ଅଥଚ, ସାଧାରଣ ଲୋକର ଧାରଣା, ଦେବାରାଧନା ମାନେ ହେଲା ଦେବତାକୁ କିଛି ଖାଦ୍ୟ—ପାନୀୟ ଦେବା । ତେଣୁ ହୁଏତ ବୌଦ୍ଧମାନଙ୍କର ସରଳ ବୁଦ୍ଧ-ପୂଜାକୁ ଗୀତା ଏହିଠାରେ ବ୍ୟୟସାଧ୍ୟ ଯଜ୍ଞ-ହୋମ ପରିବର୍ତ୍ତରେ ଗ୍ରହଣ କରିନେଲେ । ଅଥଚ ବୈଦିକ— ଯଜ୍ଞର ସୂତ୍ର ଯୋଗୁଁ ଅଶ୍ନାମି (ମୁଁ ଖାଏ) ଶବ୍ଦଟା ରହିଗଲା । କାରଣ ବୈଦିକ ଦେବତା, ପ୍ରଦତ୍ତ ଖାଦ୍ୟ-ପାନୀୟ ଖାଆନ୍ତି ବୋଲି ଧରାଯାଉଥିଲା । କିନ୍ତୁ ବୁଦ୍ଧ— ପୂଜାରେ ଖାଇବାର ପ୍ରଶ୍ନ ନାହିଁ ।

ତେଣୁ ଲେଖକର ଧାରଣା ଏହି ଯେ, ଏହି ଶ୍ଳୋକଟିରେ ବୌଦ୍ଧ ଓ ବୈଦିକ ପୂଜା-ପଦ୍ଧତିର ମିଳନ ଘଟିଛି—'ଅଶ୍ନାମି' କ୍ରିୟାକୁ ଖାଇବା ବା ଗ୍ରହଣ କରିବା ଯେଉଁ ଅର୍ଥରେ ନଆଗଲେ ମଧ୍ୟ ; କିନ୍ତୁ 'ଅଶ୍ନାମି' ଏଠାରେ ନିଶ୍ଚିତ ଭାବରେ 'ଖାଇବା' । ନଚେତ୍ ଗ୍ରହଣ ଅର୍ଥରେ କୌଣସି ଛାନ୍ଦସିକ ପ୍ରମାଦ ନ ଘଟାଇ 'ଗୃହ୍ଣାମି' ଶବ୍ଦ ସହଜରେ ବସାଯାଇ ପାରିଥାନ୍ତା ।

ପାଠକେ ଏହାକୁ ନିରପେକ୍ଷ ଭାବରେ ବିଚାର କରିବାକୁ ଅନୁରୋଧ ।

(୨୭)

ଯତ୍କରୋଷି ଯଦଶ୍ନାସି ଯଜ୍ଜୁହୋଷି ଦଦାସି ଯତ୍
ଯତ୍ ତପସ୍ୟସି କୌନ୍ତେୟ ତତ୍ କୁରୁଷ୍ୱ ମଦର୍ପଣଂ । ୨୭ ।

(ହେ) କୌନ୍ତେୟ (ଅର୍ଜୁନ) [ତୁମେ ବା ସାଧକ] ଯତ୍ କରୋଷି (ଯାହା କର) ଯତ୍ ଅଶ୍ନାସି (ଯାହା ଖାଅ) ଯତ୍ ଜୁହୋଷି (ଯେଉଁ ହୋମ-ଯଜ୍ଞ

Digitized by srujanika@gmail.com

କରୁଛ) ଯତ୍ ଦଦାସି (ଯାହା ବା ଦାନ କରୁଛ) ଯତ୍ ତପସ୍ୟସି (ଯାହା ବା ତପସ୍ୟା କରୁଛ) ତତ୍ ମଦର୍ପଣଂ କୁରୁଷ୍ୱ (ସେ ସବୁ ମତେହିଁ, ଈଶ୍ୱରଙ୍କଠାରେ, ସମର୍ପଣ କରଦିଅ) ।

ଅନୁବାଦ—

ହେ ଅର୍ଜୁନ, ମୋ (ଈଶ୍ୱର) ଉପାସନାରେ ପତ୍ର-ପୁଷ୍ପ-ଫଳାର୍ପଣ ମଧ୍ୟ ଅବାନ୍ତର । ତୁମେ (ସାଧକ) ଯାହା କର, ଯାହା ଖାଅ, ଯାହା କିଛି ହୋମ-ଯଜ୍ଞାଦି ଧର୍ମୀୟ ଆଋରନୁଷ୍ଠାନ କର, ଯାହା ବା ଦାନ-ଧର୍ମ କର, ଯାହା ବା କୃଚ୍ଛ୍ର—ସାଧନା କର ସେ ସମସ୍ତ ମୋତେ (ଈଶ୍ୱରଠାରେ)ହିଁ ସମର୍ପଣ କରିଦିଅ । ତାହାହିଁ ମୋର ଶ୍ରେଷ୍ଠ ଉପାସନା ।

ବିଶେଷ ଭାଷ୍ୟ—

ଏହାହିଁ ଗୀତାର କେନ୍ଦ୍ରୀୟ ମେସେଜ୍ (message) ବା ମର୍ମବାଣୀ ବୋଲି ପାଠକେ ମନେ ରଖିବେ । ଗୀତାର ଧର୍ମ ସାଧନା ଏକାନ୍ତ ଭାବରେ ମାର୍ମିକ ବା ନୈତିକ । ଗୀତାର ଈଶ୍ୱରନୁଭବ କୌଣସି 'ଦେବା ନେବା'ରେ ପର୍ଯ୍ୟବସିତ ହୋଇ ନପାରେ—ଏପରିକି ପତ୍ର, ପୁଷ୍ପ, ଫଳ ପ୍ରଦାନ ମଧ୍ୟ ଏଠି ଅବାନ୍ତର । କାରଣ ଗୀତାର ଈଶ୍ୱର ବାହାରେ ନାହାନ୍ତି ଏବଂ ଯଦି ବା ବାହାରେ ଅଛନ୍ତି ; ସେ କୌଣସି ଏକ ବିଶେଷ ଶରୀର ଧରି କୌଣସି ବିଶେଷ ସ୍ଥାନରେ ଅବସ୍ଥାନ କରୁନାହାନ୍ତି । ପୁଣି ଯଦି ବା ସେ ସେପରି ଅଛନ୍ତି ବୋଲି କଳ୍ପନା କରଯାଏ, ତେବେ ସେ ଏକ ତୃଷାତୁର ବା ଦ୍ରବ୍ୟ ସଂଗ୍ରହକାରୀ ବ୍ୟକ୍ତି ଭାବରେ କଳ୍ପିତ ନୋହି ପାରନ୍ତି । ଗୀତାର ଈଶ୍ୱର ଓ ତାଙ୍କର ଭକ୍ତ, ଉଭୟେ, ଗୁଣାତୀତ ଓ ଦ୍ରବ୍ୟାତୀତ । ସେ ଦୁହେଁ ନୈତିକ ସ୍ତରରେହିଁ ପରସ୍ପରକୁ ଅନୁଭବ କରନ୍ତି । "ବାସୁଦେବ ସର୍ବମିତି" ହେଲା ଗୀତାର ଈଶ୍ୱରନୁଭବର ପ୍ରକୃଷ୍ଟ ପ୍ରକାଶ, କୌଣସି ପ୍ରକାର ଦ୍ରବ୍ୟାର୍ପଣ ନୁହେଁ ।

(୨୮)

ଶୁଭାଶୁଭ ଫଳୈରେବଂ ମୋକ୍ଷ୍ୟସେ କର୍ମବନ୍ଧନୈଃ
ସନ୍ନ୍ୟାସ ଯୋଗ ଯୁକ୍ତାତ୍ମା ବିମୁକ୍ତୋମାମୁପୈଷ୍ୟସି । ୨୮ ।

ଏବଂ (ଏହିପରି ଧାରାରେ ହିଁ) ଶୁଭାଶୁଭ ଫଳୈଃ କର୍ମବନ୍ଧନୈଃ (ମନୁଷ୍ୟ କରି ଋଲିଥିବା କର୍ମର ଶୁଭାଶୁଭ ଫଳର ପ୍ରତିକ୍ରିୟାର ବନ୍ଧନରୁ) ମୋକ୍ଷ୍ୟସେ (ମୁକ୍ତ ହେବ) । ସନ୍ନ୍ୟାସ ଯୋଗ ଯୁକ୍ତାତ୍ମା (ଈଶ୍ୱରଙ୍କଠାରେ

Digitized by srujanika@gmail.com

କର୍ମଫଳ ସବୁ ନ୍ୟସ୍ତ କରିଦେବା ସେହି ଭକ୍ତ) ବିମୁକ୍ତଃ (କର୍ମବନ୍ଧନରୁ ମୁକ୍ତ ହୋଇ) ମାଂ ଉପୈଷ୍ୟସି (ମତେ, ଈଶ୍ୱରଙ୍କୁ ପ୍ରାପ୍ତ ହେବେ) ।

ଅନୁବାଦ—

ହେ ଅର୍ଜୁନ, ଏହିପରି ଭାବରେ ହିଁ ତୁମେ (ଯେ କୌଣସି ସାଧକ) ତୁମର ଶୁଭ ଓ ଅଶୁଭ ଉଭୟବିଧ କର୍ମଜାଳର ପ୍ରତକ୍ରିୟାର ବନ୍ଧନରୁ ଆପେ ଆପେ ମୁକ୍ତ ହୋଇଉଠିବ । ଏହିପରି ଭାବରେ ସାଧକ, ଏକ ପକ୍ଷରେ ନିଜର ସକଳ କର୍ମର ଫଳକୁ ପରିତ୍ୟାଗ (ସନ୍ନ୍ୟାସ) କରି ଏବଂ ଅନ୍ୟ ପକ୍ଷରେ ନିଜକୁ ସଂପୂର୍ଣ୍ଣ ଭାବରେ ଈଶ୍ୱରଙ୍କଠାରେ ଯୁକ୍ତ ବା ସମର୍ପିତ କରି ଅର୍ଥାତ୍ ସେହି ଭାବରେ ସଂପୂର୍ଣ୍ଣ ବିମୁକ୍ତ ହୋଇପଡ଼ ଶେଷରେ ମୋତେ (ଈଶ୍ୱରଙ୍କୁ) ପ୍ରତ୍ୟକ୍ଷ ଭାବରେ ଲାଭ କରିଥାନ୍ତି ।

(୨୯)

ସମୋଽହଂ ସର୍ବଭୂତେଷୁ ନ ମେ ଦ୍ୱେଷ୍ୟୋଽସ୍ତିନପ୍ରିୟଃ
ଯେ ଭଜନ୍ତି ତୁ ମାଂ ଭକ୍ତ୍ୟା ମୟି ତେ ତେଷୁ ଚାପ୍ୟହଂ । ୨୯ ।

ଅହଂ (ମୁଁ ଅର୍ଥାତ୍ ଈଶ୍ୱର) ସର୍ବଭୂତେଷୁ ସମଃ (ସବୁ ଜୀବଙ୍କ ପକ୍ଷରେ ସମାନ) । ମେ (ମୋର ବା ଈଶ୍ୱରଙ୍କର) ଦ୍ୱେଷ୍ୟଃ ନ, ପ୍ରିୟଃ ନ ଅସ୍ତି (ଅପ୍ରିୟ ବା ପ୍ରିୟ ବୋଲି କେହି ନାହାନ୍ତି) । ଯେ ତୁ (କିନ୍ତୁ ଯେଉଁମାନେ) ମାଂ ଭକ୍ତ୍ୟା ଭଜନ୍ତି (ଭକ୍ତି ପୂର୍ବକ ଭଜନା କରନ୍ତି, ଲୋଡ଼ନ୍ତି) ତେ (ସେମାନେ) ମୟି (ମୋଠାରେ, ଈଶ୍ୱରଙ୍କଠାରେ) ଅହଂ ଅପି ତେଷୁ (ମୁଁ ଅର୍ଥାତ୍ ଈଶ୍ୱର ମଧ୍ୟ ତାଙ୍କଠାରେ ଅବସ୍ଥାନ କରେ ।

ଅନୁବାଦ—

ହେ ଅର୍ଜୁନ ମନେ ରଖିବ ଯେ ଏ ଜଗତରେ ମୁଁ (ଈଶ୍ୱର) ସମସ୍ତଙ୍କ ପ୍ରତି ସମାନ । ମୋର (ଈଶ୍ୱରଙ୍କର) ପ୍ରିୟ ବା ଅପ୍ରିୟ ବୋଲି କେହି ନାହାନ୍ତି । କିନ୍ତୁ ସ୍ୱାଭାବିକ ବିଧିରେ ମତେ (ଈଶ୍ୱରଙ୍କୁ) ଯେ ନିଷ୍ଠା ଓ ଭକ୍ତିରେ ଭଜନା କରନ୍ତି ସେ ଈଶ୍ୱରଙ୍କଠାରେ ଓ ଈଶ୍ୱର ତାଙ୍କଠାରେ, ଭକ୍ତ ଓ ଭଗବାନ, ଏହିପରି ଓତପ୍ରୋତ ଭାବରେ ହିଁ ଜଡ଼ିତ ବୋଲି ଜାଣିବ ।

(୩୦)

ଅପିଚେତ୍ ସୁଦୁରାଚାରୋ ଭଜତେ ମାମନନ୍ୟଭାକ୍
ସାଧୁରେବ ସ ମନ୍ତବ୍ୟଃ ସମ୍ୟଗ୍ ବ୍ୟବସିତୋ ହିସଃ । ୩୦ ।

Digitized by srujanika@gmail.com

ଚେତ୍ (ଯଦି) ସୁଦୁରାଚାରଃ ଅପି (ଅତ୍ୟନ୍ତ ଦୁରାଚାରୀ ବ୍ୟକ୍ତି ମଧ୍ୟ) ଅନନ୍ୟଭାକ୍ ମାଂ ଭଜତେ (ଅନନ୍ୟଚିତ୍ତ ହୋଇ ମତେ ଭଜନା କରେ) ସଃ ସାଧୁଃ ଏବ ମନ୍ତବ୍ୟଃ (ତାଙ୍କୁ ଏକ ସାଧୁ ଲୋକ ବୋଲି ମନେ କରିବା ଉଚିତ) । ହି (କାରଣ) ସଃ ସମ୍ୟକ୍ ବ୍ୟବସିତଃ (ସେ ତା'ଦ୍ୱାରା ନିଜର ଦୃଢ଼-ନିଶ୍ଚୟତା ପ୍ରକାଶ କରନ୍ତି) ।

ଅନୁବାଦ—

ହେ ଅର୍ଜୁନ, ଏହା ମଧ୍ୟ ମନେ ରଖିବ ଯେ ଏ ପନ୍ଥା ସମସ୍ତଙ୍କ ପାଇଁ ଉନ୍ମୁକ୍ତ । ଯଦି ଏକ ଦୁରାଚାରୀ ପାଷଣ୍ଡ ମଧ୍ୟ ଦୃଢ଼-ନିଶ୍ଚୟ ହୋଇ ଅନନ୍ୟ ଚିତ୍ତରେ (ଅର୍ଥାତ୍ ପୂର୍ବର ଦୁରଭ୍ୟାସଗୁଡ଼ିକ ପ୍ରତି ଆକର୍ଷଣ ପରିତ୍ୟାଗ କରି) ମତେ (ଈଶ୍ୱରଙ୍କୁ) ଭଜନା କରନ୍ତି, ସେ ମଧ୍ୟ ଅଚିରେ ଏକ ସାଧୁଜନରେ ରୂପାନ୍ତରିତ ହୋଇ ସମାଜରେ ସମ୍ମାନିତ ଜନ ହୋଇ ଉଠିବେ ।

ବିଶେଷ ଭାଷ୍ୟ—

ପାଠକେ ମନେ ରଖିବେ ଯେ, ଗୀତା ବରାବର ଆମ ବ୍ୟକ୍ତିତ୍ୱରେ ବଦ୍ଧ-ପରିକରତା ଓ ଦୃଢ଼ନିଶ୍ଚୟତା ପ୍ରଭୃତି ଗୁଣ ଉତ୍ତମରୂପେ ବିକଶିତ ହେବା ଚାହିଁଛନ୍ତି । ଏ ଜଗତରେ ଲୋକ 'ଅନନ୍ୟଚିତ୍ତ' ବା 'ବ୍ୟବସାୟାତ୍ମିକ' ନ ହେଲେ କୌଣସି ହେଲେ କର୍ମରେ ସିଦ୍ଧିଲାଭ କରି ପାରିବ ନାହିଁ । ଯେ କୌଣସି ଯୋଜନାରେ ମନପ୍ରାଣ ଦେଇ ଲାଗି ରହିବା ହିଁ ହେଲା 'ବ୍ୟବସାୟାତ୍ମିକ' ବା 'ବ୍ୟବସିତ' ହେବା । କୌଣସି ଲୋକ ପ୍ରଥମ ଜୀବନରେ ବ୍ୟଭିଚାର କରି ଚାଲିଥିଲା । ତାର ସକଳ 'ବ୍ୟବସାୟ' ସେଇଥିରେ ସେ ଲଗେଇଥିଲା । ହଠାତ୍ ତାର ଈଶ୍ୱର-ଚେତନା ଆସିଗଲେ ସେ ତାର ସେହି ବ୍ୟବସିତ—ଭାବକୁ ବ୍ୟଭି-ଚାରରୁ ଆଣି ଈଶ୍ୱରଙ୍କଠାରେ ଲଗେଇଲା । ଧର୍ମର ଇତିହାସରେ ବହୁ ମହାପୁରୁଷଙ୍କ ଜୀବନରେ ଏହା ଘଟିଛି । ବଡ଼ କଥା ହେଲା 'ସମ୍ୟକ୍ ବ୍ୟବସିତ' ହେବା । ତାହାହିଁ ଆମକୁ କେବଳ ଅଧ୍ୟାତ୍ମ ଜଗତ ନୁହେଁ । ପ୍ରତି ସାଂସାରିକ କ୍ଷେତ୍ରରେ ମଧ୍ୟ 'ସାଧୁ'ର ସମ୍ମାନ ଆଣିଦିଏ । ଅନ୍ୟ ପକ୍ଷରେ କୌଣସି ଲୋକ ଦୁରାଚାରୀ ନୁହେଁ, କି ସେ ନିବିଡ଼ ଭାବରେ ଭଗବାନଙ୍କୁ ଚାହେନା, ଅଥଚ କେବଳ ବାହାରକୁ ଦେଖେଇବା ପାଇଁ କେତେକ ଆଚାର ଅନୁଷ୍ଠାନ ମାତ୍ର କରିଥାଏ । ନିଜର ପିଲାପିଲି, ଧନାର୍ଜନ ଓ ସାମାଜିକ ପ୍ରତିପତ୍ତି ଆଡ଼କୁ ତାର ବିଶେଷ ଧ୍ୟାନ ଥାଏ, କେବଳ କିଛି ମନ ଥାଏ ଈଶ୍ୱରଙ୍କଠାରେ । ଗୀତା ଏପରି ବିକ୍ଷିପ୍ତ ଚିତ୍ତ, ଅବ୍ୟବସିତ ଲୋକଙ୍କୁ ପ୍ରଶଂସା ଦେଇ ପାରିନାହାନ୍ତି ।

Digitized by srujanika@gmail.com

(୩୧)

କ୍ଷିପ୍ରଂ ଭବତି ଧର୍ମାତ୍ମା ଶଶ୍ୱଚ୍ଛାନ୍ତିଂ ନିଗଚ୍ଛତି
କୌନ୍ତେୟ ପ୍ରତିଜାନୀହି ନ ମେ ଭକ୍ତଃ ପ୍ରଣଶ୍ୟତି । ୩୧ ।

[ସେହି ଦୁରାଚାରୀ ମଧ୍ୟ] କ୍ଷିପ୍ରଂ (ଶୀଘ୍ର) ଧର୍ମାତ୍ମା (ଧର୍ମାତ୍ମା) ଭବତି (ହୁଏ) । [ଏବଂ ହୋଇ] ଶଶ୍ୱତ୍ ଶାନ୍ତିଂ ନିଗଚ୍ଛତ (ଶାଶ୍ୱତ ଶାନ୍ତି ଲାଭ କରେ) [ହେ] କୌନ୍ତେୟ (ଅର୍ଜ୍ଜୁନ) ମେ ଭକ୍ତଃ ନ ପ୍ରଣଶ୍ୟତି (ମୋର ଭକ୍ତ କେବେ ହେଲେ ନାଶପ୍ରାପ୍ତ ହୋଇ ନଥାନ୍ତି) । [ଏହା] ପ୍ରତିଜାନୀହି (ଦୃଢ଼ ଭାବରେ ଘୋଷଣା କରିଦିଅ)

ଅନୁବାଦ—

ଈଶ୍ୱରଙ୍କ ପ୍ରତି ଅନନ୍ୟ ନିଷ୍ଠା ଓ ବିଶ୍ୱାସ ଫଳରେ, ସେହି ଦୁରାଚାରୀ ମଧ୍ୟ ଅବିଳମ୍ବେ ଧର୍ମାତ୍ମାରେ ପରିଣତ ହୋଇଯାଆନ୍ତି । ପୂର୍ବର ଅଶାନ୍ତ ଜୀବନ ପରିବର୍ତ୍ତରେ ସେ ବର୍ତ୍ତମାନ ଶାଶ୍ୱତ ଶାନ୍ତିର ଅଧିକାରୀ ହୁଅନ୍ତି । ହେ ଅର୍ଜ୍ଜୁନ, ଈଶ୍ୱର-ଭକ୍ତର ଯେ ବିନାଶ ନାହିଁ, ଏହା ଦୃଢ଼ ଭାବରେ ଜଗତରେ ଘୋଷଣା କରିଦିଅ ।

ବିଶେଷ ଭାଷ୍ୟ—

ଏହା ବାଇବଲ୍‌ରେ ଯୀଶୁଖ୍ରୀଷ୍ଟଙ୍କ ସମଧର୍ମୀ ବାଣୀ ଆମ୍ଭମାନଙ୍କୁ ସ୍ମରଣ କରାଇ ଦେଉଛି—

ସମାଗତ ଜନତା କହିଲା "ହେ ଦେବ, ଆମ୍ଭମାନଙ୍କୁ ଏହିପରି ରୁଟି ସବୁବେଳେ ଦିଅ" ।

କିନ୍ତୁ ଯୀଶୁ କହିଲେ "ମୁଁ ହିଁ ଜୀବନର ରୁଟି (ଅର୍ଥାତ୍ କେବଳ ଉଦର ପୋଷକ ରୁଟି ନୁହେଁ) । ମୋ ନିକଟକୁ ଯିଏ ଆସିବେ ସେ କ୍ଷୁଧାରୁ ମୁକ୍ତ ହେବେ ; ମତେ ଯେ ବିଶ୍ୱାସ କରିବେ ସେ ପିପାସାରୁ ମୁକ୍ତ ହେବେ (ଅର୍ଥାତ୍ ମୋର ଭକ୍ତ ସବୁ ପାଇବେ) । କିନ୍ତୁ ମୁଁ ତ ତୁମକୁ ଆଗରୁ କହିଛି ଯେ, ତୁମେ ମତେ ଦେଖୁଛ, ମୋ କଥା ଶୁଣୁଛ, ଅଥଚ ତୁମେ ମୋଠାରେ ତ ବିଶ୍ୱାସ ସ୍ଥାପନ କରିପାରୁନାହଁ ।"

—ସେଣ୍ଟଜନ୍ ୬ଃ

(୩୨)

ମାଂ ହି ପାର୍ଥ ବ୍ୟପାଶ୍ରିତ୍ୟ ଯେଽପି ସ୍ୟୁଃ ପାପଯୋନୟଃ
ସ୍ତ୍ରିୟୋ ବୈଶ୍ୟାସ୍ତଥା ଶୂଦ୍ରାସ୍ତେଽପି ଯାନ୍ତି ପରାଂଗତିଂ । ୩୨ ।

Digitized by srujanika@gmail.com

ପାର୍ଥ (ହେ ଅର୍ଜ୍ଜୁନ) ଯେ ଅପି ଯେଉଁମାନେ ମଧ୍ୟ) ପାପଯୋନୟଃ ସ୍ୟୁଃ (ନିକୃଷ୍ଟ ଜାତ ହୋଇଥାନ୍ତି) ତଥା (ସେହିପରି) ସ୍ତ୍ରିୟଃ ବୈଶ୍ୟାଃ, ଶୂଦ୍ରାଃ (ସ୍ତ୍ରୀ ଲୋକମାନେ, ବୈଶ୍ୟ ଓ ଶୂଦ୍ରମାନେ) ତେ ଅପି (ସେମାନେ ମଧ୍ୟ) ମାଂ ବ୍ୟପାଶ୍ରିତ୍ୟ (ମତେ ଆଶ୍ରୟ କରି) ପରାଂଗତିଂ ହି ଯାନ୍ତି (ପରମଗତି ପାଇଥାନ୍ତି) ।

ଅନୁବାଦ—

ହେ ଅର୍ଜୁନ, କେବଳ ସତ୍ପଥଗାମୀ ସମାଜର ଉଚ୍ଚଶ୍ରେଣୀର ବ୍ୟକ୍ତି ନୁହେଁ, ଯେଉଁମାନେ ସମାଜର ଘୃଣ୍ୟ ନିମ୍ନସ୍ତରର ନିକୃଷ୍ଟଜାତ ଲୋକ ଥିବେ, ସେହିପରି ସ୍ତ୍ରୀ, ବୈଶ୍ୟ ଓ ଶୂଦ୍ର ଶ୍ରେଣୀର ଲୋକ ମଧ୍ୟ ଯଦି ମତେ (ଈଶ୍ୱରଙ୍କୁ) ହିଁ କେବଳ ଆଶ୍ରୟ କରିବା ଅଭ୍ୟାସ କରନ୍ତି, ସେମାନେ ମଧ୍ୟ ଅକ୍ଳେଶରେ ଜୀବନର ଶ୍ରେଷ୍ଠ ଲକ୍ଷ୍ୟ ପରମାଗତି)କୁ ଲାଭ କରିଥାନ୍ତି ।

ବିଶେଷ ଭାଷ୍ୟ—

ଗୀତା ରଚନା ବେଳକୁ ବୈଦିକ-ବ୍ରାହ୍ମଣ୍ୟ ସମାଜରେ ଜାତିଭେଦ ନାରୀ-ନିର୍ଯାତନା ପ୍ରତିଷ୍ଠିତ ହୋଇସାରିଲାଣି, ଯାହାକି ବେଦ ସମୟରେ ସଂପୂର୍ଣ୍ଣ ଅଜ୍ଞାତ ଥିଲା । ଗୌତମ ବୁଦ୍ଧ ବ୍ରାହ୍ମଣ୍ୟ ଜାତି-ଭେଦ ବିରୁଦ୍ଧରେ ପ୍ରତ୍ୟକ୍ଷ ଆକ୍ରମଣ କରିଥିଲେ ଏବଂ 'ନିର୍ବାଣ', 'ଆର୍ଯ୍ୟ ଅଷ୍ଟାଙ୍ଗ ମାର୍ଗ' ବା 'ପଞ୍ଚଶୀଳ' ସାଧନାକୁ ଜାତି ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କ ପ୍ରତି ଉନ୍ମୁକ୍ତ କରି ଦେଇଥିଲେ ।

ଭିକ୍ଷୁଣୀ-ସଂଘ ଆରମ୍ଭ କରିଦେଇ, ସେ ମଧ୍ୟ ମାନବେତିହାସରେ ପ୍ରଥମ କରି ନାରୀକୁ ନର ସହିତ ସମାନ ଆସନ ଦେଲେ । ଶୂଦ୍ରମାନେ ବ୍ରାହ୍ମଣ୍ୟ ସମାଜରେ ଏବେ ବି ଅସ୍ପୃଶ୍ୟ, ଘୃଣ୍ୟ ଓ ଅପାଂକ୍ତେୟ ଜୀବ (ପାପ ଯୋନୟଃ) ; କିନ୍ତୁ ବୁଦ୍ଧଙ୍କ ପାବନ ବ୍ୟକ୍ତିତ୍ୱ ସମ୍ପର୍କରେ ଆସି ବହୁ ଶୂଦ୍ର ଓ ଗଣିକା ମଧ୍ୟ ପବିତ୍ରାତ୍ମା ହୋଇ ଉଠିଲେ । ଏହି ବୌଦ୍ଧ ଉଦାରତା ବୈଦିକ -ବ୍ରାହ୍ମଣ୍ୟ ଧର୍ମର ପରମଶତ୍ରୁ ହୋଇ ଉଠିଲା । ମନେହୁଏ ଗୀତା ତେଣୁ ଏହି ଶ୍ଳୋକରେ କୌଶଳ ସହକାରେ ସେହି ବୌଦ୍ଧ ଉଦାରତାକୁ ନିଜ ବାଣୀର ଅଂଗୀଭୂତ କରି ନେଇଛନ୍ତି । ଗୀତାର ମୁକ୍ତି ତେଣୁ ସମାଜର ସବୁ ଶ୍ରେଣୀର ନର ଓ ନାରୀଙ୍କ ପାଇଁ ଯେ ଉନ୍ମୁକ୍ତ ତାହା ଗୀତାକୁ ସ୍ପଷ୍ଟ ବାଣୀରେ କହିବାକୁ ପଡୁଛି, ନିରୀଶ୍ୱର ବୌଦ୍ଧ ପ୍ରଭାବରୁ ଜନତାକୁ ଟାଣି ଆଣିବା ପାଇଁ ।

ଯୀଶୁଖ୍ରୀଷ୍ଟଙ୍କର ନିମ୍ନଦତ୍ତ ଉଦାହରଣ-ମୂଳକ ଉପଦେଶଟି ଏଠାରେ ଅତ୍ୟନ୍ତ ଉପଯୋଗୀ—

Digitized by srujanika@gmail.com

"ଜଣେ ଲୋକର ଦୁଇ ପୁଅ ଥିଲେ । ସେ ବଡ ପୁଅକୁ କହିଲା— ପୁଅରେ, ଆଜି ସେ ଅମୁକ ତୋଟାରେ କାମ କରିବୁ । ସେ ପ୍ରଥମେ ଯିବାକୁ ନାହିଁ କଲା ; କିନ୍ତୁ ପରେ ଅନୁତପ୍ତ ହୋଇ ବାପାଙ୍କର କଥା ଅନୁସାରେ କାମ କଲା । ପିତା ଦ୍ୱିତୀୟ ପୁତ୍ରକୁ ସେହିପରି ଅନୁରୋଧ କରନ୍ତେ ସେ'ହଁ' ମାରିଦେଲା, କିନ୍ତୁ ଆଦୌ କାମକୁ ଗଲା ନାହିଁ । କହ ତ, ଦି' ପୁଅଙ୍କ ଭିତରୁ କିଏ ବାପାର କଥା ମାନିଲା ବୋଲି କୁହାଯିବ ?" ସେମାନେ କହିଲେ 'ପ୍ରଥମ' ।

ତେଣୁ ଯୀଶୁଖ୍ରୀଷ୍ଟ କହିଲେ—ତଥାସ୍ତୁ । ତୁମେ ଦେଖିବ ଯେ, ତୁମ ଆଗରୁ ଅତ୍ୟାଚାରୀ କର-ସଂଗ୍ରାହକ ଓ ବ୍ୟଭିଚାରଣୀ ଗଣିକା ସବୁ ସ୍ୱର୍ଗ ରାଜ୍ୟରେ ପ୍ରବେଶ ଲାଭ କରିଛନ୍ତି । କାରଣ ସେମାନେ ପରେ ଈଶ୍ୱରଙ୍କଠାରେ ଅଟଳ ବିଶ୍ୱାସ ସ୍ଥାପନ କରିପାରିଲେ ।"

(ସେଣ୍ଟ ମାଥ୍ୟୁ ୨୧)

ଗରୁଡ ପୁରାଣରେ ମଧ୍ୟ ଏହିପରି ଉକ୍ତ ଅଛି—

ଭକ୍ତିରଷ୍ଟବିଧା ହ୍ୟେଷା, ଯସ୍ମିନ୍ ମ୍ଲେଚ୍ଛୋପି ବର୍ତ୍ତତେ,

ସବିପ୍ରେନ୍ଦ୍ରୋ ମୁନିଃ ଶ୍ରୀମାନ୍ ସଯତିଃ ସ ଚ ପଣ୍ଡିତଃ । (ଏହି ଅଷ୍ଟଧା ଭକ୍ତି ଯେଉଁ ମ୍ଲେଚ୍ଛଠାରେ ଅବସ୍ଥିତ, ସେ ମଧ୍ୟ ବିପ୍ରଶ୍ରେଷ୍ଠ, ଶ୍ରୀମାନ୍, ମୁନି, ପଣ୍ଡିତ ଓ ଯତି ବୋଲି ସମ୍ମାନିତ ହେବ ।

(୩୩)

କିଂ ପୁନର୍ବ୍ରାହ୍ମଣାଃ ପୁଣ୍ୟା ଭକ୍ତା ରାଜର୍ଷୟ ସ୍ତଥା
ଅନିତ୍ୟମ ସୁଖଂ ଲୋକମିମଂ ପ୍ରାପ୍ୟ, ଭଜସ୍ୱ ମାଂ । ୩୩ ।

ପୁଣ୍ୟାଃ ବ୍ରାହ୍ମଣାଃ ତଥା ଭକ୍ତାଃ ରାଜର୍ଷୟଃ କିଂ ପୁନଃ ? [ଶୂଦ୍ର, ବୈଶ୍ୟ, ନାରୀ ଓ ନିକୃଷ୍ଟ ଲୋକଙ୍କ ପାଇଁ ଈଶ୍ୱରଙ୍କ ଅନୁଗ୍ରହ ଉନ୍ମୁକ୍ତ ଥିଲା ବେଳେ] (ପବିତ୍ର ବ୍ରାହ୍ମଣ, ପୁଣି ଭକ୍ତ ବା ରାଜର୍ଷିଙ୍କ କଥା ଆଉ କ'ଣ ?) । [ଅତଏବ ତୁମେ] ଅନିତ୍ୟଂ (ଅସ୍ଥାୟୀ) ଅସୁଖଂ (ଦୁଃଖମୟ) ଇମଂ ଲୋକଂ ପ୍ରାପ୍ୟ (ଏହି ପାର୍ଥିବ ଜୀବନକୁ ପାଇଲା ଓ ଜାଣିଲା ପରେ) ମାଂ ଭଜସ୍ୱ (ମତେଇ, ଅର୍ଥାତ୍ ଈଶ୍ୱରଙ୍କୁହିଁ କେବଳ ଭଜନା କର) ।

ଅନୁବାଦ—

ହେ ଅର୍ଜ୍ଜୁନ, ଏପରି ସ୍ଥଳେ, ପୁଣ୍ୟବନ୍ତ ବ୍ରାହ୍ମଣ ବା ରାଜର୍ଷି ଭକ୍ତମାନେ ଯେ ମୁକ୍ତ ହେବେ ଏଥିରେ ଆଉ ବଚିତ୍ରତା କ'ଣ ? ତେଣୁ ଶେଷୋକ୍ତ ଶ୍ରେଣୀର ତୁମେ ଅନିତ୍ୟ ଓ ଦୁଃଖମୟ ଏହି ସଂସାରକୁ ଯେ ଆସିଛ, ଏଥିରୁ ମୁକ୍ତି ପାଇବାର ସହଜତମ ଉପାୟ ଭବରେ ମତେ (ଈଶ୍ୱରଙ୍କୁ)ହିଁ ଭଜନା କର ।

Digitized by srujanika@gmail.com

(୩୪)

ମନ୍ମନା ଭବ ମଦ୍‌ଭକ୍ତୋ ମଦ୍‌ଯାଜୀ ମାଂ ନମସ୍କୁରୁ
ମାମେବୈଷ୍ୟସି ଯୁକ୍ତ୍ୱୈବ ମାତ୍ମାନଂ ମତ୍ ପରାୟଣଃ ।୩୪।

ମନ୍ମନା (ମଦ୍‌ଗତଚିତ୍ତ) ମଦ୍‌ଭକ୍ତଃ (ମୋରି ଭକ୍ତ) ମଦ୍‌ଯାଜୀ (ମୋର ପୂଜକ) ଭବ (ହୁଅ) । ମାଂ ନମସ୍କୁରୁ (ମତେ ନମସ୍କାର କର) । [ଏହିପରି] ମତ୍ ପରାୟଣଃ (ସଂପୂର୍ଣ୍ଣ ଭାବରେ ମୋର ଶରଣାଗତ ହୋଇ) ଆତ୍ମାନଂ ଯୁକ୍ତ୍ୱା (ମୋଠାରେ ନିଜକୁ ସଂପୂର୍ଣ୍ଣ ଯୋଗ କରି) ମାଂ ଏବ ଏଷ୍ୟସି (ମତେଇ ପାଇବ) ।

ଅନୁବାଦ—

ହେ ଅର୍ଜ୍ଜୁନ, ତୁମେ (ବା ସାଧକ) ସଂପୂର୍ଣ୍ଣ ମଦ୍‌ଗତଚିତ୍ତ ହୋଇ ମୋର ଭକ୍ତ ହୁଅ । ମତେ (ଈଶ୍ୱରଙ୍କୁ)ହିଁ ଏକାନ୍ତରେ ପ୍ରାଣର ପୂଜା ଦିଅ । ତୁମ ଆତ୍ମାର ସମଗ୍ର ନମସ୍କାର କେବଳ ମତେ (ଈଶ୍ୱରଙ୍କୁ) ଦିଅ । ସଂପୂର୍ଣ୍ଣଭାବରେ ମୋରିଠାରେ (ଈଶ୍ୱରଙ୍କଠାରେ) ଏହି ପ୍ରକାର ଶରଣାପନ୍ନ ରହି ମୋଠାରେ (ଈଶ୍ୱରଙ୍କଠାରେ) ନିଜର ଆତ୍ମାକୁ ସଂପୂର୍ଣ୍ଣରୂପେ ଯୁକ୍ତ କରିଦେଇ ପାରିଲେ, ତୁମେ ସହଜରେ ମତେ ପାଇପାରିବ ।

ବିଶେଷ ଭାଷ୍ୟ—

ଖ୍ରୀଷ୍ଟ ଧର୍ମରେ ସମାନ୍ତରାଳ ବାଣୀ—ଯୀଶୁଖ୍ରୀଷ୍ଟ କହିଲେ—"ଯେ କେହି ମତେ ପ୍ରେମ କରେ ସେ ମୋର ବାଣୀକୁ ସମ୍ମାନ କରିବ । ତେବେ ଯାଇ, ପରମପିତା ତାକୁ ପ୍ରେମାସ୍ପଦ ମନେ କରିବେ ଏବଂ ଆମ୍ଭେ ତାହା ନିକଟକୁ ଆଗତ ହେବୁ ଓ ତାର ଅଭ୍ୟନ୍ତରରେ ବାସ କରିବୁ" (ଜନ୍ ୧୪।୩୩)

ପୁଣି

"ତେଣୁ ହେ ସାଧକ, ତୁମର ଅନ୍ତରରେ କେବଳ ଖ୍ରୀଷ୍ଟଙ୍କ ପାଇଁ ଆସନ ପ୍ରସ୍ତୁତ କର ଏବଂ ସେଠାରେ ଅନ୍ୟ କାହାକୁ ପ୍ରବେଶ କରିବାକୁ ଦିଅ ନାହିଁ ।"

ଇତି ଶ୍ରୀ ମହାଭାରତେ ଶତସାହସ୍ର୍ୟାଂ ସଂହିତାୟାଂ ବୈୟାସିକ୍ୟାଂ ଭୀଷ୍ମ ପର୍ବଣି ଶ୍ରୀମଦ୍ ଭଗବଦ୍ ଗୀତା ସୂପନିଷତ୍ସୁ ବ୍ରହ୍ମ ବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜ୍ଜୁନ ସଂବାଦେ ରାଜବିଦ୍ୟା ରାଜଗୁହ୍ୟ ଯୋଗୋ ନାମ ନବମୋଽଧ୍ୟାୟଃ ।

●

Digitized by srujanika@gmail.com

ଦଶମ ଅଧ୍ୟାୟ

ବିଭୂତି ଯୋଗ

ଅଧ୍ୟାୟ ଦୀପିକା

ପରାତ୍ପର ଅବାଙ୍ମାନସ ଗୋଚର ଈଶ୍ୱରଙ୍କର ବିଭୂତି କିଏ ବର୍ଣ୍ଣନା କରିପାରିବ ? କେଉଁ ମାନବୀୟ ଭାଷା ବା ସେ ବର୍ଣ୍ଣନା ପାଇଁ ନିଜକୁ ଯୋଗ୍ୟ ବାହକ ମନେ କରିପାରେ ? ଆମର ପ୍ରିୟ ମହାକବି କାଳିଦାସ ରଘୁବଂଶ ମହାକାବ୍ୟରେ ମନୁଷ୍ୟ-ବଚନର ଏହି ଅପାରଗତାକୁ ମନୋଜ୍ଞ ଭାବରେ ପ୍ରକାଶ କରିଛନ୍ତି । ଦେବତାମାନେ ଅସୁର-ଅତ୍ୟାଚାରରୁ ସୃଷ୍ଟି ରକ୍ଷା କରିବା ପାଇଁ ପରମେଶ୍ୱରଙ୍କୁ ପ୍ରାର୍ଥନା କଲେ । ଉଦାର-ମନୋହର ପ୍ରାର୍ଥନା ଶେଷରେ କବି ଦେବତାମାନଙ୍କ ମୁହଁରେ ମହାକବି କୁହାଇଛନ୍ତି—"ହେ ପରମାତ୍ମନ୍, ଆମର ସ୍ତବ ଯେ ଶେଷ ହୋଇଗଲା, ଏହାର ତାତ୍ପର୍ଯ୍ୟ ନୁହେଁ ଯେ ଆପଣଙ୍କର ଗୁଣାବଳି ସୀମିତ—ଏହାର ତାତ୍ପର୍ଯ୍ୟ ଏହିକି ଆପଣଙ୍କର ଗୁଣାବଳି ବର୍ଣ୍ଣନା ପାଇଁ ଆମର ବାଣୀହିଁ ଶକ୍ତିହୀନ ।"

ଗୀତା ବାରମ୍ବାର କହିଛନ୍ତି ଯେ, "ମତେ (ଈଶ୍ୱରଙ୍କୁ) ମୋ-ଛଡ଼ା ଅନ୍ୟ କେହି ଜାଣେ ନା । ମୁହିଁ ଏହି ବିରାଟ ସୃଷ୍ଟିର ପ୍ରଭବ ଓ ପ୍ରଳୟ । ଭଗବାନଙ୍କୁ ମନୁଷ୍ୟ ରୂପରେ ମଧ୍ୟ ଲୋକ ଚିହ୍ନି ପାରନ୍ତି ନାହିଁ ।" କୁହାଯାଏ ଯେ, ଅବାଙ୍ମାନସ ଗୋଚର ଈଶ୍ୱର ତାଙ୍କ ସତ୍ତାର ମାତ୍ର ଏକ ଅଂଶରେ ଏହି ବିରାଟ ସୃଷ୍ଟି ତିଆରି କରିଥିଲେ ଅନ୍ୟ ଅଂଶଗୁଡ଼ିକରେ ନିତ୍ୟ ଅପରିବର୍ତ୍ତନୀୟ ରହିଛନ୍ତି । କିନ୍ତୁ ଏହି ଭାବକଳ୍ପ ଅନୁଯାୟୀ ଈଶ୍ୱରଙ୍କର ଅନିର୍ବଚନୀୟତା ପ୍ରମାଣିତ କରିବା ପାଇଁ ଉପନିଷଦ୍‌ରେ 'ନେତି' 'ନେତି' (ଈଶ୍ୱର ଏହା ହୋଇ ନପାରନ୍ତି, ଏହା ହୋଇ ନପାରନ୍ତି) ପରି ମନୋଜ୍ଞ ଓ ଉଦାର-ମହତ୍ ବର୍ଣ୍ଣନା ପରେ, "ମୁଁ ଅଶ୍ୱତ୍ଥ ଗଛ', 'ମୁଁ ମଗର ମାଛ', 'ମୁଁ ଦ୍ୱନ୍ଦ୍ୱ ସମାସ" ଇତ୍ୟାଦି ଇତ୍ୟାଦି କିପରି ସେହି ଅନିର୍ବଚନୀୟତାର 'ବିଭୂତିମୟ' ପ୍ରକାଶ ହେବ, ଏ ଲେଖକ ତାହା ଧାରଣା କରି ପାରି ନାହିଁ । ଗୀତା ପ୍ରତି ଲେଖକର ଅସାଧାରଣ ଭକ୍ତି ଓ ଶ୍ରଦ୍ଧା ସତ୍ତ୍ୱେ ସେ ମନେ କରି ଆସିଛି ଯେ, ଏହି ଅଧ୍ୟାୟଟା (୧୦ ମ) ଏବଂ ଯାହାର ପର ଅଧ୍ୟାୟ (୧୧ ଶ) ର କେତେକାଂଶ ଏକ ପ୍ରକାର ଆଣ୍ଟି କ୍ଲାଇମାକ୍ସ (Anti-climax) ବା ଅତିଭୂମି-ପତନ ଛଡ଼ା ଆଉ କିଛି ନୁହେଁ । ଏ ଅଧ୍ୟାୟଟି ଆଦୌ ନ ଥିଲେ ମଧ୍ୟ ଗୀତାର ପରମ ମହତ୍ତ୍ୱରେ ତିଳେ ହେଲେ ଆଁଚ

Digitized by srujanika@gmail.com

ଆସି ନ ଥାନ୍ତା । ଏହାଦ୍ୱାରା ଗୀତା ଈଶ୍ୱର-ଭାବକୁ ମହତ୍ତର କରି ପାରିଛନ୍ତି ବୋଲି ମନେ ହେଉନ ।

କିନ୍ତୁ ପାଠକେ ଧରି ନେବେ ଯେ, ଏ ସବୁ ଏହି ଲେଖକର ବ୍ୟକ୍ତିଗତ ମତ । ଯେହେତୁ ଧର୍ମ ଏକାନ୍ତରେ ବିଶ୍ୱାସର କଥା ତେଣୁ ଏ ସବୁକୁ ନିଜର ବିଶ୍ୱାସ ଓ ବିଚାର ଉପରେହିଁ ଛାଡ଼ ଦେବା ଉଚିତ । ଭାରତ-ଜନନୀର ଶ୍ରେଷ୍ଠ ସନ୍ତାନ ଗୌତମ ବୁଦ୍ଧ ଶେଷ ନିଃଶ୍ୱାସରେ ମଧ୍ୟ ସମବେତ ଶୋକୁଦ୍ୟମାନ ଶିଷ୍ୟ ମଣ୍ଡଳିକୁ ତେଣୁ କହିଯାଇଥିଲେ—"ନିଜେହିଁ ନିଜର ପ୍ରଦୀପ ହୁଅ ।" ଗୀତା ମଧ୍ୟ ତାହାହିଁ ଦୃଢ଼ ସ୍ୱରରେ ଘୋଷଣା କରିଯାଇଛନ୍ତି—ବୁଦ୍ଧୌ ଶରଣ-ମନ୍ୱିଚ୍ଛ (୨।୪୯)-ଅର୍ଥାତ୍ ନିଜର ଅନ୍ତଃସ୍ଥ ବିଚାର ଶକ୍ତିକୁହିଁ ଆଶ୍ରୟ କର । ବୁଦ୍ଧ ଜୀବିତ ଥିବାବେଳେ ମଧ୍ୟ ବାରମ୍ବାର ଘୋଷଣା କରୁଥିଲେ—"ମୁଁ କହୁଛି ବୋଲି କୌଣସି କଥାକୁ ମାନି ଯାଅନି, କୌଣସି ପୋଥି ଏହା କହୁଛି ବୋଲି ମାନିଯାଅନି, କୌଣସି କଥା ବହୁ ଲୋକ ମାନି ନେଉଛନ୍ତି ବୋଲି ମଧ୍ୟ ମାନିଯାଅନି । ପ୍ରତ୍ୟେକ କଥାକୁ ନିଜେ ବିଚାରି ଓ ପରୀକ୍ଷା କରି ତୁମ ନିକଟରେ ସତ୍ୟ ବୋଲି ପ୍ରତୀତ ହେଲେ ଯାଇ ତାହା ଗ୍ରହଣ କର ।"

ଏହି ପ୍ରକାର କଠୋର ମାନସିକ ନିକଷରେ ମଧ୍ୟ ଗୀତା ମୋଟା-ମୋଟି କୌଣସି ମହତ୍ତ୍ୱ ବା ଗୁରୁତ୍ୱ ହରାଇବାର କୌଣସି କାରଣ ନାହିଁ । କିନ୍ତୁ ବିନା ଯୁକ୍ତି, ବିନା ବିଚାରରେ ଯାହା ଗ୍ରହଣ କରି ନିଆଯିବ, ତାହା ଧର୍ମ ନ ହୋଇ ହେବ କେବଳ କୁସଂସ୍କାର ଓ ଅନ୍ଧ ବିଶ୍ୱାସ ମାତ୍ର ।

ସଂସାର ଓ ଈଶ୍ୱର ଏକ ଏବଂ ଅଭିନ୍ନ ହେଲେହେଁ ଏବଂ ଆମେ ପ୍ରତ୍ୟେକଟି ମନୁଷ୍ୟ ଏକ ଏକ ସାମାନ୍ୟ ଈଶ୍ୱର ହେଲେହେଁ, ଆମ ଭିତରେ ବା ପ୍ରକୃତିରେ ଯାହା ସାଧାରଣଠାରୁ ବିଶିଷ୍ଟତା-ସଂପନ୍ନ ତାକୁହିଁ ଆମେ ଈଶ୍ୱରଙ୍କର ବିଶେଷ ପ୍ରକାଶ ବୋଲି ମନେ କରିଥାଉ । ମାନବ ସମାଜରେ ପ୍ରତିଭା ଏହି ଶ୍ରେଣୀର ଜଣାଶୁଣା ବୈଶିଷ୍ଟ୍ୟ । ପ୍ରକୃତ ପ୍ରତିଭା ସେହି, ଯାହାର କୌଣସି ହେତୁ ଆମେ ସହଜରେ ଖୋଜି ପାଇବାନ, ଯାହା ଆମର ସାଧାରଣ ମାନବିକ ବିଚାରଣାର ବାହାରେ । ସେକ୍‌ସପିଆର, ବା ନିଉଟନ ବା ଆଇନ୍‌ଷ୍ଟାଇନ୍‌ଙ୍କ ଅସାଧାରଣ ପ୍ରତିଭା ଯେ କେଉଁଠୁ ଆସିଲା, ଏଥିପାଇଁ ତାଙ୍କ ବାପ ଓ ମା ଉଭୟ ଆଡ଼ର ସାତ ପୁରୁଷ ତନ୍ନତନ୍ନ ଖୋଜା ହୋଇ ମଧ୍ୟ କୌଣସିଠାରେ ଏପ୍ରକାର ଲୋକୋତ୍ତର ମହିମାର ସାମାନ୍ୟ ବୀଜାଣୁ ମଧ୍ୟ ମିଳି ନାହିଁ । ଏ କ୍ଷେତ୍ରରେ ଏହାକୁ ସଂପୂର୍ଣ୍ଣ ଭାବରେ ଈଶ୍ୱରଙ୍କ ଦାନ ବା ଐଶ୍ୱରିକ ପ୍ରକାଶ (ବିଭୂତି) ବୋଲି କହିବାରେ ସତ୍ୟର ଆଦୌ ଅପଳାପ ହେବ ନାହିଁ ।

ଗୀତାର ଏହି 'ବିଭୂତି ଯୋଗ' ନାମକ ଅଧ୍ୟାୟରେ ଈଶ୍ୱରଙ୍କର ଏହି ପ୍ରକାର ସର୍ବ-ସ୍ୱୀକାର୍ଯ୍ୟ କେତେକ ବିଭୂତି ବର୍ଣ୍ଣିତ ହେବାର ପାଠକ-ପାଠିକା

Digitized by srujanika@gmail.com

ଆଶା କରିବା ସ୍ୱାଭାବିକ ; କିନ୍ତୁ ଅଧ୍ୟାୟଟି ଯେପରି ଠିଆ ହୋଇଛି ତାହାର ଦେଶ-କାଳ-ସମାଜ-ସଂସ୍କୃତି-ଜନିତ ସୀମାବଦ୍ଧତା ଓ ସଂକୀର୍ଣ୍ଣତା ଏକାନ୍ତ ନୈରାଶ୍ୟଜନକ । ଏହା ଏକାନ୍ତରେ ଏକ ରକ୍ଷଣଶୀଳ ପୌରାଣିକ, ମଧ୍ୟଯୁଗୀୟ ହିନ୍ଦୁର ସଂସ୍କାର ଓ ଚିନ୍ତା । ଏହି ଅଧ୍ୟାୟଟିହିଁ ଗୀତାର ସର୍ବଜନୀନତାକୁ ବହୁ ପରିମାଣରେ ନାଶ କରିଦେଉଛି । ଅଧ୍ୟାୟଟିକୁ ତଥାପି ଗୌରବାନ୍ୱିତ କରି ରଖିଛି, ଯାହା ହେଉ, ଅଧ୍ୟାୟର ଶେଷ ଦୁଇଟି ଶ୍ଳୋକ । ଈଶ୍ୱର-ମହିମା ତାଠାରୁ ମନୋଜ୍ଞତର ଭାବରେ କୌଣସି ସାହିତ୍ୟରେ ପ୍ରକାଶିତ ହୋଇଥିବାର ଜଣାନାହିଁ ।

ବର୍ତ୍ତମାନ ଆମେ ଶ୍ଳୋକଗୁଡ଼ିକର ବିଚାର ଆରମ୍ଭ କରିବା ।

ଶ୍ରୀ ଭଗବାନୁବାଚ

(୧)

ଭୂୟ ଏବ ମହାବାହୋ ଶୃଣୁ ମେ ପରମଂ ବଚଃ
ଯତ୍ତେଽହଂ ପ୍ରୀୟମାଣାୟ ବକ୍ଷ୍ୟାମି ହିତକାମ୍ୟୟା ।୧।

ଶ୍ରୀ ଭଗବାନ୍ ଉବାଚ (ଶ୍ରୀ ଭଗବାନ କହିଲେ), [ହେ] ମହାବାହୋ (ଅର୍ଜୁନ) ଭୂୟଃ ଏବ (ପୁନର୍ବାର) ମେ (ମୋର) ପରମଂବଚଃ (ଉତ୍କୃଷ୍ଟ ବଚନ) ଶୃଣୁ (ଶ୍ରବଣ କର) । ଯତ୍ (ଯାହା) ପ୍ରୀୟମାଣାୟ ତେ (ପ୍ରେମାସ୍ପଦ ତୁମକୁ) ଅହଂ (ମୁଁ) [ତୁମର] ହିତକାମ୍ୟୟା (ମଙ୍ଗଳ କାମନାରେ) ବକ୍ଷ୍ୟାମି (କହିବି) ।

ଅନୁବାଦ—

ହେ ଅର୍ଜୁନ, ପୁଣି ମୋର ପରମ ବାକ୍ୟ ଶ୍ରବଣ କର । ଯେହେତୁ ତୁମେ ମୋର ପ୍ରିୟ ତେଣୁ ତୁମର ହିତପାଇଁ ହିଁ ମୁଁ ଏହା ତୁମକୁ କହିବାକୁ ଯାଉଛି ।

(୨)

ନ ମେ ବିଦୁଃ ସୁରଗଣାଃ ପ୍ରଭବଂ ନ ମହର୍ଷୟଃ
ଅହମାଦିର୍ହି ଦେବାନାଂ ମହର୍ଷୀଣାଂ ଚ ସର୍ବଶଃ ।୨।

ସୁରଗଣାଃ ମହର୍ଷୟଃ ମେ ପ୍ରଭବଂ ନ ବିଦୁଃ (ଦେବତା ଓ ମହର୍ଷିମାନେ ମଧ୍ୟ ମୋର ଉତ୍ପତ୍ତି କଥା ଜାଣନ୍ତି ନାହିଁ) । ହି (କାରଣ) ଅହଂ ଦେବତାନାଂ ମହର୍ଷୀଣାଂ ଚ ସର୍ବଶଃ ଆଦି (କାରଣ ମୁଁହିଁ ଦେବତା ଓ ମହର୍ଷିମାନଙ୍କର ସବୁ ପ୍ରକାରେ ଆଦି କାରଣ) ।

Digitized by srujanika@gmail.com

ଅନୁବାଦ—

ହେ ଅର୍ଜୁନ, ଦେବତା ବା ଋଷି କେହି ହେଲେ ମୋର (ଈଶ୍ୱରଙ୍କର) ଜନ୍ମ-ରହସ୍ୟ ଜାଣନ୍ତି ନାହିଁ । କାରଣ ଦେବତା ଓ ଋଷିମାନେ ମଧ୍ୟ ସେମାନଙ୍କର ସକଳ ମହତ୍ତ୍ୱ ଓ ବୈଶିଷ୍ଟ୍ୟ ମୋଠାରୁ ହିଁ ପାଇଥାନ୍ତି ।

ବିଶେଷ ଭାଷ୍ୟ—

ଭାରତୀୟ ଆଧ୍ୟାତ୍ମିକ ଶାସ୍ତ୍ର ଅନୁସାରେ ଅକ୍ଷର, ଅନାଦି ଓ ଅବ୍ୟୟ ବ୍ରହ୍ମ, ପ୍ରଜାପତି ବା ବିଶ୍ୱକର୍ମା ବା ହିରଣ୍ୟଗର୍ଭ ରୂପେ ଏ ସୃଷ୍ଟି ରଚନା କଲେ । କ୍ଷିତି, ଅପ୍, ତେଜ, ମରୁତ୍, ବ୍ୟୋମ ପ୍ରଭୃତି ଆଦି-ଭୂତ ସୃଷ୍ଟି କରିବା ସାଥେ ସାଥେ ସେ ସେହି ପ୍ରତ୍ୟେକଟି ଉପାଦାନର ଅଧିଷ୍ଠାତା ଓ ଅଧିଷ୍ଠାତ୍ରୀ ଦେବ-ଦେବୀ ମଧ୍ୟ ସୃଷ୍ଟି କଲେ । ତାପରେ ସୃଷ୍ଟ ହେଲେ ଋଷି ସମ୍ପ୍ରଦାୟ, (ନିମ୍ନର ଶଷ୍ଠ ଶ୍ଳୋକ ଦେଖ) ନବ-ସୃଷ୍ଟ ମନୁଷ୍ୟ ଗୋଷ୍ଠୀକୁ ଏ ପୃଥିବୀରେ ଉଚିତ ମାର୍ଗରେ ପରିଚାଳିତ କରିବା ପାଇଁ । ଆମ ଲୋକର ଋଷି ହେଲେ ମନୁ । ପ୍ରତି କଳ୍ପରେ ଏକ ଏକ ମନୁ ଆସନ୍ତି । ଆମେ ବର୍ତ୍ତମାନ ବୈବସ୍ୱତ ମନୁଙ୍କ ଅଧ୍ୟକ୍ଷତାରେ ଅଛୁ । ମନୁଙ୍କ ବଂଶଧର ବା ଭବ-ଧର ହୋଇଥିବାରୁ ଆମେ ମାନବ । ଏହି ଗୀତାର ଭାବଧାରା ମଧ୍ୟ ଆମେ ମନୁଙ୍କଠାରୁ ପାଇଛୁ ବୋଲି ଧରାଯିବ । ଚତୁର୍ଥ ଅଧ୍ୟାୟର ପ୍ରଥମ ଶ୍ଳୋକରେ ଏହି ଶ୍ଳୋକଟିର ଭାବ ଆଗରୁ ପ୍ରାଞ୍ଜଳ ଭାବରେ ବର୍ଣ୍ଣିତ ହୋଇ ସାରିଛି । ଶ୍ରୀକୃଷ୍ଣ କହୁଛନ୍ତି—"ଏ ଯୋଗକୁ ମୁଁ ପ୍ରଥମେ ସୂର୍ଯ୍ୟ (ଦେବତା)ଙ୍କୁ କହିଥିଲି । ସୂର୍ଯ୍ୟ (ବିବସ୍ୱତ୍) ଯାକୁ ମନୁଙ୍କୁ (ମହର୍ଷି) କହିଲେ । ମନୁ ତା'ପରେ ଇକ୍ଷ୍ୱାକୁ (ମନୁଷ୍ୟ)ଙ୍କୁ କହିଲେ ।

ଭାରତୀୟ ସଂସ୍କୃତିରେ ଉଭୟ ସୃଷ୍ଟିର ଓ ମାନବିକ ଜ୍ଞାନର ଏହାହିଁ "ପରମ୍ପରା" ।

ଥିଓସଫିଷ୍ଟମାନେ ଓ ଅନ୍ୟାନ୍ୟ ବହୁ ଧର୍ମ ବା ଈଶ୍ୱର ତତ୍ତ୍ୱାଭିଳାଷୀ ଗୋଷ୍ଠୀ ମଧ୍ୟ ବିଶ୍ୱାସ କରନ୍ତି ଯେ, ପ୍ରାଚୀନ କାଳର ସେହି ଋଷୀ ଗୋଷ୍ଠୀ ଏବେ ବି ବର୍ତ୍ତମାନ । ସେମାନେ ସମୂହ ଭାବରେ ବା ଏକା ଏକା, ସେମାନଙ୍କର ନିଜ ନିଜ ଲୋକରେ ରହି ମନୁଷ୍ୟର ଦୁଃଖ ନିବାରଣ ବା ଆଧ୍ୟାତ୍ମିକ ଉନ୍ନତି କିପରି ହେବ, ସେହି ଧ୍ୟାନରେ ହିଁ ମଗ୍ନ ଥାନ୍ତି ।

ମହାଯାନୀ ବୌଦ୍ଧମାନଙ୍କର ବୋଧିସତ୍ତ୍ୱବାଦ ମଧ୍ୟ ଏହି ମତର ସମଧର୍ମୀ । ସେମାନଙ୍କ ମତରେ ବୁଦ୍ଧତ୍ୱ-ପ୍ରାପ୍ତ ବହୁ ମହାତ୍ମା ଜୀବ ଓ ମନୁଷ୍ୟର ଦୁଃଖ ନିବାରଣ ନିମନ୍ତେ 'ନିର୍ବାଣ'ର ସୁଖକୁ ପରିତ୍ୟାଗ କରି ନିମ୍ନ

Digitized by srujanika@gmail.com

ଲୋକରେ ରହିଯାନ୍ତି, ପତିତ ଉଦ୍ଧାରଣରୂପକ ମହତ୍ କର୍ମ ପାଇଁ ହିନ୍ଦୁମାନଙ୍କର ସୁପରିଚିତ 'ପତିତପାବନ' ଭାବ-କଳ୍ପଟି ଏକାନ୍ତରେ ବୌଦ୍ଧ ।

(୩)

ଯୋ ମାମଜ ମନାଦିଂ ଚ ବେତ୍ତି ଲୋକ ମହେଶ୍ୱରଂ
ଅସଂମୂଢ଼ଃ ସ ମର୍ତ୍ତ୍ୟେଷୁ, ସର୍ବ ପାପୈଃ ପ୍ରମୁଚ୍ୟତେ ।୩।

ଯଃ (ଯେଉଁ ଲୋକ) ମାଂ (ମତେ) ଅଜଂ ଅନାଦିଂ ଲୋକ ମହେଶ୍ୱରଂ ଚ (ଏକାଧାରରେ ଜନ୍ମରହିତ ଓ ଅନାଦି ପୁଣି ସର୍ବଲୋକର ପରମ ଈଶ୍ୱର ବୋଲି) ବେତ୍ତି (ଜାଣନ୍ତି, ଅନୁଭବ କରନ୍ତି) ସଃ (ସେ) ମର୍ତ୍ତ୍ୟେଷୁ (ମନୁଷ୍ୟ-ମାନଙ୍କ ଭିତରେ) ଅସଂମୂଢ଼ (ମୋହବର୍ଜିତ ହୋଇ) ସର୍ବ ପାପୈଃ ପ୍ରମୁଚ୍ୟତେ (ସମସ୍ତ ପାପରୁ ସଂପୂର୍ଣ୍ଣ ବିମୁକ୍ତ ହୋଇଯାନ୍ତି) ।

ଅନୁବାଦ—

ହେ ଅର୍ଜୁନ, ମତେ (ଈଶ୍ୱରଙ୍କୁ) ଲୋକ ମହେଶ୍ୱର (ନିଖିଳ ବ୍ରହ୍ମାଣ୍ଡର ଅଧୀଶ୍ୱର) ହେବା ସାଥେ ସାଥେ ଯେ ମୋତେ ଜନ୍ମଶୂନ୍ୟ ଓ ଅନାଦି ବୋଲି ମଧ୍ୟ ଜାଣନ୍ତି ବା ଅନୁଭବ କରନ୍ତି ସେହିହିଁ ମନୁଷ୍ୟମାନଙ୍କ ମଧ୍ୟରେ ମୋହ-ମୁକ୍ତ ଓ ପାପ-ମୁକ୍ତ ବୋଲି ଧରାଯିବେ ।

ବିଶେଷ ଭାଷ୍ୟ—

ଯାହାର ଦେବତା ଯେପରି ସେ ସେପରି । ବା ଯିଏ ଯେପରି, ତାର ଦେବତା ସେହିପରି । ଭକ୍ତ ଓ ଭଗବାନ୍ ଘନିଷ୍ଠ ଭାବରେ ସମ୍ବନ୍ଧ । ଯାହାର ଦେବତା ସାର୍ବଭୌମ ଓ ସାର୍ବଜନୀନ ଏବଂ ମାନବିକ ସକଳ କ୍ଷୁଦ୍ରତାର ଊର୍ଦ୍ଧ୍ୱରେ, ସେ ଲୋକ ଉଦାର-ଚିତ୍ତ ହେବା ସ୍ୱାଭାବିକ । ଗୀତାରେ ତେଣୁ ଯଥାର୍ଥ ଭାବରେ ଈଶ୍ୱରଙ୍କୁ ଅନ୍ୟ ଧର୍ମମାନଙ୍କରେ ଦେଖା ଦେଇଥିବା ଏକ 'ବୃହତ୍-ମନୁଷ୍ୟ' ମାତ୍ରର ଭାବ-କଳ୍ପରୁ ବହୁ ଊର୍ଦ୍ଧ୍ୱକୁ ନେଇ, ତାଙ୍କୁ ଅନାଦି, ଅନନ୍ତ, ନିତ୍ୟ, ଅବାଙ୍ମାନସ ଗୋଚର ଇତ୍ୟାଦି ଭାବରେ ବର୍ଣ୍ଣନା କରାଯାଇ ତାଙ୍କୁ ଏକ ପକ୍ଷରେ ନିଜ-ସୃଷ୍ଟ ବିଧାନମାନଙ୍କ ସହିତ ଏକୀଭୂତ କରିଦିଆ-ଯାଇଛି ଏବଂ ଅନ୍ୟ ପକ୍ଷରେ ସେ କେବଳ ଭକ୍ତି ଓ ଶ୍ରଦ୍ଧାରେହିଁ ଅନୁଭବ୍ୟ, ଅନ୍ୟ କେଉଁ ଉପାୟରେ ନୁହେଁ, ଏହା ମଧ୍ୟ କୁହାଯାଇଛି । ପୁନଶ୍ଚ ଗୀତାର ସର୍ବତ୍ର ଦୃଢ଼ ଭାବରେ କୁହାଯାଇଛି ଯେ ଈଶ୍ୱରାନୁଭବର ପ୍ରକୃଷ୍ଟ ଲକ୍ଷ ହେଲା 'ସମଦର୍ଶନ', ଅର୍ଥାତ୍ ପ୍ରକୃତ ଭକ୍ତ ବା ଜ୍ଞାନୀ ବା ଧାର୍ମିକ ଲୋକର ଚିତ୍ତରେ କାହାର ପ୍ରତି ଘୃଣାଭାବ ରହିବନି । ସମସ୍ତ ମନୁଷ୍ୟ ତାଙ୍କ ଆଖିରେ ସମାନ

Digitized by srujanika@gmail.com

ଦେଖାଯିବେ ; କାରଣ ପ୍ରତ୍ୟେକଟି ଜୀବ ଓ ମନୁଷ୍ୟ ଭିତରେ ସେ ସର୍ବବ୍ୟାପ୍ତ ଈଶ୍ୱରଙ୍କୁ ହିଁ ଦେଖିଥାନ୍ତି ।

ସେଇଥିପାଇଁ ଏଠାରେ କୁହାଯାଉଛି ଯେ, ଈଶ୍ୱରଙ୍କୁ କୌଣସି ଏକ ଜନ୍ମ-ମୃତ୍ୟୁ-ସମ୍ପନ୍ନ ବ୍ୟକ୍ତି ବୋଲି ନଜାଣି ଅଜ, ଅନାଦି ଓ ସର୍ବଲୋକ ମହେଶ୍ୱର ବୋଲି ସର୍ବଦା ଅନୁଭବ କରିବେ, ସେ ସ୍ୱକୀୟ ଉଦାର ଚିନ୍ତା ଫଳରେ ମୋହ-ମୁକ୍ତ ଓ ପାପ ମୁକ୍ତ ହେବାର ଆଶା କରପାଏ ।

କିନ୍ତୁ ପ୍ରଥମ ଶ୍ଳୋକରେ 'ତୁମେ ମୋର ପ୍ରିୟ', 'ମୁଁ ଏହା ତୁମରି ମଙ୍ଗଳ ପାଇଁ କହିବାକୁ ଯାଉଛି' ଏପରି କହିବା ଦ୍ୱାରା ଗୀତାର ସାର୍ବଜନୀନତା ନଷ୍ଟ ହୋଇଛି । ଗୀତା ବାରମ୍ବାର ଈଶ୍ୱରଙ୍କର କେହି ପ୍ରିୟ ବା ଅପ୍ରିୟ ନାହାନ୍ତି ବୋଲି କହିଥିବା ସତ୍ତ୍ୱେ ଏଠି ବ୍ୟକ୍ତିବିଶେଷଙ୍କୁ 'ମୋର ପ୍ରିୟ' ବୋଲି କହିବା ଏକାନ୍ତ ଅବାନ୍ତର । ପୁଣି ଗୀତାର ବାଣୀ କ'ଣ କେବଳ ଜଣେ 'ପ୍ରିୟ' ଲୋକର ହିତ ପାଇଁ ? ନା, ତା' ଜଗତର ସକଳ ନର ଓ ନାରୀଙ୍କ ପାଇଁ ?

(୪-୫)

ବୁଦ୍ଧିର୍ଜ୍ଞାନ ମସମ୍ମୋହଃ କ୍ଷମା ସତ୍ୟଂ ଦମଃ ଶମଃ
ସୁଖଂ ଦୁଃଖଂ ଭବୋଽଭବୋ ଭୟଂଚାଭୟମେବଚ ।୪।
ଅହିଂସା ସମତା ତୁଷ୍ଟି ସ୍ତପୋଦାନଂ ଯଶୋଽଯଶଃ
ଭବନ୍ତି ଭବା ଭୂତାନାଂ ମତ୍ତ ଏବ ପୃଥଗ୍ ବିଧାଃ ।୫।

[ମନୁଷ୍ୟର] ବୁଦ୍ଧିଃ (ସାର ଓ ଅସାର ବାଛିବା ମାନସିକ ଶକ୍ତି) ଜ୍ଞାନ (ଆତ୍ମଜ୍ଞାନ) ଅସମ୍ମୋହଃ (କୌଣସି ଅଭିଳାଷ ପାଇଁ ବ୍ୟାକୁଳ ନ ହେବା) କ୍ଷମା (ସହିଷ୍ଣୁତା) ସତ୍ୟଂ (କେବଳ ଯଥାର୍ଥ କଥା କହିବା) ଦମ (ବାହ୍ୟେନ୍ଦ୍ରିୟ ସଂଯମ) ଶମଃ (ମାନସିକ ସଂଯମ) ସୁଖଂ (ମନର ଯାହା ଅନୁକୂଳ ତାହା ଘଟିବା) ଦୁଃଖଂ (ତାର ବିପରୀତ) ଭବ (ଜନ୍ମ) ଅଭବଃ (ମୃତ୍ୟୁ) ଭୟଂ (ଭୟ, ତ୍ରାସ, ଆଶଂକା) ଅଭୟଂ (ତାର ବିପରୀତ) ଅହିଂସା (ପରକୁ କୌଣସି ପ୍ରକାର ପୀଡ଼ା ଦେବାରୁ ନିବୃତ୍ତି) ସମତା (ରାଗ ଦ୍ୱେଷାଦିର ଅଭାବ) ତୁଷ୍ଟିଃ (ଦୈବ ଯାହା ଦେଲା ସେଥିରେ ସନ୍ତୋଷ) ତପଃ (କୃଚ୍ଛ୍ର ସାଧନା) ଦାନଂ (ନିଜର ନ୍ୟାୟାର୍ଜିତ ଧନାଦିର ସତ୍‌ପାତ୍ରରେ ଅର୍ପଣ) ଯଶଃ (ସତ୍‌କୀର୍ତ୍ତି) ଅଯଶଃ (ନିନ୍ଦନୀୟ କାର୍ଯ୍ୟ) [ଏହିସବୁ ଯେତେ ଯେତେ] ପୃଥଗ୍‌ବିଧାଃ ଭୂତାନାଂ ଭବାଃ (ପ୍ରାଣୀମାନଙ୍କର ଏହି ସବୁ ଭିନ୍ନ ଭିନ୍ନ ଅବସ୍ଥା) ମତ୍ତଃ ଏବ ଭବନ୍ତି (ମୋ'ଠାରୁହିଁ ଉତ୍‌ପନ୍ନ ହୋଇଥାନ୍ତି) ।

Digitized by srujanika@gmail.com

ଅନୁବାଦ—

ହେ ଅର୍ଜୁନ, ମୁଁ ନିଜେ ଅଜ ଓ ଅନାଦି ହେଲେହେଁ ମୋଠାରୁ ଏହି ନିଖିଳ ମନୁଷ୍ୟ ସଙ୍ଘ କେବଳ ଜାତ ହୋଇନାହାନ୍ତି । ସେମାନଙ୍କଠାରେ ପୃଥକ୍ ପୃଥକ୍ ଭାବରେ ଦେଖାଦେଉଥିବା ବିବିଧ ଗୁଣ ଓ ଅବସ୍ଥା ସବୁ ମଧ୍ୟ ମୋଠାରୁହିଁ ଆଗତ ବୋଲି ଜାଣିବ । ସେହି ସବୁ ଗୁଣ ବା ଅବସ୍ଥା ହେଲେ—ବୁଦ୍ଧି, ଜ୍ଞାନ, ଅସମ୍ମୋହ, କ୍ଷମା, ସତ୍ୟ, ଶମ, ସୁଖ-ଦୁଃଖ, ଜନ୍ମ ଓ ମୃତ୍ୟୁ, ଭୟ-ଅଭୟ, ଅହିଂସା, ସମତା, ସନ୍ତୋଷ, ତପ, ଦାନ ଏବଂ ଯଶ-ଅଯଶ ।

ଟୀକା—

ବୁଦ୍ଧି—ଆମ ମନର ଭଲ-ମନ୍ଦ ବିଚାର ଶକ୍ତି । ଜ୍ଞାନ-ଜାଗତିକ ଜ୍ଞାନ ।

ଅସମ୍ମୋହ—ଅପ୍ରମାଦ; ସଂକଟ ବା ପ୍ରଲୋଭନରେ ଅବିଚଳିତ ରହି ଯାହା କର୍ତ୍ତବ୍ୟ ତାହା କରିଯିବା ।

କ୍ଷମା—ବିରୋଧୀ ଓ ଅ ବନ୍ଧୁ ଜନଙ୍କ ପ୍ରତି ମଧ୍ୟ ଭଦ୍ର ଓ ସଦୟ ବ୍ୟବହାର ।

ସତ୍ୟ—ଆମେ ଯାହା ଜାଣୁ, ଦେଖୁ ବା ଶୁଣୁ ତାହାର ସଠିକ ବର୍ଣ୍ଣନା ।

ଦମ—ବାହ୍ୟ ଇନ୍ଦ୍ରିୟମାନଙ୍କର ସଂଯମ ।

ଶମ—ଅନ୍ତରସ୍ଥ ତୃଷ୍ଣାମାନଙ୍କର ନିୟନ୍ତ୍ରଣ ।

ଅହିଂସା—କାହାକୁ ଦେହ ବା ମନରେ ଆଘାତ ନ ଦେବା ।

ସମତା—ସୁଖ ବା ଦୁଃଖ ଯାହା ଆସୁନା କାହିଁକି, ସବୁବେଳେ ଚିତ୍ତକୁ ଶାନ୍ତ ରଖିବା ।

ତପ—ଉତ୍ତମ ଆଦର୍ଶ ଲକ୍ଷ୍ୟରେ ପୂର୍ବର ମନ୍ଦାଭ୍ୟାସମାନଙ୍କୁ କଠୋର ଭାବରେ ପରିତ୍ୟାଗ କରି ଓ ନୂତନ କୁଶଳ ଅଭ୍ୟାସ ସବୁ ବରଣ କରିବାରେ ଯେଉଁ କଷ୍ଟ ତାହା ଆନନ୍ଦ ଚିତ୍ତରେ ବରଣ କରିବା ।

ଦାନ—ଯଥାଯୋଗ୍ୟ ଲୋକକୁ ଦ୍ରବ୍ୟ ବା ଧନର ସାହାଯ୍ୟ ।

ଯଶ-ଅଯଶ—ଭଲ କାମର ଫଳ ଯଶ । ମନ୍ଦକାମର ଫଳ ଅ-ଯଶ ।

ବିଶେଷ ଭାଷ୍ୟ—

ଉପରର ଏହି ଛଅିଗୋଟି ଶ୍ଳୋକରେ ଗୀତା ଘୋଷଣା କଲେ ଯେ, ଈଶ୍ୱର ସ୍ୱୟଂ ଅଜାତ ଓ ଅନାଦି ହେଲେହେଁ ସେହିହିଁ ଦେବତାମାନଙ୍କୁ ଓ ମାନବମାନଙ୍କର ଆଦିପୁରୁଷ ମହର୍ଷିମାନଙ୍କୁ ମଧ୍ୟ ସୃଷ୍ଟି କରିଛନ୍ତି ; କିନ୍ତୁ ଏସବୁ ସୃଷ୍ଟି କରିଦେଇ ଈଶ୍ୱର ଶୋଇଯାଇ ନାହାନ୍ତି । ସ୍ରଷ୍ଟା ଈଶ୍ୱର ଓ ତାଙ୍କର ସୃଷ୍ଟି

Digitized by srujanika@gmail.com

ଓତପ୍ରୋତ ଭାବରେ ଶାଶ୍ୱତ ଓ ନିରନ୍ତର ରୀତିରେ ଜଡ଼ିତ । ସୃଷ୍ଟି ଓ ସ୍ରଷ୍ଟାର ଉଦାର ତତ୍ତ୍ୱ ବୁଝାଇ ସାରିଲା ପରେ ଗୀତା ଚତୁର୍ଥ ଓ ପଞ୍ଚମ ଶ୍ଲୋକରେ ସୁନ୍ଦର ଭାବରେ ପ୍ରକାଶିତ କଲେ ଯେ, ସେ କେବଳ 'ସର୍ବଲୋକ ମହେଶ୍ୱର' ହୋଇ ଉପରେ କେଉଁଠି ମେଘ ଉପରେ ବସି ନାହାନ୍ତି । ସାଧାରଣ ମନୁଷ୍ୟର ଦୈନନ୍ଦିନ ଜୀବନର ସକଳ କଳ୍ପନାଯୋଗ୍ୟ ଅବସ୍ଥା ଭିତରେ ମଧ୍ୟ ସେହି ଈଶ୍ୱରହିଁ ଚିର ବର୍ତ୍ତମାନ । ସେହି ସୁଖ, ସେହିହିଁ ଦୁଃଖ, ସେହି କୀର୍ତ୍ତି ଓ ସେହି ମଧ୍ୟ ଅକୀର୍ତ୍ତି । ଏକମାତ୍ର ସତ୍ତା ଈଶ୍ୱର, ଆଉ ସବୁ କେବଳ କଳ୍ପନା ବା ମାୟା ।

(୬)

ମହର୍ଷୟଃ ସପ୍ତ ପୂର୍ବେ ଚତ୍ୱାରୋ ମନବସ୍ତଥା
ମଦ୍‌ଭାବା ମାନସା ଜାତା ଯେଷାଂ ଲୋକ ଇମାଃ ପ୍ରଜାଃ ।୬।

ସପ୍ତ ମହର୍ଷୟଃ (ସପ୍ତ ମହର୍ଷି) [ଏବଂ] ତଥା ପୂର୍ବେ ଚତ୍ୱାରଃ ମନବଃ (ସେହିପରି ତତ୍ ପୂର୍ବବର୍ତ୍ତୀ ଆଉ ଋରିଜଣ ମନୁ) ମଦ୍‌ଭାବାଃ ମାନସାଃ ଜାତାଃ (ମୋ ମନରୁ ଜାତ); ଯେଷାଂ (ଯାହାଙ୍କଠାରୁ) ଲୋକେ (ଏ ଜଗତରେ) ଇମାଃ ପ୍ରଜାଃ (ଏହି ପ୍ରଜା ବା ମନୁଷ୍ୟମାନେ [ଜାତ ହୋଇ ଅଛନ୍ତି] ।

ଅନୁବାଦ—

ମୋ ଶକ୍ତିରେ ଶକ୍ତିମନ୍ତ ଅତି ପୁରାଣ ଋରି ମନୁ ଓ ସପ୍ତ ମହର୍ଷି ମଧ୍ୟ ମୋରି ମାନସରୁ ଜାତ ବୋଲି ଜାଣିବ । ଏହି ଜଗତର ଜୀବସଙ୍ଘ ସେହି-ମାନଙ୍କଠାରୁ ଆସିଛନ୍ତି ବୋଲି ଜାଣିବ ।

ବିଶେଷ ଭାଷ୍ୟ—

ହିନ୍ଦୁ ପୁରାଣ ଅନୁସାରେ ସପ୍ତ ମହର୍ଷି ହେଲେ—ମରୀଚି, ଅତ୍ରି, ଅଙ୍ଗିର, ପୁଲସ୍ତ୍ୟ, ପୁଲୋହ, କ୍ରତୁ, ବଶିଷ୍ଠ । ମତାନ୍ତରେ ବଶିଷ୍ଠଂକ ପରିବର୍ତ୍ତରେ ଭୃଗୁଙ୍କୁ ସାତ ଜଣଙ୍କ ଭିତରେ ଗଣନା କରଯାଇଥାଏ ।

ମନୁ ପୁଣି ହେଲେ ସାତ ଜଣ । ସ୍ୱାୟଂଭୁବ, ସ୍ୱାରୋଚିଷ, ଉତ୍ତମ, ତାମସ, ରୈବତ, ଋକ୍ଷୁଷ, ବୈବସ୍ୱତ । ଛଅଜଣ ମନୁଙ୍କ ରାଜତ୍ୱ ଋଲିଗଲାଣି । ଆମ୍ଭେମାନେ ବର୍ତ୍ତମାନ ସପ୍ତମ ମନୁ ବୈବସ୍ୱତଙ୍କ ଅଧ୍ୟକ୍ଷତାରେ ଅଛୁ ।

"ପୂର୍ବେ ଚତ୍ୱାରଃ (ଋରି ପ୍ରାଚୀନ) ହେଲେ—ସନକ, ସନନ୍ଦ, ସନାତନ ଓ ସନତ୍‌କୁମାର ; କିନ୍ତୁ ଏମାନେ ବ୍ରହ୍ମଋରୀ । ଥିଓସଫି ଶାସ୍ତ୍ରରେ ମଧ୍ୟ ବ୍ରହ୍ମ-ଜ୍ଞାନ-ରାଜ୍ୟରେ ଏଇମାନେ ହେଲେ ସର୍ବୋଚ୍ଚ ଅଧିକାରୀ ।

Digitized by srujanika@gmail.com

(୭)

ଏତାଂ ବିଭୂତିଂ ଯୋଗଂ ଚ ମମ ଯୋ ବେତ୍ତି ତତ୍ତ୍ୱତଃ
ସୋଽବିକଂପେନ ଯୋଗେନ ଯୁଜ୍ୟତେ ନାତ୍ର ସଂଶୟଃ ।୭।

ଯଃ (ଯେଉଁଲୋକ) ମମ (ମୋର, ଈଶ୍ୱରଙ୍କର) ଏତାଂ ବିଭୂତିଂ ଯୋଗଂଚ (ଏ ପ୍ରକାର ବିଭୂତି ଓ ଯୋଗ) ତତ୍ତ୍ୱତଃ ବେତ୍ତି (ଯଥାର୍ଥ ରୂପରେ ଜାଣନ୍ତି; ଅର୍ଥାତ୍ ମୁଁ ହିଁ ନିଖିଳ ସୃଷ୍ଟି, ମୁଁ ମଧ୍ୟ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଏବଂ ଧର୍ମ ସାଧନାର ଏକମାତ୍ର ଲକ୍ଷ୍ୟ) ସଃ (ସେ ଲୋକ) ଅବିକଂପେନ ଯୋଗେନ (ନିଶ୍ଚଳ ବା ବାଧାହୀନ ଯୋଗ ସାହାଯ୍ୟରେ) [ମୋଠାରେ] ଯୁଜ୍ୟତେ (ଯୁକ୍ତ ହୁଅନ୍ତି) ଅତ୍ର ନ ସଂଶୟଃ (ଏଥିରେ ଆଦୌ ସନ୍ଦେହ ନାହିଁ)।

ଅନୁବାଦ—

ହେ ଅର୍ଜୁନ, ମୋର ଏହିସବୁ ବିଭୂତ ଯେଉଁମାନେ ଉତ୍ତମ ରୂପେ ଅବଧାରଣ କରିପାରନ୍ତି, ତାଙ୍କରି ଯୋଗାଭ୍ୟାସ ଅର୍ଥାତ୍ ଈଶ୍ୱରଙ୍କପ୍ରତ ସଂପୂର୍ଣ୍ଣ ଆତ୍ମ-ସମର୍ପଣ ଯେ ଦ୍ୱିଧାହୀନ ହୋଇଉଠେ ଏଥିରେ କୌଣସି ସନ୍ଦେହ ନାହିଁ ।

ବିଶେଷ ଭାଷ୍ୟ—

ଉପାସକ, ଉପାସନା କରିବା ପୂର୍ବରୁ ବା କରିବା ଭିତରେ ଉପାସ୍ୟକୁ ଉତ୍ତମରୂପେ (ତତ୍ତ୍ୱତଃ) ଜାଣି ରଖିବା ଉଚିତ । ରେଳ ବା ବସ୍‌ରେ ଗଲେ କେଉଁଠି ଓହ୍ଲେଇବ, କେତେ ଟଙ୍କା ପଡ଼ିବ, ଓହ୍ଲାଇଲା ବେଳକୁ ସମୟ କେତେ ହେବ, ସେ ସ୍ଥାନରେ ଆଶ୍ରୟ ବା କିପରି ଇତ୍ୟାଦି ଇତ୍ୟାଦି ବିଷୟ ବୁଝିନେବାକୁ ହୁଏ । ସେହିପରି ମଧ୍ୟ ଧର୍ମୀୟ ସାଧନା ଓ ଆଦର୍ଶ । ବିବେକାନନ୍ଦଙ୍କ ଭାଷାରେ ଯେ କୌଣସି ଲୋକର ଯେ କୌଣସି ଧର୍ମ-ଗୋଷ୍ଠୀରେ ଜନ୍ମ ହେବା ଆଦୌ ନିନ୍ଦନୀୟ ନୁହେଁ ; କିନ୍ତୁ ସେହିଥିରେ ହିଁ ତାର ମୃତ୍ୟୁ ଘଟିଲେ ଜାଣିବାକୁ ହେବ ଯେ, ସେ ଲୋକ ଈଶ୍ୱରଙ୍କୁ ଆଦୌ ଚିହ୍ନିପାରିନାହିଁ । ଖ୍ରୀଷ୍ଟିୟାନ୍ ଚର୍ଚ୍ଚ ଦେଇ, ମୁସଲମାନ ମସ୍‌ଜିଦ୍ ଦେଇ ଓ ହିନ୍ଦୁ ତାର ମନ୍ଦିର ଦେଇ ଭଗବାନଙ୍କ ଆଡ଼କୁ ଯାତ୍ରାରମ୍ଭ କରିବା ସ୍ୱାଭାବିକ ; କିନ୍ତୁ ଏମାନେ ପ୍ରତ୍ୟେକେ ଯଦି ମନେ କରନ୍ତି ଯେ ଈଶ୍ୱର କେବଳ ମନ୍ଦିର ବା ଗିର୍ଜା ବା କେବଳ ମସ୍‌ଜିଦ୍‌ରେ ଅଛନ୍ତି, ଅନ୍ୟଠି ନାହାନ୍ତି, ତେବେ ସେ କି ପ୍ରକାର ଈଶ୍ୱରଙ୍କୁ ପାଇଲେ ବୋଲି କହିବାକୁ ହେବ ?

ଗୀତା ବରବର ସେହି ଈଶ୍ୱରର ଅସ୍ତିତ୍ୱ ଘୋଷଣା କରି ଆସୁଛନ୍ତି ଯେ କି ସକଳ ସଂକୀର୍ଣ୍ଣ ଗୋଷ୍ଠୀ ଓ ଅନୁଷ୍ଠାନର ଊର୍ଦ୍ଧ୍ୱରେ, ଯେ ସର୍ବବ୍ୟାପ୍ତ,

Digitized by srujanika@gmail.com

ବିଶ୍ୱଜନୀନ ଓ ସର୍ବ କାଳ ଓ ସର୍ବାବସ୍ଥାରେ ବର୍ତ୍ତମାନ । ଗୀତା ବାରମ୍ବାର ଉପଦେଶ ଦେଉଛନ୍ତି ଯେ, ଆମେ ଯେପରି ଈଶ୍ୱରଙ୍କୁ ଏହିପରି ସମ୍ୟକ୍ ଭବରେ (ତତ୍ତ୍ୱତଃ) ବୁଝିରଖୁ । ତାହେଲେ ଆମର ଯୋଗାଭ୍ୟାସ ସନ୍ଦେହହୀନ (ଅବିକଂପିତ) ରହିବ । ପରବର୍ତ୍ତୀ ଶ୍ଳୋକ ତାହାହିଁ ସ୍ପଷ୍ଟତର କରୁଛି ।

(୮)

ଅହଂ ସର୍ବସ୍ୟ ପ୍ରଭବୋ ମତ୍ତଃ ସର୍ବଂ ପ୍ରବର୍ତ୍ତତେ
ଇତ ମତ୍ୱା ଭଜନ୍ତେ ମାଂ ବୁଧା ଭବ ସମନ୍ୱିତାଃ ।୮।

ଅହଂ (ମୁଁ) ସର୍ବସ୍ୟ (ସକଳ ଜଗତର) ପ୍ରଭବଃ (ଉତ୍ପତ୍ତିର କାରଣ) ମତ୍ତଃ (ମୋଠାରୁ) ସର୍ବଂ ପ୍ରବର୍ତ୍ତତେ (ସମସ୍ତ ପ୍ରବର୍ତ୍ତିତ ହୁଅନ୍ତ) ଇତ ମତ୍ୱା (ଏହା ଜାଣିପାରି) ବୁଧାଃ (ଜ୍ଞାନୀମାନେ) ଭବ ସମନ୍ୱିତାଃ (ଜ୍ଞାନ ଓ ଅନୁଭବ ଯୁକ୍ତ ହୋଇ) ମାଂ ଭଜନ୍ତେ (ମତେ ଆରାଧନା କରିଥାନ୍ତି) ।

ଅନୁବାଦ—

ହେ ଅର୍ଜ୍ଜୁନ, ମୁଁ ହିଁ ସକଳର ଜନ୍ମଦାତା । ମୋଠାରୁ ଜଗତର ସକଳ କଥା ପ୍ରବର୍ତ୍ତିତ ହୋଇଥାନ୍ତି । ଜ୍ଞାନବାନ୍ ଲୋକେ ଏହି ତତ୍ତ୍ୱଟିକୁ ଉତ୍ତମରୂପେ ହୃଦୟଂଗମ କରି, ଆନ୍ତରିକ ନିଷ୍ଠାର ସହିତ ମତେ ଭଜନା କରିଥାନ୍ତି ।

(୯)

ମଚ୍ଚିତ୍ତା ମଦ୍ଗତପ୍ରାଣା ବୋଧୟନ୍ତଃ ପରସ୍ପରଂ
କଥୟନ୍ତଶ୍ଚ ମାଂ ନତ୍ୟଂ ତୁଷ୍ୟନ୍ତି ଚ ରମନ୍ତି ଚ ।୯।

[ସେହି ବିଜ୍ଞ ଲୋକେ] ମଚ୍ଚିତ୍ତାଃ (ସବୁବେଳେ ମତେହିଁ ଚିତ୍ତରେ ରଖି) ମଦ୍ଗତ ପ୍ରାଣାଃ (ମୋଠାରେ ମନ ପ୍ରାଣ ସମର୍ପଣ କରି) ମାଂ ପରସ୍ପରଂ ବୋଧୟନ୍ତଃ (ମୋବିଷୟ କଥା ଏକକୁ ଅନ୍ୟେ ବ୍ୟାଖ୍ୟାନ କରି) [ଏବଂ] ନିତ୍ୟଂ କଥୟନ୍ତଃ (ସର୍ବଦା ମୋବିଷୟ କଥା ଚର୍ଚ୍ଚା କରି) ତୁଷ୍ୟନ୍ତି ଚ ରମନ୍ତି ଚ (ସୁଖ ଓ ସନ୍ତୋଷ ଲାଭ କରିଥାନ୍ତି) ।

ଅନୁବାଦ—

ହେ ଅର୍ଜ୍ଜୁନ ସେହି ଜ୍ଞାନବାନ୍ ଲୋକେ କେବଳ ମଦ୍ଗତି ଚିତ୍ତ ନୁହେଁ, ମଦଗତ ପ୍ରାଣ ହୋଇ ପରସ୍ପର ସହିତ କେବଳ ମୋ (ଈଶ୍ୱର) ସମ୍ପର୍କରେହିଁ କଥୋପକଥନ କରି ଓ ଅଭିଜ୍ଞତା ଅନୁଯାୟୀ ନୂତନ ଆଲୋକପାତ କରି ସର୍ବଦା ସନ୍ତୋଷ ଓ ଆନନ୍ଦ ଲାଭ କରିଥାନ୍ତି ।

Digitized by srujanika@gmail.com

ବିଶେଷ ଭାଷ୍ୟ—

ବାଇବଲ୍‌ରେ ଯୀଶୁଖ୍ରୀଷ୍ଟଙ୍କ ସମଧର୍ମୀ ବାଣୀ ଏହିପରି—

"ଜନତାରୁ କେହି ଜଣେ ପଚାରିଲା—ହେ ସ୍ୱାମି, ଶାସ୍ତ୍ରରେ ମନୁଷ୍ୟ ପ୍ରତି ସବୁଠାରୁ ଗୁରୁତମ ଦେବାଦେଶ କ'ଣ ?

ଯୀଶୁ ତାକୁ ଉତ୍ତର ଦେଲେ—ତୁମେ, ସର୍ବକର୍ତ୍ତା, ସର୍ବେଶ୍ୱର ଭଗବାନଙ୍କୁ ତୁମର ସମଗ୍ର ହୃଦୟ, ସମଗ୍ର ଆତ୍ମା ଏବଂ ସମଗ୍ର ମନଦେଇ ପ୍ରେମ କରିବ। ଏହାହିଁ ଶାସ୍ତ୍ରରେ ମନୁଷ୍ୟ ପ୍ରତି ପ୍ରଥମ ଓ ପ୍ରଧାନତମ ଦେବାଦେଶ"। (ମାଥ୍ୟୁ ୨୨ ପୁଣି "ଯେଉଁଠି କେବଳ ମୋ ପାଇଁ ଦୁଇ ବା ତିନ ଜଣ ଏକତ୍ରିତ ହୁଅନ୍ତି, ଜାଣିରଖ ଯେ ମୁଁ ସେହିମାନଙ୍କ ମଧ୍ୟରେ ଅବସ୍ଥିତ ଅଛି।" (ମାଥ୍ୟୁ ୧୮)।

(୧୦)

ତେଷାଂ ସତତ ଯୁକ୍ତାନାଂ ଭଜତାଂ ପ୍ରୀତିପୂର୍ବକଂ
ଦଦାମି ବୁଦ୍ଧି ଯୋଗଂ ତଂ ଯେନ ମାମୁପଯାନ୍ତିତେ ।୧୦।

[ମୁଁ] ସତତ ଯୁକ୍ତାନାଂ ପ୍ରୀତିପୂର୍ବକଂ ଭଜତାଂ ତେଷାଂ (ମୋଠାରେ ସର୍ବଦା ଯୁକ୍ତ-ଚିତ୍ତ ଏବଂ ପ୍ରୀତିପୂର୍ବକ ଭଜନ କରୁଥିବା ସେହିମାନଙ୍କୁ) ତଂ ବୁଦ୍ଧିଯୋଗଂ (ସେ ପ୍ରକାର ବୁଦ୍ଧି ଯୋଗ) ଦଦାମି (ଦିଏ) ଯେନ ତେ ମାଂ ଉପଯାନ୍ତି (ଯାହାଦ୍ୱାରା ସେମାନେ ମତେ ପାଇ ପାରନ୍ତି)।

ଅନୁବାଦ—

ହେ ଅର୍ଜୁନ, ମୋ (ଈଶ୍ୱରଙ୍କ)ଠାରେ ନିତ୍ୟ-ସମର୍ପିତ-ଚିତ୍ତ ଏବଂ ପ୍ରେମପୂର୍ବକ ମତେ (ଈଶ୍ୱରଙ୍କୁ) ଭଜନା କରୁଥିବା ସେହି ଲୋକମାନଙ୍କ ଅନ୍ତରରେ ମୁଁ ଏପ୍ରକାର ବୁଦ୍ଧିଯୋଗ ଆଣି ପହଁଚାଇ ଦେଇଥାଏ ଯେଉଁ ପଥରେ ଗତି କରି ସେମାନେ ସହଜରେ ମତେ (ଈଶ୍ୱରଙ୍କୁ) ପାଇପାରିଥାନ୍ତି।

ବିଶେଷ ଭାଷ୍ୟ—

"ଭଜତାଂ ପ୍ରୀତପୂର୍ବକଂ"—ପାଠକେ ଏହି କଥାଟି ମନେ ରଖିବେ। ଖାଲି ଲୋକଦେଖାଣିଆ ଭାବରେ ମାଳା ଗଡେଇବା, ଅନ୍ୟ ମାନଙ୍କର କାନ-ଫଟେଇବା ଭଳି ବଡ ପାଟିରେ ସ୍ତୁତି କରିବା, ଢକଟାଳ ଭାବରେ ଘଣ୍ଟା ଘଣ୍ଟି ବଜେଇବା ବା ଆଡମ୍ବର-ପୂର୍ଣ୍ଣ ଦାନ-ଧର୍ମ ଇତ୍ୟାଦି କରିବାରେ ଈଶ୍ୱର ଭୁଲି ଯିବାର କଥା ନୁହେଁ। ଈଶ୍ୱର ମନୁଷ୍ୟ-ଆତ୍ମାର କେବଳ ଶ୍ରଦ୍ଧା ଓ ନିଷ୍ଠାହିଁ ଉପଭୋଗ କରିଥାନ୍ତି। ସେହି ନିଷ୍ଠା ଓ ସେହି ପିପାସା ଯେଉଁଠି ଥିବ ସେଠି

Digitized by srujanika@gmail.com

ଭଗବାନ ନିଜେ ଉପାୟ ରୂପେ ମଧ୍ୟ ଆବିର୍ଭୂତ ହୁଅନ୍ତି । ସେ ସେହି ଅନୁସାରେ ସାଧକର 'ବୁଦ୍ଧି'କୁ ଯୋଗାଭିମୁଖୀ (ବୁଦ୍ଧିଯୋଗ) କରି ଦେଇଥାନ୍ତି ।

"ପ୍ରାର୍ଥନା କଲାବେଳେ କେବଳ ଗୁଡ଼ାଏ ଶବ୍ଦ ବାରମ୍ବାର ଆବୃତ୍ତି କର ନାହିଁ । ଅନେକେ ଭବନ୍ତି ଯେ ଗୁଡ଼ାଏ ବକର ବକର ହେଲେ ଯାଇ ଈଶ୍ୱର ତାଙ୍କ କଥା ଶୁଣିବେ ।

× × × କିନ୍ତୁ ଜାଣିରଖ ଯେ ସ୍ୱର୍ଗସ୍ଥ ପିତା ତୁମେ କହିବା ପୂର୍ବରୁହିଁ ତୁମର କ'ଣ ଦର୍କାର ତାହା ଜାଣି ପାରନ୍ତି ।" (ବାଇବ୍‌ଲ୍ ମାଥ୍ୟୁ)

"ଅନ୍ଧାର ଘରେ ରହିଥିବା ଲୋକ ଗୋଟିଏ ଛୋଟ କଣା ବାଟେ ପ୍ରଥମେ ଆଲୋକର କ୍ଷୀଣ ରେଖା ଆସୁଥିବାର ଦେଖିବ । ସେ ଘରେ ଥିଲାତକ ତାର ଆଲୋକର ଜ୍ଞାନ ସେତିକି ; କିନ୍ତୁ ସେହି କଣାଟି ଯେତିକି ଯେତିକି ବଡ଼ ହେବ ଲୋକର ଆଲୋକର ଜ୍ଞାନ ସେତିକି ସେତିକି ବଢ଼ିବ । ଯେଉଁଲୋକ ଦିବାଲୋକରେ ମୁକ୍ତ ଆକାଶତଳେ ଠିଆ ହେବ ତାର ଆଲୋକର ଜ୍ଞାନ ଅଲଗା । ଠିକ୍ ସେହିପରି ଈଶ୍ୱର ଆସ୍ତେ ଆସ୍ତେ କ୍ରମେ କ୍ରମେ ଆଧାରର ସିଦ୍ଧି ଓ ପ୍ରକୃତି ଅନୁଯାୟୀ ଆପଣାକୁ ଆବିର୍ଭୂତ କରାଇ ଥାନ୍ତି ।" — ଶ୍ରୀ ରାମକୃଷ୍ଣ

(୧୧)

ତେଷାମେବାନୁକମ୍ପାର୍ଥମହମଜ୍ଞାନଜଂ ତମଃ
ନାଶୟାମ୍ୟାତ୍ମଭାବସ୍ଥୋ ଜ୍ଞାନଦୀପେନ ଭାସ୍ୱତା । ୧୧ ।

ତେଷାଂ (ସେମାନଙ୍କ ପ୍ରତି) ଅନୁକଂ ପାର୍ଥଂ ଏବ (ଅନୁଗ୍ରହ ବଶତଃହିଁ) ଅହଂ ଆତ୍ମଭାବସ୍ଥଃ (ମୁଁ ସେମାନଙ୍କ ଆତ୍ମାରେ ଅବସ୍ଥିତ ହୋଇ) ଭାସ୍ୱତା ଜ୍ଞାନଦୀପେନ (ସମୁଜ୍ଜ୍ୱଳ ଜ୍ଞାନ ପ୍ରଦୀପ ଦ୍ୱାରା) [ସେମାନଙ୍କର] ଅଜ୍ଞାନଜଂ ତମଃ (ଅଜ୍ଞାନତା ଜନିତ ଅନ୍ତରର ଅନ୍ଧକାର) ନାଶୟାମି (ନାଶ କରେ) ।

ଅନୁବାଦ—

ହେ ଅର୍ଜୁନ, ସେହି ନିଷ୍ଠାବାନ୍ ଭକ୍ତମାନଙ୍କ ପ୍ରତି ସ୍ୱତଃ କୃପାବଶତଃ ମୁଁ (ଈଶ୍ୱର) ସେମାନଙ୍କ ଆତ୍ମାରେ ଅବସ୍ଥିତ ହୋଇ ଉଜ୍ଜ୍ୱଳ ଜ୍ଞାନଦୀପ ଦ୍ୱାରା; ସେମାନଙ୍କର ଅନ୍ତରରେ ଯାହା କିଛି ଅଜ୍ଞାନ ଜାତ ଅନ୍ଧକାର ଥିବ ତାକୁ ସମୂଳେ ନାଶ କରି ଦେଇଥାଏ ।

ବିଶେଷ ଭାଷ୍ୟ—

କଠୋପନିଷଦ୍‌ର ଏହି ପ୍ରସିଦ୍ଧ ସମଧର୍ମୀ ବାଣୀ ପାଠକେ ସ୍ମରଣ ରଖିବେ—

Digitized by srujanika@gmail.com

ନାୟମାତ୍ମା ପ୍ରବଚନେନ ଲଭ୍ୟଃ
ନ ମେଧୟା ନ ବହୁନା ଶ୍ରୁତେନ
ଯେନେବୈଷ ବୃଣୁତେ ତେନ ଲଭ୍ୟଃ
ତ ସ୍ୟୈଷ ଆତ୍ମା ବିବୃଣୁତେ ତନୁଂ ସ୍ୱାଂ ।
(୧ । ୨ । ୨୪)

"ଏହି ଆତ୍ମା (ବ୍ରହ୍ମ ବା ଈଶ୍ୱରଙ୍କୁ) କେବଳ ପ୍ରବଚନ ଅର୍ଥାତ୍ ବେଦାଦି ବହୁ ଧର୍ମଶାସ୍ତ୍ର ଅଧ୍ୟୟନ ଦ୍ୱାରା ଅଥବା ମନର ଧାରଣାଶକ୍ତି ଦ୍ୱାରା କେହି ପାଇଯିବାକୁ ଆଶା କରିବେ ନାହିଁ । ଯାହାଙ୍କ ପ୍ରତି ସେ ଅନୁଗ୍ରହ କରନ୍ତି (ତେଷା ମେବାନୁକଂ ପାର୍ଥଂ) ସେହି କେବଳ ତାଙ୍କୁ ପାଇଥାନ୍ତି । ଏହି ଆତ୍ମା (ବ୍ରହ୍ମ ବା ଈଶ୍ୱର) (ତାଙ୍କ ନିକଟରେ) ନିଜର ସ୍ୱରୂପକୁ ଆପେ ପ୍ରକଟିତ କରିଥାନ୍ତି ।"

ଅର୍ଥାତ୍ ମନୁଷ୍ୟର ଶାସ୍ତ୍ରଜ୍ଞାନ ଓ ଧୀଶକ୍ତି ବାହାରେ ଆଉ କିଛି ଅଛି, ଯାହାହିଁ ଈଶ୍ୱରଙ୍କୁ ଟାଣି ଆଣିଥାଏ । ଏହାହିଁ ଗୀତାର "ପ୍ରୀତି ପୂର୍ବକ ଭଜନା" । କେବଳ ଅନ୍ତରର ଡାକରେହିଁ ଭଗବାନ ଆସିଥାନ୍ତି, ଆଉ କେଉଁଥିରେ ନୁହେଁ ।

ଅର୍ଜୁନ ଉବାଚ

(୧୨—୧୩)

ପରଂବ୍ରହ୍ମ ପରଂଧାମ ପବିତ୍ରଂ ପରମଂ ଭବାନ୍
ପୁରୁଷଂ ଶାଶ୍ୱତଂ ଦିବ୍ୟ ମାଦିଦେବ ମଜଂ ବିଭୁଂ ।୧୨।

ଆହୁସ୍ତ୍ୱା ମୃଷୟଃ ସର୍ବେ ଦେବର୍ଷିର୍ନାରଦ ସ୍ତଥା
ଅସିତୋ ଦେବଲୋ ବ୍ୟାସଃ ସ୍ୱୟଂ ଚୈବ ବ୍ରବୀଷିମେ ।୧୩।

ଅର୍ଜୁନ ଉବାଚ (ଅର୍ଜୁନ କହିଲେ) ଭବାନ୍ (ଆପଣ) ପରଂବ୍ରହ୍ମ (ପରବ୍ରହ୍ମ) ପରଂଧାମ (ପରମ ସ୍ଥାନ) ପରମଂ ପବିତ୍ରଂ (ପରମ ପବିତ୍ର) ଦେବର୍ଷିଃ ନାରଦଃ (ଦେବର୍ଷି ନାରଦ) ତଥା ଅସିତଃ ଦେବଳଃ ବ୍ୟାସଃ ଚ ସର୍ବେ ଋଷୟଃ (ସେହିପରି ଅସିତ, ଦେବଳ ଓ ବ୍ୟାସ ପ୍ରଭୃତି ଋଷିମାନେ) ତ୍ୱାଂ ଶାଶ୍ୱତଂ ପୁରୁଷଂ (ଆପଣଙ୍କୁ ନିତ୍ୟ ପୁରୁଷ) ଦିବ୍ୟଂ ଆଦିଦେବଂ (ଆଲୋକମୟ ଆଦି ଦେବତା (ଅଜଂ ବିଭୁଂ (ଜନ୍ମରହିତ ଓ ପରମ ଈଶ୍ୱର ବୋଲି ଯେ) ଆହୁଃ (କହିଥାନ୍ତି) [ତାହା] ସ୍ୱୟଂ ଏବ ଚ ମେ ବ୍ରବୀଷି (ଆପଣ ମଧ୍ୟ ନିଜେ କହୁଛନ୍ତି) ।

Digitized by srujanika@gmail.com

ଅନୁବାଦ—

ଅର୍ଜୁନ କହିଲେ—ମୁଁ ଜାଣୁଛି ଯେ ଆପଣହିଁ ପରମବ୍ରହ୍ମ, ପରମ ଧାମ, ପରମ ପାବନକାରୀ ଦିବ୍ୟ ଓ ଶାଶ୍ୱତ ପୁରୁଷ । ଆପଣହିଁ ଜନ୍ମହୀନ ଆଦି ଦେବତା ଓ ନିଖିଳର ପ୍ରଭୁ । ସକଳ ଋଷି ଓ ଦେବର୍ଷି ନାରଦ ମଧ୍ୟ ଆପଣଙ୍କୁ ଏହିପରି ସବରେ ଘୋଷଣା କରିଛନ୍ତି । ସେହିପରି ମଧ୍ୟ କହିଛନ୍ତି ଅସିତ, ଦେବଳ ଓ ବ୍ୟାସ ପ୍ରଭୃତି ଅନ୍ୟ ଋଷିମାନେ । ବର୍ତ୍ତମାନ ଆପଣଙ୍କର ଶ୍ରୀମୁଖରୁ ମଧ୍ୟ ଯେ ସବୁ ଘୋଷଣାର ସମର୍ଥକ ବାଣୀ ଶୁଣିବାକୁ ପାଇଲି ।

(୧୪)

ସର୍ବ ମେତଦୃତଂ ମନ୍ୟେ ଯନ୍ମାଂ ବଦସି କେଶବ
ନହି ତେ ଭଗବନ୍ ବ୍ୟକ୍ତିଂ ବିଦୁର୍ଦେବା ନ ଦାନବାଃ ।୧୪।

ହେ କେଶବ (କୃଷ୍ଣ) ଯତ୍ ମାଂ ବଦସି (ଏସବୁ ଯାହା ମତେ କହୁଛ) ଏତତ୍ ସର୍ବଂ ଋତଂ ମନ୍ୟେ (ଏ ସମସ୍ତକୁ ମୁଁ ସତ୍ୟ ମନେ କରୁଛି) । ହେ ଭଗବନ୍, [କିନ୍ତୁ] ତେ ବ୍ୟକ୍ତଂ (ତୁମର ପ୍ରକାଶ) ଦେବାଃ ଦାନବାଃ ଚ ନ ବିଦୁଃ (ଦେବ ବା ଦାନବ ଅର୍ଥାତ୍ କେହି ହେଲେ ଜାଣିନାହାନ୍ତି) ।

ଅନୁବାଦ—

ହେ ଶ୍ରୀକୃଷ୍ଣ, ଆପଣ ଯାହା କହିଗଲେ ସେ ସମସ୍ତକୁ ମୁଁ ସତ୍ୟ ମନେ କରୁଛି । (ମୁଁ ବା ଏହା ସତ୍ୟ କି ନୁହେଁ ବୋଲି କାହାକୁ ପଚାରିଯିବି ?) ଆପଣଙ୍କର ପ୍ରକାଶ ସମ୍ବନ୍ଧରେ କିଏ କହିବ ? ମନୁଷ୍ୟ ତ ଦୂରର କଥା, ଦେବ ବା ଦାନବ ମଧ୍ୟ ଜାଣନ୍ତି ନାହିଁ ।

(୧୫)

ସ୍ୱୟମେବାତ୍ମନାତ୍ମାନଂ ବେତ୍ଥ ତ୍ୱଂ ପୁରୁଷୋତ୍ତମ
ଭୂତ ଭବନ ଭୂତେଶ ଦେବ ଦେବ ଜଗତ୍ ପତେ ।୧୫।

[ହେ] ପୁରୁଷୋତ୍ତମ [ହେ] ଭୂତଭବନ ଭୂତେଶ (ଜୀବମାନଙ୍କର ସ୍ରଷ୍ଟା ଓ ଈଶ୍ୱର) [ହେ] ଦେବ ଦେବ (ଦେବତାମାନଙ୍କର ମଧ୍ୟ ଦେବତା, ବା ଉପାସ୍ୟ) [ହେ] ଜଗତ୍‌ପତେ (ଜୀବ ଓ ଦେବ ସମ୍ବଳିତ ନିଖିଳ ଜଗତର ପାଳକ) ତ୍ୱଂ (ତୁମେ) [କେବଳ]·ସ୍ୱୟଂ (ନିଜେ) ଆତ୍ମନା (ନିଜ ଦ୍ୱାରାହିଁ) ଆତ୍ମାନଂ (ନିଜକୁ) ବେତ୍ଥ (ଜାଣ) ।

Digitized by srujanika@gmail.com

ଅନୁବାଦ—

ହେ ପୁରୁଷୋତ୍ତମ, ତୁମେ କେବଳ ଜୀବ ସଂଘର ଜନ୍ମଦାତା ଓ ଶାସନକର୍ତ୍ତା ନୁହଁ ଦେବତାମାନଙ୍କ ମଧ୍ୟରେ ମଧ୍ୟ ଶ୍ରେଷ୍ଠ ଦେବ ଏବଂ ନିଖିଳ ସୃଷ୍ଟିର ସ୍ରଷ୍ଟା । ତୁମେ କେବଳ ତୁମକୁ ଜାଣ ବୋଲି କୁହାଯିବ ।

(୧୬)

ବକ୍ତୁ ମର୍ହସ୍ୟ ଶେଷେଣ ଦିବ୍ୟାହ୍ୟାତ୍ମ ବିଭୂତୟଃ
ଯାଭିର୍ବିଭୂତିଭି ର୍ଲୋକାନିମାଂ ସ୍ତ୍ୱଂ ବ୍ୟାପ୍ୟ ତିଷ୍ଠସି ।୧୬।

ଯାଭିଃ (ଯେଉଁସବୁ) ବିଭୂତିଭିଃ (ବିଭୂତି ବା ଶକ୍ତିର ଚିହ୍ନ ଦ୍ୱାରା) ତ୍ୱଂ (ତୁମେ) ଇମାନ୍ ଲୋକାନ୍ (ଏହି ଜଗତ୍ ସମୂହକୁ) ବ୍ୟାପ୍ୟ (ବ୍ୟାପି) ତିଷ୍ଠସି (ରହିଅଛ) [ସେହି ସବୁ] ଦିବ୍ୟାଃ ଆତ୍ମବିଭୂତୟଃ (ଆପଣାର ଦିବ୍ୟ ବିଭୂତିମାନଙ୍କୁ) ଅଶେଷେଣ ହି (ବିସ୍ତୃତ ରୂପରେ) [ଆପଣହିଁ] ବକ୍ତୁଂ ଅର୍ହସି (ବଖାଣିବାକୁ ସମର୍ଥ) ।

ଅନୁବାଦ—

ଆପଣ ଯେଉଁସବୁ ଶକ୍ତି ବଳରେ ନିଜ ସୃଷ୍ଟ ଏହି ଅଶେଷ ଲୋକରେ ବ୍ୟାପ୍ତ ରହି ଅବସ୍ଥାନ କରୁଛନ୍ତି, ସେହି ଦିବ୍ୟ ଆତ୍ମ-ବିଭୂତି ସବୁର ବିସ୍ତୃତ ବର୍ଣ୍ଣନା ଆପଣଙ୍କ ଛଡ଼ା ଆଉ କିଏ କରିପାରିବ ?

(୧୭)

କଥଂ ବିଦ୍ୟାମହଂ ଯୋଗିଂ ସ୍ତ୍ୱାଂ ସଦା ପରିଚିନ୍ତୟନ୍
କେଷୁ କେଷୁ ଚ ଭାବେଷୁ ଚିନ୍ତ୍ୟୋଽସି ଭଗବନ୍ ମୟା ।୧୭।

ହେ ଯୋଗିନ୍ (ହେ ଯୋଗି) ଅହଂ (ମୁଁ) ସଦା ପରିଚିନ୍ତୟନ୍ କଥଂ ତ୍ୱାଂ ବିଦ୍ୟାମ୍ (ମୁଁ ତୁମକୁ କିପରି ଭାବରେ ସର୍ବଦା ଧ୍ୟାନ କରି ଜାଣିବି ?) ହେ ଭଗବନ୍ କେଷୁ କେଷୁ ଭାବେଷୁ (ହେ ଭଗବାନ୍, କେଉଁ କେଉଁ ଭାବରେ) ମୟା [ତ୍ୱଂ] ଚିନ୍ତ୍ୟଃ ଅସି (ମୁଁ ଆପଣଙ୍କୁ ଚିନ୍ତା କରିପାରିବି ?)

ଅନୁବାଦ—

ହେ ଯୋଗି, ଆପଣଙ୍କୁ କିପରି ଭାବରେ ସର୍ବଦା ଧ୍ୟାନ କଲେ ଆପଣଙ୍କୁ ଜାଣିପାରିବି ? ଅର୍ଥାତ୍ ହେ ଭଗବାନ୍ ଆପଣ ମୋ ଧ୍ୟାନରେ କେଉଁ ଭାବରେ ଧ୍ୟେୟ ହେବାର କଥା ?

Digitized by srujanika@gmail.com

(୧୮)

ବିସ୍ତରେଣାତ୍ମନୋ ଯୋଗଂ ବିଭୂତିଂ ଚ ଜନାର୍ଦ୍ଦନ
ଭୂୟଃ କଥୟ ତୃପ୍ତିର୍ହି ଶୃଣ୍ୱତୋ ନାସ୍ତି ମେଽମୃତଂ ।୧୮।

ହେ ଜନାର୍ଦ୍ଦନ (ଶ୍ରୀକୃଷ୍ଣ) ଆତ୍ମନଃ ଯୋଗଂ ବିଭୂତଂ ଚ (ନିଜର ଯୋଗ ଓ ବିଭୂତିକୁ) ବିସ୍ତରେଣ ଭୂୟଃ କଥୟ (ବିସ୍ତାର ପୂର୍ବକ ପୁନର୍ବାର କହ) । ହି (କାରଣ) ଅମୃତଂ ଶୃଣ୍ୱତଃ (ତୁମର ସୁଧାମୟ ବାଣୀ ଶ୍ରବଣ କରି କରି) ମେ ତୃପ୍ତିଃ ନ ଅସ୍ତି (ମୋର ସନ୍ତୋଷର ଶେଷ ନାହିଁ) ।

ଅନୁବାଦ—

ହେ ଜନାର୍ଦ୍ଦନ, ଆପଣହିଁ ଆପଣଙ୍କ ଯୋଗ (ଆପଣଙ୍କୁ ପାଇବାର ଉପାୟ) ଓ ବିଭୂତିକୁ ବିସ୍ତାରିତ ଭାବରେ ମତେ ପୁଣି କହନ୍ତୁ । ଆପଣଙ୍କ ସୁଧାମୟ ବଚନ ଶୁଣି ଶୁଣି ମୋର ତୃପ୍ତିର ଶେଷ ନାହିଁ ।

ଶ୍ରୀ ଭଗବାନୁବାଚ

(୧୯)

ହନ୍ତ ତେ କଥୟିଷ୍ୟାମି ଦିବ୍ୟା ହ୍ୟାତ୍ମବିଭୂତୟଃ
ପ୍ରାଧାନ୍ୟତଃ କୁରୁଶ୍ରେଷ୍ଠ ନାସ୍ତ୍ୟନ୍ତୋ ବିସ୍ତରସ୍ୟ ମେ ।୧୯।

ଶ୍ରୀ ଭଗବାନ୍ ଉବାଚ (ଭଗବାନ୍ ଶ୍ରୀକୃଷ୍ଣ କହିଲେ) ହନ୍ତ (ଆଚ୍ଛା ହେଉ) [ହେ] କୁରୁଶ୍ରେଷ୍ଠ (ଅର୍ଜୁନ) ଦିବ୍ୟାଃ ଆତ୍ମ ବିଭୂତୟଃ (ମୋ ନିଜର ବିଭୂତିର ପ୍ରତୀକ ସବୁକୁ) ପ୍ରାଧାନ୍ୟତଃ (ପ୍ରଧାନ ପ୍ରଧାନ ରୂପେ) ତେ କଥୟିଷ୍ୟାମି (ତୁମକୁ କହିବି) । ହି (କାରଣ) ମେ (ମୋର) ବିସ୍ତରସ୍ୟ (ବିସ୍ତୃତ ବିଭୂତିର) ଅନ୍ତଃ ନାସ୍ତି (ଅନ୍ତ ନାହିଁ) ।

ଅନୁବାଦ—

ଶ୍ରୀକୃଷ୍ଣ କହିଲେ, ହେ ଅର୍ଜୁନ, ମୋର ଦିବ୍ୟ ଆତ୍ମ-ବିଭୂତିର ବର୍ଣ୍ଣନା ମୁଁ ଏଠାରେ କେବଳ ମୁଖ୍ୟ ମୁଖ୍ୟ ଭାବରେ କହିଯିବି । କାରଣ ମୋର ବିସ୍ତୃତ ବର୍ଣ୍ଣନାର ଶେଷ ନାହିଁ ବୋଲି ଜାଣିବ ।

ବିଶେଷ ଭାଷ୍ୟ—

ବର୍ତ୍ତମାନ ଶ୍ରୀକୃଷ୍ଣ ନିଜର ବା ପରମାତ୍ମାଙ୍କର 'ପ୍ରଧାନ' 'ପ୍ରଧାନ' ବିଭୂତି ବା ଶକ୍ତିର ପ୍ରତୀକ-ପ୍ରକାଶ ରୂପେ କୁଡ଼ାଏ ବ୍ୟକ୍ତି, ଜୀବ, ମନୁଷ୍ୟ ଓ ପଦାର୍ଥର

Digitized by srujanika@gmail.com

ବର୍ଣ୍ଣନା ଦେବେ । ପାଠକେ ଲକ୍ଷ୍ୟ କରିବେ ଯେ, ସେଥିରୁ କେତେକ ଏକାନ୍ତ ଭବରେ କେବଳ କଳ୍ପନାର ବସ୍ତୁ, କେତେକ ଆଜିର ମାନବିକ ଜ୍ଞାନ ଅନୁଯାୟୀ ଏକାନ୍ତ ଅବାସ୍ତବ, କେତେକ ମଧ୍ୟ ଏକାବେଳେକେ ଅଯୌକ୍ତିକ । ଯଥା— ମୃଗାଣାଂ ଚ ମୃଗେନ୍ଦ୍ରୋଽହଂ—ମୁଁ ହରଣମାନଙ୍କ ଭିତରେ [ତାହାର ଖାଦକ] ସିଂହ ।'ମୃଗ' ଶବ୍ଦକୁ ସାଧାରଣ ଜୀବ ଅର୍ଥରେ ନେଲେ ମଧ୍ୟ ସିଂହ ଏ ପୃଥିବୀରେ ଶ୍ରେଷ୍ଠ ଜୀବ ହେବ ନା ମନୁଷ୍ୟ ? ସେହିପରି "ମୁଁ ପର୍ବତମାନଙ୍କ ଭିତରେ ମେରୁ ପର୍ବତ"; କିନ୍ତୁ ଗତ ପଚାଶ ବର୍ଷ ଭିତରେ ଉତ୍ତର ଓ ଦକ୍ଷିଣ ମେରୁ ସହିତ ସମଗ୍ର ପୃଥିବୀ ତନ୍ନ ତନ୍ନ କରି ଖୋଜା ସରିଲାଣି, ଆଉ ଆବିଷ୍କାର କରିବାର ବାକୀ କିଛି ନାହିଁ—କିନ୍ତୁ 'ମେରୁ' ପର୍ବତ ବୋଲି କୌଣସି ପର୍ବତ ପୃଥିବୀରେ ଥିବାର ଜଣା ନାହିଁ । ଅଥଚ ମାତ୍ର କେତୋଟି ଶ୍ଳୋକ ପରେ କୁହାଯାଇଛି ଯେ, 'ସ୍ଥାବରଣାଂ ହିମାଳୟଃ' ଯାହାହିଁ ଭୌଗୋଳିକ ସତ୍ୟ । ସେହିପରି ବାସୁକି ବୋଲି କୌଣସି ସାପ ବି ନାହିଁ (ସର୍ପାଣା ମସ୍ମି ବାସୁକିଃ)। ପୁଣି ଆଜି ପୃଥିବୀମୟ ଗଣରାଜ୍ୟ । ଗଣହିଁ ଆଜି ରାଜା । ତେଣୁ ନରଣାଂ ଚ ନରାଧିପଃ (ମୁଁ ମନୁଷ୍ୟମାନଙ୍କ ଭିତରେ ରାଜା) କହିବା କି ଅବାନ୍ତର ଶୁଣା-ଯାଉଛ ଆଜି ! ପୁଣି କୁହାଯାଉଛ ଯେ, 'ନକ୍ଷତ୍ରାଣାମହଂ ଶଶୀ (ମୁଁ ନକ୍ଷତ୍ର-ମାନଙ୍କ ମଧ୍ୟରେ ଚନ୍ଦ୍ର !) କିନ୍ତୁ ଆଜି ପ୍ରାଥମିକ ବିଦ୍ୟାଳୟର ପିଲା ବି ଜାଣେ ଯେ, ଚନ୍ଦ୍ର ନକ୍ଷତ୍ର ନୁହେଁ, ବି ପୃଥିବୀ ମଧ୍ୟ ନୁହେଁ । ସମଗ୍ର ସୌର ଜଗତରେ ଏକ ମାତ୍ର ନକ୍ଷତ୍ର ବା ତାରା (star) ହେଉଛି ସୂର୍ଯ୍ୟ ଏବଂ ଆଜି ମହା ବ୍ୟୋମରେ କୋଟି କୋଟି ସୌରମଣ୍ଡଳ ଆବିଷ୍କୃତ ହେଲାଣି, ଯେଉଁଠି, ଆମର ସାମାନ୍ୟ ଉପଗ୍ରହ ଚନ୍ଦ୍ର କଥା ଛାଡ, ଏହି ସୂର୍ଯ୍ୟ କେନ୍ଦ୍ରକ ଆମର ବିରାଟ ସୌର-ପରିବାର ମଧ୍ୟ କେତୋଟି ବାଲୁକା କଣା ମାତ୍ର ।

ସତ୍ୟ କହିଲେ, ଗୀତାର ଦଶମ ଅଧ୍ୟାୟରେ ତଥାକଥିତ ଐଶ୍ୱରିକ ବିଭୂତ ସବୁ ଯେପରି ବର୍ଣ୍ଣିତ ହୋଇଛି ତାହାହିଁ ପ୍ରମାଣ କରେ ଯେ ଗୀତା କୌଣସି ଏକ ବିଶେଷ ବ୍ୟକ୍ତିଦ୍ୱାରା ଏକ ବିଶେଷ କାଳ ଓ ସମାବେଶକୁ ଲକ୍ଷ୍ୟ କରି ଲେଖା ଯାଇଥିଲା । କୌଣସି ହେଲେ ଯୁକ୍ତିରେ ଏହା ସର୍ବଜ୍ଞ, ସର୍ବ ଶକ୍ତି-ଶାଳୀ, ସର୍ବବ୍ୟାପୀ ଭୂମାଙ୍କର ବାଣୀ ବୋଲି ଗୃହୀତ ହୋଇ ନପାରେ । ଏହା ଏକ ବିଶେଷ ସ୍ଥାନ, କାଳ ଓ ଅବସ୍ଥାରୁ ଉଦ୍ଭୂତ କୌଣସି ଜଣେ ଲୋକର ସୃଷ୍ଟି, ଯଦିଓ ସେ ଲୋକ ନିଶ୍ଚିତ ଭବରେ ଏକ ଅସାଧାରଣ ସ୍ରଷ୍ଟା ଓ ଜ୍ଞାନୀ ଏବଂ ଏହି ଲେଖକ ବାରମ୍ବାର କହି ଆସୁଛି ଯେ ଗୀତାକୁ ଏ ପ୍ରକାର ବୈଜ୍ଞାନିକ ଦୃଷ୍ଟିରୁ ଗ୍ରହଣ କଲେ ଗୀତାର ସମ୍ମାନ ଓ ମର୍ଯ୍ୟାଦା ବଢ଼ିବ ସିନା, ସାମାନ୍ୟ ଭବରେ ମଧ୍ୟ କମିବ ନାହିଁ । ପୁଣି ଦଶମ ଓ ଏକାଦଶ ଅଧ୍ୟାୟରେ ଗୀତା ବିଶ୍ୱଦେବ ଭୂମାଙ୍କର ତଥାକଥିତ 'ବିଭୂତି' ଓ 'ବିଶ୍ୱରୂପ' ଯେପରି ବର୍ଣ୍ଣନା

Digitized by srujanika@gmail.com

କରଛନ୍ତ, ସେସବୁ ଗୀତାରେ ଆଦୌ ନଥିଲେ ମଧ୍ୟ, ଉଦାର, ମହତ୍ ଜୀବନ ଦର୍ଶନ ଭାବରେ, ସାର୍ବଜନୀନ ଦିକ୍-ପ୍ରଦର୍ଶକ ଭାବରେ ଗୀତାର ସାମାନ୍ୟତମ ହାନି ହୋଇଥାନ୍ତା ବୋଲି ମନେ ହେଉନି ।

ପାଠକଙ୍କୁ ପୁଣି କହି ରଖୁଛୁ ଯେ, ଏ ହେଲା ଲେଖକର ବ୍ୟକ୍ତିଗତ ମତ ଓ ବିଶ୍ୱାସ । ଅନ୍ୟର ମତ ଓ ବିଶ୍ୱାସକୁ ଆଘାତ ଦେବାର ବା ସେଥିରେ ପରିବର୍ତ୍ତନ ଆଣିବାର କୌଣସି ଅଭିଳାଷ ଆମର ନାହିଁ । ଗୀତାର ଦଶମ ଓ ଏକାଦଶ ଅଧ୍ୟାୟକୁ କେହି, ସ୍ୱୟଂ ଈଶ୍ୱର ବାଣୀ ମନେ କଲେ ମଧ୍ୟ, ଗୀତାର ମୁଖ୍ୟ 'ମେସେଜ୍' ବା ବାଣୀ ଆଦୌ ଆଘାତ-ପ୍ରାପ୍ତ ହେଉନାହିଁ । ଆମେ କେବଳ ଅନ୍ୟ ଏକ ଦୃଷ୍ଟିକୋଣରୁ ଗୀତାକୁ କପରି ଦେଖା ଯାଇପାରେ ତାହାରି ସୁବଋର ପାଇଁ ଆମର କେତେକ ମତ ଏଠାରେ ବିନୀତ ଭାବରେ ଉପସ୍ଥାପିତ କଲୁ । ପ୍ରତ୍ୟେକ ବିଷୟ ଭିନ୍ନ ଭିନ୍ନ ଦୃଷ୍ଟିକୋଣରୁ ବିଋର କରାଯିବା ଉଚିତ । ନଚେତ୍ ଆମର ଜାଣିବାଟା ହୁଏତ ପ୍ରମାଦ-ଯୁକ୍ତ ରହିଯିବ ।

ବର୍ତ୍ତମାନ ଅଧ୍ୟାୟ ଆଲୋଚନା କରିବା—

(୨୦)

ଅହମାତ୍ମା ଗୁଡାକେଶ ସର୍ବଭୂତାଶୟସ୍ଥିତଃ
ଅହମାଦିଶ୍ଚ ମଧ୍ୟଂ ଚ ଭୂତାନାମନ୍ତ ଏବ ଚ ।୨୦।

(ହେ) ଗୁଡାକେଶ (ଅର୍ଜ୍ଜୁନ) ସର୍ବଭୂତାଶୟସ୍ଥିତଃ ଆତ୍ମା ଅହଂ (ସର୍ବଜୀବର ଅନ୍ତରରେ ଅବସ୍ଥାନ କରେ ଯେଉଁ ଆତ୍ମା, ସେ ମୁଁ) । ଅହଂ ଭୂତାନାଂ ଆଦିଃ ମଧ୍ୟଂ ଅନ୍ତଂ ଚ (ମୁଁ ଜୀବମାନଙ୍କର ଆଦ୍ୟ ଅର୍ଥାତ୍ ଜନ୍ମ, ପୁଣି ମଧ୍ୟ ଅର୍ଥାତ୍ ଜୀବନ, ପୁଣି ଅନ୍ତ ଅର୍ଥାତ୍ ଶେଷ ବା ମୃତ୍ୟୁ)

ଅନୁବାଦ—

ହେ ଅର୍ଜ୍ଜୁନ, ମୁହିଁ (ଈଶ୍ୱର) ହିଁ ସେହି ଆତ୍ମା ଯାହା ସକଳ ଜୀବର ଅନ୍ତରରେ ଅବସ୍ଥିତ । ମୁଁ ମଧ୍ୟ ସେହି ଜୀବମାନଙ୍କର ଜନ୍ମ, ଜୀବନ ଓ ମୃତ୍ୟୁ ।

(୨୧)

ଆଦିତ୍ୟାନାମହଂ ବିଷ୍ଣୁ ର୍ଜ୍ୟୋତିଷାଂ ରବିରଂଶୁମାନ୍
ମରୀଚିର୍ମରୁତାମସ୍ମି ନକ୍ଷତ୍ରାଣାମହଂ ଶଶୀ ।୨୧।

ଅହଂ ଆଦିତ୍ୟାନାଂ ବିଷ୍ଣୁ (ମୁଁ ଆଦିତ୍ୟମାନଙ୍କ ଭିତରେ ସେହି, ଯାହାଙ୍କୁ ବିଷ୍ଣୁ କୁହାଯାଏ), ଜ୍ୟୋତଷାଂ ଅଂଶୁମାନ୍ ରବିଃ (ଜ୍ୟୋତଷମାନଙ୍କ ଭିତରେ ଆଲୋକଯୁକ୍ତ ସୂର୍ଯ୍ୟ), ମରୁତାଂ ମରୀଚି (ମରୁତମାନଙ୍କ ମଧ୍ୟରେ ମରୀଚି); ନକ୍ଷତ୍ରାଣାଂ ଅହଂଶଶୀ (ନକ୍ଷତ୍ରମାନଙ୍କ ମଧ୍ୟରେ ମୁଁ ଚନ୍ଦ୍ର) ।

Digitized by srujanika@gmail.com

ଅନୁବାଦ—

ଆଦିତ୍ୟମାନଙ୍କ ମଧ୍ୟରେ ମୁଁ ଶ୍ରେଷ୍ଠାଦିତ୍ୟ ବିଷ୍ଣୁ । ଆକାଶସ୍ଥ ସକଳ ଜ୍ୟୋତିଷ୍କମାନଙ୍କ ମଧ୍ୟରେ ଶ୍ରେଷ୍ଠ ଜ୍ୟୋତିଷ୍କ ସୂର୍ଯ୍ୟ ହିଁ ମୁଁ । ମରୁତ୍‌ମାନଙ୍କ ମଧ୍ୟରେ ମୁଁ ମରୀଚି । ନକ୍ଷତ୍ରମାନଙ୍କ ମଧ୍ୟରେ ମୁଁ ଚନ୍ଦ୍ର ।

ବିଶେଷ ଭାଷ୍ୟ—

ବେଦରେ 'ଆଦିତ୍ୟ' ହେଲେ ପ୍ରଥମ ଦେବତା, ପୁଣି ଦେବତାମାନଙ୍କର ସାଧାରଣ ନାମ । ହିନ୍ଦୁ ପୁରାଣରେ ଅଦିତି ହେଲେ ଦେବତାମାନଙ୍କର ଜନନୀ । ଅଦିତିର ପୁତ୍ର ଆଦିତ୍ୟ । ଦେବ ଶବ୍ଦର ବ୍ୟୁତ୍‌ପତ୍ତିଗତ ଅର୍ଥ ହେଲା 'ଜ୍ୟୋତିର୍ମୟ' 'ଦେଦୀପ୍ୟମାନ' ଦେବତାମାନେ ଜ୍ୟୋତିର୍ମୟ ବୋଲି ବିଶ୍ୱାସ । ପୃଥିବୀବାସୀ ପ୍ରତି ସୂର୍ଯ୍ୟ ହିଁ ସବୁଠାରୁ ବେଶୀ ଦେଦୀପ୍ୟମାନ ବସ୍ତୁ । ତେଣୁ ଆଦିତ୍ୟ ବା ଦେବତା କହିଲେ ପୃଥିବୀବାସୀ ପ୍ରତି 'ସାଧାରଣତଃ' ସୂର୍ଯ୍ୟଙ୍କୁ ହିଁ ବୁଝାଇଲା । ସୂର୍ଯ୍ୟର ବିଭିନ୍ନ ଅବସ୍ଥା ଓ ଗୁଣ ନେଇ, ବେଦରେ ପୁଣି ତାଙ୍କର ବର୍ଷର ବାରମାସ ପାଇଁ ବାରଟି ନାମ ଦେଖାଯାଏ । ଯଥା—ଧାତା, ମିତ୍ର, ଅର୍ଯ୍ୟମା, ରୁଦ୍ର, ବରୁଣ, ସୂର୍ଯ୍ୟ, ଭଗ, ବିବସ୍ୱାନ, ପୂଷା, ସବିତା, ତ୍ୱଷ୍ଟା ଓ ବିଷ୍ଣୁ । ଏମାନଙ୍କ ଭିତରୁ ପ୍ରାୟ ପ୍ରତ୍ୟେକେ ବୈଦିକ ସାହିତ୍ୟରେ ନାନା ସ୍ଥାନରେ 'ସୂର୍ଯ୍ୟ' ଅର୍ଥରେ ବ୍ୟବହୃତ ହୋଇଅଛନ୍ତି । ଗାୟତ୍ରୀ ମନ୍ତ୍ରରେ 'ସବିତା' ତ ଏବେ ବି କୋଟି ସଂଖ୍ୟକ ହିନ୍ଦୁର କଣ୍ଠରୁ ପ୍ରତ୍ୟହ ଉଚ୍ଚାରିତ ହେଉଛନ୍ତି । 'ମିତ୍ରାବରୁଣ' ଓ ପରେ କେବଳ 'ମିତ୍ର'ଙ୍କ ପୂଜା ଦିନେ କେବଳ ଭାରତ ବ୍ୟାପ୍ତ ନୁହେଁ ସମଗ୍ର ମଧ୍ୟ-ପ୍ରାଚ୍ୟ ଓ ସମଗ୍ର ୟୁରୋପରେ ବ୍ୟାପ୍ତ ରହିଥିଲା । ବିଷ୍ଣୁ ଯେତେବେଳେ ସୂର୍ଯ୍ୟର ଅନ୍ୟ ଏକ ନାମ ମାତ୍ର, ବିଷ୍ଣୁ ଆରାଧନାକୁ ମଧ୍ୟ ସେହି ସୂର୍ଯ୍ୟ-ପୂଜା କହିବାକୁ ହେବ । ମିତ୍ରାବରୁଣ ବା ସୂର୍ଯ୍ୟ, ବେଦରେ 'ନୀଳାକାଶର ଦେବତା' ରୂପେ ବର୍ଣ୍ଣିତ । ସେଇଥିପାଇଁ ବୋଧହୁଏ ବିଷ୍ଣୁଙ୍କର (ସୂର୍ଯ୍ୟଙ୍କର) ଅବତାର (ରାମ ଓ କୃଷ୍ଣ) ସାଧାରଣତଃ କୃଷ୍ଣ ବା ନୀଳବର୍ଣ୍ଣ । ଶ୍ରୀକୃଷ୍ଣ ଏହି ଶ୍ଳୋକରେ ଏକାଧାରରେ 'ମୁଁ ସୂର୍ଯ୍ୟ' ଓ 'ମୁଁ ବିଷ୍ଣୁ' କହିବା ଦ୍ୱାରା ବିଷ୍ଣୁ, (ଶ୍ରୀକୃଷ୍ଣ) ଓ ସୂର୍ଯ୍ୟ ଯେ ଏକ, ଏହା ମଧ୍ୟ ପ୍ରମାଣିତ ହେଉଛି ।

ପୁଣି ସୂର୍ଯ୍ୟଙ୍କର 'ଭର୍ଗ'ନାମହିଁ ପରେ ଭଗବାନ୍ ଶବ୍ଦରେ ପରିବ୍ୟାପ୍ତ ହୋଇ ପଡଛି ।

ପ୍ରାଚୀନ ଭାରତୀୟ ମତରେ ଆକାଶ ମଣ୍ଡଳରେ ସାତଟି ମରୁତ୍ ବା ବାୟୁ ପ୍ରବାହିତ ; ଯଥା—ଆବହ, ପ୍ରବହ, ବିବହ, ପରାବହ, ଉଦ୍‌ବହ, ସଂବହ ଓ ପରିବହ ; କିନ୍ତୁ ଏ ଭିତରେ 'ମରୀଚି' ବୋଲି କୌଣସି ବାୟୁ ନାହିଁ । ଅବଶ୍ୟ ମରୁତ୍ ଅର୍ଥ ବାୟୁ, ତେଣୁ ଅଗ୍ନିର ଅନ୍ୟ ନାମ ମରୁତ୍-ସଖା , କିନ୍ତୁ

Digitized by srujanika@gmail.com

ମରୁତ୍‌ର ସାଧାରଣ ଅର୍ଥ ମଧ୍ୟ ଦେବତା । ମରୁତ୍‌ର ଅନ୍ୟ ଅର୍ଥ ମଧ୍ୟ ମେଘ । ତେଣୁ ଇନ୍ଦ୍ରଙ୍କ ଅନ୍ୟ ନାମ ମରୁତ୍ୱାନ୍ । 'ମରୀଚି' ଶବ୍ଦର ଅର୍ଥ ଆଲୋକ । କୌଣସିଠାରେ ତାହା ବାୟୁ ନୁହେଁ କି ମେଘ ନୁହେଁ । ଅତଏବ 'ମରୁତ୍‌ମାନଙ୍କ ମଧ୍ୟରେ ମୁଁ ମରୀଚି'—ଏହା ଅସ୍ପଷ୍ଟ ରହିଯାଉଛି ।

(୨୨)

ବେଦାନାଂ ସାମବେଦୋଽସ୍ମି ଦେବାନାମସ୍ମି ବାସବଃ
ଇନ୍ଦ୍ରିୟାଣାଂ ମନଶ୍ଚାସ୍ମି ଭୂତାନାମସ୍ମି ଚେତନା ।୨୨।

ବେଦାନାଂ (ବେଦମାନଙ୍କ ଭିତରେ) [ମୁଁ] ସାମବେଦଃ (ସାମବେଦ) ଦେବାନାଂ ବାସବଃ ଦେବତାମାନଙ୍କ ମଧ୍ୟରେ ଇନ୍ଦ୍ର) ଅସ୍ମି (ଅଟେ । [ସେହିପରି] [ମୁଁ] ଇନ୍ଦ୍ରିୟାଣାଂ ମନଃ (ଇନ୍ଦ୍ରିୟମାନଙ୍କ ଭିତରେ ମନ) ଚ (ଏବଂ) ଭୂତାନାଂ ଚେତନା ଅସ୍ମି (ଜୀବମାନଙ୍କ ମଧ୍ୟରେ ଚେତନା ଅଟେ) ।

ଅନୁବାଦ—

ମୁଁ ବେଦମାନଙ୍କ ମଧ୍ୟରେ ସାମବେଦ, ଦେବତାମାନଙ୍କ ମଧ୍ୟରେ ଇନ୍ଦ୍ର, ଇନ୍ଦ୍ରିୟମାନଙ୍କ ମଧ୍ୟରେ ମନ ଏବଂ ଜୀବମାନଙ୍କ ମଧ୍ୟରେ ଚେତନା ।

(୨୩)

ରୁଦ୍ରାଣାଂ ଶଂକରଶ୍ଚାସ୍ମି ବିତ୍ତେଶୋ ଯକ୍ଷରକ୍ଷସାଂ
ବସୂନାଂ ପାବକଶ୍ଚାସ୍ମି ମେରୁଃ ଶିଖରିଣାମହଂ ।୨୩।

ରୁଦ୍ରାଣାଂ ଶଂକରଃ ଅସ୍ମି (ରୁଦ୍ରମାନଙ୍କ ମଧ୍ୟରେ ମୁଁ ଶଙ୍କର) ଯକ୍ଷରକ୍ଷସାଂ ବିତ୍ତେଶଃ (ଯକ୍ଷ ଓ ରାକ୍ଷସମାନଙ୍କ ମଧ୍ୟରେ ମୁଁ କୁବେର) ବସୂନାଂ ପାବକଃ ଅସ୍ମି (ବସୁମାନଙ୍କ ମଧ୍ୟରେ ମୁଁ ଅଗ୍ନି) ଶିଖରିଣାଂ ଅହଂ ମେରୁଃ (ପର୍ବତମାନଙ୍କ ମଧ୍ୟରେ ମୁଁ ମେରୁ ପର୍ବତ) ।

ଅନୁବାଦ—

ମୁଁ ରୁଦ୍ରମାନଙ୍କ ମଧ୍ୟରେ ଶଙ୍କର, ଯକ୍ଷ ଓ ରାକ୍ଷସମାନଙ୍କ ମଧ୍ୟରେ କୁବେର, ବସୁମାନଙ୍କ ମଧ୍ୟରେ ଅଗ୍ନି ଏବଂ ପର୍ବତମାନଙ୍କ ମଧ୍ୟରେ ମେରୁ ।

ବିଶେଷ ଭାଷ୍ୟ—

ପ୍ରକୃତିର ସକଳ ଭୟଙ୍କର ପ୍ରକାଶକୁ ବୈଦିକ ଆର୍ଯ୍ୟମାନେ 'ରୁଦ୍ର' (ଭୟଙ୍କର) ନାମ ଦେଇଥିଲେ । ବେଦରେ ରୁଦ୍ର ତେଣୁ ବହୁବଚନ । ଶଙ୍କର

Digitized by srujanika@gmail.com

ସେମାନଙ୍କର ନେତା ଏବଂ ନେତା ବୋଧହୁଏ ଏହି କାରଣରୁ ଯେ ରୁଦ୍ର ବା ଭୟଙ୍କର ମାନଙ୍କର ନେତା ହେଲେହେଁ ସେ 'ଶୁଭପ୍ରଦ' ଯାହାହିଁ 'ଶଙ୍କର' ଶବ୍ଦର ପ୍ରକୃତ ଅର୍ଥ ।

'ବସୁ' ଶବ୍ଦର ଅର୍ଥ ଧନ । ଅନ୍ୟାନ୍ୟ ଅର୍ଥ ମଧ୍ୟରେ ଏକ ଅର୍ଥ ହେଲା- ଯେ ବା ଯାହା ସବୁଠାରେ ବାସ କରନ୍ତି । ଅର୍ଥାତ୍ ଧନ ବା ଐଶ୍ୱର୍ଯ୍ୟର ଦେବତା ବା ଯେ ବିଶ୍ୱବ୍ୟାପ୍ତ ; କିନ୍ତୁ ପୁରାଣରେ ଏହି ନାମକ ଗୋଟିଏ ଦେବତା-ଗୋଷ୍ଠୀ ମଧ୍ୟ ଦେଖାଯାନ୍ତି । ଏହି ଗୋଷ୍ଠୀ ସର୍ବଦା ଏକତ୍ର ଭ୍ରମଣ କରୁଥିବାରୁ ସାଧାରଣତଃ 'ରୁଦ୍ର'ମାନଙ୍କ ପରି 'ବସୁ'ମାନେ ମଧ୍ୟ ବହୁ ବଚନରେ ହିଁ ପ୍ରକାଶିତ ହୋଇଥାନ୍ତି । ଏମାନଙ୍କ ସଂଖ୍ୟା ୮ । ଏମାନଙ୍କର ନାମ ହେଲା—ଆପ, ଧ୍ରୁବ, ସୋମ, ଧର, ଅନିଳ, ଅନଳ, ପ୍ରତ୍ୟୂଷ, ପ୍ରଭସ ।

ଏଠାରେ କିନ୍ତୁ ଲକ୍ଷ୍ୟ କରିବାର କଥା ଯେ, ଗୀତା ଅନଳ (ଅଗ୍ନି) ନାମ ପରିବର୍ତ୍ତରେ 'ପାବକ' ଶବ୍ଦ ବ୍ୟବହାର କରିଛନ୍ତି । ଅଗ୍ନି ଅବଶ୍ୟ ପାବକ (ପବିତ୍ରକାରୀ) ; କିନ୍ତୁ ଅନଳ-ନାମକ ବସୁ ଯେ ଅଗ୍ନି ଏହାର କୌଣସି ପୌରାଣିକ ଭିତ୍ତି ନାହିଁ ।

'ମେରୁ' କେବଳ ଏକ କଳ୍ପନା ଏହି । କଳ୍ପିତ ପର୍ବତର ଚାରିପାଖେ ଗ୍ରହମାନେ ଘୂରୁଥିବାର ମଧ୍ୟ ପୁରାଣରେ କୁହାଯାଇଛି, ଯେପରି କୁହାଯାଇଛି ବାସୁକୀ ସର୍ପ ପୃଥିବୀକୁ ଟେକ ଧରିଛି ବୋଲି ।

(୨୪)

ପୁରୋଧସାଂ ଚ ମୁଖ୍ୟଂ ମାଂ ବିଦ୍ଧି ପାର୍ଥ ବୃହସ୍ପତିମ୍
ସେନାନୀନାମହଂ ସ୍କନ୍ଦଃ ସରସାମସ୍ମି ସାଗରଃ ।୨୪।

ହେ ପାର୍ଥ (ଅର୍ଜୁନ) ମାଂ (ମତେ) ପୁରୋଧସାଂ ଚ ମୁଖ୍ୟଂ ବୃହସ୍ପତିଂ ବିଦ୍ଧି (ପୁରୋହିତମାନଙ୍କ ମଧ୍ୟରେ ପ୍ରଧାନ—ବୃହସ୍ପତି ବୋଲି ଜାଣିବ) । ଅହଂ ସେନାନୀନାଂ ସ୍କନ୍ଦଃ (ମୁଁ ସେନାପତିମାନଙ୍କ ମଧ୍ୟରେ କାର୍ତ୍ତିକେୟ) [ମୁଁ] ସରସାଂ ସାଗରଃ ଅସ୍ମି (ଜଳାଶୟମାନଙ୍କ ମଧ୍ୟରେ ସାଗର) ।

ଅନୁବାଦ—

ହେ ଅର୍ଜୁନ, ଯଜ୍ଞ-ପୁରୋଧାମାନଙ୍କ ମଧ୍ୟରେ ଶ୍ରେଷ୍ଠ ଯେଉଁ ବୃହସ୍ପତି, ସେ ମୁଁ । ସେନାପତିମାନଙ୍କ ମଧ୍ୟରେ ଶ୍ରେଷ୍ଠ ଯେଉଁ କାର୍ତ୍ତିକେୟ ସେ ମୁଁ ଏବଂ ଜଳାଶୟମାନଙ୍କ ମଧ୍ୟରେ ଶ୍ରେଷ୍ଠ ଯେ ସମୁଦ୍ର ସେ ମଧ୍ୟ ମୁଁ ।

Digitized by srujanika@gmail.com

ବିଶେଷ ଭାଷ୍ୟ—

ଶିବଙ୍କ ପୁତ୍ର କାର୍ତ୍ତିକେୟ (ସ୍କନ୍ଦ) ଦେବତାମାନଙ୍କୁ ତାରକାସୁରର ଅତ୍ୟାଚାରରୁ ରକ୍ଷା କରିଥିଲେ । ସେଥିପାଇଁ ତାଙ୍କର ଅନ୍ୟ ନାମ ତାରକଜିତ୍ । ସେ ଅବିବାହିତ ଓ ବ୍ରହ୍ମଚାରୀ ଥିବାରୁ ତାଙ୍କର ଆଉ ଏକ ନାମ ମଧ୍ୟ କେବଳ 'କୁମାର' । ଏହି କୁମାରଙ୍କ ଜନ୍ମ ଲକ୍ଷ୍ୟରେହିଁ ଶିବ-ପାର୍ବତୀଙ୍କ ଅପୂର୍ବ ପ୍ରଣୟ-ଗାଥାକୁ ଆଶ୍ରୟ କରି ମହାକବି କାଳିଦାସ ପରମ ମନୋଜ୍ଞ କାବ୍ୟ "କୁମାର ସମ୍ଭବ" ରଚନା କରିଥିଲେ । ଛ'ଟି କୃତ୍ତିକା-ଭଗିନୀଙ୍କ ଦ୍ୱାରା ଶୈଶବରେ ପାଳିତ ହୋଇଥିବା ହେତୁ ତାଙ୍କର ନାମ ପୁଣି କାର୍ତ୍ତିକେୟ । ଦେବତାମାନଙ୍କର ସେନାପତିତ୍ୱ କରିଥିବାରୁ ସେନାନୀ (ସେନାପତି) ଭାବରେ ସେ ପୁରାଣ ପ୍ରସିଦ୍ଧ ।

(୨୫)

ମହର୍ଷୀଣାଂ ଭୃଗୁରହଂ ଗିରାମସ୍ମ୍ୟେକମକ୍ଷରମ୍
ଯଜ୍ଞାନାଂ ଜପଯଜ୍ଞୋଽସ୍ମି ସ୍ଥାବରାଣାଂ ହିମାଳୟଃ ।୨୫।

ଅହଂ ମହର୍ଷୀଣାଂ ଭୃଗୁଃ (ମୁଁ ମହର୍ଷିମାନଙ୍କ ମଧ୍ୟରେ ଭୃଗୁ) ଗିରାଂ ଏକଂ ଅକ୍ଷରଂ (ପଦ ସମୂହରେ ମୁଁ ଏକାକ୍ଷର ପ୍ରଣବ ବା ଓଁ) । [ମୁଁ] ଯଜ୍ଞାନାଂ ଜପ-ଯଜ୍ଞଃ (ଯଜ୍ଞମାନଙ୍କ ମଧ୍ୟରେ ଜପଯଜ୍ଞ) ସ୍ଥାବରାଣାଂ ହିମାଳୟଃ (ସ୍ଥାବର ଅର୍ଥାତ୍ ଅଚଳନ୍ତ ବସ୍ତୁମାନଙ୍କ ମଧ୍ୟରେ ହିମାଳୟ) ।

ଅନୁବାଦ—

ମହର୍ଷିମାନଙ୍କ ମଧ୍ୟରେ ମୁଁ ଭୃଗୁ । ବଚନମାନଙ୍କ ମଧ୍ୟରେ ମୁଁ ହେଉଛି ଏକାକ୍ଷର ଓଁ । ଯଜ୍ଞମାନଙ୍କ ମଧ୍ୟରେ ମୁଁ ହେଉଛି ଜପ-ଯଜ୍ଞ । ଅଚଳନ୍ତ ବସ୍ତୁମାନଙ୍କ ମଧ୍ୟରେ ମୁଁ ହିମାଳୟ ।

ବିଶେଷ ଭାଷ୍ୟ—

ବୈଦିକ ସାହିତ୍ୟ ଓ ପୁରାଣମାନଙ୍କରେ ଭୃଗୁ ଜଣେ ପ୍ରସିଦ୍ଧ ଋଷି ଓ ସେହି ନାମକ (ଭୃଗୁ) ଗୋଷ୍ଠୀର ଆଦିପୁରୁଷ । ଏହି ଭୃଗୁମାନେ ପରେ ପ୍ରାୟ ସଭାକବି ବା ବନ୍ଦୀ ବା ଆବୃତ୍ତିକାରୀ ଭାବରେ ପ୍ରସିଦ୍ଧି ଲାଭ କରିଥିଲେ । ଆଦି ଭୃଗୁହିଁ ବିଷ୍ଣୁ ଆରାଧନାକୁ ଭାରତରେ ପ୍ରତିଷ୍ଠିତ କରିଥିବା ପୁରାଣର ଐତିହ୍ୟ । ଥରେ ଆଦି ମହର୍ଷିମାନଙ୍କ ଭିତରେ ବିବାଦ ହେଲା ଯେ, ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଏମାନଙ୍କ ଭିତରୁ କିଏ ପ୍ରକୃତରେ ଆରାଧ୍ୟ । ଏହାର ନିଷ୍ପତ୍ତି ପାଇଁ ସେମାନେ ଭୃଗୁଙ୍କୁ ପ୍ରତିନିଧି କରି ପଠାଇଲେ । ସେ ପ୍ରଥମେ ବ୍ରହ୍ମାଙ୍କ ନିକଟକୁ

Digitized by srujanika@gmail.com

ଗଲେ । ବ୍ରହ୍ମାଙ୍କୁ ଦର୍ଶନ କରିବାର ବିଧି-ବିଧାନରେ ଭୃଗୁ ଜାଣି ଜାଣି ନଜକୁ ପ୍ରମାଦ-ଗ୍ରସ୍ତ ଦେଖାନ୍ତେ, ବ୍ରହ୍ମା ତାଙ୍କର ସେ ଛଳନା ବୁଝିନପାରି, ତାହାକୁ ପ୍ରକୃତ ଘଟଣା ବୋଲି ଧରିନେଇ, ତାଙ୍କପ୍ରତି ଅତ୍ୟନ୍ତ କ୍ରୋଧ ପ୍ରକାଶ କଲେ । ଭୃଗୁ ସେଠାରୁ ନୀରବରେ ଫେରିଆସି ଶିବଙ୍କ ନିକଟକୁ ଗଲେ । ସେତେବେଳେ ସେ ପାର୍ବତୀଙ୍କ ସହିତ ଶ୍ରଧ୍ୟାଳାପ କରିଥିଲେ । ଯେଥିରେ ବ୍ୟାଘାତ ଆସିବାରୁ ସେ ଶିବ 'ରୁଦ୍ର' ହୋଇ ଉଠିଲେ । ଭୃଗୁ ଶେଷରେ ବିଷ୍ଣୁଙ୍କ ନିକଟକୁ ଗଲେ । ଦେଖିଲେ ବିଷ୍ଣୁ ଶୋଇଛନ୍ତି । ଭୃଗୁ ଜାଣି ଜାଣି ସୁପ୍ତ ବିଷ୍ଣୁଙ୍କୁ ଏକ ପ୍ରଚଣ୍ଡ ଗୋଇଠା ମାରି ଉଠାଇଲେ । ବିଷ୍ଣୁ ନିଦ୍ରା ତ୍ୟାଗ କଲେ; କିନ୍ତୁ କପରି ତାଙ୍କର ନିଦ ଭଙ୍ଗିଲା ତାହା ଜାଣିପାରି ମଧ୍ୟ, ଭୃଗୁଙ୍କୁ ପ୍ରଥମ ପ୍ରଶ୍ନ କଲେ, ତାଙ୍କର ପାଦରେ ଆଘାତ ଲାଗିଛି କି ନାହିଁ ଏବଂ କାଳେ ଲାଗିଥିବ ବୋଲି ଭୃଗୁଙ୍କ ପାଦକୁ ସ୍ନେହରେ ଆଉଁଶିବାକୁ ଲାଗିଲେ ।

ଭୃଗୁ ସେହିଠାରେ ନିଷ୍ପତ୍ତି କଲେ ଯେ, ଏହି ଦେବତା (ବିଷ୍ଣୁ) ହିଁ ପ୍ରକୃତରେ ଆରାଧ୍ୟ । କାରଣ ସେ ମନୁଷ୍ୟକୁ ଭୟ ବା କ୍ରୋଧରେ ଜିଣିବାକୁ ଚେଷ୍ଟା ନ କରି ଦୟା ଓ ପ୍ରେମ ବଳରେହିଁ ଜିଣିବାକୁ ପ୍ରୟାସୀ ।

ତେଣୁ ହିଁ ବୋଧହୁଏ ବିଷ୍ଣୁଙ୍କ ଅବତାର ଶ୍ରୀକୃଷ୍ଣ ଏଠାରେ କହିଛନ୍ତି "ମହର୍ଷିମାନଙ୍କ ମଧ୍ୟରେ ମୁଁ ଭୃଗୁ" ।

ପୁଣି ଗୀତା ବାରମ୍ବାର ପଦାର୍ଥ ବହୁଳ, ବ୍ୟୟସାଧ୍ୟ ଓ କାମନା-ରଞ୍ଜିତ ବୈଦିକ ଯଜ୍ଞର ନିନ୍ଦା କରି ଧର୍ମୀୟ ଅଭ୍ୟାସ ସବୁକୁ ଯଥାସମ୍ଭବ ମନୁଷ୍ୟର ଭିତରର ବିଷୟ କରିବାକୁ ପ୍ରୟାସୀ ହୋଇଛନ୍ତି । ତେଣୁ 'ଜପ ଯଜ୍ଞ' ହିଁ ଶ୍ରେଷ୍ଠ ଯଜ୍ଞ କହିବା ଗୀତା ପକ୍ଷରେ ସ୍ୱାଭାବିକ । ଜପ୍ୟମାନଙ୍କ ଭିତରେ ପ୍ରଣବ ବା ଓଁ (ଏକାକ୍ଷର) ହିଁ ହିନ୍ଦୁ ସଂସ୍କୃତିରେ ପ୍ରସିଦ୍ଧ । ଏହା ପ୍ରତ୍ୟେକ ମନ୍ତ୍ରର ଆରମ୍ଭରେ ଥାଏ ।

(୨୬)

ଅଶ୍ୱତ୍ଥଃ ସର୍ବବୃକ୍ଷାଣାଂ ଦେବର୍ଷୀଣାଂ ଚ ନାରଦଃ
ଗନ୍ଧର୍ବାଣାଂ ଚିତ୍ରରଥଃ ସିଦ୍ଧାନାଂ କପିଳୋ ମୁନିଃ । ୨୬ ।

[ମୁଁ] ସର୍ବ ବୃକ୍ଷାଣାଂ ଅଶ୍ୱତ୍ଥଃ (ସବୁ ବୃକ୍ଷମାନଙ୍କ ମଧ୍ୟରେ ଅଶ୍ୱତ୍ଥ); ଦେବର୍ଷୀଣାଂ ଚ ନାରଦଃ (ଏବଂ ଦେବର୍ଷିମାନଙ୍କ ମଧ୍ୟରେ ନାରଦ); ଗନ୍ଧର୍ବାଣାଂ ଚିତ୍ରରଥଃ (ଗନ୍ଧର୍ବମାନଙ୍କ ଭିତରେ ଚିତ୍ରରଥ), ସିଦ୍ଧାନାଂ କପିଳଃ ମୁନିଃ (ସିଦ୍ଧ ପୁରୁଷମାନଙ୍କ ଭିତରେ କପିଳ ମୁନି)

Digitized by srujanika@gmail.com

ଅନୁବାଦ—

ଜଗତରେ ଯେତେ ବୃକ୍ଷ ଅଛନ୍ତି, ତା' ଭିତରେ ମୁଁ ଅଶ୍ୱତ୍ଥ, ଦେବର୍ଷି-ମାନଙ୍କ ମଧ୍ୟରେ ମୁଁ ନାରଦ, ଗନ୍ଧର୍ବମାନଙ୍କ ମଧ୍ୟରେ ମୁଁ ଚିତ୍ରରଥ ଓ ସିଦ୍ଧ ପୁରୁଷମାନଙ୍କ ମଧ୍ୟରେ ମୁଁ କପିଳ ମୁନି ।

ବିଶେଷ ଭାଷ୍ୟ—

ଅଶ୍ୱତ୍ଥ ଗଛ ସହଜରେ ମରେ ନା । ପୁଣି ଯତ୍ର ତତ୍ର ଉତ୍ପନ୍ନ ହୁଏ । ଜଞ୍ଜାଳମୟ ଏହି ସଂସାରକୁ ତେଣୁ ବୋଧହୁଏ ଆମର ପ୍ରାଚୀନ ଋଷିମାନେ ଅଶ୍ୱତ୍ଥ ବୃକ୍ଷ ସହିତ ତୁଳନା କରିଥିଲେ ; କିନ୍ତୁ ତାହା ଓଲଟ ଅଶ୍ୱତ୍ଥ । କଠୋପନିଷଦ (୨।୩) ରେ କୁହାଯାଇଛି— ଊର୍ଦ୍ଧ୍ୱ ମୂଳୋଽବାକ୍‌ଶାଖ ଏଷୋଽଶ୍ୱତ୍ଥ ସନାତନଃ । ଏହି ସଂସାର ରୂପକ ଅଶ୍ୱତ୍ଥର ମୂଳ, ଉପରେ (ଉର୍ଦ୍ଧ୍ୱରେ) ଏବଂ ଶାଖାରୂପକ ନିମ୍ନରେ । ପରେ ଗୀତା ପଞ୍ଚଦଶ ଅଧ୍ୟାୟରେ ଠିକ୍ ଏହି ରୂପକକୁ ଏହି ଅର୍ଥରେ ଶୁଣେଇବେ ; କିନ୍ତୁ ଅଶ୍ୱତ୍ଥ, ବୃକ୍ଷମାନଙ୍କ ଭିତରେ ଶ୍ରେଷ୍ଠ ବୃକ୍ଷ ବୋଲି ଇ ବିଧାତାର 'ବିଭୂତି'ର ପ୍ରତୀକ ବୋଲେଇବାର କି କାରଣ ଥାଇପାରେ ବୁଝାଯାଇ ପାରୁ ନାହିଁ । ଅନ୍ତତଃ ଭାରତବର୍ଷରେ ଅଶ୍ୱତ୍ଥ ପରି ନର କୀର୍ତ୍ତିର ଶତ୍ରୁ ଦ୍ୱିତୀୟ ନାହିଁ । ଏ ବୃକ୍ଷ ଆମର କୌଣସି ବିଶେଷ ଜୈବ ଆବଶ୍ୟକତାରେ ମଧ୍ୟ ଆସେ ନାହିଁ । ଅନ୍ତତଃ ଓଡ଼ିଆ ପୁରାଣରେ ଅଶ୍ୱତ୍ଥ 'ଅଲକ୍ଷ୍ମୀ' ନିବାସ ରୂପେ ବର୍ଣ୍ଣିତ । ଏପରି ସ୍ଥଳେ ଏ ବୃକ୍ଷ ଭଗବାନଙ୍କର ପ୍ରକାଶ କପରି ହେବ ?

କିନ୍ତୁ ଅଶ୍ୱତଥ୍ ବୌଦ୍ଧମାନଙ୍କର ପରମ ପବିତ୍ର ବୃକ୍ଷ, କାରଣ ବୁଦ୍ଧ ନିରଞ୍ଜନା ନଦୀକୂଳରେ ଗୋଟିଏ ଅଶ୍ୱତଥ୍ ବୃକ୍ଷ ତଳେ ବସି ଧ୍ୟାନ କରୁ କରୁ ବୋଧି ପ୍ରାପ୍ତ ହୋଇଥିଲେ । ସେଥିପାଇଁ ଏ ବୃକ୍ଷର ଅନ୍ୟ ନାମ ବୋଧି ତରୁ । ଏବେ ବି ଗୋଟିଏ ଅଶ୍ୱତଥ୍ ବୃକ୍ଷର ଛବି ବା ଏପରି କି ତାର ପତ୍ର ମଧ୍ୟ ବୌଦ୍ଧ ଧର୍ମର ପ୍ରତୀକ ରୂପେ ଗୃହୀତ ହୋଇଥାଏ । ମନେହୁଏ ଗୀତା ଲେଖା ହେଲା ବେଳେ ବୌଦ୍ଧଧର୍ମର ବ୍ୟାପକତା ଯୋଗୁଁ ଭାରତର ଘରଆଡେ ଅଶ୍ୱତଥ୍ ବୃକ୍ଷ ହିଁ ସବୁଠାରୁ ସମ୍ମାନିତ ବୃକ୍ଷ ହୋଇଥିବ । ଏହି ଲେଖକର ବିଶ୍ୱାସ, ଗୀତା ବୌଦ୍ଧ ଜନପ୍ରିୟତାକୁ ଟାଣି ଆଣିବା ପାଇଁ ହିଁ ହୁଏତ ସେହି ଅଶ୍ୱତଥର ମହତ୍ତ୍ୱକୁ ଏଠାରେ ସ୍ୱୀକାର କରି ନେଇଛନ୍ତି ।

ହିନ୍ଦୁ ପୁରାଣର କଳ୍ପିତ ସ୍ୱର୍ଗର ଗାୟକ, ଗାୟିକା ଶ୍ରେଣୀର ନାମ ଗନ୍ଧର୍ବ । ଏମାନେ ସର୍ବଦା ଗାଆଣା-ବାଜଣା କରି ପରମ ଆନନ୍ଦରେ ଦୁଃଖ ଲେଶ-ଶୂନ୍ୟ ଭବରେ କାଳ କାଟୁଥିବାର କଳ୍ପନା କରାଯାଏ । ପ୍ରେମ ହିଁ ଏମାନଙ୍କ ବିବାହର ଏକମାତ୍ର ନିୟମ । ତେଣୁ ମନୁଷ୍ୟ ସମାଜରେ ମଧ୍ୟ ପୁରୋହିତ ବା

Digitized by srujanika@gmail.com

ସମାଜ-ସଂପର୍କ-ଶୂନ୍ୟ; କେବଳ ପ୍ରେମ-ମୂଳକ ବିବାହର ନାମ ଗାନ୍ଧର୍ବ ବିବାହ । ନୃତ୍ୟ ଓ ସଙ୍ଗୀତକୁ ମଧ୍ୟ 'ଗାନ୍ଧର୍ବ' ବିଦ୍ୟା କୁହାଯାଏ । ଏମାନଙ୍କର ରାଜା ବା ଗୋଷ୍ଠୀପତି ହେଉଛନ୍ତି, ଚିତ୍ରରଥ । ଏମାନଙ୍କର ଏକ କଳ୍ପିତ ନଗର ଅଛି ଯାହା ଆକାଶରେ ଅବସ୍ଥିତ । ତାହାକୁ କୁହାଯାଏ ଗନ୍ଧର୍ବ ନଗର, ଯାହାର ଅନ୍ୟ ତାତ୍ପର୍ଯ୍ୟ ଅବାସ୍ତବ କଳ୍ପନା ମାତ୍ର ।

ଗୀତା ସାଂଖ୍ୟ-ପ୍ରଭାବିତ । ସାଂଖ୍ୟର ପ୍ରବର୍ତ୍ତକ ହେଉଛନ୍ତି କପିଳ ମୁନି । ଗୀତା କପିଳଙ୍କୁ ସିଦ୍ଧ ଅର୍ଥାତ୍ ପରମାର୍ଥ ତତ୍ତ୍ୱଜ୍ଞମାନଙ୍କ ଭିତରେ ଶ୍ରେଷ୍ଠ ବୋଲି ମାନିଥିବା ଭିତରେ ସାଂଖ୍ୟ ଦର୍ଶନକୁ ସ୍ୱୀକାର କରିଛନ୍ତି କହିବାକୁ ହେବ । ମହାପ୍ରାଜ୍ଞ ସାଂଖ୍ୟ-ପ୍ରବର୍ତ୍ତକ କପିଳ ଯେ ବିଧାତାର ଏକ 'ବିଭୂତି' ଏହା ନିଃସନ୍ଦେହ । ବୁଦ୍ଧଙ୍କ ପୂର୍ବରୁ କପିଳ ହେଉଛନ୍ତି ଏକମାତ୍ର ମନୁଷ୍ୟ ଯାହାଙ୍କ-ଠାରେ, ମନୁଷ୍ୟର ବୁଦ୍ଧି ସ୍ୱାଧୀନତମ ପ୍ରକାଶ ଲାଭ କରି ପାରିଥିଲା ।

(୨୭)

ଉଚ୍ଚୈଃଶ୍ରବ ସମଶ୍ୱାନାଂ ବିଦ୍ଧି ମାମମୃତୋଦ୍‌ଭବମ୍
ଐରାବତଂ ଗଜେନ୍ଦ୍ରାଣାଂ ନରାଣାଂଚ ନରାଧିପଂ । ୨୭ ।

ଅଶ୍ୱାନାଂ ମାଂ ଅମୃତୋଦ୍‌ଭବମ୍ ଉଚ୍ଚୈଃଶ୍ରବ ସଂ ବିଦ୍ଧି (ଘୋଡ଼ା-ମାନଙ୍କ ଭିତରେ ମତେ ସମୁଦ୍ର-ମନ୍ଥନ ବେଳେ ଅମୃତରୁ ଜାତ ଉଚ୍ଚୈଃଶ୍ରବା ବୋଲି ଜାଣ) । ଗଜେନ୍ଦ୍ରାଣାଂ ଐରାବତଂ (ହାତୀମାନଙ୍କ ଭିତରେ ଐରାବତ) ନରାଣାଂ ଚ ନରାଧିପଂ (ମନୁଷ୍ୟମାନଙ୍କ ଭିତରେ ରାଜା ବୋଲି) [ଜାଣ] ।

ଅନୁବାଦ—

ମୁହିଁ ହିଁ ସମୁଦ୍ର-ମନ୍ଥନ-ଜାତ ଅମୃତରୁ ଉଦ୍ଭୂତ ଶ୍ରେଷ୍ଠ ଅଶ୍ୱ ଉଚ୍ଚୈଃଶ୍ରବା ଓ ଶ୍ରେଷ୍ଠ ଗଜ ଐରାବତ । ମନୁଷ୍ୟମାନଙ୍କ ମଧ୍ୟରେ ମୁଁ ହେଉଛି ରାଜା ।

(୨୮)

ଆୟୁଧାନାମହଂ ବଜ୍ରଂ ଧେନୂନାମସ୍ମି କାମଧୁକ୍
ପ୍ରଜନଶ୍ଚାସ୍ମି କନ୍ଦର୍ପଃ ସର୍ପାଣାମସ୍ମି ବାସୁକିଃ । ୨୮ ।

ଅହଂ ଆୟୁଧାନାଂ ବଜ୍ରଂ (ମୁଁ ଅସ୍ତ୍ରମାନଙ୍କ ଭିତରେ ବଜ୍ର) ଧେନୂନାଂ କାମଧୁକ୍ (ଗାଈମାନଙ୍କ ମଧ୍ୟରେ କାମଧେନୁ) [ମୁଁ] ପ୍ରଜନଃ କନ୍ଦର୍ପଃ ସର୍ପାଣାଂ ବାସୁକି ଚ ଅସ୍ମି (ପ୍ରଜନନକାରୀ କାମଦେବ ଏବଂ ସାପମାନଙ୍କ ଭିତରେ ବାସୁକି) ।

Digitized by srujanika@gmail.com

ଅନୁବାଦ—

ମୁଁ ଅସ୍ତ୍ରମାନଙ୍କ ଭିତରେ ବଜ୍ର, ଗାଭୀମାନଂକ ମଧ୍ୟରେ କାମଧେନୁ ଏବଂ ମୁଁ ହିଁ ପ୍ରଜନନର ଦେବତା କନ୍ଦର୍ପ ଓ ସର୍ପରାଜ ବାସୁକି ।

(୨୯)

ଅନନ୍ତଶ୍ଚାସ୍ମି ନାଗାନାଂ ବରୁଣୋ ଯାଦସା ମହମ୍
ପିତୃଣା ମର୍ଯ୍ୟ ମାଶ୍ଚାସ୍ମି ଯମଃ ସଂଯମତା ମହମ୍ । ୨୯ ।

ନାଗାନାଂ ଅନନ୍ତଃ ଅସ୍ମି ନାଗମାନଙ୍କ ଭିତରେ ମୁଁ ଅନନ୍ତ) ଯାଦସାଂ ଚ ଅହଂ ବରୁଣଃ (ଜଳଚର ଜୀବମାନଙ୍କ ମଧ୍ୟରେ ମୁଁ ସେମାନଙ୍କର ରାଜା ବରୁଣ) ପିତୃଣାଂ ଅହଂ ଅର୍ଯ୍ୟମା (ପିତୃଗଣଙ୍କ ଭିତରେ ମୁଁ ଅର୍ଯ୍ୟମା) ସଂଯମତା ଅହଂ ଯମଃ (ସଂଯମକାରୀମାନଙ୍କ ମଧ୍ୟରେ ମୁଁ ଯମ) ।

ଅନୁବାଦ—

ନାଗମାନଙ୍କ ମଧ୍ୟରେ ମୁଁ ଅନନ୍ତ, ଜଳଚର ଜୀବମାନଙ୍କ ମଧ୍ୟରେ ମୁଁ ସେମାନଙ୍କର ରାଜା ବରୁଣ, ପିତୃଗଣଙ୍କ ମଧ୍ୟରେ ମୁଁ ଅର୍ଯ୍ୟମା, ସଂଯମକାରୀ ମାନଙ୍କ ମଧ୍ୟରେ ମୁଁ ଯମ ।

ବିଶେଷ ଭାଷ୍ୟ—

ଏହି କେତୋଟି ଶ୍ଳୋକରେ ବର୍ଣ୍ଣିତ ଅଧିକାଂଶ ବସ୍ତୁ ଯଥା ଉଚ୍ଚୈଃଶ୍ରବା, ଐରାବତ, କାମଧେନୁ, କନ୍ଦର୍ପ, ବାସୁକି ଅନନ୍ତନାଗ, ବରୁଣ, ଅର୍ଯ୍ୟମା ଓ ଯମ—ଏସବୁ କେବଳ କାଳ୍ପନିକ । କେହି ଉଚ୍ଚୈଃଶ୍ରବା, ବା ଐରାବତ ବା କାମଧେନୁ ଦେଖି ନାହାନ୍ତି । ତେଣୁ ସେସବୁ ଭିତରେ ଭଗବାନଙ୍କ ବିଭୂତି କି ପ୍ରକାରେ ପ୍ରକଟିତ ହୋଇଛି ତାହା ଜାଣିବାର ମଧ୍ୟ ଉପାୟ ନାହିଁ । ତେବେ ବ୍ୟଞ୍ଜନାର୍ଥରେ "ମୁଁ ମନୁଷ୍ୟମାନଙ୍କୁ ସଂଯତ କରିବା ଲୋକଙ୍କ ଭିତରେ ଶ୍ରେଷ୍ଠ ଯମ" ଏହି ବାକ୍ୟର ତାତ୍ପର୍ଯ୍ୟ ଅତ୍ୟନ୍ତ ଯଥାର୍ଥ । ମୃତ୍ୟୁହିଁ ସେହି ଭୀଷଣ ଜନ୍ତୁ ଯେ ମନୁଷ୍ୟକୁ ଶାସିତ କରି ରଖିଛି । ମୃତ୍ୟୁ ଦଣ୍ଡ ସେଥିପାଇଁ ସବୁଠାରୁ ବଡ ଦଣ୍ଡ ।

(୩୦)

ପ୍ରହ୍ଲାଦଶ୍ଚାସ୍ମି ଦୈତ୍ୟାନାଂ କାଳଃ କଳୟତାମହଂ
ମୃଗାଣାଂଚ ମୃଗେନ୍ଦ୍ରୋଽହଂ ବୈନତେୟଶ୍ଚ ପକ୍ଷିଣାଂ । ୩୦ ।

ଦୈତ୍ୟାନାଂ ଅହଂ ପ୍ରହ୍ଲାଦଃ (ଦୈତ୍ୟ ଗୋଷ୍ଠୀରେ ମୁଁ ପ୍ରହ୍ଲାଦ); କଳୟତାଂ ଅହଂକାଳଃ (କଳନାକାରୀଙ୍କ ମଧ୍ୟରେ ମୁଁ କାଳ), ମୃଗାଣାଂ ଅହଂ ମୃଗେନ୍ଦ୍ରଃ (ମୃଗମାନଙ୍କ ମଧ୍ୟରେ ମୁଁ ସିଂହ) ପକ୍ଷିଣାଂ ଚ ବୈନତେୟଃ ପକ୍ଷୀମାନଙ୍କ ମଧ୍ୟରେ ଗରୁଡ) ।

Digitized by srujanika@gmail.com

ଅନୁବାଦ—

ମୁଁ ଅସୁରମାନଙ୍କ ମଧ୍ୟରେ ପ୍ରହ୍ଲାଦ; କଳନାକାରୀମାନଙ୍କ ମଧ୍ୟରେ ମୁଁ କାଳ । ପଶୁମାନଂକ ମଧ୍ୟରେ ମୁଁ ସିଂହ । ପକ୍ଷୀମାନଙ୍କ ମଧ୍ୟରେ ମୁଁ ଗରୁଡ ।

ବିଶେଷ ଭାଷ୍ୟ

ପୂର୍ବ ଶ୍ଳୋକରେ 'ଯମଃ ସଂଯମତାମହଂ' ପରେ ଏ ଶ୍ଳୋକରେ କାଳଃ କଳୟତାମହଂ ମଧ୍ୟ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ । କାଳ ବା ଟାଇମ୍ (Time)ହିଁ ପ୍ରକୃତରେ ଶ୍ରେଷ୍ଠ କଳନାକାରୀ । ଆଜି ଯେ ଆଡମ୍ବରପୂର୍ଣ୍ଣ ଜୀବନ ଯାପନ କରୁଛି କାଲି ସେ ସଂପୂର୍ଣ୍ଣ ବିସ୍ମୃତ । ଆଜି ଯେ ନିନ୍ଦିତ ଓ ଅବହେଳିତ, ସେ କାଲି ଅନନ୍ତ କୀର୍ତ୍ତିର ଅଧିକାରୀ ହେଉଛି । ଇତିହାସର ଶ୍ରେଷ୍ଠ ବିଚାରକର୍ତ୍ତା ତେଣୁ କାଳ ବା ଟାଇମ୍ (Time) ।

ପୁରାଣ ଅନୁସାରେ ଗରୁଡ ପୁରାପୂରି ପକ୍ଷୀ ନୁହେଁ ବା ପୃଥିବୀରେ ଏପରି କୌଣସି ପକ୍ଷୀ ଥିବାର ଜଣା ନାହିଁ ।

(୩୧)

ପବନଃ ପବତାମସ୍ମି ରାମଃ ଶସ୍ତ୍ରଭୃତା ମହଂ
ଝଷାଣାଂ ମକର ଶ୍ଚାସ୍ମି ସ୍ରୋତସାମସ୍ମି ଜାହ୍ନବୀ । ୩୧ ।

[ମୁଁ] ପବତାଂ ପବନ ଅସ୍ମି (ବେଗଗାମୀମାନଙ୍କ ମଧ୍ୟରେ ପବନ) ଶସ୍ତ୍ରଭୃତାଂ ରାମଃ (ଶସ୍ତ୍ରଧାରୀମାନଙ୍କ ଭିତରେ ରାମ) ଝଷାଣାଂ ଚ ମକରଃ ଅସ୍ମି (ମତ୍ସ୍ୟମାନଙ୍କ ଭିତରେ ମୁଁ ମଗର) ସ୍ରୋତସାଂ ଜାହ୍ନବୀ ଅସ୍ମି (ନଦୀ-ମାନଙ୍କ ମଧ୍ୟରେ ଜାହ୍ନବୀ ବା ଗଙ୍ଗା) ।

ଅନୁବାଦ—

ବେଗଗାମୀମାନଙ୍କ ମଧ୍ୟରେ ମୁଁ ପବନ । ଶସ୍ତ୍ରଧାରୀମାନଙ୍କ ମଧ୍ୟରେ ମୁଁ ଶ୍ରୀରାମ । ମାଛମାନଙ୍କ ମଧ୍ୟରେ ମୁଁ ମଗର । ନଦୀମାନଙ୍କ ମଧ୍ୟରେ ମୁଁ ଗଙ୍ଗା ।

(୩୨)

ସର୍ଗାଣା ମାଦିରନ୍ତଶ୍ଚ ମଧ୍ୟଂ ଚୈବାହମର୍ଜ୍ଜୁନ
ଅଧ୍ୟାତ୍ମ ବିଦ୍ୟା ବିଦ୍ୟାନାଂ ବାଦଃ ପ୍ରବଦତାମହଂ । ୩୨ ।

Digitized by srujanika@gmail.com

ହେ ଅର୍ଜୁନ, ସର୍ଗାଣାଂ (ସୃଷ୍ଟି ପଦାର୍ଥମାନଙ୍କର) ଅହଂ ଆଦିଃ ଅନ୍ତଃ ଚ ମଧ୍ୟଂ ଚ (ମୁଁ ଉତ୍ପତ୍ତି, ମଧ୍ୟ ଓ ବିନାଶ) ବିଦ୍ୟାନାଂ ଅଧ୍ୟାତ୍ମ ବିଦ୍ୟା (ଜ୍ଞାନମାନଙ୍କ ମଧ୍ୟରେ ମୁଁ ଅଧ୍ୟାତ୍ମ ଜ୍ଞାନ) ପ୍ରବଦତାଂ ଅହଂ ବାଦଃ (ତାର୍କିକମାନଙ୍କ ମଧ୍ୟରେ ମୁଁ ବାଦ) ।

ଅନୁବାଦ—

ହେ ଅର୍ଜୁନ, ସକଳ ସୃଷ୍ଟ ବସ୍ତୁର ମୁଁ ହେଉଛି ଆଦି, ମଧ୍ୟ ଓ ଅନ୍ତ । ଜ୍ଞାନମାନଙ୍କ ମଧ୍ୟରେ ମୁଁ ଅଧ୍ୟାତ୍ମ ଜ୍ଞାନ ଏବଂ ତାର୍କିକମାନଙ୍କର ମଧ୍ୟରେ ମୁଁ ବାଦକାରିଣୀ ଶକ୍ତି ।

ବିଶେଷ ଭାଷ୍ୟ

ଯୁକ୍ତିତର୍କ ତିନି ପ୍ରକାର । ଯେଉଁଠାରେ ସତ୍ୟକୁ ଅପେକ୍ଷା ନ କରି କେବଳ ଅପର ପକ୍ଷକୁ ହରେଇବା ଉଦ୍ଦେଶ୍ୟରେ ତର୍କ କରଯାଏ, ତାହାକୁ କୁହାଯାଏ 'ଜଳ୍ପ' । ଯେଉଁଠାରେ ନିଜ ମତ ପ୍ରତିଷ୍ଠିତ ନ ହେଉ ପଛେ ଅନ୍ୟ ମତ ଖଣ୍ଡନ କରିବାର ଚେଷ୍ଟା, ତାକୁ କୁହାଯାଏ 'ବିତଣ୍ଡା' । ଯେଉଁଠି ଦ୍ୱେଷ ବା ଜୟ କରିବାର ଇଚ୍ଛା ନ ଥାଇ ପ୍ରକୃତ ସତ୍ୟ ନିର୍ଦ୍ଧାରଣ ଲକ୍ଷ୍ୟରେ ଉଭୟ ପକ୍ଷ ତର୍କ ଉପସ୍ଥାପିତ କରିଥାନ୍ତି ତାହାକୁହିଁ କୁହାଯାଏ 'ବାଦ' ।

ଗୁରୁ-ଶିଷ୍ୟ ଓ ପଣ୍ଡିତ ଲୋକଙ୍କ ମଧ୍ୟରେ 'ବାଦ' ହିଁ ହୋଇଥାଏ । ସତ୍ୟାନୁସନ୍ଧାନର ସେହି ପ୍ରକାର 'ବାଦ'ରେହିଁ ଭଗବାନ ପ୍ରକଟିତ ହୋଇଥାନ୍ତି ବୋଲି ତାତ୍ପର୍ଯ୍ୟ ।

(୩୩)

ଅକ୍ଷରଣା ମକାରୋଽସ୍ମି ଦ୍ୱନ୍ଦ୍ୱଃ ସାମାସିକସ୍ୟ ଚ
ଅହମେବାକ୍ଷୟଃ କାଲୋ ଧାତାଽହଂ ବିଶ୍ୱତୋମୁଖଃ । ୩୩ ।

[ମୁଁ] ଅକ୍ଷରଣାଂ ଅକାରଃ ଅସ୍ମି (ଅକ୍ଷରମାନଂକ ମଧ୍ୟରେ ଅକାର) ସାମାସିକସ୍ୟ ଚ ଦ୍ୱନ୍ଦ୍ୱଃ (ଏବଂ ସମାସମାନଙ୍କ ଭିତରେ ଦ୍ୱନ୍ଦ୍ୱ ସମାସ) । ଅହଂ ଏବ ଅକ୍ଷୟଃ କାଳଃ (ମୁହିଁ ହିଁ ଅକ୍ଷୟ କାଳ) । ଅହଂ ବିଶ୍ୱତୋ ମୁଖଃ ଧାତା (ମୁଁ ମଧ୍ୟ ସର୍ବବ୍ୟାପ୍ତ ବିଧାତା) ।

ଅନୁବାଦ—

ଅକ୍ଷରମାନଂକ ଭିତରେ ମୁଁ 'ଅ' । ସମାସମାନଂକ ଭିତରେ ମୁଁ ଦ୍ୱନ୍ଦ୍ୱ ସମାସ । ମୁହିଁ ହିଁ କ୍ଷୟହୀନ କାଳ ଏବଂ ମୁଁ ମଧ୍ୟ ବିଶ୍ୱବ୍ୟାପ୍ତ ବିଧାତା ।

Digitized by srujanika@gmail.com

(୩୪)

ମୃତ୍ୟୁଃ ସର୍ବହରଶ୍ଚା ହମୁଦ୍ଭବଶ୍ଚ ଭବିଷ୍ୟତାମ
କୀର୍ତ୍ତିଃ ଶ୍ରୀର୍ବାକ୍‌ଚ ନାରୀଣାଂ ସ୍ମୃତିର୍ମେଧା ଧୃତଃକ୍ଷମା । ୩୪ ।

ଅହଂ (ମୁଁ) ସର୍ବହରଃ କାଳଃ (ସର୍ବ ସଂହାରକାରୀ କାଳ), ଭବିଷ୍ୟତାଂ ଉଦ୍ଭବଃ ଚ (ଭବଷ୍ୟତରେ-ଜାତ ହେବା-ଜୀବ-ମନୁଷ୍ୟମାନଂକର ମଧ୍ୟ ମୁଁ ଉତ୍‌ପତ୍ତି ସ୍ଥଳ), ନାରୀଣାଂ କୀର୍ତ୍ତିଃ ଶ୍ରୀଃ ବାକ୍‌, ସ୍ମୃତିଃ, ମେଧା ଧୃତିଃ, କ୍ଷମା (ଏବଂ ନାରୀମାନଂକ ମଧ୍ୟରେ ମୁଁ କୀର୍ତ୍ତି, ଲକ୍ଷ୍ମୀ, ସରସ୍ୱତୀ, ସ୍ମୃତି, ମେଧା, ଧୃତି ଓ କ୍ଷମା)

ଅନୁବାଦ—

ମୁ ହିଁ ଏକ ପକ୍ଷରେ ସର୍ବ ସଂହାରକାରୀ ମୃତ୍ୟୁ ଏବଂ ଅନ୍ୟ ପକ୍ଷରେ, ଭବଷ୍ୟତରେ ଯେତେ ଯିଏ ଜାତ ହେବେ ସେମାନଂକର ମଧ୍ୟ ଉତ୍‌ପତ୍ତି ସ୍ଥଳ । ମୁଁ ମଧ୍ୟ ନାରୀମାନଂକଠାରେ ଦେଖାଦେଉଥିବା ବଶିଷ୍ଟ ଗୁଣ ସବୁ—କୀର୍ତ୍ତି, ଲକ୍ଷ୍ମୀ, ସରସ୍ୱତୀ, ସ୍ମୃତି, ମେଧା, ଧୈର୍ଯ୍ୟ ଓ କ୍ଷମା ଯିଏ, ସପ୍ତଦେବୀ ରୂପେ ବିଦ୍ୟମାନ ।

ବଶେଷ ଭାଷ୍ୟ—

ଏହି ଶ୍ଳୋକର ଦ୍ୱିତୀୟ ପାଦର ଅର୍ଥ ହେବାର କଥା "ସ୍ତ୍ରୀମାନଂକର କୀର୍ତ୍ତି, ଶ୍ରୀ, ବଚନ, ସ୍ମୃତ, ମେଧା, ଧୃତି, କ୍ଷମା" ; କିନ୍ତୁ ସ୍ତ୍ରୀମାନଂକର ଯେ ଏ ସବୁ ବଶିଷ୍ଟ ଗୁଣ ନୁହେଁ ଏହା ଆମେ ସମସ୍ତେ ଜାଣୁ । ନାରୀ-ରସନାର ଭୟାବହତା ପୃଥିବୀର ସର୍ବତ୍ର ପରିଜ୍ଞାତ । କୀର୍ତ୍ତି ମଧ୍ୟ ପୁରୁଷର ଗୁଣ । ସ୍ତ୍ରୀର ନୁହେଁ । ସେହିପରି ମେଧା ଓ କ୍ଷମା ଇତ୍ୟାଦି । ତେଣୁ "ନାରୀମାନଂକଠାରେ ଦେଖାଦେଇଥିବା"—ଅର୍ଥ ହୁଏତ ଏଠାରେ ସମୁଚିତ ଭାବରେ ପ୍ରଯୁଜ୍ୟ ନୁହେଁ । ଏଠାରେ ନାରୀଣାଂ ଶବ୍ଦର ଅର୍ଥ ସଂସ୍କୃତ ଟୀକାକାରମାନେ "ନାରୀଣାଂ ମଧ୍ୟେ କୀର୍ତ୍ତ୍ୟାଦ୍ୟାଃ ସପ୍ତଦେବତା-ରୂପାଃ ସ୍ତ୍ରୀୟୋଽହମ୍" (ନାରୀମାନଙ୍କ ମଧ୍ୟରେ ଅର୍ଥାତ୍ ନାରୀ ସମାଜରେ କୀର୍ତ୍ତି ଆଦି ସାତଟି ଦେବୀ ହେଉଛ ମୁଁ) ବୋଲି କହିଛନ୍ତି ଏବଂ ତାହାହିଁ ଏଠାରେ ଏକାନ୍ତ ସଙ୍ଗତ ଅର୍ଥ । ଆମର ପ୍ରାଚୀନମାନେ ମନୁଷ୍ୟର ବା ସମାଜର ଉତ୍ତମ ଗୁଣଗୁଡ଼ିକ ସ୍ତ୍ରୀ ରୂପରେ କଳ୍ପନା କରୁଥିଲେ । ଜ୍ଞାନର ଦେବୀ ସରସ୍ୱତୀ ଓ ଧନର ଦେବୀ ଲକ୍ଷ୍ମୀ ଆମ ସମସ୍ତଙ୍କ ନିକଟରେ ସୁପରିଚିତ । ଏଠାରେ ସେ ଦୁହେଁ ଶ୍ରୀ (ଲକ୍ଷ୍ମୀ) ଓ ବାକ୍ (ସରସ୍ୱତୀ) ଭାବରେ ବର୍ଣ୍ଣିତ । ପୁଣି କୀର୍ତ୍ତି, ସ୍ମୃତି, ମେଧା, ଧୃତି ପ୍ରଭୃତି ଦକ୍ଷ-କନ୍ୟା ଏବଂ ସେମାନେ ସମସ୍ତେ ଧର୍ମଙ୍କୁ ବିବାହ କରିଥିଲେ—ଅର୍ଥାତ୍ ଯେଉଁଠି ଧର୍ମ ସେଇଠି

Digitized by srujanika@gmail.com

ଏସବୁ ଅବସ୍ଥାନ କରନ୍ତୁ, ବୁଝିବାକୁ ହେବ । ଏବଂ ଯେଉଁଠି ଏସବୁ ଦେଖାଯାନ୍ତି, ସେଠାରେ ବିଧାତାର ଆଶୀର୍ବାଦ (ଅଦ୍ଭୁତ ବୃଷ୍ଟି ହୋଇଛି ବୋଲି ଆମେ ବରାବର ଭାବିଥାଉଁ ।

ଏହି ଶ୍ଳୋକର ପ୍ରଥମ ପାଦରେ ଭଗବାନ ସର୍ବହର କାଳ, ଅଥଚ ଦ୍ୱିତୀୟ ପାଦରେ ସେ ହେଉଛନ୍ତି ସେହି ସମସ୍ତ ଗୁଣ ଯାହା ମନୁଷ୍ୟ ଜୀବନ ଓ ଏହି ପୃଥିବୀକୁ ଧନ୍ୟ କରେ । ଅନ୍ୟ କଥାରେ ସେହିଁ ସବୁ ।

(୩୫)

ବୃହତ୍ ସାମ ତଥା ସାମ୍ନାଂ ଗାୟତ୍ରୀ ଛନ୍ଦସାମହଂ
ମାସାନାଂ ମାର୍ଗଶୀର୍ଷୋଽହ ମୃତୁନାଂ କୁସୁମାକରଃ ।୩୫।

ଅହଂ (ମୁଁ) ସାମ୍ନାଂ ବୃହତ୍ ସାମ (ସାମବେଦୋକ୍ତ ମନ୍ତ୍ରମାନଙ୍କରେ ବୃହତ୍ ସାମ), ଛନ୍ଦସାଂ ଗାୟତ୍ରୀ (ବୈଦିକ ଛନ୍ଦମାନଙ୍କ ଭିତରେ ଗାୟତ୍ରୀ ଛନ୍ଦ) ମାସାନାଂ ମାର୍ଗଶୀର୍ଷଃ (ମାସମାନଙ୍କ ଭିତରେ ମାର୍ଗଶିର) ଋତୁନାଂ କୁସୁମାକରଃ (ଋତୁମାନଙ୍କ ଭିତରେ ବସନ୍ତ ଋତୁ) ।

ଅନୁବାଦ—

ମୁଁ ସାମବେଦୀୟ ମନ୍ତ୍ରମାନଙ୍କରେ ବୃହତ୍ ସାମ, ବୈଦିକ ଛନ୍ଦମାନଙ୍କ ଭିତରେ ଗାୟତ୍ରୀ ଛନ୍ଦ, ମାସମାନଙ୍କ ଭିତରେ ମାର୍ଗଶିର ଏବଂ ଋତୁମାନଙ୍କ ଭିତରେ ବସନ୍ତ ଋତୁ ।

ବିଶେଷ ଭାଷ୍ୟ—

ଏହି ଅଧ୍ୟାୟରେ ପୂର୍ବେ (୨୨) "ବେଦାନାଂ ସାମବେଦୋଽସ୍ମି" (ମୁଁ ବେଦମାନଙ୍କ ଭିତରେ ସାମବେଦ) କୁହାଯାଇଛି । ସାମବେଦରେ ବୃହତ୍ ସାମହିଁ ଶ୍ରେଷ୍ଠ ଅଂଶ ।

ଆର୍ଯ୍ୟ-ଧର୍ମୀୟ ସଂସ୍କୃତିରେ 'ଗାୟତ୍ରୀ' ହେଉଛି ଅତି ବିଖ୍ୟାତ ମନ୍ତ୍ର । ବ୍ରାହ୍ମଣ ମାତ୍ରେ ପ୍ରତ୍ୟହ ଏହି ମନ୍ତ୍ର ଜପ କରିବାର କଥା । ମନ୍ତ୍ରଟି ହେଲା ଏହି—

ତତ୍ ସବିତୁର୍ବରେଣ୍ୟଂ
ଭର୍ଗୋ ଦେବସ୍ୟ ଧୀମହି
ଧିୟୋ ଯୋ ନଃ ପ୍ରଚୋଦୟାତ୍

(ଋଗ୍‌ବେଦ ୩।୬୨।୧୦)

Digitized by srujanika@gmail.com

ଏହାର ସରଳାର୍ଥ ହେଲା "ଆମେ ସେହି ସବିତାଙ୍କର ବରଣୀୟ ଆଲୋକକୁ ଧ୍ୟାନ କରିବା ଯେପରିକି ସେହିହିଁ ଆମର ବୁଦ୍ଧି ବୃତ୍ତିକୁ ପ୍ରେରିତ ଓ ଗ୍ଭଳିତ କରିବେ ।" ଗାୟତ୍ରୀ ନାମକ ବୈଦିକ ଛନ୍ଦରେ ଏ ମନ୍ତ୍ରଟି ରଚିତ ହୋଇଥିବାରୁ ଏ ମନ୍ତ୍ର ସେପରି ନାମ ଖ୍ୟାତି ଲଭ କରିଛି । ଅଥଚ ଏହି ଗାୟତ୍ରୀ ଛନ୍ଦରେ କେବଳ ଏହି ମନ୍ତ୍ରଟି ନୁହେଁ, ଋକ୍ ବେଦର ଏକ-ଚତୁର୍ଥାଂଶହିଁ ରଚିତ । ବିଶେଷ କରି ଅଗ୍ନି-ମନ୍ତ୍ରଗୁଡ଼ିକ ପ୍ରାୟ ଏହି ଗାୟତ୍ରୀ ଛନ୍ଦରେ ରଚିତ ।

ଏବେ ବୈଶାଖ ମାସରୁ ଆମର ବର୍ଷାରମ୍ଭ ହେଉଛି ; କିନ୍ତୁ ପୂର୍ବେ ମାର୍ଗଶୀର ମାସରୁ ହେଉଥିଲା । ସେଥିପାଇଁ ଏହି ମାସର ଅନ୍ୟ ନାମ ଅଗ୍ରହାୟଣ (ଅଗ୍ର = ଆଗ, ହାୟନ = ବର୍ଷ) । ଓଡ଼ିଆରେ 'ବାରମାସୀ କୋଇଲି' ମଧ୍ୟ ବର୍ଷର (ବାର ମାସର ବର୍ଣ୍ଣନା ମଗୁଶିର ମାସରୁ କହିଛି—"ଆଦ୍ୟ ମଗୁଶିର ବାଣୀ····" ଇତ୍ୟାଦି । ଏହି ମାସରେ ସାଧାରଣତଃ ହୈମନ୍ତିକ ଶସ୍ୟ ପ୍ରଜାର ଘରେ ଆସି ପଶେ । ଓଡ଼ିଶାର ଘରେ ଘରେ ସେଥିପାଇଁ ଲକ୍ଷ୍ମୀ ପୂଜାର ପ୍ରତୀକ ରୂପେ 'ମାଣବସା ଗୁରୁବାର' ପାଳିତ ହୁଏ; ଲୋକେ ମୋଟ ଉପରେ ଖୁସି-ବାସିରେ ଥାନ୍ତି । ସେଇଥିପାଇଁ ବୋଧହୁଏ ମାର୍ଗଶୀର ମାସକୁ ବିଧାତାର ବିଭୂତି ରୂପେ ବର୍ଣ୍ଣନା କରାଯାଇଛି ।

(୩୬)

ଦ୍ୟୂତଂ ଛଳୟତାମସ୍ମି ତେଜ ସ୍ତେଜ ସ୍ୱିନାମହମ୍
ଜୟୋଽସ୍ମି ବ୍ୟବସାୟୋଽସ୍ମି ସତ୍ତ୍ୱଂ ସତ୍ତ୍ୱବତାମହଂ ।୩୬।

ଅହଂ ଛଳୟତାଂ ଦ୍ୟୂତଂ (ମୁଁ ଠକମାନଙ୍କର ଦ୍ୟୂତକ୍ରୀଡ଼ା, ଜୁଆ ଖେଳ) ତେଜସ୍ୱିନାଂ ତେଜଃ ଅସ୍ମି (ତେଜସ୍ୱୀ ବା ପ୍ରତାପଶାଳୀ ଲୋକମାନଙ୍କର ମୁହିଁ ହିଁ ତେଜ ବା ପ୍ରଭାବ) । ଅହଂ ଜୟଃ ଅସ୍ମି (ମୁଁ ସବୁପ୍ରକାର ଜୟ) ଅହଂ ବ୍ୟବସାୟଃ (ମୁଁ ସବୁ ପ୍ରକାର ଅଧ୍ୟବସାୟ), ଅହଂ ସତ୍ତ୍ୱବତାଂ ସତ୍ତ୍ୱଂ (ସାତ୍ତ୍ୱିକ ବ୍ୟକ୍ତିମାନଙ୍କର ସତ୍ତ୍ୱଗୁଣ ମଧ୍ୟ ମୁଁ) ।

ଅନୁବାଦ—

ମୁଁ ଏକାଧାରରେ ତେଜସ୍ୱୀ ପୁରୁଷର ତେଜ ଓ ଠକମାନଙ୍କର ଜୁଆ ଖେଳ । ମୁହିଁ ହିଁ ସବୁ ପ୍ରକାର ଜୟ, ସବୁ ପ୍ରକାର ଅଧ୍ୟବସାୟ ଏବଂ ସାତ୍ତ୍ୱିକ ଲୋକମାନଙ୍କର ସତ୍ତ୍ୱ-ଗୁଣ ।

Digitized by srujanika@gmail.com

ବିଶେଷ ଭାଷ୍ୟ—

ବିବାଦ ବା ପ୍ରତିଯୋଗିତାରେ ଜୟ, ଯେ କୌଣସି କର୍ମରେ ଅଧ୍ୟବସାୟ, ଯାହା କି ଧନ ଓ ଯଶ ଆଣି ଦେଇଥାଏ—ଏହି ସବୁ ହେଲା ମନୁଷ୍ୟର କାମ୍ୟ ଗୁଣାବଳି ବା ଅବସ୍ଥା ତେଣୁ ସେ ସବୁର ପ୍ରକାଶ ଭଗବାନଙ୍କ ବିଭୂତି । କିନ୍ତୁ ଜୁଆଡୀର ଛଳନା ମଧ୍ୟ କପରି ଭଗବାନଙ୍କର ବିଭୂତି ହେବ ?

ଋଗ୍‌ବେଦରେ ଜୁଆ ଖେଳରେ ସର୍ବସ୍ୱ ହରାଇଥିବା ଏକ ଦୁର୍ଗତ ବ୍ୟକ୍ତିର କରୁଣ ବିଳାପ ଏପର୍ଯ୍ୟନ୍ତ ଆମେ ଶୁଣି ପାରୁଛୁ । ଜୁଆ ଖେଳରୁ ହିଁ ପାଣ୍ଡବମାନଙ୍କର ଜୀବନବ୍ୟାପୀ ଦୁର୍ଦ୍ଦଶା ଆରମ୍ଭ ହୋଇଥିଲା ; କିନ୍ତୁ ଜୁଆ ଖେଳ ଅତି ପ୍ରାଚୀନ କାଳରୁ ମାନବ ସମାଜରେ ସୁପ୍ରତିଷ୍ଠିତ ଏକ ଘଟଣା । ମିଶର, ଭାରତବର୍ଷ, ଚୀନ ଇତ୍ୟାଦି ସକଳ ପ୍ରାଚୀନ ସଭ୍ୟତାରେ ଦ୍ୟୂତ କ୍ରୀଡା ଏକ ସର୍ବସମ୍ମତ ବିନୋଦନ ଥିଲା । ତେଣୁ ହିଁ ଜୁଆ ଖେଳ ଉପରେ ଯେଉଁ ଅକଳ୍ପିତ ଭାଗ୍ୟ-ବିପର୍ଯ୍ୟୟ ପାଣ୍ଡବମାନଙ୍କ ପକ୍ଷରେ ଘଟିଗଲା ତାହା ସେମାନେ ଓ ସମସ୍ତେ ଅପ୍ରତିବାଦରେ ମାନିନେବାକୁ ବାଧ୍ୟ ହୋଇଥିଲେ । ଜୁଆ ସର୍ବଜନାନୁମୋଦିତ ଏକ ସାମାଜିକ ବିନୋଦନ ହୋଇନଥିଲେ ପାଣ୍ଡବମାନେ ବିନା ପ୍ରତିବାଦରେ ନିଜ ସ୍ତ୍ରୀକୁ ମଧ୍ୟ ଅନ୍ୟର ଦାସୀ ହେବାକୁ ଦେଇନଥାନ୍ତେ ।

କିନ୍ତୁ ଜୁଆ ଖେଳ କୌଣସି ପ୍ରକାର ପୌରୁଷ ବା ପ୍ରତିଭା ଉପରେ ନିର୍ଭର କରେ ନାହିଁ । ଏଥିରେ ବିଜୟ ଆକସ୍ମିକତା । ଏହା ଶଠତା ଉପରେ ହିଁ ନିର୍ଭର କରେ । ସେ ପ୍ରକାର ଛଳନା ମଧ୍ୟ ବୀର୍ଯ୍ୟ ବା ପ୍ରତିଭା ପରି ସାଧାରଣ ଶକ୍ତି ନୁହେଁ । ଯାହା କିଛି ଅସାଧାରଣ ତାହାହିଁ ବିଧାତାର 'ବିଭୂତି' ।

(୩୭)

ବୃଷ୍ଣୀନାଂ ବାସୁଦେବୋଽସି ପାଣ୍ଡବାନାଂ ଧନଂଜୟଃ
ମୁନୀନାମପ୍ୟହଂ ବ୍ୟାସଃ କବୀନାମୁଶନାଃ କବିଃ ।୩୭।

ଅହଂ ବୃଷ୍ଣୀନାଂ ବାସୁଦେବଃ (ମୁଁ ଯାଦବ ଗୋଷ୍ଠୀର ବୃଷ୍ଣୀ ଶାଖାର ଶ୍ରେଷ୍ଠ ଜନ, ବାସୁଦେବ) ପାଣ୍ଡବାନାଂ ଧନଂଜୟଃ (ପାଣ୍ଡବମାନଙ୍କ ଭିତରେ ମୁଁ ଅର୍ଜୁନ) ମୁନୀନାଂ ବ୍ୟାସଃ (ମୁନିମାନଙ୍କ ମଧ୍ୟରେ ବ୍ୟାସ) କବୀନାଂ ଉଶନାଃ କବିଃ (କବିମାନଙ୍କ ମଧ୍ୟରେ ମୁଁ କବି ଶୁକ୍ରାଚାର୍ଯ୍ୟ) ।

ଅନୁବାଦ—

ମୁଁ ଯଦୁମାନଙ୍କର ବୃଷ୍ଣୀ ଶାଖାର ଶ୍ରେଷ୍ଠ ବ୍ୟକ୍ତି ବାସୁଦେବ । ପାଣ୍ଡବମାନଙ୍କ ମଧ୍ୟରେ ମୁଁ ଧନଂଜୟ ଅର୍ଜୁନ, ମୁନିମାନଙ୍କ ମଧ୍ୟରେ ବ୍ୟାସଦେବ ଏବଂ କବିମାନଙ୍କ ମଧ୍ୟରେ ମୁଁ ଶ୍ରେଷ୍ଠ କବି ଶୁକ୍ରାଚାର୍ଯ୍ୟ ।

Digitized by srujanika@gmail.com

ବିଶେଷ ଭାଷ୍ୟ—

ପାଠକେ ଯେପରି ମନେ ରଖନ୍ତୁ ଯେ, ଏହି ଗୀତା ସହିତ ସମଗ୍ର ମହାଭାରତକୁ ଯେ ଲେଖିଥିବାର କୁହାଯାଏ ସେ ହେଉଛନ୍ତି ବ୍ୟାସ ବା ବ୍ୟାସଦେବ । ତେଣୁ ସେ ନିଜ ରଚିତ ଏହି ଗ୍ରନ୍ଥରେ ନିଜକୁ 'ମୁନୀନାଂ ଅପି ଅହଂ ବ୍ୟାସଃ' ବର୍ଣ୍ଣନା କରିବା ଅସ୍ୱାଭାବିକ ମନେ ହେଉଛି । ପୁଣି ବ୍ୟାସ ଏକ ବିଶେଷଣ ପଦ; ପ୍ରସିଦ୍ଧି ଯୋଗୁଁ ସେହି ବିଶେଷଣହିଁ ଜଣକର ନାମ ହୋଇ-ଯାଇଛି, ଯେପରି 'ମହାତ୍ମା' କହିଲେ ଏବେ ଗାନ୍ଧିଜୀଙ୍କୁହିଁ ବୁଝାଉଛି । ବ୍ୟାସଦେବ, ବର୍ଣ୍ଣରେ କୃଷ୍ଣ ଥିବାରୁ ତାଙ୍କୁ କୃଷ୍ଣ ଦ୍ୱୈପାୟନ ବୋଲି ମଧ୍ୟ କୁହାଯାଏ । ଏକ ଦ୍ୱୀପରେ ଜନ୍ମ ହୋଇଥିବାରୁ ତାଙ୍କର ନାମ ଥିଲା ଦ୍ୱୈପାୟନ । ତାଙ୍କର ଧୀବରୀ ମାତା ସତ୍ୟବତୀ ଅତ୍ୟନ୍ତ ସୁନ୍ଦରୀ ଥିଲେ । ତାଙ୍କର କୁମାରୀ ବୟସରେ ମୁନି ପରାଶର ମଧ୍ୟ ତାଙ୍କର ରୂପମୁଗ୍ଧ ହୋଇ ପଡ଼ିଥିଲେ । ସେହି ମିଳନର ଫଳ ହେଲେ ଦ୍ୱୈପାୟନ; କିନ୍ତୁ ତାଙ୍କର ହେତୁ ହେଲା ମାତ୍ରେ ସେ ସଂସାରରେ ଜଡ଼ିତ ନ ହୋଇ ତପସ୍ୟା କରିବାକୁ ହିମାଳୟକୁ ଚାଲିଗଲେ ଏବଂ ସାଧନା ଫଳରେ, ଭାରତୀୟ ସଂସ୍କୃତିର ଭିତ୍ତି ସ୍ଥାପକ ହେଲେ ବୋଲି କହିବାକୁ ହେବ । ବୈଦିକ ସଂସ୍କୃତି କ୍ରମେ ବିକୃତ ଓ ଲୁପ୍ତ ହୋଇ ଆସୁଥିଲା । ତାର ପ୍ରତିକ୍ରିୟା ସ୍ୱରୂପ ବୌଦ୍ଧ ଜୈନ ପ୍ରଭୃତି ବିଦ୍ରୋହୀ ଧର୍ମ ସବୁ ମୁଣ୍ଡ ଟେକିଲେ । ଦେଶରେ ଧର୍ମୀୟ ଅରାଜକତା ଦେଖାଦେଲା । ଏହାର ସୁଦୃଢ଼ ଓ ଚିରସ୍ଥାୟୀ ପ୍ରତିକାର କରିଗଲେ କୃଷ୍ଣ ଦ୍ୱୈପାୟନ । ବିସ୍ମୃତିପ୍ରାପ୍ତ ହୋଇ ଆସୁଥିବା ବିରାଟ ବିପର୍ଯ୍ୟସ୍ତ ବୈଦିକ ସାହିତ୍ୟକୁ ଭାଗ ଭାଗ ଓ ଶୃଙ୍ଖଳାବଦ୍ଧ ଭାବରେ ସଜାଇ ଥୋଇବାରୁହିଁ ଲୋକେ ତାଙ୍କୁ ବେଦବ୍ୟାସ ବା କେବଳ ବ୍ୟାସ କହିଲେ ଏବଂ ହୁଏତ ସେହି ହେତୁ ବେଦ ବଁଚି ରହିପାରିଲା ।

ଦ୍ୱୈପାୟନ ଜନନୀ ଧୀବର କନ୍ୟା ସୁନ୍ଦରୀ ସତ୍ୟବତୀଙ୍କୁ ପରେ କୌରବରାଜ ଶାନ୍ତନୁ (ଯୁବରାଜ ଭୀଷ୍ମଙ୍କ ପିତା) ମଧ୍ୟ ରୂପମୁଗ୍ଧ ହୋଇ ବିବାହ କଲେ ; କିନ୍ତୁ ସତ୍ୟବତୀର ପିତା ଦାବୀ କଲେ ଯେ, ଭୀଷ୍ମ ନୁହେଁ, ସତ୍ୟବତୀର ପୁଅହିଁ ରାଜା ହେବ । ଭୀଷ୍ମ ସେଥିରେ ରାଜି ହୋଇ ଚିର ବ୍ରହ୍ମଚାରୀ ରହିଲେ, ପିତାଙ୍କ ସନ୍ତୋଷ ବିଧାନ କରିବା ପାଇଁ ; କିନ୍ତୁ ଶାନ୍ତନୁ-ସତ୍ୟବତୀ ଜାତ ଦୁଇ ପୁତ୍ର ଚିତ୍ରବୀର୍ଯ୍ୟ ଓ ବିଚିତ୍ର ବୀର୍ଯ୍ୟ ଦୁର୍ବଳ ସ୍ୱାସ୍ଥ୍ୟ ଥିବାରୁ, ଦୁର୍ଦ୍ଦୈବପାକ ସନ୍ତାନହୀନା ରାଣୀମାନଙ୍କୁ ଛାଡ଼ି ଅକାଳରେ ମଲେ । କୁରୁ ରାଜବଂଶ ସେହିଠାରେ ଲୋପ ପାଇବାକୁ ବସିଲା କହିଲେ ଚଳେ ।

କିନ୍ତୁ ପରାଶରଙ୍କ ଔରସରେ ସତ୍ୟବତୀଙ୍କ ଗର୍ଭରୁ ଜାତ କୃଷ୍ଣ ଦ୍ୱୈପାୟନ, ସନ୍ନ୍ୟାସୀ ହେଲେହେଁ, ଚିତ୍ରବୀର୍ଯ୍ୟ ଓ ବିଚିତ୍ର ବୀର୍ଯ୍ୟଙ୍କର ବଡ଼

Digitized by srujanika@gmail.com

ଭଇ ହୋଇ ରହିଥିଲେ । ଜନନୀ ସତ୍ୟବତୀଙ୍କ ଅନୁରୋଧରେ ଦୂର ହିମାଳୟର ବଦରିକାଶ୍ରମରୁ ଆସି, ସେ ବର୍ତ୍ତମାନ ବଂଶପ୍ରତି କର୍ତ୍ତବ୍ୟର ଅନୁରୋଧରେ, ଚିତ୍ରବୀର୍ଯ୍ୟ ଓ ବିଚିତ୍ରବୀର୍ଯ୍ୟଙ୍କ ବିଧବା ରାଣୀମାନଙ୍କ ସହିତ ନିୟୋଗ ବିଧି ଅନୁଯାୟୀ ସହବାସ କଲେ । ଜନ୍ମ ହେଲେ ଧୃତରାଷ୍ଟ୍ର, ପାଣ୍ଡୁ ଓ ବିଦୁର । ଧୃତରାଷ୍ଟ୍ରଙ୍କ ପୁଅ ହେଲେ କୌରବେ, ପାଣ୍ଡୁଙ୍କ ପୁଅ ହେଲେ ପାଣ୍ଡବେ— ଯିଏ କି ହେଲେ ଦ୍ୱୈପାୟନଙ୍କ ନିଜ ନାତି ଏବଂ ଯାହାଙ୍କ ପାରସ୍ପରିକ ବିଦ୍ୱେଷକୁ ନେଇ ବିରାଟ ମହାଭାରତ ମହାକାବ୍ୟ ରଚିତ ଏବଂ ତାହା ପୁଣି ସେହି ଦ୍ୱୈପାୟନଙ୍କ ଦ୍ୱାରା । ଅର୍ଥାତ୍ ଗୋଁସେଇ ବାପା ମହାକାବ୍ୟ ଲେଖିଗଲେ ନାତିମାନଙ୍କ ବ୍ୟାପାର ନେଇ । ଏହା ଶୁଣିବାକୁ ଓ ଭାବିବାକୁ ଅଡୁଆ ଅଡୁଆ ଲାଗୁଛି ଅବଶ୍ୟ । ସେଥିପାଇଁ ପଣ୍ଡିତମାନେ ସ୍ଥିର କରିଛନ୍ତି ଯେ, ବ୍ୟାସ ଜଣେ ଲୋକ ନିଶ୍ଚୟ ନ ଥିଲେ । ଭାରତ ଇତିହାସରେ ବହୁ 'ବିକ୍ରମାଦିତ୍ୟ' ପରି ଭାରତୀୟ ସାହିତ୍ୟରେ ବହୁ 'ବ୍ୟାସ' ବୋଧହୁଏ ଦେଖାଦେଇଛନ୍ତି ।

କିନ୍ତୁ ଆଦିବ୍ୟାସହିଁ ଏଠାରେ ସୂଚିତ । ମନନ ବା ଗଭୀର ଚିନ୍ତା କରି ପାରିବା ଲୋକଙ୍କୁ ମୁନି କୁହାଯିବାର କଥା । ଏହି ଅର୍ଥ ଆଦି ବ୍ୟାସଙ୍କ ପ୍ରତି ଯଥୋଚିତ ଭାବରେ ପ୍ରଯୁଜ୍ୟ । ତେଣୁ ଗୀତା-ସ୍ତୁତିରେ ବ୍ୟାସଙ୍କୁ 'ନମସ୍ତୁତେ ବ୍ୟାସ ବିଶାଳ ବୁଦ୍ଧେ' କୁହାଯାଇଛି, ଯାହାକି ଏକାନ୍ତ ଯଥାର୍ଥ ।

ଗୀତା ଏଠାରେ ଏହି ବ୍ୟାସ ବା ବାଲ୍ମିକିଙ୍କୁ ନ କହି, ଶୁକ୍ରାଚାର୍ଯ୍ୟ (ଉଶନା)ଙ୍କୁ ଶ୍ରେଷ୍ଠ କବି ବୋଲି କେଉଁ କାରଣରୁ ବର୍ଣ୍ଣନା କରିଛନ୍ତି ଜଣାଯାଉନାହିଁ । କାରଣ ଶୁକ୍ରାଚାର୍ଯ୍ୟ କି କାବ୍ୟ ଲେଖିଯାଇଛନ୍ତି ତାହା ଏପର୍ଯ୍ୟନ୍ତ ସମସ୍ତଙ୍କୁ ଅଗୋଚର ।

(୩୮)

ଦଣ୍ଡୋ ଦମୟତା ମସ୍ମି ନୀତିରସ୍ମି ଜିଗୀଷତାମ୍
ମୌନଂ ଚୈବାସ୍ମି ଗୁହ୍ୟାନାଂ ଜ୍ଞାନଂ ଜ୍ଞାନବତାମହଂ ।୩୮।

ଅହଂ (ମୁଁ) ଦମୟତାଂ (ଦମନକାରୀମାନଙ୍କର, ଶାସକମାନଙ୍କର) ଦଣ୍ଡଃ ଅସ୍ମି (ଦଣ୍ଡ ଅଟେ); ଜିଗୀଷତାଂ ନୀତିଃ ଅସ୍ମି (ଜୟ ଇଚ୍ଛା କରୁଥିବା ଲୋକମାନଙ୍କର ମୁଁ 'ନୀତି') ଗୁହ୍ୟାନାଂ ମୌନଂ ଏବ (ଗୋପନୀୟ ବିଷୟମାନଙ୍କ ସମ୍ପର୍କରେ ମୌନ ଭାବ) ଜ୍ଞାନବତାଂ ଜ୍ଞାନଂ (ଜ୍ଞାନୀମାନଙ୍କର ଜ୍ଞାନ) ।

ଅନୁବାଦ—

ମୁଁ ଦମନକାରୀ ଶାସକମାନଙ୍କର ହାତରେ ଥିବା ଦଣ୍ଡ ଏବଂ ଜୟ ଇଚ୍ଛା କରୁଥିବା ବ୍ୟକ୍ତିମାନଙ୍କର ସଂଗ୍ରାମ ସମ୍ପୃକ୍ତ ଆବଶ୍ୟକୀୟ ଚେତନା ।

Digitized by srujanika@gmail.com

ଗୋପନୀୟ ବିଷୟ ସମ୍ପର୍କରେ ମୁହିଁ ହିଁ ମୌନତା ଏବଂ ମୁଁ ମଧ୍ୟ ଜ୍ଞାନୀମାନଙ୍କର ଜ୍ଞାନ ।

ବିଶେଷ ଭାଷ୍ୟ—

ମହାଭାରତ ଓ ମନୁସଂହିତା ପ୍ରଭୃତିରେ 'ଦଣ୍ଡ' (Punishment)ର ବିସ୍ତୃତ ପ୍ରଶଂସା କରାଯାଇଛି । କୁହାଯାଇଛି ଯେ ସମାଜ, ଶାସନ, ଧର୍ମ ଇତ୍ୟାଦି ସବୁର ମୂଳ ଭିତ୍ତି ହେଉଛି 'ଦଣ୍ଡ' । ଦଣ୍ଡ ନ ଥିଲେ ଧର୍ମ ଶାସନ ଓ ସମାଜ ତିଷ୍ଠି ପାରନ୍ତା ନାହିଁ । ତେଣୁ ଦଣ୍ଡହିଁ ଭଗବାନ୍ । ନିଜ ରାଜ୍ୟର ଶାସନ ଓ ପରରାଜ୍ୟର ଜୟ ପାଇଁ ସାମ, ଦାନ, ଦଣ୍ଡ, ଭେଦ ପ୍ରଭୃତି ଆବଶ୍ୟକ ହୋଇଥାଏ । ଏ ସମୁଦାୟକୁ ମଧ୍ୟ 'ନୀତି' କୁହାଯାଏ, ଅର୍ଥାତ୍ ସାମରିକ ଓ ଶାସନିକ ନୀତି, ବା Policy ବା statesmanship ଉଚ୍ଚ କୋଟିର ଷ୍ଟେଟସମାନ୍ ବା ରାଷ୍ଟ୍ରନୀତି ବିଶାରଦ ଯଥା ଆକବର ବା ରାଣୀ ଏଲିଜାବେଥ ଇତ୍ୟାଦି ଯେ ବିଧାତାର ବିଶେଷ ଆଶୀର୍ବାଦ ପ୍ରାପ୍ତ ବିଭୂତିବନ୍ତ ବ୍ୟକ୍ତି ଏଥିରେ ମଧ୍ୟ ସନ୍ଦେହ ନାହିଁ । ଉଭୟ ମହମ୍ମଦ ଓ ଶ୍ରୀକୃଷ୍ଣ ଏକାଧାରରେ ଧର୍ମ ପ୍ରଚାରକ ଓ ରାଷ୍ଟ୍ରନୀତି ବିଶାରଦ ଥିଲେ । ରାଷ୍ଟ୍ରୀୟ ଇତିହାସମାନଙ୍କର ତଥାକଥିତ 'ସ୍ୱର୍ଣ୍ଣଯୁଗ' ସବୁ ଜଣେ ଜଣେ ଏହିପରି ବିଭୂତିସଂପନ୍ନ ରାଷ୍ଟ୍ରନୀତି ବିଶାରଦମାନଙ୍କୁ କେନ୍ଦ୍ର କରିହିଁ ଗଢ଼ି ଉଠିଥାଏ ।

ପ୍ରଗଲ୍‌ଭତା ଏକ ସାଂଘାତିକ ଚରିତ୍ରଦୋଷ । ଆମେ ଅଯଥା ବାକ୍ୟବ୍ୟୟ କରି କେତେ ପରିମାଣ ଶକ୍ତି ଯେ ବୃଥା ନଷ୍ଟ କରିଥାଉଁ ତାହା ଆମେ କଳ୍ପନା କରିପାରୁନା । ଯଦିଓ ଭାରତୀୟ ସଂସ୍କୃତିରେ 'ମୌନତା' ଉନ୍ନତ ଜୀବନ ପାଇଁ ଅପରିହାର୍ଯ୍ୟ ନୀତି ଭାବରେ ଗୃହୀତ ଓ ସମ୍ମାନିତ, ଆଜିର ଅଧଃପତିତ ଭାରତବାସୀ କେବଳ ବଚନ-ସର୍ବସ୍ୱ ହୋଇଉଠିଛି । ସ୍ଲୋଗାନ ଉଚ୍ଚାରଣ, ବିଜ୍ଞାପନ, ବାଦ-ବିବାଦ, ଅକାରଣ ପାଟିତୁଣ୍ଡ ଓ ସର୍ବୋପରି ଲାଉଡ-ସ୍ପିକାର ଏକ ସଇତାନୀ ଉଦ୍ଭାବନ, ଆଜି ଭାରତବର୍ଷରେ କୌଣସି ସ୍ଥାନରେ ନୀରବରେ ବସି କର୍ମ କରିବା ଅସମ୍ଭବ କରିସାରିଲାଣି । ଅଥଚ ଜାତି-ପିତା ବାପୁଜୀ, ଯାହାଙ୍କର ବଚନ ଶୁଣିବାପାଇଁ ସମଗ୍ର ବିଶ୍ୱ ଅପେକ୍ଷମାଣ ଥାଏ, ସେ ସପ୍ତାହରେ ପୂରା ଦିନେ ଏବଂ ଦିନର ଅଧିକାଂଶ ସମୟ ମୌନ ହିଁ ରହୁଥିଲେ । ପାଞ୍ଚଟି ଭାରତୀୟ ଛାତ୍ର ଆଜି ଏକାଠି ହୋଇଗଲେ, ପାଖରେ ଥିବା କାହାର ସାଧ୍ୟ ନାହିଁ, ଶାନ୍ତିରେ ରହିବା—ଆମେ ଆଜି ସଂସ୍କୃତିର ଏପରି ନିମ୍ନତମ ସ୍ତରକୁ ଖସିଛୁ ; କିନ୍ତୁ ପାଞ୍ଚଶ ଇଂରେଜ ଏକାଠି ଖାଉଥିଲେ ମଧ୍ୟ, ଛୁଞ୍ଚିଟିଏ ପଡିଗଲେ ବି ଶବ୍ଦ ବାରିହେବ । ସେହି ଛୋଟ ଗୋଟିଏ ଟାପୁର ଅଧିବାସୀ ବିରାଟ ଭାରତବର୍ଷକୁ କାହିଁକି ଦୁଇଶ ବର୍ଷ

Digitized by srujanika@gmail.com

ଶାସନ କରୁଥିଲେ ଏବଂ ସେହି ଦ୍ୱୀପ ଖଣ୍ଡକର ସମଗ୍ର ବିଶ୍ୱ-ସଭ୍ୟତାକୁ ଦାନ କିପରି ଏତେ ଗରୀୟାନ୍ ତାହାର ରହସ୍ୟମୟ ହେତୁ ଏହିଠାରେ । ଇଂରେଜ ନୀରବରେ କାମ କରି ଜାଣେ, ଆମେ କେବଳ ପାଟିକରି ଜାଣୁ, ଆମେ ନୀରବ ରହିବାର ବା ନୀରବରେ କାମ କରିବାର ଅଭ୍ୟାସ ହିଁ ଭୁଲିଗଲୁଣି । ଇଂରେଜ ବା କୌଣସି ସଭ୍ୟ ସମାଜର ଲୋକ ଅନ୍ୟ ଲୋକଙ୍କ ଆଗରେ ନିଜର ବ୍ୟକ୍ତିଗତ କଥା କେବେହେଲେ କହି ବସିବେ ନାହିଁ ; କିନ୍ତୁ ଭାରତବର୍ଷରେ ଦଳେ ଅପରିଚିତ ଲୋକ ଭିତରେ ମଧ୍ୟ ଦୁଇଟା ଲୋକ, ଅନ୍ୟମାନଙ୍କୁ ତାହା ବିରକ୍ତିକର ହେବ କି ନାହିଁ ତାହା ଖାତିର ନ କରି ନିଜ କଥା ବଡ ପାଟିରେ କହି ଚାଲିଥିବେ । ଗୀତାରେ ଶ୍ରୀକୃଷ୍ଣ 'ମୌନତା'କୁ ଯେ ଏତେ ଉଚ୍ଚ ସ୍ଥାନ ଦେଇ ନିଜର ବିଭୂତି ବୋଲି ତାକୁ ବର୍ଣ୍ଣନା କରିଛନ୍ତି, ଆଶାକରୁ ଆଜିର ଭାରତକୁ ତାହା କିଛି ଶିକ୍ଷା ଦେବ । ପୁଣି ସମାଜରେ ଅଧିକାଂଶ ଦ୍ୱେଷ-ବିଦ୍ୱେଷ ଜାତ ହୁଏ, ଆମର ଯା କଥା ତା'ଠି, ତା' କଥା ଯା'ଠି କହି ବସିବାର ସାଧାରଣ ଦୁର୍ବଳତାରୁ । ଏସବୁ ଦୃଷ୍ଟିରୁ ମୌନ-ଅଭ୍ୟାସ ଆମର ଦୈନନ୍ଦିନ ଜୀବନକୁ ନିଶ୍ଚିତ ଭାବରେ ସ୍ୱର୍ଣ୍ଣମୟ କରି ରଖିବ ।

(୩୯)

ଯଚ୍ଚାପି ସର୍ବଭୂତାନାଂ ବୀଜଂ ତଦହମର୍ଜ୍ଜୁନ
ନ ତଦସ୍ତି ବିନା ଯତ୍ ସ୍ୟାନ୍ମୟା ଭୂତଂ ଚରାଚରଂ । ୩୯ ।

(ହେ) ଅର୍ଜ୍ଜୁନ, ଯତ୍ ଚ (ଯାହା କିଛି) ସର୍ବ ଭୂତାନାଂ ବୀଜଂ (ସମସ୍ତ ଜୀବମାନଙ୍କର ମୂଳ କାରଣ) ତତ୍ ଅପି (ତାହା ମଧ୍ୟ) ଅହଂ (ମୁଁ) । ମୟା ବିନା (ମୋ ଛଡା) ଯତ୍ ସ୍ୟାତ୍ (ଯାହା ଥାଇପାରେ) ତତ୍ ଚରାଚରଂ ଭୂତଂ (ସେ ପ୍ରକାର ଚର ଅଚର ବା ଜୀବ) [ଏ ସୃଷ୍ଟିରେ] ନ ଅସ୍ତି (ନାହିଁ) ।

ଅନୁବାଦ—

ହେ ଅର୍ଜ୍ଜୁନ ଯାହା କିଛି ଜୀବମାନଙ୍କର ବୀଜ ସ୍ୱରୂପ ଅର୍ଥାତ୍ ମୂଳ କାରଣ, ତାହା ମୁଁ ହିଁ ବୋଲି ଜାଣିବ । ଏ ଜଗତରେ ଚର, ଅଚର ବା ଜୀବ ଏମାନଙ୍କ ଭିତରେ ମୋ ଛଡା ଯେ କିଛିହେଲେ ଥାଇପାରେ, ଏହା ମନେ କରିବ ନାହିଁ ।

(୪୦)

ନାନ୍ତୋଽସ୍ତି ମମ ଦିବ୍ୟାନାଂ ବିଭୂତୀନାଂ ପରନ୍ତପ
ଏଷ ତୂଦ୍ଦେଶତଃ ପ୍ରୋକ୍ତୋ ବିଭୂତେର୍ବିସ୍ତରୋ ମୟା । ୪୦ ।

Digitized by srujanika@gmail.com

(ହେ) ପରନ୍ତପ (ଶତ୍ରୁନାଶକ ଅର୍ଜ୍ଜୁନ) ମମ ଦିବ୍ୟାନାଂ ବିଭୂତୀନାଂ (ମୋର ଦିବ୍ୟ ବିଭୂତି-ସମୂହର) ଅନ୍ତଃ ନ ଅସ୍ତି (ସୀମା ନାହିଁ) । ଏଷଃ ତୁ ବିଭୂତେଃ ବିସ୍ତାରଃ (ଏହି ଯେଉଁ ବିଭୂତିମାନଙ୍କର ବିସ୍ତାର କହିଗଲି) [ଜାଣ ଯେ ତାହା] ମୟା ଉଦ୍ଦେଶତଃ ପ୍ରୋକ୍ତଃ (ମୋ ଦ୍ୱାରା କେବଳ ଉଦାହରଣସ୍ୱରୂପ ହିଁ କୁହାଗଲା ।)

ଅନୁବାଦ—

ହେ ଅର୍ଜ୍ଜୁନ, ଜାଣ ଯେ ମୋର ବିଭୂତିମାନଙ୍କର ଶେଷ ନାହିଁ । ଯାହା ଯାହା କହିଗଲି ସେ ସବୁକୁ କେବଳ ଉଦାହରଣ ମାତ୍ର ବୋଲି ଧରି ନେବ ।

(୪୧)

ଯଦ୍ ଯଦ୍ ବିଭୂତିମତ୍ ସତ୍ତ୍ୱଂ ଶ୍ରୀମଦୂର୍ଜ୍ଜିତ ମେବ ବା
ତତ୍ତଦେବାବ ଗଚ୍ଛ ତ୍ୱଂ ମମ ତେଜୋଽଂଶ ସମ୍ଭବଂ । ୪୧ ।

[ଏ ଜଗତରେ] ବିଭୂତିମତ୍ (ଐଶ୍ୱର୍ଯ୍ୟ ବା ଶକ୍ତିଯୁକ୍ତ) ଶ୍ରୀମତ୍ (ଶୋଭା ବା ଧନଯୁକ୍ତ) ଊର୍ଜ୍ଜିତଂ ଏବ ବା (କିମ୍ବା ପ୍ରଭାବ ସଂପନ୍ନ)[ବୋଲି] ଯତ୍ଯତ୍ ସତ୍ତ୍ୱଂ (ଯେଉଁ ଯେଉଁ ପଦାର୍ଥକୁ) [ମନେ କରିବ] ତତ୍ ତତ୍ ଏବ (ସେହି ସମସ୍ତ ହିଁ) ମମ ତେଜୋଽଂଶସମ୍ଭବଂ (ମୋ ତେଜର ଅଂଶରୁ ହିଁ ଉତ୍ପନ୍ନ) [ବୋଲି] ତ୍ୱଂ ଅବଗଚ୍ଛ (ତୁମେ ଜାଣିରଖ) ।

ଅନୁବାଦ—

ଏ ଜଗତରେ ଯାହା କିଛି ଶକ୍ତିମନ୍ତ ବା ସୌନ୍ଦର୍ଯ୍ୟବନ୍ତ ବା ପ୍ରଭାବଯୁକ୍ତ ସେ ପ୍ରତ୍ୟେକଟିକୁ ମୋରି ଅଂଶରୁ ଜାତ ବୋଲି ଜାଣିବ ।

(୪୨)

ଅଥବା ବହୁ ନୈତେନ କିଂ ଜ୍ଞାତେନ ତବାର୍ଜ୍ଜୁନ

ବିଷ୍ଟଭ୍ୟାହମିଦଂ କୃତ୍ସ୍ନମେକାଂଶେନ ସ୍ଥିତୋଜଗତ୍ । ୪୨ ।

ଅଥବା [ହେ] ଅର୍ଜ୍ଜୁନ, ଏତେନ ବହୁନା ଜ୍ଞାତେନ (ଏତେ ବେଶୀ କଥା ଜାଣିବାରେ) ତବ କିଂ ? (ତୁମର ପ୍ରୟୋଜନ କ'ଣ ?), [ଏତିକି ଜାଣି ରଖ ଯେ] ଅହଂ ଇଦଂ କୃତ୍ସ୍ନ ଜଗତ୍ (ଏହି ସମୁଦାୟ ବିଶ୍ୱକୁ) [ମୋର] ଏକାଂଶେନ ବିଷ୍ଟଭ୍ୟ (କେବଳ ଏକ ସାମାନ୍ୟ ଅଂଶରେ ମାତ୍ର ଧାରଣ କରି (ମୁଁ) ସ୍ଥିତଃ (ଅବସ୍ଥିତ ରହିଅଛି) ।

Digitized by srujanika@gmail.com

ଅନୁବାଦ—

ଅଥବା ହେ ଅର୍ଜୁନ, ଅଧିକା କଥା କହି ଲାଭ ବା କ'ଣ ? ମନେକର ଯେ, ଏହି ସମଗ୍ର ବିଶ୍ୱକୁ ମୋର କେବଳ ଏକ ଅଂଶରେ ହିଁ ଧାରଣ କରି ମୁଁ ମୋର ନିଜ ମହିମାରେ ପ୍ରତିଷ୍ଠିତ ଥାଏ ।

ବିଶେଷ ଭାଷ୍ୟ—

ଏହି ଶେଷ ତିନୋଟି ଶ୍ଲୋକ ହିଁ ପ୍ରକୃତରେ ବିରାଟ ବିଧାତା ପୁରୁଷର ଅବାଙ୍ମାନସ ଗୋଚର ଅଦ୍ଭୁତ ପ୍ରକାଶ କରୁଛି, ବିଶେଷକରି ଶେଷ ଶ୍ଳୋକଟି । ଏହା ଋଗ୍‌ବେଦର ପ୍ରସିଦ୍ଧ ପୁରୁଷ ସୂକ୍ତକୁ ସ୍ମରଣ କରାଇ ଦେଉଛି—

"ସ ଭୂମିଂ ସର୍ବତଃ ସ୍ପୃତ୍ୱା ତ୍ୟତିଷ୍ଠଦ୍ଦଶାଙ୍ଗୁଳଂ"

ସେହି ବିରାଟ ପୁରୁଷ ଏହି ବିଶ୍ୱକୁ ସର୍ବତୋଭାବରେ ପରିବେଷ୍ଟନ କରି ମଧ୍ୟ ବିଶ୍ୱ ବାହାରେ ବ୍ୟାପ୍ତ ଅଛନ୍ତି ।'

ମହେଶ୍ୱରଙ୍କର ବିଭୂତି ଏବଂ ମନୁଷ୍ୟର ତତ୍ ସଂପର୍କରେ ଯଥୋଚିତ ମନୋଭାବ ପରମହଂସଦେବଙ୍କର ମଞ୍ଜୁଳ ବଚନରେ ଏହିପରି ପ୍ରକାଶିତ—

"ଈଶ୍ୱରଙ୍କ ବିଭୂତିର ସମଗ୍ରତା କିଏ ଜାଣିପାରେ ? ସେ ଶକ୍ତି ବା ଅଧିକାର ମନୁଷ୍ୟକୁ ଦିଆଯାଇନାହିଁ । ପୁଣି ତାଙ୍କର ଅସୀମତା ଜାଣିବାକୁ ଯିବାର ଆମର ଆବଶ୍ୟକତା ବା କ'ଣ ? ସେ ଯେ ଏ ଜଗତରେ ଏକ ମାତ୍ର ସତ୍ୟ ବସ୍ତୁ ଆମେ ଏତିକି ହୃଦୟଙ୍ଗମ କରିପାରିଲେଇ ଯଥେଷ୍ଟ । ଧରନ୍ତୁ କେହି ଗଙ୍ଗାକୁ ଦେଖି ଗଙ୍ଗା ସ୍ନାନ କରିବାକୁ ଚାହିଁଲା । ଗଙ୍ଗୋତ୍ରୀରୁ ଗଙ୍ଗାସାଗର ପର୍ଯ୍ୟନ୍ତ ବୁଲି ବୁଲି ଦେଖିବାର ତାର କି ଆବଶ୍ୟକତା ଅଛି ? ଏହି ପବିତ୍ର ନଦୀର ଯେକୌଣସି ବିନ୍ଦୁରେ ସେ ବୁଡ଼ ଦେଲେଇ ଯଥେଷ୍ଟ ହେବ ।"

●

ଇତି ଶ୍ରୀମହାଭାରତେ ଶତ ସହସ୍ର୍ୟାଂ ସଂହିତାୟାଂ ବୈୟାସିକ୍ୟାଂ ଭୀଷ୍ମ ପର୍ବଣି ଶ୍ରୀମଦ୍ ଭଗବଦ୍‌ଗୀତା ସୂପନିଷତ୍ସୁ ବ୍ରହ୍ମ ବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନ ସଂବାଦେ ବିଭୂତିଯୋଗୋ ନାମ ଦଶମୋଽଧ୍ୟାୟଃ ।

Digitized by srujanika@gmail.com

ଏକାଦଶ ଅଧ୍ୟାୟ

ବିଶ୍ୱରୂପ ଦର୍ଶନ ଯୋଗ

ଅଧ୍ୟାୟ ଦୀପିକା—

ଗୀତାର ଯେଉଁ ପାଠକମାନେ ନୈଷ୍ଠିକ ହିନ୍ଦୁ, ସେମାନେ ଗୀତାର ଏହି ଏକାଦଶ ଅଧ୍ୟାୟ ବା ଶ୍ରୀକୃଷ୍ଣଙ୍କର ବିଶ୍ୱରୂପ-ବର୍ଣ୍ଣନା, ଗୀତାର ଶ୍ରେଷ୍ଠାଂଶ ବୋଲି ମନେ କରନ୍ତି । ସେମାନଙ୍କ ଭିତରୁ ଅନେକେ କୁଆଡେ ପ୍ରତ୍ୟହ କିଛି ନ ହେଲେ, ଗୀତାର ଏହି ଅଧ୍ୟାୟଟିକୁ ହିଁ ନିଶ୍ଚୟ ପାରାୟଣ କରିଥାନ୍ତି । ସେମାନଙ୍କର ବିଶ୍ୱାସ ଏହା ଅତ୍ୟନ୍ତ ପରମାର୍ଥ ତତ୍ତ୍ୱ ସମ୍ବଳିତ ଏବଂ ପୁଣ୍ୟପ୍ରଦ । ସେମାନଙ୍କର ସେ ବିଶ୍ୱାସ ଉପରେ ଆମର କିଛି କହିବାର ନାହିଁ । ଆମେ ଏହି ଅଧ୍ୟାୟ ଉପରେ, ଯୁକ୍ତିବାଦି ଦୃଷ୍ଟି କୋଣରୁ ହିଁ କିଂଚିତ୍ ଆଲୋଚନା କରିବା ।

ପାଠକେ ମନେ ରଖିବେ ଯେ, ଗୀତାର ଏକାଦଶ ଅଧ୍ୟାୟରେ ବର୍ଣ୍ଣିତ ଶ୍ରୀକୃଷ୍ଣଙ୍କ ବିଶ୍ୱରୂପ, ମହାଭାରତରେ ପୂର୍ବରୁ ବର୍ଣ୍ଣିତ ହୋଇଥିବା ଏକ ଘଟଣାର ପୁନରାବୃତ୍ତି ମାତ୍ର । ମହାଭାରତ ଯୁଦ୍ଧ ପୂର୍ବରୁ, ଶ୍ରୀକୃଷ୍ଣ, ଶାନ୍ତିର ଦୂତରୂପେ କୌରବ ରାଜସଭାକୁ ଯାଇଥିଲେ । ଦୁର୍ଯୋଧନ ଶାନ୍ତି ପ୍ରସ୍ତାବରେ ତ ରାଜି ହେଲେ ନାହିଁ, ବରଂ ପାଣ୍ଡବ ପକ୍ଷକୁ ଅଳ୍ପ ଆୟାସରେ ଜବତ୍ କରିବା ଲକ୍ଷ୍ୟରେ ହିଁ, ସେ ସେଠାରେ ଉପସ୍ଥିତ ନିରସ୍ତ୍ର ଶ୍ରୀକୃଷ୍ଣଙ୍କୁ ବନ୍ଦୀ କରିବାର କଳ୍ପନା କରୁଥିଲେ ଏବଂ ବିଶ୍ୱସ୍ତ ଅନୁଚର କେତୋଟିଙ୍କୁ ଏଥିପାଇଁ ତତ୍ପର ରହିବାକୁ ମଧ୍ୟ ଗୋପନୀୟ ସଙ୍କେତ ଦେଇସାରିଥିଲେ । ଚତୁର ଶ୍ରୀକୃଷ୍ଣ ସେମାନଙ୍କର ହାବଭାବରୁ ଏସବୁ ଜାଣିପାରି, ସେହିଠାରେ କେବଳ ମୂଢ଼ ଦୁର୍ଯୋଧନକୁ ସେ ପ୍ରକୃତରେ କିଏ, ଏହା ଜଣାଇଦେବା ପାଇଁ କେବଳ ତାକୁହିଁ ନିଜର ବିଶ୍ୱରୂପ ଦେଖାଇଥିଲେ । ସହସା କିମ୍ଭୂତିଭୂତ ଦୁର୍ଯୋଧନ ସେହି ମୁହୂର୍ତ୍ତରେ ଶ୍ରୀକୃଷ୍ଣଙ୍କୁ ବନ୍ଦୀ କରିବାରୁ କ୍ଷାନ୍ତ ହୋଇଥିଲେହେଁ, ପରେ ଯୁଦ୍ଧାରମ୍ଭରେ ସେ ଉଲୁକ-ଦୂତ ମୁଖରେ ଶ୍ରୀକୃଷ୍ଣଙ୍କୁ ଖବର ପଠାଇଥିଲେ ଯେ କୁରୁ ସଭାରେ ସେ (ଶ୍ରୀକୃଷ୍ଣ) ଯେଉଁ କୁହୁକ (ବିଶ୍ୱରୂପ) ଦେଖାଇଥିଲେ, ସେ (ଶ୍ରୀକୃଷ୍ଣ) ମନେ ରଖିବେ ଯେ, ସେଥିରେ ସେ (ଦୁର୍ଯୋଧନ) ଆଦୌ ଯେ ଡରିଯାଇ ନାହାନ୍ତି, ଏହା ରଣକ୍ଷେତ୍ରରେ ପ୍ରମାଣିତ ହେବ ।

Digitized by srujanika@gmail.com

ତେଣୁ ଭାରତୀୟ ପୁରାଣ ଅନୁସାରେ ମଧ୍ୟ କେବଳ ପରମଭକ୍ତ ଅର୍ଜୁନ ଯେ 'ବିଶ୍ୱରୂପ' ଦେଖିପାରିଥିଲେ କହିବା ଏକାନ୍ତ ଅସତ୍ୟ । ହୁଏତ ମହାଭାରତ ବା ଗୀତା-ଲେଖକ ଭାବର ଭାରସାମ୍ୟ ରକ୍ଷା କରିବା ପାଇଁ ହିଁ, ଦୁର୍ଯୋଧନର ସୌଭାଗ୍ୟର ବିପରୀତରେ ଅର୍ଜୁନର ସୌଭାଗ୍ୟକୁ ଠିଆ କରାଇବା ଏକାନ୍ତ ଉଚିତ ମନେକରି ଏବଂ ଏଠାରେ ସେଥିପାଇଁ ଅନୁକୂଳ ପରିବେଶ ଥିବାର ଦେଖି, ଏହି ବିଶ୍ୱରୂପ ଅଧ୍ୟାୟ ଠିଆ କରାଇଛନ୍ତି ।

ଏ ଗଲା ପୌରାଣିକ ବ୍ୟାଖ୍ୟା । ଚାରିଆଡ଼ିକ ଦିଗରୁ ଦେଖିଲେ ମଧ୍ୟ ଗୀତାର ଏହି ତଥା-କଥିତ 'ବିଶ୍ୱରୂପ' ସମ୍ପୂର୍ଣ୍ଣ ଭାବରେ ମୌଳିକତାହୀନ । ଋଗ୍‌ବେଦର ପ୍ରସିଦ୍ଧ ପୁରୁଷ ସୂକ୍ତରୁ ଏହାର ଆରମ୍ଭ ଏବଂ କଠ ଓ ଶ୍ୱେତାଶ୍ୱତର ପ୍ରଭୃତି ଉପନିଷଦମାନଙ୍କରେ ମଧ୍ୟ ଏହି ଭାବ ସର୍ବତ୍ର ବିଚ୍ଛୁରିତ । ପ୍ରଭେଦ ଏତିକି ଯେ, ଅସାଧାରଣ-କଳ୍ପନା-ଶକ୍ତି-ସମ୍ପନ୍ନ ଗୀତାକାର, ବେଦ-ଉପନିଷଦର ସେହି ସେହି ବୀଜ ବା ଅଂକୁରକୁ ପରମ ମନୋଜ୍ଞ ଭାବରେ ଶାଖାୟିତ, ପଲ୍ଲବିତ ଓ ପୁଷ୍ପିତ ଏକ ତରୁ କରି ଆମ ଆଗରେ ଠିଆ କରାଇପାରିଛନ୍ତି ; କିନ୍ତୁ ନିର୍ଯାସ ବା ସାରତତ୍ତ୍ୱ ସମ୍ପୂର୍ଣ୍ଣତଃ ତାଙ୍କର ଆଦୌ ନୁହେଁ । ମୌଳିକ ଭାବନା, ଏକାନ୍ତରେ ଋଗ୍‌ବେଦର ।

ସହସ୍ରଶୀର୍ଷା ପୁରୁଷଃ ସହସ୍ରାକ୍ଷଃ ସହସ୍ରପାତ୍
ସ ଭୂମିଂ ସର୍ବତଃ ସ୍ପୃତ୍ୱା ତ୍ୟତିଷ୍ଠଦଶାଂଗୁଳମ୍ ।

(ସେହି ବ୍ରହ୍ମାଣ୍ଡ ଦେହ ବିରାଟ ପୁରୁଷ ଅଗଣିତ ମସ୍ତକ ବିଶିଷ୍ଟ, ଅଗଣିତ ଚକ୍ଷୁବିଶିଷ୍ଟ । ସେ ଏହି ବ୍ରହ୍ମାଣ୍ଡକୁ ସମ୍ପୂର୍ଣ୍ଣ ଭାବରେ ଆବୃତ କରି ମଧ୍ୟ ଏହାର ବାହାରେ ଅବସ୍ଥିତ) ।

ଉପନିଷଦମାନଙ୍କରେ ପୁଣି ଏ ଭାବ ଏପରି ବାରମ୍ବାର ବର୍ଣ୍ଣିତ ହୋଇଛି ଯେ, ଗୀତାର ଏହି ଅଧ୍ୟାୟ ପଢ଼ିଲାବେଳେ ସେ ସବୁର ପ୍ରତିଧ୍ୱନି ହିଁ ଶୁଣୁଛନ୍ତି ବୋଲି ପାଠକଙ୍କର ମନେ ହେବ । ଯଥା—

ସର୍ବତଃ ପାଣିପାଦନ୍ତତ୍ ସର୍ବତୋଽକ୍ଷିଶିରୋମୁଖଂ
ସର୍ବତଃ ଶ୍ରୁତିମଲ୍ଲୋକେ ସର୍ବମାବୃତ୍ୟ ତିଷ୍ଠତି ।

(ଶ୍ୱେତାଶ୍ୱତର ୩।୧୬) ।

ପୁଣି ଏହି ଉପନିଷଦର ଏହି ଅଧ୍ୟାୟରେ ଚତୁର୍ଦ୍ଦଶ ଶ୍ଳୋକଟି ପୁରୁଷ ସୂକ୍ତର ଉଦ୍ଧୃତ ଭାବକଳ୍ପକୁ ପୂରା ନକଲ କରିନେଇଛନ୍ତି । ଏହି ଉପନିଷଦର ଅନ୍ୟତ୍ର ମଧ୍ୟ ପାଠକେ ଦେଖିବେ—

Digitized by srujanika@gmail.com

ବିଶ୍ୱତଶ୍ଚକ୍ଷୁରୁତ ବିଶ୍ୱତୋମୁଖୋ
ବିଶ୍ୱତୋବାହୁରୁତୋ ବିଶ୍ୱତସ୍ପାତ୍
ସଂବାହୁଭ୍ୟାଂ ଧମତି ସଂପତତ୍ରୈ-
ର୍ଦ୍ୟାବାଭୂମୀ ଜନୟନ୍ ଦେବ ଏକଃ (୩।୩)

(ଏ ବିଶ୍ୱରେ ଯେତେ ଚକ୍ଷୁ, ଯେତେ ବାହୁ ବା ଯେତେ ଚରଣ ଅଛି ସେସବୁ ତାଙ୍କରି । ସେହି ହିଁ ମନୁଷ୍ୟଙ୍କୁ ବାହୁ ସଂଯୁକ୍ତ ଏବଂ ବିହଗ ଓ ମନୁଷ୍ୟଙ୍କୁ ପାଦଯୁକ୍ତ କରନ୍ତି । ଭୂଲୋକ ଓ ଦ୍ୟୁଲୋକ ସୃଷ୍ଟି କରି ସେହି ହିଁ ତାର ଅଦ୍ୱିତୀୟ ପ୍ରକାଶ ରୂପେ ଅବସ୍ଥିତ) ।

ଶ୍ୱେତାଶ୍ୱତର ଷଷ୍ଠ ଅଧ୍ୟାୟର ପଞ୍ଚମ ଶ୍ଳୋକରେ 'ବିଶ୍ୱରୂପ' ଶବ୍ଦଟି ଠିକ୍ ଗୀତାର ଅର୍ଥରେ ବହୁ ଆଗରୁ ବ୍ୟବହୃତ—

ତଂ ବିଶ୍ୱରୂପଂ ଭବଭୂତମୀଡ୍ୟଂ
ଦେବଂ ସ୍ୱଚିତ୍ତସ୍ଥମୁପାସ୍ୟ ପୂର୍ବଂ ।

(ସେହି ବିଶ୍ୱରୂପାତ୍ମକ ସକଳର ଉତ୍ପତ୍ତିସ୍ଥଳ ଓ ପୂଜନୀୟ ଦେବଙ୍କୁ ଜ୍ଞାନୋଦୟ ପୂର୍ବରୁ ସ୍ୱଚିତ୍ତସ୍ଥ କରି ଉପାସନା କରିବ) ।

କେବଳ ବିଶ୍ୱରୂପ-କଳ୍ପନା ନୁହେଁ, ବ୍ୟାଖ୍ୟାରେ ବହୁବାର କହିସାରିଛୁ, କିପରି ଗୀତାର ଅନ୍ୟ ଅନେକ ପ୍ରସିଦ୍ଧ ଭାବ-କଳ୍ପ ବିଭିନ୍ନ ଉପନିଷଦରେ ପ୍ରକ୍ଷିପ୍ତ । ଏହି ପୁସ୍ତକର ବିଭିନ୍ନ ଶ୍ଳୋକର ଚର୍ଚ୍ଚା ଭିତରେ ତାହା ଆମେ ଦେଖାଇସାରିଛୁ । ପୁଣି ମଧ୍ୟ ଯଥାସ୍ଥାନରେ ଦେଖାଇବୁ ।

ସେଇଥିପାଇଁ ଆମେ ବାରମ୍ବାର କହିଆସୁଛୁ ଯେ, ଗୀତା ଆଦୌ ସମ୍ପୂର୍ଣ୍ଣତଃ ଏକ ମୌଳିକ ଗ୍ରନ୍ଥ ନୁହେଁ ବା ଏହା ସ୍ୱୟଂ ଭଗବାନୋକ୍ତ ବାଣୀ ବୋଲି କହିବାର ବା ଭାବିବାର କୌଣସି ହେଲେ ଯୁକ୍ତି ନାହିଁ । "ସର୍ବୋ-ପନିଷଦୋ ଗାବଃ ଦୋଗ୍ଧା ଗୋପାଳ ନନ୍ଦନଃ" ଗୀତା ସମ୍ପର୍କରେ ଏହି ପ୍ରଚଳିତ ଉକ୍ତିରୁ ସ୍ପଷ୍ଟ ସୂଚିତ ଯେ ଗୀତା ଏକ ସଂକଳନ-ଗ୍ରନ୍ଥ ; କିନ୍ତୁ ସଂକଳକ ଏକ ଅସାଧାରଣ ବ୍ୟକ୍ତି ଥିବାରୁ, ସଂକଳନ ଅପୂର୍ବ ଉଦାର କାବ୍ୟ-ମହିମା ଓ ଅର୍ଥ-ମହିମାରେ ଅଳଂକୃତ ହୋଇ ବିଶ୍ୱ ସମ୍ମୁଖରେ ଏକ ମହାନ୍ ଅଦ୍ୱିତୀୟ ଗ୍ରନ୍ଥ ରୂପେ ଦଣ୍ଡାୟମାନ । ଋଗ୍‌ବେଦରୁ ଆରମ୍ଭ କରି ଉପନିଷଦମାନଙ୍କ ଦେଇ ଈଶ୍ୱରଙ୍କର ଏହି ତଥାକଥିତ 'ବିଶ୍ୱରୂପ' କଳ୍ପନା ମଧ୍ୟ ଗୀତାର ଅନେକ ଭାବ-କଳ୍ପ ପରି ଭାରତୀୟ ଧର୍ମୀୟ ଐତିହ୍ୟର ଏକ ପରିଚିତ ଘଟଣା । ଗୀତା ତାହାକୁହିଁ ପରମ କଳ୍ପନା-ରଞ୍ଜିତ ଶୈଳୀରେ ଓ ଜନପ୍ରିୟ ଭାଷାରେ ଚିତ୍ରିତ କରିପାରି, ସେହି ଭାବନାକୁ ଏକ ଅପୂର୍ବ ରୂପ ଦେଇପାରିଛନ୍ତି ମାତ୍ର ।

କିନ୍ତୁ ଏହି ଚିତ୍ର କି ଈଶ୍ୱରର ଶ୍ରେଷ୍ଠ ଅଭିବ୍ୟକ୍ତି ? ମୋଟ ଉପରେ ଗୀତାର ବିଶ୍ୱରୂପ ହେଲା, ଏକ ବିରାଟକାୟ, ଭୀମ-ଭୟଂକର ମନୁଷ୍ୟର ଚିତ୍ର ମାତ୍ର ।

Digitized by srujanika@gmail.com

ଏହି ଅତିକାୟ ମନୁଷ୍ୟ କି ହୋଇପାରନ୍ତି ମନୁଷ୍ୟର ଉପାସିତତମ ଈଶ୍ୱର ? ଈଶ୍ୱର କ'ଣ ନିଶ୍ଚିତ ଭାବରେ ଏକ ମନୁଷ୍ୟ-ବିଗ୍ରହଧାରୀ ବ୍ୟକ୍ତି ? ସାଧାରଣତଃ ମଣିଷ ଯାହା ତାହାର ଏକ ବୃହତ୍ ସଂସ୍କରଣ ମାତ୍ର ହୋଇପାରନ୍ତି କି, ଈଶ୍ୱର ? ତେଲୁଗୁ ଭାଷାର ପ୍ରସିଦ୍ଧ ଗଳ୍ପ 'ଦାର୍ଢ୍ୟତା ଭକ୍ତି'ରେ ପାଠକେ ଈଶ୍ୱର-କଳ୍ପନା ବରାବର ଏହି ଭାବରେ ଚିତ୍ରିତ ହୋଇଥିବାର ଦେଖିବେ । ଗୋଦାବରୀ ନଦୀ କୂଳରେ କୌଣସି ଏକ ଗ୍ରାମରେ ଦୁଇଟି ଆନ୍ଧ୍ର-ଭାଇଙ୍କୁ ସେ ଗଳ୍ପରେ ବରେଣ୍ୟ ଭକ୍ତ ଭାବରେ ବର୍ଣ୍ଣନା କରାଯାଇଛି । ସେ ଭାଇ ଦି'ଜଣ ଗରିବ ଥିଲେ, କିନ୍ତୁ ପରେ ବଡଲୋକ ହୋଇ ବହୁତ ଦାନ-ଧର୍ମ କଲେ ଏବଂ ସାଧୁ-ସନ୍ନ୍ୟାସୀ-ମାନଙ୍କର ଅକୁଣ୍ଠ ସେବା କଲେ । ଥରେ ସେମାନେ ବହୁ ସାଧୁ-ସନ୍ନ୍ୟାସୀଙ୍କୁ ଖୁଆଇବାର ମନସ୍ଥକରି ପ୍ରାୟ ଦଶ ହଜାର ଲୋକ ଖାଇଲାଭଳି ବ୍ୟବସ୍ଥା କଲେ । ଏହି ସମୟରେ ଭଗବାନ ଆସିଲେ ପରୀକ୍ଷା କରିବା ପାଇଁ କ୍ଷୁଧାତୁର ବ୍ରାହ୍ମଣ ବେଶରେ । ସେ ଆତୁର ହୋଇ ସବା ଆଗେ ଖାଇବାକୁ ମାଗିଲେ । ଜଞ୍ଜାଳ ତୁଟାଇବା ପାଇଁ ଭକ୍ତ-ଭାଇ ଦୁଇଜଣ, ଖଲି ପକେଇ ବ୍ରାହ୍ମଣକୁ ଆଗ ମୁଠାଏ ଖାଇବାକୁ ଦେଇଦେବାକୁ ଆଦେଶ ଦେଇଦେଲେ ; କିନ୍ତୁ ଦେଖାଗଲା ଯେ, ବ୍ରାହ୍ମଣ ଖାଉଛି ତ ଖାଉଛି । ଦେଖୁ ଦେଖୁ ଦଶ ହଜାର ଲୋକଙ୍କ ପାଇଁ ରନ୍ଧା ହୋଇଥିବା ସମସ୍ତ ଅନ୍ନ ବ୍ୟଂଜନ ସେ ଖାଇ ଶେଷ କରିଦେଲା । ତା'ପରେ ସେ ଯାଇ ଗୋଦାବରୀ ନଦୀରେ ପାଣି ପିଇଲା ଯେ ଗୋଦାବରୀ ନଦୀଟା ଶୁଖିଲା ପଡିଗଲା । ଭକ୍ତ ଭାଇଏ ତା ଗୋଡତଳେ ପଡି ସେ ମହାତ୍ମା କିଏ ବୋଲି ପଚାରନ୍ତେ, ସେ ସ୍ୱୟଂ ଭଗବାନ ବୋଲି କହି ସେମାନଙ୍କୁ ଆଶୀର୍ବାଦ କରି ଉଭେଇଗଲେ ।

ଏହି ହେଲା ଆମର ସାଧାରଣ ଭଗବାନର କଳ୍ପନା । ଗୀତାର ବିଶ୍ୱରୂପ କଳ୍ପନା ମଧ୍ୟ ଏହି-ଧର୍ମୀ ; କିନ୍ତୁ ଏହି ପ୍ରକାର ସ୍ଫୀତକୃତ, ବୃହତ୍‌କାୟ ମନୁଷ୍ୟଟିଏ ମାତ୍ର କି ସତ୍ୟରେ ଆମର ଈଶ୍ୱର ହୋଇପାରନ୍ତି ?

ମନେ ରଖିବାକୁ ହେବ ଯେ, 'ଈଶ୍ୱରାନୁଭବ' ସକଳ ଧର୍ମ ଦେଇହିଁ ସମ୍ଭବ, କେବଳ ହିନ୍ଦୁ ଧର୍ମର ଏହା ଏକଚାଟିଆ ଅଧିକାର ନୁହେଁ ଏବଂ ସକଳ ଧର୍ମର ବହୁ ସତ୍ ପୁରୁଷମାନଙ୍କ ଜୀବନରେ ଏହା ଘଟିଛି । ପରମହଂସ ରାମ-କୃଷ୍ଣଙ୍କର ଜୀବନୀ ଲେଖକ ପରମ ପଣ୍ଡିତ ରମାଁରୋଲାଁ ରାମକୃଷ୍ଣଙ୍କର ଜୀବନର ଏହି ପ୍ରଧାନତମ ଅଭିଜ୍ଞତା, ଅର୍ଥାତ୍ ଭଗବତ୍-ଦର୍ଶନକୁ ନିରପେକ୍ଷ ଭାବରେ ଆଲୋଚନା କରିଛନ୍ତି । ରାମକୃଷ୍ଣ ମା କାଳୀଙ୍କ ପ୍ରସ୍ତର ବିଗ୍ରହ ପୂଜା କରୁଥିଲେ । କିନ୍ତୁ ସେ କ୍ରମେ ପାଗଳହେଲେ ମାତାଙ୍କୁ 'ସ୍ୱ-ରୂପ'ରେ ଦେଖିବାକୁ । ଶେଷରେ ସେ ମାଆଙ୍କୁ 'ଦେଖିଲେ' ବୋଲି କୁହାଯାଉଥାଏ ; କିନ୍ତୁ ସୁପଣ୍ଡିତ, ବିଚକ୍ଷଣ ରୋଲାଁ ପଚାରିଛନ୍ତି—ସେ ପ୍ରକୃତରେ କ'ଣ ଦେଖିଲେ ?

Digitized by srujanika@gmail.com

ଭଗ୍ୟକୁ, ରାମକୃଷ୍ଣଦେବ ବାରମ୍ବାର ତାଙ୍କର ସେହି ପରମ ଅଭିଜ୍ଞତା ବର୍ଣ୍ଣନା କରିଯାଇଛନ୍ତି ; କିନ୍ତୁ ସେଥିରେ କୌଣସି ମାନବିକ ମୁର୍ତ୍ତିର ସ୍ଥାନ ନାହିଁ । ପରମହଂସଦେବ ଦେଖିଲେ କେବଳ ଅନ୍ତହୀନ ଏକ ଜ୍ୟୋତିର ସମୁଦ୍ର, ଯାହାର ଉତ୍ତାଳ ଲହରୀମାଳାରେ ସେ ନଜର ଚୈତନ୍ୟ ହରାଇ କେବଳ ଉଠୁଥିଲେ, ପଡୁଥିଲେ ।

ସେଇଁ ମଧ୍ୟଯୁଗୀୟ ଖ୍ରୀଷ୍ଟାନ ସେଣ୍ଟ (saint) ବା ସନ୍ଥମାନଙ୍କର ତତ୍ସମ ଅଭିଜ୍ଞତା ଉଦ୍ଧାରକର କହିଛନ୍ତି ଯେ, ସେମାନେ ମଧ୍ୟ ଆଧ୍ୟାତ୍ମିକ ସାଧନାର ଶେଷ ସ୍ତରରେ ପରମହଂସଙ୍କ ପରି କେବଳ ପରମ ମଞ୍ଜୁଳ ଆଲୋକ ହିଁ ଦେଖିଛନ୍ତି ।

ଇସଲାମୀୟ ଧର୍ମ-ସାଧନାର ଶେଷ ଅନୁଭବ ମଧ୍ୟ ଏହି ଆଲୋକ (ନୁର)—ଦର୍ଶନ । ଏବେ ମାତ୍ର ସ୍ୱର୍ଗତ ହୋଇଥିବା ପ୍ରସିଦ୍ଧ ବ୍ରହ୍ମଜ୍ଞାନୀ ରମଣ ମହର୍ଷିଙ୍କ ଅଭିଜ୍ଞତା ମଧ୍ୟ ଏହି ପ୍ରକାରର ।

ବ୍ରହ୍ମ ଦର୍ଶନ ବା ଭଗବତ୍-ଦର୍ଶନ ବା ଭଗବତୋପଲବ୍ଧି ବୋଇଲେ ଯେ ଗୋଟିଏ ଭୀମ—ଭୀଷଣ ବିରାଟ ମନୁଷ୍ୟକୁ ଆମେ ଦେଖିବା,—ବିଶ୍ୱର ଧର୍ମୀୟ ସାହିତ୍ୟରେ ଏହାର କୌଣସି ପ୍ରମାଣ ନାହିଁ । ସେପରି ଘଟିବା ଯୁକ୍ତି-ଯୁକ୍ତ ମଧ୍ୟ ବୋଧ ହେଉନି ।

ଅବଶ୍ୟ ବିବେକାନନ୍ଦ କହିବା ଭଳି, ଜୀବର ଚିନ୍ତାର ସ୍ତର ଅନୁସାରେ ଭଗବାନ ଭିନ୍ନ ଭିନ୍ନ ହୋଇ ଦେଖାଯିବାର କଥା । ଅର୍ଥାତ୍ ଗୋଟିଏ କୁକୁରକୁ ଭଗବାନ୍ ଏକ ଆଦର୍ଶ କୁକୁର ଭବରେହିଁ ଦେଖାଦେବେ, ଗୋଟିଏ ଗୋରୁକୁ ଏକ ଆଦର୍ଶ ଗୋରୁ ଭବରେ । ସେହିପରି, ଏକ ମନୁଷ୍ୟକୁ ଈଶ୍ୱର ଏକ ମନୁଷ୍ୟ ଭବରେ ଦେଖା ଯିବାରେ ଅସମ୍ଭବତା ନାହିଁ ; କିନ୍ତୁ ସାମାନ୍ୟ ମନୁଷ୍ୟ ପ୍ରତ ଈଶ୍ୱର ଏକ ଅତିକାୟ ମନୁଷ୍ୟ ଭବରେ ଦେଖାଯିବାର କୌଣସି ବିଶେଷ ଆଧ୍ୟାତ୍ମିକ ଯାଥାର୍ଥ୍ୟ ଅଛି ବୋଲି କୁହାଯାଇ ନ ପାରେ । ଗୀତାର ଏହି ଅଧ୍ୟାୟରେ ଅର୍ଜୁନ, ଶ୍ରୀକୃଷ୍ଣଙ୍କୁ ପିତା-ସଖା-ପୁତ୍ରର ମଧୁର ସମ୍ବନ୍ଧରେ ଯେପରି ଅର୍ଚ୍ଚିତ କରିଛନ୍ତି ଏବଂ ତାଙ୍କର ଅତିକାୟତାରେ ବ୍ୟସ୍ତ ହୋଇ ଶେଷରେ ଯେପରି ଶ୍ରୀକୃଷ୍ଣଙ୍କର 'ମାନୁଷ' ରୂପ ପୁଣି ଦେଖିବାପାଇଁ ବ୍ୟାକୁଳ ହୋଇ ଉଠିଛନ୍ତି; ତାହାହିଁ ନର ଓ ନାରାୟଣଙ୍କ ମଧ୍ୟରେ ସ୍ୱାଭବିକ ସମ୍ବନ୍ଧ ବୋଲି ବିବେଚିତ ହେବା ଉଚିତ ବୋଲି ମନେ ହୁଏ । ରାଧାକ୍ରିଷ୍ଣନ୍ ତାଙ୍କ ଗୀତାରେ ଚାର୍ଲସ ସିଂଗରଙ୍କ "Studies in the History and Method of Science" ରେ ଉଦ୍ଧୃତ ନିମ୍ନଲିଖିତ ଚିତ୍ରଟି ଗୀତ ର ଈଶ୍ୱର ଦର୍ଶନର ସମାନ୍ତରାଳ ଚିତ୍ର ଭବରେ ଉଦ୍ଧାର କରିଛନ୍ତି । 'ଏହା ଏକ ଖ୍ରୀଷ୍ଟୀୟ ସନ୍ଥଙ୍କର ଈଶ୍ୱର-ଦର୍ଶନ ।

Digitized by srujanika@gmail.com

କିନ୍ତୁ ସେଠି ମଧ୍ୟ ଈଶ୍ୱର 'ସୁନ୍ଦର' ହେଲେହେଁ ଏକ ସାଧାରଣ ମନୁଷ୍ୟ ମାତ୍ର । ଚିତ୍ରଟି ଏହି—

"ସେଣ୍ଟ ହିଲ୍ ଡେଗାର୍ଡ (୧୦୯୮-୧୧୮୦) ଏକ 'ଭିଜନ୍' (vision) ବା ଦେବ-ଦର୍ଶନର ବର୍ଣ୍ଣନା ଦେଇ କହିଛନ୍ତି ଯେ, ସେ ଏକ ମନୋହର ପୁରୁଷଙ୍କୁ ଦେଖିଲେ, ଯେ କ ଏହିପରି ଭବରେ ନିଜକୁ ବର୍ଣ୍ଣନା କରି ଚାଲିଲେ—'ମୁଁ ହିଁ ସୃଷ୍ଟିର ପରମ, ମୁଁ ହିଁ ସେହି ତେଜ-ଶକ୍ତି ଯାହାଠାରୁ ଅଗଣିତ ଜୀବନ-କଣା ନିର୍ଗତ ହୋଇଥାଏ । ମୃତ୍ୟୁ ମତେ ସ୍ପର୍ଶ କରିପାରେନା, ଯଦିଓ ସେ ମୋର ଆଜ୍ଞାବଦ୍ଧ । ମୋର ଅମୃତମୟ ସତ୍ତା କେବଳ ଜ୍ଞାନର ପତ୍ରାବଳିରେ ଆବୃତ । ମୁଁ ହିଁ ସେହି ଅଗ୍ନି ଯାହା ପ୍ରକୃତିରେ ବିଭସିତ ହୁଏ, ଜଳରେ ଚିକ୍ ଚିକ୍ କରେ ଏବଂ ସୂର୍ଯ୍ୟ-ଚନ୍ଦ୍ର-ତାରକାଦିରେ ପ୍ରଜ୍ୱଳିତ ରହିଥାଏ । ଅଦୃଶ୍ୟ ବାୟୁର ପଶ୍ଚାତ୍‌ରେ ଥିବା ରହସ୍ୟମୟ ଶକ୍ତି ହିଁ ମୁଁ । ମୁଁ ହିଁ ଜୀବ ଗ୍ରାମର ନିଶ୍ୱାସ ପ୍ରଶ୍ୱାସ । ମୁଁ ହିଁ ପ୍ରକୃତିର ନୀଳିମା ଓ ପୁଷ୍ପର ବର୍ଣ୍ଣ ଏବଂ ଜଳ ପ୍ରବାହର ଜୀବନ୍ତତା । ମୁଁ ମଧ୍ୟ ଏହି ପୃଥିବୀକୁ ଧରି ରଖିଥିବା ସ୍ତମ୍ଭ । ଭୂତ ସକଳର ମୁଁ ହିଁ ଜୀବନ । ମୋରି ବଜ୍ରଧ୍ୱନିରେ ଏହି ସୃଷ୍ଟି ନିର୍ମିତ ହୋଇଥିଲା ।"

ଗୀତାର ଏହି ଏକାଦଶ ଅଧ୍ୟାୟ ଏବଂ ବହୁ ଅଧ୍ୟାୟର ବହୁ ଶ୍ଳୋକର ଭବ ସହିତ ଏକାଦଶ ଶତାବ୍ଦୀରେ ଏହି ଖ୍ରୀଷ୍ଟୀୟ ସାଧୁଙ୍କର ଦେବ-ଦର୍ଶନର ଅଭିଜ୍ଞତା ଯେ କପରି ବିସ୍ମୟକର ଭବରେ ମିଳି ଯାଉଛି, ତାହାହିଁ ପାଠକେ ଲକ୍ଷ୍ୟ କରନ୍ତୁ ।

ଗୀତାରେ ଆମେ ବାରମ୍ବାର ମଧ୍ୟ ଦେଖିବାକୁ ପାଉଛୁ ଯେ, ସାଧକର ଶେଷତମ ଆଧ୍ୟାତ୍ମିକ ଅଭିଜ୍ଞତା କେବଳ ଏକ ବିଶ୍ୱବ୍ୟାପ୍ତ ଅନୁଭବ ମାତ୍ର । ଏହା କୌଣସି ଦ୍ରବ୍ୟ ବା ଲୋକଙ୍କୁ ଭେଟିବା ନୁହେଁ । ଶ୍ୱେତାଶ୍ୱତର ଉପନିଷଦ (୩।୮) ର ସେହି ପ୍ରସିଦ୍ଧ ବ୍ରହ୍ମାବବୋଧ

ବେଦାହମେତଂ ପୁରୁଷଂ ମହାନ୍ତଂ
ଆଦିତ୍ୟବର୍ଣ୍ଣଂ ତମସଃ ପରସ୍ତାତ୍
ତମେବ ବିଦିତ୍ୱାଽତି ମୃତ୍ୟୁ ମେତି
ନାନ୍ୟଃ ପନ୍ଥା ବିଦ୍ୟତେଽୟନାୟ ।

(ଅଜ୍ଞାନାନ୍ଧକ ରର ଆରପଟେ ଆଦିତ୍ୟ ବର୍ଣ୍ଣ ହେହି ପୁରୁଷ (ବ୍ରହ୍ମ)ଙ୍କୁ ମୁଁ ଜାଣିଛି । କେବଳ ତାଙ୍କୁ ଜାଣିଲେହିଁ ମନୁଷ୍ୟ ମୃତ୍ୟୁକୁ ଅତିକ୍ରମ କରିପାରେ । ଅନ୍ୟତର କୌଣସି ହେଲେ ପନ୍ଥା ଏଥିପାଇଁ ନାହିଁ) ।

Digitized by srujanika@gmail.com

ଅଥବା—

ବେଦାହମେତ ମଜରଂ ପୁରାଣଂ
ସର୍ବାତ୍ମନଂ ସର୍ବଗତଂ ବିଭୁତ୍ୱାତ୍
ଜନ୍ମନିରୋଧଂ ପ୍ରବଦନ୍ତି ଯସ୍ୟ
ବ୍ରହ୍ମବାଦିନୋହି ପ୍ରବଦନ୍ତି ନିତ୍ୟଂ ।

(ଶ୍ୱେତାଶ୍ୱେତର ୩।୨୧)

(ଯାହାଙ୍କୁ ବ୍ରହ୍ମବାଦୀମାନେ ନିତ୍ୟ ଓ ଜନ୍ମ-ରହିତ କହିଥାନ୍ତି, ସେହି ଅଜର ଅର୍ଥାତ୍ ପୁରାତନ ହୋଇ ମଧ୍ୟ ଚିର ନବୀନଙ୍କୁ ଏବଂ ସର୍ବବ୍ୟାପକତା ଯୋଗୁଁ—ସର୍ବାତ୍ମାଙ୍କୁ ମୁଁ ଜାଣେ) ।

ତେଣୁ ଅଗଣିତ ନାମ-ରୂପ ବର୍ଣ୍ଣ-ଗନ୍ଧମୟ ଏହି ବିପୁଳ ବିଶ୍ୱକୁହିଁ ଭଗବାନଙ୍କର "ବିଶ୍ୱରୂପ" ବୋଲି ଗ୍ରହଣ କରି ନେବାରେ ଯଥେଷ୍ଟ ଯଥାର୍ଥତା ଅଛି । ଏହାହିଁ ତାଙ୍କର ଉତ୍କୃଷ୍ଟ ପ୍ରକାଶ । ବରଂ ଆମେ ଯେ ସାଧାରଣତଃ ଆମ ଦେହ ଓ ଆମେ ଦେଖୁଥିବା ଏହି ଚତୁର୍ଦ୍ଦିଗସ୍ଥ ବ୍ରହ୍ମାଣ୍ଡକୁ ଈଶ୍ୱରଙ୍କଠାରୁ ଭିନ୍ନ ମନେ କରୁ ଥିଲୁ ଏବଂ ସ୍ରଷ୍ଟା ନୁହେଁ, ସୃଷ୍ଟିକୁହିଁ ଶେଷ କଥା ଭବି ସେହି ସବୁ ପଛରେ ଧାଉଁ ତାହାହିଁ ସବୁଠାରୁ ଅଯୌକ୍ତିକ । ବୈଷ୍ଣବ ଦର୍ଶନରେ ତେଣୁ କୁହାଯାଇଛି ଯେ, ଆମର ଏହି 'ଦ୍ୱିତୀୟାଭିନିବେଶ' (ଈଶ୍ୱରହିଁ ମନୁଷ୍ୟର ପ୍ରଥମ ଓ ଅନନ୍ୟ ଅଭିନିବେଶ ହେବା ଉଚିତ) ହିଁ ଆମର ସକଳ ଦୁଃଖର ହେତୁ ; ଏହାରି ବିପରୀତ ଗତିହିଁ ପ୍ରକୃତ ଅଧ୍ୟାତ୍ମ ସାଧନା ଏବଂ ଜୀବର ଶେଷ ପରିଣତି ହେବ ଆମଠାରେ ଥିବା ଦ୍ୱୈତ ବା ବହୁ ଭବର ଲୋପ ପରେ, ଯେଉଁ ଅଦ୍ୱୈତ ବା ଏକରୁ ଆମେ ଆସିଥିଲେ, ସେହିଥିରେ ପୁଣି ମିଶିଯିବା । କାହାକୁ 'ଦେଖିବା'ର ପ୍ରଶ୍ନ ଏଠି ଅବାନ୍ତର ନୁହେଁ କି ? ବୃହଦାରଣ୍ୟକ ଉପନିଷଦ (୪।୪।୧୪) ରେ ଏହାର ସୁନ୍ଦର ବର୍ଣ୍ଣନା ଅଛି । ଋଷି ଯାଜ୍ଞବଲ୍କ୍ୟ ପ୍ରିୟତମା ସ୍ତ୍ରୀ ମୈତ୍ରେୟୀଙ୍କୁ କହୁଛନ୍ତି—

"ପ୍ରିୟେ, ଯେ ପର୍ଯ୍ୟନ୍ତ ବ୍ରହ୍ମ ଦ୍ୱୈତହିଁ ଥାଏ (ଅର୍ଥାତ୍ ସେ ଓ ଆମେ ଭିନ୍ନ ଭିନ୍ନ ଥାଉ) ସେ ପର୍ଯ୍ୟନ୍ତ ଏକ ଅପରକୁ ଦେଖେ, ଏକ ଅପରକୁ ଆସ୍ୱାଦନ କରେ, ଏକ ଅପରକୁ କଥା କହେ, ଏକ ଅପରକୁ ଶୁଣେ, ଏକ ଅପରକୁ ଚିନ୍ତା କରେ········କିନ୍ତୁ ଯେତେବେଳେ ଏ ସମସ୍ତ ଏକ ଆତ୍ମା ବୋଲି ମନେ ହେବ ସେତେବେଳେ କିଏ କିପରି ଅନ୍ୟ କାହାକୁ ଦେଖିବ; କିଏ କିପରି ଅନ୍ୟକୁ ଆଘ୍ରାଣ କରିବ ଏବଂ କି ଦେଇ ବା ଅନ୍ୟକୁ ଆସ୍ୱାଦନ କରିବ ? ········ ଯାହା ଦ୍ୱାରାହିଁ ଆମେ ଏହି ସମସ୍ତଙ୍କୁ ଜାଣୁ, ତାଙ୍କୁ ଆମେ ତାଙ୍କ-ନିଜ-ଛଡା ଅନ୍ୟ କ ଉପାୟରେ ଜାଣିବା ? ସେହି ଯାହାଙ୍କୁ 'ନେତି' 'ନେତି' କୁହାଯାଇଥାଏ ସେହିହିଁ

Digitized by srujanika@gmail.com

ଆତ୍ମା । ସେ ଅଗ୍ରହଣୀୟ କାରଣ ସେ ଗୃହୀତ ହୁଅନ୍ତ ନାହିଁ।........ ସେହିହିଁ ଏକମାତ୍ର ବିଜ୍ଞାତା । ତାଙ୍କୁ ଜ୍ଞାନଗତ କରିବାର ତାଙ୍କ ଛଡା ଆଉ ଅନ୍ୟ ଉପାୟ କ ଥାଇପାରେ ?"

ଏହାହିଁ ହେଲା ଆଧ୍ୟାତ୍ମିକ ଅନୁଭବର ଶେଷ କଥା—ଯେତେବେଳେ ଏକ, ବିଶ୍ୱ ସହିତ ବା ବିଶ୍ୱରୂପ ସହିତ ଅଭିନ୍ନ ଓ ଏକୀଭୂତ ହୋଇଯାଏ ।

ଏଣେ ବାହାରେ ଆମର ସ୍ୱୀକୃତିକୁ ଅପେକ୍ଷା ନ କରି, ବିଧାତାର ପରମ ବିସ୍ମୟକାରୀ ଚକ୍ଷୁଷ 'ବିଶ୍ୱରୂପ' ନିତ୍ୟ ଦଣ୍ଡାୟମାନ । ଗୀତା ରଚିତ ହୋଇଥିବା ବେଳେ ମନୁଷ୍ୟ, ଏହି ପୃଥିବୀ, ଏହି ସୌରଜଗତ୍ ଏବଂ ମହାବିଶ୍ୱର କିଛିହିଁ ଜାଣି ନ ଥିଲା କହିଲେ ଚଳେ । ଏବେ ଶକ୍ତିଶାଳୀ ଦୂରବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ମନୁଷ୍ୟ ଆସ୍ତେ ଆସ୍ତେ ବିଧାତାର ଯେଉଁ ବିରାଟ ବାହ୍ୟ 'ବିଶ୍ୱରୂପ' ଦେଖିବାକୁ ପାଉଛି, ସମଗ୍ର ବିଶ୍ୱ ସାହିତ୍ୟରେ ତାର ବର୍ଣ୍ଣନା ଆଗରୁ କେବେ ଦେଖାନଥିଲା କାରଣ ତାହା ଜଣାନଥିଲା । ଏବେ ଆମେ ଜାଣିଲୁଣି ଯେ, ଏହି ନବାବିଷ୍କୃତ ବ୍ରହ୍ମାଣ୍ଡରେ ଅନ୍ତତଃ କୋଡିଏ ଲକ୍ଷ ନିହାରିକା (ନକ୍ଷତ୍ର ସମଷ୍ଟି)ଙ୍କ ଅସ୍ତିତ୍ୱ ଧରା ପଡ଼ିଲାଣି ଏବଂ ସେହି ପ୍ରତ୍ୟେକଟି ନିହାରିକାରେ ଅନ୍ତତଃ ଦୁଇଶତ କୋଟି ବିରାଟ ବିରାଟ ସୂର୍ଯ୍ୟ ଥିବାର ଧରାପଡୁଛି । ଅନେକ ନକ୍ଷତ୍ର ଅଛନ୍ତି, ଯାହାଙ୍କର ଆମଠୁ ଦୂରତା ବୋଧହୁଏ ୨୦।୩୦ କୋଟି ଆଲୋକ-ବର୍ଷ । ଏହି ବିରାଟ ମହା ସୃଷ୍ଟିରେ ଆମର ପରିଚିତ ସୌରମଣ୍ଡଳ ଓ ତା' ଭିତରେ ଆମର ଏହି ପୃଥିବୀ ଏକ ଦୀନ-ନଗଣ୍ୟ ସ୍ଥାନହିଁ ଅଧିକାର କରି ରହିଛନ୍ତି । ବିଜ୍ଞାନୀମାନେ ସ୍ଥିର ଜାଣିଲେଣି ଯେ, ସୀମାହୀନ ସୃଷ୍ଟି ଆହୁରି ଆହୁରି ରହିଛି, ଯାହାକି ମନୁଷ୍ୟ-ଉଦ୍ଭାବିତ ସବୁଠାରୁ ଶକ୍ତିଶାଳୀ ଦୂରବୀକ୍ଷଣର ମଧ୍ୟ ବାହାରେ ।

ତେଣେ ମନୁଷ୍ୟ-ଉଦ୍ଭାବିତ ଦୂରବୀକ୍ଷଣ ଯନ୍ତ୍ର ମହାକାଶରେ ଏ ପ୍ରକାର ମହାବିସ୍ମୟ ଦେଖାଇଲାବେଳକୁ ଏଣେ ଅଣୁବୀକ୍ଷଣ ଯନ୍ତ୍ର ଆମକୁ ସାମାନ୍ୟ ପରମାଣୁ ଭିତରେ ଇଲେକ୍ଟ୍ରନ୍ ଓ ପ୍ରୋଟନ୍‌ମାନଙ୍କର ଅଦ୍ଭୁତ ସୌରଲୀଳା ଦେଖାଇ ସ୍ତମ୍ଭିତ କରୁଛି ଏବଂ ମାନବ ଚକ୍ଷୁର ଅଦୃଶ୍ୟ ସେହି ପରମାଣୁର ବିଭଞ୍ଜନରୁ ନିର୍ଗତ ମହାଶକ୍ତି, ବିଶ୍ୱଧ୍ୱଂସର କାରଣ ହେବ ବୋଲି ଆଜି ସମଗ୍ର ପୃଥିବୀ ଆତଙ୍କରେ କାଳ କାଟୁଛି ।

ତେଣୁ ବିଧାତାର ପରମ ବିସ୍ମୟରେ 'ବିଶ୍ୱରୂପ' ଏହି ଚକ୍ଷୁଷ ଜଗତରେ ଦୃଶ୍ୟମାନ । ସେଥିପାଇଁ ଭଗବାନଙ୍କୁ ଏକ ଅଲଗା ବ୍ୟକ୍ତି ଧରିବାର କି ଆବଶ୍ୟ-କତା ଅଛି ? ସେ 'ବ୍ୟକ୍ତି' ପୁଣି ଏକ ମନୁଷ୍ୟାକୃତି ହେବାର ବା କି ଯୁକ୍ତି ? ଆଜିର ପରମାଣୁ ସଭ୍ୟତାହିଁ ପ୍ରମାଣ କରୁଛି ଯେ, ଏହି ଈଶ୍ୱର ପ୍ରକୃତି ସତ୍ତା କେବଳ ଏକ ଶକ୍ତି, ଏକ ତାପ ବା ସୂକ୍ଷ୍ମାତିସୂକ୍ଷ୍ମ ଏକ ବସ୍ତୁ । ତାହାହିଁ ଈଶ୍ୱର ବା ବ୍ରହ୍ମ ଆମ ଆମରେ ଅତିମାତ୍ରାରେ ସ୍ଥୂଳ ବା ପ୍ରକାଣ୍ଡ ହୋଇ ଠିଆ ହେବାରେ,

Digitized by srujanika@gmail.com

ଈଶ୍ୱରଙ୍କ ସ୍ୱ-ରୂପର ଶୋଭନୀୟତା ବା ଲୋଭନୀୟତା ଆସିନପାରେ । ତାହା କେବଳ ମନୁଷ୍ୟର ଆଦିମ ବା ନିମ୍ନସ୍ତରର ଚିନ୍ତା ମାତ୍ର ହୋଇପାରେ ।

ଶେଷରେ ପାଠକବର୍ଗଙ୍କୁ ଗୀତାର ଏହି ଏକାଦଶ ଅଧ୍ୟାୟ ବା ବିଶ୍ୱରୂପ ଉପରେ ସନ୍ଥ ବିନୋବାଜୀଙ୍କ ଯୁକ୍ତିଯୁକ୍ତ ମତରୁ କିଛି ଉଦ୍ଧାର କରି ଏ ଆଲୋଚନା ଶେଷ କରୁଁ । ବିନୋବାଜୀ କହିଛନ୍ତି—

"ଏହି ଅଧ୍ୟାୟରେ ଈଶ୍ୱରଙ୍କର ଦୈବ ବ୍ୟକ୍ତିତ୍ୱର ଏକ ଚିତ୍ତାକର୍ଷକ ବର୍ଣ୍ଣନା ଦିଆଯାଇଛି ; କିନ୍ତୁ ମୁଁ ଏହି ତଥାକଥିତ 'ବିଶ୍ୱରୂପ' ପ୍ରତି ଆକୃଷ୍ଟ ହୋଇପାରିନାହିଁ । ମୁଁ ଏକ କ୍ଷୁଦ୍ର ପ୍ରତିମାରେହିଁ । ସନ୍ତୁଷ୍ଟ × × × ଈଶ୍ୱରଙ୍କ ସମ୍ପର୍କରେ 'ଅଳ୍ପ' ବା 'ବହୁତ' ଶବ୍ଦର ପ୍ରୟୋଗ ଏକାନ୍ତ ଅବାନ୍ତର । ଅମୃତ ସିନ୍ଧୁର ପ୍ରତ୍ୟେକ କଣାହିଁ ଅମୃତମୟ । ମୁଁ ଯଦି ଗୋଟିଏ କଣା ଅମୃତ ପାଇଛି ତେବେ ତାହାହିଁ ମୋର ସାରଜୀବନ ପାଇଁ ଯଥେଷ୍ଟ । ମୁଁ ପାଣି ବା ଦୁଧର ଦୃଷ୍ଟାନ୍ତ ନ ଦେଇ ଅମୃତର ଦୃଷ୍ଟାନ୍ତ ଦେଲି କାହିଁକି ? ମାଠିଏ ଦୁଧର ଯେଉଁ ସ୍ୱାଦ, ଗିନାଏ ଦୁଧର ସେହି ସ୍ୱାଦ ହୋଇପାରେ; କିନ୍ତୁ ଗିନାଏ ଦୁଧ ମାଠିଏ ଦୁଧର ପରିପୋଷଣ-ଶକ୍ତି ଦେଇନପାରେ ; କିନ୍ତୁ ଗିନାଏ ଅମୃତ ଓ କଣିକାଏ ଅମୃତ ଭିତରେ କୌଣସି ପାର୍ଥକ୍ୟ ନାହିଁ । ସେହିପରି ଅମୃତ ସିନ୍ଧୁ ଓ ଅମୃତ କଣିକା ଭିତରେ ଗୁଣ ଓ ସ୍ୱାଦର କୌଣସି ପାର୍ଥକ୍ୟ ନାହିଁ । କଣିକାଏ ଅମୃତ ଖାଇଲେ ମଧ୍ୟ ଲୋକ ଅମୃତତ୍ୱ ପ୍ରାପ୍ତ ହୋଇଯିବ । × × × ପୁଣି ମୁଁ ଯଦି ମୁଠାଏ ଗହମ ଚିହ୍ନି ପାରେନା, ମତେ ବସ୍ତାଏ ଗହମ ଦେଖେଇ କି ଲାଭ ? × × × ଛୋଟକୁ ଜାଣିଲେହିଁ ବଡକୁ ଜାଣିବ । ସେଥିପାଇଁ ମୋର କେବେ ଏ ଅଭିଳାଷ ଜାଗ୍ରତ ହୋଇନାହିଁ ଯେ ଈଶ୍ୱର ମୋ ଆଗରେ ବିଶ୍ୱରୂପ ଧରି ଠିଆ ହୁଅନ୍ତୁ ।"

(Talks on the Gita chapter xI)

ଅଧିକନ୍ତୁ ଶେଷରେ ପାଠକ ପାଠିକାଙ୍କୁ ସ୍ମରଣ କରାଇ ଦିଆଯାଇପାରେ ଯେ, ଏହି ଏକାଦଶ ଅଧ୍ୟାୟରେ ବିଧାତାଙ୍କର ତଥାକଥିତ 'ସ୍ୱରୂପ' ଯେପରି ବର୍ଣ୍ଣିତ ହୋଇଛି ବୋଲି କୁହାଯାଇଛି, ସେଥିରେ ବିଶ୍ୱଜନୀନତା ଅପେକ୍ଷା ଭାରତୀୟ ବା ବୈଦିକ-ବ୍ରାହ୍ମଣ୍ୟ ଚିନ୍ତାଧାରା ବା ଭାବକଳ୍ପ ସବୁହିଁ ବିଶେଷ ଭାବରେ ପ୍ରକଟିତ । ଅର୍ଜ୍ଜୁନ ବିଶ୍ୱରୂପ ଭିତରେ କେବଳ ରୁଦ୍ର, ଆଦିତ୍ୟ, ବସୁ, ନାଗ, ଗନ୍ଧର୍ବ, ବ୍ରହ୍ମର୍ଷି, ଦେବର୍ଷି, ଏ ସବୁଙ୍କୁ ଦେଖିଲେ କିନ୍ତୁ କୌଣସି ଏଞ୍ଜେଲଙ୍କୁ (Angel ବା ଦେବଦୂତ) ନ ଦେଖିଲେ କିପରି ? ଆଜିର ବିଜ୍ଞାନ, ମନୁଷ୍ୟକୁ ଯେପରି ମହାକାଶଚାରୀ କରିପାରିଛି; ଯେପରି ଭାବରେ ମନୁଷ୍ୟ ବିଜ୍ଞାନ ବଳରେ ଅକଳ୍ପନୀୟ ବିଶ୍ୱକୁ ତାର କରତଳ ଗତ କଲାପରି ରଖିଲାଣି, ଏ ପୃଥିବୀରେ ବ୍ୟାପାର ଯେ ଦିନେ ଏପରି ବିସ୍ମୟକର ହୋଇ ଉଠିବ ତାର ସାମାନ୍ୟତମ

Digitized by srujanika@gmail.com

ସୂଚନା ବା ବିଶ୍ୱରୂପଧାରୀ ଈଶ୍ୱରଙ୍କ ବାଣୀରେ କାହିଁ ? ଏହି ବିଶ୍ୱରୂପ ବର୍ଣ୍ଣନାରେ ସୂଚନା ବା କାହିଁ ଯେ, ଯେଉଁ ପବିତ୍ର 'କୁରୁକ୍ଷେତ୍ର'ରେ ଗୀତା ପରିଭାଷିତ ହେଉ-ଥିଲା ସେ ସ୍ଥାନ, ଏବଂ ସ୍ୱୟଂ ସେହି ପରମ ମହେଶ୍ୱର ଶ୍ରୀକୃଷ୍ଣଙ୍କର ଜନ୍ମ ସ୍ଥାନ ଓ ବିହାର ସ୍ଥାନ, ମଥୁରା, ବୃନ୍ଦାବନ, ଦ୍ୱାରକାଦି ଦିନେ ବିଦେଶାଗତ ବିଧର୍ମୀ-ମାନଙ୍କ ଅନାଚାରରେ ଉତ୍‌ପୀଡିତ ଓ କଳୁଷିତ ହେବ ? ସୂଚନା କାହିଁ ଯେ, ଏହି ପବିତ୍ର ଜମ୍ବୁଦ୍ୱୀପକୁ ଖଣ୍ଡ ଖଣ୍ଡ କରି ଅନ୍ୟ ଧର୍ମର ଲୋକେ ବାଣ୍ଟି ନେଇଯିବେ ଏବଂ ଏ ଭୂମିରେ ଧର୍ମର ଅକଳ୍ପନୀୟ ଅଧଃପତନ ଦେଖାଦେବ ?

ମୋଟ ଉପରେ 'ବିଶ୍ୱରୂପ'ର ରୂପ ଓ ବାଣୀରେ କେଉଁଠି ବକ୍ତା ଶ୍ରୀକୃଷ୍ଣ ନିଜକୁ କାଳ (ସମୟ) ଅର୍ଥାତ୍ 'ତ୍ରିକାଳଜ୍ଞ' ବୋଲି କହୁଛନ୍ତି ସେଠି ଇତିହାସର ସାକ୍ଷ୍ୟ ଦେଇ ପ୍ରମାଣିତ ହୋଇପାରିବ, ଏପରି ଗୋଟିଏ ହେଲେ କଥା ନାହିଁ । ସବୁ କେବଳ କଳ୍ପନା, ପୁଣି ସଂକୀର୍ଣ୍ଣ ବୈଦିକ-ବ୍ରାହ୍ମଣ୍ୟ କଳ୍ପନା ଓ ସଂସ୍କାର ଛଡା ଆଉ କିଛି ନାହିଁ । ଏହାକୁ ସ୍ୱୟଂ ବିଧାତାର ରୂପ ଓ ବାଣୀ ବୋଲି ଗ୍ରହଣ କରିବାର କୌଣସି ଆବଶ୍ୟକତା ନାହିଁ ବା ଯୁକ୍ତିଯୁକ୍ତତା ଓ ଯଥାର୍ଥତା ମଧ୍ୟ ନାହିଁ ।

ତେବେ ଗୀତାର ଅନ୍ୟ ଅନେକ ସ୍ଥାନପରି ଏଠାରେ ମଧ୍ୟ ପାଠକ ପାଠିକାଙ୍କୁ ଅନୁରୋଧ ଯେ, ସେମାନେ ଏସବୁକୁ ଏହି ଲେଖକର ସମ୍ପୂର୍ଣ୍ଣ ବ୍ୟକ୍ତିଗତ ମତ ବୋଲି ଧରିବେ । ଈଶ୍ୱରାନୁଭବ ସମ୍ପୂର୍ଣ୍ଣ ଭାବରେ ବ୍ୟକ୍ତିଗତ ଶ୍ରଦ୍ଧା, ବିଶ୍ୱାସ ଓ ଦୃଷ୍ଟିକୋଣର କଥା । ଆମେ ପ୍ରତ୍ୟେକେ ଆମର ଶ୍ରଦ୍ଧା ଓ ବିଶ୍ୱାସ ଉପରେହିଁ ଚାଲିବା । ସେଥିପାଇଁ ତ ଗୀତା କହିଛନ୍ତି—ଯୋ ଯଚ୍ଛ୍ରଦ୍ଧଃ ସ ଏବ ସଃ (ଯାହାର ଶ୍ରଦ୍ଧା ଯେପରି ସେ ସେହିପରି) । ସଚ୍ଚ ଋଷିମନୋବାଦୀଙ୍କ ସହିତ ଏହି ଅଧମ ଲେଖକ ମଧ୍ୟ ଗୋଟିଏ ପ୍ରସ୍ଫୁଟିତ ପଦ୍ମ ବା ଗୋଲାପ ଭିତରେହିଁ ଈଶ୍ୱରଙ୍କୁ ବିସ୍ମୟକର ଭାବରେ ପ୍ରକାଶିତ ହୋଇଥିବାର ମନେ କରେ ; କିନ୍ତୁ ପାଠକ ପାଠିକା ସେଥିରେ ସନ୍ତୁଷ୍ଟ ନ ହୋଇ, ବିରାଟ ହିମାଳୟ ଭିତରେହିଁ ଈଶ୍ୱରଙ୍କୁ ଦେଖିବାର ଯଦି ପ୍ରୟାସ କରନ୍ତି, ସେଥିରେ ମଧ୍ୟ ନିନ୍ଦନୀୟ କିଛି ନାହିଁ ।

ବର୍ତ୍ତମାନ ଆମେ ଅଧ୍ୟାୟ ଆଲୋଚନା ଆରମ୍ଭ କରିବା ।

ଅର୍ଜ୍ଜୁନ ଉବାଚ

(୧)

ମଦନୁଗ୍ରହାୟ ପରମଂ ଗୁହ୍ୟମଧ୍ୟାତ୍ମସଞ୍ଜ୍ଞିତଂ
ଯତ୍ ତ୍ୱୟୋକ୍ତଂ ବଚସ୍ତେନ ମୋହୋଽୟଂ ବିଗତୋମମ । ୧ ।

Digitized by srujanika@gmail.com

ଅର୍ଜ୍ଜୁନଃ ଉବାଚ (ଅର୍ଜ୍ଜୁନ କହିଲେ) । ମଦନୁଗ୍ରହାୟ (ମୋ ପ୍ରତି ଅନୁଗ୍ରହ କରି) ପରମଂ ଗୁହ୍ୟଂ (ଅତି ଗୋପନୀୟ) ଅଧ୍ୟାତ୍ମ ସଞ୍ଜ୍ଞିତଂ (ଅଧ୍ୟାତ୍ମ ବିଷୟକ) ଯତ୍ ବଚଃ (ଯେଉଁ କଥା) ତ୍ୱୟା ଉକ୍ତଂ (ତୁମେ କହିଲ) ତେନ (ତା' ଦ୍ୱାରା) ମେ ଅୟଂ ମୋହଃ ବିଗତଃ (ମୋର ଏହି ମୋହ ଚାଲିଗଲା) ।

ଅନୁବାଦ—

ଅର୍ଜ୍ଜୁନ କହିଲେ, ହେ କୃଷ୍ଣ, ମତେ ବିଶେଷ ଭାବରେ ଅନୁଗ୍ରହ କରି ଯେଉଁ ପରମ ରହସ୍ୟମୟ ଆଧ୍ୟାତ୍ମିକ ବିଷୟ ସବୁ କହିଗଲ, ତା ଫଳରେ ମୋର ଜୀବନ ଓ ଜୀବନାଦର୍ଶ ସମ୍ପର୍କ ପୂର୍ବର ଭ୍ରାନ୍ତସବୁ କଟିଗଲା ।

ବିଶେଷ ଭାଷ୍ୟ—

ଅର୍ଜ୍ଜୁନ କହିଲେ, "ମୋର ଏହି ମୋହ କଟିଗଲା" । କି ମୋହ ? କିପରି ବା କଟିଲା ? କିଛି ପଶ୍ଚାଦାବଲୋକନ ଏଠାରେ ଆବଶ୍ୟକ ହେଉଛି ।

ଦ୍ୱିତୀୟ ଅଧ୍ୟାୟରୁ ଦଶମ ଅଧ୍ୟାୟ ପର୍ଯ୍ୟନ୍ତ ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ ବିବିଧ ଆଧ୍ୟାତ୍ମିକ ଉପଦେଶ ଦେଇ ଆସୁଛନ୍ତି । ସେ ସବୁର ସାର କଥା ହେଲା କର୍ମଯୋଗ, ଜ୍ଞାନଯୋଗ ଓ ଭକ୍ତିଯୋଗ,—ଜୀବନାଦର୍ଶର ଏହି ତିନି ମୁଖ୍ୟ ପନ୍ଥା ।

ମନୁଷ୍ୟ ସାଧାରଣତଃ କେତୋଟି ମହା ମୋହକୁ ନେଇହିଁ ବଞ୍ଚିଥାଏ । ପ୍ରଥମ ମହା ମୋହ ହେଲା ଯେ, ମନୁଷ୍ୟର "ମୁଁ-କରୁଛି" ଭାବ ।

ଦଶଟି ଅଧ୍ୟାୟରେ ଦଶଟି 'ସର୍ମନ' ବା ଉପଦେଶ ଦେଇ ଗୀତା ବର୍ତ୍ତମାନକୁ ପ୍ରମାଣିତ କରିସାରିଛନ୍ତି ଯେ, ଏ ବିଶ୍ୱରେ ଏକମାତ୍ର କର୍ତ୍ତା ହେଉଛନ୍ତି ଈଶ୍ୱର । ତେଣୁ ମନୁଷ୍ୟର "ମୁଁ-କଲି" ଭାବ ଏକାନ୍ତ ଅଜ୍ଞତା ଏବଂ କେବଳ ଏ ଦେହ ନୁହେଁ ସମଗ୍ର ଏହି ସ୍ଥୂଳ ଶରୀର ମଧ୍ୟ ନିଜର ସ୍ୱତନ୍ତ୍ର ସତ୍ତା କିଛି ନାହିଁ—ଏହାର ଅଭ୍ୟନ୍ତରସ୍ଥ ଆତ୍ମା ବା ବ୍ରହ୍ମହିଁ ପ୍ରକୃତ ଜୀବନ । 'ମୃତ୍ୟୁ'ରେ ଆତ୍ମାର ସ୍ଥୂଳ ଆଧାରଟାହିଁ ନଷ୍ଟ ହୁଏ; କିନ୍ତୁ ପ୍ରକୃତ ଜୀବନର କିଛି କ୍ଷତ ହୁଏନା, ଏବଂ ତାହା ପୁଣି ଆଉ ଏକ ଶରୀର ଗ୍ରହଣ କରିଥାଏ । ତେଣୁ କୌଣସି ପ୍ରକାର କର୍ତ୍ତୃତ୍ୱାଭିମାନ ନ ରଖି, ସୁଖ-ଦୁଃଖ, ମାନ-ଅଭିମାନ, ନିନ୍ଦା-ପ୍ରଶଂସାଦିର ଦ୍ୱନ୍ଦ୍ୱ ଭାବ-କଳ୍ପରେ ମୋହିତ ନ ହୋଇ, ମନୁଷ୍ୟ ଯାହା କର୍ତ୍ତବ୍ୟ ବୋଲି 'ବୁଦ୍ଧିଯୋଗ' ଦ୍ୱାରା ଜାଣିବ, ତାହାହିଁ ନିର୍ବିକାର ଭାବରେ କରି ଚାଲିବ ଏବଂ କର୍ମରେ ଯାହା କିଛି ତାର ଫଳ ଲାଭ ହେବ ତାକୁ ସେ ଭଗବାନଙ୍କଠାରେ ନ୍ୟସ୍ତ କରିଦେବ । ଏ ଜଗତରେ ଯାହା କିଛି ଆମକୁ ମନୋହର, ବିସ୍ମୟକର ବା ଶକ୍ତିସମ୍ପନ୍ନ ଦେଖାଯାଏ, ସେ ପ୍ରତ୍ୟେକଟି ପଦାର୍ଥ ବା ବିଷୟ ଈଶ୍ୱରଙ୍କରହିଁ ପ୍ରକାଶ ବୋଲି ମନେ କରିବ । ସେଥିପାଇଁ ନିଜର କୌଣସି କର୍ତ୍ତୃତ୍ୱାଭିମାନ ରଖିବ

Digitized by srujanika@gmail.com

ନାହିଁ । ପୁଣି ଈଶ୍ୱରଙ୍କଠାରେ ସମଗ୍ର ସମର୍ପଣହିଁ ମନୁଷ୍ୟକୁ ପ୍ରକୃଷ୍ଟ ଆନନ୍ଦ ଦେଇପାରେ । ଏହି ପ୍ରକାର ଜ୍ଞାନ-କର୍ମ-ଭକ୍ତି ଯୋଗଦେଇ ଜୀବନ ଯାପନହିଁ ମନୁଷ୍ୟକୁ ସକଳ କର୍ମ-ବନ୍ଧନରୁ ମୁକ୍ତ ରଖେ । ଅର୍ଥାତ୍ ଜନ୍ମ-ମୃତ୍ୟୁ-ଚକ୍ର ଅତିକ୍ରମ କରି ସେ ପରମ ଧାମକୁ ଚାଲିଯାଏ । ଶ୍ରୀକୃଷ୍ଣଙ୍କର ଏହି ସବୁ ଉପଦେଶ ଅର୍ଜ୍ଜୁନଙ୍କର ମୋହ ବା ଅଜ୍ଞାନତାକୁ ଦୂରୀଭୂତ କରିଛି । ସେ ବର୍ତ୍ତମାନ ଅଧିକ ଜାଣି ଅଭିଜ୍ଞତା ରହୁଛନ୍ତି ।

ଈଶ୍ୱରଙ୍କର ସୃଷ୍ଟି, ସ୍ଥିତି, ବିନାଶ, ଆଚ୍ଛାଦନ ଓ ଅଭିବ୍ୟକ୍ତି—ଏହି ପ୍ରକାର ପାଞ୍ଚଟି ଦୈବ ପ୍ରକ୍ରିୟା ଭିତରୁ, ଅର୍ଜ୍ଜୁନ ପ୍ରଥମ ଚାରିଟି ସମ୍ପର୍କରେ ଶ୍ରୀକୃଷ୍ଣଙ୍କର ଗତ ଦଶଟି ବକ୍ତୃତାରୁ ସମ୍ୟକ୍ ଧାରଣା କରିସାରିଲେଣି । କ୍ଷର, ଅକ୍ଷର, ଅବ୍ୟକ୍ତ-ବ୍ୟକ୍ତ ଈଶ୍ୱରଙ୍କର ପରାପ୍ରକୃତି ଓ ଅପରା ପ୍ରକୃତି, ବ୍ରହ୍ମାଙ୍କର ଦିବସ ଓ ବ୍ରହ୍ମାଙ୍କର ରାତ୍ରି ପ୍ରଭୃତି ଭବ-କଳ୍ପର ଆଲୋଚନା ଫଳରେ ଅର୍ଜ୍ଜୁନଙ୍କର (ବା ପାଠକଙ୍କର) ଇତି ମଧ୍ୟରେ ସୃଷ୍ଟିର ପଛରେ ଥିବା କେତେକ ଶାଶ୍ୱତ ମୌଳିକ ବିଧି-ପରମ୍ପରା ସମ୍ପର୍କରେ କିଞ୍ଚିତ ଅବବୋଧ ଆସିଯାଇଥିବାର ଆଶା । ଈଶ୍ୱରହିଁ ସୃଷ୍ଟି, ଈଶ୍ୱରହିଁ ସୃଷ୍ଟିର ଜ୍ଞାନ ଓ ମାୟା ଦେଇ ସେହି ମଧ୍ୟ ଅଜ୍ଞାନ । ସେହି ଆଚ୍ଛାଦନ, ସେହିହିଁ ଅଭିବ୍ୟକ୍ତି । ଅର୍ଜ୍ଜୁନ (ବା ପାଠକେ) ବର୍ତ୍ତମାନ ଈଶ୍ୱରଙ୍କର ଅଭିବ୍ୟକ୍ତି ସହିତ ପରିଚିତ ହେବେ ।

(୨)

ଭବାପ୍ୟୟୌ ହି ଭୂତାନାଂ ଶ୍ରୁତୌ ବିସ୍ତରଶୋ ମୟା
ତ୍ୱତ୍ତଃ କମଳପତ୍ରାକ୍ଷ ମାହାତ୍ମ୍ୟମପି ଚାବ୍ୟୟଂ ।୨।

ହେ କମଳ ପତ୍ରାକ୍ଷ (ପଦ୍ମ ପାଖୁଡ଼ାପରି ସୁନ୍ଦର ନେତ୍ରବିଶିଷ୍ଟ ଶ୍ରୀକୃଷ୍ଣ) ତ୍ୱତ୍ତଃ (ତୁମଠାରୁ) ଭୂତାନାଂ ଭବଃ ଅପ୍ୟୟ (ପ୍ରାଣୀମାନଙ୍କର ଉତ୍ପତ୍ତି ଓ ଲୟ କିପରି ହୁଏ, ଅର୍ଥାତ୍ ସେମାନେ କିପରି ଜନ୍ମ ହୁଅନ୍ତି ଓ ମରନ୍ତି) [ତାହା] ମୟା ବିସ୍ତରଶଃ ଶ୍ରୁତୌ (ମୁଁ ବିସ୍ତାରିତ ଭାବରେ ଶୁଣିଲିଣି) । ଅପିଚ (ଆହୁରି ମଧ୍ୟ)[ତୁମ ନିକଟରୁ] ଅବ୍ୟୟଂ ମାହାତ୍ମ୍ୟଂ (ଅବ୍ୟୟ ମହିମା) [ମୁଁ ଶୁଣି ଜାଣିପାରିଛି] ।

ଅନୁବାଦ—

ହେ କମଳଲୋଚନ ଶ୍ରୀକୃଷ୍ଣ, ଜୀବମାନଙ୍କର ଉତ୍ପତ୍ତି ଓ କ୍ଷୟ ନେଇ ମୁଁ ତୁମଠାରୁ ବିସ୍ତୃତ ଭାବରେ ଶୁଣିସାରିଲିଣି । ତୁମର ଅବିନାଶୀ ମାହାତ୍ମ୍ୟ ମଧ୍ୟ ଜାଣିଲିଣି ।

Digitized by srujanika@gmail.com

(୩)

ଏବମେତତ୍ ଯଥାତ୍ଥ ତ୍ୱମାତ୍ମାନଂ ପରମେଶ୍ୱର
ଦ୍ରଷ୍ଟୁମିଚ୍ଛାମି ତେ ରୂପମୈଶ୍ୱରଂ ପୁରୁଷୋତ୍ତମ । ୩ ।

ହେ ପରମେଶ୍ୱର (ଶ୍ରୀକୃଷ୍ଣ) ଯଥାତ୍ୱଂ ଆତ୍ମାନଂ ଆତ୍ଥ (ତୁମେ ନିଜକୁ ନଜେ ଯେପରି ବର୍ଣ୍ଣନା କରିଛ) ଏତତ୍ ଏବଂ(ତାହା ଏହିପରି)[ବୋଲି ଦେଖେଇ ଦେଲଭଳି] ହେ ପୁରୁଷୋତ୍ତମ ତେ ଐଶ୍ୱରଂ ରୂପଂ (ତୁମର ଐଶ୍ୱରିକ ରୂପକୁ) [ମୁଁ] ଦ୍ରଷ୍ଟୁଂ ଇଚ୍ଛାମି (ଦେଖିବାକୁ ଇଚ୍ଛା କରୁଛି) ।

ଅନୁବାଦ—

ହେ ପରମେଶ୍ୱର, ତୁମେ ନିଜକୁ ଯେପରି ଯେପରି ବୋଲି ବର୍ଣ୍ଣନା କରିଗଲଣି ତାହା ଯେ ପ୍ରକୃତରେ ସତ୍ୟ, ତୁମର ସେହି ଐଶୀମୂର୍ତ୍ତି ଭିତରେ ମୁଁ ବର୍ତ୍ତମାନ ତାହା ପ୍ରତ୍ୟକ୍ଷୀଭୂତ ହେବାକୁ ଇଚ୍ଛା କରୁଛି ।

(୪)

ମନ୍ୟସେ ଯଦି ତଚ୍ଛକ୍ୟଂ ମୟାଦ୍ରଷ୍ଟୁମିତି ପ୍ରଭୋ
ଯୋଗେଶ୍ୱର ତତୋ ମେ ତ୍ୱଂ ଦର୍ଶୟାତ୍ମାନମବ୍ୟୟଂ । ୪ ।

[ହେ] ପ୍ରଭୋ, ତତ୍ ଯଦି ମୟା ଦ୍ରଷ୍ଟୁଂ ଶକ୍ୟଂ ଇତ ମନ୍ୟସେ (ତାହା ଯଦି ମୁଁ ଦେଖିପାରେ ବୋଲି ଆପଣ ମନେ କରନ୍ତି) ତତଃ (ତା'ହେଲେ) [ହେ] ଯୋଗେଶ୍ୱର, ତ୍ୱଂ ମେ ଯୋଗେଶ୍ୱର, ଆପଣ ମତେ) ଅବ୍ୟୟଂ ଆତ୍ମାନଂ ଦର୍ଶୟ (ଆପଣଙ୍କର ସେହି କ୍ଷୟହୀନ ସ୍ୱରୂପ ଦେଖାନ୍ତୁ) ।

ଅନୁବାଦ—

ହେ ପ୍ରଭୁ, ମୁଁ ତାହା ଦେଖିବା ଯଦି ସମ୍ଭବ ବୋଲି ଆପଣ ମନେ କରନ୍ତି ତେବେ ହେ ଯୋଗୀଶ୍ୱର, ଆପଣଙ୍କର ସେହି ଅବ୍ୟୟ ବ୍ୟକ୍ତିତ୍ୱକୁ ମୋ ସମ୍ମୁଖରେ ପ୍ରତିଭାତ କରନ୍ତୁ ।

ଶ୍ରୀ ଭଗବାନୁବାଚ

(୫)

ପଶ୍ୟ ମେ ପାର୍ଥ ରୂପାଣି ଶତଶୋଽଥଃ ସହସ୍ରଶଃ
ନାନା ବିଧାନ ଦିବ୍ୟାନ ନାନାବର୍ଣ୍ଣା କୃତୀନ ଚ । ୫ ।

Digitized by srujanika@gmail.com

ଶ୍ରୀ ଭଗବାନ୍ ଉବାଚ (ଭଗବାନ୍ ଶ୍ରୀକୃଷ୍ଣ କହିଲେ) [ହେ] ପାର୍ଥ (ଅର୍ଜ୍ଜୁନ) ମେ ଦିବ୍ୟାନ (ମୋର ଦିବ୍ୟ; ଅଲୌକିକ ବା ଅତି ମାନୁଷ) ନାନାବିଧାନ ନାନାବର୍ଣ୍ଣାକୃତୀନି (ନାନା ପ୍ରକାରର, ନାନା ବର୍ଣ୍ଣ ଓ ଆକୃତିର) ଶତଶଃ ଅଥ ସହସ୍ରଶଃ ରୂପାଣି ପଶ୍ୟ (ଶତ ଶତ ଓ ସହସ୍ର ସହସ୍ର ରୂପରାଶି ଦେଖ) ।

ଅନୁବାଦ—

ଶ୍ରୀକୃଷ୍ଣ କହିଲେ, ହେ ଅର୍ଜ୍ଜୁନ, ଗୋଟିଏ କାହିଁକି, ମୋର ନାନା ଅଲୌକିକ ନାନା ବର୍ଣ୍ଣ ଓ ଆକୃତିର ଶତ ଶତ ଓ ସହସ୍ର ସହସ୍ର ରୂପ ତୁମେ ଦେଖିପାର ।

(୬)

ପଶ୍ୟାଦିତ୍ୟାନ୍ ବସୂନ୍ ରୁଦ୍ରାନ୍ ଅଶ୍ୱିନୌ ମରୁତସ୍ତଥା
ବହୂନ୍ୟ ଦୃଷ୍ଟ ପୂର୍ବାଣି ପଶ୍ୟାଶ୍ଚର୍ଯାଣି ଭରତ । ୬ ।

[ହେ] ଭରତ (ଅର୍ଜ୍ଜୁନ) [ମୋର ଏହି ଐଶ୍ୱରିକ ରୂପରେ] ଆଦିତ୍ୟାନ୍, ବସୂନ୍, ରୁଦ୍ରାନ୍, ଅଶ୍ୱିନୌ ତଥା ମରୁତଃ ପଶ୍ୟ (ଆଦିତ୍ୟ, ବସୁ, ରୁଦ୍ର; ଅଶ୍ୱିନୀ କୁମାର ଦ୍ୱୟ ଏବଂ ମରୁତ ପ୍ରଭୃତି ସକଳ ଦେବତାଙ୍କୁ ଦେଖ) ବହୁନି ଅଦୃଷ୍ଟପୂର୍ବାଣି ଆଶ୍ଚର୍ଯ୍ୟାଣି ପଶ୍ୟ (ନ ଦେଖିଥିବା ବହୁ ଆଶ୍ଚର୍ଯଜନକ କଥା ମଧ୍ୟ ଦେଖ) ।

ଅନୁବାଦ—

ହେ ଅର୍ଜ୍ଜୁନ; ମୋର ଏହି ଐଶ୍ୱରିକ ପ୍ରକାଶ ଭିତରେ ତୁମେ ଆଦିତ୍ୟ, ବସୁ, ରୁଦ୍ର, ଅଶ୍ୱିନୀ କୁମାର ଦ୍ୱୟ ଓ ମରୁତ୍ ପ୍ରଭୃତି ଦେବତାମାନଙ୍କ ସହିତ, ବହୁ ବିସ୍ମୟକର ଅଦୃଷ୍ଟପୂର୍ବ ବ୍ୟାପାର ସବୁ ମଧ୍ୟ ଦେଖିବାକୁ ପାଇବ ।

(୭)

ଇହୈକ ସ୍ଥଂ ଜଗତ୍ କୃତ୍ସ୍ନଂ ପଶ୍ୟାଦ୍ୟ ସଚରାଚରଂ
ମମଦେହେ ଗୁଡ଼ାକେଶ ଯଚ୍ଚାନ୍ୟଦ୍ ଦ୍ରଷ୍ଟୁ ମିଚ୍ଛସି । ୭ ।

[ହେ] ଗୁଡ଼ାକେଶ (ଅର୍ଜ୍ଜୁନ) ଇହ ମମ ଦେହେ (ଏହି ମୋର ଦେହ ଭିତରେହିଁ) ଏକସ୍ଥଂ (ଏକ ସ୍ଥାନରେ , କୃତ୍ସ୍ନଂ ସଚରାଚରଂ ଜଗତ୍ (ସମଗ୍ର ସ୍ଥାବର-ଜଙ୍ଗମ-ସମନ୍ୱିତ ଜଗତ୍) ଯତ୍ ଅନ୍ୟତ୍ (ଅଥବା ଅନ୍ୟ

Digitized by srujanika@gmail.com

ଯାହା କିଛି) ଦ୍ରଷ୍ଟୁଂ ଇଚ୍ଛସି (ଦେଖିବାକୁ ଚାହ) [ତାହା] ଅଦ୍ୟ ପଶ୍ୟ (ଆଜି ଦେଖ) ।

ଅନୁବାଦ—

ହେ ଅର୍ଜୁନ, ତୁମେ ମୋର ଏହି ଦେହ ଭିତରେହିଁ ଏକ ସ୍ଥାନରେ ସ୍ଥାବର-ଜଙ୍ଗମ-ସମନ୍ୱିତ ସମଗ୍ର ଜଗତ୍ ସହିତ ଅନ୍ୟ ବହୁ ଦୃଶ୍ୟ ଅବସ୍ଥିତ ଥିବାର ଆଜି ଦେଖି ପାରିବ ।

(୮)

ନ ତୁ ମାଂ ଶକ୍ୟସେ ଦ୍ରଷ୍ଟୁମନେନୈବ ସ୍ୱଚକ୍ଷୁଷା
ଦିବ୍ୟଂ ଦଦାମି ତେ ଚକ୍ଷୁଃ ପଶ୍ୟ ମେ ଯୋଗମୈଶ୍ୱରଂ । ୮ ।

[କିନ୍ତୁ] ଅନେନ ସ୍ୱଚକ୍ଷୁଷା ଏବ (ଏହି ତୁମର ନିଜ ଆଖିରେ) ମାଂ ଦ୍ରଷ୍ଟୁଂ ନ ଶକ୍ୟ ସେ (ମତେ ଦେଖି ପାରିବ ନାହିଁ) [ସେଥିପାଇଁ ମୁଁ] ତେ ଦିବ୍ୟଂ ଚକ୍ଷୁଃ ଦଦାମି (ତୁମକୁ ଦିବ୍ୟ ଚକ୍ଷୁ ଦେଉଅଛି) [ଯାହାଦ୍ୱାରା] ମେ ଐଶ୍ୱରଂ ଯୋଗଂ ପଶ୍ୟ (ମୋର ଐଶ୍ୱରିକ ଯୋଗଶକ୍ତି ତୁମେ ବର୍ତ୍ତମାନ ଦେଖ) ।

ଅନୁବାଦ—

କିନ୍ତୁ ହେ ଅର୍ଜୁନ, ତୁମେ ତୁମର ମନୁଷ୍ୟ ଚକ୍ଷୁ (ବା ଚର୍ମଚକ୍ଷୁ) ଦ୍ୱାର ମୋର ଏ ଐଶ୍ୱରିକ ରୂପ ଦେଖିପାରିବ ନାହିଁ । ମୁଁ ତୁମକୁ ଦିବ୍ୟ ଚକ୍ଷୁ ଦାନ କରୁଛି, ଯାହା ବଳରେ ତୁମେ ମୋର ଐଶ୍ୱରିକ ଯୋଗ ଦେଖି ପାରିବ ।

ବିଶେଷ ଭାଷ୍ୟ—

ଆମର ଏହି ଶାରୀରିକ ବା ଚର୍ମ ଚକ୍ଷୁ କେବଳ ଏହି ବାହ୍ୟ ଜଗତକୁ ଦେଖିବା ବା ଜାଣିବା ପାଇଁ ଅଭିପ୍ରେତ । ଈଶ୍ୱର ଏହି ବାହ୍ୟ ଜଗତରେ ଓତ-ପ୍ରୋତ ଭାବରେ ଜଡ଼ିତ ହୋଇ ମଧ୍ୟ ତାହାର ବାହାରେ ଅବସ୍ଥିତ । ଆମେ ଏବେ ଏକ ପକ୍ଷରେ ଅଣୁ ଓ ଅନ୍ୟ ପକ୍ଷରେ ନକ୍ଷତ୍ରକୁ ଦେଖିବାପାଇଁ ଅଣୁବୀକ୍ଷଣ ଓ ଦୂରବୀକ୍ଷଣ ଯନ୍ତ୍ର ବ୍ୟବହାର କରୁଛୁ । କାରଣ ଚର୍ମ ଚକ୍ଷୁର ଶକ୍ତି ବାହ୍ୟ ଜଗତ୍ ସଂପର୍କରେ ମଧ୍ୟ ସୀମାବଦ୍ଧ । ତେଣୁ ଏହି ଚକ୍ଷୁଦ୍ୱାର ଯେ ଈଶ୍ୱରଙ୍କୁ ଆମେ ଦେଖିପାରୁନାହିଁ; ଏଥିରେ ବିସ୍ମିତ ହେବାର କାରଣ ନାହିଁ । ସେଥିପାଇଁ 'ଦିବ୍ୟ ଚକ୍ଷୁ' 'ତୃତୀୟ ନେତ୍ର' ବା 'ଅନ୍ତର୍ଚକ୍ଷୁ' ଦରକାର । କେବଳ ସେହି ଚକ୍ଷୁ ସୃଷ୍ଟି ଓ ଜୀବନକୁ ସମଗ୍ର ଭାବରେ ଦେଖିପାରେ । ଚର୍ମ ଚକ୍ଷୁ

Digitized by srujanika@gmail.com

କେବଳ ଖଣ୍ଡ ଓ ଅଂଶକୁହିଁ ଦେଖିପାରେ ବା ବୁଝିପାରେ । ବିଶ୍ୱରୂପ ଦର୍ଶନ ପୂର୍ବରୁ ଶ୍ରୀକୃଷ୍ଣ ଅର୍ଜୁନଙ୍କଠାରେ ଏହି 'ଦିବ୍ୟ ଚକ୍ଷୁ' ଆରୋପଣ କରିବା ତେଣୁ ବିଶେଷ ଆଧ୍ୟାତ୍ମିକ ବ୍ୟଞ୍ଜନାପୂର୍ଣ୍ଣ ।

ସଞ୍ଜୟ ଉବାଚ

(୯)

ଏବ ମୁକ୍ତ୍ୱା ତତୋ ରାଜନ୍ ମହାଯୋଗେଶ୍ୱରୋ ହରିଃ
ଦର୍ଶୟାମାସ ପାର୍ଥାୟ ପରମଂ ରୂପମୈଶ୍ୱରଂ । ୯ ।

ସଞ୍ଜୟ ଉବାଚ (ସଞ୍ଜୟ କହିଲେ) ରାଜନ୍ (ହେ ରାଜା ଧୃତରାଷ୍ଟ୍ର) ମହା ଯୋଗେଶ୍ୱରଃ ହରିଃ (ମହାଯୋଗୀ ଶ୍ରୀକୃଷ୍ଣ) ଏବଂ ଉକ୍ତ୍ୱା (ଏହା କହି) ତତଃ (ତାପରେ) ପାର୍ଥାୟ (ଅର୍ଜୁନଙ୍କୁ) ପରମଂ ଐଶ୍ୱରଂ ରୂପଂ ଦର୍ଶୟାମାସ (ନିଜର ଦିବ୍ୟ ଐଶ୍ୱରିକ ରୂପ ଦେଖାଇଲେ) ।

ଅନୁବାଦ—

ସଞ୍ଜୟ କହିଲେ, ହେ ରାଜା ଧୃତରାଷ୍ଟ୍ର, ଯାପରେ ସେହି ମହା ଯୋଗେଶ୍ୱର ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ନିଜର ପରମ ଐଶ୍ୱରିକ ରୂପ ଦେଖାଇଲେ ।

(୧୦)

ଅନେକ ବକ୍ତ୍ର ନୟନ ମନେକାଦ୍ଭୁତ ଦର୍ଶନଂ
ଅନେକ ଦିବ୍ୟାଭରଣଂ ଦିବ୍ୟାନେକୋଦ୍ୟତାୟୁଧମ୍ । ୧୦ ।

[ଶ୍ରୀକୃଷ୍ଣଙ୍କର ସେହି ଐଶ୍ୱରିକ ରୂପ] ଅନେକ ବକ୍ତ୍ର ନୟନଂ (ଅନେକ ମୁଖ ଓ ନେତ୍ର ବିଶିଷ୍ଟ) ଅନେକାଦ୍ଭୁତ ଦର୍ଶନଂ (ଅନେକ ଅଦ୍ଭୁତ ଆକୃତି ବିଶିଷ୍ଟ) ଅନେକ ଦିବ୍ୟାଭରଣଂ (ଅନେକ ସ୍ୱର୍ଗୀୟ ଅଳଙ୍କାରରେ ମଣ୍ଡିତ) [ଏବଂ] ଅନେକୋଦ୍ୟତାୟୁଧଂ (ଅନେକ ଉଦ୍ୟତ ଅସ୍ତ୍ରଯୁକ୍ତ ଥିବାର ଦେଖିଲେ) ।

ଅନୁବାଦ—

ହେ ରାଜନ୍ ଶ୍ରୀକୃଷ୍ଣ-ଦର୍ଶିତ ସେହି ଐଶ୍ୱରିକ ରୂପ ଅନେକ ମୁଖ ଓ ଚକ୍ଷୁ ବିଶିଷ୍ଟ, ଅଦ୍ଭୁତ ଦର୍ଶନ, ବହୁ ସ୍ୱର୍ଗୀୟ ଆଭରଣ ଯୁକ୍ତ ଏବଂ ବହୁ ଉଦ୍ୟତ ଅସ୍ତ୍ରରେ ସଜ୍ଜିତ ।

Digitized by srujanika@gmail.com

(୧୧)

ଦିବ୍ୟ ମାଲ୍ୟାମ୍ବରଧରଂ ଦିବ୍ୟ ଗନ୍ଧାନୁଲେପନଂ
ସର୍ବାଶ୍ଚର୍ଯ୍ୟ ମୟଂ ଦେବ ମନନ୍ତଂ ବିଶ୍ୱତୋ ମୁଖଂ । ୧୧ ।

[ତାହା] ଦିବ୍ୟମାଲ୍ୟାମ୍ବର ଧରଂ (ସ୍ୱର୍ଗୀୟ ମାଳା ଓ ବସ୍ତ୍ରଦ୍ୱାରା ସଜ୍ଜିତ) ଦିବ୍ୟ ଗନ୍ଧାନୁ-ଲେପନଂ (ସ୍ୱର୍ଗୀୟ ସୁଗନ୍ଧ ଦ୍ୱାରା ତାହା ଅନୁଲିପ୍ତ) ସର୍ବାଶ୍ଚର୍ଯ୍ୟ ମୟଂ (ସକଳ ଆଶ୍ଚର୍ଯ୍ୟବସ୍ତୁ ସମନ୍ୱିତ) ଅନନ୍ତଂ ବିଶ୍ୱତୋ ମୁଖଂ ଦେବଂ [ସେହି] (ବିଶ୍ୱବ୍ୟାପ୍ତ ଅନନ୍ତ ଦେବଙ୍କୁ) [ଦେଖିଲେ] ।

ଅନୁବାଦ—

ହେ ରାଜନ୍ ସେ ରୂପ ଦିବ୍ୟ ବସ୍ତ୍ରଦ୍ୱାରା ଆବୃତ, ଦିବ୍ୟ ମାଲ୍ୟଦ୍ୱାରା ଅଳଙ୍କୃତ ଓ ଦିବ୍ୟ ସୁରଭି ଦ୍ରବ୍ୟମାନଙ୍କ ଦ୍ୱାରା ଅନୁଲିପ୍ତ । ତାହା ଦେଖିବାକୁ ସର୍ବାଶ୍ଚର୍ଯ୍ୟମୟ ଓ ଅନନ୍ତ ଏବଂ ସର୍ବତ୍ର ବଦନ-ବିଶିଷ୍ଟ ।

(୧୨)

ଦିବି ସୂର୍ଯ୍ୟ ସହସ୍ରସ୍ୟ ଭବେଦ୍ ଯୁଗପଦୁତ୍ଥିତା
ଯଦି ଭାଃ ସଦୃଶୀ ସା ସ୍ୟାତ୍ ଭାସସ୍ତସ୍ୟ ମହାତ୍ମନଃ । ୧୨ ।

ଦିବି (ଆକାଶରେ) ସୂର୍ଯ୍ୟ ସହସ୍ରସ୍ୟ (ସହସ୍ର ସୂର୍ଯ୍ୟଙ୍କର) ଭାଃ (ଆଲୋକ) ଯଦି ଯୁଗପତ୍ ଉତ୍‌ଥିତ ଭବେତ୍ (ଯଦି ଏକ କାଳରେ ଦେଖା ଯାନ୍ତି) ତସ୍ୟ ମହାତ୍ମନଃ (ସେହି ମହାତ୍ମାଙ୍କର) ସା ଭାସଃ (ସେହି ପ୍ରଭା) ସଦୃଶୀ ସ୍ୟାତ୍ (ସେହିପରି ବୋଲି କୁହାଯାଇପାରେ) ।

ଅନୁବାଦ—

ହେ ରାଜନ୍, ଆକାଶରେ ସହସ୍ର ସୂର୍ଯ୍ୟର ଯୁଗପତ୍ ଉଦୟ ଫଳରେ ସେମାନଙ୍କର ସମ୍ମିଳିତ ଆଲୋକ ଯେପରି ଦେଖାଯିବା କଳ୍ପନା କରାଯାଇପାରେ, ମହାତ୍ମା କେଶବଙ୍କର ତତ୍‌କାଳୀନ ବିଶ୍ୱରୂପର ଜ୍ୟୋତି କେବଳ ସେହି ସହସ୍ର ସୂର୍ଯ୍ୟର ମିଳିତ ଆଲୋକ ସହିତ ତୁଳିତ ହୋଇ ପାରନ୍ତା ବୋଲି ମୋର ମତ ।

ବିଶେଷ ଭାଷ୍ୟ—

ପାଠକମାନଙ୍କର କୌତୂହଳାର୍ଥେ ଏହା ଏଠାରେ ଲିପିବଦ୍ଧ କରି ରଖିଲୁ କି ଆଣବିକ ବୋମା ର ଜନକ, ବିଖ୍ୟାତ ଉଚ୍ଚ ପ୍ରତିଭାସଂପନ୍ନ ଆମେରିକାନ୍ ପଦାର୍ଥ-ବିଜ୍ଞାନୀ ଓପେନ୍ ହାଇମର, ବହୁ ଭାଷା ସହିତ ସଂସ୍କୃତ ମଧ୍ୟ ଜାଣି-

Digitized by srujanika@gmail.com

ଥିଲେ । ଦ୍ୱିତୀୟ ମହାଯୁଦ୍ଧ ବେଳେ ଯୁକ୍ତରାଷ୍ଟ୍ରର ଓରିଜୋନା ରାଜ୍ୟର ବିସ୍ତୃତ ମରୁ ପ୍ରାନ୍ତରରେ ପ୍ରଥମ ଆଣବିକ ବୋମା ପରୀକ୍ଷା ସ୍ୱରୂପ ଫୁଟା ଯାଇଥିଲା । କଥିତ ଅଛି ଯେ, ବିସ୍ଫୋରଣ କାଳୀନ ଅକଳ୍ପନୀୟ ଜ୍ୟୋତ ଆକାଶରେ ଦେଖିବା ମାତ୍ରେ, ଅସାଧାରଣ ପ୍ରତିଭବାନ୍ ଓପେନ୍ ହାଇମର ହଠାତ୍ ଭଗବଦ୍ ଗୀତାର ଏହି ଶ୍ଳୋକଟି ଗାଇ ଉଠିଥିଲେ ।

ଭିନ୍ନ ଭିନ୍ନ ଧର୍ମର ସନ୍ଥମାନଙ୍କର କିପରି ଶେଷ ଆଧ୍ୟାତ୍ମିକ ଅନୁଭବ ହେଉଛି, ଏହି ଆଲୋକ ଦର୍ଶନ ତାହା ଆମ୍ଭେମାନେ ପୂର୍ବରୁ କହିଛୁ । ଶ୍ରୀରାମକୃଷ୍ଣ ମଧ୍ୟ କହିଛନ୍ତି ଯେ, ସେ ଜ୍ୟୋତ ଅନିର୍ବଚନୀୟ । ତାହାହିଁ ସେହି ଶ୍ରେଣୀର ଅନ୍ୟ ସକଳ ଭଗ୍ୟବାନ୍ ପୁରୁଷମାନଙ୍କର ଅଭିଜ୍ଞତା । ଈଶ୍ୱର ଅବାଙ୍ ମାନସ ଗୋଚର ଓ ଅନିର୍ବଚନୀୟ । ଆମର ସକଳ ପ୍ରକାର ଅଭିଜ୍ଞତା ତାଙ୍କ ପ୍ରତି ଯଥାର୍ଥରେ କେବଳ ଔପନିଷଦିକ, "ନେତି" ଛଡ଼ା ଆଉ କିଛି କୋହିପାରେ ।

(୧୩)

ତତ୍ରୈକସ୍ଥଂ ଜଗତ୍କୃତ୍ସ୍ନଂ ପ୍ରବିଭକ୍ତ ମନେ କଧା
ଅପଶ୍ୟଦ୍ଦେବ ଦେବସ୍ୟ ଶରୀରେ ପାଣ୍ଡବସ୍ତଦା । ୧୩ ।

ତଦା (ସେତେବେଳେ) ପାଣ୍ଡବଃ (ଅର୍ଜ୍ଜୁନ ଦେବ ଦେବସ୍ୟ (ସେହି ଦେବାଦିଦେବଙ୍କର) ତତ୍ର ଦେହେ (ସେହି ଐଶ୍ୱରିକ ବ୍ୟକ୍ତିତ୍ୱ ଭିତରେ) ଅନେକଧା ପ୍ରବିଭକ୍ତଂ (ନାନା ଭବରେ ବିଭକ୍ତ) କୃତ୍ସ୍ନଂ ଜଗତ୍ (ସମଗ୍ର ଜଗତକୁ) ଏକସ୍ଥଂ ଅପଶ୍ୟତ୍ (ଏକତ୍ର ଅବସ୍ଥିତ ଥିବାର ଦେଖିଲେ) ।

ଅନୁବାଦ—

ହେ ରାଜନ, ସେଠାରେ ଓ ସେତେବେଳେ ପାଣ୍ଡୁ ପୁତ୍ର ଅର୍ଜୁନ ସେହି ଦେବ ଦେବ ଶ୍ରୀକୃଷ୍ଣଙ୍କ ଶରୀର ଭିତରେ ବହୁଧା-ବିଭକ୍ତ ଏହି ସମଗ୍ର ବିପୁଳ ଜଗତ୍କୁ ପ୍ରଥମ ଥର ପାଇଁ ଏକସ୍ଥ ଥିବାର ଦେଖି ପାରିଲେ ।

(୧୪)

ତତଃ ସ ବିସ୍ମୟାବିଷ୍ଟୋ ହୃଷ୍ଟରୋମା ଧନଞ୍ଜୟଃ
ପ୍ରଣମ୍ୟ ଶିରସା ଦେବଂ କୃତାଞ୍ଜଳିରଭାଷତ । ୧୪ ।

ତତଃ (ତତ୍ପରେ) ସଃ ଧନଂଜୟଃ (ସେହି ଅର୍ଜ୍ଜୁନ) ବିସ୍ମୟାବିଷ୍ଟଃ (ବିସ୍ମୟାନ୍ୱିତ) [ଓ] ହୃଷ୍ଟରୋମା (ରୋମାଂଚିତ ହୋଇ) ଦେବଂ ଶିରସା

Digitized by srujanika@gmail.com

ପ୍ରଣମ୍ୟ (ସେହି ଦେବତାଙ୍କପ୍ରତି ଅବନତ ମସ୍ତକରେ ପ୍ରଣାମକରି) କୃତାଞ୍ଜଳିଃ (ଯୋଡ ହସ୍ତ ହୋଇ) [ଏହିପରି] ଅଭାଷତ (କହିଲେ) ।

ଅନୁବାଦ—

ହେ ରାଜନ୍ ଏ ପ୍ରକାର ଅକଳ୍ପନୀୟ, ଅଶ୍ରୁତପୂର୍ବ ଦୃଶ୍ୟରେ ବିସ୍ମୟା-ଭିଭୂତ ଓ ରୋମାଞ୍ଚିତ-ଶରୀର ଅର୍ଜ୍ଜୁନ, ଶ୍ରୀକୃଷ୍ଣଙ୍କୁ ସଭକ୍ତି ପ୍ରଣାମରେ ମସ୍ତକ ଅବନତ କରି ହାତଯୋଡ଼ ଏହିପରି କହିଲେ ।

ଅର୍ଜ୍ଜୁନ ଉବାଚ

(୧୫)

ପଶ୍ୟାମି ଦେବାଂ ସ୍ତବ ଦେବ ଦେହେ
 ସର୍ବାଂସ୍ତଥା ଭୂତ ବିଶେଷ ସଂଘାନ୍
ବ୍ରହ୍ମାଣମୀଶଂ କମଳାସନସ୍ଥ
 ମୃଷୀଂଶ୍ଚ ସର୍ବାନୁରଗାଂଶ୍ଚ ଦିବ୍ୟାନ୍ । ୧୫ ।

ଅର୍ଜ୍ଜୁନ ଉବାଚ (ଅର୍ଜ୍ଜୁନ କହିଲେ), [ହେ] ଦେବ, ତବ ଦେହେ (ତୁମର ଦେହ ଭିତରେ) ସର୍ବାନ୍ ଦେବାନ୍ (ସମସ୍ତ ଦେବତାଙ୍କୁ) ତଥା (ଏବଂ) ଭୂତ ବିଶେଷ ସଂଘାନ୍ (ଅଣ୍ଡଜ, ଜରାୟୁଜାଦି ଭିନ୍ନ ଭିନ୍ନ ଶ୍ରେଣୀର ସମସ୍ତ ଜୀବ ଗ୍ରାମଙ୍କୁ) ଦିବ୍ୟାନ୍ ଋଷୀନ୍ (ଦେବର୍ଷିମାନଙ୍କୁ) ସର୍ବାନ୍ ଦିବ୍ୟାନ୍ ଉରଗାନ୍ (ତକ୍ଷକାଦି ଦେବ ବର୍ଗୀୟ ସର୍ପମାନଙ୍କୁ) ଈଶଂ କମଳାସନସ୍ଥଂ ବ୍ରହ୍ମାଣଂଚ (ବିଶ୍ୱାଧିପ ପଦ୍ମାସନସ୍ଥ ବ୍ରହ୍ମାଙ୍କୁ ମଧ୍ୟ) ପଶ୍ୟାମି (ଦେଖୁଛି) ।

ଅନୁବାଦ—

ହେ ଦେବ, ତୁମର ଶରୀର ଭିତରେ କେବଳ ନିଖିଳ ଜୀବ ସଂଘ ନୁହେଁ, ସମସ୍ତ ଦେବତା, ସକଳ ଋଷି, ବିବିଧ ବର୍ଗୀୟ ସର୍ପ ଏବଂ ଏପରିକି ପଦ୍ମାସନରେ ଥିବା ବ୍ରହ୍ମାଙ୍କୁ ମଧ୍ୟ ଦେଖୁଛି ।

(୧୬)

ଅନେକ ବାହୂଦର ବକ୍ତ୍ର ନେତ୍ରଂ
 ପଶ୍ୟାମି ତ୍ୱାଂ ସର୍ବତୋଽନନ୍ତ ରୂପଂ
ନାନ୍ତଂ ନ ମଧ୍ୟ ନ ପୁନସ୍ତବାଦିଂ
 ପଶ୍ୟାମି ବିଶ୍ୱେଶ୍ୱର ବିଶ୍ୱରୂପ । ୧୬ ।

Digitized by srujanika@gmail.com

[ହେ] ବିଶ୍ୱେଶ୍ୱର, [ହେ] ବିଶ୍ୱରୂପ, ଅନେକ ବାହୂଦର ବକ୍ତ୍ର ନେତ୍ରଂ (ଅନେକ ବାହୁ, ଅନେକ ପେଟ, ଅନେକ ମୁଖ ଓ ଅନେକ ନେତ୍ର ବିଶିଷ୍ଟ) ଅନନ୍ତ ରୂପଂ (ଅନେକ ଆକୃତ ବିଶିଷ୍ଟ) ତ୍ୱାଂ (ତୁମକୁ) ସର୍ବତଃ (ସବୁଠି) [ମୁଁ] ପଶ୍ୟାମି (ଦେଖୁଛୁ)। ପୁନଃ (ପୁଣି) ତବ ନ ଆଦିଂ ନ ମଧ୍ୟଂ ନ ଅନ୍ତଂ ପଶ୍ୟାମି (ତୁମର ଆଦ୍ୟ, ମଧ୍ୟ ବା ଅନ୍ତ କେଉଁଠି, ମୁଁ ଦେଖିପାରୁନି)।

ଅନୁବାଦ—

ହେ ବିଶ୍ୱେଶ୍ୱର, ତୁମର ଏହି ବିଶ୍ୱରୂପରେ ମୁଁ ଦେଖୁଛି ତୁମେ କିପରି ଗଣନାତୀତ ଉଦର, ମୁଖ ଓ ଚକ୍ଷୁ ବିଶିଷ୍ଟ। ମୁଁ ପୁଣି ଦେଖୁଛୁ ଯେ ତୁମେ ସର୍ବ ବ୍ୟାପ୍ତ ଓ ଅନନ୍ତ। ତୁମର ଆଦ୍ୟ, ମଧ୍ୟ ବା ଅନ୍ତ କେଉଁଠି ମୁଁ କହହିଁ ବାରି ପାରୁନାହିଁ।

(୧୭)

କିରୀଟିନଂ ଗଦିନଂ ଚକ୍ରିଣଂ ଚ
ତେଜୋରାଶିଂ ସର୍ବତୋ ଦୀପ୍ତିମନ୍ତଂ
ପଶ୍ୟାମି ତ୍ୱାଂ ଦୁର୍ନିରୀକ୍ଷଂ ସମନ୍ତା-
ଦୀପ୍ତାନଳାର୍କ ଦ୍ୟୁତମ ପ୍ରମେୟଂ। ୧୭।

[ମୁଁ] କିରୀଟିନଂ (ମସ୍ତକରେ କିରୀଟ ଧାରଣକାରୀ) ଗଦିନଂ ଚକ୍ରିଣଂ ଚ (ଏବଂ ହସ୍ତରେ ଗଦା ଓ ଚକ୍ର ଧାରଣକାରୀ) ସର୍ବତଃ ଦୀପ୍ତିମନ୍ତ ତେଜୋରାଶିଂ (ତୁମ ଶରୀରର ଚାରିଆଡେ ଦୀପ୍ତିମନ୍ତ ଆଲୋକରାଶି) ଦୁର୍ନିରୀକ୍ଷ୍ୟଂ ଦୀପ୍ତାନଳାର୍କ ଦ୍ୟୁତ (ଜଳୁଥିବା ନିଆଁ ଓ ପ୍ରଖର ସୂର୍ଯ୍ୟପରି ଏପରି ଉଜ୍ଜ୍ୱଳ ଯେ ଚାହିଁବା କଷ୍ଟକର ହେଉଛି) [ଏବଂ] ଅପରିମେୟ (ଯାହା ପରିମାପର ବାହାରେ) [ଏହିପରି ଭାବରେ] ତ୍ୱାଂ ସମନ୍ତାତ୍ ପଶ୍ୟାମି (ତୁମକୁ ମୋର ଚାରିଆଡେ ଦେଖୁଛି)।

ଅନୁବାଦ—

ହେ ଦେବ, ମୁଁ ପୁଣି ତୁମକୁ ଦେଖୁଛି ଯେ, ତୁମେ ଚକ୍ର-ଗଦା-କିରୀଟ ଭୂଷିତ ଏବଂ ତୁମ ଶରୀରର ତେଜ ନିଖିଳ ବିଶ୍ୱର ଚତୁର୍ଦ୍ଦିଗକୁ ଆଲୋକିତ କରିରଖିଛି। ଚତୁର୍ଦ୍ଦିଗରେ ବିସ୍ତୃତ ତୁମର ସେହି ତେଜ ପୁଣି ପ୍ରଜ୍ୱଳିତ ଅଗ୍ନି ବା ସୂର୍ଯ୍ୟପରି ଅତ୍ୟନ୍ତ ଦୀପ୍ତିମନ୍ତ ଥିବାରୁ ତୁମ ଆଡକୁ ମୁଁ ସହଜରେ ବେଶୀକ୍ଷଣ ଚାହିଁ ବି ପାରୁ ନାହିଁ। ଏ ଜ୍ୟୋତି ପଟାନ୍ତରହୀନ।

Digitized by srujanika@gmail.com

(୧୮)

ତ୍ୱମକ୍ଷରଂ ପରମଂ ବେଦିତବ୍ୟଂ
ତ୍ୱମସ୍ୟ ବିଶ୍ୱାସ୍ୟ ପରଂ ନଧାନଂ
ତ୍ୱମବ୍ୟୟଃ ଶାଶ୍ୱତ ଧର୍ମଗୋପ୍ତା
ସନାତନ ସ୍ତ୍ୱଂ ପୁରୁଷୋ ମତ ମେ । ୧୮ ।

ତ୍ୱଂ ତୁମେ) ଅକ୍ଷରଂ (ଅକ୍ଷୟ) ପରମଂ ବେଦିତବ୍ୟଂ (ଜ୍ଞେୟ ବସ୍ତୁମାନଙ୍କ ମଧ୍ୟରେ ଶ୍ରେଷ୍ଠ) ତ୍ୱଂ ଅସ୍ୟ ବଶ୍ୱସ୍ୟ ପରଂ ନିଧାନଂ (ତୁମେ ଏହି ନଖିଳ ସୃଷ୍ଟିର ପରମ ଆଶ୍ରୟ) ତ୍ୱଂ ଅବ୍ୟୟଃ (ତୁମେ ନିତ୍ୟ) ଶାଶ୍ୱତ ଧର୍ମ ଗୋପ୍ତା (ସନାତନ ଧର୍ମର ପାଳକ) ତ୍ୱଂ ସନାତନଃ ପୁରୁଷଃ (ତୁମେ ସନାତନ ପୁରୁଷ) ଇତ ମେ ମତଃ (ଏହାହିଁ ମୋର ମନେ ହେଉଛି) ।

ଅନୁବାଦ—

ହେ ଦେବ, ତୁମେହିଁ ସେହି ପରମ ଜ୍ଞାତବ୍ୟ ଅକ୍ଷର ବ୍ରହ୍ମ ଯାହା ସମ୍ବନ୍ଧରେ ମତେ ଉପଦେଶ ଦେଇସାରିଛ । ତୁମେଇ ଏହି ନିଖିଳ ବିଶ୍ୱର ଶେଷ ଆଶ୍ରୟ । ତୁମେଇ ଏହି ବଶ୍ୱକୁ ନିୟନ୍ତ୍ରିତ କରୁଥିବା ଶାଶ୍ୱତ ବିଧିମାନଙ୍କର ଶାଶ୍ୱତ ପ୍ରହରୀ ଓ ରକ୍ଷକ । ତୁମେହିଁ ଏ ସୃଷ୍ଟିର ସନାତନ ପୁରୁଷ (ଜନକ) ।

(୧୯)

ଅନାଦି ମଧ୍ୟାନ୍ତ ମନନ୍ତ ବୀର୍ଯ୍ୟ
ମନନ୍ତ ବାହୁଂ ଶଶିସୂର୍ଯ୍ୟ ନେତ୍ରଂ
ପଶ୍ୟାମି ତ୍ୱାଂ ଦୀପ୍ତ ହୁତାଶବକ୍ତ୍ରଂ
ସ୍ୱତେଜସା ବିଶ୍ୱମିଦଂ ତପନ୍ତଂ । ୧୯ ।

ଅନାଦିମଧ୍ୟାନ୍ତଂ (ଆଦି, ମଧ୍ୟ ଓ ଅନ୍ତହୀନ) ଅନନ୍ତ ବୀର୍ଯ୍ୟଂ (ଅନନ୍ତ ଶକ୍ତିଶାଳୀ) ଅନନ୍ତବାହୁଂ (ଅସଂଖ୍ୟ ବାହୁସମ୍ପନ୍ନ) ଶଶିସୂର୍ଯ୍ୟ ନେତ୍ରଂ(ଚନ୍ଦ୍ର ଓ ସୂର୍ଯ୍ୟ ରୂପକ ନେତ୍ର ବିଶିଷ୍ଟ) ଦୀପ୍ତହୁତାଶ ବକ୍ତ୍ରଂ (ପ୍ରଜ୍ୱଳିତ ଅଗ୍ନି ପ୍ରଭ ମୁଖ ଯୁକ୍ତ), ସ୍ୱତେଜସା ଇଦଂ ବିଶ୍ୱ ତପନ୍ତଂ (ନିଜ ତେଜଦ୍ୱାରା ଏହି ବିଶ୍ୱକୁ ତପ୍ତ କରୁଥିବାର) ତ୍ୱାଂ ପଶ୍ୟାମି (ତୁମକୁ ଦେଖୁଛି) ।

ଅନୁବାଦ—

ହେ ଦେବ, ତୁମର ଆଦି, ମଧ୍ୟ ଓ ଅନ୍ତ ତ ମତେ ଜଣାପଡୁ ନାହିଁ । ତୁମର ଶକ୍ତିର ମଧ୍ୟ ଶେଷ ଦେଖିପାରୁନାହିଁ । ତୁମର ବହୁ ଅଗଣିତ ଚନ୍ଦ୍ର ଓ

Digitized by srujanika@gmail.com

ସୂର୍ଯ୍ୟହିଁ ତୁମର ନେତ୍ର । ପ୍ରଜ୍ଜ୍ୱଳିତ ଅଗ୍ନି ତୁମର ମୁଖ । ଏହି ସମଗ୍ର ବିଶ୍ୱ ଯେ ଉତ୍ତାପଯୁକ୍ତ, ତାହା କେବଳ ତୁମର ସତ୍ତାର ଉଷ୍ଣତା ଯୋଗୁଁ ।

(୨୦)

ଦ୍ୟାବା ପୃଥିବ୍ୟୋରି ଦମନ୍ତରଂହି
ବ୍ୟାପ୍ତଂ ତ୍ୱୟୈକେନ ଦିଶଶ୍ଚ ସର୍ବାଃ
ଦୃଷ୍ଟ୍ୱାଦ୍ଭୁତଂ ରୂପ ମିଦଂ ତବୋଗ୍ରଂ
ଲୋକ ତ୍ରୟଂ ପ୍ରବ୍ୟଥିତଂ ମହାତ୍ମନ୍ । ୨୦ ।

[ହେ] ମହାତ୍ମନ, ଦ୍ୟାବା ପୃଥିବ୍ୟୋଃ (ସ୍ୱର୍ଗ ଓ ପୃଥିବୀର) ଇଦଂ ଅନ୍ତରଂ ସର୍ବାଃ ଦିଶଃ ଚ (ଏହି ସମଗ୍ର ମଧ୍ୟସ୍ଥଳ ଓ ସମସ୍ତ ଦିଗ ଏକେନ ତ୍ୱୟା (କେବଳ ତୁମର ଦ୍ୱାରହିଁ) ବ୍ୟାପ୍ତଂ (ବ୍ୟାପ୍ତ ହୋଇ ରହିଛି) । ତବ (ତୁମର) ଅଦ୍ଭୁତଂ ଇଦଂ ରୂପଂ (ଏହି ଅଦ୍ଭୁତ ଓ ଭୟାନକ ରୂପ) ଦୃଷ୍ଟ୍ୱା (ଦେଖି) ଲୋକତ୍ରୟଂ (ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ଏହି ତନ ଲୋକ) ପ୍ରବ୍ୟଥିତଂ (ଅତଶୟ ଭୀତ ହେଉଛନ୍ତ)

ଅନୁବାଦ —

ହେ ମହାତ୍ମନ୍, ମୁଁ ଦେଖୁଛି ଯେ ସ୍ୱର୍ଗ ଓ ପୃଥିବୀ ଭିତରେ ଥିବା ସକଳ ଦିଗ ଧରି ସମଗ୍ର ବ୍ୟବଧାନ, କେବଳ ତୁମରି ଦ୍ୱାରହିଁ ପରିପୂର୍ଣ୍ଣ । ଏବଂ ତୁମର ଏହି ଉଗ୍ରରୂପ ଦର୍ଶନ କରି ସ୍ୱର୍ଗ, ମର୍ତ୍ତ୍ୟ ପାତାଳ ଏହି ତିନିଟିଯାକ ଲୋକହିଁ ଭୟରେ କମ୍ପମାନ ।

(୨୧)

ଅମୀହି ତ୍ୱାଂ ସୁରସଙ୍ଘା ବିଶନ୍ତି
କେଚିଦ୍ ଭୀତାଃ ପ୍ରାଞ୍ଜଳୟୋ ଗୃଣନ୍ତି
ସ୍ୱସ୍ତୀତ୍ୟୁକ୍ତ୍ୱା ମହର୍ଷି ସିଦ୍ଧ ସଙ୍ଘା
ସ୍ତୁବନ୍ତି ତ୍ୱାଂ ସ୍ତୁତିଭିଃ ପୁଷ୍କଳାଭିଃ । ୨୧ ।

ଅମୀ ସୁରସଙ୍ଘାଃ (ଏହି ଦେବତାମାନେ ମଧ୍ୟ) ତ୍ୱାଂ ହି ବିଶନ୍ତି (ତୁମଠାରେହିଁ ଶରଣ ପଶୁଛନ୍ତି) କେଚିତ୍ ଭୀତାଃ ପ୍ରାଞ୍ଜଳୟୋ ଗୃଣନ୍ତି (କେତେକ ତ୍ରସ୍ତ ହୋଇ କୃତାଞ୍ଜଳି ପୂଟରେ ସ୍ତୁତି କରୁଛନ୍ତି) । ମହର୍ଷିସିଦ୍ଧ ସଙ୍ଘାଃ (ସିଦ୍ଧ ପୁରୁଷ ଓ ମହର୍ଷିମାନେ) 'ସ୍ୱସ୍ତି' ଇତି ଉକ୍ତ୍ୱା ' 'ସ୍ୱସ୍ତି' ବା ମଙ୍ଗଳ ହେଉ' ଏହି ଉଚ୍ଚାରଣ କରି କର) ପୁଷ୍କଳାଭିଃ ସ୍ତୁତଭିଃ ତ୍ୱାଂ ସ୍ତୁବନ୍ତି (ଅତି ଉତ୍ତମ ସ୍ତବଦ୍ୱାରା ତୁମକୁ ସ୍ତୁତି କରୁଛନ୍ତି) ।

Digitized by srujanika@gmail.com

ଅନୁବାଦ—

ହେ ଦେବ, ମୁଁ ଦେଖିପାରୁଛି ଯେ, ମୃତ୍ୟୁହୀନ ବୋଲି ଧରାଯାଉଥିବା ଦେବତାମାନେ ମଧ୍ୟ ତୁମ ଭିତରେ ବିଲୀନ ହୋଇଯାଉଛନ୍ତି । କେତେକ ଭୟରେ କିଂକର୍ତ୍ତବ୍ୟବିମୂଢ଼ ହୋଇ କୃତାଞ୍ଜଳିପୁଟରେ ହଠାତ ତୁମର ସ୍ତୁତି ଗାନ ଆରମ୍ଭ କରି ଦେଇଛନ୍ତି । ମହର୍ଷି ଓ ସିଦ୍ଧ ପୁରୁଷମାନେ ମଧ୍ୟ "ବିଶ୍ବର କଲ୍ୟାଣ ହେଉ" "ବିଶ୍ବର କଲ୍ୟାଣ ହେଉ" ଏଭଳି ମନ୍ତ୍ର ବାରମ୍ବାର ଉଚ୍ଚାରଣ କରି ବହୁ ଉତ୍କୃଷ୍ଟ ସ୍ତବରେ ତୁମର ବନ୍ଦନା କରୁଛନ୍ତି ।

(୨୨)

ରୁଦ୍ରାଦିତ୍ୟା ବସବୋ ଯେ ଚ ସାଧ୍ୟା
ବିଶ୍ୱେଽଶ୍ୱିନୌ ମରୁତ ଶ୍ଚୋଷ୍ମପାଶ୍ଚ
ଗନ୍ଧର୍ବ ଯକ୍ଷାସୁର ସିଦ୍ଧ ସଙ୍ଘା
ବୀକ୍ଷନ୍ତେ ତ୍ୱାଂ ବିସ୍ମିତା ଶ୍ଚୈବ ସର୍ବେ । ୨୨ ।

ରୁଦ୍ରାଃ ଆଦିତ୍ୟାଃ ବସବଃ ଯେ ଚ ସାଧ୍ୟାଃ (ଏକାଦଶ ରୁଦ୍ର, ଦ୍ୱାଦଶ ଆଦିତ୍ୟ ଓ ଅଷ୍ଟବସୁ) ଏବଂ ସାଧ୍ୟ ନାମକ ଦେବତା ଗୋଷ୍ଠୀ), ବିଶ୍ୱେଦେବା ଅଶ୍ୱିନୌ ମରୁତାଃ ଚ (ବିଶ୍ୱଦେବଗଣ, ଅଶ୍ୱିନୀକୁମାର ଦ୍ୱୟ ଓ ମରୁତ ଗଣ) ଉଷ୍ମପାଃ (ଉଷ୍ମପାୟୀ ପିତୃଗଣ) ଗନ୍ଧର୍ବ ଯକ୍ଷାସୁର ସିଦ୍ଧ ସଙ୍ଘାଃ ଚ (ଗନ୍ଧର୍ବ, ଯକ୍ଷ, ଅସୁର ଓ ସିଦ୍ଧଗଣ) ସର୍ବେ ଏବ (ସମସ୍ତେହିଁ) ବିସ୍ମିତାଃ ତ୍ୱାଂ ବୀକ୍ଷନ୍ତେ (ତୁମକୁ ବିସ୍ମିତ ହୋଇ ଦେଖୁଛନ୍ତି ।

ଅନୁବାଦ—

ହେ ଦେବ କେବଳ ଋଷି ଓ ସିଦ୍ଧ ପୁରୁଷ ନୁହଁନ୍ତି, ମୁଁ ଦେଖୁଛି ଯେ, ଏକାଦଶ ରୁଦ୍ର, ଦ୍ୱାଦଶ ଆଦିତ୍ୟ, ଅଷ୍ଟବସୁ, ସାଧ୍ୟଗଣ, ବିଶ୍ୱଦେବମାନେ, ଅଶ୍ୱିନୀକୁମାରଦ୍ୱୟ, ବାୟୁ, ସୋମପା, ଉଷ୍ମପା, ଗନ୍ଧର୍ବ, ଯକ୍ଷ, ଅସୁର ଓ ସିଦ୍ଧଗଣ ସମସ୍ତେ ତୁମର ଏହି ଅଦୃଷ୍ଟ ପୂର୍ବ ବିଶ୍ୱରୂପ ଆଡକୁ ବିସ୍ମୟାଭିଭୂତ ହୋଇ ଚାହିଁ ରହିଛନ୍ତି ।

ବିଶେଷ ଭାଷ୍ୟ—

ରୁଦ୍ର ଅଶ୍ୱିନୀ, ମରୁତ, ଆଦିତ୍ୟ, ବସୁ, ବିଶ୍ୱଦେବ ଇତ୍ୟାଦି ସମସ୍ତେ ବୈଦିକ କଳ୍ପନା ମାତ୍ର । ଋଗ୍‌ବେଦ କାଳରେ ମଧ୍ୟ ଏହି ସବୁ ନାମର ବିଭିଧ

Digitized by srujanika@gmail.com

ଦେବତାଙ୍କୁ ସ୍ତୁତି କରିବା ଭିତରେ ବରାବର ଏକ ଦେବ ଦେବ ବା ଦେବାଧି-ପତିଙ୍କର ଅନ୍ୱେଷଣ ଚାଲିଥିଲା । ଋଗ୍‌ବେଦ ରଚନାର ଶେଷ ଆଡକୁ ବରୁଣ ବା ମିତ୍ର। ବରୁଣ ବା କେବଳ ମିତ୍ର ଏହି ସ୍ଥାନ ଅଧିକାର କରୁଥିଲେ । ମଝିରେ କୌଣସି ଏକ ଦେବାଦିଦେବ ସ୍ଥାନରେ ବିଶ୍ୱେଦେବାଃ (ବିଶ୍ୱବ୍ୟାପ୍ତ ଦେବତା ସକଳ)ର କଳ୍ପନା ମଧ୍ୟ ସମାନ ଧର୍ମୀ । ଶ୍ୱେତାଶ୍ୱେତର ଉପନିଷଦରେ ଶିବ (ରୁଦ୍ର) ଏହି ଦେବାଦିଦେବ ସ୍ଥାନ ଅଧିକାର କରିଛନ୍ତି ଏବଂ ଭଗବଦ୍ ଗୀତାରେ ଏହି ସ୍ଥାନ ଦିଆଯାଇଛି ବିଷ୍ଣୁ ବା ବିଷ୍ଣୁ-ଅବତାର ଶ୍ରୀକୃଷ୍ଣଙ୍କୁ ।

ତେଣୁ ମୋଟ ଉପରେ ଆମେ ଦେଖିବା ଯେ, ଗୀତାର ଏହି ତଥାକଥିତ 'ବିଶ୍ୱରୂପ' ପୂର୍ବରୁ ବୈଦିକ ଚେଷ୍ଟା ଓ ଭବ-କଳ୍ପରୂପକର ଆଳଂକାରିକ ଓ ପୌରାଣିକ ପ୍ରକାଶ ମାତ୍ର । ଅର୍ଥାତ୍ ବେଦର ବସୁ, ଆଦିତ୍ୟ, ରୁଦ୍ର, ମରୁତ୍; ବିଶ୍ୱଦେବା, ଅଶ୍ୱିନୀ ପ୍ରଭୃତି ଦେବତାମାନେ ମଧ୍ୟ ଆଜି ଶ୍ରୀକୃଷ୍ଣଙ୍କୁ (ବିଷ୍ଣୁଙ୍କୁ) ଭୟରେ କୃତାଞ୍ଜଳିପୁଟରେ ସ୍ତୁତିକରି ଲାଗିଛନ୍ତି । ଅର୍ଜୁନ ତାହା ନିଜ ଆଖିରେ ଦେଖିଲେ ବୋଲି ଗୀତାରେ କୁହାଯାଉଛି । ସାଧାରଣ ଭାରତୀୟ ପକ୍ଷରେ ଏହାକୁ ଅବିଶ୍ୱାସ କରିବା ଅସମ୍ଭବ । ଏହା କୃଷ୍ଣ-ଉପାସନାରେ ଚତୁର ପ୍ରଚାର ଚେଷ୍ଟା ଛଡା ଆଉ କିଛି ନୁହେଁ ଏବଂ ନିଃସନ୍ଦେହରେ ଏକ ସଫଳ ଚେଷ୍ଟା ।

ଉଷ୍ମପା—ସ୍ୱର୍ଗତ ପିତୃପୁରୁଷ । କୁହାଯାଏ ଯେ ଶ୍ରାଦ୍ଧାଦି ଦିବସରେ ହିନ୍ଦୁମାନେ ପିତୃ ପୁରୁଷଙ୍କୁ ଯେଉଁ ଅନ୍ନାଦି ଖାଦ୍ୟ ଦ୍ରବ୍ୟ ଉତ୍ସର୍ଗ କରିଥାନ୍ତି, ସେମାନେ ସେ ସବୁରୁ ଉତ୍‌ଥିତ ଉଷ୍ମ ବାଷ୍ପଟାକୁହିଁ ଆଘ୍ରାଣ କରି ତୃପ୍ତି ପାଇଥାନ୍ତି, ଯେହେତୁ ସ୍ଥୂଳ ଖାଦ୍ୟ ଖାଇବା ସେମାନଙ୍କ ପକ୍ଷରେ ସମ୍ଭବ ହୋଇନଥାଏ । ଶୀତଳ ଖାଦ୍ୟ ସେମାନଙ୍କ ପକ୍ଷରେ ମୂଲ୍ୟହୀନ । ସେମାନେ କେବଳ ଉଷ୍ମ ବାଷ୍ପ ଭୋଗ କରିଥାନ୍ତି । ତେଣୁ ସେମାନଙ୍କର ନାମ ଉଷ୍ମପା ।

(୨୩)

ରୂପଂ ମହତ୍ତେ ବହୁ ବକ୍ତ୍ର ନେତ୍ରଂ
 ମହା ବାହୋ ବହୁ ବାହୂରୁପାଦଂ
ବହୂଦରଂ ବହୁ ଦଂଷ୍ଟ୍ରା କରାଳଂ
 ଦୃଷ୍ଟ୍ୱା ଲୋକାଃ ପ୍ରବ୍ୟଥିତା ସ୍ତଥାହଂ । ୨୩ ।

[ହେ] ମହାବାହୋ (ଶ୍ରୀକୃଷ୍ଣ) ତେ ବହୁବକ୍ତ୍ର ନେତ୍ରଂ (ତୁମର ବହୁ ମୁଖ ଓ ନେତ୍ରଯୁକ୍ତ) ବହୁ ବାହୂରୁପାଦଂ (ବହୁ ବାହୁ, ବହୁ ଉରୁ ଓ ବହୁ ପାଦ ଯୁକ୍ତ) ବହୂଦରଂ (ବହୁ ଉଦର ଯୁକ୍ତ) ବହୁ ଦଂଷ୍ଟ୍ରାକରାଳଂ (ଅଗଣିତ ଦାନ୍ତ ଦ୍ୱାରା ଭୟାନକ) ମହତ୍ ରୂପଂ (ବିଶାଳ ରୂପକୁ) ଦୃଷ୍ଟ୍ୱା (ଦେଖି) ଲୋକାଃ (ସକଳ

Digitized by srujanika@gmail.com

ବ୍ରହ୍ମାଣ୍ଡ) ପ୍ରବ୍ୟଥିତା (ବିଶେଷ ଭବରେ ଭୀତ ହୋଇ ରହିଛନ୍ତି) ତଥା ଅହଂ (ସେହିପରି ମଧ୍ୟ ମୁଁ ନିଜେ) ।

ଅନୁବାଦ—

ହେ ମହାବାହୁ ଶ୍ରୀକୃଷ୍ଣ, ତୁମର ଯେ ଏହି ବିରାଟରୂପ, ଯେଉଁଥିରେ ଅଗଣିତ ମୁଖ ଓ ଚକ୍ଷୁ, ଅଗଣିତ ଭୁଜ, ଜଙ୍ଘ ଓ ପାଦ, ଅଗଣିତ ଉଦର ଓ ଅଗଣିତ କରାଳ ଦନ୍ତପଂକ୍ତି ରହିଛି ତାକୁ ଦେଖି କେବଳ ମୁଁ ନୁହେଁ ସକଳ ବ୍ରହ୍ମାଣ୍ଡ ମଧ୍ୟ ଭୟଭୀତ ।

(୨୪)

ନଭଃସ୍ପୃଶଂ ଦୀପ୍ତମନେକ ବର୍ଣ୍ଣଂ
ବ୍ୟାତ୍ତାନନଂ ଦୀପ୍ତ ବିଶାଳ ନେତ୍ରଂ
ଦୃଷ୍ଟ୍ୱାହି ତ୍ୱାଂ ପ୍ରବ୍ୟଥିତାନ୍ତରାତ୍ମା
ଧୃତିଂ ନ ବିନ୍ଦାମି ଶମଂଚ ବିଷ୍ଣୋ ।୨୪।

[ହେ] ବିଷ୍ଣୋ (ବିଷ୍ଣୁ) ନଭଃ ସ୍ପୃଶଂ (ଆକାଶସ୍ପର୍ଶୀ) ଦୀପ୍ତଂ (ତେଜୋମୟ) ଅନେକ ବର୍ଣ୍ଣ (ନାନାବର୍ଣ୍ଣ ବିଶିଷ୍ଟ) ବ୍ୟାତ୍ତାନନଂ (ବିସ୍ତାରିତ ମୁଖ ବିଶିଷ୍ଟ) ଦୀପ୍ତ ବିଶାଳ ନେତ୍ରଂ (ସମୁଜ୍ଜ୍ୱଳ ଓ ବିଶାଳ ନେତ୍ରଯୁକ୍ତ) ତ୍ୱାଂହି ଦୃଷ୍ଟ୍ୱା (ତୁମକୁ ଦେଖି) ପ୍ରବ୍ୟଥିତାନ୍ତରାତ୍ମା (ବ୍ୟଥିତଚିତ୍ତ ହୋଇ)[ମୁଁ] ଧୃତିଂ ଶମଂ ଚ ନ ବିନ୍ଦାମି (ଧୈର୍ଯ୍ୟ ଓ ଶାନ୍ତି କୌଣସିଟିକୁ ହେଲେ ପାଇପାରୁ ନାହିଁ) ।

ଅନୁବାଦ—

ହେ ବିଷ୍ଣୁ, ତୁମର ଏହି ବହୁ ବର୍ଣ୍ଣମୟ ଦୀପ୍ତିମନ୍ତ, ନଭସ୍ପର୍ଶୀ ବପୁ ଓ ପ୍ରଜ୍ୱଳିତ ନେତ୍ର, ଅତିବିସ୍ତାରିତ ମୁଖମଣ୍ଡଳ ଇତ୍ୟାଦି ଦେଖି ମୁଁ ଅନ୍ତରରେ ଶାନ୍ତି ଓ ଧୈର୍ଯ୍ୟ ହରାଇ ଭୟାକୁଳ ହୋଇ ଉଠୁଛି ।

(୨୫)

ଦଂଷ୍ଟ୍ରାକରାଳାନି ଚ ତେ ମୁଖାନି
ଦୃଷ୍ଟ୍ୱୈବ କାଳାନଳ ସନ୍ନିଭାନି
ଦିଶୋ ନ ଜାନେ ନ ଲଭେ ଚ ଶର୍ମ
ପ୍ରସୀଦ ଦେବେଶ ଜଗନ୍ନିବାସ ।୨୫।

Digitized by srujanika@gmail.com

[ହେ] ଦେବେଶ (ଦେବତାମାନଙ୍କର ପ୍ରଭୁ) [ହେ] ଜଗନ୍ନିବାସ (ବିଶ୍ୱାଧାର) ଦଂଷ୍ଟ୍ରାକରାଳାନ (ବିଭୀଷିକାମୟ ଦନ୍ତାବଳି ଯୁକ୍ତ) କାଳାନଳ ସନ୍ନିଭାନି (ପ୍ରଳୟ କାଳୀନ ଅଗ୍ନି ସଦୃଶ) ତେ ମୁଖାନ (ତୁମର ମୁଖ ସବୁ) ଦୃଷ୍ଟ୍ୱା ଏବ (ଦେଖିଦେଲା କ୍ଷଣି) ଦିଶଃ ନ ଜାନେ (ମୁଁ ଦିଗ୍ଭ୍ରାନ୍ତ ପରି ବୋଧ କରୁଛି) ଶର୍ମ ଚ ନ ଲଭେ (ଏବଂ ସକଳ ପ୍ରକାର ଭରସା-ବୋଧ ହରାଇ ବସୁଛି) [ତେଣୁ] ପ୍ରସୀଦ (ପ୍ରସନ୍ନ ହୁଅ) ।

ଅନୁବାଦ—

ହେ ଦେବଦେବ, ତୁମର ପ୍ରଳୟାଗ୍ନି ନିଭ-କରାଳ-ଦନ୍ତଯୁକ୍ତ ମୁଖ ସବୁକୁ ଦେଖି ଭୀତତ୍ରସ୍ତ ମୁଁ, କୁଆଡେ ଯିବି ଦିଗ ପାଉନି ଓ କେଉଁଠି ଆଶ୍ରୟ ପାଇବି ସେ ଭରସା ବୋଧ ମଧ୍ୟ ହରାଇ ବସୁଛି । ଏହି ବିଭୀଷିକା ପ୍ରତ୍ୟାହାର କରି ବରଂ ତୁମର ପ୍ରସନ୍ନ ରୂପ ଦେଖାଅ ।

ବିଶେଷ ଭାଷ୍ୟ—

ଶ୍ୱେତାଶ୍ୱତର ଉପନିଷଦରେ ଭକ୍ତ ଶିବଙ୍କୁ ଠିକ୍ ଏହି ମର୍ମରେ ଡାକୁଛି-

ରୁଦ୍ର ଯତ୍ତେ ଦକ୍ଷିଣଂ ମୁଖଂ
ତେନ ମାଂ ପାହି ନିତ୍ୟଂ ।

(ହେ ରୁଦ୍ର, ତୁମର ଦାକ୍ଷିଣ୍ୟମୟ, ଦୟାମୟ, ପ୍ରସନ୍ନ ମୁଖଦ୍ୱାରା ହିଁ ମତେ ସବୁବେଳେ ରକ୍ଷା କରିଥାଅ) ।

ପୁଣି

ମାନସ୍ତୋକେ ତନୟେ ମାନ ଆୟୁଷି
ମା ନୋ ଗୋଷୁ, ମା ନୋ ଅଶ୍ୱେଷୁ ରୀରିଷଃ
ବୀରାନ୍ ମା ନୋ ରୁଦ୍ର ଭାମିତୋଽବଧୀ—
ର୍ହବିଷ୍ମନ୍ତଃ ସଦମିତ୍ ତ୍ୱାଂ ହବାମହେ (୪।୨୨)

(ହେ ରୁଦ୍ର ତୁମେ କ୍ରୁଦ୍ଧ ହୋଇ ଆମର ପୁଅ ଓ ନାତିମାନଙ୍କୁ ମାରି-ପକାଅ ନାହିଁ । ଆମକୁ ବି ମାରିଦିଅନ । ଆମର ଗୋରୁ ଓ ଘୋଡାମାନଙ୍କୁ ମଧ୍ୟ ମାରିଦିଅନ । ଆମର ସାମର୍ଥ୍ୟଯୁକ୍ତ ରକ୍ଷକବାଳକଙ୍କୁ ମଧ୍ୟ ବିନାଶ କରନାହିଁ । ଆମକୁ ରକ୍ଷା କରିବାପାଇଁ ତୁମକୁ ଉପଯୁକ୍ତ ହବ୍ୟ ଦ୍ରବ୍ୟ ଦ୍ୱାରା ଆମେ ସବୁ-ବେଳେ ଡାକି ଆସିନୁ କ ?)

Digitized by srujanika@gmail.com

ପାଠକେ ମନେ ରଖିଥିବେ ଯେ, ମନୁଷ୍ୟ-ଚେତନାରେ ଭଗବାନ ବସ୍ତୁତଃ କେବଳ ଦୁଇ ପ୍ରକାରର ହୋଇଥାନ୍ତି । ସେ ଭୟର ଭଗବାନ ହୋଇ-ପାରନ୍ତି, ପ୍ରେମର ଭଗବାନ୍ ମଧ୍ୟ ହୋଇପାରନ୍ତି । ସବୁ ଧର୍ମରେହିଁ ସେୟା— ଶ୍ୱେତାଶ୍ୱତର ଉପନିଷଦରେ ସେୟା, ସେୟା ମଧ୍ୟ ଏହି ଗୀତୋପନିଷଦ୍ ବା କୃଷ୍ଣୋପନିଷଦରେ ।

ଏପର୍ଯ୍ୟନ୍ତ-ବର୍ଣ୍ଣିତ ଏକ ବିଭୀଷିକାମୟ ଭଗବାନଙ୍କ ପରେ, ଆମେ ବର୍ତ୍ତମାନ ପରମ ପ୍ରେମର ଭଗବାନଙ୍କୁ ମଧ୍ୟ ଏହି ଅଧ୍ୟାୟରେ ଭେଟିବା । ଶ୍ରୀକୃଷ୍ଣଙ୍କର ନିଜର ପ୍ରିୟତମ ସଖା ଓ ଭକ୍ତ ଅର୍ଜୁନ ମଧ୍ୟ ଶ୍ୱେତାଶ୍ୱତର ଶିବ-ଉପାସକ ପରି, ବିଧାତାର 'ଦକ୍ଷିଣ' (ପ୍ରସନ୍ନ) ମୁଖ ପାଇଁ ଆତୁରି ବ୍ୟାକୁଳ ହୋଇ ଉଠିବେ, କିଞ୍ଚିତ୍ ପରେ ।

(୨୬-୨୭)

ଅମୀ ଚ ତ୍ୱାଂ ଧୃତରାଷ୍ଟ୍ରସ୍ୟ ପୁତ୍ରାଃ
ସର୍ବେ ସହୈ ବାବନିପାଳ ସଂଘୈଃ
ଭୀଷ୍ମୋ ଦ୍ରୋଣଃ ସୂତ ପୁତ୍ର ସ୍ତଥାସୌ
ସହାସ୍ମଦୀ ୟୈରପି ଯୋଧ ମୁଖ୍ୟୈଃ ।୨୬।

ବକ୍ତ୍ରାଣି ତେ ତ୍ୱରମାଣା ବିଶନ୍ତି
ଦଂଷ୍ଟ୍ରାକରାଳାନି ଭୟାନକାନି
କେଚିଦ୍ ବିଲଗ୍ନା ଦଶନାନ୍ତରେଷୁ
ସଂଦୃଶ୍ୟନ୍ତେ ଚୂର୍ଣ୍ଣିତରୁତ୍ତମାଙ୍ଗୈଃ ।୨୭।

ଅବନିପାଳ ସଂଘୈଃ ସହ (ଅନ୍ୟ ରାଜାମାନଙ୍କ ସହିତ) ଅମୀ ଚ ସର୍ବେ ଏବ ଧୃତରାଷ୍ଟ୍ରସ୍ୟ ପୁତ୍ରାଃ (ଧୃତରାଷ୍ଟ୍ରଙ୍କର ସେହି ସମସ୍ତ ପୁତ୍ର) ତଥା ଭୀଷ୍ମଃ ଦ୍ରୋଣଃ ଅସୌ ସୂତ ପୁତ୍ର ଚ (ପୁଣି ଭୀଷ୍ମ, ଦ୍ରୋଣ ଏବଂ ସେହି ସୂତ ବା ସାରଥୀ ପୁତ୍ର କର୍ଣ୍ଣ) ଅସ୍ମଦୀୟୈଃ ଯୋଧ ମୁଖ୍ୟୈଃ ସହ (ଆମ ପକ୍ଷର ପ୍ରଧାନ ଯୋଦ୍ଧାମାନଙ୍କ ସହିତ) ତ୍ୱରମାଣାଃ (ଦ୍ରୁତ ବେଗରେ) ତେ ଦଂଷ୍ଟ୍ରା କରାଳାନି ଭୟାନକାନି ବକ୍ତ୍ରାଣି ବିଶନ୍ତି (ତୁମର ଭୀଷଣ ଦନ୍ତଯୁକ୍ତ ଭୀଷଣ ମୁଖମାନଙ୍କ ଭିତରେ ପଶିଯାଉଛନ୍ତି) କେଚିତ୍ (କେହି କେହି) ଚୂର୍ଣ୍ଣିତୈଃ ଉତ୍ତମାଙ୍ଗୈଃ (ଚୂର୍ଣ୍ଣିତ ମସ୍ତକ ହୋଇ) [ତୁମର] ଦଶନାନ୍ତରେଷୁ (ଦାନ୍ତ ସନ୍ଧିରେ) ବିଲଗ୍ନାଃ ସଂଦୃଶ୍ୟନ୍ତେ (ଲାଗିରହିଲା ପରି ଦେଖାଯାଉଛନ୍ତି) ।

Digitized by srujanika@gmail.com

ଅନୁବାଦ—

ହେ ଦେବ ଦେବ, ମୁଁ ଦେଖିପାରୁଛି ଯେ, ଏଠାକୁ ଯୁଦ୍ଧ କରିବାକୁ ଆସିଥିବା ପୃଥିବୀର ବହୁ ରାଜାମାନଙ୍କ ସହିତ ଧୃତରାଷ୍ଟ୍ରଙ୍କର ସକଳ ପୁତ୍ର ଏବଂ ଆମପକ୍ଷର ଯୁଦ୍ଧ ମୁଖ୍ୟମାନଙ୍କ ସହିତ ଭୀଷ୍ମ, ଦ୍ରୋଣ ଓ କର୍ଣ୍ଣ ମଧ୍ୟ ଦ୍ରୁତିତ ବେଗରେ ତୁମର ସେହି ଭୀଷଣ ଦନ୍ତାବଳି ମଧ୍ୟରେ ଲୀନ ହୋଇଯାଉଛନ୍ତି । ଏପରିକି ଚୂର୍ଣ୍ଣୀଭୂତ ମସ୍ତକ ସହିତ ସେମାନଙ୍କ ଭିତରୁ କେତେକ ତୁମର ସେହି ଦାନ୍ତମାନଙ୍କ ମଧ୍ୟରେ ଝୁଲୁଥିବାର ମଧ୍ୟ ମୁଁ ଦେଖିପାରୁଛି ।

(୨୮)

ଯଥା ନଦୀନାଂ ବହବୋଽମ୍ବୁ ବେଗାଃ
ସମୁଦ୍ର ମେବାଭିମୁଖା ଦ୍ରବନ୍ତି
ତଥା ତବାମୀ ନରଲୋକବୀରା
ବିଶନ୍ତି ବକ୍ତ୍ରାଣ୍ୟଭିତୋ ଜ୍ୱଳନ୍ତି ।୨୮।

ଯଥା (ଯେପରି) ନଦୀନାଂ (ଏହି ପୃଥିବୀର ନଦୀମାନଙ୍କର) ବହବଃ ଅମ୍ବୁବେଗାଃ (ପ୍ରଚୁର ଜଳ ପ୍ରବାହ) ସମୁଦ୍ରଂ ଏବ ଅଭିମୁଖାଃ ଦ୍ରବନ୍ତି (ସମୁଦ୍ର ଆଡକୁ ଧାଇଁଚାଲନ୍ତି) ତଥା (ସେହିପରି) ଅମୀ ନରଲୋକବୀରାଃ (ମର୍ତ୍ତ୍ୟ ଲୋକର ସେହିସବୁ ତଥାକଥିତ ବୀର ପୁରୁଷ ଗଣ) ଅଭିତଃ ଜ୍ୱଳନ୍ତି ତବ ବକ୍ତ୍ରାଣି ବିଶନ୍ତି (ଚତୁର୍ଦ୍ଦିଗରେ ଜଳୁଥିବା ତୁମର ମୁଖମାନଙ୍କ ଭିତରକୁ ପଶିବାରେ ଲାଗିଛନ୍ତି) ।

ଅନୁବାଦ—

ହେ ଦେବ ଦେବ, ଯେପରି ନଦୀମାନଙ୍କର ଜଳସ୍ରୋତସବୁ ଦ୍ରୁତ ଗତିରେ ସମୁଦ୍ର ଆଡକୁ ଧାଇଁ ଚାଲନ୍ତି, ଠିକ୍ ସେହିପରି ମର୍ତ୍ତ୍ୟ ଲୋକର ଏହି ତଥାକଥିତ ବୀରବୃନ୍ଦ ତୁମର ପ୍ରଜ୍ୱଳିତ ମୁଖମାନଙ୍କ ଭିତରେ ଆପେ ଆପେ ଦ୍ରୁତବେଗରେ ପଶିବାର ମଧ୍ୟ ମୁଁ ଦେଖିପାରୁଛି ।

(୨୯)

ଯଥା ପ୍ରଦୀପ୍ତଂ ଜ୍ୱଳନଂ ପତଙ୍ଗା
ବିଶନ୍ତି ନାଶାୟ ସମୃଦ୍ଧବେଗାଃ
ତଥୈବ ନାଶାୟ ବିଶନ୍ତି ଲୋକା-
ସ୍ତବାପି ବକ୍ତ୍ରାଣି ସମୃଦ୍ଧବେଗାଃ ।୨୯।

Digitized by srujanika@gmail.com

ଯଥା ପତଙ୍ଗାଃ (ଯେପରି ପତଙ୍ଗସବୁ) ସମୃଦ୍ଧବେଗାଃ (ଅତି ବେଗରେ ଧାବମାନ ହୋଇ) ପ୍ରଦୀପ୍ତଂ ଜ୍ୱଳନଂ ନାଶାୟ ବିଶନ୍ତି (ଜଳନ୍ତା ନିଆଁରେ ପଡ଼ି ମରନ୍ତି) ତଥା (ସେହିପରି) ସମୃଦ୍ଧବେଗାଃ (ଅତି ବେଗଗାମୀ ହୋଇ) ଲୋକାଃ ଅପି (ମନୁଷ୍ୟମାନେ ମଧ୍ୟ) ନାଶାୟ ଏବ (କେବଳ ମୃତ୍ୟୁ ପାଇଁ) ତବ ବକ୍ତ୍ରାଣି ବିଶନ୍ତି (ତୁମର ବହୁ ମୁଖ ଭିତରେ ପଶି ଚାଲିଛନ୍ତି) ।

ଅନୁବାଦ—

ହେ ଦେବ ଦେବ, ଯେପରି ଜଳୁଥିବା ନିଆଁକୁ ପତଙ୍ଗ ସବୁ ତୀବ୍ର ବେଗରେ ଆସି ପଡନ୍ତି, ନିଜର ନିଶ୍ଚିତ ବିନାଶ ପାଇଁ ଠିକ୍ ସେହିପରି ଏହି ନିଖିଳ ଜନସଙ୍ଘ ଯେପରିକି ସେମାନଙ୍କର ନିଜ ନିଜର ଧ୍ୱଂସ ପାଇଁ ତୀବ୍ର ବେଗରେ ତୁମର ସେହି ମୁଖମାନଙ୍କ ମଧ୍ୟରେ ପଶୁଥିବାର, ମୁଁ ଦେଖୁଛି ।

(୩୦)

ଲେଲିହ୍ୟସେ ଗ୍ରସମାନଃ ସମନ୍ତା-
ଲ୍ଲୋକାନ୍ ସମଗ୍ରାନ୍ ବଦନୈର୍ଜ୍ୱଳଦ୍‌ଭିଃ
ତେଜୋଭିରାପୂର୍ଯ୍ୟ ଜଗତ୍ ସମଗ୍ରଂ
ଭାସସ୍ତବୋଗ୍ରାଃ ପ୍ରତପନ୍ତି ବିଷ୍ଣୋ ।୩୦।

[ହେ] ବିଷ୍ଣୋ (ବିଷ୍ଣୁ) [ତୁମେ ଯେପରିକି ତୁମର] ଜ୍ୱଳଦ୍‌ଭିଃ ବଦନୈଃ (ପ୍ରଜ୍ୱଳିତ ମୁଖ ସମୂହଦ୍ୱାରା) ସମଗ୍ରାନ୍ ଲୋକାନ୍ (ସମସ୍ତ ବ୍ରହ୍ମାଣ୍ଡମାନଙ୍କୁ) ସମନ୍ତାତ୍ ଲେଲିହ୍ୟସେ (ଚାରିଆଡୁ ଚାଟି ନେଉଛ) । ତବ ଉଗ୍ରାଃ ଭାସଃ (ତୁମର ଉଗ୍ର ପ୍ରଭା) ତେଜୋଭିଃ ସମଗ୍ରଂ ଜଗତ୍ ଆପୂର୍ଯ୍ୟ (ନିଜର ତେଜଦ୍ୱାରା ସମଗ୍ର ବିଶ୍ୱକୁ ପୂର୍ଣ୍ଣକରି) ପ୍ରତପନ୍ତି (ଯେପରିକି ପୋଡି ପକାଉଛି) ।

ଅନୁବାଦ—

ହେ ବିଷ୍ଣୁ, ମୋର ଯେପରି ମନେ ହେଉଛି, ତୁମେ ତୁମର ଜ୍ୱଳମାନ ବଦନ ସବୁ ଦ୍ୱାରା ସମଗ୍ର ବ୍ରହ୍ମାଣ୍ଡକୁ ଗ୍ରାସ କରିସାରି, ଓଠ ଚାଟୁଛ । ତୁମର ଶରୀର-ନିର୍ଗତ-ଆଲୋକ ଏହି ନିଖିଳ ଜଗତକୁ ଆଲୋକିତ ଓ ଉତ୍ତପ୍ତ କରି ପକାଉଛି ।

(୩୧)

ଆଖ୍ୟାହି ମେ କୋ ଭବାନୁଗ୍ରରୂପୋ
ନମୋଽସ୍ତୁତେ ଦେବବର ପ୍ରସୀଦ
ବିଜ୍ଞାତୁ ମିଚ୍ଛାମି ଭବନ୍ତମାଦ୍ୟଂ
ନହି ପ୍ରଜାନାମି ତବ ପ୍ରବୃତ୍ତିଂ ।୩୧।

Digitized by srujanika@gmail.com

ଉଗ୍ରରୂପଃ ଭବାନ୍ କଃ (ଏହି ଭୀଷଣ ରୂପଧାରୀ ଆପଣ ସତ୍ୟରେ କିଏ ?) [ଏହା] ମେ ଆଖ୍ୟାହି (ମତେ କୁହନ୍ତୁ) । ତେ ନମଃ ଅସ୍ତୁ (ତୁମକୁ ନମସ୍କାର କରୁଛି) । [ହେ] ଦେବବର, (ଦେବଶ୍ରେଷ୍ଠ) ପ୍ରସୀଦ (ପ୍ରସନ୍ନ ହୁଅ) । ଆଦ୍ୟଂ ଭବନ୍ତଂ ଜ୍ଞାତୁଂ ଇଚ୍ଛାମି (ମୁଁ ଆଦି ପୁରୁଷ ଆପଣଙ୍କୁ ଜାଣିବାକୁ ଚାହୁଁଛି) । ହି (ଯେହେତୁ) ତବ ପ୍ରବୃତ୍ତିଂ ନ ଜାନାମି (ତୁମର ଏହି ପ୍ରକାଶ ମୋ ପ୍ରତି ସମ୍ପୂର୍ଣ୍ଣ ଅଜ୍ଞେୟ) ।

ଅନୁବାଦ—

ମତେ ସତ୍ୟରେ କୁହନ୍ତୁ ଏହି ଉଗ୍ର ରୂପଧାରୀ ଆପଣ ସତ୍ୟରେ କିଏ ? ଅର୍ଥାତ୍ ଆପଣ କ'ଣ ସତ୍ୟରେ ଶ୍ରୀକୃଷ୍ଣ ?) ଅଥବା ତୁମେ କି ଦେବବର ସତ୍ୟରେ ? ମୁଁ ତେବେ ତୁମକୁ ପ୍ରଣତ ଜଣାଉଛି ; କିନ୍ତୁ ଏହି ବିଭୀଷିକା ପ୍ରତ୍ୟାହାର କରିନେଇ, ମୋପ୍ରତି ପ୍ରସନ୍ନ ହୁଅନ୍ତୁ । ହେ ସୃଷ୍ଟିର ଆଦି, ଆଜି ମୁଁ ତୁମକୁ ସତ୍ୟରେ ଜାଣିବାକୁ ଚାହୁଁଛି । କାରଣ, ତୁମର ଏ ପ୍ରକାଶର ଉଦ୍ଦେଶ୍ୟ ମୁଁ ସତ୍ୟରେ ବୁଝିପାରୁନାହିଁ ।

ଶ୍ରୀ ଭଗବାନୁବାଚ

(୩୨)

କାଲୋଽସ୍ମି ଲୋକ କ୍ଷୟକୃତ୍ ପ୍ରବୃଦ୍ଧୋ
ଲୋକାନ୍ ସମାହର୍ତ୍ତୁମିହ ପ୍ରବୃତ୍ତଃ

ଋତେଽପି ତ୍ୱାଂ ନ ଭବିଷ୍ୟନ୍ତି ସର୍ବେ
ଯେଽବସ୍ଥିତାଃ ପ୍ରତ୍ୟନୀକେଷୁ ଯୋଧାଃ ।୩୨।

ଶ୍ରୀ ଭଗବାନ ଉବାଚ (ଭଗବାନ୍ ଶ୍ରୀକୃଷ୍ଣ କହିଲେ) । [ମୁଁ] ଲୋକ କ୍ଷୟକୃତ୍ (ଜନ ନାଶ ପାଇଁ) କାଳଃ ପ୍ରବୃଦ୍ଧଃ ଅସ୍ମି (କାଳ ଭବରେ ପ୍ରକାଶିତ ହୋଇ ତୁମ ଆଗରେ ବର୍ତ୍ତମାନ ଦଣ୍ଡାୟମାନ) । ଇହ (ବର୍ତ୍ତମାନ ଏଠାରେ) ଲୋକାନ୍ ସମାହର୍ତ୍ତୁଂ (ଜନ ସଂହାର ପାଇଁ ହିଁ) ପ୍ରବୃତ୍ତଃ (ମୁଁ ଆବିର୍ଭୂତ) । ତ୍ୱାଂ ଋତେ ଅପି (ତୁମେ ଚେଷ୍ଟା ନ କଲେ ମଧ୍ୟ) ପ୍ରତ୍ୟନୀକେଷୁ (ପରସ୍ପର ବିପକ୍ଷ ସୈନ୍ୟମାନଙ୍କ ଭିତରେ) ଯେ ଯୋଧାଃ (ଯେଉଁ ବୀରମାନେ) ଅବସ୍ଥିତାଃ (ଅବସ୍ଥିତ ଅଛନ୍ତି) ସର୍ବେ ଅପି ନ ଭବିଷ୍ୟନ୍ତି (ସେ ସମସ୍ତଙ୍କ ଭିତରୁ କେହି ହେଲେ ରହିବେ ନାହିଁ) ।

Digitized by srujanika@gmail.com

ଅନୁବାଦ—

ଶ୍ରୀ ଭଗବାନ୍ କହିଲେ—ହେ ଅର୍ଜ୍ଜୁନ, ମୁଁ ମଧ୍ୟ ଲୋକକ୍ଷୟକାରୀ ମହାକାଳ ଏବଂ ଆଜି ଏଠାରେ ସମାଗତ ସେହି ଲୋକ-ବିନାଶ ପାଇଁ । ତୁମେ ଯୁଦ୍ଧ କର ବା ନକର ଜାଣିରଖ ଯେ, ପରସ୍ପର ବିରୋଧୀ ଉଭୟ ସେନାରେ ଯେତେସବୁ ଯୋଦ୍ଧା ଏଠାରେ ଉପସ୍ଥିତ, ସେମାନଙ୍କ ଭିତରୁ କେହି ଜଣେ ହେଲେ ନିଜ ପ୍ରାଣ ରକ୍ଷା କରିପାରିବେ ନାହିଁ ।

(୩୩)

ତସ୍ମାତ୍ତ୍ୱମୁତ୍ତିଷ୍ଠ ଯଶୋ ଲଭସ୍ୱ
ଜିତ୍ୱା ଶତ୍ରୂନ୍ ଭୁଂକ୍ଷ୍ୱ ରାଜ୍ୟଂ ସମୃଦ୍ଧଂ
ମୟୈବୈତେ ନିହତାଃ ପୂର୍ବମେବ
ନିମିତ୍ତମାତ୍ରଂ ଭବ ସବ୍ୟସାଚିନ୍ ।୩୩।

ତସ୍ମାତ୍ (ସେହି ହେତୁରୁ) ତ୍ୱଂ ଉତ୍ତିଷ୍ଠ (ତୁମେ ନୈରାଶ୍ୟ ଓ ସନ୍ଦେହ ପରିତ୍ୟାଗ କରିଉଠ) ଶତ୍ରୂନ୍ ଜିତ୍ୱା ସମୃଦ୍ଧଂ ରାଜ୍ୟଂ ଭୁଂକ୍ଷ୍ୱ (ଶତ୍ରୁମାନଙ୍କୁ ଜିଣି ସମୃଦ୍ଧ ରାଜ୍ୟ ଉପଭୋଗ କର) । ମୟା ଏବ ଏତେ ପୂର୍ବଂ ଏବ ନିହତାଃ (ଏମାନେ ପୂର୍ବରୁହିଁ, ଅର୍ଥାତ୍ ତୁମେ ମାରିବା ପୂର୍ବରୁହିଁ ମୋଦ୍ୱାରା ନିହତ ହୋଇ ସାରିଛନ୍ତି) [ତେଣୁ] ହେ ସବ୍ୟସାଚିନ୍ (ଅର୍ଜ୍ଜୁନ) [ତୁମେ କେବଳ] ନିମିତ୍ତ ମାତ୍ରଂ ଭବ (ଉପଲକ୍ଷ୍ୟ ମାତ୍ର ହୋଇ କାମ କରିଯାଅ) ।

ଅନୁବାଦ—

ତେଣୁ ହେ ଅର୍ଜ୍ଜୁନ, ତୁମେ ନୈରାଶ୍ୟ ଓ ସନ୍ଦେହ ତ୍ୟାଗକରି ଉଠ । ଶତ୍ରୁମାନଙ୍କୁ ଜିଣି ସମୃଦ୍ଧ ରାଜ୍ୟ ଉପଭୋଗ କର । ଯେପରି କହିଲି, ତୁମର ସେହି ତଥାକଥିତ ଶତ୍ରୁମାନେ ପୂର୍ବରୁହିଁ ମୋଦ୍ୱାରା ନିହତ ହୋଇ ସାରିଛନ୍ତି । ତୁମେ କେବଳ ଉପଲକ୍ଷ୍ୟ ମାତ୍ର ହୋଇ କାମ କରିଯାଅ ।

ବିଶେଷ ଭାଷ୍ୟ—

କର୍ତ୍ତୃତ୍ୱ-ଓ-ନିମିତ୍ତ-ଭବ—ଗୀତା ବରାବର ନିଷ୍କାମ କର୍ମର, ଭଗବତ୍ ସମର୍ପିତ କର୍ମର, କର୍ତ୍ତୃଭାବ ଶୂନ୍ୟତାର ଓ କର୍ମଫଳ-ଭୋଗ ବାସନା-ଶୂନ୍ୟତାର ପ୍ରଚାର କରି ଆସୁଥିବା ସ୍ଥଳେ, ଏ ଶ୍ଳୋକରେ ଶ୍ରୀକୃଷ୍ଣ ନିଜେ ଅର୍ଜ୍ଜୁନଙ୍କୁ 'ଯଶ' ଓ 'ସମୃଦ୍ଧ ରାଜ୍ୟ' ଭୋଗ କରିବାର ପ୍ରଲୋଭନ ଦେଇ କିପରି ଯୁଦ୍ଧ କରିବାକୁ କହୁଛନ୍ତି ?

Digitized by srujanika@gmail.com

କିନ୍ତୁ ସମସ୍ତ ଶ୍ଳୋକଟିହିଁ, ତାର ପ୍ରସିଦ୍ଧ ଶେଷ ପାଦ—"ନିମିତ୍ତ-ମାତ୍ରଂ ଭବ ସବ୍ୟସାଚିନ୍"—ର ତାତ୍ପର୍ଯ୍ୟ ବହନ କରୁଛି ବୋଲି ମନେ କରିବା ଅଧିକ ଯୁକ୍ତିଯୁକ୍ତ ହେବ । ଅର୍ଥାତ୍, ଶତ୍ରୁ ଜିଣିବା ଓ ରାଜ୍ୟ ଭୋଗ କରିବା ଇତ୍ୟାଦି ସବୁ ଅବସ୍ଥାରେହିଁ 'ନିମିତ୍ତ' ମାତ୍ର ବୋଲିହିଁ ନିଜକୁ ମନେ କରି ଚାଲ । ସବୁ 'ସେ',—ଆମେ ସାମାନ୍ୟ ନିମିତ୍ତ ବା ଉପଲକ୍ଷ୍ୟ ବା ଉପାୟ ମାତ୍ର, ଏହାହିଁ ଆମର ସମଗ୍ର ଚେତନା ଦେଇ ଅନୁଭବ କଲେ ଆମର ଉଭୟ ଲାଭ ହେବ । ଏକ ପକ୍ଷରେ ଆମେ, ସମସ୍ତର ଉତ୍ସ ଈଶ୍ୱରଙ୍କୁ ଜାଣିପାରିବା, ଅନ୍ୟ ପକ୍ଷରେ ଯଶ, ସମ୍ପଦ ଇତ୍ୟାଦି ପାର୍ଥିବ ଈପ୍ସିତ ସବୁ ମଧ୍ୟ ଆପେ ଆପେ ଆମ ପାଖରେ ଆସି ପହଞ୍ଚିବ । କାରଣ ତାଙ୍କଠାରେ-ସମର୍ପିତ ଚିତ୍ତ-ବୁଦ୍ଧି ଭକ୍ତର, ନିଜେ ଈଶ୍ୱର କିପରି 'ଯୋଗକ୍ଷେମ'ର ବାହକ ହୋଇଥାନ୍ତି, ତାହା ପୂର୍ବରୁ କୁହାଯାଇଛି ।

ଯୀଶୁଖ୍ରୀଷ୍ଟଙ୍କର ସେହି ବାଣୀ—"ତୁମେ ସ୍ୱର୍ଗରାଜ୍ୟ ଅନ୍ୱେଷଣ କର । ଖୋଜି ବୁଲ ତାଙ୍କର ନ୍ୟାୟ ପରାୟଣତା । ତା ହେଲେ ଅନ୍ୟ ସମସ୍ତ ପାର୍ଥିବ ପଦାର୍ଥ ତୁମ ନିକଟରେ ଅଯାଚିତ ଭାବରେ ପହଞ୍ଚିଯିବ ।" (ଶୈଳୋପଦେଶ) ବାଇବଲ୍ ।

ତୁମର ଶତ୍ରୁମାନଙ୍କୁ ତୁମେ ମାରିବା ପୂର୍ବରୁ ସେମାନେ ବହୁ ଆଗରୁ ମୋ ଦ୍ୱାରା ନିହତ ହୋଇ ସାରିଛନ୍ତି । ମାରିବା କାର୍ଯ୍ୟରେ ତୁମେ ଉପଲକ୍ଷ୍ୟ ମାତ୍ର ହୁଅ । କାହାକୁ ମାରିବା ବା ନ ମାରିବା ବିଷୟରେ ତୁମେ କିଏ ?—ସବୁହିଁ ତ ମୁଁ କରୁଛି ।

ଗୀତାର ଏହି ଶ୍ଳୋକଟିର ଗଭୀର ତାତ୍ପର୍ଯ୍ୟ ପ୍ରଣିଧାନ କରି ବସିଲେ, ଆମକୁ ଚିନ୍ତା କରିବାକୁ ହେବ—ତେବେ, ମନୁଷ୍ୟ ଆଉ କର୍ମ କରିବ କାହିଁକି ? ସବୁ ଯାହା ଘଟିବାର କଥା ଈଶ୍ୱର ତାହା ତ ଆଗରୁ ବ୍ୟବସ୍ଥା କରି ରଖିସାରିଛନ୍ତି । ଆମେ କଲେ ଘଟିବ, ନ କଲେ ବି ଘଟିବ । ତେବେ ବରଂ ନ କରିବା ହିଁ ଯୁକ୍ତି-ଯୁକ୍ତ କାମ ହେବ ।

ପାଠକେ କିନ୍ତୁ ମନେ ରଖିଥିବେ ଯେ, ଗୀତା ବେଦାନ୍ତ-ଦର୍ଶନର ବାହକ । ବେଦାନ୍ତ 'ଅଦ୍ୱୈତ'ର ପ୍ରଚାର କରେ । ଅର୍ଥାତ୍ ଏ ସୃଷ୍ଟି ଦ୍ୱୈତ-ହୀନ । ସମଗ୍ର ସୃଷ୍ଟିରେ କେବଳ ଗୋଟିଏ ବସ୍ତୁ ବର୍ତ୍ତମାନ । ତାହାରି ନାମ ବ୍ରହ୍ମ ବା ଈଶ୍ୱର । ବାକି ସବୁ ସେହି ବ୍ରହ୍ମର ବିବିଧ ବିକାର ମାତ୍ର । ଅନ୍ୟ କଥାରେ, ଗୀତାର ସ୍ରଷ୍ଟା ଓ ସୃଷ୍ଟି ଏକ—ଦୁଇଟି ଭିନ୍ନ ଭିନ୍ନ ବସ୍ତୁ ନୁହନ୍ତି । 'ତତ୍ ତ୍ୱଂ ଅସି'—ସେ ଓ ତୁମେ ଏକ । ଅର୍ଥାତ୍ ମୁଁ ମନୁଷ୍ୟ, ଘାସଠାରୁ ନକ୍ଷତ୍ର ପର୍ଯ୍ୟନ୍ତ ନିଖିଳ ସୃଷ୍ଟି ସହିତ ଏକ ଓ ଅଭିନ୍ନ ନିୟମରେ ପରିଚାଳିତ । ସମଗ୍ର ସୃଷ୍ଟି ପଛରେ ଗୋଟିଏ ମାତ୍ର ବିରାଟ ଐଶ୍ୱରୀୟ ଯୋଜନା ହିଁ କଳ୍ପ କଳ୍ପ ଧରି ପ୍ରବହମାନ । ମାତ୍ର ଊନବିଂଶ ଶତାବ୍ଦୀରେ ୟୁରୋପୀୟ ପଣ୍ଡିତମାନେ ପ୍ରକୃତିରେ

Digitized by srujanika@gmail.com

ଏହି ଏକ ପରିବ୍ୟାପ୍ତ ପ୍ରବହମାନ ଯୋଜନାକୁ ଲକ୍ଷ୍ୟ କରି, ତାର ନାମ ଦେଇ-ଛନ୍ତି 'Evolution' ବା ବିବର୍ତ୍ତନବାଦ । ଅର୍ଥାତ୍ ଜଡ-ଉଦ୍ଭିଦ-ଜୀବ-ମାନବ-ବଶିଷ୍ଟ ଏହି ସୃଷ୍ଟି କୋଟି କୋଟି ବର୍ଷ ଧରି ଆସ୍ତେ ଆସ୍ତେ ପରିବର୍ତ୍ତିତ ହୋଇ ହୋଇ, ନୂତନ ନୂତନ ରୂପ ଗ୍ରହଣ କରି ଗୋଟିଏ ମହତ୍ ଲକ୍ଷ୍ୟ ଆଡକୁ ଗ୍ଲଲଛି । ହିନ୍ଦୁମାନଙ୍କର ମତ୍ସ୍ୟ-କୂର୍ମ-ବରାହାଦି ଦଶାବତାର କଳ୍ପନାରେ ଏହି ଇଭୋଲ୍ୟୁସନବାଦ ସ୍ପଷ୍ଟ ସୂଚିତ । ଯୁଗ ପରେ ଯୁଗ ମନୁଷ୍ୟର ବିଜ୍ଞତା ଅଧିକରୁ ଅଧିକ ହେଉଛି । ପୁଣି ଭରତୀୟମାନେ ୟୁରୋପୀୟମାନଙ୍କ ପରି କେବଳ ବାହାର ପରିବର୍ତ୍ତନରେ ବିଶ୍ୱାସ ନ କରି, ଜୀବ ମାନବର ଆତ୍ମିକ, ଆଭ୍ୟନ୍ତରୀଣ ବିବର୍ତ୍ତନରେ ମଧ୍ୟ ବିଶ୍ୱାସ ରଖିଥିଲେ । ସେମାନେ ମନୁଷ୍ୟକୁ ସୃଷ୍ଟିର ଲର୍ଡ ବା ଈଶ୍ୱର ବୋଲି ଭବିବାର ନିର୍ବୋଧତା ପୋଷଣ କରିନଥିଲେ । ସେମାନେ ଧରି ନେଇଥିଲେ ଯେ ଜୀବରୁ ଯେପରି ମନୁଷ୍ୟର ଉଦ୍ଭବ ହୋଇଛି ସେହିପରି ମନୁଷ୍ୟ ମଧ୍ୟ ଦେବତ୍ୱ ପାଇବାର କଥା । ଭରତୀୟ ଧର୍ମ-ସଂସ୍କୃତିରେ ଦ୍ୱି-ଜତ୍ୱ ବା ମନୁଷ୍ୟର ଆଧ୍ୟାତ୍ମିକ ପୁନର୍ଜନ୍ମ ବା 'ତୃତୀୟ ନେତ୍ର'ର ଉଦ୍ଭବ ଇତ୍ୟାଦି ଭବ-କଳ୍ପ ଏହି ଆଧ୍ୟାତ୍ମିକ ବିବର୍ତ୍ତନହିଁ ସୂଚନା କରେ ।

କିନ୍ତୁ ସ୍ରଷ୍ଟା, ସୃଷ୍ଟିରେ ଅନ୍ତର୍ନିହିତ ଏକ ମୌଳିକ ନିୟମ ଉପରେ ଏହି ବିବର୍ତ୍ତନ-ଯୋଜନାକୁ ଥୋଇ ଦେଇଥିଲେହେଁ; ତାହା କାର୍ଯ୍ୟକାରୀ ହୋଇଥାଏ କେବଳ ଜୀବ ବା ମାନବର କାୟିକ-ମାନସିକ ଚେଷ୍ଟାରେ ଏବଂ ତାହାହିଁ ଆମର ଜନ୍ମ-ଜନ୍ମାନ୍ତରର ଲକ୍ଷ୍ୟ । ବହୁଜନ୍ମର କ୍ରମାନ୍ୱିତ ଆତ୍ମିକ ଊର୍ଦ୍ଧ୍ୱଗତି ଫଳରେହିଁ; ସାଧାରଣ ମନୁଷ୍ୟ ଭିତରୁ ଏକ ଏକ ମହା ପ୍ରସୂୟକର ବୁଦ୍ଧ, ଖ୍ରୀଷ୍ଟ, ଗାନ୍ଧି ବାହାରଥାନ୍ତି । ଦଶମ ଅଧ୍ୟାୟର ଶେଷରେ ଗୀତା ଯେ କହିଲେ-ଏ ଜଗତରେ ଯାହା କିଛି ଶ୍ରୀମନ୍ତ; ବିଭୂତମନ୍ତ ବା ଶକ୍ତିମନ୍ତ ଦେଖିବ, ହେ ଅର୍ଜୁନ ସେଠି ମୁଁ ଅଛି ବୋଲିହିଁ ମନେ କରିବ । ଉପରେ କୁହାଗଲା ଯେ, ବେଦାନ୍ତ ମତରେ ସ୍ରଷ୍ଟା ଓ ସୃଷ୍ଟି ଏକ ଓ ଅଭିନ୍ନ । ସୃଷ୍ଟି ଅ-ପୂର୍ଣ୍ଣ, ଖଣ୍ଡିତ ଓ ବିଭକ୍ତ । କେବଳ ସ୍ରଷ୍ଟାହିଁ ପୂର୍ଣ୍ଣ । ନିଜେ ଓ ସ୍ରଷ୍ଟା ଭିତରେ ଥିବା ବ୍ୟବଧାନକୁ ଆମେ ଯେତିକି ଯେତିକି ଘୁଞ୍ଚେଇ ପାରିବା ଅର୍ଥାତ୍ ଯେତିକି ଯେତିକି ନିଜର ଅହମି-କାକୁ ଲୋପ କରିନେବା, ଆମେ ସେତିକି ସେତିକି ଦେବତ୍ୱ ବା ପୂର୍ଣ୍ଣତ୍ୱ ଆଡକୁ ଯିବା । "ନିମିତ୍ତମାତ୍ର ଭବ ସବ୍ୟସାଚିନ"ର ପରମ ତାତ୍ପର୍ଯ୍ୟ ସେହିଠାରେ । ଏହିପରି ଉଦାର, ନିରହଂକୃତ ଅନୁଭବ ଦ୍ୱାରହିଁ ଆମେ ଆମ ସମଗ୍ର ଜୀବନରେ ଈଶ୍ୱରଙ୍କର ଉପସ୍ଥିତିକୁ ସ୍ୱୀକାର କରି ନେଇପାରୁ; ନଚେତ୍ ନୁହେଁ ।

ପୁଣି ମନେ ରଖିବାକୁ ହେବ ଯେ ଯଦିଓ ପାଶ୍ଚାତ୍ୟ ବିଜ୍ଞାନୀଏ 'ଇଭୋଲିଉସନ୍' (Evolution) ବା ବିବର୍ତ୍ତନ-ବାଦ ଦେଇ ସମସ୍ତ ସୃଷ୍ଟିର ରହସ୍ୟକୁ ହସ୍ତାମଳକବତ୍ ରଖି ସାରିଲେଣି; ସେମାନେ କ୍ରମେ ଏହା ଦେଖି

Digitized by srujanika@gmail.com

ଘୋର ବିସ୍ମିତ ହେଉଛନ୍ତି ଯେ, ଏହି ସୃଷ୍ଟି ତଳେ ଥିବା କଠୋର ନିୟମତନ୍ତ୍ରତା ଭିତରେ ମଧ୍ୟ; ପ୍ରକୃତିରେ ଏପରି ଏକ ଏକ ଘଟଣା ଘଟୁଛି, ଯାହାର କ କୌଣସି ହେଲେ କୈଫିୟତ ସେମାନେ ପାଇ ପାରୁନାହାନ୍ତି । ଇଭୋଲିଉସନ୍ ବାଦରେ ଏହି ବିସ୍ମୟକର ଘଟଣାଟିର ନାମ ସେମାନେ ଦେଇଛନ୍ତି—Mutation (ପରିଣାମ) । ଅର୍ଥାତ୍ 'ବାନର' କ୍ରମେ 'ନର' ହେବାଟା ହେଲା ସାଧାରଣ ବିବର୍ତ୍ତନ-ନିୟମ ; କିନ୍ତୁ କାହା-ସହିତ ସଂପର୍କହୀନ ଭାବରେ ହଠାତ୍ ଗୋଟାଏ ନିଉଟନ୍ ବା ସେକ୍ସପିଆରର ଆବିର୍ଭାବ କପରି ଘଟିପାରେ ତାହା କୌଣସି ବୈଜ୍ଞାନିକ କହିପାରିବେ ନାହିଁ । ବିଜ୍ଞାନ ହେଲା କେବଳ ହାରାହାରି-ବିଦ୍ୟା । ଓଡ଼ିଶାରେ ହାରାହାରି ବର୍ଷା ୫୦ ଇଂଚ—ଏହା ବିଜ୍ଞାନ ଆମକୁ ଜଣାଇ ରଖିଛି । କିନ୍ତୁ ବର୍ଷେ ଯେ ଏହା ୩୦ ଇଂଚ ବା ଆଉ ବର୍ଷେ ୧୦୦ ଇଂଚ ହୋଇପାରେ, ଏ ଭବିଷ୍ୟତ୍ ବାଣୀ କେବଳ ଜଣେ କରିପାରେ । ସେହିଁ ଗୀତାର ଈଶ୍ୱର । ହାରାହାରି ଜୀବ ଭାବରେ ଆମେ ସୃଷ୍ଟିର ନିୟମ ଅନୁସାରେ ଅହରହ କାମ କରି ଚାଲିବା ; କିନ୍ତୁ ସେହି ସୃଷ୍ଟିର ମହତ୍ତମ ନିୟମ ଅନୁଯାୟୀ ମଧ୍ୟ, ଆମେ ନିରହଙ୍କାର ରହିବା ବା ନିଜକୁ ନିମିତ୍ତମାତ୍ର ବୋଲି ମନେ କରିବା ଉଚିତ । ତତ୍ ତ୍ୱଂ ଅସି—ଅନୁଭବରେ, ତାଙ୍କରି ନିକଟରୁ ନିକଟତର ହେବାକୁ ଚେଷ୍ଟା କରିବା ଉଚିତ । ସେହିଁ ଗୀତାର ଜ୍ଞାନ ଯୋଗ ଓ ଭକ୍ତି ଯୋଗ । ସେହିଁ ଆମର ଆତ୍ମିକ ବିବର୍ତ୍ତନ । ଜଡ ଓ ଜୀବ ସ୍ତରରେ ଏହି ବିବର୍ତ୍ତନ ନିର୍ବ୍ୟକ୍ତିକ । ତାହା ବାହାରୁ ଘଟେ ; କିନ୍ତୁ ମନୁଷ୍ୟ ସ୍ତରରେ ତାହା ଏକାନ୍ତ ବ୍ୟକ୍ତିକ । ଆତ୍ମ-ଚେଷ୍ଟା ଫଳରେ ଆମେ କେବେ ବୁଦ୍ଧ ବା ଗାନ୍ଧି ହୋଇପାରିବା । ନଚେତ୍ ଜନ୍ତୁ ସ୍ତରରେ ପଡ଼ିରହିବା ।

ସବ୍ୟସାଚୀ—ସବ୍ୟ ଅର୍ଥ ବାମ । ଦକ୍ଷିଣ ହସ୍ତ ପରି ବାମ ହସ୍ତରେ ମଧ୍ୟ ନିପୁଣ ଭାବରେ ଶରସଂଧାନ କରି ପାରୁଥିଲେ ବୋଲି ଅର୍ଜ୍ଜୁନଙ୍କ ଅନ୍ୟ ନାମ ଥିଲା ସବ୍ୟସାଚୀ । ଅର୍ଥାତ୍ ସର୍ବତୋଭାବେ ଦକ୍ଷ ଓ ନିପୁଣ । ତଥାପି ସେପରି ଲୋକ ମଧ୍ୟ ନିରହଂକାର ଭାବରେ ସକଳ ସିଦ୍ଧି ପଛରେ ନିଜକୁ କେବଳ 'ନିମିତ୍ତ' ମାତ୍ର ମନେ କରିବାକୁ କୁହାଯାଉଛି । ଏଠାରେ 'ସବ୍ୟସାଚୀ' ଶବ୍ଦଟି ତେଣୁ ଅତ୍ୟନ୍ତ ବ୍ୟଞ୍ଜନାପୂର୍ଣ୍ଣ ।

(୩୪)

ଦ୍ରୋଣଂ ଚ ଭୀଷ୍ମଂ ଚ ଜୟଦ୍ରଥଂ ଚ
କର୍ଣ୍ଣଂ ତଥା ନ୍ୟାନପି ଯୋଧବୀରାନ୍
ମୟାହତାଂ ସ୍ତ୍ୱଂ ଜହି ମା ବ୍ୟଥିଷ୍ଠା
ଯୁଧ୍ୟ ସ୍ୱ ଜେତା ସି ରଣେ ସପତ୍ନାନ୍ । ୩୪ ।

Digitized by srujanika@gmail.com

ମୟା ହତାନ୍ ଦ୍ରୋଣଂ ଚ ଭୀଷ୍ମ ଚ ଜୟଦ୍ରଥଂ ଚ ତଥା ଅନ୍ୟାନ୍ ଯୋଧବୀରାନ୍ ଅପି [ତେଣୁ] (ମୋ ଦ୍ୱାରା ଆଗରୁ ହତ ହୋଇ ସାରିଥିବା ଦ୍ରୋଣ, ଭୀଷ୍ମ, ଜୟଦ୍ରଥଂକ ପରି ଅନ୍ୟାନ୍ୟ ଯୁଦ୍ଧବୀରମାନଙ୍କୁ) [ତୁମେ ନାମକୁ ମାତ୍ର] ଜହି (ବଧ କରିଦିଅ) । ମା ବ୍ୟଥିଷ୍ଠାଃ [କୌଣସି କଥା ପାଇଁ] (ବ୍ୟଥିତ ହୁଅ ନାହିଁ) । ରଣେ ସପତ୍ନାନ୍ ଜେତାସି [ଧର୍ମଯୁଦ୍ଧ ଭାବରେ ମଧ୍ୟ] (ଏ ଯୁଦ୍ଧରେ ଶତ୍ରୁମାନଙ୍କୁ ତୁମେ ନିଶ୍ଚୟ ଜିଣିବ) । [ତେଣୁ] ଯୁଧ୍ୟ ସ୍ୱ (ଯୁଦ୍ଧ କରିବାକୁ ବାହାରି ପଡ଼) ।

ଅନୁବାଦ—

ହେ ଅର୍ଜୁନ, ଅନ୍ୟ ଶତ୍ରୁମାନଙ୍କ କଥା ଛାଡ଼ିଦିଅ, ମୋ ଦ୍ୱାରା ପୂର୍ବରୁ ନିହତ ହୋଇ ସାରିଥିବା ଭୀଷ୍ମ, ଦ୍ରୋଣ, କର୍ଣ୍ଣ, ଜୟଦ୍ରଥ ଓ ଅନ୍ୟାନ୍ୟ ବୀର-ମାନଙ୍କର ମଧ୍ୟ ତୁମେ ନିମିତ୍ତ ମାତ୍ର ହନ୍ତା ହେବ । ତେଣୁ ଏହି ଗୁରୁଜନ ବା ବନ୍ଧୁମାନଙ୍କୁ ମାରିଲି ବୋଲି କୌଣସି ଦୁଃଖ ଆଦୌ କରିବନି । ନିମିତ୍ତ ମାତ୍ର ଭାବରେ ଯୁଦ୍ଧ କର ଓ ତୁମର ଶତ୍ରୁମାନଙ୍କ ଉପରେ ନିମିତ୍ତ ଭାବରେ ବିଜୟୀ ହୁଅ ।

ବିଶେଷ ଭାଷ୍ୟ—

ପାଠକେ ଲକ୍ଷ୍ୟ କରିଥିବେ ଯେ, ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଉଚ୍ଚ କୋଟିର ଧର୍ମ ଓ ଦର୍ଶନ ଉପରେ ବକ୍ତୃତା ଦେବା ଭିତରେ ମଧ୍ୟ ବାରମ୍ବାର 'ଉଠ' 'ଯୁଦ୍ଧକର' ଇତ୍ୟାଦି ଏକାନ୍ତ ପାର୍ଥିବ ଆବଶ୍ୟକତା ଓ କର୍ମ ପାଇଁ ଆହ୍ୱାନ ଦେଇ ଚାଲିଛନ୍ତି । ଏହା କ'ଣ ସଂପୂର୍ଣ୍ଣ ବ୍ୟଂଜନାହୀନ ? ତା ନୁହେଁ । ବ୍ୟଞ୍ଜନା ଏହିକି,—ଭକ୍ତିଯୋଗ ବା ଜ୍ଞାନଯୋଗ ବା ରାଜଯୋଗ ବା ସାଂଖ୍ୟ ବା ବେଦାନ୍ତ-ଦର୍ଶନ ଇତ୍ୟାଦି ଉଚ୍ଚ ତତ୍ତ୍ୱାଦିର ଆମେ ଚର୍ଚ୍ଚା କରିବାର ଅର୍ଥ ଏହା ନୁହେଁ ଯେ ଆମେ ଆମର ବ୍ୟକ୍ତିଗତ କର୍ତ୍ତବ୍ୟ ଏବଂ ସାମାଜିକ ବା ରାଷ୍ଟ୍ରୀୟ ଦାୟିତ୍ୱ ସବୁକୁ ସେଇ ଅଜୁହାତରେ ଉପେକ୍ଷା କରି ବସିବା ।

ଲେଖକର କଲେଜ ସହପାଠୀ କୌଣସି ବନ୍ଧୁ ଗୀତାର ନୈଷ୍କର୍ମ୍ୟ ନେଇ ଏକ ମଜାର ଗଳ୍ପ କହିଥାନ୍ତି । ତାହା ଏହି । ବନ୍ଧୁ ବ୍ରାହ୍ମଣ ଥିଲେ ଓ ତାଙ୍କ ଗାଁଟି ଏକ ଶାସନ ଏବଂ ଗତ କୋଡ଼ିଏ-ତିରିଶ ବର୍ଷ ତଳ ପର୍ଯ୍ୟନ୍ତ ଓଡ଼ିଶାର ଶାସନମାନଙ୍କରେ ଯେପରି ଶାସ୍ତ୍ର-ଚର୍ଚ୍ଚା ଆନ୍ତରିକ ଭାବରେ ଶାସନବାସୀଏ କରୁଥିଲେ, ବନ୍ଧୁଙ୍କ ଗାଁରେ ମଧ୍ୟ ତାହା ସେ ପର୍ଯ୍ୟନ୍ତ ଥିଲା ।

ସେହି ଶାସନର ଏକ ତରୁଣ; ଭଗବଦ୍-ଗୀତା ଆଲୋଚନା କରି ବସିଲେ । ଅଭିଭାବକ ଓ ବନ୍ଧୁଗଣ ଦେଖୁଥାନ୍ତି ଯେ, ସେ ସବୁବେଳେ ଗୀତା

Digitized by srujanika@gmail.com

ପୁସ୍ତକ ହାତରେ ଧରି ବୁଲୁଥାନ୍ତି । ତାହା ତ ଉତ୍ତମ କଥା ; ତେଣୁ କାହାର କିଛି ଆପତ୍ତି କରିବାର ନଥିଲା ।

କିନ୍ତୁ ଦିନେ ସେହି ତରୁଣ ଗୀତା-ଭକ୍ତଙ୍କ ପରିବାରରେ କୌଣସି ନିକଟ ଆତ୍ମୀୟର ମୃତ୍ୟୁ ଘଟିଲା । ଅନ୍ୟମାନଙ୍କ ସାଥିରେ ତରୁଣ ବି ଘଟଣା ସ୍ଥଳରେ ପହଞ୍ଚିଲେ । ମା-ଖୁଡୀ-ମାଉସୀ-ଭଉଣୀମାନଙ୍କର କରୁଣ ବିଳାପରେ ସମଗ୍ର ଗ୍ରାମ ଧ୍ୱନିତ । କେହି କେହି ପୁରୁଷ ଲୋକ ବି ଅଶ୍ରୁପାତ କରୁଥାନ୍ତି ; କିନ୍ତୁ ଦେଖାଗଲା ଯେ, ଗୀତା-ପ୍ରିୟ ତରୁଣଟି ନିର୍ବିକାର ହୋଇ ବୁଲାଚଲା କରୁଛନ୍ତି । ସେ ହୁଏତ ଲକ୍ଷ୍ୟ କଲେ ଯେ ତାଙ୍କର ଶୋକ-ଚିହ୍ନ ଶୂନ୍ୟତା ଅନ୍ୟମାନଙ୍କ ଆଖିରେ ଅପ୍ରାକୃତିକ ବୋଧ ହେଉଛି । ନିଜକୁ ଏହି ଅସ୍ୱାଚ୍ଛନ୍ଦ୍ୟଜନକ ଅବସ୍ଥାରୁ ଶୋଭନୀୟ ଭାବରେ ଉଦ୍ଧାର କରିନେବାପାଇଁ ସେ ବର୍ତ୍ତମାନ ଶବଦାହ ବ୍ୟବସ୍ଥା ପାଇଁ ତରବରରେ ଚାଲି ଯାଉଥିବା କୌଣସି ପିତୃବ୍ୟଙ୍କୁ ଉଚ୍ଚସ୍ୱରରେ ଡାକ କହି ପକାଇଲେ—

"ହଇଏ କକେଇ, ମୁଁ କ'ଣ କାନ୍ଦିବ ? ତୁମେ କହିଲେ କାନ୍ଦିବି ।"

କକେଇ ତ ସ୍ତମ୍ଭୀଭୂତ ଏ ପ୍ରଶ୍ନରେ । ସେ ସ୍ୱାଭାବିକ ଭାବରେ ପାଟି କରି କହି ଉଠିଲେ—"ଦେଖ ହେ ପୁଅଙ୍କର ଗୀତା ପାଠର ଗୁଣ ଦେଖ ହେ ! ଏ ପୁଣି ମୁଁ କହିଲେ କାନ୍ଦିବେ !"

ପାଠକେ ତେଣୁ ମନେ ରଖିବେ ଯେ, ଗୀତା କୌଣସିଠାରେ ଆମକୁ ଏହି ଗୀତା-ପାଠୀ ତରୁଣଙ୍କ ପରି କୌଣସି ପ୍ରକାର ଅସ୍ୱାଭାବିକ ମାନସିକତା ଗ୍ରହଣ କରିବାକୁ ଉପଦେଶ ଦେଇନାହାନ୍ତି । ଗୀତା ଆମ ଚିନ୍ତା, କର୍ମ ଓ ସାଧାରଣ ଦୈନନ୍ଦିନ ବଞ୍ଚିବାଟାକୁ ଏକ ସୁନ୍ଦର ସୁସମଞ୍ଜତା ବା ସମନ୍ୱୟ ଦେଇ ସୁଗଠିତ ଓ ସୁସମୃଦ୍ଧ କରିବାକୁ ଚେଷ୍ଟା କରିଛନ୍ତି ମାତ୍ର । ଉଚ୍ଚ ଦାର୍ଶନିକ ବକ୍ତୃତା ଭିତରେ ମଧ୍ୟ ତେଣୁ, "ଯୁଦ୍ଧ କର" "ଉଠ" "ନୈରାଶ୍ୟ ତ୍ୟାଗକର" ଇତ୍ୟାଦି ଗୀତାର ଆହ୍ୱାନ, ଆମ ଜୀବନକୁ କେବଳ ସେହି ଇପ୍‌ସିତ ସ୍ୱାଭାବିକତା ଓ ସର୍ବାଂଗୀନତା ଦେବା ଲକ୍ଷ୍ୟରେ ଆତ୍ମୀୟର ମୃତ୍ୟୁରେ ଅଶ୍ରୁପାତ ସ୍ୱାଭାବିକ । ସମ୍ପୂର୍ଣ୍ଣ ଭଗବଦ୍ ଗୀତା ଶୁଣିଲା ପରେ ମଧ୍ୟ ବାଳକ ବୀର ଅଭିମନ୍ୟୁର ମୃତ୍ୟୁରେ ପିତା ଅର୍ଜୁନ ଓ ଜନନୀ ଦ୍ରୌପଦୀଙ୍କ କଥା ତ ଛାଡ, ଯୁଧିଷ୍ଠିରାଦି ସମଗ୍ର ପାଣ୍ଡବ ପରିବାର ଶୋକରେ ମୁହ୍ୟମାନ ହୋଇ ପଡ଼ିଥିଲେ ; କିନ୍ତୁ ପାଣିକୁଆ ପକ୍ଷ ଝାଡ ଦେଇ ପୁଣି ଉଡଗଲାପରି ସେମାନେ ଫେର ରଣାଂଗନକୁ ପୂର୍ଣ୍ଣ ଉତ୍ସାହରେ ଫେରିଯାଇଥିଲେ । ପ୍ରସିଦ୍ଧ ଗ୍ରୀକ୍ ରାଜ୍ୟ ସ୍ପାର୍ଟାର ଇତିହାସ କ୍ଷାତ୍ର-ମହିମାନ୍ୱିତ । ଯୁଦ୍ଧ କ୍ଷେତ୍ରରେ ସ୍ପାର୍ଟାର କୌଣସି ବୀର ନିହତ ହେଲେ ବାକି ଯେ ରହୁଥିଲେ ସେମାନେ ନିଜକୁ ଏହିପରି କହି ସାନ୍ତ୍ୱନା ଦେଉଥିଲେ—"ଯାଅ, ବିଦାୟ ଭାଇ, କିନ୍ତୁ ଦୁଃଖ ନାହିଁ । ସ୍ପାର୍ଟାରେ ତୁମପରି ଆହୁରି ଅନେକ ବୀର ଅଛନ୍ତି ।"

Digitized by srujanika@gmail.com

ତାହାହିଁ ମଧ୍ୟ ଗୀତାର ଆଦର୍ଶ ବୋଲି ପାଠକେ ଧରିନେବେ । ଗୀତା ଅସ୍ୱାଭାବିକ ଭାବରେ ଭାବପ୍ରବଣ ହୋଇ ଆମକୁ ବ୍ରହ୍ମ, ଈଶ୍ୱର, ଭଗବାନ, ଆତ୍ମା ଇତ୍ୟାଦିର ଚର୍ଚ୍ଚା କରି ଦୈନନ୍ଦିନ ଜୀବନର କର୍ତ୍ତବ୍ୟ ସବୁକୁ ଭୁଲି ଯିବାକୁ କୌଣସିଠାରେ କହିନାହାନ୍ତି । ଗୀତା ସବୁଠାରେ ବାଲାନ୍ସ ବା ସାମଂଜସ୍ୟ ରକ୍ଷାକରି, ଋଷିଆତ ସହିତ ସମନ୍ୱୟ ରକ୍ଷାକରି ଜୀବନ ଚଳିତ କରିବାକୁହିଁ ଚାହିଛନ୍ତି । ଏହା ନିଶ୍ଚୟ ସହଜ କର୍ମ ନୁହେଁ । ବହୁଦିନର ନିରବ ଛିନ୍ନ ଅଭ୍ୟାସ ଏଥିପାଇଁ ଦରକାର । ସେଇଥିପାଇଁ ତ ଗୀତା ମୂଳରୁ କହିଛନ୍ତି ଯେ ତଥାକଥିତ 'ଯୋଗ' ଆଉ କିଛି ନୁହେଁ, ତାହା କେବଳ "କର୍ମସୁ କୌଶଳଂ"—କପରି କୌଶଳ ସହକାରେ, 'ବୁଦ୍ଧିଯୁକ୍ତ' ଭାବରେ ଏ ଜୀବନକୁ ଆମେ ପରିଚାଳିତ କରିନେବା, ତାହାହିଁ ଯୋଗ ବା କର୍ମ ଯୋଗ ଏବଂ ତାହାହିଁ ଗୀତାର ଜୀବନାଦର୍ଶ ।

ସଞ୍ଜୟ ଉବାଚ

(୩୫)

ଏତଚ୍ଛ୍ରୁତ୍ୱା ବଚନଂ କେଶବସ୍ୟ
କୃତାଞ୍ଜଳି ର୍ବେପମାନ କରୀଟୀ

ନମସ୍କୃତ୍ୱା ଭୂୟ ଏବାହ କୃଷ୍ଣଂ
ସଗଦ୍‌ଗଦଂ ଭୀତଭୀତଃ ପ୍ରଣମ୍ୟ ।୩୫।

ସଂଜୟ ଉବାଚ—ସଂଜୟ କହିଲେ । କେଶବସ୍ୟ (କେଶବଙ୍କର) ଏତତ୍ (ଏହି) ବଚନଂଶ୍ରୁତ୍ୱା । (କଥା ଶୁଣି) କିରୀଟୀ (ଅର୍ଜ୍ଜୁନ) ବେପମାନଃ କୃତାଞ୍ଜଳିଃ (ହାତଯୋଡ଼ ଓ କମ୍ପି କମ୍ପି) କୃଷ୍ଣଂ ନମସ୍କୃତ୍ୱା (କୃଷ୍ଣଙ୍କୁ ନମସ୍କାର କରି) ଭୀତ ଭୀତଃ (ଅତି ଭୟରେ) ପ୍ରଣମ୍ୟ (ପ୍ରଣାମ କରି) ଭୂୟଃ ଏବ (ପୁନର୍ବାର) ସଗଦ୍‌ଗଦଂ ଆହ (ଗଦ୍ ଗଦ ସ୍ୱରରେ କହିଲେ) ।

ଅନୁବାଦ—

ହେ ରାଜନ୍, ଶ୍ରୀକୃଷ୍ଣଙ୍କର ଏ ପ୍ରକାର ଉତ୍ସାହ ବ୍ୟଞ୍ଜକ ବାକ୍ୟାବଳି ଶ୍ରବଣ କରି ଭୟ ଓ କୃତଜ୍ଞତାରେ ଥରି ଥରି କୃତାଞ୍ଜଳି ପୁଟରେ ଓ ଗଦ୍ ଗଦ ସ୍ୱରରେ ଅର୍ଜ୍ଜୁନ ପୁଣି ଏହିପରି କହିଲେ ।

Digitized by srujanika@gmail.com

ଅର୍ଜୁନ ଉବାଚ

(୩୬)

ସ୍ଥାନେ ହୃଷୀକେଶ ତବ ପ୍ରକୀର୍ତ୍ତ୍ୟା !
ଜଗତ୍ ପ୍ରହୃଷ୍ୟତ୍ୟନୁ ରଜ୍ୟତେ ଚ
ରକ୍ଷାଂସି ଭୀତାନ ଦିଶୋ ଦ୍ରବନ୍ତି
ସର୍ବେ ନମସ୍ୟନ୍ତି ଚ ସିଦ୍ଧ ସଂଘାଃ । ୩୬ ।

ଅର୍ଜୁନ ଉବାଚ—ଅର୍ଜୁନ କହିଲେ । [ହେ] ହୃଷୀକେଶ (ଶ୍ରୀକୃଷ୍ଣ) ସ୍ଥାନେ (ଯଥାର୍ଥ ଭବରେ) ତବ ପ୍ରକୀର୍ତ୍ତ୍ୟା (ତୁମର ମହାତ୍ମ୍ୟ କୀର୍ତ୍ତନ କରି) ଜଗତ୍ ପ୍ରହୃଷ୍ୟତି ଅନୁରଜ୍ୟତେ ଚ (ଏହି ସଂସାର ଯେପରି କି ବିଶେଷ ଭବରେ ଆନନ୍ଦତ ଓ ଅନୁରକ୍ତ ବୋଧ କରୁଛି) [ଅଥଚ] ରକ୍ଷାଂସି ଭୀତାନି ଦିଶଃ ଦ୍ରବନ୍ତି (ଅସୁରମାନେ ଭୟରେ ଦିଗ ଦିଗନ୍ତରେ ମିଳେଇ ଯାଉଛନ୍ତି) । ସର୍ବେ ସିଦ୍ଧ ସଂଘାଃ ଚ ନମସ୍ୟନ୍ତି (କିନ୍ତୁ ସିଦ୍ଧ ପୁରୁଷ ବା ମହାଜନମାନେ ଭକ୍ତିରେ ନମସ୍କାର କରୁଛନ୍ତି) ।

ଅନୁବାଦ—

ଅର୍ଜୁନ କହିଲେ, ହେ ଶ୍ରୀକୃଷ୍ଣ ତୁମର ମାହାତ୍ମ୍ୟ କୀର୍ତ୍ତନ କରି ଏ ଜଗତ୍ ଯେପରିକ ଯଥାର୍ଥ ଭବରେ ଆନନ୍ଦତ ଓ ଅନୁରକ୍ତ ବୋଧ କରୁଅଛି । ଆପଣଙ୍କ ଭୟରେ ରାକ୍ଷସମାନେ ଦିଗ ବିଦିଗ ପଳାୟମାନ ହେଲେହେଁ ସିଦ୍ଧ ପୁରୁଷମାନେ ଆପଣଙ୍କୁ ଭକ୍ତିରେ ନମସ୍କାର କରୁଛନ୍ତି ।

(୩୭)

କସ୍ମାଚ୍ଚତେ ନ ନମେରନ୍ ମହାତ୍ମନ୍
ଗରୀୟସେ ବ୍ରହ୍ମଣୋଽ ପ୍ୟାଦିକର୍ତ୍ତ୍ରେ
ଅନନ୍ତ ଦେବେଶ ଜଗନ୍ନିବାସ
ତ୍ୱମକ୍ଷରଂ ସଦସତ୍ ତତ୍ ପରଂଯତ୍ । ୩୭ ।

ହେ ମହାତ୍ମନ୍, ହେ ଅନନ୍ତ, ହେ ଦେବେଶ, ହେ ଜଗନ୍ନିବାସ; ବ୍ରହ୍ମଣଃ ଅପି ଗରୀୟସେ ଆଦିକର୍ତ୍ତ୍ରେ ତେ (ହେ ପରମାତ୍ମନ୍, ହେ ଦେବ ଦେବ, ହେ ଜଗତର ଆଶ୍ରୟ, ବ୍ରହ୍ମାଙ୍କଠାରୁ ମଧ୍ୟ ମହତର ଏବଂ ଆଦିକର୍ତ୍ତା ଆପଣଙ୍କୁ) [ସମସ୍ତେ] କସ୍ମାତ୍ ନ ନମେରନ୍ କାହିଁକି ନମସ୍କାର ନ କରିବେ ? [କାରଣ] ସତ୍, ଅସତ୍, ପରଂ ଯତ୍ ଅକ୍ଷରଂ ତତ୍ ତ୍ୱଂ (ସତ୍ ଓ ଅସତ୍ର ଊର୍ଦ୍ଧ୍ୱରେ ଯେଉଁ ଅକ୍ଷର, ତାହା ମଧ୍ୟ ତୁମେ) ।

Digitized by srujanika@gmail.com

ଅନୁବାଦ—

ହେ ମହାତ୍ମନ୍, ହେ ଦେବେଶ; ହେ ଅନନ୍ତ, ହେ ଜଗତର ଆଶ୍ରୟ ତୁମେ ଯେ କି ଆଦି ସ୍ରଷ୍ଟା ବ୍ରହ୍ମାଙ୍କଠାରୁ ମଧ୍ୟ ମହତ୍ତର ଏବଂ ଯେ କି ସତ୍ ଓ ଅ-ସତ୍ ଏହି ଉଭୟର ଊର୍ଦ୍ଧ୍ୱସ୍ଥ ଅକ୍ଷର, ତୁମକୁ ସିଦ୍ଧ ମହର୍ଷିବୃନ୍ଦ ପ୍ରଣତି ନ ଜଣାଇବେ ବା କପରି ?

(୩୮)

ତ୍ୱମାଦିଦେବଃ ପୁରୁଷଃ ପୁରାଣ
ସ୍ତ୍ୱମସ୍ୟ ବିଶ୍ୱସ୍ୟ ପରଂ ନିଧାନଂ
ବେତ୍ତାସି ବେଦ୍ୟଂ ଚ ପରଂ ଚ ଧାମ
ତ୍ୱୟା ତତଂ ବିଶ୍ୱମନନ୍ତ ରୂପ । ୩୮ ।

[ହେ] ଅନନ୍ତ ରୂପ; ତ୍ୱଂ ଆଦି ଦେବ (ଅଗଣିତ ରୂପଧାରୀ ହେଲେହେଁ ତୁମେହିଁ ଆଦି ଦେବତା) । [ତୁମେହିଁ] ପୁରାଣଃ ପୁରୁଷଃ (ସବୁଠାରୁ ପ୍ରାଚୀନ-ତମ ବ୍ୟକ୍ତି) [ପୁଣି ତୁମେହିଁ] ଅସ୍ୟ ବିଶ୍ୱସ୍ୟ ପରଂ ନିଧାନଂ (ଏହି ବିଶ୍ୱର ଶ୍ରେଷ୍ଠ ଆଶ୍ରୟ) [ତୁମେହିଁ] ବେତ୍ତା, ବେଦ୍ୟଂ ଚ ପରଂ ଚ ଧାମ ଅସି (ଜ୍ଞାତା, ଜ୍ଞେୟ, ଏବଂ ଜୀବର ଶେଷ ଆଶ୍ରୟ ସ୍ଥଳ) । ତ୍ୱୟା ବିଶ୍ୱଂ ତତମ୍ ତୁମ ଦ୍ୱାରା ଏହି ସମଗ୍ର ବିଶ୍ୱ ପରିବ୍ୟାପ୍ତ ହୋଇ ରହିଛି) ।

ଅନୁବାଦ—

ଅର୍ଜୁନ କହିଲେ; ହେ ଅଗଣିତ ରୂପଧାରୀ, ତୁମେହିଁ ସୃଷ୍ଟିର ଆଦ୍ୟ ଦେବତା, ପ୍ରାଚୀନତମ ପୁରୁଷ; ଏହି ସମଗ୍ର ବିଶ୍ୱର ଶ୍ରେଷ୍ଠ ଆଶ୍ରୟ, ଏକମାତ୍ର ଜ୍ଞାତା ଓ ଏକମାତ୍ର ଜ୍ଞେୟ ଏବଂ ସମସ୍ତ ବିଶ୍ୱ କେବଳ ତୁମ ଦ୍ୱାରାହିଁ ଆବୃତ ।

(୩୯)

ବାୟୁର୍ଯମୋଽଗ୍ନିର୍ବରୁଣଃ ଶଶାଙ୍କଃ
ପ୍ରଜାପତିସ୍ତ୍ୱଂ ପ୍ରପିତାମହଶ୍ଚ
ନମୋ ନମସ୍ତେଽସ୍ତୁ ସହସ୍ରକୃତ୍ୱଃ
ପୁନଶ୍ଚ ଭୂୟୋଽପି ନମୋନମସ୍ତେ । ୩୯ ।

Digitized by srujanika@gmail.com

ତ୍ୱଂ ବାୟୁଃ, ଯମଃ, ଅଗ୍ନିଃ, ବରୁଣଃ, ଶଶାଙ୍କଃ; ପ୍ରଜାପତିଃ, ପ୍ରପିତାମହଃ ଚ (ତୁମେ ବାୟୁ, ଯମ, ଅଗ୍ନି ବରୁଣ; ଚନ୍ଦ୍ର, ଏବଂ ଏପରିକି ବ୍ରହ୍ମାଙ୍କ ଜନକ) ତେ ସହସ୍ରକୃତ୍ୱଃ ନମଃ ଅସ୍ତୁ (ତୁମକୁ ସହସ୍ରବାର ନମସ୍କାର କରୁଛି)। ପୁନଃ ଚ ନମଃ (ତା ପରେ ମଧ୍ୟ ପୁଣି ନମସ୍କାର କରୁଛି)। ଭୂୟଃ ଅପି ତେ ନମଃ ନମଃ (ପୁନଃ ପୁନଃ ତୁମକୁ ନମସ୍କାର କରୁଛ)।

ଅନୁବାଦ—

ଅର୍ଜୁନ କହିଲେ, ହେ କୃଷ୍ଣ ତୁମେଇ ବାୟୁ, ତୁମେଇ ଯମ, ତୁମେଇ ଅଗ୍ନି। ତୁମେ ମଧ୍ୟ ବରୁଣ, ଚନ୍ଦ୍ର, ବ୍ରହ୍ମା ଓ ବ୍ରହ୍ମାଙ୍କର ଜନକ। ତୁମକୁ ବାରମ୍ବାର ଓ ସହସ୍ରବାର ନମସ୍କାର କରୁଛ।

(୪୦)

ନମଃ ପୁରସ୍ତାଦଥ ପୃଷ୍ଠତସ୍ତେ
ନମୋଽସ୍ତୁତେ ସର୍ବତ ଏବ ସର୍ବ
ଅନନ୍ତ ବୀର୍ଯ୍ୟାମିତ ବିକ୍ରମସ୍ତ୍ୱଂ
ସର୍ବଂ ସମାପ୍ନୋଷି ତତୋଽସି ସର୍ବଃ। ୪୦।

[ହେ] ସର୍ବ (ସମଗ୍ର) ତେ ପୁରସ୍ତାତ୍ ଅଥ ପୃଷ୍ଠତଃ ନମଃ (ତୁମ୍ଭଙ୍କୁ ଉଭୟ ସମ୍ମୁଖ ଓ ପଶ୍ଚାତ୍ ଭଗରୁ ନମସ୍କାର)। ତେ ସର୍ବତଃ ଏବ ନମଃ ଅସ୍ତୁ (ତୁମ୍ଭଙ୍କୁ ସବୁ ଦିଗରୁ ନମସ୍କାର କରୁଛି) [ହେ] ଅନନ୍ତ ବୀର୍ଯ୍ୟ (ଅସୀମ ଶକ୍ତିଶାଳୀ ଶ୍ରୀକୃଷ୍ଣ) ତ୍ୱଂ ଅମିତ ବିକ୍ରମଃ (ତୁମର ବିକ୍ରମ ଅମାପ) ତ୍ୱଂ ସର୍ବଂ ସମାପ୍ନୋଷି (ତୁମେହିଁ ସମସ୍ତର ସମାପ୍ତି) ତତଃ ସର୍ବଃ ଅସି (ତେଣୁ ତୁମେହିଁ ସମସ୍ତ)।

ଅନୁବାଦ—

ଅର୍ଜୁନ କହିଲେ, ହେ ସର୍ବ, ତୁମକୁ କେବଳ ଆଗ ଓ ପଛ କାହିଁକ, ତୁମର ଚତୁର୍ଦ୍ଦିଗରେହିଁ ମୁଁ ନମସ୍କାର କରୁଛି। ତୁମେ ଅନନ୍ତବୀର୍ଯ୍ୟ। ତୁମର ବିକ୍ରମର ପରିମାପ ନାହିଁ। ତୁମେହିଁ ସମସ୍ତର ଶେଷ। ତୁମେହିଁ ସମସ୍ତ।

(୪୧-୪୨)

ସଖେତି ମତ୍ୱା ପ୍ରସଭଂ ଯଦୁକ୍ତଂ
ହେ କୃଷ୍ଣ, ହେ ଯାଦବ, ହେ ସଖେତି
ଅଜାନତା ମହିମାନଂ ତବେ ଦଂ
ମୟା ପ୍ରମାଦାତ୍ ପ୍ରଣୟେନ ବାପି। ୪୧।
ଯଚ୍ଚାବହ୍ମା ସାର୍ଥ ମସତ୍-କୃତୋଽସି

Digitized by srujanika@gmail.com

ବିହାରଶଯ୍ୟାସନ ଭୋଜନେଷୁ ।
ଏକୋଽଥବାପ୍ୟଚ୍ୟୁତ ତତ୍ ସମକ୍ଷଂ
ତତ୍କ୍ଷାମୟେ ତ୍ୱାମହମପ୍ରମେୟମ୍ । ୪୨ ।

ତବ (ତୁମ୍ଭର) ମହିମାନଂ (ମହିମାକୁ) ଇଦଂ ଚ (ଏବଂ ବିଶ୍ୱରୂପ ବିଷୟକୁ) ଅଜାନତା (ଜାଣି ନପାରି) ମୟା (ମୋ ଦ୍ୱାରା) ପ୍ରମାଦାତ୍ (ପ୍ରମାଦବଶତଃ) ପ୍ରଣୟେନ ବା ଅପି (ଅଥବା ପ୍ରଣୟ ବଶତଃ) ସଖା ଇତି ମତ୍ୱା (ସଖାବୋଲି ମନେକରି) ହେ କୃଷ୍ଣ, ହେ ଯାଦବ, ହେ ସଖା, ଇତି ପ୍ରସଭଂ ଯତ୍ଉକ୍ତଂ (ଏହିପରି ଧାରଣାରେ ଯାହା କୁହାହୋଇଅଛି । [ହେ] ଅଚ୍ୟୁତ, ମବିହାର-ଶଯ୍ୟାସନ ଭୋଜନେଷୁ (ବିହାର, ଶୟନ, ଆସନ ଓ ଭୋଜନ ସମୟରେ) ଏକଃ (ଏକାକୀ ଥିଲାବେଳେ) ଅଥବା ତତ୍ ସମକ୍ଷଂ (ଅଥବା ବନ୍ଧୁମାନଙ୍କ ଆଗରେ) ଅବହାସାର୍ଥଂ (ଥଟ୍ଟା ପରିହାସ ଛଳରେ) ଯତ୍ ଅସତକୃତଃ ଅସି (ଯାହା ଅପମାନିତ ହୋଇଅଛ) ଅହଂ (ମୁଁ) ଅପ୍ରମେୟଂ (ଅମାପ) ତ୍ୱାଂ (ତୁମ ନିକଟରେ) ତତ୍ (ତାହା) କ୍ଷାମୟେ (କ୍ଷମା ମାଗୁଅଛି) ।

ଅନୁବାଦ —

ଅର୍ଜୁନ ପୁଣି କହିଲେ, ହେ ପ୍ରଭୋ ! ତୁମର ଏହି ମହିମାକୁ ନ ଜାଣି, ତୁମକୁ ବନ୍ଧୁ ବୋଲି ମନେ କରି, ବେଖାତିର ଭାବରେ ଅଜ୍ଞାନବଶତଃ ହେ କୃଷ୍ଣ, ହେ ଯାଦବ, ହେ ସଖା ଇତ୍ୟାଦ ବୋଲି କେତେ କ'ଣ କହିଛି । ହେ ଅଚ୍ୟୁତ, ଖେଳବା ବୁଲିବାବେଳେ, ଶୋଇବା ବସିବାବେଳେ ଅଥବା ଖାଇବା ବେଳେ, ଏକୁଟିଆ ଥିବାବେଳେ, ଅଥବା ବନ୍ଧୁମାନଙ୍କ ଆଗରେ ଥଟ୍ଟା ତାମସା ଛଳରେ ମୁଁ ତୁମଙ୍କୁ ବହୁ ଅପମାନିତ କରିଛି । ଏବେ ମୁଁ ଜାଣୁଛି, ତୁମର ପ୍ରଭାବ ଅମାପ ଓ ଅଚନ୍ତନୀୟ । ହେ ଅବିନାଶୀ କୃଷ୍ଣ । ମୁଁ ତୁମକୁ ପ୍ରାର୍ଥନା କରୁଛି, ସେଥିପାଇଁ ତୁମେ ମୋତେ କ୍ଷମା କର ।

ବିଶେଷ ଭାଷ୍ୟ —

ଭକ୍ତ ଯେତେବେଳେ ପରମାତ୍ମାଙ୍କୁ ଦର୍ଶନ କରେ ସେତେବେଳେ ତାହାର ହୃଦୟରେ ଏକ ବିରାଟ ପରିବର୍ତ୍ତନ ଆସିଥାଏ । ପରମାତ୍ମାଙ୍କର ଦର୍ଶନ ଭକ୍ତଠାରେ ନିଜର ଅପବିତ୍ରତା ଓ ପାପର ଏକ ଗଭୀର ଅନୁଭୂତି ଉତ୍ପନ୍ନ କରିଥାଏ । ଭକ୍ତ ଅର୍ଜୁନ ଯେତେବେଳେ ଭଗବାନ ଶ୍ରୀକୃଷ୍ଣଙ୍କର ଅସାଧାରଣ ମହିମା ଓ ବିଶ୍ୱ ରୂପକୁ ଦେଖି ପକାଇଲେ ସେତେବେଳେ ତାଙ୍କ ମନରେ ସବୁ ପୂର୍ବକଥାଗୁଡିକ ପଡିଯାଇଥିଲା । ହଠାତ୍ ତାଙ୍କ ହୃଦୟରେ ଏକ ପରିବର୍ତ୍ତନ ଝଲିଆସିଥିଲା । ସେ

Digitized by srujanika@gmail.com

ଆଗରୁ ଯାହା ଭାବିଥିଲେ ଯେ, ଶ୍ରୀକୃଷ୍ଣ ହେଉଛନ୍ତି ତାଙ୍କ ମାମୁଁ ପୁଅ ଭାଇ, ସେ ଧାରଣା ତାଙ୍କ ମନରୁ କୁଆଡେ ଉଭେଇ ଯାଇଥିଲା । ସେ ଭଗବାନଙ୍କର ବିଶ୍ୱ ରୂପକୁ ଦେଖି ଡରି ଯାଇଥିଲେ ଓ ତାଙ୍କ ହୃଦୟରେ ଭକ୍ତି ଭାବ ଜାଗ୍ରତ ହୋଇଥିଲା । ତେଣୁ ସେ ଭଗବାନ ଶ୍ରୀକୃଷ୍ଣଙ୍କୁ କହୁଛନ୍ତି, ହେ ପ୍ରଭୋ ! ମୁଁ ବଡ ଭୁଲ କରିଛି । ମୁଁ ଆପଣଙ୍କୁ ମୋର ମାମୁଁ ପୁଅ ବୋଲି ଭାବିଥିଲି । ତେଣୁ ମୁଁ ଆପଣଙ୍କୁ ଖାମଖିଆଲି ଭାବରେ ବହୁକଥା କହିଛି । ଆପଣ ମୋର ଅପରାଧକୁ କ୍ଷମା କରନ୍ତୁ ।

(୪୩)

ପିତାସି ଲୋକସ୍ୟ ଚରାଚରସ୍ୟ
ତ୍ୱମସ୍ୟ ପୂଜ୍ୟଶ୍ଚ ଗୁରୁର୍ଗରୀୟାନ୍
ନ ତ୍ୱତ୍ ସମୋଽସ୍ତ୍ୟଭ୍ୟଧିକଃ କୁତୋଽନ୍ୟୋ
ଲୋକତ୍ରୟେଽପ୍ୟ ପ୍ରତିମପ୍ରଭାବ । ୪୩ ।

[ହେ] ଅପ୍ରତିମପ୍ରଭାବ (ହେ ଅତୁଳ ପ୍ରଭାବଶାଳୀ) ତ୍ୱମ୍ (ତୁମେ) ଅସ୍ୟ ଚରାଚରସ୍ୟ ଲୋକସ୍ୟ (ଏହି ଚରାଚର ଜଗତର) ପିତା (ପିତା) ପୂଜ୍ୟଃ (ଅତି ପୂଜନୀୟ) ଗରୀୟାନ୍ ଗୁରୁଃ ଚ (ଏବଂ ଗୁରୁଙ୍କଠାରୁ ମଧ୍ୟ ବଡ) ଅସି (ଅଟ) ଲୋକତ୍ରୟେ ଅପି (ତିନି ଲୋକରେ ମଧ୍ୟ) ତ୍ୱତ୍ ସମଃ (ତୁମ ପରି) ନ ଅସ୍ତି (ଆଉ କେହି ନାହାନ୍ତି) ଅଭ୍ୟଧିକଃ (ତୁମଠାରୁ ଅଧିକ) ଅନ୍ୟଃ କୁତଃ (ଆଉ କିଏ ହୋଇପାରେ) ?

ଅନୁବାଦ —

ଅର୍ଜୁନ କହିଲେ, ହେ ଅତୁଳ ପ୍ରଭାବଶାଳୀ ! ତୁମେ ହେଉଛ ଏଇ ସାରା ଚରାଚର ଜଗତର ପିତା । ତୁମେ ଏଇ ସଂସାରର ପୂଜନୀୟ ଓ ଆଦରଣୀୟ ଗୁରୁ । ତ୍ରିଜଗତରେ ତୁମପରି ଆଉ ଜଣେ ହେଲେ କେହି ନାହିଁ । ତୁମ ଅପେକ୍ଷା ଶ୍ରେଷ୍ଠ ଆଉ କିଏ ହୋଇପାରେ ?

(୪୪)

ତସ୍ମାତ୍ ପ୍ରଣମ୍ୟ ପ୍ରଣିଧାୟ କାୟଂ
ପ୍ରସାଦୟେ ତ୍ୱାମହମୀଶମୀଡ୍ୟମ୍
ପିତେବ ପୁତ୍ରସ୍ୟ ସଖେବ ସଖ୍ୟୁଃ
ପ୍ରିୟଃ ପ୍ରିୟାୟାର୍ହସି ଦେବ ସୋଢୁମ୍ । ୪୪ ।

Digitized by srujanika@gmail.com

[ହେ] ଦେବ ! ତସ୍ମାତ୍ (ତେଣୁ) ଅହଂ (ମୁଁ) କାୟଂ(ଶରୀରକୁ) ପ୍ରଣିଧାୟ (ସାଷ୍ଟାଙ୍ଗ ଅବନତ କରି) ପ୍ରଣମ୍ୟ (ପ୍ରଣାମ କରି) ଈଡ୍ୟଂ (ଆରାଧନୀୟ) ଈଶଂ (ଈଶ୍ୱର) ତ୍ୱାଂ (ତୁମକୁ) ପ୍ରସାଦୟେ (ପ୍ରସନ୍ନ ହେବାପାଇଁ ପ୍ରାର୍ଥନା କରୁଅଛି) ପୁତ୍ରସ୍ୟ (ପୁଅର) [ଦୋଷ] ପିତାଇବ (ପିତା ଯେପରି) ସଖ୍ୟୁଃ (ସଖାର ଅପରାଧ) ସଖାଇବ ସଖା ଯେପରି) ପ୍ରିୟାୟାଃ (ପ୍ରଣୟିନୀର ଅପରାଧ) ପ୍ରିୟଃ ଇବ (ପ୍ରେମିକ ସ୍ୱାମୀ ଯେଉଁକ କ୍ଷମା କରନ୍ତି) ସୋଢୁମ୍ ଅର୍ହସି (ସେହିପରି ମୋ ଅପରାଧ କ୍ଷମା କରିବାକୁ ତୁମେ ଯୋଗ୍ୟ ଅଟ) ।

ଅନୁବାଦ—

ଅର୍ଜୁନ କହିଲେ, ହେ ପ୍ରଭୋ ! ତୁମେ ହେଉଛ ସମସ୍ତଙ୍କର ଆରାଧନୀୟ ଈଶ୍ୱର । ମୁଁ ହେଉଛି ଗୁରୁତର ଅପରାଧୀ । ତେଣୁ ମୁଁ ସାଷ୍ଟାଙ୍ଗ ଶରୀରକୁ ଅବନତ କରି ପ୍ରଣାମ କରି ତୁମକୁ ପ୍ରାର୍ଥନା କରୁଛି ଯେ, ତୁମେ ମୋ ପ୍ରତି ପ୍ରସନ୍ନ ହୁଅ । ପିତା ଯେପରି ପୁତ୍ରର ସମସ୍ତ ଅପରାଧକୁ କ୍ଷମା କରନ୍ତି, ସଖା ଯେପରି ସଖାର ସମସ୍ତ ଅପରାଧ କ୍ଷମା କରନ୍ତି, ପ୍ରଣୟୀ ସ୍ୱାମୀ ଯେପରି ପ୍ରଣୟିନୀ ସ୍ତ୍ରୀର ସମସ୍ତ ଅପରାଧକୁ କ୍ଷମା କରନ୍ତି, ତୁମେ ସେହିପରି ମୋର ସମସ୍ତ ଅପରାଧକୁ କ୍ଷମା କର ।

(୪୫)

ଅଦୃଷ୍ଟପୂର୍ବଂ ହୃଷିତୋଽସ୍ମି ଦୃଷ୍ଟ୍ୱା
ଭୟେନ ଚ ପ୍ରବ୍ୟଥିତଂ ମନୋ ମେ ।
ତଦେବ ମେ ଦର୍ଶୟ ଦେବ ରୂପଂ
ପ୍ରସୀଦ ଦେବେଶ ଜଗନ୍ନିବାସ । ୪୫ ।

[ହେ] ଦେବ ! ଅଦୃଷ୍ଟପୂର୍ବଂ (ଯାହା ମୁଁ ପୂର୍ବରେ ଦେଖି ନଥିଲି, ତୁମର ସେହି ଅଦ୍ଭୁତ ରୂପକୁ) ଦୃଷ୍ଟ୍ୱା (ଦେଖି) ହୃଷିତ ଅସ୍ମି (ଆନନ୍ଦିତ ହୋଇଅଛି, କିନ୍ତୁ) ଭୟେନ ଚ (ଭୟରେ) ମେ ମନଃ (ମୋର ମନ) ପ୍ରବ୍ୟଥିତଂ (ଅତି ବ୍ୟାକୁଳ ହେଉଅଛି) [ସୁତରାଂ] [ହେ] ଦେବେଶ, [ହେ] ଜଗନ୍ନିବାସ, ତତ୍ ଏବ ରୂପଂ (ତୁମର ସେଇ ପୂର୍ବ ରୂପ) ମେ (ମୋତେ) ଦର୍ଶୟ (ଦେଖାଅ) ପ୍ରସୀଦ (ପ୍ରସନ୍ନ ହୁଅ) ।

ଅନୁବାଦ—

ଅର୍ଜୁନ କହିଲେ; ହେ ଦେବ ! ତୁମର ଯେଉଁ ରୂପକୁ ମୁଁ କେବେହେଲେ ଦେଖି ନଥିଲି ଆଜ ତୁମର ସେହି ଅପୂର୍ବ ରୂପକୁ ଦେଖି ଆନନ୍ଦିତ ହେଲି, କିନ୍ତୁ

Digitized by srujanika@gmail.com

ମୋର ହୃଦୟ ଭୟରେ ଥରି ଉଠୁଛି ଓ ମୋର ମନ ଅତି ବ୍ୟାକୁଳ ହୋଇ-ଯାଉଛି । ତେଣୁ ହେ ଜଗନ୍ନିବାସ, ଦେବାଧିଦେବ ! ତୁମେ ପ୍ରସନ୍ନ ହୋଇଯାଅ ଓ ତୁମର ସେହି ପୂର୍ବ ରୂପକୁ ବର୍ତ୍ତମାନ ମୋତେ ଦେଖାଅ ।

(୪୬)

କିରୀଟିନଂ ଗଦନଂ ଚକ୍ରହସ୍ତ—
ମିଚ୍ଛାମି ତ୍ୱାଂ ଦ୍ରଷ୍ଟୁମହଂ ତଥୈବ
ତେନୈବ ରୂପେଣ ଚତୁର୍ଭୁଜେନ
ସହସ୍ରବାହୋ ଭବ ବିଶ୍ୱମୂର୍ତ୍ତେ । ୪୬ ।

ଅହଂ (ମୁଁ) ତ୍ୱାଂ (ତୁମ୍ଭଙ୍କୁ) ତଥା ଏବ (ପୂର୍ବପରି) କିରୀଟିନଂ (ମୁକୁଟ ଧାରଣ କରିଥିବା) ଗଦନଂ (ଗଦାଧାରୀ) ଚକ୍ରହସ୍ତଂ (ଚକ୍ରଧାରୀ) ଦ୍ରଷ୍ଟୁମ୍ ଇଚ୍ଛାମି (ଦେଖିବାକୁ ଇଚ୍ଛା କରୁଅଛି) । [ହେ] ସହସ୍ରବାହୋ, [ହେ] ବିଶ୍ୱମୂର୍ତ୍ତେ ! ତେନ ଚତୁର୍ଭୁଜେନ ରୂପେଣ ଏବ (ସେହି ଚତୁର୍ଭୁଜ ମୂର୍ତ୍ତିରେ ହିଁ) ଭବ (ଆବିର୍ଭୂତ ହୁଅ) ।

ଅନୁବାଦ —

ଅର୍ଜୁନ କହିଲେ, ହେ ପ୍ରଭୋ ! ମୁଁ ତୁମର କିରୀଟଧାରୀ, ଗଦାଧାରୀ ଓ ଚକ୍ରଧାରୀ ସେହି ପୂର୍ବ ରୂପକୁ ଦେଖିବାକୁ ଇଚ୍ଛା କରୁଅଛି । ହେ ସହସ୍ରବାହୋ ! ହେ ବିଶ୍ୱମୂର୍ତ୍ତେ ! ତୁମେ ପୁଣି ସେହି ଚତୁର୍ଭୁଜ ରୂପକୁ ଧାରଣ କର ।

ଶ୍ରୀ ଭଗବାନ ଉବାଚ

(୪୭)

ମୟା ପ୍ରସନ୍ନେନ ତବାର୍ଜୁନେଦଂ
ରୂପଂ ପରଂ ଦର୍ଶିତମାତ୍ମଯୋଗାତ୍
ତେଜୋମୟଂ ବିଶ୍ୱମନନ୍ତମାଦ୍ୟଂ
ଯନ୍ମେ ତ୍ୱଦନ୍ୟେନ ନ ଦୃଷ୍ଟପୂର୍ବମ୍ । ୪୭ ।

ଶ୍ରୀ ଭଗବାନ ଉବାଚ (ଭଗବାନ ଶ୍ରୀକୃଷ୍ଣ କହିଲେ) । [ହେ] ଅର୍ଜୁନ ! ପ୍ରସନ୍ନେନ (ପ୍ରସନ୍ନ ହୋଇ) ମୟା (ମୋ ଦ୍ୱାରା) ଆତ୍ମଯୋଗାତ୍ (ନିଜ ଯୋଗ ଶକ୍ତି ବଳରେ) ତବ (ତୁମ୍ଭଙ୍କୁ) ଇଦଂ (ଏହି) ତେଜୋମୟମ୍ (ତେଜୋମୟ)

Digitized by srujanika@gmail.com

ଅନନ୍ତମ୍ (ଅସୀମ) ଆଦ୍ୟଂ (ସମସ୍ତଙ୍କର ଆଦ୍ୟ) ମେ (ମୋର) ପରଂ (ଶ୍ରେଷ୍ଠ) ବିଶ୍ୱଂ ରୂପଂ (ବିରାଟ ରୂପ) ଦର୍ଶିତଂ (ପ୍ରଦର୍ଶିତ ହେଲା) । ଯତ୍ (ଯେଉଁ ରୂପକୁ) ତ୍ୱଦନ୍ୟେନ (ତୁମ ଛଡ଼ା ଅନ୍ୟ କାହାରିଦ୍ୱାରା) ନ ଦୃଷ୍ଟପୂର୍ବଂ (ପୂର୍ବେ ଦୃଷ୍ଟ ହୋଇ ନଥିଲା) ।

ଅନୁବାଦ —

ଶ୍ରୀ ଭଗବାନ କହିଲେ — ହେ ଅର୍ଜ୍ଜୁନ ! ତୁମ ଉପରେ ମୁଁ ପ୍ରସନ୍ନ ହୋଇ ନିଜ ଦିବ୍ୟ ଶକ୍ତି ପ୍ରଭାବରେ ଏହି ତେଜୋମୟ, ସାର୍ବଭୌମ, ଅସୀମ, ଆଦ୍ୟ ପରମରୂପ ତୁମକୁ ଦେଖାଇଲି । ମୋର ଏହି ରୂପକୁ ତୁମ ବ୍ୟତୀତ ଅନ୍ୟ କେହି ପୂର୍ବରୁ ଦେଖି ନଥିଲେ ।

(୪୮)

ନ ବେଦ ଯଜ୍ଞାଧ୍ୟୟନୈର୍ନ ଦାନୈ—
ର୍ନ ଚ କ୍ରିୟାଭିର୍ନ ତପୋଭିରୁଗ୍ରୈଃ
ଏବଂ ରୂପଃ ଶକ୍ୟ ଅହଂ ନୃଲୋକେ
ଦ୍ରଷ୍ଟୁଂ ତ୍ୱଦନ୍ୟେନ କୁରୁପ୍ରବୀର । ୪୮ ।

[ହେ] କୁରୁ ପ୍ରବୀର (ଅର୍ଜ୍ଜୁନ) ! ନ ବେଦଯଜ୍ଞାଧ୍ୟୟନୈଃ (ବେଦ ପାଠ ଦ୍ୱାରା ନୁହେଁ, ଯଜ୍ଞ ବିଦ୍ୟା ଅଧ୍ୟୟନ ଦ୍ୱାରା ନୁହେଁ) ନ ଦାନୈଃ ଦାନ ଦ୍ୱାରା ନୁହେଁ) ନ କ୍ରିୟାଭିଃ (ଅଗ୍ନି ହୋତ୍ରାଦି କ୍ରିୟାଦ୍ୱାରା ନୁହେଁ) ନ ଉଗ୍ରୈଃ ତପୋଭିଃ (ଉଗ୍ର ତପସ୍ୟାଦ୍ୱାରା ନୁହେଁ) ଏବଂ ରୂପଃ (ଏଭଳି ବିଶ୍ୱରୂପଧାରୀ) ଅହଂ (ମୁଁ) ନୃଲୋକେ (ମନୁଷ୍ୟ ଲୋକରେ) ତ୍ୱଦନ୍ୟେନ (ତୁମ ଛଡ଼ା ଅନ୍ୟଦ୍ୱାରା) ଦ୍ରଷ୍ଟୁଂ ଶକ୍ୟଃ (ଦର୍ଶନଯୋଗ୍ୟ) [ହୁଏ] ।

ଅନୁବାଦ—

ଶ୍ରୀ ଭଗବାନ କହିଲେ — ହେ କୁରୁବୀର ଶ୍ରେଷ୍ଠ (ଅର୍ଜ୍ଜୁନ) ! ତୁମେ ମୋର ଯେଉଁ ରୂପକୁ ଦେଖିଲ ଏହି ମନୁଷ୍ୟଲୋକରେ ମୋର ସେହି ପ୍ରକାର ସ୍ୱରୂପକୁ କେହି ବି ବେଦ ପାଠଦ୍ୱାରା, ଯଜ୍ଞ ଦ୍ୱାରା, ସ୍ୱାଧ୍ୟାୟ ଦ୍ୱାରା, ଦାନ ଦ୍ୱାରା, କର୍ମକାଣ୍ଡ କ୍ରିୟା ଦ୍ୱାରା, ଉଗ୍ର ତପସ୍ୟାଦ୍ୱାରା ଦେଖିବାକୁ ସମର୍ଥ ହୋଇନାହାନ୍ତି ।

ବିଶେଷ ଭାଷ୍ୟ—

ତୁମେ ଆଜୀବନ ବେଦପାଠ କର , ଯଜ୍ଞ ବିଦ୍ୟା ଅଧ୍ୟୟନ କର, ଦାନ କର, କଠୋର ତପସ୍ୟା କର, ଯାଗ-ଯଜ୍ଞାଦି କ୍ରିୟା ଅନୁଷ୍ଠାନ କର, ତେବେ

Digitized by srujanika@gmail.com

ସୁଦ୍ଧା ତୁମେ ଭଗବାନଙ୍କୁ ଦର୍ଶନ କରିବାର ଯୋଗ୍ୟତା ହାସଲ କରିପାରିବ ନାହିଁ । ଭଗବତ୍ ଦର୍ଶନ ଲାଭ କରିବାପାଇଁ ଏହା ପର୍ଯ୍ୟାପ୍ତ ନୁହେଁ । ଭଗବାନଙ୍କୁ ପାଇବା-ପାଇଁ 'ଅହଂ'କୁ ଛାଡ଼ିବାକୁ ପଡ଼ିବ । ଅଭିମାନକୁ ଦୂରେଇ ଦେବାକୁ ପଡ଼ିବ । ଭକ୍ତ ଭବରେ ଭଗବାନଙ୍କର ଏକାନ୍ତ ଶରଣାଗତ ହେଲେ ସେ କେବଳ ପ୍ରସନ୍ନ ତୁମକୁ ଦର୍ଶନ ଦେବେ ।

(୪୯)

ମା ତେ ବ୍ୟଥା ମା ଚ ବିମୂଢ଼ଭାବୋ
ଦୃଷ୍ଟ୍ୱା ରୂପଂ ଘୋରମୀଦୃଙ୍ ମମେଦମ୍
ବ୍ୟପେତଭୀଃ ପ୍ରୀତମନାଃ ପୁନସ୍ତ୍ୱଂ
ତଦେବ ମେ ରୂପମିଦଂ ପ୍ରପଶ୍ୟ । ୪୯ ।

ଇଦୃକ୍ (ଏହିପରି) ମମ (ମୋର) ଘୋରଂ (ଭୟାନକ) ଇଦଂ ରୂପଂ ଦୃଷ୍ଟ୍ୱା (ଏହି ରୂପକୁ ଦେଖି) ତେ (ତୁମ୍ଭର) ବ୍ୟଥା (ଭୟ) ମା (ନ ହେଉ) ବିମୂଢ଼ଭାବଃ ଚ (ଏବଂ ମୂଢ଼ଭାବ) ମା (ନ ହେଉ), ବ୍ୟପେତଭୀଃ (ଭୟ ତ୍ୟାଗ କରି) ପ୍ରୀତମନାଃ (ପ୍ରସନ୍ନ ଚିତ୍ତ ହୋଇ) ପୁନଃ (ପୁଣି) ତ୍ୱଂ (ତୁମ୍ଭେ) ମେ (ମୋର) ଇଦଂ ତତ୍ ରୂପମ୍ ଏବ (ମୋର ଏହି ସେହି ପୂର୍ବ ରୂପକୁ) ପ୍ରପଶ୍ୟ (ଦେଖ) ।

ଅନୁବାଦ —

ଶ୍ରୀ ଭଗବାନ କହିଲେ — ହେ ଅର୍ଜ୍ଜୁନ ! ତୁମେ ମୋର ଏହି ଭୟାନକ ରୂପକୁ ଦେଖି ଭୟ କରନା ଓ କିଂକର୍ତ୍ତବ୍ୟବିମୂଢ଼ ହୁଅନା । ତୁମେ ମନରୁ ଭୟ ତ୍ୟାଗ କରି ପ୍ରସନ୍ନ ଚିତ୍ତରେ ପୁଣି ମୋର ଏହି ସେହି ପୂର୍ବ ରୂପକୁ ଦର୍ଶନ କର ।

ସଞ୍ଜୟ ଉବାଚ

(୫୦)

ଇତ୍ୟର୍ଜ୍ଜୁନଂ ବାସୁଦେବସ୍ତଥୋକ୍ତ୍ୱା
ସ୍ୱକଂ ରୂପଂ ଦର୍ଶୟାମାସ ଭୂୟଃ
ଆଶ୍ୱାସୟାମାସ ଚ ଭୀତମେନଂ
ଭୂତ୍ୱା ପୁନଃ ସୌମ୍ୟବପୁର୍ମହାତ୍ମା । ୫୦ ।

ସଞ୍ଜୟ ଉବାଚ — (ସଞ୍ଜୟ କହିଲେ) ବାସୁଦେବଃ (ଶ୍ରୀକୃଷ୍ଣ) ଅର୍ଜ୍ଜୁନଂ (ଅର୍ଜ୍ଜୁନଙ୍କୁ) ଇତି (ଏହିପରି) ଉକ୍ତ୍ୱା (କହି) ଭୂୟଃ (ପୁଣି) ତଥା (ଯେହିପରି)

Digitized by srujanika@gmail.com

ସ୍ୱକଂ ରୂପଂ (ନିଜ ରୂପ) ଦର୍ଶୟାମାସ (ଦେଖାଇଲେ) ମହାତ୍ମା ପୁନଃ (ମହାତ୍ମା କୃଷ୍ଣ ପୁଣି) ସୌମ୍ୟ ବପୁଃ (ସୌମ୍ୟ ମୂର୍ତ୍ତି) ଭୂତ୍ୱା (ହୋଇ) ପୁନଃ (ପୁନର୍ବାର) ଭୀତମ୍ ଏନଂ (ଭୟାତୁର ହୋଇଥିବା ସେହି ଅର୍ଜ୍ଜୁନଙ୍କୁ) ଆଶ୍ୱାସୟା ମାସ ଚ (ଆଶ୍ୱସ୍ତ କରିଥିଲେ) ।

ଅନୁବାଦ—

ସଞ୍ଜୟ କହିଲେ— ବାସୁଦେବ (କୃଷ୍ଣ) ଅର୍ଜ୍ଜୁନଙ୍କୁ ଏହା କହି ତାଙ୍କୁ ପୁଣି ନିଜର ପୂର୍ବ ସ୍ୱରୂପ ଦେଖାଇଲେ ଓ ପୁଣି ମହାତ୍ମା କୃଷ୍ଣ ପ୍ରସନ୍ନ ମୂର୍ତ୍ତି ଧାରଣ କରି ଭୟାତୁର ଅର୍ଜ୍ଜୁନଙ୍କୁ ସାନ୍ତ୍ୱନା ଦେଲେ ।

ଅର୍ଜ୍ଜୁନ ଉବାଚ

(୫୧)

ଦୃଷ୍ଟ୍ୱେଦଂ ମାନୁଷଂ ରୂପଂ ତବ ସୌମ୍ୟଂ ଜନାର୍ଦ୍ଦନ
ଇଦାନୀମସ୍ମି ସଂବୃତ୍ତଃ ସଚେତାଃ ପ୍ରକୃତିଂ ଗତଃ । ୫୧ ।

ଅର୍ଜ୍ଜୁନଃ ଉବାଚ— (ଅର୍ଜ୍ଜୁନ କହିଲେ) [ହେ] ଜନାର୍ଦ୍ଦନ (କୃଷ୍ଣ) ! ତବ (ତୁମର ଇଦଂ (ଏହି) ସୌମ୍ୟଂ (ଅତିଶାନ୍ତ) ମାନୁଷଂ ରୂପଂ (ମନୁଷ୍ୟ ରୂପକୁ) ଦୃଷ୍ଟ୍ୱା (ଦେଖି) ଇଦାନୀଂ (ବର୍ତ୍ତମାନ) [ମୁଁ] ସଚେତାଃ (ଶାନ୍ତଚିତ୍ତ) ସଂବୃତ୍ତଃ ଅସ୍ମି [ହୋଇଅଛି] [ଏବଂ] ପ୍ରକୃତିଂ ଗତଃ (ପ୍ରକୃତିସ୍ଥ ହୋଇଅଛି) ।

ଅନୁବାଦ—

ସଞ୍ଜୟ କହିଲେ — ହେ ଜନାର୍ଦ୍ଦନ (କୃଷ୍ଣ) ! ବର୍ତ୍ତମାନ ମୁଁ ତୁମର ଏହି ସୌମ୍ୟ ମନୁଷ୍ୟ ରୂପକୁ ଦେଖି ଶାନ୍ତ ଚିତ୍ତ ଓ ପ୍ରକୃତିସ୍ଥ ହେଲି ।

ଶ୍ରୀ ଭଗବାନ ଉବାଚ

(୫୨)

ସୁଦୁର୍ଦର୍ଶମିଦଂ ରୂପଂ ଦୃଷ୍ଟବାନସି ଯନ୍ମମ
ଦେବା ଅପ୍ୟସ୍ୟ ରୂପସ୍ୟ ନିତ୍ୟଂ ଦର୍ଶନ କାଂକ୍ଷିଣଃ । ୫୨ ।

ଶ୍ରୀ ଭଗବାନ ଉବାଚ — (ଭଗବାନ ଶ୍ରୀକୃଷ୍ଣ କହିଲେ) ମମ (ମୋର) ଇଦଂ (ଏହି) ସୁଦୁର୍ଦର୍ଶଂ (ଦେଖିବାକୁ ଅତି ଦୁର୍ଲ୍ଲଭ) ଯତ୍ ରୂପଂ (ଯେଉଁ ରୂପ) ଦୃଷ୍ଟ ବାନସି (ଦେଖିଲ) ଦେବାଃ ଅପି (ଦେବତାମାନେ ମଧ୍ୟ) ଅସ୍ୟ (ଏହି) ରୂପସ୍ୟ (ରୂପର) ନିତ୍ୟଂ ଦର୍ଶନକାଂକ୍ଷିଣଃ (ସର୍ବଦା ଦର୍ଶନ କରିବାକୁ ଇଚ୍ଛା କରନ୍ତି) ।

Digitized by srujanika@gmail.com

ଅନୁବାଦ –

ଶ୍ରୀ ଭଗବାନ କହିଲେ—ହେ ଅର୍ଜ୍ଜୁନ ! ତୁମେ ମୋର ଏହି ଯେଉଁ ରୂପକୁ ଦେଖିଲ, ଯାହାକୁ ଦେଖିବାକୁ ପାଇବା ବହୁତ କଠିନ । ଦେବତାମାନେ ମଧ୍ୟ ମୋର ଏହି ରୂପକୁ ଦେଖିବାପାଇଁ ସର୍ବଦା ଲାଳାୟିତ ହୋଇଥାନ୍ତି ।

(୫୩)

ନାହଂ ବେଦୈର୍ନ ତପସା ନ ଦାନେନ ନ ଚେଜ୍ୟୟା
ଶକ୍ୟଂ ଏବଂବିଧୋ ଦ୍ରଷ୍ଟୁଂଦୃଷ୍ଟବାନସି ମାଂ ଯଥା । ୫୩ ।

ମାଂ (ମୋତେ) ଯଥା (ଯେପରି) ଦୃଷ୍ଟବାନସି (ଦେଖିଲ) ଏବଂବିଧଃ ଅହଂ (ଏହି ରୂପଧାରୀ ମୁଁ) ନ ବେଦୈଃ (ବେଦ ଅଧ୍ୟୟନଦ୍ୱାରା ନୁହେଁ) ନ ତପସା (ତପସ୍ୟାଦ୍ୱାରା ନୁହେଁ) ନ ଦାନେନ (ଦାନଦ୍ୱାରା ନୁହେଁ) ନ ଚ ଇଜ୍ୟୟା (ଯଜ୍ଞଦ୍ୱାରା ନୁହେଁ) ଦ୍ରଷ୍ଟୁଂ ଶକ୍ୟଃ (ଦେଖାଯାଇପାରେ) ।

ଅନୁବାଦ—

ଶ୍ରୀ ଭଗବାନ କହିଲେ — ହେ ଅର୍ଜ୍ଜୁନ ! ତୁମେ ବର୍ତ୍ତମାନ ମୋତେ ଯେଉଁ ରୂପରେ ଦେଖିଲ, ମୋର ସେହି ରୂପକୁ ବେଦ ପାଠଦ୍ୱାରା, ତପସ୍ୟାଦ୍ୱାରା, ଦାନଦ୍ୱାରା ବା ଯଜ୍ଞଦ୍ୱାରା ଦେଖାଯାଇପାରେନା ।

(୫୪)

ଭକ୍ତ୍ୟା ତ୍ୱନନ୍ୟୟା ଶକ୍ୟ ଅହମେବଂବିଧୋଽର୍ଜ୍ଜୁନ
ଜ୍ଞାତୁଂ ଦ୍ରଷ୍ଟୁଂ ଚ ତତ୍ତ୍ୱେନ ପ୍ରବେଷ୍ଟୁଂ ଚ ପରନ୍ତପ । ୫୪ ।

[ହେ] ପରନ୍ତପ ଅର୍ଜ୍ଜୁନ , ଅନନ୍ୟୟା ଭକ୍ତ୍ୟା ତୁ (କେବଳ ଅନନ୍ୟ ଭକ୍ତିଦ୍ୱାରା ହିଁ) ଏବଂବିଧଃ ଅହଂ (ଏଭଳି ରୂପଧାରୀ ମୁଁ) ତତ୍ତ୍ୱେନ (ତତ୍ତ୍ୱଦ୍ୱାରା) ଜ୍ଞାତୁଂ (ଜାଣିବା ପାଇଁ) ଦ୍ରଷ୍ଟୁଂ (ପ୍ରତ୍ୟକ୍ଷ ଦେଖିବାପାଇଁ) ପ୍ରବେଷ୍ଟୁଂ ଚ (ଏବଂ ପ୍ରବେଶ କରିବାପାଇଁ) ଶକ୍ୟଃ (ଶକ୍ୟ ହୁଏ) ।

ଅନୁବାଦ—

ଶ୍ରୀ ଭଗବାନ କହିଲେ – ହେ ଅର୍ଜ୍ଜୁନ ! ଅନନ୍ୟ ଭକ୍ତିଦ୍ୱାରାହିଁ ମନୁଷ୍ୟ ମୋର ଏପରି ତତ୍ତ୍ୱକୁ ଜାଣିପାରେ, ମୋର ସ୍ୱରୂପ ଦର୍ଶନ କରିପାରେ ଓ ମୋ ସ୍ୱରୂପରେ ପ୍ରବେଶ କରିପାରେ ।

(୫୫)

ମତ୍ କର୍ମକୃନ୍ମତ୍ପରମୋ ମଦ୍ଭକ୍ତଃ ସଙ୍ଗବର୍ଜିତଃ
ନିର୍ବୈରଃ ସର୍ବଭୂତେଷୁ ଯଃ ସ ମାମେତି ପାଣ୍ଡବ । ୫୫ ।

Digitized by srujanika@gmail.com

[ହେ] ପାଣ୍ଡବ (ଅର୍ଜୁନ) ଯଃ (ଯେଉଁ ଲୋକ) ମତ୍ କର୍ମକୃତ୍ (ନିଷ୍ଠାର ସହିତ ମୋ ପାଇଁ ହିଁ କାମ କରୁଛି ବୋଲି ଭାବି କାମ କରିଥିଲେ) ମତ୍ ପରମଃ (ମୁଁ ହିଁ ଶ୍ରେଷ୍ଠ ଲକ୍ଷ୍ୟ ବୋଲି ମନେ କରେ) ମଦ୍‌ଭକ୍ତଃ (ମୋଠାରି ଏକାନ୍ତ ଭକ୍ତ ହୋଇଥିଲେ) [ଏବଂ ଅନ୍ୟ ପକ୍ଷରେ]·ସଂଗ ବର୍ଜିତଃ ପାର୍ଥିବ ଆସକ୍ତି ଶୂନ୍ୟ) [ଓ] ସର୍ବ ଭୂତେଷୁ ନିର୍ବୈରଃ (ସବୁ ପ୍ରାଣୀଙ୍କଠାରେ ଶତ୍ରୁ ଭାବ ଶୂନ୍ୟ ହୋଇ-ଥିଲେ) [ତେବେ ସଃ ମାଂ ଏତି ସେହି କେବଳ ମତେ ପାଇଥାନ୍ତି) ।

ଅନୁବାଦ—

ତେଣୁ ହେ ଅର୍ଜୁନ, ଯେଉଁ ସାଧକ, ଯାହା କିଛି କରନ୍ତି ତାହା ସେ କେବଳ ମୋ (ଈଶ୍ୱରଙ୍କ) ପାଇଁ କରୁଛନ୍ତି ବୋଲି ମନେ କରଥାନ୍ତି ଏବଂ ମତେ (ଈଶ୍ୱରଙ୍କୁ) ହିଁ ଜୀବନର ଶ୍ରେଷ୍ଠ ଆଦରର ବସ୍ତୁ ବୋଲି ମନେ କରିଥାନ୍ତି, ଏବଂ ସେ ପୁଣି ଏକାଧାରରେ ଅନ୍ୟାସକ୍ତିଶୂନ୍ୟ ଏବଂ କାହା–ପ୍ରତି–ହେଲେ–ବୈରଭାବ–ଶୂନ୍ୟ ରହି କେବଳ ମୋ ପ୍ରତିହିଁ ଅନନ୍ୟ ଭାବରେ ଅନୁରକ୍ତ ରହିଥାନ୍ତି, ମନେରଖ ଯେ ସେହି କେବଳ ମତେ ପାଇଥାନ୍ତି ।

ବିଶେଷ ଭାଷ୍ୟ—

ଏହି ଶ୍ଳୋକଟିକୁ ସମଗ୍ର ଗୀତାର ସାରତତ୍ତ୍ୱ ବୋଲିହିଁ କୁହାଯାଇଥାଏ ଏବଂ ପ୍ରକୃତରେ ଏହି ମହାନ୍ ଶ୍ଳୋକଟି ମଧ୍ୟ ତାହା । ଏଥିରେ ଆମେ କର୍ମ, ଜ୍ଞାନ ଓ ଭକ୍ତି ଯୋଗର ମହନୀୟ ସମାହାର ଦେଖିପାଉ । "ମତ୍ କର୍ମକୃତ୍" ଶବ୍ଦରେ ଆମେ ପାଉ କର୍ମଯୋଗର ଆଦର୍ଶ । ଆମେ କେବଳ "ମୁଁ କଲି" "ମୁଁ କଲି" ହୋଇ ଦୁଃଖ ଜଞ୍ଜାଳ ବରଣ କରିଥାଉ । ଗୀତା ବରାବର ତେଣୁ କହି ଆସିଛନ୍ତି 'କର୍ତ୍ତୃତ୍ୱାଭିମାନ' ସମ୍ପୂର୍ଣ୍ଣରୂପେ ତ୍ୟାଗ କରିବାକୁ । ଆଦର୍ଶ ମନୁଷ୍ୟ କୌଣସି ଅହଂକାର ରଖିବେ ନାହିଁ । ସେ ଯଥା–ପ୍ରାପ୍ତ–କର୍ତ୍ତବ୍ୟ ସବୁ କରି ଚାଲିବେ, କିନ୍ତୁ ବରାବର ମନେ କରିବେ ଯେ, ସେ କେବଳ ଈଶ୍ୱରଙ୍କ କର୍ମ ବା ଈଶ୍ୱର ଯାହା ଦେଇଛନ୍ତି ତାହାହିଁ କରି ଚାଲିଛନ୍ତି । ଏହି ଭାବରେ କର୍ମ କରି ଚାଲିବା ଲୋକହିଁ "ମତ୍ କର୍ମକୃତ୍"—ଶ୍ରେଷ୍ଠ କର୍ମଯୋଗୀ । ସେ ମଧ୍ୟ "ମତ୍ ପରମ" ହେବେ । ଅର୍ଥାତ୍ ଯାହାଙ୍କ ଚେତନାରେ କେବଳ ଈଶ୍ୱରହିଁ ଏକମାତ୍ର ବସ୍ତୁ; ସଂସାରରେ ଆଉ ସବୁହିଁ ଅ–ବସ୍ତୁ । ତେଣୁ କେବଳ ଈଶ୍ୱରହିଁ ତାଙ୍କର ଏକମାତ୍ର ଉପସିତ ବସ୍ତୁ । ତେଣୁ 'ମତ୍ ପରମ' ହିଁ ପରମ 'ଜ୍ଞାନ ଯୋଗୀ' ।

"ମଦ୍‌ଭକ୍ତଃ" ଅର୍ଥ ଯେ କେବଳ ମତେହିଁ ଭଜନା କରିଥାନ୍ତି । ସେ ପାର୍ଥିବ ଲାଭପାଇଁ ଈଶ୍ୱରଙ୍କୁ ଡାକନ୍ତିନି, ସେ କେବଳ ଈଶ୍ୱରଙ୍କ ପାଇଁ ହିଁ ଈଶ୍ୱରଙ୍କୁ

Digitized by srujanika@gmail.com

ଡାକନ୍ତ ପ୍ରାଣଭରି । ପୁଣି ସେ, ଏ ଦେବତା ବା ସେ ଦେବୀ ପାଖକୁ କିଛି ପାଇଯିବା ପାଇଁ ଧାଁ-ଧପଡ କରିନଥାନ୍ତି । ସେ ସେହି ଏକ ପରମେଶ୍ୱରଙ୍କୁ ହିଁ ଆଶ୍ରା କରିଥାନ୍ତି, ଧ୍ୟାନ କରିଥାନ୍ତି ଏହିପରି ସାଧକହିଁ 'ମଦ୍‌ଭକ୍ତଃ' ।

କିନ୍ତୁ ଏହି ଆଦର୍ଶ-କର୍ମୀ-ଜ୍ଞାନୀ-ବା-ଭକ୍ତ କ'ଣ ଆକାଶରେ ଉଡବେ ? ସେ କ'ଣ ଆମର ଏହି ମାଟିର ଧରାରେ ବିଚରଣ କରବେନ ? ନିଶ୍ଚୟ କରିବେ । ଗୀତା ତ ଆମପରି ମାଟିର ଜୀବଙ୍କ ପାଇଁ ଲେଖା ହୋଇଛି । ତେଣୁ ଗୀତାର ଆଦର୍ଶ-ମନୁଷ୍ୟ ମଧ୍ୟ ଏକାନ୍ତରେ ଜଣେ ସାମାଜିକ ଜୀବ ଓ ପାର୍ଥିବ ଜୀବ ; କିନ୍ତୁ ଗୀତାର ଆଦର୍ଶ-ନାଗରିକ ହେବେ 'ସଂଗ ବର୍ଜିତଃ'—କୌଣସି ହେଲେ ଆସକ୍ତିରେ ସେ ଲଟପଟ ହେଉନାହାନ୍ତି; ସେ 'ମୁକ୍ତ' ଅର୍ଥାତ୍ ସେ ତୃଷ୍ଣାହୀନ । ପୁଣି କେବଳ ସେତକି ନୁହେଁ । ଆସକ୍ତିଶୂନ୍ୟ କହିଲେ ହୁଏତ ବୁଝାଯିବ ଯେ, ସେ ଏକ କରୁଣାହୀନ, ମମତାହୀନ ଲୋକ ବୋଲି ; କିନ୍ତୁ ଗୀତାର ଆଦର୍ଶ-ମନୁଷ୍ୟ ହେବେ "ନିର୍ବୈରଃ ସର୍ବ ଭୂତେଷୁ"—ସେ ପୃଥିବୀର ପ୍ରତ୍ୟେକ ଜୀବ ଓ ମନୁଷ୍ୟ ପ୍ରତି ବୈରତାଶୂନ୍ୟ, ଅର୍ଥାତ୍ ପ୍ରତ୍ୟେକର ସେ ବନ୍ଧୁ, ସମସ୍ତ ବିଶ୍ୱ ପାଇଁ ସେ କରୁଣାମୟ ।

ଏହିପରି ଭାବରେ ଗୀତାର ଏକାଦଶ ଅଧ୍ୟାୟର ଏହି ଶେଷ ଶ୍ଳୋକଟି ପ୍ରକୃତରେ ଗୀତାର ସାରବାଣୀ ରୂପେ ଦଣ୍ଡାୟମାନ । ପୁଣି ଏହି ଗୋଟିଏ ମାତ୍ର ଶ୍ଳୋକ, ସମଗ୍ର ଭାରତୀୟ ସଂସ୍କୃତକୁ (ଯାହା କି ବୈଦିକ ଓ ବୌଦ୍ଧ ଉଭୟ ସଂସ୍କୃତକୁ ନେଇହିଁ ପରିପୁଷ୍ଟ) ଚମତ୍କାର ଭାବରେ କେତୋଟି ମାତ୍ର ଶବ୍ଦ ଦେଇ ପ୍ରକାଶ ପାଇପାରିଛି ବୋଲି ଯେପରି ମନେ ହୁଏ ।

ଏହି ଅଧ୍ୟାୟରେ ଅର୍ଜୁନ ତ ଭଗବାନଙ୍କର 'ବିଶ୍ୱରୂପ' ଦେଖିପାରିଲେ । ତା'ଠାରୁ ଆଉ ବଡ ଅଭିଜ୍ଞତା ମନୁଷ୍ୟ କ'ଣ ଆଶା କରିପାରେ ? କିନ୍ତୁ ସେହି ଅପାର୍ଥିବ ମହାନ ଦର୍ଶନ ପରେ ମଧ୍ୟ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ (ବା ଆମ ପ୍ରତ୍ୟେକଙ୍କୁ ନିତି-ଦିନିଆ ଜୀବନର ପ୍ରତିଟି ମୁହୂର୍ତ୍ତରେହିଁ ସେହି ପରମେଶ୍ୱରଙ୍କୁ କିପରି ହୃଦୟରେ ଜାଗ୍ରତ ରଖି, ନିରଭିମାନ ଭାବରେ ଆମେ ସବୁ କାମ କରିଚାଲିବା, ତାହା ଏହି ଅଧ୍ୟାୟର ଶେଷ ଶ୍ଳୋକରେ ବତାଇ ଗଲେ । କାରଣ ତାହାହିଁ ଗୀତାର ଆଦର୍ଶ—ଈଶ୍ୱରଙ୍କୁ ଆମର ଦୈନନ୍ଦିନ ଜୀବନ ସହିତ ଏକୀଭୂତ କରିନେବା ।

●

ଇତିଶ୍ରୀ ମହାଭାରତେ ଶତ ସହସ୍ର୍ୟାଂ ସଂହିତାୟାଂ ବୈୟାସିକ୍ୟାଂ ଭୀଷ୍ମପର୍ବଣି ଶ୍ରୀମଦ୍ ଭଗବଦ୍‌ଗୀତା ସୂପନିଷତ୍ସୁ ବ୍ରହ୍ମ ବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନ ସଂବାଦେ ବିଶ୍ୱରୂପ ଦର୍ଶନ ଯୋଗୋ ନାମ ଏକାଦଶୋଽଧ୍ୟାୟଃ ।

Digitized by srujanika@gmail.com

ଦ୍ୱାଦଶ ଅଧ୍ୟାୟ

ଭକ୍ତି ଯୋଗ

ଅଧ୍ୟାୟ ଦୀପିକା

ଅବ୍ୟକ୍ତ ଓ ବ୍ୟକ୍ତ ଆରାଧନା

ପୂର୍ବ ଅଧ୍ୟାୟ (ଏକାଦଶ) ର ଶେଷ ଶ୍ଳୋକରେ ଗୀତା ଅନନ୍ୟା ଭକ୍ତି ବା ଭକ୍ତିଯୋଗର ସାରକଥା ରୂପେ କହିଲେ ସାଧକ 'ମତ୍‌କର୍ମକୃତ୍' 'ମତ୍ ପରମଃ' ଓ 'ମଦ୍‌ଭକ୍ତଃ' ହେବାହିଁ ଭଗବଦ୍ ପ୍ରାପ୍ତିର ଶ୍ରେଷ୍ଠ ପନ୍ଥା । "ଯଃ ସ ମାମେତ ପାଣ୍ଡବ''— ଏପରି ଲୋକହିଁ ମତେ ପ୍ରାପ୍ତ ହୋଇଥାଏ ।

କିନ୍ତୁ ଗୀତାରେ ମୂଳରୁ ମନୁଷ୍ୟର ଶେଷ ଲକ୍ଷ୍ୟ ଭବରେ 'ବ୍ରହ୍ମ ନିର୍ବାଣ' 'ବ୍ରହ୍ମ କର୍ମ ସମାଧିନା' 'ବ୍ରହ୍ମ ଯୋଗ ଯୁକ୍ତାତ୍ମା' ଓ 'ବ୍ରହ୍ମସଂସ୍ପର୍ଶଂ' ଓ ବ୍ରହ୍ମ ଭୂୟାୟଃ' ଇତ୍ୟାଦି ସୂଚନା ଦିଆଯାଇଛି । 'ମତ୍ କର୍ମ' କହିଲେ ସଙ୍ଗେ ସଙ୍ଗେ ତାହା ଉପସ୍ଥିତ କଥକଙ୍କ (ଅର୍ଥାତ୍ ଶ୍ରୀକୃଷ୍ଣଙ୍କ) କାମ ବୋଲି ବୁଝେଇବା ଏକାନ୍ତ ସ୍ୱାଭବିକ, ଯେହେତୁ ଏଠାରେ 'ମୁଁ ବା ମୋର' କଥକ ଶ୍ରୀକୃଷ୍ଣ ନାମକ ଏକ ବ୍ୟକ୍ତିକୁହିଁ ବୁଝାଇବା କଥା; କିନ୍ତୁ ସେ ଶ୍ରୋତା ଅର୍ଜ୍ଜୁନଙ୍କର ମାଉସୀ-ପିଉସୀ-ପୁଅ-ଭାଇ ଓ ଘନିଷ୍ଠ ସୁହୃତ୍ ଏବଂ ବର୍ତ୍ତମାନ କ୍ଷେତ୍ରରେ ତାଙ୍କର ରଥବାହକ ମାତ୍ର । ସମସାମୟିକ କାଳରେ ସେ ଏକ ଅସାଧାରଣ ପ୍ରତିଭବାନ୍ ଓ ଅଲୌକିକ ଗୁଣାଧାର ପୁରୁଷ ବୋଲି ପରିଚିତ ହୋଇ ସାରିଥିଲେହେଁ ସେ ଯେ ବିଷ୍ଣୁ ବା ଭଗବାନଙ୍କ ଏକ ଅବତାର, ଏକଥା ସମସ୍ତେ ନ ଜାଣିବା ମଧ୍ୟ ସ୍ୱାଭବିକ । ଗୀତା ଭିତରେ 'ମତେ କେହି ଚିହ୍ନିଲେ ନାହିଁ' ବା 'ମନୁଷ୍ୟ ରୂପ ଧରିଥିବାରୁ ଲୋକେ ମୋ ପ୍ରତି ଅଶ୍ରଦ୍ଧା ଦେଖାଇ ଆସିଛନ୍ତି' ଇତ୍ୟାଦି କଥା ବକ୍ତା ଶ୍ରୀକୃଷ୍ଣଙ୍କ ନିଜ ମୁହଁରେ କୁହାହୋଇଥିବାର ଦେଖି, ଆମେ ଆଜି ଐତିହାସିକ ଦୃଷ୍ଟି କୋଣରୁ ଏତିକି ଅନୁମାନ କରିପାରିବା ଯେ, ହୁଏତ 'କୃଷ୍ଣାରାଧନା'କୁ ଭରତ-ବର୍ଷର ଲୋକେ ପ୍ରଥମେ ସହଜରେ ଗ୍ରହଣ କରି ନଥିଲେ; କାରଣ କୃଷ୍ଣ ଜଣେ ମନୁଷ୍ୟ ମାତ୍ର ଥିଲେ । ଭଗବାନ୍ ପ୍ରତୀକ ଭବରେ ପୂଜିତ ହେବାଟା, ମନୁଷ୍ୟ ଭବରେ ପୂଜିତ ହେବାଠାରୁ ଅଧିକ ସ୍ୱାଭବିକ ଏବଂ କଳ୍ପିତ ରୂପରେ ପୂଜିତ ହେବାଠାରୁ ଏକ ଜୀବନ୍ତ ମନୁଷ୍ୟ ଭବରେ ପୂଜିତ ହେବା ଅଧିକ ଅ-ସ୍ୱାଭବିକ । ଇନ୍ଦ୍ର, ବରୁଣ, ବାୟୁ, ଯଥାକ୍ରମେ ବୃଷ୍ଟି, ଆକାଶ ଓ ପବନର କଳ୍ପିତ ଦେବତା

Digitized by srujanika@gmail.com

ବୃଷ୍ଟି ତା'ର ଖିଆଲ କ୍ରମେ ଆସେ ଓ ଯାଏ । ପାଞ୍ଚ ହଜାର ବର୍ଷ ତଳର ମନୁଷ୍ୟ ସେହି ଖିଆଲକୁ ଏକ ଦେବତାର ଖେଳରୂପେ କଳ୍ପନା କରିନେବା ଏକାନ୍ତ ସ୍ୱାଭାବିକ । ମନୁଷ୍ୟ ପୁଣି କ୍ରମେ ଦେଖିଲା ଯେ, ଏହି ସମଗ୍ର ସୃଷ୍ଟି ପୁଂଲିଙ୍ଗ ଓ ସ୍ତ୍ରୀ-ଲିଙ୍ଗର ମିଳନ ଉପରେହିଁ ଠିଆ । ତେଣୁ ଲିଙ୍ଗ-ଯୋନିର ପ୍ରତୀକ ତା'ପକ୍ଷରେ ଏକ ଦେବତା ବା ଶ୍ରେଷ୍ଠ ଦେବତା ହେବା ମଧ୍ୟ ସ୍ୱାଭାବିକ । ଭାରତବର୍ଷ ଏହିପରି ତାର ନିଜର ସ୍ୱକୀୟ ଚିନ୍ତା, କଳ୍ପନା ଓ ଭାବନା ଅନୁଯାୟୀ ହଜାର ହଜାର ବର୍ଷ ଧରି 'ଈଶ୍ୱରାରାଧନା' କରି ଆସୁଥିଲା । ସେ ସବୁ ଥିଲା କେବଳ ପ୍ରତୀକର ପୂଜା । ବୌଦ୍ଧ ଧର୍ମର ପ୍ରଥମ ପାଞ୍ଚଶତ ବର୍ଷ ଧରି ବୁଦ୍ଧ ମଧ୍ୟ କେବଳ ପ୍ରତୀକ ଅର୍ଥାତ୍ ଓସ୍ତଗଛ, ସ୍ତୂପ, ଦୁଇଟି ପାଦ ଇତ୍ୟାଦି ଦେଇ ପୂଜିତ ହେଉଥିଲେ । ଗ୍ରୀକ୍‌ମାନଙ୍କର ପ୍ରତିମା-ପୂଜାରୁ ଗାନ୍ଧାର ବା ବର୍ତ୍ତମାନର ଆଫଗାନସ୍ଥାନ ଅଞ୍ଚଳରେ ପ୍ରଥମେ ବୁଦ୍ଧ-ପ୍ରତିମାର ପୂଜା ଆରମ୍ଭ ହେଲା ଏବଂ ବୈଦିକ-ବ୍ରାହ୍ମଣ୍ୟ ସଂସ୍କୃତିରେ ଭାଗବତ ଧର୍ମ ବା ଭକ୍ତି-ଧର୍ମହିଁ ମହାଜ୍ଞାନୀ ବୌଦ୍ଧଙ୍କ ଅନୁକରଣରେ ପ୍ରଥମେ ଏକ ଏକ ମନୁଷ୍ୟକୁ ପୂଜା କରିବାର ପ୍ରଥା ଏ ଦେଶରେ ପ୍ରବର୍ତ୍ତିତ କଲା । ତାରି କ୍ରମ ପରିଣାମର ଫଳରେହିଁ ବେଦ, ବେଦାନ୍ତ ବା ଉପନିଷଦରେ ଶୁଣାନଥିବା ରାମ ଓ କୃଷ୍ଣ ନାମକ ଦୁଇ ବ୍ୟକ୍ତିଙ୍କୁ ଭଗବାନଙ୍କର ଅବତାର ଭାବରେ ପୂଜା ଏହି ଉପମହାଦେଶରେ ଆଜି ପରିବ୍ୟାପ୍ତ ।

କିନ୍ତୁ ଅବ୍ୟକ୍ତ ବ୍ରହ୍ମ ବା ଅଦୃଶ୍ୟ ଓ କଳ୍ପିତ ଇନ୍ଦ୍ର, ମରୁତ୍, ରୁଦ୍ର ପ୍ରଭୃତି ଦେବତାମାନଙ୍କ ପୂଜାରେ ଅଭ୍ୟସ୍ତ ଏହି ଦେଶର ଲୋକଙ୍କୁ, ପ୍ରଥମେ ପ୍ରଥମେ ଏହି 'ବ୍ୟକ୍ତି-ପୂଜା' (ବା ବ୍ୟକ୍ତ-ପୂଜା) ଅନେକଙ୍କୁ କିପରି ସନ୍ଦେହରେ ପକାଇଥିବ, ତାର ସ୍ପଷ୍ଟ ସୂଚନା ହେଉଛି ଗୀତାର ଏହି ଦ୍ୱାଦଶ ଅଧ୍ୟାୟ । କାରଣ ଅର୍ଜୁନ ବହୁବେଳଯାଏ 'ବ୍ରହ୍ମକର୍ମ ସମାଧି', 'ବ୍ରହ୍ମ ସଂସ୍ପର୍ଶ' ଓ 'ବ୍ରହ୍ମ ନିର୍ବାଣ' କିପରି ମନୁଷ୍ୟ ପାଇବ ତା ଉପରେ ବକ୍ତୃତା ଶୁଣିଲା ପରେ, ଏବେ ଶୁଣୁଛନ୍ତି 'ମତ୍‌କର୍ମକୃତ୍' (ମୋରି କାମକର) ଓ 'ମତ ପରମ' (ମତେଇ ଶ୍ରେଷ୍ଠ ବୋଲି ମନେ କର) ମଦ୍‌ଭକ୍ତଃ (ମୋରି ଭକ୍ତ ହୁଅ) ଇତ୍ୟାଦି ଏକ ଜୀବନ୍ତ-ବ୍ୟକ୍ତି-କେନ୍ଦ୍ରିକ-ଉପାସନା ଉପରେ ବକ୍ତୃତା । ଶ୍ରୀକୃଷ୍ଣ ତାଙ୍କୁ ବିଶ୍ୱରୂପ ଦେଖାଇ ସାରିଲା ପରେ ମଧ୍ୟ ସେହି ବ୍ୟକ୍ତ (ଶ୍ରୀକୃଷ୍ଣ) ଓ ଅବ୍ୟକ୍ତ (ବ୍ରହ୍ମ) ଯେ ସମାନ ଏ ସନ୍ଦେହ ଅର୍ଜୁନଙ୍କ ମନରୁ ପର ଯାଉନି । ସେ ତେଣୁ କୃଷ୍ଣାରାଧନା ପ୍ରତି ପ୍ରତ୍ୟକ୍ଷ ସନ୍ଦେହ ପ୍ରକାଶ ନ କରି ପୂର୍ବେ ଶୁଣିଥିବା ଅବ୍ୟକ୍ତାରାଧନା ବା ବ୍ରହ୍ମ କର୍ମକୃତ୍ ଓ ବର୍ତ୍ତମାନ ଶୁଣୁଥିବା ମତ୍ କର୍ମକୃତ୍ ବା ବ୍ୟକ୍ତି-ଆରାଧନା ଭିତରେ ପ୍ରଭେଦଟା କ'ଣ, ତାହାର ବର୍ତ୍ତମାନ ବିଶଦୀକରଣ ପଚାରୁଛନ୍ତି ।

ଗୀତାର ଏହି ଦ୍ୱାଦଶ ଅଧ୍ୟାୟଟି ସେହି ବିଶଦୀକରଣ ଓ ଆଦର୍ଶ ଭକ୍ତ ଜନର ବର୍ଣ୍ଣନା । ଏହି ଅଧ୍ୟାୟର ୧ ରୁ ୭ ଶ୍ଳୋକ ଯାଏ ଈଶ୍ୱରଙ୍କ ବ୍ୟକ୍ତ

Digitized by srujanika@gmail.com

ଓ ଅବ୍ୟକ୍ତ ପ୍ରକାଶର ବର୍ଣ୍ଣନା, ୮ ରୁ ୧୨ ଶ୍ଳୋକ ଯାଏ ଈଶ୍ୱରଙ୍କ ଆଡକୁ ମନକୁ ଟାଣିବାର ରୀତି ପଦ୍ଧତି, ୧୩ ରୁ ୨୦ ଶ୍ଳୋକ ଯାଏ ଆଦର୍ଶ ଭକ୍ତର ଲକ୍ଷଣ ବର୍ଣ୍ଣନା ଆମେ ପାଇବା ।

ବର୍ତ୍ତମାନ ଅଧ୍ୟାୟ ଆରମ୍ଭ କରିବା ।

ଅର୍ଜ୍ଜୁନ ଉବାଚ ।

(୧)

ଏବଂ ସତତ ଯୁକ୍ତା ଯେ ଭକ୍ତା ସ୍ତ୍ୱାଂ ପର୍ଯ୍ୟୁପାସତେ
ଯେ ଚାପ୍ୟକ୍ଷର ମବ୍ୟକ୍ତଂ ତେଷାଂ କେ ଯୋଗବିତ୍ତମାଃ । ୧ ।

ଅର୍ଜ୍ଜୁନ ଉବାଚ ଅର୍ଜ୍ଜୁନ କହିଲେ) । ଏବଂ (ଏହିପରି) ସତତ ଯୁକ୍ତାଃ ଯେ ଭକ୍ତାଃ [ପୂର୍ବ ଅଧ୍ୟାୟର ଶେଷ ଶ୍ଳୋକରେ ନିର୍ଦ୍ଦେଶିତ ମତ୍ କର୍ମକୃତ୍, ମତ୍ ପରମମାନଙ୍କ ପରି] (ଭଗବାନଙ୍କଠାରେ ଅହରହ ନିବଦ୍ଧଚିତ୍ତ ଯେଉଁ ଭକ୍ତ ସବୁ) ତ୍ୱାଂ ପର୍ଯ୍ୟୁପାସତେ (ତୁମକୁ ଉପାସନା କରନ୍ତି) ଯେ ଚ ଅପି (ଏବଂ ଅନ୍ୟ ପକ୍ଷରେ ଯେଉଁମାନେ ମଧ୍ୟ) ଅବ୍ୟକ୍ତଂ ଅକ୍ଷରଂ (ଅପ୍ରକଟ ଅଥଚ ଚିର ବର୍ତ୍ତମାନ ବ୍ରହ୍ମଙ୍କୁ) [ଉପାସନା କରନ୍ତି] ତେଷାଂ (ସେ ଦୁଇ ଶ୍ରେଣୀ ମଧ୍ୟରେ କେ ଯୋଗ ବିତ୍ତମାଃ (କିଏ ଶ୍ରେଷ୍ଠ ସାଧକ ବୋଲି କୁହାଯିବେ ?) ।

ଅନୁବାଦ—

ଅର୍ଜ୍ଜୁନ କହିଲେ । ହେ କୃଷ୍ଣ, ତୁମେ ପୂର୍ବେ ଏକନିଷ୍ଠ ହୋଇ ବ୍ରହ୍ମାର୍ପିତ ହେବାକୁ ଉପଦେଶ ଦେଇଥିଲ । ଏବେ ତୁମ ପ୍ରତି ବା ଏକ ବ୍ୟକ୍ତିତ୍ୱ-ସଂପନ୍ନ ଈଶ୍ୱର ପ୍ରତି) ସେହିପରି ନିତ୍ୟ-ଯୁକ୍ତ ରହିବାକୁ ଉପଦେଶ ଦେଉଛ । ଏହି ଯେ ବ୍ୟକ୍ତ ଓ ଅବ୍ୟକ୍ତ (ଅକ୍ଷର ଉପାସନା; ଏ ଦୁଇ ଭିତରେ କେଉଁଟି ପ୍ରଶସ୍ତତର ମାର୍ଗ ଏବଂ କେଉଁ ମାର୍ଗଗାମୀ ସାଧକକୁ ଯୋଗବିତ୍ତମ କୁହାଯାଇ ପାରେ ?

ଶ୍ରୀ ଭଗବାନୁବାଚ

(୨)

ମଯ୍ୟା ବେଶ୍ୟ ମନୋ ଯେ ମାଂ ନିତ୍ୟଯୁକ୍ତା ଉପାସତେ
ଶ୍ରଦ୍ଧୟା ପରୟୋପେତାସ୍ତେ ମେ ଯୁକ୍ତତମାଃ ମତାଃ । ୨ ।

Digitized by srujanika@gmail.com

ଶ୍ରୀ ଭଗବାନ୍ ଉବାଚ (ଭଗବାନ ଶ୍ରୀକୃଷ୍ଣ କହିଲେ) ମୟି ମନଃ ଆବେଶ୍ୟ (ମୋଠାରେ ସମଗ୍ର ଭବରେ ମନକୁ ସ୍ଥାପନ କରି) ପରୟା ଶ୍ରଦ୍ଧୟା ଉପେତାଃ (ଏକାନ୍ତ ଶ୍ରଦ୍ଧାସଂପନ୍ନ ଭବରେ) ନତ୍ୟାଯୁକ୍ତାଃ (ଅହରହ ମୋଠାରେ ସମର୍ପିତ ଚିତ୍ତ ରହି) ଯେ ମାଂ ଉପାସତେ (ଯେଉଁମାନେ ମତେ ଉପାସନା କରନ୍ତି) ତେ ଯୁକ୍ତତମାଃ ମତାଃ (ସେହିମାନେହିଁ ଶ୍ରେଷ୍ଠ ସାଧକ ବୋଲି ମୋର ମତ)

ଅନୁବାଦ—

ଶ୍ରୀକୃଷ୍ଣ କହିଲେ । ହେ ଅର୍ଜ୍ଜୁନ, ଯେଉଁମାନେ ମୋଠାରେ (ବ୍ୟକ୍ତିତ୍ୱ ସମ୍ପନ୍ନ ଈଶ୍ୱରଙ୍କଠାରେ) ନିରବଚ୍ଛିନ୍ନ ଭବରେ ମନୋନିବେଶ କରି ଉପାସନା କରିଥାନ୍ତି, ପରମ ଶ୍ରଦ୍ଧାଯୁକ୍ତ ସେହିମାନେହିଁ ଯୁକ୍ତତମ ବୋଲି ଧରାଯିବେ ।

(୩-୪)

ଯେ ତ୍ୱକ୍ଷର ମନିର୍ଦ୍ଦେଶ୍ୟ ମବ୍ୟକ୍ତଂ ପର୍ଯ୍ୟୁପାସତେ
ସର୍ବତ୍ରଗମଚିନ୍ତ୍ୟଂ ଚ କୁଟସ୍ଥ ମଚଳଂ ଧ୍ରୁବଂ । ୩ ।
ସଂନିୟ ମ୍ୟେନ୍ଦ୍ରିୟ ଗ୍ରାମଂ ସର୍ବତ୍ର ସମବୁଦ୍ଧୟଃ
ତେ ପ୍ରାପ୍ନୁବନ୍ତି ମାମେବ ସର୍ବଭୂତ ହିତେ ରତାଃ । ୪ ।

ଯେ ତୁ (ପୁନଶ୍ଚ ଯେଉଁମାନେ) ସର୍ବତ୍ର ସମବୁଦ୍ଧୟଃ (ସବୁ ଅବସ୍ଥା ଓ ସମସ୍ତଙ୍କ ପ୍ରତି ସମଭବସମ୍ପନ୍ନ ହୋଇ) ସର୍ବଭୂତହିତେ ରତାଃ (ସବୁ ପ୍ରାଣୀଙ୍କର କଲ୍ୟାଣରେହିଁ ନିଜକୁ ନିୟୋଜିତ କରଥାନ୍ତି) [ଏବଂ] ଇନ୍ଦ୍ରିୟ ଗ୍ରାମଂ ସଂନୟମ୍ୟ (ନଜର ଇନ୍ଦ୍ରିୟମାନଙ୍କୁ ସଞ୍ଜମରେ ରଖି) ଅନର୍ଦ୍ଦେଶ୍ୟଂ (ଅନିର୍ବଚନୀୟ) ଅବ୍ୟକ୍ତଂ (ଇନ୍ଦ୍ରିୟମାନଙ୍କ ଅଗୋଚର) ସର୍ବତ୍ରଗଂ (ବିଶ୍ୱବ୍ୟାପ୍ତ) ଅଚିନ୍ତ୍ୟଂ (ଅଚିନ୍ତନୀୟ) କୁଟସ୍ଥଂ (ଅଚଳ) ଅଚଳଂ (ସ୍ଥିର) ଧ୍ରୁବଂ (ନିତ୍ୟ) ଅକ୍ଷରଂ (ନିର୍ଗୁଣ ବ୍ରହ୍ମଙ୍କୁ) ପର୍ଯ୍ୟୁପାସତେ (ଉପାସନା କରନ୍ତି) ତେ (ସେମାନେ) [ମଧ୍ୟ] ମାଂ ଏବ ପ୍ରାପ୍ନୁବନ୍ତି (ମତେହିଁ ପାଇଥାନ୍ତି) ।

ଅନୁବାଦ—

ପୁନଶ୍ଚ ହେ ଅର୍ଜ୍ଜୁନ, ଏହା ମଧ୍ୟ ମନେ ରଖିଥିବ ଯେ, ଯେଉଁମାନେ ସାଧାରଣତଃ ଅବ୍ୟକ୍ତ-ଓ-ଅକ୍ଷର ହେତୁରୁ ଅସ୍ପଷ୍ଟ ଓ ଅନିର୍ବଚନୀୟ ହେଲେହେଁ ସର୍ବବ୍ୟାପ୍ତ ଓ ସେହି ହେତୁରୁ ଅଚିନ୍ତନୀୟ, ପୁଣି ଅଚଳ, ଅପରିବର୍ତ୍ତନୀୟ (କୁଟସ୍ଥ ଓ ଶାଶ୍ୱତ (ଧ୍ରୁବ) ରୂପୀ ଭଗବାନଙ୍କୁ ସର୍ବତ୍ର ସମଦର୍ଶନ ରହି ସକଳ ଇନ୍ଦ୍ରିୟକୁ ଆୟତ୍ତାଧୀନ ରଖି ଏବଂ ସର୍ବଦା ସର୍ବଜୀବର ହିତ ସାଧନ କରି,

Digitized by srujanika@gmail.com

ଉପାସନା କରିଥାନ୍ତି, ସେମାନେ ମଧ୍ୟ ଶେଷରେ ମତେହିଁ ପ୍ରାପ୍ତ ହୋଇଥାନ୍ତି ।

ବିଶେଷ ଭାଷ୍ୟ—

ଏହି ଶ୍ଳୋକରେ, ଗୀତା, ବ୍ୟକ୍ତି ବା ବ୍ୟକ୍ତର ଉପାସନା ବା ନିର୍ବ୍ୟକ୍ତି ବା ଅବ୍ୟକ୍ତର ଉପାସନାର ଫଳ ଏକ ଓ ଅଭିନ୍ନ ବୋଲି ହିଁ ଦୃଢ଼ ସ୍ୱରରେ ଘୋଷଣା କଲେ । ଗୀତା ଏହି କଥା ଆଗରୁ ମଧ୍ୟ ସ୍ପଷ୍ଟ ଭାବରେ କହିଛନ୍ତି, ଯଥା—

ଅବ୍ୟକ୍ତୋଽକ୍ଷର ଇତ୍ୟୁକ୍ତଃ ତମାହୁଃ ପରମାଂ ଗତିଂ
ଯଂ ପ୍ରାପ୍ୟ ନ ନିବର୍ତ୍ତନ୍ତେ ତଦ୍ଧାମଂ ପରମଂ ମମ । (୮।୨୧)

ସେହି ଯାହାଙ୍କୁ ଅବ୍ୟକ୍ତ ଓ ଅକ୍ଷର କୁହାଯାଇଥାଏ ସେ ମଧ୍ୟ ପରମ ଲକ୍ଷ୍ୟ ହୋଇପାରନ୍ତି । କାରଣ ସେହି ଅବ୍ୟକ୍ତ ଓ ଅକ୍ଷରହିଁ ମୋର ପରମ ଧାମ, ଅର୍ଥାତ୍ ସେହିହିଁ ମୁଁ । ସେଠିକି ଗଲାପରେ ଲୋକ ଆଉ ଏ ସଂସାରକୁ ଫେରେ ନାହିଁ ।

ପୁଣି ଅଷ୍ଟମ ଅଧ୍ୟାୟର ୧୮ଶ ଶ୍ଳୋକରେ କୁହାଯାଇଛି "ଅବ୍ୟକ୍ତାଦ୍ ବ୍ୟକ୍ତୟଃ ସର୍ବାଃ" ଯାହା କିଛି ବ୍ୟକ୍ତ, ସେ ସମସ୍ତ ଅବ୍ୟକ୍ତରୁହିଁ ପ୍ରକଟିତ) ।

ତେଣୁ ଭଗବାନଙ୍କର ଅବ୍ୟକ୍ତ ଓ ବ୍ୟକ୍ତ ଏକ ମୁଦ୍ରାର ଦୁଇପାଖ ଭଳି । ବ୍ୟକ୍ତର ଉପାସନା ଓ ଅବ୍ୟକ୍ତର ଉପାସନା, ସାଧକଙ୍କୁ ଏକ ଲକ୍ଷ୍ୟ ସ୍ଥାନରେହିଁ ପହଁଚାଇ ଦେବ । କେଉଁ ଉପାସନା ଓ କେଉଁଭଳି ଉପାସ୍ୟକୁ ଗ୍ରହଣ କରାଯିବ, ତାହା ନିର୍ଭର କରେ ସାଧକର ରୁଚି ଓ ମାନସିକ ପ୍ରବଣତା ଉପରେ । ଗୀତା ତାହାର ସୂଚନା ମଧ୍ୟ ନିମ୍ନରେ ଦେଉଛନ୍ତି ।

(୫)

କ୍ଳେଶୋଽଧିକତରସ୍ତେଷା ମବ୍ୟକ୍ତା ସକ୍ତ ଚେତସାଂ
ଅବ୍ୟକ୍ତା ହି ଗତି ଦୁଃଖଂ ଦେହବଦ୍ଭିରବାପ୍ୟତେ । ୫ ।

[କିନ୍ତୁ] ତେଷାଂ ଅବ୍ୟକ୍ତ ସକ୍ତ ଚେତସାଂ (ସେହି ଅବ୍ୟକ୍ତ ଉପାସକ-ମାନଙ୍କର) ଅଧିକତରଃ କ୍ଳେଶଃ [ସାଧନା] (ଅଧିକ କ୍ଳେଶକର ହୋଇଥାଏ) । ହି (କାରଣ) ଦେହବଦ୍ଭିଃ (ଦେହଧାରୀମାନଙ୍କ ଦ୍ୱାରା) ଅବ୍ୟକ୍ତା ଗତଃ (ଅବ୍ୟକ୍ତ-ଉପାସନା) ଦୁଃଖଂ ଅବାପ୍ୟତେ (ସିଦ୍ଧିପ୍ରଦ ହେବାକୁ କଷ୍ଟକର ହୋଇଥାଏ) ।

ଅନୁବାଦ—

ହେ ଅର୍ଜୁନ, ଏହା ମଧ୍ୟ ଜାଣିରଖ ଯେ, ଅବ୍ୟକ୍ତ-ଉପାସକ (ନିରାକାର ପନ୍ଥୀ)ମାନେ ମଧ୍ୟ ଶେଷରେ ମତେ (ବ୍ୟକ୍ତିତ୍ୱ ସମ୍ପନ୍ନ ଈଶ୍ୱରଙ୍କୁ)ହିଁ ପ୍ରାପ୍ତ ହେଲେ

Digitized by srujanika@gmail.com

ମଧ୍ୟ ଦେହ (ରକ୍ତ-ମାଂସ-ଶରୀର)ଧାରୀ ଉପାସକମାନଙ୍କ ପକ୍ଷରେ, ଅବ୍ୟକ୍ତ-ଉପାସନା-ମାର୍ଗ ଅଧିକ କଷ୍ଟକର ।

ବିଶେଷ ଭାଷ୍ୟ—

ନବମ ଅଧ୍ୟାୟରେ ଏହି ଭକ୍ତି-ଧର୍ମର ବ୍ୟାଖ୍ୟା କରିବାକୁ ଯାଇ ଗୀତା କହିଛନ୍ତି—

ରାଜବିଦ୍ୟା ରାଜଗୁହ୍ୟଂ ପବିତ୍ର ମିଦମୁତ୍ତମଂ
ପ୍ରତ୍ୟକ୍ଷାବ ଗମଂ ଧର୍ମ୍ୟଂ ସୁ ସୁଖଂ କର୍ତ୍ତୁମବ୍ୟୟଂ (୯।୨)

(ଏହା ପ୍ରତ୍ୟକ୍ଷାନୁଭବର ବିଷୟ; ମନୁଷ୍ୟର ସ୍ୱଭାବ-ସିଦ୍ଧ (ଧର୍ମ୍ୟ) ସୁଖକର ଏବଂ ସେହି ହେତୁରୁହିଁ ଏହା ଶ୍ରେଷ୍ଠ ଓ ଗୋପନୀୟ ଜ୍ଞାନ) ।

ଆମେ ସେହି-ସମ୍ପର୍କ ଆଲୋଚନାବେଳେ କହିଛୁ ଯେ, ଭାରତୀୟ ଧର୍ମାଭ୍ୟାସରେ 'ଭକ୍ତିବାଦ' ଏକ ନୂତନ ପ୍ରସଙ୍ଗ ହୋଇଥିବାରୁ ଏବଂ ଏହା ଆପାତତଃ ଏତେ ସରଳ ବୋଧ ହେଉଥିବାରୁ ହୁଏତ ଏହାକୁ ଅନେକେ ବିଶ୍ୱାସ କରୁ ନଥିଲେ; ଅନେକେ ହୁଏତ ପରିହାସ କରୁଥିଲେ । ସେଇଥିପାଇଁ ଏହାକୁ ଏହାର ପ୍ରଚାରକମାନେ 'ଗୋପନୀୟ' ରଖିଥିଲେ । ବେଦର ଯଜ୍ଞ, ଉପନିଷଦର ମନନ, ବୌଦ୍ଧ ଅଷ୍ଟାଂଗ ମାର୍ଗ ଏବଂ ସର୍ବୋପରି ତପସ୍ୟା ନାମରେ ବ୍ୟକ୍ତିଗତ କୃଚ୍ଛ୍ର ସାଧନା—ସାଂସାରିକ ଦୁଃଖରୁ ମୁକ୍ତି ପାଇବାର ଏହି ସବୁଗୁଡିକ ପନ୍ଥା, ନିଶ୍ଚିତ ଭାବରେ କ୍ଲେଶକର ; କିନ୍ତୁ ଭକ୍ତିବାଦ ପ୍ରଥମେ ଈଶ୍ୱର ସହିତ ମନୁଷ୍ୟର ବ୍ୟକ୍ତିଗତ ସମ୍ପର୍କ ସ୍ଥାପନ କଲା । ଏ ସମ୍ପର୍କରେ ଏକାଦଶ ଅଧ୍ୟାୟର ମହାବାକ୍ୟହିଁ ପାଠକେ ସ୍ମରଣ କରନ୍ତୁ—

ପିତେବ ପୁତ୍ରସ୍ୟ ସଖେବ ସଖ୍ୟୁଃ
ପ୍ରିୟଃ ପ୍ରିୟାୟାର୍ହସି ଦେବ ସୋଢୁଂ ।

(ପିତା ଯେପରି ପୁତ୍ରର, ସଖା ଯେପରି ସଖାର, ପ୍ରିୟ ଲୋକ ଯେପରି ପ୍ରିୟଜନର ଦୋଷ-ଦୁର୍ବଳତା କ୍ଷମା କରିଥାନ୍ତି, ହେ ଈଶ୍ୱର, ତୁମେ ମୋ ସମ୍ପର୍କରେ ତାହାହିଁ କରିବ ବୋଲି ଆଶା କରେ) ।

ବେଦ, ବେଦାନ୍ତ, ଯୋଗ, ସାଂଖ୍ୟ ଇତ୍ୟାଦି ନାନା କ୍ଲେଶ ସାଧ୍ୟ ପନ୍ଥା ପରେ ଗୀତା ପ୍ରଥମ କରି ଏକ ପ୍ରତ୍ୟକ୍ଷାନୁଭୂତ, ସୁଖକର ଓ ସ୍ୱାଭାବିକ ଯେଉଁ ଧର୍ମ-ସାଧନାର ପନ୍ଥା ଏହି ଉପମହାଦେଶର ଜନତା ଆଗରେ ଉପସ୍ଥାପିତ କଲେ ତାହାହିଁ ଭକ୍ତି ଯୋଗ । ଦେହୀ ପକ୍ଷରେ ଅ-ଦେହ ଈଶ୍ୱର-କଳ୍ପନା-ଓ ଉପାସନା କଷ୍ଟକର ହେବ ନିଶ୍ଚୟ । ଈଶ୍ୱର ଦେହହୀନ ହେଲେହେଁ ଦେହବାନ୍ ମନୁଷ୍ୟ ଦେହ ଦେଇହିଁ ସେହି ଅଦେହ ସତ୍ତାକୁ ଭେଟିବାର କଥା ।

Digitized by srujanika@gmail.com

ଅବଧୂତ ଗୀତାରେ ଦତ୍ତାତ୍ରେୟଙ୍କ ବାଣୀ ମଧ୍ୟ ଏଠାରେ ସ୍ମରଣୀୟ—

"ଯେନେଦଂ ପୂରିତଂ ସର୍ବଂ
ଆତ୍ମନୈ ବା ଆତ୍ମନ
ନରାକାରଂ କଥଂ ବନ୍ଦେ
ଅଭିନ୍ନଂ ଶିବମବ୍ୟୟଂ" ।

(ଯେ ନିଜଦ୍ୱାରା ଏହି ସମସ୍ତଙ୍କୁ ଆଚ୍ଛନ୍ନ କରି ରହିଛନ୍ତି, ଦୃଶ୍ୟଠାରୁ ଅଭିନ୍ନ ସେହି ଅଦୃଶ୍ୟଂକୁ, ସେହି ଅବ୍ୟୟ ଶିବଙ୍କୁ ନିରାକାର ଭାବରେ ଉପାସନା କରିବାକୁ ଯିବି କାହିଁକି ?) କିନ୍ତୁ ଯଦି କେହି ଦେହୀ ଅ-ଦେହ ଈଶ୍ୱରଙ୍କୁ ସ୍ୱଚ୍ଛନ୍ଦରେ ଭଜି ପାରିଲା, ଭଲ କଥା । ଗୀତା ତାହା ଅସମ୍ଭବ ମନେ କରୁନାହାନ୍ତି ବା ତାହା ମନ୍ଦ ବୋଲି କହୁ ନାହାନ୍ତି । ଗୀତା ବରଂ କହୁଛନ୍ତି ଯେ, ଈଶ୍ୱରଙ୍କୁ ଦେହୀ ବା ଅ-ଦେହୀ ଯେଉଁ ଭାବରେ ପୂଜା କର, ଫଳ ସମାନ । ଶ୍ରୀ ରାମକୃଷ୍ଣ ସାକାର ଓ ନିରାକାର ଉଭୟ ମାର୍ଗରେ ଯାଇ ସମାନ ଫଳହିଁ ପାଇଥିଲେ ।

ଏ ସମ୍ପର୍କରେ ପରମହଂସ ଦେବଙ୍କର ନିଜ-ଅଭିଜ୍ଞତା-ସମ୍ଭୂତ ବାଣୀ ମଧ୍ୟ ସ୍ମରଣୀୟ ।

"ସିଦ୍ଧ ଜ୍ଞାନୀହିଁ କହିପାରେ 'ଅହଂ ବ୍ରହ୍ମାସ୍ମି' ; କିନ୍ତୁ ଦେହ-ସଚେତନ ସାଧାରଣ ମନୁଷ୍ୟ ସେପରି କହିବା ଉଚିତ ହେବ ନାହିଁ । ସେପରି କହିବା ବରଂ ତା' ପ୍ରତି ଅନିଷ୍ଟକର ହୋଇପାରେ । ଦେହ-ପ୍ରଣୋଦିତ ହୋଇ ସକଳ କର୍ମ କରି ଚାଲିଥିଲା ବେଳେ, ତାର ସେପରି କହିବାଦ୍ୱାରା ସେ ନିଜକୁ ଓ ଜଗତକୁ ପ୍ରତାରଣା କରି ଚାଲିବେ ମାତ୍ର ।" ପ୍ରଶ୍ନ ତେଣୁ, କେବଳ; ସାଧନା କଷ୍ଟକର କି ସୁଖକର । ଗୀତା ସେ ନିର୍ବାଚନ ପ୍ରତ୍ୟେକ ପାଠକ ନିକଟରେ ଛାଡ଼ି ଦେଉଛନ୍ତି ।

ଗୀତା ବର୍ତ୍ତମାନ ନିମ୍ନର କେତୋଟି ଶ୍ଳୋକରେ ବ୍ୟକ୍ତ-ଉପାସନାର ଫଳ କହିବେ ।

(୬-୭)

ଯେ ତୁ ସର୍ବାଣି କର୍ମାଣି ମୟି ସଂନ୍ୟସ୍ୟ ମତ୍ପରାଃ
ଅନନ୍ୟେ ନୈବ ଯୋଗେନ ମାଂ ଧ୍ୟାୟନ୍ତ ଉପାସତେ । ୬ ।

ତେଷାମହଂ ସମୁଦ୍ଧର୍ତ୍ତା ମୃତ୍ୟୁ ସଂସାର-ସାଗରାତ୍
ଭବାମିନ ଚିରାତ୍ ପାର୍ଥ ମୟ୍ୟାବେଶିତ ଚେତସାଂ । ୭ ।

[ହେ] ପାର୍ଥ (ଅର୍ଜୁନ) ଯେ ତୁ (କିନ୍ତୁ ଯେଉଁମାନେ) ସର୍ବାଣି କର୍ମାଣି ମୟି ସଂନ୍ୟସ୍ୟ (ସେମାନଙ୍କର ସବୁ କାମ ମୋରିଠାରେ ନ୍ୟସ୍ତ କରି-

Digitized by srujanika@gmail.com

ତେଷାଂ) ମତ୍ପରାଃ (ମତ୍ପରାୟଣ ହୋଇ) ଅନନ୍ୟେନ ଏବ ଯୋଗେନ ମାଂ ଧ୍ୟାୟନ୍ତଃ (ଅନନ୍ୟା ଭକ୍ତି-ଯୋଗରେ ମତେହିଁ ନିରନ୍ତର ଧ୍ୟାନ କରି) ଉପାସତେ (ଉପାସନା କରନ୍ତି) ମୟି ଆବେଶିତ ଚେତସାଂ ତେଷାଂ (ମୋଠାରେ-ସମର୍ପିତ-ଚିତ୍ତ ସେହି ଭକ୍ତମାନଙ୍କର) ନ ଚିରାତ୍ (ଅତି ଶୀଘ୍ର) ମୃତ୍ୟୁ-ସଂସାର-ସାଗରାତ୍ (ସଂସାର ରୂପକ ଜନ୍ମ-ମୃତ୍ୟୁର ସମୁଦ୍ରରୁ) ଅହଂ ସମୁଦ୍ଧର୍ତ୍ତା ଭବାମି (ମୁଁ ସେମାନଙ୍କୁ ଉଦ୍ଧାର କରି ନେଇଥାଏ) ।

ଅନୁବାଦ—

କିନ୍ତୁ ହେ ଅର୍ଜ୍ଜୁନ, ଯେଉଁମାନେ ମୋ-ଛଡ଼ା-ଆଉକିଛି-ନଥିବା (ମତ୍ପରାଃ) ସଂପୂର୍ଣ୍ଣ କର୍ତ୍ତୃତ୍ୱାଭିମାନ ଶୂନ୍ୟ ଭବରେ ସେ କରୁଥିବା ସକଳ କର୍ମ ମୋଠାରେହିଁ ସମର୍ପଣ କରି ଦେଇ, ଅନନ୍ୟ ଭକ୍ତିଯୋଗ ସହିତ ମତେ (ବ୍ୟକ୍ତିତ୍ୱ-ସଂପନ୍ନ ଈଶ୍ୱରଙ୍କୁ) ଉପାସନା କରନ୍ତି, ମୋଠାରେ-ନିବେଶିତ-ଚିତ୍ତ ସେହି ଭକ୍ତମାନେ ଏହି ଜନ୍ମ-ମୃତ୍ୟୁ-ସଂସାର-ସାଗରରୁ କିପରି ଶୀଘ୍ର ଉଦ୍ଧାର ପାଇବେ, ସେ ଦାୟିତ୍ୱ ସଂପୂର୍ଣ୍ଣ ଭବରେ ମୁଁ ନେଇଥାଏ ।

(୮)

ମୟ୍ୟେବ ମନ ଆଧତ୍ସ୍ୱ ମୟି ବୁଦ୍ଧିଂ ନିବେଶୟ
ନିବସିଷ୍ୟସି ମୟ୍ୟେବ ଅତ ଊର୍ଦ୍ଧ୍ୱଂ ନ ସଂଶୟଃ । ୮ ।

ମୟି ଏବ ମନଃ ଆଧତ୍ସ୍ୱ (ମୋଠାରେହିଁ ଚିତ୍ତ ସ୍ଥିର ରଖ) ବୁଦ୍ଧିଂ ନିବେଶୟ (ବୁଦ୍ଧିକୁ ସ୍ଥାପନ କର) । ଅତଃ ଊର୍ଦ୍ଧ୍ୱଂ (ଯାପରେ, ଏ ଜୀବନର ଉର୍ଦ୍ଧ୍ୱରେ) [ତୁମେ ଯେ] ମୟି ଏବ ନିବସିଷ୍ୟସି (ମୋଠାରେହିଁ ବାସ କରିବ) ସଂଶୟଃ ନ [ଏଥିରେ] (ସନ୍ଦେହ ନାହିଁ) ।

ଅନୁବାଦ—

ତେଣୁ ହେ ଅର୍ଜ୍ଜୁନ, ମୋଠାରେ (ବ୍ୟକ୍ତିତ୍ୱ-ସଂପନ୍ନ ଈଶ୍ୱରଙ୍କଠାରେ) ହିଁ ତୁମର ସମଗ୍ର ଚିତ୍ତକୁ ସ୍ଥିର ରଖ, ତୁମର ଭଲ-ମନ୍ଦ-ବିଚାର ଶକ୍ତି (ବୁଦ୍ଧି) କୁ ମଧ୍ୟ ମୋଠାରେ ସମର୍ପଣ କରିଦିଅ । କେବଳ ଏହି ସହଜ ସାଧନା ଫଳରେ ଯେ ତୁମେ ସିଧା ମତେହିଁ ପ୍ରାପ୍ତ ହେବ, ଏଥିରେ ଆଦୌ ସନ୍ଦେହ ରଖ ନାହିଁ ।

ବିଶେଷ ଭାଷ୍ୟ—

ଆମର ମନ ସାଧାରଣତଃ ଚଞ୍ଚଳ ଓ ବାହ୍ୟ ସୁଖାନ୍ୱେଷୀ ; କିନ୍ତୁ ସେହି ମନର ତଳେ ଆମର ଅନ୍ତଃକରଣରେ ଏପରି କୌଣସି ଶକ୍ତି ଅଛି, ଯାହା ଆମକୁ

Digitized by srujanika@gmail.com

ଭଲ ଓ ମନ୍ଦର ବିବେଚନା ଶିଖାଏ ଏବଂ ଭଲ ଆଡ଼କୁ ଯିବାପାଇଁ ଦୃଢ଼ ନିଶ୍ଚୟ କରାଏ । ତାହାହିଁ ବୁଦ୍ଧି । ଗୀତା ଉଭୟ ବୁଦ୍ଧି ଓ ମନକୁ ଈଶ୍ୱରଙ୍କଠାରେ ନିବଦ୍ଧ ରଖିବାକୁ ଉପଦେଶ ଦେଉଛନ୍ତି । ତା ନ ହେଲେ ଭକ୍ତି ସଂପୂର୍ଣ୍ଣ ହେବ ନାହିଁ । ଏହା କଠିନ କଥା । ଗୀତା ନମ୍ବର କେତୋଟି ଶ୍ଳୋକରେ ତା'ର ଉପାୟ ମଧ୍ୟ ବତେଇ ଦେଉଛନ୍ତି ।

ଭାଗବତର ଏହି ପ୍ରସିଦ୍ଧ ବାକ୍ୟ ଏଠାରେ ସ୍ମରଣୀୟ—

ନ ନିର୍ବିଣ୍ଣୋ ନାତିସକ୍ତୋ
ଭକ୍ତିଯୋଗୋଽସ୍ୟ ସିଦ୍ଧିଦାଃ ।
(୧୧ । ୨୦ । ୭)

(ଯେ ସଂସାର ପ୍ରତି ବିଶେଷ ଆସକ୍ତ ନୁହନ୍ତି, ଅଥଚ ପୂର୍ଣ୍ଣ ବୈରାଗ୍ୟ ଯାହାଙ୍କର ଆସି ନାହିଁ, ସେହି ଶ୍ରେଣୀର ସାଧକ ପାଇଁ ଭକ୍ତିଯୋଗହିଁ ବିଶେଷ ଭାବରେ ସିଦ୍ଧିଦାୟକ) ।

ଏ ସଂପର୍କରେ ପରମହଂସ ଦେବଙ୍କ ବାଣୀ ସ୍ମରଣୀୟ । "ମନୁଷ୍ୟ ଜନ୍ମ ହୋଇଥାଏ ଉଭୟ ବିଦ୍ୟାଗୁଣ ଓ ଅବିଦ୍ୟାଗୁଣ ନେଇ । ଶୈଶବରେ ଦୁଇଟିଯାକ ଗୁଣ ନକିତର ଦୁଇ ତଉଲରେ ଯେପରିକି ସମାନ ହୋଇଥାନ୍ତି । ବିଦ୍ୟାଗୁଣ ମନୁଷ୍ୟକୁ ଟାଣିନଏ ଈଶ୍ୱରଙ୍କ ଆଡ଼କୁ; ଅବିଦ୍ୟାଗୁଣ ଟାଣେ ସଂସାର ଆଡ଼କୁ । ମନୁଷ୍ୟ ହେଲା ବେଳକୁ ଶିଶୁର ମୋଟାମୋଟି ଗତି କୁଆଡ଼କୁ ହେବ ତାହା ସେ ସାଥିରେ-ଆଣିଥିବା ବିଦ୍ୟା ଓ ଅବିଦ୍ୟା ଗୁଣର ତାରତମ୍ୟ ଉପରେ ନର୍ଭର କରିବ ।"

(୯)

ଅଥ ଚିତ୍ତଂ ସମାଧାତୁଂ ନ ଶକ୍ନୋଷି ମୟି ସ୍ଥିରଂ
ଅଭ୍ୟାସ ଯୋଗେନ ତତୋ ମାମିଚ୍ଛାପ୍ତୁଂ ଧନଞ୍ଜୟ ।୯ ।

[ହେ] ଧନଞ୍ଜୟ (ଅର୍ଜୁନ) ଅଥ (ଯେବେ) ମୟି ଚିତ୍ତଂ ସ୍ଥିରଂ ସମାଧାତୁଂ (ମୋଠାରେ ଚିତ୍ତକୁ ସ୍ଥିର ଭାବରେ ରଖିବାକୁ) ନ ଶକ୍ନୋଷି (ଅସମର୍ଥ ହୁଅ) ତତଃ (ତାହେଲେ) ଅଭ୍ୟାସ ଯୋଗେନ (ଅଭ୍ୟାସ ଯୋଗଦ୍ୱାରା) ମାଂ ଆପ୍ତୁଂ ଇଚ୍ଛ (ମତେ ପାଇବାକୁ ଇଚ୍ଛାକର) ।

ଅନୁବାଦ—

ହେ ଅର୍ଜୁନ, ଯଦି ଦେଖୁଛ ଯେ ତୁମେ ତୁମର ମନକୁ ମୋଠାରେ ସ୍ଥିର ରଖିପାରୁ ନାହଁ (ତାହା ଏଣେ ତେଣେ ହେଉଛି) ତେବେ ତୁମେ ମତେ ପାଇବାର ଅଭିପ୍ସାକୁହିଁ ଆସ୍ତେ ଆସ୍ତେ ଅଭ୍ୟାସ କର ।

Digitized by srujanika@gmail.com

ବିଶେଷ ଭାଷ୍ୟ—

ମନୁଷ୍ୟର ଅନଭ୍ୟସ୍ତ ମନକୁ ଈଶ୍ୱରଙ୍କ ଆଡକୁ କ୍ରମେ ଟାଣିବା ପାଇଁ ଯେଉଁ ଅଭ୍ୟାସ-ଯୋଗ ଆବଶ୍ୟକ ସେ ସଂପର୍କରେ ରାମକୃଷ୍ଣଙ୍କ ଅଭିଜ୍ଞତା ମୂଳକ ଉପଦେଶ ଏହିପରି—

"ଜଣେ ଲୋକ ଗୋଟିଏ କୁକୁରକୁ ଅତି ଗେହ୍ଲାରେ ପାଳିଥିଲା। ଜଣେ ପଣ୍ଡିତ ଲୋକ ସେହି ଲୋକ ସାଥିରେ କଥା ହେଲା ବେଳେ ତାର ଗେହ୍ଲା କୁକୁର ତା' କୋଳରେ ବସି ତା' ମୁହଁ ଚାଟିବାକୁ ଲାଗିଲା। ପଣ୍ଡିତ ଏହା ଭଲ ନୁହେଁ ବୋଲି କହି ଚାଲିଗଲା ପରେ ଲୋକଟି କ୍ରମେ ସାବଧାନ ହେଲା। ଏଣିକି କୁକୁର ତା' ମୁହଁ ଚାଟିବା ମାତ୍ରେ, ଲୋକଟି କୁକୁର ମୁହଁକୁ ଏକ ମୁଥ ମାଇଲା। କ୍ରମେ ବୁଢିଆ କୁକୁର ଜାଣିଲା ଯେ, ପ୍ରଭୁର ମୁହଁ କାମୁଡବା ବା ଚାଟିବା ଭଲ କାମ ନୁହେଁ ଏବଂ ସେ ସେପରି ଆଉ କଲା ନାହିଁ। ଆମର ଅବାଂଛନୀୟ ଚିନ୍ତା ସବୁ ସେହି କୁକୁର ପରି। ମଣିଷ ସେମାନଙ୍କୁ ଗେହ୍ଲା କରି ବଢେଇବାରୁ ସେମାନେ ମଣିଷକୁ ନିଜ ଖୁସିରେ ଟାଣନ୍ତି, ଯା ଫଳରେ ମଣିଷର ଅଧୋଗତି ହୁଏ। ବିପରୀତାତ୍ମକ ଶୁଭ-ଚିନ୍ତା ଦ୍ୱାରା ମନର ଖରାପ ଚିନ୍ତା ସବୁକୁ ମୁଥ ବସେଇଲେ ଏବଂ ବରାବର ସେହି ଅଭ୍ୟାସ ରଖିଲେ, ମନ ଆମର ପୂରା ଆୟତ୍ତକୁ ଆସିଯିବ।"

(୧୦)

ଅଭ୍ୟାସେଽପ୍ୟସମର୍ଥୋଽସି ମତ୍‌କର୍ମ ପରମୋ ଭବ
ମଦର୍ଥମପି କର୍ମାଣି କୁର୍ବନ୍ ସିଦ୍ଧିମବାପ୍‌ସ୍ୟସି। ୧୦।

[ଯେବେ] ଅଭ୍ୟାସେ ଅପି ଅସମର୍ଥଃ ଅସି (ଅଭ୍ୟାସ ଯୋଗରେ ମଧ୍ୟ ଅସମର୍ଥ ହୁଅ ଅର୍ଥାତ୍ ମୋଠାରେ ମନ ଓ ବୁଦ୍ଧିକୁ କିଛିକାଳ ପାଇଁ ମଧ୍ୟ ନ୍ୟସ୍ତ-ନିବଦ୍ଧ କରିବାରେ ଅସମର୍ଥ ହୁଅ) [ତେବେ କେବଳ] ମତ୍‌କର୍ମ ପରମଃ ଭବ (ମୋରିପାଇଁ ଅର୍ଥାତ୍ ଈଶ୍ୱରଂକ ପାଇଁ କାମ କରୁଛ ବୋଲି କାମରେ ଲାଗିରହ)। ମଦର୍ଥଂ କର୍ମାଣି କୁର୍ବନ୍ ଅପି (କେବଳ ମୋରି ପାଇଁ କାମ କରିଚାଲିବା ଯୋଗୁଁ ହିଁ) ସିଦ୍ଧିଂ ଅବାପ୍‌ସ୍ୟସି ସିଦ୍ଧି ଅର୍ଥାତ୍ ମୁକ୍ତି ପାଇଯିବ)।

ଅନୁବାଦ :—

(୧୦) ହେ ଅର୍ଜୁନ, ତୁମର ମନ-ଓ-ବୁଦ୍ଧିକୁ ଈଶ୍ୱରଂକ ଆଡକୁ ଟାଣିବାର ଅଭ୍ୟାସରେ ମଧ୍ୟ ଯଦି ନିଜକୁ ଅପାରଗ ଦେଖିଲ, ତେବେ ମଧ୍ୟ ନିରାଶ ହେବାର କାରଣ ନାହିଁ। ତୁମେ ଭଲ-ମନ୍ଦ ଯାହା କିଛି କର୍ମ କରିଚାଲିଛ

Digitized by srujanika@gmail.com

ସେଥିରେ କର୍ତ୍ତୃତ୍ୱାଭିମାନ ପରିତ୍ୟାଗ ପୂର୍ବକ ମୋ ପାଇଁ ସେ ସବୁ କାମ କରୁଛି ବୋଲି ମନେକର । ମତେ ପ୍ରାର୍ଥନା, ଉପାସନା ବା ଧ୍ୟାନାଦି ନକରି କେବଳ ମୋ ପାଇଁ କାମ କରିବାର, ଅର୍ଥାତ୍ ତୁମର ସକଳ କର୍ମର ଫଳ ମୋଠାରେ ନ୍ୟସ୍ତ କରି ଦେବାର ଅଭ୍ୟାସ କଲେଇ ଇପ୍ସିତ ସିଦ୍ଧି ଲାଭହେବ ।

ବିଶେଷ ଭାଷ୍ୟ—

ଗୀତା ସମନ୍ୱୟର ଶାସ୍ତ୍ର । ଯୀଶୁ ଯେପରି କହିଥିଲେ "ମୁଁ କୌଣସି କଥା ନଷ୍ଟ କରିବାକୁ ଆସିନାହିଁ; ମୁଁ ଆସିଛି କେବଳ ରକ୍ଷା କରିବାକୁ", ଗୀତା ସେହିପରି ସବୁଥିରେ ବହୁ ଶତାବ୍ଦୀ ପୂର୍ବେ 'ଯେତେ ମତ ତେତେ ପଥର ସତ୍ୟ ଆବିଷ୍କାର କରିଯାଇଛନ୍ତି । ଗୀତା ଲେଖାହେବା ବେଳେ ଜ୍ଞାନ, କର୍ମ ଓ ଭକ୍ତି. ନେଇ ସେ କାଳରେ ପଣ୍ଡିତମାନେ ଅହରହ ବାଦ-ବିବାଦ-ରତ ଥିଲେ ; କିନ୍ତୁ ଗୀତା ଏହି ପ୍ରତ୍ୟେକଟି ପଥ, ଏକ ଲକ୍ଷ୍ୟରେ ହିଁ ସାଧକକୁ ପହଁଚାଇ ଦେବାର ଦୃଢ ଘୋଷଣା କଲେ । କେବଳ ସେତିକି ନୁହେଁ, ଗୀତା ସ୍ପଷ୍ଟ ସୂଚନା ଦେଇ ଆସୁଛନ୍ତି ଯେ ଜ୍ଞାନ, କର୍ମ ଓ ଭକ୍ତି ପରସ୍ପରର ବିରୋଧୀ ତ ନୁହନ୍ତି, ବରଂ ପରସ୍ପରର ପରିପୋଷକ ଓ ପରିପୂରକ । ଏହା ଆମକୁ ଭକ୍ତିଯୋଗ ଶିଖାଇବାକୁ ଯାଉଥିବା ଏହି ଅଧ୍ୟାୟର ଏହି କେତୋଟି ଶ୍ଳୋକରେ ସ୍ପଷ୍ଟ ପ୍ରକଟିତ । ଗୀତାକାର ଜାଣନ୍ତି ଯେ, ଈଶ୍ୱରଂକ ଠାରେ ମନଃ-ବୁଦ୍ଧି ସଂପୂର୍ଣ୍ଣ ସମର୍ପଣ କରିଦେବା (ଅର୍ଥାତ୍ ଭକ୍ତି ଯୋଗ) ଶ୍ରେଷ୍ଠ ଆଦର୍ଶ ହେଲେହେଁ, ତାହା ସମସ୍ତଂକ ପକ୍ଷରେ ସହଜ କଥା ନୁହେଁ । ସେଥିପାଇଁ ସେ ଅଳ୍ପ ଅଳ୍ପ କରି 'ଜ୍ଞାନଯୋଗ'ର ଆଶ୍ରୟ ନେବାକୁ କହିଲେ । ତା' ବି ସମ୍ଭବ ନ ହେଲେ "କାମକର, କିନ୍ତୁ ମନେକର ଯେ ଈଶ୍ୱରଂକ କାମ କରିଚାଲିଛ" ବୋଲି ଭାବ । (ଅର୍ଥାତ୍ କର୍ମଯୋଗ)—ଏହା ମଧ୍ୟ ଫଳ ଦେବ । ପୁଣି ପର ଶ୍ଳୋକରେ ଗୀତା କହିବେ, କାମ କଲାବେଳେ ଏ ଭାବନା ଯଦି ନ ଆସୁଛି, ତେବେ କାମ ସାରିଲା ପରେ ହେଲେ କର୍ମଫଳକୁ ଈଶ୍ୱରଂକୁ ଦେଇଦିଅ—କର୍ତ୍ତୃତ୍ୱାଭିମାନ ରଖନା; ଅର୍ଥାତ ବିଶୁଦ୍ଧ କର୍ମଯୋଗ । ଏହିପରି ଭକ୍ତିଯୋଗ ପାଇଁ ମଧ୍ୟ ଜ୍ଞାନଯୋଗ ଓ କର୍ମଯୋଗ ଦରକାର । ସେହିପରି ମଧ୍ୟ ଦରକାର କର୍ମଯୋଗ ଓ ଜ୍ଞାନଯୋଗ ପାଇଁ ଅନ୍ୟ ଦୁଇ ଯୋଗ ।

(୧୧)

ଅଥୈତ ଦପ୍ୟ ଶକ୍ତୋଽସି କର୍ତ୍ତୁଂମଦ୍ ଯୋଗମାଶ୍ରିତଃ
ସର୍ବ କର୍ମଫଳ ତ୍ୟାଗଂ ତତଃକୁରୁ ଯତାତ୍ମବାନ୍ । ୧୧ ।

ଅଥ (ଯେବେ ଏତତ୍ ଅପି କର୍ତ୍ତୁଂ ଅଶକ୍ତଃ ଅସି (ଏହା ମଧ୍ୟ କରିବାକୁ ଅର୍ଥାତ୍ କାମ କରୁଥିବା ସାଥେ ସାଥେ ବରାବର ମନେ କରୁଥିବ ଯେ,

Digitized by srujanika@gmail.com

ଈଶ୍ୱରଙ୍କ କାମହିଁ କରିବାଲାଗି—ଏପରି ଭାବିବାକୁ ଅକ୍ଷମ ହୁଅ) ତତଃ (ତେବେ) ମଦ୍‌ଯୋଗମାଶ୍ରିତଃ (ମୋ-ସହିତ-ଯୁକ୍ତ ହେବା ଲକ୍ଷ୍ୟରେ) ଯତାତ୍ମବାନ୍ (ସବୁ ପ୍ରକାରେ ସଂଯତ ରହି) ସର୍ବ କର୍ମଫଳ ତ୍ୟାଗଂ କୁରୁ (କରୁଥିବା କର୍ମମାନଙ୍କର ଫଳ ସବୁକୁ ଅନ୍ତତଃ ତ୍ୟାଗ କରିଦିଅ, ଅର୍ଥାତ୍ ସେ ସବୁରେ 'ମୁଁ-ମୋର'-ଭାବକୁ ପ୍ରଶ୍ରୟ ଦେଇ ସେ ସବୁ ପ୍ରତି ଆସକ୍ତ ରହନି) ।

ଅନୁବାଦ—

ହେ ଅର୍ଜୁନ, ଯଦି ତାହା ମଧ୍ୟ କରି ନ ପାର, ତେବେ ମୋ ପ୍ରତି ଅନୁରକ୍ତ ରହି ଓ ନଜକୁ ସଂଯତ ରଖି, ଅନ୍ତତଃ ତୁମର ଯେତେ ସବୁ କର୍ମ ତାର ଫଳ ସବୁ ହେଲେ ପରିତ୍ୟାଗ କର । ଅର୍ଥାତ୍ କାମ କରିଯାଅ, ଫଳ ପ୍ରତି ଆସକ୍ତ ରହ ନାହିଁ ।

(୧୨)

ଶ୍ରେୟୋହି ଜ୍ଞାନ ମଭ୍ୟାସାତ୍ ଜ୍ଞାନାଦ୍ଧ୍ୟାନଂ ବିଶିଷ୍ୟତେ
ଧ୍ୟାନାତ୍ କର୍ମ ଫଳ ତ୍ୟାଗ ସ୍ତ୍ୟାଗାଚ୍ଛାନ୍ତିରନନ୍ତରଂ । ୧୨ ।

ଅଭ୍ୟାସାତ୍ (ବାହ୍ୟ ଅଭ୍ୟାସ ମାନଙ୍କଠାରୁ) ଜ୍ଞାନଂ ଶ୍ରେୟ (ଜ୍ଞାନ ଅର୍ଥାତ୍ ବିଚାର-ପ୍ରତିଷ୍ଠ ଅବବୋଧ ଶ୍ରେଷ୍ଠ) । ଜ୍ଞାନାତ୍ ଧ୍ୟାନଂ ବିଶିଷ୍ୟତେ (ଜ୍ଞାନରୁ ଧ୍ୟାନ ଶ୍ରେଷ୍ଠ) । ଜ୍ଞାନାତ୍ କର୍ମଫଳ ତ୍ୟାଗଃ (ଧ୍ୟାନରୁ କର୍ମଫଳ ତ୍ୟାଗ ଶ୍ରେଷ୍ଠ) । ଅନନ୍ତରଂ ତ୍ୟାଗାତ୍ ଶାନ୍ତିଃ (ତ୍ୟାଗରୁହିଁ ସତ୍ୟ ଶାନ୍ତି ଆସେ) ।

ଅନୁବାଦ—

ହେ ଅର୍ଜୁନ, ଅବଶ୍ୟ ମନେ ରଖିଥିବ ଯେ, କେବଳ ଅଭ୍ୟାସଠାରୁ ଜ୍ଞାନ (ଅବବୋଧ) ଶ୍ରେୟସ୍କର, କେବଳ ଜ୍ଞାନଠାରୁ ଧ୍ୟାନ (ସେ ବିଷୟ ଉପରେ ଗଭୀର ମନନ) ଆହୁରି ଭଲ ଏବଂ କେବଳ ଧ୍ୟାନଠାରୁ ସକଳ ପ୍ରକାର କର୍ମଫଳ ତ୍ୟାଗ ଅଧିକ ଶ୍ରେଷ୍ଠ । କେବଳ ତ୍ୟାଗ ପରେହିଁ ସାଧକ ଶାନ୍ତି ପାଇପାରେ ।

ବିଶେଷ ଭାଷ୍ୟ—

ଏ ସଂପର୍କରେ ପରମହଂସ ଦେବଙ୍କ ପରିପୂରକ ଉପଦେଶ ଏହି-ପରି—"ମନର ଆଭିମୁଖ୍ୟ ବଦଳି ଗଲେହିଁ ମନୁଷ୍ୟ କର୍ମ ବନ୍ଧନରୁ ମୁକ୍ତ ହୋଇ ପଡ଼େ । ମନୁଷ୍ୟ ଦେଇ ଯାହା କିଛି ଘଟେ ସେ ସମସ୍ତହିଁ ପ୍ରଭୁ କରନ୍ତି । ଯଦି

Digitized by srujanika@gmail.com

ମନୁଷ୍ୟ ଭବେ "ହେ ପ୍ରଭୁ, ତୁମର କାମ ମୋ ଦ୍ୱାରା କରେଇ ନେଉଛ, କେବଳ ଅଜ୍ଞତାରେହିଁ ମୁଁ ମନେ କରୁଛି 'ମୁଁ କର୍ତ୍ତା'। ମୁଁ ତୁମର ଯନ୍ତ୍ର ହୋଇହିଁ ରହିଥାଏ ଯେପରି, ପ୍ରଭୁ।

ଯାହାର ମନ ଏହିପରି ଭବପାରେ ତାର ମୁକ୍ତି ଆପେ ଆପେ ଘଟିଯାଏ।

ଧର୍ମ ସାଧନା ବା ଈଶ୍ୱରାରାଧନା ନାମରେ ସାଧାରଣ ଲୋକ ନ ବୁଝି, ନ ବିଚାରି ଗୁଡାଏ ଅଭ୍ୟାସହିଁ କରି ଚାଲିଥାନ୍ତି। ଏହା ସକଳ ଧର୍ମରେ ଦେଖାଯାଏ। ଏହି ସବୁହିଁ ଧର୍ମୀୟ 'ଆଚାର'। ଖ୍ରୀଷ୍ଟାନର ରବିବାର ଦିନ ଚର୍ଚ୍ଚକୁ ଯିବା, ମୁସଲମାନର ହାଜ୍ କରିବା ବା ଏପରକି ଦିନରେ ପାଞ୍ଚଥର ନମାଜ କରିବା ଓ ସେହିପରି ହିନ୍ଦୁର ମନ୍ଦିର-ଗମନ; ବ୍ରାହ୍ମଣକୁ ଦାନ ଓ ତୀର୍ଥ—ଯାତ୍ରାଦି ସହିତ, କେବଳ ବିଧିରକ୍ଷା ରୀତିରେ ଗୀତା-ଭଗବତ-ପାଠ ଇତ୍ୟାଦିକୁହିଁ, ଗୀତା ଏଠାରେ ଜ୍ଞାନହୀନ 'ଅଭ୍ୟାସ' ସବୁ ମାତ୍ର ବୋଲି ବ୍ୟଞ୍ଜିତ କରିଛନ୍ତି। ଏ ସବୁର ଆବଶ୍ୟକତା ଏତିକି ଯେ ଏହି ଅଭ୍ୟାସ ସବୁ ସାଧକକୁ ଦିନେ ହୁଏତ ହଠାତ୍ ଉପରକୁ ଉଠିବାର ବାଟ ଦେଖାଇ ଦେବେ; କିନ୍ତୁ ବିଚାରହୀନ ଅଭ୍ୟାସ କେବଳ ଏକ ଅଧମ ପନ୍ଥା। ସାଧକର ଦୈନନ୍ଦିନ ଅଭ୍ୟାସ ସବୁ ଯାନ୍ତ୍ରିକ ମାତ୍ର ହୋଇ ରହିବା ଉଚିତ ନୁହେଁ। ସେ ସବୁରେ ଜ୍ଞାନର ସଂଯୋଗ ହେବା ଉଚିତ। ତେଣୁ ଗୀତା କହୁଛନ୍ତି ଅଭ୍ୟାସ ଅପେକ୍ଷା ଜ୍ଞାନ ଶ୍ରେଷ୍ଠ। ଜ୍ଞାନ କିନ୍ତୁ ସାଧାରଣତଃ ପରଠାରୁ ବା ଶାସ୍ତ୍ରରୁ ଆମେ ସଂଗ୍ରହ କରିଥାଉ। ଯେଉଁ ଜ୍ଞାନ ନିଜର ଧ୍ୟାନରୁ ବାହାରେ ତାହାହିଁ ବୋଧି। ତେଣୁ ପରଠାରୁ ସଂଗୃହୀତ ଜ୍ଞାନ ଅପେକ୍ଷା, ନିଜର ଧ୍ୟାନ ବା ବୁଦ୍ଧି ବହୁତ ଅଧିକ ଶ୍ରେଷ୍ଠ ପନ୍ଥା; କିନ୍ତୁ ପାଠକେ ଜାଣିରଖିବେ ଯେ ଜଗତରେ ଯେତେ କାମ ଅଛି, ସେ ସମସ୍ତ ଭିତରେ ସବୁଠୁ କଠିନ କର୍ମ ହେଉଛି ଏହି ଧ୍ୟାନ ବା କୌଣସି ଏକ କର୍ମରେ ବା ଭବନାରେ ଆମର ସମଗ୍ର ମନକୁ ପୂର୍ଣ୍ଣ ଭବରେ ଲଗେଇ ଦେବା। ଏହି ପ୍ରକାର ଗଭୀର ଧ୍ୟାନରୁହିଁ କେବଳ ଶାକ୍ୟ ଗୌତମ 'ବୋଧି' ଲାଭ କରି ଯେ ବୁଦ୍ଧ ହେଲେ ତା' ନୁହେଁ, ମାନବ ସଭ୍ୟତାରେ ଯାହା କିଛି ଶ୍ରେଷ୍ଠ ଓ ଅସାଧାରଣ, ସେ ସମସ୍ତରହିଁ ଉତ୍ପତ୍ତି ସେହି ଧ୍ୟାନ ବା ମନନରୁ। ଯୋଗବାଶିଷ୍ଠ ରାମାୟଣ ତେଣୁ ଏକାନ୍ତ ସତ୍ୟ କଥା କହିଛନ୍ତି ଯେ—"ଏ ଜଗତରେ ଗଛ-ଲତା ବଢ଼ୁଛନ୍ତି, ପଶୁପକ୍ଷୀ ବଢ଼ୁଛନ୍ତି, କିନ୍ତୁ ମନୁଷ୍ୟ ବଢ଼େ କେବଳ ମନନ ଦ୍ୱାରା।"

କିନ୍ତୁ ଧ୍ୟାନ ବା ମନନ ମନୁଷ୍ୟର ଶ୍ରେଷ୍ଠ ମାନସିକ ସ୍ତର ହେଲେହେଁ ସମସ୍ତଙ୍କ ପକ୍ଷରେ ତା' ମଧ୍ୟ ସମ୍ଭବ ନୁହେଁ। ଗୀତା କିନ୍ତୁ ଅସାଧାରଣ ଲୋକଙ୍କ ପାଇଁ ଲେଖା ନ ହୋଇ, ହୋଇଛି ତମ-ଆମ ପରି ସାଧାରଣ ଲୋକ ପାଇଁ। ମନନ ତମ-ଆମ ପରି ଲୋକଙ୍କ ପାଇଁ ସତ୍ୟରେ କଠିନ କର୍ମ। ତେବେ ଆମ

Digitized by srujanika@gmail.com

ପାଇଁ ପନ୍ଥା କ'ଣ ? ଗୀତା କହୁଛନ୍ତି—ତେବେ ଅନ୍ତତଃ ଏତିକି କର—କାମ କରିବାର କର, କିନ୍ତୁ ଫଳ ଈଶ୍ୱରଙ୍କର ବୋଲି ଧରିନଅ, କାରଣ ସେହି ତ ସବୁ !—ଏତିକି ଚିତ୍ତାଭ୍ୟାସ ହେଲେ କର ।'' ଏବଂ ଯା ଫଳରେ ସିଧା ସିଧା ଭଗବାନଙ୍କୁ ନ ପାଇଲେ ମଧ୍ୟ ଗୀତା ଅନ୍ତତଃ ଏତିକ ନିର୍ଭର ଆଶ୍ୱାସନା ଦେଉଛନ୍ତି ଯେ ସାଧକ ମାନସିକ ଶାନ୍ତ ପାଇବ, ନିଶ୍ଚିନ୍ତ ହେବ, ନିର୍ଝଞ୍ଜାଳ ହେବ । ଆମେ ଯେତେକାଳ ପର୍ଯ୍ୟନ୍ତ କର୍ତ୍ତୃତ୍ୱାଭିମାନ ଧରି ମୁଁ-ଭବ-ଗ୍ରସ୍ତ ହୋଇ ଆମ କର୍ମ ଜାଳର ଫଳାଫଳ ନେଇ ଉଦ୍ବତ ରହିଥିବା, ସେତେଦିନ ପର୍ଯ୍ୟନ୍ତ ଆମ ଜୀବନରେ ଯେ ଶାନ୍ତି ନାହିଁ, ଏହା ନିଶ୍ଚିତ କଥା । ତେଣୁ ଗୀତା ଏଠାରେ ଯାହା କହୁଛନ୍ତି ତାହା ଏକାନ୍ତ ଯୌକ୍ତିକ ଓ ଯଥାର୍ଥ ।

ଏ ସଂପର୍କରେ ରାମକୃଷ୍ଣ କଥାମୃତ ଏହିପରି—''ଗୋଟିଏ ଚିଲ ଏକ ମାଂସ ଦୋକାନରୁ ଖଣ୍ଡେ ମାଂସ ନେଇଯାଇ ଗୋଟେ ଗଛ ଡାଳରେ ନିଶ୍ଚିନ୍ତରେ ବସି ଖାଇବାକୁ ଗଲାବେଳକୁ ଅନ୍ୟ ଚିଲସବୁ ମାଡ ଆସିଲେ ସେ ମାଂସକୁ ନେଇ ଯିବାକୁ । ବିଚରା ଚିଲ ବର୍ତ୍ତମାନ ଆତ୍ମରକ୍ଷା ପାଇଁ ଗଛରୁ ଗଛକୁ ଉଡ଼ିବାକୁ ଲାଗିଲା । ଶେଷରେ ସେ ମାଂସ ଖଣ୍ଡିକ ପକେଇ ଦିଅନ୍ତେ ଅନ୍ୟ ଚିଲ ସବୁ ତା' ପାଇଁ ମାଡଗୋଳ ଲାଗିଲେ । ସେ କିନ୍ତୁ ବର୍ତ୍ତମାନ ଏକ ଗଛ ଡାଳରେ ଶାନ୍ତ ହୋଇ ବସି ପାରିଲା । ସେବାଟେ ଜଣେ ସାଧୁ ଯାଉଥିଲେ, ଯେ ଏ ସବୁ ଦେଖି ଅନୁଭବ କଲେ—କେବଳ ତ୍ୟାଗରେହିଁ ଶାନ୍ତି ।''

(୧୩-୧୪)

ଅଦ୍ୱେଷ୍ଟା ସର୍ବଭୂତାନାଂ ମୈତ୍ରଃ କରୁଣ ଏବ ଚ
ନିର୍ମମୋ ନିରହଂକାରଃ ସମ ଦୁଃଖ ସୁଖ କ୍ଷମୀ । ୧୩ ।
ସନ୍ତୁଷ୍ଟଃ ସତତଂ ଯୋଗୀ ଯତାତ୍ମା ଦୃଢ଼ନିଶ୍ଚୟଃ
ମର୍ଯ୍ୟର୍ପିତ ମନୋ ବୁଦ୍ଧି ର୍ଯୋ ମଦ୍‌ଭକ୍ତଃ ସ ମେ ପ୍ରିୟଃ । ୧୪ ।

ସର୍ବଭୂତାନାଂ ଅଦ୍ୱେଷ୍ଟା(ସକଳ ପ୍ରାଣୀଂକ ପ୍ରତି ଦ୍ୱେଷରହିତ) ମୈତ୍ରଃ କରୁଣ ଏବ ଚ (ଏବଂ ଦୟାଳୁ ଓ ମୈତ୍ରୀ ଭବାପନ୍ନ) ନିର୍ମମଃ (ମମତ୍ୱ-ବୁଦ୍ଧି-ଶୂନ୍ୟ) ନିରହଂକାରଃ (ଅହଂକାର-ଶୂନ୍ୟ) ସମ ଦୁଃଖ ସୁଖଃ (ଦୁଃଖ ଓ ସୁଖରେ ସମଭବାପନ୍ନ) କ୍ଷମୀ (କ୍ଷମାଶୀଳ) ସତତଂ ସନ୍ତୁଷ୍ଟଃ (ସର୍ବଦା ସନ୍ତୁଷ୍ଟ) ଯୋଗୀ, ଯତାତ୍ମା, ଦୃଢ଼ନିଶ୍ଚୟଃ(ସମାହିତ ଚିତ୍ତ, ଅଟଳବିଶ୍ୱାସୀ ଓ ସଂଯତ ସ୍ୱଭବ) ମୟି ଅର୍ପିତ ମନୋବୁଦ୍ଧିଃ (ମୋଠାରେ ମନ ଓ ବୁଦ୍ଧିକୁ ଅର୍ପିତ କରିଥିବା) ଯଃ ମଦ୍‌ଭକ୍ତଃ (ମୋର ଯେଉଁ ଭକ୍ତ) ସଃ ମେ ପ୍ରିୟଃ(ସେହିହିଁ ମୋର ପ୍ରିୟ ଜାଣିବ) ।

Digitized by srujanika@gmail.com

ଅନୁବାଦ—

ହେ ଅର୍ଜୁନ, ଯେ କାହାରି ପ୍ରତ ହେଲେ ଦ୍ୱେଷ ରଖନ୍ତି ନାହିଁ, ସର୍ବଜୀବ ପ୍ରତି ମୈତ୍ରଭବାପନ୍ନ ଓ ସେମାନଙ୍କ ବ୍ୟଥାରେ କରୁଣାପୂର୍ଣ୍ଣ, କୌଣସି ପ୍ରକାର ସାଂସାରିକ ଆସକ୍ତିଶୂନ୍ୟ ଓ କୌଣସି ପ୍ରକାର ଅହଂକାରଶୂନ୍ୟ, ସୁଖ ଓ ଦୁଃଖରେ ସମଭବାପନ୍ନ ଓ ଅନଷ୍ଟକାରୀ ପ୍ରତି ମଧ୍ୟ ଯେ କ୍ଷମାଶୀଳ, ଯେ ସର୍ବଦାହିଁ ସନ୍ତୁଷ୍ଟ,ଯୋଗୀ ଓ ସଂଯତାତ୍ମା, ନିଜ ଲକ୍ଷ୍ୟରେ ଦୃଢନିଶ୍ଚୟ, ମୋଠାରେ-ସଂପୂର୍ଣ୍ଣ-ଭବରେ-ନିବେଶିତ-ମନ ଓ ବୁଦ୍ଧି-ଏହିପରି ଯେ ଭକ୍ତ ସେହି କେବଳ ମୋର ପ୍ରିୟ ଜାଣିବ ।

ବିଶେଷ ଭାଷ୍ୟ—

ପାଠକେ ମନେରଖିବେ ଯେ ଆମେ ଆର୍ଯ୍ୟ ସଂସ୍କୃତିକୁ ନେଇ ଯେତେ ଗର୍ବକଲେ ମଧ୍ୟ ଏବଂ ସେ ଗର୍ବ ଅନେକ ପରିମାଣରେ ଯଥାର୍ଥ ଥିଲେ ମଧ୍ୟ ଏହା ମଧ୍ୟ ସ୍ୱୀକାର କରିବାକୁ ହେବ ଯେ ଆର୍ଯ୍ୟମାନେ, ମୋଟ ଉପରେ, ଏକ ନିଷ୍ଠୁର ଓ ଅକରୁଣ ଜାତ ଥିଲେ । ଏବେ ଜଣାପଡୁଛି ଯେ, ଆର୍ଯ୍ୟମାନେ ଏହି ଉପମହାଦେଶକୁ ଆସିବା ପୂର୍ବରୁ ଏଠାରେ ଏକ ଉନ୍ନତ ଓ ବିସ୍ତୀର୍ଣ୍ଣ ସଭ୍ୟତା ଥିଲା । ଆର୍ଯ୍ୟମାନେ ହିଁ ତାକୁ ଧ୍ୱଂସ କରି ଦେଇଛନ୍ତି । ସେମାନଙ୍କର ନେତା ଓ ପରେ ସେମାନଙ୍କର ଦେବତାମାନଙ୍କର ନେତା ଇନ୍ଦ୍ରଙ୍କର 'ପୁରନ୍ଦର' ନାମର ଅର୍ଥ ହିଁ ହେଲା 'ନଗର ଧ୍ୱଂସକାରୀ' । ପୁଣି ଆର୍ଯ୍ୟମାନଙ୍କର ଧର୍ମ ସାଧନାହିଁ, ଥିଲା ଅଗଣିତ ଜୀବ ହତ୍ୟା ଅର୍ଥାତ୍ 'ଯଜ୍ଞ' । ପରଂପରକ୍ରମେ ଚ୍ଛଳି ଆସିଥିବା ଏହି ହିଂସାର ଦୁର୍ବାର ସ୍ରୋତକୁ ସମଗ୍ର ମାନବେତିହାସରେ ପ୍ରଥମ ବାଧା ଦେଲେ ଗୌତମ ବୁଦ୍ଧ । ମନୁଷ୍ୟର ଅକୁଶଳ ବା ଅହିତକର ଚିନ୍ତାମାନଙ୍କ ଭିତରୁ ମୁଖ୍ୟ ଯେ ହେଉଛି ଦ୍ୱେଷ ବା ହିଂସା ଏହା ସେ ଦୃଢ ଭବରେ ଘୋଷଣା କଲେ । ସେ ଅକୁତୋଭୟ ଭବରେ ଘୋଷଣା କଲେ ଯେ—

ନହି ବେରେନ ବେରନି ସମ୍ମନ୍ତୀଧ କୁଦାଚନଂ
ଅବେରେନ ଚ ସମ୍ମନ୍ତି ଏସ ଧମ୍ମୋ ସନନ୍ତନୋ (ଧମ୍ମପଦ, ୧/୫)

(ଏ ପୃଥିବୀରେ ହିଂସାଦ୍ୱାରା ହିଂସା ଶମିତ ବା ଶାନ୍ତ ହେବାର କୌଣସି ଦୃଷ୍ଟାନ୍ତ ନାହିଁ । ଅବୈର ବା ଅହିଂସା ବା ମୈତ୍ରୀ ଦ୍ୱାରା ହିଁ ହିଂସାର ଶାନ୍ତ ଘଟିବା, ଏ ସୃଷ୍ଟିର ସନାତନ ଧର୍ମ) ।

କିନ୍ତୁ ଅ-ହିଂସା ବା ଅବୈର ପ୍ରଭୃତି ହେଲା ନିଷେଧାତ୍ମକ ଗୁଣ । ଗୌତମ ବୁଦ୍ଧ ସେଥିରେ ସନ୍ତୁଷ୍ଟ ନ ହୋଇ ଅକୁଶଳ ଭବନା ସ୍ଥାନରେ ପଜିଟିଭ ବା ନିଶ୍ଚୟାତ୍ମକ କୁଶଳ ଭବନାଗୁଡିକ ଅଭ୍ୟାସ କରିବାକୁ ମଧ୍ୟ ଏ ଲୋକଙ୍କୁ ଶିକ୍ଷା ଦେଲେ । ସେ ଶିକ୍ଷା ଦେଲେ ଯେ ନିର୍ବାଣ-(ମୁକ୍ତି)-କାମୀ କେବଳ ଅ-ଦ୍ୱେଷ୍ଟା

Digitized by srujanika@gmail.com

ହେଲେ ଯଥେଷ୍ଟ ହେବ ନାହିଁ, ସେ ହେବେ ଜଗତର ସକଳ ଜୀବ ପାଇଁ ମୈତ୍ର ଓ କରୁଣ । ସମାନ ସମାନଙ୍କ ମଧ୍ୟରେ ସଦ୍‌ଭାବ ହେଲା 'ମିତ୍ରତା' । ନିମ୍ନସ୍ଥ ମାନଙ୍କପାଇଁ ସଦ୍‌ଭାବ ହେଲା 'କରୁଣା' । ମୈତ୍ରୀ ଓ କରୁଣା ସହିତ, ମୁଦିତା (ଅନ୍ୟର ସୌଭାଗ୍ୟରେ ଖୁସି ହେବା) ଓ ଉପେକ୍ଷା (କ୍ଷମା —ମନୁଷ୍ୟର ଏହି ଚାରିଗୁଣକୁ ଗୌତମ ବୁଦ୍ଧ,'ବ୍ରହ୍ମ ବିହାର' ନାମ ଦେଇ ଯାଇଛନ୍ତି । ଅର୍ଥାତ୍ ସାଧକର ଚିତ୍ତ ମୈତ୍ରୀ-କରୁଣା-ମୁଦିତା-ଉପେକ୍ଷା ମୟ ହେବାମାନେ ସେ ବ୍ରହ୍ମ ବା ଶ୍ରେଷ୍ଠ ଆତ୍ମିକ ଅନୁଭବରେ ଯାଇ ପହଞ୍ଚିବେ ।

ଏକ ବ୍ୟକ୍ତିଗତ ଈଶ୍ୱରଙ୍କ ଉପରେ ନିର୍ଭର କରିବା, ଇସ୍‌ଲାମ ଓ ଖ୍ରୀଷ୍ଟାନ୍ ଉଭୟ ଧର୍ମରେ ମଧ୍ୟ ମୂଳ କଥା । ଇସ୍‌ଲାମ ଶବ୍ଦର ଅର୍ଥହିଁ "ଈଶ୍ୱରଙ୍କ ନିକଟରେ ଆତ୍ମସମର୍ପଣ" । ଖ୍ରୀଷ୍ଟ ଧର୍ମରେ ସ୍ୱର୍ଗସ୍ଥ ପିତା ବା ଲର୍ଡ (ପ୍ରଭୁ)ଙ୍କ ଉପରେ ନିର୍ଭର ହିଁ ପ୍ରକୃତ ଧର୍ମ ଜୀବନ ; କିନ୍ତୁ କୌଣସିଠିରେ ଅହିଂସା ଉପରେ ଏତେ ଜୋର ଦିଆଯାଇ ନାହିଁ, ଯେପରି ଦିଆଯାଇଛି ବୌଦ୍ଧ ଧର୍ମ -ସାଧନାରେ ଏବଂ ହିନ୍ଦୁ ଧର୍ମର ଭକ୍ତି-ବାଦ ଶାଖାରେ । ଗୌତମ ବୁଦ୍ଧ ବ୍ୟକ୍ତିଗତ ଈଶ୍ୱରଙ୍କ ଅବସ୍ଥିତି ମାନି ନ ଥିଲେ । ତାଙ୍କର ଜୀବନ-ଦର୍ଶନରେ ତେଣୁ ବ୍ୟକ୍ତି-କେନ୍ଦ୍ରିକ କୌଣସି ଉପାସନା ନାହିଁ । ସେ ଘୋଷଣା କଲେ ଯେ, ଆମେ ପ୍ରତ୍ୟେକେ ଈଶ୍ୱର ବୁଦ୍ଧ) ହୋଇ ପାରିବା ଯଦି କେବଳ ମୈତ୍ରୀ, କରୁଣା, ମୁଦିତା, ଉପେକ୍ଷା ପ୍ରଭୃତି ଐଶ୍ୱରିକ ଗୁଣାବଳି ଆମ ଦୈନନ୍ଦିନ ଜୀବନରେ ଅଭ୍ୟାସ କରିବା ।

ଗୀତା ଲେଖାହେଲା ବେଳକୁ ଏହି ବୌଦ୍ଧ ଜୀବନ-ଦର୍ଶନ ଏ ଦେଶରେ ପରିବ୍ୟାପ୍ତ ହୋଇ ଉଠିଥିଲା । ଏହାର ଯୁକ୍ତିଯୁକ୍ତତା ମଧ୍ୟ ଅକାଟ୍ୟ । ମହାଯାନ ବୌଦ୍ଧ ଧର୍ମ ଏହି ଜୀବନ-ଦର୍ଶନକୁ ଅଗ୍ରାହ୍ୟ ନ କରି, ଅଧିକନ୍ତୁ ବୁଦ୍ଧ-ବ୍ୟକ୍ତିତ୍ୱ-କେନ୍ଦ୍ରିକ ଭକ୍ତିବାଦ ଆରମ୍ଭ କଲା ଏବଂ ହୀନଯାନର ଯେଉଁ ଆଦର୍ଶ ଯେ ପ୍ରତ୍ୟେକ ଭିକ୍ଷୁ ବୋଧି-ପ୍ରାପ୍ତ ହୋଇ ଏକ ଏକ(ପ୍ରତ୍ୟେକ)-ବୁଦ୍ଧ ହେବେ, ତା ପରିତ୍ୟାଗ କରି, ମହାଯାନ ବୌଦ୍ଧ ଧର୍ମ ବିଶ୍ୱ ସଭ୍ୟତାରେ କରୁଣାର ପରମତମ ବିକାଶ, 'ବୋଧି ସତ୍ତ୍ୱ'-ଆଦର୍ଶକୁ ଗ୍ରହଣ କଲା । ଗୀତା ଏକ ବ୍ୟକ୍ତିତ୍ୱ -ସଂପନ୍ନ ଈଶ୍ୱରଙ୍କୁ ଅ-କୁଣ୍ଠ ଆତ୍ମ-ସମର୍ପଣ କରିବାକୁ କହିବା ସାଥେ ସାଥେ ଯେଉଁ ଅନେକ 'ଶୀଳ' ଓ ଭାବନା(ଧ୍ୟାନ) ଅଭ୍ୟାସ କରିବାକୁ ବରାବର୍ ଉପଦେଶ ଦେଇ ଚାଲିଛନ୍ତି, ମନେହୁଏ ତାହା ଏକାନ୍ତରେ ମହାଯାନୀ ବୌଦ୍ଧ ପ୍ରଭାବ । ଗୀତାର ଏକ ପକ୍ଷରେ ଉଠ, ଯୁଦ୍ଧ କର, ହାଣ ଇତ୍ୟାଦି ଉପଦେଶ ଦେବା ସାଥେ ସାଥେ, ଗୀତା 'ଅଦ୍ୱେଷ୍ଟା' 'ନିର୍ବୈର' 'ମିତ୍ର' 'କରୁଣ' 'ଅହିଂସ' ଇତ୍ୟାଦି ଆଦର୍ଶ ମଧ୍ୟ ଯେ ପ୍ରଚାର କରି ଚାଲିଛନ୍ତି, ସେହି ଆତ୍ମ-ବିରୋଧର କୈଫିୟତ୍ ଆମେ କେବଳ ଏଇଠି ପାଇବା—ଏହି ବୌଦ୍ଧ ଭାବକୁ ସ୍ୱୀକୃତି

Digitized by srujanika@gmail.com

ଦେବାରେ । ବୋଧିସତ୍ୱ ଅବଲୋକତେଶ୍ୱର, ନିର୍ବାଣ ପ୍ରତ୍ୟାଖ୍ୟାନ କରି ନିମ୍ନସ୍ଥ ଜଗତକୁ ଚିର-ଅବଲୋକନ କରି ରହିଛନ୍ତି, ଜୀବର ଦୁଃଖ ନେବା ପାଇଁ । ଗୀତାର ଅବତାର-ବାଦ ଓ ଖ୍ରୀଷ୍ଟ ଧର୍ମର 'ତ୍ରାଣ-କର୍ତ୍ତା' ଇତ୍ୟାଦି ଭବ-କଳ୍ପ ଖୁବ୍ ସମ୍ଭବତଃ ମହାଯାନୀ ବୋଧିସତ୍ତ୍ୱ-ଆଦର୍ଶରୁହିଁ ଆସିଛି ବୋଲି ପଣ୍ଡିତମାନଙ୍କ ମତ । ଗୀତା ଯେ ବାରଂବାର "ସର୍ବଭୂତ ହିତେ ରତାଃ" ରୂପକ ଆଦର୍ଶ ପ୍ରସ୍ତାବ କରି ଆସିଛନ୍ତି, ଗ୍ରନ୍ଥର ଉପନାୟକକୁ ହିଂସାତ୍ମକ କାଣ୍ଡରେ ଯୋଗ ଦେବାକୁ ପ୍ରେରଣା ଦେବା ଭିତରେ, ତାହା ଏକାନ୍ତ ବୌଦ୍ଧ-ପ୍ରଭାବ ଛଡ଼ା ଅନ୍ୟ କିଛି ହୋଇ ନ ପାରେ, ବୋଧ ହୁଏ ।

(୧୫)

ଯସ୍ମାନ୍ନୋଦ୍ବିଜତେ ଲୋକୋ ଲୋକାନ୍ନୋଦ୍ବିଜତେ ଚ ଯଃ
ହର୍ଷାମର୍ଷଭୟୋଦ୍ବେଗୈର୍ମୁକ୍ତୋ ଯଃ ସ ଚ ମେ ପ୍ରିୟଃ ।୧୫।

ଯସ୍ମାତ୍ (ଯାହାଙ୍କ ଠାରୁ) ଲୋକଃ (କୌଣସି ବ୍ୟକ୍ତି) ନ ଉଦ୍ବିଜତେ (ଉଦ୍ବେଗ ପ୍ରାପ୍ତ ହୁଅନ୍ତି ନାହିଁ) ଯଃ ଚ (ଏବଂ ଯେ) ଲୋକାତ୍ (ଅନ୍ୟ ଲୋକଠାରୁ) ନ ଉଦ୍ବିଜତେ (କୌଣସି ଉଦ୍ବେଗ ପାଇନଥାନ୍ତି ବା ପାଇବାର ଆଶଂକା କରନ୍ତି ନାହିଁ) ଯଃ ଚ ହର୍ଷଃ-ଅମର୍ଷଃ-ଭୟ-ଉଦ୍ବେଗୈଃ-ମୁକ୍ତଃ(ଯିଏ ପୁଣି ହର୍ଷ, ପରଶ୍ରୀକାତରତା, ଭୟ ଓ କୌଣସି ପ୍ରକାର ଉଦ୍ବେଗରୁ ମୁକ୍ତ) ସଃ ମେ ପ୍ରିୟଃ (ସେ ମୋର ପ୍ରିୟଜନ) [ବୋଲି ଜାଣିବ] ।

ଅନୁବାଦ—

ହେ ଅର୍ଜୁନ, ସମାଜ ଯାହାଙ୍କଦ୍ୱାରା ବିକ୍ଷୋଭିତ ହୁଏ ନାହିଁ ବା ସମାଜ ଯାହାଙ୍କୁ ବିକ୍ଷୋଭିତ କରିପାରେ ନାହିଁ, ଯାହାର ଚିତ୍ତ ସୁଖ-କ୍ରୋଧ-ଭୟ-ଓ-ଉଦ୍ବେଗାଦି-ଶୂନ୍ୟ ସେହି ହିଁ ମୋର ପ୍ରିୟଜନ ।

ବିଶେଷ ଭାଷ୍ୟ—

ଗୀତା ଏହି ଶ୍ଳୋକରେ ମନୁଷ୍ୟ-ମନସ୍ତତ୍ତ୍ୱର ଏକ ଗୂଢ଼ ତଥ୍ୟ ପ୍ରକାଶ କରିଛନ୍ତି ।

ଗୀତା କହୁଛନ୍ତି ଯେ ଆଦର୍ଶ ମନୁଷ୍ୟ ସେହି ଯାହାଙ୍କଠାରୁ ସାଧାରଣ ଲୋକ କୌଣସି ହେଲେ ଉଦ୍ବେଗ ଆଶଂକା କରନ୍ତି ନାହିଁ ।

କିନ୍ତୁ ପାଠକେ ବିଚାରି ଦେଖନ୍ତୁ ଯେ, ଅନ୍ୟ ଚିତ୍ତରେ ଆମଠାରୁ ଉଦ୍ବେଗ ଜାତ କରେଇବା ଆମର ଅର୍ଥାତ୍ ସାଧାରଣ ମନୁଷ୍ୟର କପଟ ଏକ ପରମ ଦୁର୍ବଳତା । ଅନ୍ୟମାନେ ତାଙ୍କୁ ଭୟକରି ଚଳନ୍ତୁ—ଏହା ପ୍ରତ୍ୟେକ

Digitized by srujanika@gmail.com

ସାଧାରଣ ଲୋକର କାମ୍ୟ । ରାମକୃଷ୍ଣ ପରମହଂସ ମନୁଷ୍ୟର ଦୁଇ ପରମ ଦୁର୍ବଳତା କାମ ଓ କାଂଚନ ସହିତ ଏହି 'ଲୋକମାନ୍ୟତା' କୁ ମଧ୍ୟ ଯୋଡୁଥିଲେ । ଏ ଯୁଗରେ ବିଶ୍ୱବ୍ୟାପ୍ତ କମ୍ୟୁନିଷ୍ଟ ଓ ଫାସିଷ୍ଟମାନଙ୍କର ଜୀବନ-ଦର୍ଶନ ଏହି ଉଦ୍‌ବେଗ-ସୃଷ୍ଟି ଉପରେହିଁ ପ୍ରତିଷ୍ଠିତ । ଗୁଳି, କନ୍‌ସେଣ୍ଟ୍ରେସନ୍ କ୍ୟାମ୍ପ ବିନା-ବିଚାରରେ-କାରବାସ-ଓ ନିର୍ବାସନ,—ଏହିସବୁ 'ଉଦ୍‌ବେଗ' ହିଁ ଫାସିଷ୍ଟ ଓ କମ୍ୟୁନିଷ୍ଟମାନଙ୍କର ପରମ ଆୟୁଧ ! ଅଳ୍ପେ ହେବୁତେ ଏହାହିଁ ଆୟୁଧ, ପାଠକେ, ଆମର ସ୍ୱାଧୀନତୋତ୍ତର ଭାରତରେ ମନ୍ତ୍ରୀ, ନେତା, ସଂବାଦପତ୍ରର ସଂପାଦକ ଓ ହାକିମମାନଙ୍କର ଏବଂ ଏପରିକି ଏବେ ଏ ଦେଶର ପ୍ରଫେସର, ଲେକ୍‌ଚରର୍ ଆଦି ତଥାକଥିତ 'ଉଚ୍ଚଶିକ୍ଷିତ' ଲୋକଙ୍କ ଆୟୁଧ ମଧ୍ୟ ଏହାହିଁ ହେଲାଣି, । କାହାକୁ ପାସ କରେଇବେ, କାହାକୁ ଫେଲ କରେଇବେ, କାହାକୁ ଫାଷ୍ଟକ୍ଲାସ ଦେବେ, କାହାକୁ ତଳକୁ ଖସେଇବେ—ସ୍ୱାଧୀନତୋତ୍ତର ଭାରତ-ବର୍ଷରେ ଶିକ୍ଷକ-ଅଧ୍ୟାପକ ଶ୍ରେଣୀର ଏହି ସମୂହ ଉଦ୍‌ବେଗ ବା ଆତଙ୍କ ଯୋଗୁଁ ଆଜି ଆମର ସମଗ୍ର ସମାଜ କଳୁଷିତ ଏବଂ ଜିଜ୍ଞାସା ଓ ଜ୍ଞାନାଭ୍ୟାସ ଇତ୍ୟାଦି ପବିତ୍ର ସାରସ୍ୱତ ସାଧନା ଧୂଳିସାତ୍ ।

ତେଣୁ 'ଯସ୍ମାନ୍ନୋଦ୍‌ବିଜତେ ଲୋକଃ' ଗୀତାର ଏହି ଆଦର୍ଶ, ଆମର ଦୈନନ୍ଦିନ ଜୀବନରେ କିପରି ଓ କାହିଁକି ପରମତମ ଆଦର୍ଶ ହୋଇ ରହିବା ଉଚିତ ତାହା ପାଠକେ ଗଭୀର ଭାବରେ ଭାବନ୍ତୁ । ଗାନ୍ଧିଠାରୁ ବା ବୁଦ୍ଧଠାରୁ କୌଣସି ଲୋକ କୌଣସି ଉଦ୍‌ବେଗ ଆଶଂକା କରିବ ନାହିଁ ; କିନ୍ତୁ ଆଜି ଏକ ଏକ ସମଗ୍ର ଜାତି ଭୟରେ ପାଟି ଫିଟାଇ ପାରୁନି,—କୌଣସି କ୍ଷମତା-ସୀନ ନେତା ବା ସଂବାଦପତ୍ର-ସଂପାଦକର ଅନ୍ୟାୟ ଆଖିରେ ଦେଖୁଥିଲେ ମଧ୍ୟ । କାରଣ ଯଦି ପାହିଲା ବେଳକୁ ଏକ ପକ୍ଷରେ ସଂପାଦକ ସମ୍ବାଦପତ୍ରରେ କି କୁତ୍ସା ବାହାର କରି ନ ପାରିବେ; ବା ତା ନାଁରେ କି ମିଥ୍ୟା-ପୋଲିସ-କେଶ ନେତା ବା ମନ୍ତ୍ରୀ ଠିଆ ନ କରାଇ ପାରିବେ । ଏହି ପ୍ରକାର ଭୟ ଜନିତ ବାଧ୍ୟତାରେ, ଆଜି ସ୍ୱାଧୀନ ଭାରତର କେଉଁ ନେତା ବା କେଉଁ ସଂବାଦ-ପତ୍ର ପ୍ରଭୁର ଘରେ, ପ୍ରତ୍ୟହ ପ୍ରାତଃ-ସଂଧ୍ୟାରେ ଦରବାର ବସୁନି ?

ସେ ସମସ୍ତହିଁ କେବଳ ଗୀତୋକ୍ତ ଏହି 'ଉଦ୍‌ବେଗ'-ହେତୁ; ପାଠକେ । ପ୍ରକୃତ ଉତ୍ତମ ଓ ଆଦର୍ଶ ମନୁଷ୍ୟ ନିରହଂକାର ହେବ ଏବଂ ସ୍ୱାଭାବିକ ଭାବରେ ଈଶ୍ୱର ସମର୍ପିତ-ପ୍ରାଣ ହେବ । ତାଠୁ କେହି ଉଦ୍‌ବେଗ ପାଇବାର ଆଶଂକା କରିବେନି, କି ସେ ମଧ୍ୟ କାହାଠୁ ଉଦ୍‌ବେଗ ଆଶଂକା କରିବେନି । କେବଳ ଏହିପରି ଲୋକହିଁ ପ୍ରକୃତ ଜନକଲ୍ୟାଣ କରିପାରେ ଓ କରିଥାନ୍ତି । ସେହିହିଁ ଗୀତାର ଆଦର୍ଶ ମାନବ ଏବଂ ତାହା ଯଥାର୍ଥ ଭାବରେ ସତ୍ୟ ।

Digitized by srujanika@gmail.com

(୧୬)

ଅନପେକ୍ଷଃ ଶୁଚିର୍ଦ୍ଦକ୍ଷ ଉଦାସୀନୋ ଗତବ୍ୟଥ
ସର୍ବାରମ୍ଭ ପରିତ୍ୟାଗୀ ଯୋ ମଦ୍ ଭକ୍ତଃ ସ ମେ ପ୍ରିୟଃ । ୧୬ ।

ଅନପେକ୍ଷଃ (ନିସ୍ପୃହ) ଶୁଚିଃ (ପବିତ୍ର) ଦକ୍ଷଃ (ନିପୁଣ) ଉଦାସୀନ (ଲାଭକ୍ଷତି ପ୍ରତି ନିର୍ବିକାର) ଗତବ୍ୟଥଃ (ମାନସିକ ବ୍ୟଥା ରହିତ) ସର୍ବାରମ୍ଭ-ପରିତ୍ୟାଗୀ (ଅଭିଳାଷ ରଖି କର୍ମ ଯୋଜନା ଯେ କରନ୍ତି ନାହିଁ) ଯଃ ମଦ୍ ଭକ୍ତଃ (ଏପରି ଯେ ମୋର ଭକ୍ତ) ସ ମେ ପ୍ରିୟଃ (ସେ ମୋର ପ୍ରିୟ) ।

ଅନୁବାଦ—

ହେ ଅର୍ଜୁନ, ଯେ କାହାଠାରୁ କିଛି ଆଶା କରନ୍ତି ନାହିଁ, ଯେ ଅନ୍ତର ବାହାର ଓ ସକଳ କର୍ମରେ ଶୌଚବନ୍ତ, ଯେ ନିରସକ୍ତ, ଯେ ଅଭିଯୋଗ ଶୂନ୍ୟ, ଯେ ଫଳାଭିଳାଷ ରଖି କୌଣସି କାମ ଆରମ୍ଭ କରି ନ ଥାନ୍ତି, ଏବଂ ଅଧିକନ୍ତୁ ମୋର ଭକ୍ତ, ଜାଣିରଖ ଯେ ସେହିପରି ଲୋକ ମୋର ପ୍ରିୟ ହୋଇ-ଥାନ୍ତି ।

ବିଶେଷ ଭାଷ୍ୟ—

ଅନପେକ୍ଷ—ଦେହ, ଇନ୍ଦ୍ରିୟ ଓ ପାର୍ଥିବ ବିଷୟାଦି ସଂବଂଧରେ ଯାହାଙ୍କର ଆଗ୍ରହ ବା ଅପେକ୍ଷା ନ ଥାଏ ।

ଶୁଚି—ଯାହାଙ୍କର ବାହାର ଓ ଭିତର ଉଭୟ ପବିତ୍ର । ମୈତ୍ରୀ, କରୁଣା, ସତ୍ୟ ଓ ସାମ୍ୟ ଦୃଷ୍ଟି ଦ୍ୱାରାହିଁ ଅଭ୍ୟନ୍ତରକୁ ଶୁଚି ରଖାଯାଏ । ବାହ୍ୟ ଶୁଚିର ଉପାୟ ଅବଶ୍ୟ ସମସ୍ତଙ୍କୁ ଜଣା ।

ଦକ୍ଷ—କର୍ତ୍ତବ୍ୟ କର୍ମକୁ ଯେ ନିରଳସ ଓ ନିପୁଣ ଭାବରେ ସଂପାଦନ କରିଥାନ୍ତି ।

ଉଦାସୀନ—ଯେ ଶତ୍ରୁ ଓ ମିତ୍ର ସମସ୍ତଙ୍କ ପ୍ରତି ସମାନ ବ୍ୟବହାର ଦେଖାଇଥାନ୍ତି ।

ଗତବ୍ୟଥ—ଯାହାଙ୍କ ମନରେ କୌଣସି ପ୍ରକାର ମାନସିକ ବ୍ୟଥା ନାହିଁ—ଯଥା ଅନୁତାପ, ଈର୍ଷା, ଆଶଂକା ପ୍ରଭୃତି । ଯେ ମନେ କରନ୍ତି ଯେ ସୁଖ ଦୁଃଖ ସବୁହିଁ ଈଶ୍ୱରଙ୍କ ଦାନ । ଯାହାଙ୍କର 'ମୁଁ-ଭାବ' ଆଦୌ ନାହିଁ, ତାଙ୍କର ଦୈହିକ ବ୍ୟଥା କାହୁଁ ଆସିବ ?

Digitized by srujanika@gmail.com

ଆରମ୍ଭ—କାମନା ବା ଅଭିଳାଷ ରଖି 'ମତେ ଏଥିରୁ ଏଇ ଏଇ ଲାଭ ହେବ' ଏପରି ଭାବ ଯେଉଁ କାମ କରଯାଏ ତାହାକୁହିଁ ଗୀତା ବାରମ୍ବାର 'ଆରମ୍ଭ' ବୋଲି କହି ଆସିଛନ୍ତି । ଯେ ପ୍ରକୃତ ଈଶ୍ୱର ସମର୍ପିତ ପ୍ରାଣ ସେ ସତ୍ୟରେ ସର୍ବାରମ୍ଭ ପରିତ୍ୟାଗୀ ହେବେ ।

ଏା ପର ଶ୍ଳୋକଗୁଡ଼କରେ ଏହି ଭାବଗୁଡ଼କ ପୁନରାବୃତ୍ତ ହୋଇଛନ୍ତି, ହୁଏତ ସେଗୁଡ଼କ ଉପରେ ଜୋର ଦେବାପାଇଁ ।

(୧୭)

ଯୋ ନ ହୃଷ୍ୟତି ନ ଦ୍ୱେଷ୍ଟି ନ ଶୋଚତି ନ କାଙ୍କ୍ଷତି
ଶୁଭାଶୁଭ ପରିତ୍ୟାଗୀ ଭକ୍ତିମାନ୍ ଯଃ ସ ମେ ପ୍ରିୟଃ । ୧୭ ।

ଯଃ (ଯେ) ନ ହୃଷ୍ୟତି [କୌଣସି ସିଦ୍ଧି ଲାଭରେ ଅତ୍ୟଧିକ] (ଆନନ୍ଦିତ ହୋଇ ଉଠନ୍ତି ନାହିଁ), ନ ଦ୍ୱେଷ୍ଟି (କାହାକୁ ହିଂସା କରନ୍ତି ନାହିଁ) ନ ଶୋଚତ (କୌଣସି ଘଟଣା ନେଇ ଶୋକ କରନ୍ତି ନାହିଁ) ନ କାଙ୍କ୍ଷତି (କୌଣସି ବିଶେଷ ଆକାଂକ୍ଷା ମଧ୍ୟ ଯାହାଙ୍କର ନାହିଁ) ଶୁଭାଶୁଭ ପରିତ୍ୟାଗୀ (ଯେ ଶୁଭ ଓ ଅଶୁଭ ଉଭୟକୁ ପରିତ୍ୟାଗ କରିପାରିଛନ୍ତି) ସଃ ମେ ପ୍ରିୟଃ (ସେହିଁ ମୋର ପ୍ରିୟ) ।

ଅନୁବାଦ—

ହେ ଅର୍ଜୁନ, ଯେ କୌଣସି ସିଦ୍ଧି ପାଇ ଖୁସି ହୋଇ ଉଠନ୍ତିନ, ଯାହାଙ୍କର କାହାପ୍ରତି ଦ୍ୱେଷ ନାହିଁ, ଯେ ଚିନ୍ତା, ଶୋଚନା ବା ଅନୁତାପହୀନ, ଯେ କୌଣସି ପାର୍ଥିବ ଲାଭକୁ ଅନାଇ ବସି ନ ଥାନ୍ତି, ଯେ ଶୁଭ ଓ ଅଶୁଭ ଉଭୟର ଉପରକୁ ଉଠି ଯାଇଛନ୍ତି, ସେହିପରି ସଜ୍ଜନହିଁ ମୋର ପ୍ରିୟ ହୋଇଥାନ୍ତି ।

(୧୮-୧୯)

ସମଃ ଶତ୍ରୌ ଚ ମିତ୍ରେ ଚ ତଥା ମାନାପମାନୟୋଃ
ଶୀତୋଷ୍ଣ ସୁଖ ଦୁଃଖେଷୁ ସମଃ ସଙ୍ଗ ବିବର୍ଜିତଃ । ୧୮ ।

ତୁଲ୍ୟ ନିନ୍ଦାସ୍ତୁତି ମୌନୀ ସନ୍ତୁଷ୍ଟୋ ଯେନ କେନଚିତ୍
ଅନିକେତଃ ସ୍ଥିରମତିର୍ଭକ୍ତିମାନ୍ ମେ ପ୍ରିୟୋନରଃ । ୧୯ ।

[ଯେ] ଶତ୍ରୌ ଚ ମିତ୍ରେ ଚ (ଉଭୟ ମିତ୍ର ଓ ଶତ୍ରୁଙ୍କଠାରେ) ତଥା ମାନ ପମାନୟୋଃ (ଏବଂ ମାନ ଓ ଅପମାନରେ) ସମଃ (ସମାନ)

Digitized by srujanika@gmail.com

ଶୀତୋଷ୍ଣ ସୁଖ ଦୁଃଖେଷୁ ସମଃ [ଏବଂ] (ଶୀତ ଓ ଉଷ୍ଣ, ସୁଖ ଓ ଦୁଃଖରେ ମଧ୍ୟ ସମବୁଦ୍ଧି ସଂପନ୍ନ) ସଙ୍ଗବର୍ଜିତଃ (ସବୁ ବିଷୟରେ ଆସକ୍ତି ଶୂନ୍ୟ) [ସେ ମୋର ପ୍ରିୟ]।

ତୁଲ୍ୟ ନିନ୍ଦା ସ୍ତୁତିଃ (ନିନ୍ଦା ଓ ପ୍ରଶଂସାରେ ସମଜ୍ଞାନ ବିଶିଷ୍ଟ) ମୌନୀ (ସଂଯତ ବାକ୍) ଯେନ କେନଚିତ୍ ସନ୍ତୁଷ୍ଟଃ (ଯାହା ମିଳିଲା ତହିଁରେ ସନ୍ତୁଷ୍ଟ) ଅନିକେତଃ (ଗୃହରେ ମମତାଶୂନ୍ୟ) ସ୍ଥିର ମତିଃ (ସ୍ଥିର ଚିତ୍ତ) ଭକ୍ତିମାନ୍ ନରଃ (ଏପରି ଭକ୍ତଜନହିଁ) ମେ ପ୍ରିୟଃ (ମୋର ପ୍ରିୟ)।

ଅନୁବାଦ—

ହେ ଅର୍ଜ୍ଜୁନ, ଶତ୍ରୁ ବା ମିତ୍ର ଏବଂ ମାନ ବା ଅପମାନ ଯାହାଙ୍କଠାରେ ସମାନ ହୋଇ ଉଠିଛି, ଯେ ଶୀତ, ଉଷ୍ଣ ଓ ସୁଖ-ଦୁଃଖକୁ ସମଚିତ୍ତରେ ଗ୍ରହଣ କରି ନେଇଥାନ୍ତି, ଯେ ଆସକ୍ତି-ଶୂନ୍ୟ, ଯେ ସାଧାରଣତଃ ଅଳ୍ପଭାଷୀ ଏବଂ ନିନ୍ଦା-ସ୍ତୁତି ଓ ଶତ୍ରୁ-ମିତ୍ର ଉଭୟପ୍ରତି ସମାନଚିତ୍ତ, ଯେ, ଯାହା ମିଳିଲା ସେଇଥିରେହିଁ ସନ୍ତୁଷ୍ଟ; ଯେ ବସ୍ତୁତଃ ଗୃହ-ଶୂନ୍ୟ ଅଥଚ ସ୍ଥିର ବୁଦ୍ଧି ଏବଂ ସବୁ ଅବସ୍ଥାରେ ମୋ ପ୍ରତି ଅନୁରକ୍ତ ସେହିହିଁ ମୋର ପ୍ରିୟଜନ ବୋଲି ଜାଣିବ।

ବିଶେଷ ଭାଷ୍ୟ—

ଏଠାରେ 'ଅନିକେତ' (ଅ-ନିକେତ) ଶବ୍ଦ ଗୃହତ୍ୟାଗୀ ସନ୍ନ୍ୟାସୀ ଅର୍ଥରେ ନୁହେଁ, ଏହା ଘରେ ରହି ମଧ୍ୟ 'ଘରୁଆ' ହେବାର ଆସକ୍ତି ବା ଜଞ୍ଜାଳ ସବୁରେ ନ ମିଶିବାର ଭାବ। ରାମକୃଷ୍ଣ ଓ ଗାନ୍ଧି ବିବାହିତ ଥିଲେ, ଗୃହୀ ଥିଲେ। କିନ୍ତୁ ସାଧାରଣ ଅର୍ଥରେ ସେମାନେ 'ସଂସାରୀ' ନ ଥିଲେ। ବସ୍ତୁତଃ ଏହି ସମଗ୍ର ସଂସାରହିଁ ଥିଲା ତାଙ୍କର ନିକେତ ବା ଗୃହ। ସେମାନେ ନିଜ ପାଇଁ ବା ସ୍ତ୍ରୀ-ପୁତ୍ର ପାଇଁ ନ ବଞ୍ଚି; ବଞ୍ଚୁଥିଲେ ସମାଜ ପାଇଁ, ମାନବ ଜାତି ପାଇଁ। ଏହାହିଁ ଗୀତାର ପ୍ରକୃତ 'ଅନିକେତ' ଭାବ। କାରଣ ପାଠକେ ମନେ ରଖିବେ ଯେ ଗୀତା କୌଣସିଠାରେ କାହାକୁ ଘର-ପରିବାର ଛାଡ଼ି ଚେରୁଆ ପିନ୍ଧି ସନ୍ନ୍ୟାସୀ ହେବାକୁ ଉପଦେଶ ଦେଇ ନାହାନ୍ତି। ଗୀତା ବରଂ, ଏହି ପ୍ରକାର ବ୍ୟାପକ ବୌଦ୍ଧ ସାମାଜିକ ବିଭ୍ରାଟ ବିରୁଦ୍ଧରେ ଲେଖା ହୋଇଥିଲା ବୋଲି ବିଶ୍ୱାସ କରିବାର ଯଥେଷ୍ଟ କାରଣ ଅଛି।

(୨୦)

ଯେତୁ ଧର୍ମାମୃତ ମିଦଂ ଯଥୋକ୍ତଂ ପର୍ଯ୍ୟୁପାସତେ
ଶ୍ରଦ୍ଧଧାନା ମତ୍ପରମା ଭକ୍ତାସ୍ତେଽତୀବ ମେ ପ୍ରିୟାଃ । ୨ ।

ଯେ ତୁ (ଯେଉଁମାନେ) ଯଥୋକ୍ତଂ (ପୂର୍ବୋକ୍ତ ଭାବରେ) ଇଦଂ ଧର୍ମାମୃତଂ (ଏହି ଅମୃତ ତୁଲ୍ୟ ଧର୍ମପଥ) ଶ୍ରଦ୍ଧଧାନାଃ (ଶ୍ରଦ୍ଧାଯୁକ୍ତ ହୋଇ)

Digitized by srujanika@gmail.com

[ଏବଂ] ମତ୍ପରାୟଣାଃ(ମତ୍ ପରାୟଣ ହୋଇ) ପର୍ଯ୍ୟୁପାସତେ (ଉପାସନା କରନ୍ତି ବା ଆଚରଣ କରନ୍ତି) ତେ ଭକ୍ତାଃ ସେହି ଭକ୍ତମାନେ) ମେ ଅତୀବ ପ୍ରିୟାଃ ମୋର ଅତୀବ ପ୍ରିୟ ବୋଲି ଜାଣିବ) ।

ଅନୁବାଦ—

ହେ ଅର୍ଜୁନ, ପୂର୍ବରୁ ନ ଥିଲେ ହେଁ, ଯେଉଁମାନେ ଏହି ଅମୃତ ତୁଲ୍ୟ ଧର୍ମ-ପଥର କଥା ଶୁଣି ଓ ଏହା ପ୍ରତି ଶ୍ରଦ୍ଧାବାନ୍ ହୋଇ ପରିପୂର୍ଣ୍ଣ-ଈଶ୍ୱର୍-ପରାୟଣ ଭାବରେ ମୋତେ ଉପାସନା କରନ୍ତି, ସେମାନେ ମଧ୍ୟ ମୋର ପ୍ରିୟଜନ ବୋଲି ମନେକରିବ ।

ବିଶେଷ ଭାଷ୍ୟ—

ଭକ୍ତିର ଶେଷ କଥା ରୂପେ ଆମେ ଏଠାରେ ପରମହଂସ ଦେବଙ୍କ ଅଭିଜ୍ଞତା-ପ୍ରତିଷ୍ଠ ପରମବାଣୀକୁ ହିଁ ପାଠକମାନଙ୍କୁ ଉପହାର ଦେଇ ବିଦାୟ ନେଉଛୁ ।

"ଭକ୍ତି ଦୁଇ ପ୍ରକାର—ବୈଧିକ ଭକ୍ତି, ପ୍ରେମ ଭକ୍ତି । ଶାସ୍ତ୍ରବାକ୍ୟକୁ ମାନି ଈଶ୍ୱରଙ୍କ ସ୍ତବ କେତୋଟି ନିର୍ଦ୍ଦିଷ୍ଟ ଥର ଗାଇବା, ଉପବାସ ଓ ପ୍ରାର୍ଥନା କରିବା, ତୀର୍ଥଯାତ୍ରା କରିବା, ଶାସ୍ତ୍ର ବିହିତ ଉପାଦାନ ସବୁ ଦେଇ ପୂଜା କରିବା-ଏଇସବୁ ହେଲା ବୈଧିକ ଭକ୍ତି । ଏସବୁ ଯଦି ନିଷ୍ଠାର ସହିତ କରାଯାଏ ତେବେ ସେ ସାଧକକୁ ନିଶ୍ଚୟ ନେଇଯିବେ ଦ୍ୱିତୀୟ ଭକ୍ତି, ପ୍ରେମ ଭକ୍ତିକୁ । ପ୍ରେମ ଭକ୍ତି ଆସିଲେ ଭକ୍ତ ସଂପୂର୍ଣ୍ଣ ଭାବରେ ନିଜକୁ ସମର୍ପି ଦିଏ ଭଗବାନଙ୍କ ଠାରେ । ଏହି ପ୍ରକାର ସମଗ୍ର-ନିବେଦନ ଈଶ୍ୱର ପରମ୍ ଆଦରରେ ଗ୍ରହଣ କରିଥାନ୍ତି । ସେତେବେଳେ ସାଧକ, ସାଧକ ଅବସ୍ଥାରୁ ହୋଇଉଠେ, ଭଗବାନଙ୍କର ଆପଣାର ଲୋକ ।"

ଇତିଶ୍ରୀ ମହାଭାରତେ ଶତସହସ୍ର୍ୟାଂ ସଂହିତାୟାଂ ବୈୟାସିକ୍ୟାଂ ଭୀଷ୍ମପର୍ବଣି ଶ୍ରୀମଦ୍ ଭଗବଦ୍ ଗୀତା ସୂପନିଷତ୍ସୁ ବ୍ରହ୍ମ ବିଦ୍ୟାୟାଂ ଯୋଗ ଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନ ସଂବାଦେ ଭକ୍ତିଯୋଗୋ ନାମ ଦ୍ୱାଦଶୋଽଧ୍ୟାୟଃ ।

Digitized by srujanika@gmail.com